


# ଓଡ଼ିଶା ଭାସ୍କର

ODISHA BHASKAR

ଯାହା ଆପଣଙ୍କ କଥା କହେ

facebook.com/odishabhaskar
twitter.com/odishabhaskar
GET IT ON Google Play | Download on the App Store





ଦ୍ୱାରକା ଏକ୍ସପ୍ରେସ ୱେ ଭେଟି ଦେଲେ | ୬

ଏସଏଚଜିର ସାମଗ୍ରୀକୁ ଉଦ୍‌ଘାଟନ କଲେ | ୬



RNI Regd. No.ORI ORI 2004/12956 Postal Regd. No. BN/294/21-232 Published Simultaneously from Bhubaneswar, Angul & Berhampur. www.odishabhaskar.com

ଦ୍ୱାବିଂଶତମ ବର୍ଷ ସଂଖ୍ୟା-୧୩୮ Vol. 22 No-138 18 AUGUST 2025 MONDAY, BHUBANESWAR ସୋମବାର, ୧୮ ଅଗଷ୍ଟ ୨୦୨୫ ପୃଷ୍ଠା-୮ ମୂଲ୍ୟ: ୭.୦୦


## ସଂକ୍ଷେପରେ...

### ୪ ହାର୍ଡକୋର ମାଓବାଦୀଙ୍କ ଆତ୍ମସମର୍ପଣ

ମାଲକାନଗିରି, ୧୭।୮ (ଭାସ୍କର ନ୍ୟୁଜ): ମାଲକାନଗିରି ସୀମାନ୍ତ ଛତିଶଗଡ଼ର ଗରିଆବନ୍ଧ ପୋଲିସ ନିକଟରେ ୪ ହାର୍ଡକୋର ମାଓବାଦୀ ଆତ୍ମସମର୍ପଣ କରିଛନ୍ତି। ସେମାନଙ୍କ ମଧ୍ୟରେ ୨ଜଣ ମହିଳା ରହିଛନ୍ତି। ୪ଜଣ ମାଓବାଦୀ ହେଲେ ଦୀପକ, କୈଳାଶ, ସୁଜାତା ଓ ରଣିତା। ଦୀର୍ଘ ୧୦ବର୍ଷରୁ ଊର୍ଦ୍ଧ୍ୱ ହେବ ସେମାନେ ଛତିଶଗଡ଼ ଓ ଓଡ଼ିଶାରେ ଆତଙ୍କ ଖେଳାଇଥିଲେ। ସେମାନଙ୍କ ମୁଣ୍ଡ ଉପରେ ୧୯ଲକ୍ଷ ଟଙ୍କାର ପୁରସ୍କାର ରାଶି ରହିଥିଲା। ତେବେ ଆତ୍ମସମର୍ପଣ ସମୟରେ ଏହି ମାଓବାଦୀମାନେ ନଗଦ ୧୬ଲକ୍ଷ, ୩୧ଟି ଗୁଳି ଓ ୨ଟି ମାଗାଜିନ ପୋଲିସକୁ ହସ୍ତାନ୍ତର କରିଥିଲେ।

### ଶ୍ୱାସରୁଦ୍ଧ ହୋଇ ୨ ଶ୍ରମିକ ମୃତ

ନୂଆପଡ଼ା, ୧୭।୮ (ଭାସ୍କର ନ୍ୟୁଜ): ନୂଆପଡ଼ା ଜିଲ୍ଲା ଖରିଆର ଥାନା ଲକ୍ଷ୍ମୀଛକ ନିକଟରେ ଜଣେ ବ୍ୟକ୍ତିଙ୍କ ଘରେ ନିର୍ମାଣାଧୀନ ପାଇଖାନା ଛାତର ଫଲ୍ସ ଖୋଲିବା ସମୟରେ ଶ୍ୱାସରୁଦ୍ଧ ହୋଇ ୨ ଶ୍ରମିକ ମୃତ୍ୟୁବରଣ କରିଛନ୍ତି। ସେମାନଙ୍କୁ ଗୁରୁତର ଅବସ୍ଥାରେ ନିକଟସ୍ଥ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ତେବେ ଡାକ୍ତର ସେମାନଙ୍କୁ ମୃତ ଘୋଷଣା କରିଥିଲେ।

### ୧୦ଟନ୍ ବିସ୍ଫୋରକ ଜବତ, ୩ ଗିରଫ

ବ୍ରହ୍ମପୁର, ୧୭।୮ (ଭାସ୍କର ନ୍ୟୁଜ): ଚମାଖଣ୍ଡି ଥାନା ଅନ୍ତର୍ଗତ ଜଗନ୍ନାଥପୁରରେ ଥିବା ଆଦର୍ଶ ଗୁହାଳରୁ ପୋଲିସ ରବିବାର ୧୦ଟନ୍ ବିସ୍ଫୋରକ ଜବତ କରିଛି। ଏଥିସହ ସେଠାରୁ ନଗଦ ୪ ଲକ୍ଷ ଟଙ୍କା ମଧ୍ୟ ଠାବ କରିଛି। ଏହି ଘଟଣାରେ ପୋଲିସ ୩ ଜଣଙ୍କୁ ଗିରଫ କରିଛି।

ସେନ୍‌ସେକ୍ସ: ୮୦,୫୯୭.୬୬
ସର୍ବାଧିକ: ୩୦.୨ ଡିଗ୍ରୀ
ସର୍ବନିମ୍ନ: ୨୬.୪ ଡିଗ୍ରୀ

**୧୭।୮।୨୦୨୫ ର ମତାମତ**

ଗୁଣ୍ଡାରାଜର ଦମନ ପାଇଁ ସରକାର ପ୍ରଣୟନ କରୁଥିବା ଆଇନ ସଠିକ ଭାବେ କାର୍ଯ୍ୟକାରୀ ହେବା ଉଚିତ୍ ନୁହେଁ କି?

| ହଁ | ନା |
|---|---|
| ୮୭% | ୧୩% |

**ଆଜିର ପ୍ରସଙ୍ଗ**

ଇସିଙ୍କ ପକ୍ଷରୁ କରାଯାଉଥିବା ଏସଆଇଆର ଭୋଟରମାନଙ୍କୁ ଲାଭ ଦେବ କି?

ମତାମତ ଦେବା ପାଇଁ ଲଗ୍‌ଅନ୍ କରନ୍ତୁ www.odishabhaskar.com

## ଭୋଟ ଚୋରିକୁ ନେଇ ମୁହଁ ଖୋଲିଲେ ଇସିଆଇ

# ସମ୍ବିଧାନକୁ ଅପମାନ



- କମିଶନଙ୍କର କେହି ପକ୍ଷ କି ବିପକ୍ଷ ନୁହନ୍ତି
- ଡବଲ ଭୋଟ୍ ଅଭିଯୋଗ ହେଉଛି, ପ୍ରମାଣ ମିଳୁନି
- ତ୍ରୁଟି ସଂଶୋଧନ ପାଇଁ ଏସଆଇଆର ପ୍ରକ୍ରିୟା
- ମିଥ୍ୟା ଅଭିଯୋଗ ନେଇ ଡରିବେନି କମିଶନ
- ସାମ୍ବିଧାନିକ ପ୍ରକ୍ରିୟାରୁ ବି ଓହରିବେ ନାହିଁ

ନୂଆଦିଲ୍ଲୀ, ୧୭।୮: ବିରୋଧୀଙ୍କ ଭୋଟ ଜାଲିଆତି ଆକ୍ରମଣ ପରେ ଏହାର କଡ଼ା ଜବାବ ରଖିଛନ୍ତି ଜାତୀୟ ନିର୍ବାଚନ କମିଶନ। ରବିବାର ଏକ ସାମ୍ବାଦିକ ସମ୍ମିଳନୀରେ ନିର୍ବାଚନ କମିଶନ ଭୋଟ ଚୋରି ଓ ବିହାର ଏସଆଇଆର ଉପରେ ବିରୋଧୀଙ୍କ ଦ୍ୱାରା ଲଗାଯାଇଥିବା ଅଭିଯୋଗର କଡ଼ା ଜବାବ ଦେଇଛନ୍ତି। ସାମ୍ବିଧାନିକ କର୍ତ୍ତବ୍ୟରୁ କେବେ ବି ପଛକୁ ହଟିବୁ ନାହିଁ ବୋଲି ଇସିଆଇ ରୋକ୍‌ଠୋକ୍ କହିଛନ୍ତି। କମିଶନ କହିଛନ୍ତି, ଆମେ ଭୋଟରମାନଙ୍କୁ ଏକ ବାର୍ତ୍ତା ଦେବାକୁ ଚାହୁଁଛୁ ଯେ ଭାରତୀୟ ସମ୍ବିଧାନ ଅନୁଯାୟୀ ୧୮ବର୍ଷ ପୂରଣ କରିଥିବା ଭାରତର ପ୍ରତ୍ୟେକ ନାଗରିକଙ୍କୁ ଭୋଟ ଦେବାକୁ ପଡ଼ିବ। ଆଇନ ଅନୁଯାୟୀ ପ୍ରତ୍ୟେକ ଦଳ ନିର୍ବାଚନ କମିଶନଙ୍କ ପଞ୍ଜିକରଣରୁ ଜନ୍ମ ନେଇଥାନ୍ତି। ତେଣୁ ନିର୍ବାଚନ କମିଶନ କାହା ପ୍ରତି କିପରି ପକ୍ଷପାତିତା କରିପାରିବେ ବୋଲି ସେ ଓଲଟା ପ୍ରଶ୍ନ କରିଛନ୍ତି। ନିର୍ବାଚନ କମିଶନଙ୍କର କେହି ପକ୍ଷ କିମ୍ବା ବିପକ୍ଷଦଳ ନାହାନ୍ତି ବୋଲି ସେ ସ୍ପଷ୍ଟ କରିଛନ୍ତି। ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାର କହିଛନ୍ତି ଯେ ଗତ ଦୁଇ ଦଶନ୍ଧି ଧରି ସମସ୍ତ ରାଜନୈତିକ ଦଳ ଭୋଟର ତାଲିକାରେ ସଂଶୋଧନ ଦାବିକରି ଆସୁଛନ୍ତି। ଏହି ଦାବି ପୂରଣ ପାଇଁ କମିଶନର ବିହାରରୁ ଏସଆଇଆର ଆରମ୍ଭ କରିଛନ୍ତି। ଆଇନ ଅନୁଯାୟୀ ଯଦି ଭୋଟର ତାଲିକାରେ ତ୍ରୁଟି ସମୟ ମଧ୍ୟରେ ବାଣ୍ଟି ଦିଆଯାଏ ନାହିଁ, ଯଦି ଭୋଟର ତାଙ୍କ ପ୍ରାର୍ଥୀ ବାଛିବାର ୪୫ ଦିନ ମଧ୍ୟରେ କୋର୍ଟରେ ନିର୍ବାଚନ ଆବେଦନ ଦାଖଲ କରାଯାଏ ନାହିଁ ଏବଂ ଭୋଟ ଚୋରି ଭଳି ଭୁଲ ଶବ୍ଦ ବ୍ୟବହାର କରି ଜନସାଧାରଣଙ୍କୁ ଭ୍ରମିତ କରିବାର ବିଫଳ ପ୍ରୟାସ କରାଯାଏ ତେବେ ଏହା ଭାରତର ସମ୍ବିଧାନର ଅପମାନ ନୁହେଁ ତ ଆଉ କଣ ବୋଲି ସେ କହିଛନ୍ତି। ଜ୍ଞାନେଶ କୁମାର ଆହୁରି କହିଛନ୍ତି ଯେ ବିହାରର ୭ କୋଟିରୁ ଊର୍ଦ୍ଧ୍ୱ ମତଦାତା କେବେ ପ୍ରଶ୍ନ କରିନାହାନ୍ତି। ଭୋଟ ଚୋରି ଭଳି ଅପଶବ୍ଦ ବ୍ୟବହାର କରି ଭୋଟରଙ୍କୁ ଭ୍ରମିତ କରାଯାଉଛି। ନିର୍ବାଚନ ଆୟୋଗ ତାଙ୍କ ସାମ୍ବିଧାନିକ ଅଧିକାରରୁ କେବେ ପଛଘୁଞ୍ଚା ଦେବେ ନାହିଁ କିମ୍ବା ମିଥ୍ୟା ଆରୋପରେ କେବେ ଡରିଯିବେ ନାହିଁ। ବିହାରରେ ଏସଆଇଆର ଚାଲିଛି। ୧.୬ଲକ୍ଷ ବୁଥ୍ ସ୍ତରୀୟ ଏଜେଣ୍ଟ ଡ୍ରାଫ୍ଟ ତାଲିକା କରିଛନ୍ତି। ସମସ୍ତ ରାଜନୈତିକ ଦଳର ବୁଥ୍‌ସ୍ତରୀୟ ଏଜେଣ୍ଟ ଯାଞ୍ଚ କରି ଦସ୍ତଖତ କରିଛନ୍ତି। ଭୋଟରମାନେ ୨୮,୩୭୦ ଦାବି ଓ ଆପତ୍ତି ଦାଖଲ କରିଛନ୍ତି। ସଂଶୋଧନ ଶେଷ ହେବାପାଇଁ ଆହୁରି ୧୫ ଦିନ ବାକି ଅଛି। ମୁଖ୍ୟ • ପୃଷ୍ଠା ୫ ଦେଖନ୍ତୁ

## ବିଜେପି ସଂସଦୀୟ ବୋର୍ଡ ବୈଠକରେ ନିଷ୍ପତ୍ତି

# ସି.ପି. ରାଧାକ୍ରିଷ୍ଣନ ଏନ୍‌ଡିଏ ଉପରାଷ୍ଟ୍ରପତି ପ୍ରାର୍ଥୀ



ନୂଆଦିଲ୍ଲୀ, ୧୭।୮: ଉପରାଷ୍ଟ୍ରପତି ପଦବୀ ପାଇଁ ଏନଡିଏ ତା'ର ପ୍ରାର୍ଥୀଙ୍କ ନାମ ରବିବାର ଚୂଡ଼ାନ୍ତ କରିଛି। ମହାରାଷ୍ଟ୍ରର ରାଜ୍ୟପାଳ ଥିବା ସି.ପି.ରାଧାକ୍ରିଷ୍ଣନ ଉପରାଷ୍ଟ୍ରପତି ପଦ ପାଇଁ ଏନଡିଏର ପ୍ରାର୍ଥୀ ହେବେ। ଏ ନେଇ ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି.ନଡ୍ଡା ସୂଚନା ଦେଇଛନ୍ତି। ସେ କହିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଉପସ୍ଥିତିରେ ବିଜେପି ସଂସଦୀୟ ବୋର୍ଡ ବୈଠକରେ ସର୍ବସମ୍ମତିକ୍ରମେ ଏହି ନିଷ୍ପତ୍ତି ନିଆଯାଇଛି। ନଡ୍ଡା ଆହୁରି କହିଛନ୍ତି ଯେ ଆମେ ଏ ନେଇ ବିରୋଧୀଦଳ ସଦସ୍ୟଙ୍କ ସହ ମଧ୍ୟ କଥା ହେବୁ। ଆମକୁ ସେମାନଙ୍କ ସମର୍ଥନ ମିଳିବା ଜରୁରି। ଯାହାଦ୍ୱାରା ଆମେ ଏକାଠି ଉପରାଷ୍ଟ୍ରପତି ପଦପାଇଁ ଏକ ନିର୍ବିରୋଧୀ ନିର୍ବାଚନ ସୁନିଶ୍ଚିତ କରିପାରିବା। ଆମେ ପୂର୍ବରୁ କହିଥିଲୁ, ଆମେ ସେମାନଙ୍କ ସହିତ ଯୋଗାଯୋଗରେ ରହିଛୁ ଏବଂ ଆମର ବରିଷ୍ଠ ନେତାମାନେ ପୂର୍ବରୁ ସେମାନଙ୍କ ସହିତ ଯୋଗାଯୋଗ କରିଛନ୍ତି। ଏବେ ମଧ୍ୟ ଆମେ ସେମାନଙ୍କ ସହିତ ଯୋଗାଯୋଗରେ ରହିବୁ ଏବଂ ଆମର ସମସ୍ତ ଏନଡିଏ ସହଯୋଗୀ ଆମକୁ ସମର୍ଥନ କରିଛନ୍ତି। ସି.ପି. ରାଧାକ୍ରିଷ୍ଣନ ବର୍ତ୍ତମାନ ମହାରାଷ୍ଟ୍ରର ରାଜ୍ୟପାଳ ଭାବେ ଦାୟିତ୍ୱ ନିର୍ବାହ କରୁଛନ୍ତି। ସେ ତାମିଲନାଡୁର ବାସିନ୍ଦା ଅଟନ୍ତି। ପୂର୍ବରୁ ସେ ତାମିଲନାଡୁ ବିଜେପିର ଅଧ୍ୟକ୍ଷ ମଧ୍ୟ ରହି ସାରିଛନ୍ତି। ୧୬ବର୍ଷ ବୟସରୁ ସେ ଆରଏସଏସ ଓ ଜନସଂଘ ସହ ଜଡ଼ିତ ରହିଛନ୍ତି। ପୂର୍ବରୁ ସେ ଝାଡ଼ଖଣ୍ଡର ରାଜ୍ୟପାଳ ଥିବାବେଳେ ତେଲଙ୍ଗାନାର ଅତିରିକ୍ତ ଭାବେ ରାଜ୍ୟପାଳ ଦାୟିତ୍ୱ ତୁଲାଇଥିଲେ। ଏଥିସହ ପୁଡୁଚେରୀର ଉପରାଜ୍ୟପାଳ ଭାବେ ମଧ୍ୟ ସେ କାର୍ଯ୍ୟ କରି ସାରିଛନ୍ତି। ୧୯୯୮ ମସିହାରେ ପ୍ରଥମେ ସେ ଲୋକସଭାକୁ ନିର୍ବାଚିତ ହୋଇଥିଲେ। ୧୯୯୮ରୁ ୨୦୦୪ ପର୍ଯ୍ୟନ୍ତ ସେ ସାଂସଦ ରହିଥିଲେ। କୋଏମ୍ବାଟୁରରୁ ଦୁଇଥର ସାଂସଦ ଭାବେ ନିର୍ବାଚିତ ହୋଇଥିଲେ। ସେ ବିଜେପିର ଜାତୀୟ କାର୍ଯ୍ୟକାରିଣୀର ମଧ୍ୟ ସଦସ୍ୟ ରହିଛନ୍ତି। ଦକ୍ଷିଣ ଭାରତ ବିଶେଷକରି ତାମିଲନାଡୁ ଏବଂ କେରଳରେ ବିଜେପିକୁ ମଜବୁତ କରିବାରେ ସେ ଗୁରୁତ୍ୱପୂର୍ଣ୍ଣ ଭୂମିକା ମଧ୍ୟ ଗ୍ରହଣ କରିଛନ୍ତି। ସୂଚନାଯୋଗ୍ୟ ଯେ ଜଗଦୀପ ଧନଖଡ଼ ଉପରାଷ୍ଟ୍ରପତି ପଦବୀରୁ ଇସ୍ତଫା ଦେବାପରେ ସେହି ପଦବୀ ଖାଲି ପଡ଼ିଛି। ଅନ୍ୟପକ୍ଷରେ ଇଣ୍ଡିମେଣ୍ଟ ଉପରାଷ୍ଟ୍ରପତି ପଦବୀ ପାଇଁ କାହାକୁ ପ୍ରାର୍ଥୀ କରିବ ସେ ନେଇ କିଛି ସ୍ପଷ୍ଟ ସୂଚନା ମିଳିପାରି ନାହିଁ। ତେବେ ଏନଡିଏ ପ୍ରସ୍ତାବରେ ଇଣ୍ଡିମେଣ୍ଟ ନେତାମାନେ ସହମତ ହେବେ କି ନାହିଁ ତାହା ମଧ୍ୟ ସ୍ପଷ୍ଟ ହୋଇପାରି ନାହିଁ। ଆଗକୁ ଏ ନେଇ ସୂଚନା ମିଳିପାରେ ବୋଲି କୁହାଯାଉଛି।

## ବିହାରରେ ରାହୁଲଙ୍କ ଭୋଟର ଅଧିକାର ଯାତ୍ରା

# ଏସ୍‌ଆଇଆର ସତ ସାମ୍ନାକୁ ଆସିବ




ପାଟନା, ୧୭।୮: ରବିବାରଠାରୁ ବିହାରରେ ୧୬ ଦିନିଆ ଭୋଟର ଅଧିକାର ଯାତ୍ରା ଆରମ୍ଭ ହୋଇଛି। ବିହାରର ସାସାରାମରୁ ଏହି ଯାତ୍ରା ଆରମ୍ଭ ହୋଇ ୧୩ ହଜାର କିଲୋମିଟର ଅତିକ୍ରମ କରିବା ପରେ ଆସନ୍ତା ସେପ୍ଟେମ୍ବର ୧ ତାରିଖରେ ପାଟନାରେ ଉଦ୍‌ଯାପିତ ହେବ। ଏହି ଯାତ୍ରାରେ କଂଗ୍ରେସ ନେତା ତଥା ସାଂସଦ ରାହୁଲ ଗାନ୍ଧୀଙ୍କ ସହ ଆରଜେଡି ନେତା ତେଜସ୍ୱୀ ଯାଦବ ଓ ଇଣ୍ଡି ମେଣ୍ଟର ବହୁନେତା ସାମିଲ ହୋଇଛନ୍ତି। ସାସାରାମରେ ଆୟୋଜିତ ଏକ ଜନ ସମାବେଶରେ ରାହୁଲ କେନ୍ଦ୍ର ସରକାର ଓ ନିର୍ବାଚନ କମିଶନଙ୍କ ଉପରେ ପ୍ରବଳ ବର୍ଷିଛନ୍ତି। ରାହୁଲ କହିଛନ୍ତି ଯେ ସମଗ୍ର ଦେଶରେ ବିଧାନସଭା ଏବଂ ଲୋକସଭା ନିର୍ବାଚନରେ ଭୋଟ ଚୋରି ହେଉଛି। ଏହାର ସଦ୍ୟତମ ଷଡ଼ଯନ୍ତ୍ର ହେଉଛି ବିହାରରେ ଏସଆଇଆର ପରିଚାଳନା କରିବା ଏବଂ ବିହାର ଭୋଟକୁ ଚୋରି କରିବା। ଆମେ କିନ୍ତୁ ସେମାନଙ୍କୁ ଏହି ଭୋଟ ଚୋରି କରିବାକୁ ଦେବୁନାହିଁ। ନିର୍ବାଚନ କମିଶନ କ'ଣ କରୁଛନ୍ତି ତାହା ସାରା ଦେଶବାସୀ ଜାଣୁଛନ୍ତି। ପୂର୍ବରୁ ଭୋଟ ଚୋରିକୁ ଲୋକେ ଜାଣିପାରୁନଥିବାବେଳେ ଏବେ କିପରି ଭୋଟ ଚୋରି ହେଉଛି ତାହା ସ୍ପଷ୍ଟଭାବେ • ପୃଷ୍ଠା ୫ ଦେଖନ୍ତୁ

## ବଳଙ୍ଗା ପୀଡ଼ିତାଙ୍କ ବୟାନ ଭାଇରାଲକୁ ନେଇ ହଇଚଇ

# ସତ୍ୟାସତ୍ୟ ଯାଞ୍ଚ କରୁଛି ପୋଲିସ: ଏସ୍‌ପି

- କିଏ କାହିଁକି ଭାଇରାଲ କଲା ହେବ ତଦନ୍ତ
- ସାଇବର ଟିମ୍, କ୍ରାଇମବ୍ରାଞ୍ଚ କରିବ ତଦନ୍ତ
- ସମ୍ବେଦନଶୀଳ ଘଟଣାରେ ଭାଇରାଲ ଠିକ୍ ନୁହେଁ
- ତଦନ୍ତ ଶେଷରେ କୋର୍ଟଙ୍କୁ ଅବଗତ କରାଯିବ



ପୁରୀ/ନିମାପଡ଼ା, ୧୭।୮ (ଭାସ୍କର ନ୍ୟୁଜ): ବହୁଚର୍ଚ୍ଚିତ ବଳଙ୍ଗା ପୀଡ଼ିତାଙ୍କ ମୃତ୍ୟୁକୁ ନେଇ ପୁଣିଥରେ ଚର୍ଚ୍ଚା ଜୋର ଧରିଛି। ସେ ଦେଇଥିବା ବୟାନର ରେକର୍ଡିଂ ଭାଇରାଲ ହେବାପରେ ଏହାକୁ ନେଇ ରାଜନୀତି ଜୋର ଧରିଛି। ତେବେ ଏ ନେଇ ପୁରୀ ଏସ୍‌ପି ପିନାକ ମିଶ୍ର ଏକ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି ଯେ ଏହି ଭାଇରାଲ ଭିଡିଓର ସତ୍ୟାସତ୍ୟ ଯାଞ୍ଚ ପୋଲିସ ଆରମ୍ଭ କରିଛି। କିଏ ଓ କାହିଁକି ଏହାକୁ ଭାଇରାଲ କଲା ସେ ନେଇ ତଦନ୍ତ ଆରମ୍ଭ ହୋଇଛି। ସାଇବର ଟିମ୍ ଓ କ୍ରାଇମବ୍ରାଞ୍ଚ ମିଳିତ ଭାବେ ତଦନ୍ତ କରି ସତ୍ୟାସତ୍ୟ ଉନ୍ମୋଚନ କରିବେ। ଶ୍ରୀ ମିଶ୍ର ଆହୁରି କହିଥିଲେ ଯେ ପୀଡ଼ିତାଙ୍କ ବୟାନ ମାଜିଷ୍ଟ୍ରେଟଙ୍କ ସମ୍ମୁଖରେ ରେକର୍ଡ କରାଯାଇଛି। ଏପରି ଏକ ସମ୍ବେଦନଶୀଳ ଘଟଣାରେ ଭିଡିଓ ଭାଇରାଲ ଠିକ୍ ନୁହେଁ ବୋଲି ଉଲ୍ଲେଖ କରି ଶ୍ରୀ ମିଶ୍ର କହିଥିଲେ ଯେ ତଦନ୍ତ ଶେଷ ପର୍ଯ୍ୟାୟରେ ପହଞ୍ଚିଛି ଓ ଏ ନେଇ କୋର୍ଟଙ୍କୁ ଅବଗତ କରାଯିବ। ସୂଚନାଯୋଗ୍ୟ ଯେ ରବିବାର ଏହି ଭିଡିଓ ଭାଇରାଲ ହେବାପରେ ଏହାକୁ ନେଇ ଜୋରଦାର ଘମାସନ ଆରମ୍ଭ ହୋଇଛି। ୧ ମିନିଟ୍ ୨୯ ସେକେଣ୍ଡର ଏହି ଭିଡିଓ ଏବେ ସୋସିଆଲ ମିଡିଆରେ ଘୁରି ବୁଲୁଛି। ସେଥିରେ ପୀଡ଼ିତା ଜଣକ କହୁଛନ୍ତି ଯେ ସେମାନେ ବାଇକରେ ଆସିଥିଲେ...। ମୁଁ ଘରକୁ ଫେରୁଥିଲି...। ସେମାନେ ମୁହଁରେ ରୁମାଲ ବାନ୍ଧିଥିଲେ। ସେମାନେ ମୋ ମୁହଁରେ ରୁମାଲ ପକାଇ ବଡ଼ବନ୍ଧ ନିକଟ ଜଙ୍ଗଲକୁ ଉଠାଇ ନେଲେ। ଦେହରେ କିରାସିନି ଢାଳି ନିଆଁ ଲଗାଇ ପଳାଇଲେ। ହୋସ ଆସିବାରୁ.... ଭିଡିଓ ଶେଷ। ଏହି ଭିଡିଓକୁ ନେଇ ପୁଣିଥରେ ବଳଙ୍ଗା ନାବାଳିକା ପୋଡ଼ିହୋଇ ମୃତ୍ୟୁ ଘଟଣାକୁ ଉଜ୍ଜୀବିତ କରିଛି। ବଳଙ୍ଗା ପୀଡ଼ିତା ଡାକ୍ତରଖାନାରେ ଚିକିତ୍ସିତ ଥିବା ସମୟରେ ପୋଲିସ କରିଥିବା ବୟାନ ରେକର୍ଡ ସମୟର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ଏହି ଘଟଣାକୁ ଆଉ ମାତ୍ର ଦୁଇଦିନ ପରେ ମାସେ ପୂରିବାକୁ ଯାଉଛି। ପୋଲିସ ଘଟଣାର ତଦନ୍ତ ଶେଷରେ କେଉଁ ନିଷ୍କର୍ଷରେ ପହଞ୍ଚିଲା ସେ ନେଇ କୌଣସି ସୂଚନା ଦେଇନାହିଁ। ଏହି ଭିଡିଓଟି ହସ୍ପିଟାଲ ଭିତରେ ରେକର୍ଡିଂ ହୋଇଥିବା କୁହାଯାଉଛି ଏବଂ ଏହା ତଦନ୍ତ ସମୟର ବୋଲି ଜଣାପଡୁଛି। ଭୁବନେଶ୍ୱର କିମ୍ବା ଦିଲ୍ଲୀ ଏମ୍ସରେ ପୀଡ଼ିତା ଚିକିତ୍ସିତ ହେଉଥିବା ସମୟରେ ଏହି ଭିଡିଓ ରେକର୍ଡିଂ ହୋଇଛି। ଏଥିରେ ଜଣେ ମହିଳା ଅଧିକାରୀ ପୀଡ଼ିତାଙ୍କଠାରୁ ବୟାନ ରେକର୍ଡ କରୁଛନ୍ତି। ସେ ପୀଡ଼ିତାଙ୍କୁ ବିଭିନ୍ନ ପ୍ରକାର ପ୍ରଶ୍ନ କରୁଛନ୍ତି। ଘଟଣା ଘଟଣା ସମୟରେ ପୀଡ଼ିତା କେଉଁଠି ଥିଲେ ପ୍ରଶ୍ନରେ ପୀଡ଼ିତା ଜଣକ କହୁଛନ୍ତି ଯେ ସେ ସାଙ୍ଗଘରୁ ବହିଧରି ନିଜ ଘରକୁ ଯାଉଥିଲେ। ବାଇକରେ କେତେଜଣ ଆସି ତାଙ୍କ ପାଖରେ ପହଞ୍ଚିଥିଲେ। ସେମାନେ ମୁହଁରେ ରୁମାଲ ବାନ୍ଧିଥିଲେ ଓ ପୀଡ଼ିତାଙ୍କ ମୁହଁରେ ମଧ୍ୟ ରୁମାଲ ପକାଇ ବଡ଼ବନ୍ଧ ନିକଟ ଜଙ୍ଗଲକୁ ଉଠାଇ ନେଇଥିଲେ। ତାଙ୍କ ଦେହରେ କିରାସିନି ଢାଳି ନିଆଁ ଲଗାଇ ଦେଇଥିଲେ। ପୀଡ଼ିତାଙ୍କୁ ଅଧିକାରୀ ଜଣକ ହିନ୍ଦୀରେ ପ୍ରଶ୍ନ କରୁଥିବାବେଳେ ପୀଡ଼ିତା ମଧ୍ୟ ହିନ୍ଦୀରେ ଉତ୍ତର ଦେଇଛନ୍ତି। ତେବେ ଏହି ଘଟଣାକୁ ନେଇ ଏବେ ରାଜନୀତି ଜୋର ଧରିଛି। ଏହି ଘଟଣାର ତଦନ୍ତ ସିବିଆଇକୁ ଦେବାପାଇଁ ବିଜେଡି ଦାବି କରିଛି।

## ତୀର୍ଯ୍ୟକ

**ଅର୍ଚ୍ଚିତ ଅନିର୍ବାଣ**



ବିଜେପି ପକ୍ଷରୁ ଏନଡିଏ ପ୍ରାର୍ଥୀ
ହେଲେ ମହାରାଷ୍ଟ୍ର ରାଜ୍ୟପାଳ,
ଉପ ରାଷ୍ଟ୍ରପତି ନିର୍ବାଚନ ନେଇ
ସୁରୁ ହେଇଗଲା କୋଳାହଳ ।
ଯାହା ହେଉ ପଛେ ଫଳାଫଳ,
ଇଣ୍ଡିଆ ମେଣ୍ଟ ବି କଣ୍ଟେଷ୍ଟ କରିବ
ଦିଶୁଛି ଏବେଠୁଁ ଜଳଜଳ ।

## ବିରୋଧୀଦଳ ନେତା ଅସୁସ୍ଥ

# ଘରୋଇ ହସ୍ପିଟାଲରେ ଭର୍ତ୍ତି



ଭୁବନେଶ୍ୱର, ୧୭।୮ (ଭାସ୍କର ନ୍ୟୁଜ): ବିରୋଧୀଦଳ ନେତା ତଥା ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ ଅସୁସ୍ଥ ହୋଇପଡ଼ିଛନ୍ତି। ରବିବାର ସନ୍ଧ୍ୟା ୫.୧୫ରେ ତାଙ୍କୁ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଡାକ୍ତର ଆଲୋକ ପାଣିଗ୍ରାହୀଙ୍କ ତତ୍ତ୍ୱାବଧାନରେ ତାଙ୍କର ଚିକିତ୍ସା ଜାରି ରହିଛି। ତାଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ଥିବା ହସ୍ପିଟାଲ ସୂତ୍ରରୁ କୁହାଯାଇଛି। ତାଙ୍କର ଡିହାଇଡ୍ରେସନ ଯୋଗୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଗତ ଜୁନ୍ ୨୨ ତାରିଖରେ ମୁମ୍ବାଇର କୋକିଳାବେନ୍ ଧିରୁଭାଇ ଅମ୍ବାନୀ ହସ୍ପିଟାଲରେ ଡାକ୍ତର ରମାକାନ୍ତ ପଣ୍ଡାଙ୍କ ତତ୍ତ୍ୱାବଧାନରେ ତାଙ୍କର ସର୍ଜିକାଲ ଆର୍ଥ୍ରାଇଟିସ୍ ଅପରେସନ କରାଯାଇଥିଲା। ଜୁଲାଇ ୭ରେ ସେ ହସ୍ପିଟାଲରୁ ଡିସଚାର୍ଜ ହେବାପରେ ସେହି ମାସ ୧୨ ତାରିଖରେ ଭୁବନେଶ୍ୱର ଫେରିଥିଲେ। ରାଜ୍ୟ ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ ଏବଂ ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ହସ୍ପିଟାଲ ଯାଇ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ବୁଝିଛନ୍ତି। ତାଙ୍କ ଆଶୁ ଆରୋଗ୍ୟ ପାଇଁ ବିଭିନ୍ନ ମହଲରେ ପ୍ରାର୍ଥନା କରାଯାଇଛି।

## ନଦୀରେ ଭାସିଯାଇ ୭୩ ମଇଁଷି ମୃତ

# ବୁଡ଼ିଗଲେ ନା କୁମ୍ଭୀର ମାରିଦେଲେ !



ରାଜନଗର/କେନ୍ଦ୍ରାପଡ଼ା/ଆଳି, ୧୭।୮ (ଭାସ୍କର ନ୍ୟୁଜ): କେନ୍ଦ୍ରାପଡ଼ା ଜିଲ୍ଲା ଆଳି ଅଞ୍ଚଳରେ ରବିବାର ଏକ ଅଭାବନୀୟ ଘଟଣା ଘଟିଛି। ଗୋଟିଏ ପଟରୁ ଆରପଟକୁ ନଦୀପାର ହେବାବେଳେ ୭୩ ମଇଁଷିଙ୍କ ମୃତ୍ୟୁ ଘଟିଛି। ଏକକାଳୀନ ଏତେ ମଇଁଷିଙ୍କ ମୃତ୍ୟୁ ପରେ ୩ଜଣ ଦୁଗ୍ଧ ଚାଷୀ ସଂପୂର୍ଣ୍ଣ ବେସାହାରା ହୋଇପଡ଼ିଛନ୍ତି। ମିଳିଥିବା ସୂଚନା ଅନୁଯାୟୀ ଆଳିଥାନା ଏକମାଣିଆ ଗାଁ ନିକଟ ଦେଇ ପ୍ରବାହିତ ହେଉଥିବା ନଦୀରେ ରବିବାର ସକାଳେ ୭୩ ମଇଁଷିଙ୍କ ଏକକାଳୀନ ମୃତ୍ୟୁ ହୋଇଛି। ବ୍ରାହ୍ମଣୀ ନଦୀର ଶାଖା ଗଳିଆ କୂଳରେ ଥିବା ନାଳ ହୁଡ଼ାକୁ ୮୮ଟି ମଇଁଷିଙ୍କୁ ଚରିବା ପାଇଁ ଛଡ଼ା ଯାଇଥିଲା। ଘାସ ଚରି ଚରି ମଇଁଷିମାନେ ଆଗକୁ ବଢିଥିଲେ। ଏହାପରେ ମଇଁଷିମାନେ ନଦୀରେ ପଶିଥିଲେ। ନଦୀଟି ଗହିରିଆ ଏବଂ ଅଣଓସାରିଆ ଥିବାରୁ ମଇଁଷିମାନେ ଛନ୍ଦାଛନ୍ଦି ହୋଇ ମୃତ୍ୟୁବରଣ କରିଥିବାର କୁହାଯାଉଛି। ତେବେ ଅନ୍ୟପକ୍ଷରେ କୁମ୍ଭୀର ଆକ୍ରମଣରେ ଏହି ମଇଁଷିଙ୍କର ସବୁ ମୃତ୍ୟୁ ଘଟିଥିବା ଆଉ କେତେକ କହୁଛନ୍ତି। ଏବେସୁଦ୍ଧା ୭୩ଟି ମୃତଦେହ ଉଦ୍ଧାର କରାଯାଇଛି। ସ୍ଥାନୀୟ କିଛିଲୋକ କହିଛନ୍ତି ଯେ ଏକମାଣିଆ ପଞ୍ଚାୟତର କିଛି ମଇଁଷି ନାଳ ହୁଡ଼ାରେ ଚରୁଥିବାବେଳେ କୁମ୍ଭୀର ପଲ • ପୃଷ୍ଠା ୫ ଦେଖନ୍ତୁ

## ବାଦଲଫଟା ବର୍ଷାରେ ୭ ମୃତ

ଶ୍ରୀନଗର, ୧୭।୮: ଜାମ୍ମୁକାଶ୍ମୀରର କିସ୍ତିୱାଡ଼ା ପରେ କାଠୁଆ ଜିଲ୍ଲାରେ ବାଦଲଫଟା ବର୍ଷା ୭ଜଣଙ୍କ ଜୀବନ ନେଇଛି। ୨ଜଣ ଗୁରୁତର ହୋଇଛନ୍ତି। ଏହି ବର୍ଷାରେ ପ୍ରବଳ କ୍ଷୟକ୍ଷତି ହୋଇଥିବାବେଳେ ମାଟିତଳେ ବହୁ ଘର ପୋତି ହୋଇଯାଇଛି। ବର୍ଷା ଓ ବନ୍ୟା ଜଳରେ ରାସ୍ତାସବୁ ଧୋଇଯାଇଛି। ଘଟଣାସ୍ଥଳରେ ଉଦ୍ଧାର କାର୍ଯ୍ୟ ଆରମ୍ଭ କରାଯାଇଛି। କାଠୱାର ବାଗଡ଼, ଚଙ୍ଗଡ଼ା ଓ ଲଖନପୁର ଥାନା ଅଞ୍ଚଳରେ ଭୂସ୍ଖଳନ ହୋଇଛି। ଗତ ୧୨ ତାରିଖରେ କିସ୍ତିୱାଡ଼ାରେ ବାଦଲଫଟା ବର୍ଷା ଯୋଗୁ ୬୫ଜଣଙ୍କର ମୃତ୍ୟୁ ହୋଇଥିଲା। ୧୦୦ଜଣ ଆହତ ହୋଇଥିଲେ। ଏବେ ବି ୨୦୦ଜଣ ନିଖୋଜ ଥିବା ସୂଚନା ଦିଆଯାଇଛି।



ଏରସମା (ଭାସ୍କର ନ୍ୟୁଜ): ଭାରତୀୟ କମ୍ୟୁନିଷ୍ଟ ପାର୍ଟି ଶତବାର୍ଷିକୀ ପାଳନ ଅବସରରେ, ବାଲିତୁଠ ଜୋନସ୍ତରୀୟ ୧ମ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଜଗତସିଂହପୁର ଜିଲ୍ଲା ଏରସମା ବ୍ଲକ ଅନ୍ତର୍ଗତ ବାଲିତୁଠ ପଞ୍ଚାୟତର କଦମ ମଣ୍ଡପ ପରିସରରେ ଆୟୋଜିତ ସମ୍ମିଳନୀରେ ଛତ୍ରପୁର ପୂର୍ବତନ ବିଧାୟକ ତଥା ରାଜ୍ୟ ସମ୍ପାଦକ ମଣ୍ଡଳୀ ସଭ୍ୟ ନାରାୟଣ ରେଡ୍ଡୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ,କୃଷକ, ଶ୍ରମିକ ଓ ଖଟିଖିଆ ମେହନତୀ ମଣିଷର ସ୍ୱାର୍ଥ ପାଇଁ ଭାରତୀୟ କମ୍ୟୁନିଷ୍ଟ ପାର୍ଟି ଲଢେଇ କରିଆସିଛି ବୋଲି କହିଥିବାବେଳେ, ସାମ୍ପ୍ରତିକ ରାଜନୈତିକ ପରିସ୍ଥିତିରେ ଭାରତ କେନ୍ଦ୍ର ଓ ରାଜ୍ୟରେ ସରକାରର ଯେଉଁ ଏକଛତ୍ରବାଦ ଶାସନ ଚାଲିଛି, ତାହା ବିରୋଧରେ ସିପିଆଇର ଜନ ଆନ୍ଦୋଳନ ଆଗାମୀ ଦିନରେ ତୀବ୍ର ହେବ ବୋଲି କହିଥିଲେ । ଏହି କାର୍ଯ୍ୟକ୍ରମରେ ବାଲିତୁଠ ସରପଞ୍ଚ ପ୍ରଫୁଲ୍ଲ କୁମାର ଦାସ, ବାସନ୍ତୀ ମଲ୍ଲିକ ଓ ରଙ୍ଗାଧର ମହାପାତ୍ର ପ୍ରମୁଖ ସଭାପତି ମଣ୍ଡଳୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସମ୍ମିଳନୀରେ,ରାଜ୍ୟ ସମ୍ପାଦକ ମଣ୍ଡଳୀ ସଭ୍ୟ ରମଣୀ ରଞ୍ଜନ ରାଉତରାୟ,କୃଷକ ସଭା ରାଜ୍ୟ ସଭାପତି ଶଶୀଭୂଷଣ ସ୍ୱାଇଁ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟା ଚିନ୍ମୟୀ ସାହାଣୀ, ଜିଲ୍ଲା ସମ୍ପାଦକ ଅଜୟ ବେହେରା,କୃଷକ ସଭା ଜିଲ୍ଲା ସମ୍ପାଦକ ପିତାମ୍ବର ଦାସ, ଜୋନ୍ ସମ୍ପାଦକ ରାମଚନ୍ଦ୍ର ମୁଦୁଲି, ସୁବାଷ ମହାପାତ୍ର,ସର୍ବେଶ୍ୱର ବେଉରା, ଦୁଷ୍ମିନ୍ତ ବିଶ୍ୱାଳ,ପ୍ରଭାତ ଚନ୍ଦ୍ର ଦାସ,ମହେନ୍ଦ୍ର କୁମାର ଜେନା,ମାଗୁ ଚରଣ ସ୍ୱାଇଁ, ମାନସ ମୁଦୁଲି, ସତ୍ୟାନନ୍ଦ ରାଉତ, ନୃସିଂହ ସ୍ୱାଇଁ ଓ ହେମନ୍ତ ମଲିକ ପ୍ରମୁଖ ନେତୃମଣ୍ଡଳୀଙ୍କ ସମେତ ଶତାଧିକ ସିପିଆଇ କର୍ମୀ ଯୋଗଦେଇଥିଲେ ।



# 'ମା' ପାଇଁ ଗଛଟିଏ' କାର୍ଯ୍ୟକ୍ରମ



ଧାମନଗର(ଭାସ୍କର ନ୍ୟୁଜ): ଧାମନଗର ବ୍ଲକ ଦୋବଲ ପଞ୍ଚାୟତ ରେ 'ମା' ପାଇଁ ଗଛଟିଏ' କାର୍ଯ୍ୟକ୍ରମକୁ ଧାମନଗର ବିଡ଼ିଓ ବନବିହାରୀ ଦିନ୍ଧା ଉଦ୍ଘାଟନ କରିଛନ୍ତି। ଏହି ଅବସରରେ ଶୋଧସ୍ଥିତ ଧରମ ପଡିଆଠାରେ ଚାରା ରୋପଣ କରାଯାଇଥିଲା।ପରିବେଶ ସୁରକ୍ଷା ପାଇଁ ଗଛର ଆବଶ୍ୟକତା ରହିଛି। ତେଣୁ ଆମର ସୁରକ୍ଷା ପାଇଁ ସମସ୍ତେ ନିଜ ଜାଗା ସହ ଅନ୍ୟ ସ୍ଥାନରେ ମଧ୍ୟ ଗୋଟିଏ ଗୋଟିଏ ଗଛ ଲଗାଇବା ପାଇଁ ବିଡ଼ିଓ ସମସ୍ତଙ୍କୁ ପରାମର୍ଶ ଦେଇଥିଲେ। ସରପଞ୍ଚ ଅଶୋକ କୁମାର ପଣ୍ଡାଙ୍କ ନେତୃତ୍ୱରେ ଏହି କାର୍ଯ୍ୟକ୍ରମରେ ସମିତି ସଭ୍ୟାଙ୍କ ପ୍ରତିନିଧି ସଂଜିତ କୁମାର ସାହୁ, ଅବସରପ୍ରାପ୍ତ ଗୋଷ୍ଠୀ ଉପଶିକ୍ଷାଧିକାରୀ ଭୋଳାନାଥ ସାହୁ, ଶିକ୍ଷାବିତ ନିତ୍ୟାନନ୍ଦ ସାହୁ, ମଙ୍ଗରାଜ ସାହୁ, ନିତ୍ୟାନନ୍ଦ ସାହୁ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଶ୍ରୀକାନ୍ତ ସାହୁ, ଶରତ ଚନ୍ଦ୍ର ସାହୁ, ବାଳକୃଷ୍ଣ ସାହୁ, ପଂଚାୟତର ସମସ୍ତ ୱାର୍ଡ ସଭ୍ୟ, ସଭ୍ୟା, ନାଏବ ସରପଞ୍ଚ ଭାରତୀ ବାରିକ, ସମାଜସେବୀ ହୃଦାନନ୍ଦ ସାହୁ, ମିନୀନ୍ଦ୍ର କୁମାର ପାଣି, ପ୍ରଦୀପ ପଣ୍ଡା, ରାକେଶ ପତି, ରାକେଶ ପଣ୍ଡା, ଶରତ ଶଙ୍ଖୁଆ, ଉମାକାନ୍ତ ସାହୁ, ପ୍ରକାଶ ସାହୁ, ଅଶୋକ କୁଣ୍ଡୁ, ଶୁଭସ୍ମିତା ଦଳେଇ, ତପନ ଦାସ, ଚିନ୍ତାମଣି ପରିଡା, ମନୋରଞ୍ଜନ ନାୟକ, ପ୍ରଶାନ୍ତ ଦାସ, ସନାତନ ମହାପାତ୍ର, ସୁଭଦ୍ରା ଶକ୍ତିର ଏମବି କେ, ସିଆରପି ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ସମସ୍ତଙ୍କୁ ମଧ୍ୟ ଚାରା ବଣ୍ଟନ କରାଯାଇଥିଲା। ପ୍ରାରମ୍ଭରେ ପଞ୍ଚାୟତ କାର୍ଯ୍ୟାଳୟରେ ଜାତୀୟ ପତାକା ଉତ୍ତୋଳନ କରାଯାଇଥିଲା।

# ଘର ଭାଙ୍ଗି ଧାନ ଚାଉଳ ଖାଇଗଲେ ଝାଡ଼ଖଣ୍ଡି ହାତୀପଲ



କରଞ୍ଜିଆ(ଭାସ୍କର ନ୍ୟୁଜ): କରଞ୍ଜିଆ ବନଖଣ୍ଡରେ ୩୫ ଟିକିଆ ଝାଡ଼ଖଣ୍ଡୀ ହାତୀପଲଙ୍କୁ ମିଶାଇ ସମୁଦାୟ ୬୯ ଗୋଟି ହାତୀ ବିଭିନ୍ନ ସ୍ଥାନରେ ଡେରା ପକାଥିବାରୁ ଚାଷୀକୁଳ ଚିନ୍ତାରେ ପଡ଼ିଛନ୍ତି। କିଛିଦିନ ପୂର୍ବରୁ ୩୧ ଟିକିଆ ଝାଡ଼ଖଣ୍ଡୀ ହାତୀପଲ କେନ୍ଦୁଝର ବନଖଣ୍ଡ ଛାଡ଼ି କରଞ୍ଜିଆ ବନଖଣ୍ଡରେ ପ୍ରବେଶ କରିବା ପରେ ଆଜି ଆଉ ୪ ଗୋଟି ହାତୀ ପ୍ରବେଶ କରଛନ୍ତି, ଯାହାଦ୍ୱାରା ସଂଖ୍ୟା ବୃଦ୍ଧି ପାଇ ୩୫ ରେ ପହଞ୍ଚିଛି। ଏହି ହାତୀପଲ ଶୁକ୍ରବାର ବିଳମ୍ବିତ ରାତିରେ ସିଙ୍ଗଡ଼ା ସେକ୍ସନ ବାରିଆ ଗାଁର ଅଶୁଲୁ ବେହେର, ରାମଚନ୍ଦ୍ରପୁର ଗ୍ରାମର ମୁନି ବଦ୍ରା ଓ ଘନଶ୍ୟାମ କାଣ୍ଡିଆଣଙ୍କ ଘର ଭାଙ୍ଗି ଧାନ ଚାଉଳ ଖାଇ ଦେଇଛନ୍ତି। ତେବେ ବର୍ତ୍ତମାନ ବନଖଣ୍ଡରେ ୧୯ ଗୋଟି ସ୍ଥାନରେ ୨୫ ଟି ଦନ୍ତା,୨୯ ଟି ମାଈ ଓ ୧୫ ଟି ଶାବକଙ୍କୁ ମିଶାଇ ମୋଟ୍ ୬୯ ଗୋଟି ହାତୀ ଡେରା ପକାଇଥିବାରୁ ୧୦୦ରୁ ଉର୍ଦ୍ଧ୍ୱ ଗ୍ରାମରେ ଚାଷୀକୁଳ ଚିନ୍ତାରେ ପଡ଼ିଛନ୍ତି। ଦୁମ୍ବିସାହି ସଂରକ୍ଷିତ ଜଙ୍ଗଲରେ ୧୧,ପୋଖରିଆ ସଂରକ୍ଷିତ ଜଙ୍ଗଲରେ ୨୪, ବାଦାମ ପାହାଡ଼ ସଂରକ୍ଷିତ ଜଙ୍ଗଲରେ ୬, ପୁରୁଣା ଦେଓଗାଁ ସଂରକ୍ଷିତ ଜଙ୍ଗଲରେ ୬, ତରାମରା ସଂରକ୍ଷିତ ଜଙ୍ଗଲରେ ୨, ଖେଜୁରୀଆ ସଂରକ୍ଷିତ ଜଙ୍ଗଲରେ ୨,ବିଶିପୁର ସଂରକ୍ଷିତ ଜଙ୍ଗଲ(୨)ରେ ୩,ସାତକୋଶିଆ ସଂରକ୍ଷିତ ଜଙ୍ଗଲ ୧(ବି) ୩ ଓ ସାତକୋଶିଆ ସଂରକ୍ଷିତ ଜଙ୍ଗଲରେ ୧୨ ଗୋଟି ହାତୀ ରହିଛନ୍ତି। ହାତୀପଲ ଧାନ ବିଲରେ ଫସଲ ନଷ୍ଟ କରିବା ସହିତ ରାତି ସମୟରେ ଗାଁମୁହାଁ ହେଉଥିବାରୁ ଭୟରେ ଲୋକେ ରାତି ତମାମ ନିଆଁ ଜାଳି ଜଗିରହୁଛନ୍ତି।

# ମଦ ସହ ସ୍କୁଟି ଜବତ ଜଣେ ଗିରଫ



ଭୁବନ(ଭାସ୍କର ନ୍ୟୁଜ): ଭୁବନ ଏନ୍ଏସି ଅନ୍ତର୍ଗତ ରଗଡ଼ି ଛକ ନିକଟରେ ବୁଧବାର ଅପରାହ୍ନରେ ଅବକାରୀ ବିଭାଗ ତରଫରୁ ଦେଶୀ ମଦ ସମେତ ସ୍କୁଟି ଜବତ କରାଯାଇଛି । ପ୍ରାପ୍ତ ସୂଚନାରୁ ପ୍ରକାଶ ଯେ , ଭୁବନ ବ୍ଲକ ଅନ୍ତର୍ଗତ ଚନ୍ଦାର ଗ୍ରାମର ଲକ୍ଷ୍ମୀଧର ସାହୁ ଓରଫ ସୁନିଆ ସାହୁ ଆଜି ଅପରାହ୍ନରେ ଏକ ହୋଣ୍ଡା ଆକ୍ଟିଭା ସ୍କୁଟିରେ ୪୦ ଲିଟର ଦେଶୀ ମଦ ଧରି ଭୁବନକୁ ବିକ୍ରି ପାଇଁ ଆସୁଥିବାବେଳେ କୌଣସି ସୂତ୍ରରୁ ଖବର ପାଇ ଅବକାରୀ ବିଭାଗ ତରଫରୁ ଚଢ଼ାଉ କରାଯାଇ ସଂପୃକ୍ତ ବ୍ୟକ୍ତିଙ୍କୁ ଗିରଫ କରାଯାଇଥିଲା। ଭୁବନ ଅବକାରୀ ଏସଆଇ ସୌରଭ ମିଶ୍ର,ଏଏସଆଇ ବିଶ୍ୱ ରଞ୍ଜନ ନାଥ , କନଷ୍ଟେବଳ ଗୋଲାପ ସାହୁ , ପ୍ରେମାନନ୍ଦ ବେହେରା, ପ୍ରଫୁଲ୍ଲ କୁମାର ସାମଲ ପ୍ରମୁଖ ଏହି ଚଢାଉରେ ସାମିଲ ଥିଲେ ।

# ଜନ୍ମାଷ୍ଟମୀ ଉତ୍ସବ ପାଳିତ

ଭାପୁର (ଭାସ୍କର ନ୍ୟୁଜ): ନୟାଗଡ ଜିଲ୍ଲା ଭାପୁର ବ୍ଲକ ଅଞ୍ଚଳର ପୁରପଲ୍ଲୀରେ ପ୍ରଭୁ ଶ୍ରୀକୃଷ୍ଣଙ୍କର ଜନ୍ମ ଉତ୍ସବ ଶୁକ୍ରବାର ଦିନ ଧୁମ୍‌ଧାମରେ ପାଳିତ ହୋଇଯାଇଛି। ଭାପୁର ବ୍ଲକ ସଦର ମହକୁମା ସ୍ଥିତ ଜଗନ୍ନାଥ ମନ୍ଦିର, ପଦ୍ମାବତୀ ଗ୍ରାମ ସ୍ଥିତ ଗୋପୀନାଥ ମନ୍ଦିର, ଗୋପାଳପ୍ରସାଦ ଗ୍ରାମ ସ୍ଥିତ ରାଧାକୃଷ୍ଣ ମନ୍ଦିର, ଗୋବର୍ଦ୍ଧନ ପ୍ରସାଦ ଗ୍ରାମସ୍ଥିତ ଗୋପାଳଜୀଉ ମଠ ଆଦି ବିଭିନ୍ନ ମନ୍ଦିର ପରିସରରେ ପ୍ରଭୁ ଶ୍ରୀ କୃଷ୍ଣଙ୍କର ଜନ୍ମ ଉତ୍ସବ ରୀତିନୀତି ଅନୁଯାୟୀ ଧୁମ୍‌ଧାମରେ ପାଳିତ ହୋଇଯାଇଛି। ଭାପୁର ବ୍ଲକର ପୁରପଲ୍ଲୀରେ ନିଷ୍ଠା ଓ ଭକ୍ତିର ସହ ଏହି ନନ୍ଦ ଉତ୍ସବ ପାଳିତ ହୋଇଥିବା ବେଳେ ସବୁଆଡେ ଆଧାତ୍ମିକ ପରିବେଶ ସୃଷ୍ଟି ହୋଇଛି।

# ଗ୍ୟାସ ଚୁଲାରୁ ନିଆଁଲାଗି ୩ ଗୁରୁତର

ଗୋପ(ଭାସ୍କର ନ୍ୟୁଜ): ଗ୍ୟାସ ଚୁଲାରୁ ନିଆଁ ଲାଗି ଗୋଟିଏ ପରିବାରର ୩ ଜଣ ଗୁରୁତର ହୋଇ ପ୍ରଥମେ ଗୋପ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଏବଂ ପରେ ଭୁବନେଶ୍ୱର ଏମ୍ସ ହସ୍ପିଟାଲକୁ ସ୍ଥାନାନ୍ତରିତ ହୋଇଛନ୍ତି । ଗୁରୁତର ୩ ଜଣ ହେଲେ ଏହି ଥାନା ଅଧିନ ପୟରା ପଂଚାୟତ ଜମରା ଗ୍ରାମର ନାରାୟଣ ମଲ୍ଲିକ (୯୩୫), ତାଙ୍କ ପତ୍ନୀ ପ୍ରମିଳା ମଲ୍ଲିକ (୩୫) ଏବଂ ତାଙ୍କ ସଢୁ ବସନ୍ତ ମଲ୍ଲିକ (୪୦)। ସୁଚନାମୁତାବକ ନାରାୟଣ ତାଙ୍କ ପରିବାର ସହ ଦୀର୍ଘ ଦିନ ହେଲା ଗୋପ ବଣିଆସାହି ଗ୍ରାମରେ ଘର ଭଡା କରି ରହିଆସୁଥିଲେ । ଗତ ଗୁରୁବାର ରାତ୍ରିରେ ରୋଷେଇ କରୁଥିବା ବେଳେ ହଠାତ୍ ପ୍ରମିଳାଙ୍କ ଦେହରେ ନିଆଁ ଲାଗିଯିବା ସହ ସେଠାରେ ଥିବା ନାରାୟଣ ଙ୍କ ଦେହରେ ମଧ୍ୟ ନିଆଁ ଲାଗିଯାଇଥିଲା । ଏହା ଦେଖି ତାଙ୍କ ଘରେ ଥିବା ତାଙ୍କ ସଢୁ ତାଙ୍କୁ ଉଦ୍ଧାର କରିବାକୁ ଯାଇ ସେ ମଧ୍ୟ ନିଆଁର ଶିକାର ହୋଇଥିଲେ । ୩ ଜଣଙ୍କ ଶରୀର ପ୍ରାୟ ୪୦ ରୁ ୫୦ ଭାଗ ପୋଡିଯାଇଥିବା ଜଣାପଡିଛି । ଘଟଣା ସ୍ଥଳରୁ ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଗୋପ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ ମଧ୍ୟ ଅବସ୍ଥା ଗୁରୁତର ଥିବାରୁ ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ଏମ୍ସ ହସ୍ପିଟାଲକୁ ସ୍ଥାନାନ୍ତରୀତ କରଯାଇଥିଲା । ହେଲେ କଣ ପାଇଁ ନିଆଁ ଲାଗିଲା ତାହା ଅସ୍ପଷ୍ଟ ରହିଛି ।

# ନନ୍ଦୀ ଗୋସେବାର ସଦସ୍ୟତା ଅଭିଯାନ



ଯୋଡ଼ା(ଭାସ୍କର ନ୍ୟୁଜ): ଅଗଷ୍ଟ ୧୫ ତାରିଖ ସ୍ୱାଧୀନତା ଦିବସ ଓ ହରିଜନ୍ମ ଠାରୁ ନନ୍ଦୀ ଗୋ'ସେବା କେନ୍ଦ୍ରର ବିଧିବଦ୍ଧ ଭାବେ ସଦସ୍ୟତାର ଶୁଭାରମ୍ଭ ହୋଇଯାଇଛି। ଏହି କାର୍ଯ୍ୟକ୍ରମଟି ନନ୍ଦୀ ଗୋ'ସେବା କେନ୍ଦ୍ର କୁନ୍ଦୁରନାଲା, ଯୋଡ଼ା ଠାରେ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ଯୋଡ଼ା ବିଡ଼ିଓ ମୁଖ୍ୟଅତିଥି ଭାବେ ଯୋଗ ଦେଇ ପ୍ରଥମେ ଫର୍ମ ପୁରଣ କରି ସଦସ୍ୟତାର ଶୁଭାରମ୍ଭ କରିଥିଲେ। ତାଙ୍କ ସହ ଅନ୍ୟ ଅତିଥିଭାବେ ଯୋଗ ଦେଇଥିବା ଜିପିଓ, ଆର.କେ ଦାସ, ପ୍ରକାଶ ମହାନ୍ତି, ସାରଦା ଆଚାର୍ଯ୍ୟ, ନିହାର ରାଉତ, ମୁକେଶ ସିଙ୍ଘାନିଆ, ସୁନୀଲ ବାସୋତିଆ ଓ ଆଇନଜୀବୀ ସୂର୍ଯ୍ୟକାନ୍ତ ତ୍ରିପାଠୀ ଆଦି ସଦସ୍ୟତା ଗ୍ରହଣ କରିଥିଲେ। ନନ୍ଦୀ ଗୋ'ସେବା କେନ୍ଦ୍ରର ଉପସ୍ଥିତ ସମସ୍ତ ଗୋ'ସେବକମାନେ ମଧ୍ୟ ବିଧିବଦ୍ଧ ଭାବେ ଫର୍ମ ପୂରଣ କରି ସଦସ୍ୟ ହୋଇଥିଲେ। ପରେ ଅତିଥି ମାନେ ଚିକିତ୍ସାଧୀନ ରୋଗାଗ୍ରସ୍ତ ଗୋରୁମାନଙ୍କୁ ଫଳ ଖୁଆଇ ଆଶୁଆରୋଗ୍ୟ କାମନା କରିଥିଲେ। ନନ୍ଦୀ ପରିବାରର ଏଭଳି ଏକ କାର୍ଯ୍ୟକ୍ରମକୁ ବିଭିନ୍ନ ସ୍ତରରେ ସମର୍ଥନ ଜଣାଇବା ସହ ପ୍ରଶଂସା କରିଥିବା ସୂଚନା ରହିଛି।

# ଭଗବାନ ଓ ହେମଲତା ଚାରିଟେବଲ ଟ୍ରଷ୍ଟ ପକ୍ଷରୁ କୃତୀ ଛାତ୍ରଛାତ୍ରୀ ସମ୍ବର୍ଦ୍ଧିତ

ଗୋପ(ଭାସ୍କର ନ୍ୟୁଜ): ଭଗବାନ ଓ ହେମଲତା ଚାରିଟ୍ରେବୁଲ ଟ୍ରଷ୍ଟ ପକ୍ଷରୁ ଗୋପ ବ୍ଲକ ଅଧିନ ଗଣେଶ୍ୱରପୁର ବାଳିକା ଉଚ୍ଚ ବିଦ୍ୟାଳୟର କୃତୀ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ପ୍ରଥମେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରକାଶ ଚନ୍ଦ୍ର ରାଉତ ପତାକା ଉତ୍ତୋଳନ କରିବା ପରେ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ପୁରୀ ଜିଲ୍ଲା ମହିଳା ମହାସଙ୍ଘର ସଭାନେତ୍ରୀ ମିନାକ୍ଷୀ ପୃଷ୍ଟିଙ୍କୁ ବିଦ୍ୟାଳୟ ପକ୍ଷରୁ ସ୍ୱାଗତ କରାଯାଇଥିଲା । ପରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରକାଶ ଚନ୍ଦ୍ର ରାଉତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମ୍ବର୍ଦ୍ଧନା ଉତ୍ସବରେ ଉକ୍ତ ପଂଚାୟତରେ ଥିବା ଦୁଇ ହାଇସ୍କୁଲର ସର୍ବୋଚ୍ଚ ନମ୍ବର ରଖି ମାଟ୍ରିକ ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିବା ସୋହମ ବେହେରା ଏବଂ ରୋଜାଲିନ୍ ଗୁରୁଙ୍କୁ ଟ୍ରଷ୍ଟ ପକ୍ଷରୁ ମାନପତ୍ର, ଉପଢ଼ୌକନ ଓ ଆର୍ଥିକ ରାଶି ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା । ସେହିପରି ବିଦ୍ୟାଳୟର ଆର୍ଥିକ ପରିସ୍ଥିତି ଭଲ ନଥିବା ପିଲାମାନଙ୍କୁ ଟ୍ରଷ୍ଟ ପକ୍ଷରୁ ବହି ଖାତା ଆଦି ପ୍ରଦାନ କରାଯିବା ସହ ଦୁଇ ଶିଶୁ ପ୍ରତିଭା ଗାୟତ୍ରୀ ପୃଷ୍ଟି ଏବଂ ନାରାୟଣ ପାଢୀଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା । ପୂର୍ବ ବର୍ଷ ଉକ୍ତ ବିଦ୍ୟାଳୟରୁ ସର୍ବୋଚ୍ଚ ନମ୍ବର ରଖି ମାଟ୍ରିକ ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିବା ଛାତ୍ରୀ ସାଇ ସୁମେଧା ଭୋଳ ଚଳିତ ବର୍ଷ ସର୍ବୋଚ୍ଚ ନମ୍ବର ରଖି ମାଟ୍ରିକ ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିବା ଛାତ୍ରୀ ରୋଜାଲିନ୍ ଗୁରୁଙ୍କୁ ସମ୍ବର୍ଦ୍ଧିତ କରିଥିଲେ ।

# ବିଭିନ୍ନ ସ୍ଥାନରେ ସ୍ୱାଧୀନତା ଦିବସ ପାଳିତ



ଗୋପ(ଭାସ୍କର ନ୍ୟୁଜ): ୭୯ ତମ ସ୍ୱାଧୀନତା ଦିବସ ବିଭିନ୍ନ ସ୍ଥାନରେ ମହାସମାରୋହରେ ପାଳିତ ହୋଇଯାଇଛି । ଗୋପ ବ୍ଲକରେ ବିଡିଓ ଛବିରାଣି ସାହୁ ପତାକା ଉତ୍ତୋଳନ କରିଥିବା ବେଳେ ତହସିଲ କାର୍ଯ୍ୟାଳୟରେ ତହସିଲଦାର ଅନିଲ କୁମାର ମହାନ୍ତି, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ସୁପରିଟେଣ୍ଡେଣ୍ଟ ଡଃ ଜସ୍ମିନ୍ ଆପ୍ରୋଜ, ଥାନାରେ ଥାନା ଅଧିକାରୀ ପ୍ରଶାନ୍ତ କୁମାର ପଢିହାରୀ, ଜଳ ସଂପଦ କାର୍ଯ୍ୟାଳୟରେ ସହକାରୀ ନିର୍ବାହୀଯନ୍ତ୍ରୀ ଇଂ ସଂଗ୍ରାମ କେଶରୀ ମହାନ୍ତି, ସବ-ରେଜିଷ୍ଟ୍ରାର କାର୍ଯ୍ୟାଳୟରେ ସବରେଜିଷ୍ଟ୍ରାର ନିହାର ରଂଜନ ଦାସ, ପୂର୍ତ୍ତ ବିଭାଗ କାର୍ଯ୍ୟାଳୟରେ ଯନ୍ତ୍ରୀ ରବିନ୍ଦ୍ର କୁମାର ଦଣ୍ଡପାଟ ପତାକା ଉତ୍ତୋଳନ କରିଥିଲେ । ସେହିପରି ଗୋପ କଲେଜରେ ଅଧକ୍ଷା ପ୍ରିୟମ୍ବଦା ପଣ୍ଡା,ନିଗମାନନ୍ଦ ହାଇସ୍କୁଲରେ ପ୍ରଧାନ ଶିକ୍ଷକ ସୁବାଷ ଚନ୍ଦ୍ର ପ୍ରଧାନ, ମାଟିଆଖାତ ଶିଶୁ ବିଦ୍ୟାମନ୍ଦିରରେ ପ୍ରଧାନ ଆଚାର୍ଯ୍ୟ ଅଶୋକ କୁମାର ବାରିକ, କଳିଙ୍ଗ ପବ୍ଲିକ ସ୍କୁଲରେ ପ୍ରିନ୍ସିପାଲ ପୁନେଶ କୁମାର ସେନାପତି ପତାକା ଉତ୍ତୋଳନ କରିଥିଲେ । ଅଣ୍ଡରା ଇଚ୍ଛାପୁର ପଂଚାୟତରେ ସରପଂଚ ମିନା ରାଣୀ ମହାନ୍ତି,ପଂଚାୟତ ସମିତି ଉପାଧ୍ୟକ୍ଷ ବନରଂଜନ ପଟ୍ଟନାୟକ, ଗୋପରେ ସୁଲୋଚନା ଦାସ, ସ୍ୱେଚ୍ଛାସେବୀ ସଂଗଠନ ନିସ୍ୱାର୍ଥ ପରିବାରରେ ପୂର୍ବତନ ବାୟୁସେନା ଅଧିକାରୀ ଭବାନୀ ଶଙ୍କର ସାମନ୍ତରାୟ ପତାକା ଉତ୍ତୋଳନ କରିଥିଲେ । ସେହିପରି ବିଭିନ୍ନ ସରକାରୀ ଓ ବେସରକାରୀ ଶିକ୍ଷାନୁଷ୍ଠାନ, ସ୍ୱେଚ୍ଛାସେବୀ ସଙ୍ଗଠନ ସମେତ ବିଭିନ୍ନ ସ୍ଥାନରେ ୭୯ ତମ ସ୍ୱାଧୀନତା ଦିବସ ମହାସମାରୋହରେ ପାଳିତ ହୋଇଯାଇଛି ।

ଟାଙ୍ଗୀ-ଚୌଦ୍ୱାର (ଭାସ୍କର ନ୍ୟୁଜ) : ଚୌଦ୍ୱାରରେ ଗାଡ଼ିପାଟଣାସ୍ଥିତ ଅମରଜ୍ୟୋତ ଖେଳପଡ଼ିଆରେ ୭୯ତମ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି। ୧୬ନଂ.ୱାର୍ଡ଼ ପାରିଷଦ ଅଜୟ କୁମାର ବେହେରା ମୁଖ୍ୟଅତିଥି ଭାବେ ଯୋଗଦେଇ ପତାକା ଉତ୍ତୋଳନ କରିବା ପରେ ଚୌଦ୍ୱାର ପୌରପାଳିକାର ୪ଟି ୱାର୍ଡ଼ ଯଥା ୧୩, ୧୪, ୧୫,୧୬ ସହଇନ୍ଦ୍ରାଣୀପାଟଣା ଓ ବାଣିପଦା ପଂଚାୟତର ଯୁବଗୋଷ୍ଠୀ ଓ ବୁଦ୍ଧିଜୀବୀମାନଙ୍କ ଦ୍ୱାରା ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଏଥିରେ ବଲାରପୁର ପେପରମିଲର ଖାଲି ପଡ଼ିଥିବା ପ୍ରାୟ ୫୭୦ଏକର ଜମି ଯାହାଶିଳ୍ପପାଇଁ ଉଦ୍ଦିଷ୍ଟ ଉକ୍ତ ଜମିରେ ଆଜି ୨୦୦୪ରୁ ଆଜି ପର୍ଯ୍ୟନ୍ତ କୌଣସି କାର୍ଯ୍ୟ କରାନଯିବା ଏବଂ କମ୍ପାନୀର ପୁନରୁଦ୍ଧାର ନ ହେବାନେଇ ଅସନ୍ତୋଷ ବ୍ୟକ୍ତ କରିଥିଲେ । ଆଗାମୀ ଦିନରେ ଉପରୋକ୍ତ ୪ଟି ୱାର୍ଡ଼ ଓ ୨ଟି ପଂଚାୟତର ପ୍ରତ୍ୟେକ ଘରକୁ ଘର ବୁଲି ଶିଳ୍ପ ପୁନରୁଦ୍ଧାର ଅଥବା ନୂତନ ଶିଳ୍ପ ପ୍ରତିଷ୍ଠା ପାଇଁ ଅଂଚଳବାସୀଙ୍କ ମନରେ ସଚେତନତା ସୃଷ୍ଟିକରିବା ପାଇଁ ସମସ୍ତେ ସଂକଳ୍ପବଦ୍ଧ ହୋଇଥିଲେ । ଏଥିନିମନ୍ତେ ଯଥାଶୀଘ୍ର ଏକ ପୂର୍ଣ୍ଣାଙ୍ଗ କମିଟି ଗଠନ କରାଯାଇ ସଦସ୍ୟ ମନୋନୀତ କରାଯିବା ନେଇ ବୈଠକରେ ସର୍ବସମ୍ମତିକ୍ରମେ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା ବୋଲି ପାରିଷଦ ଶ୍ରୀ ବେହେରା ପ୍ରକାଶ କରିଛନ୍ତି



ଭାପୁର(ଭାସ୍କର ନ୍ୟୁଜ): ଭାରତ ବର୍ଷ ୭୯ ତମ ସ୍ୱାଧୀନତା ଦିବସ ପାଳନ କରିଥିବାବେଳେ ନୟାଗଡ ଜିଲ୍ଲା ଭାପୁର ବ୍ଲକରେ ଅବସ୍ଥିତ ସମସ୍ତ ଶିକ୍ଷାନୁଷ୍ଠାନ, ସରକାରୀ କାର୍ଯ୍ୟାଳୟ ର ଅଧିକାରୀମାନଙ୍କ ଦ୍ୱାରା ପତାକା ଉତ୍ତୋଳନ ତଥା ବେସରକାରୀ କାର୍ଯ୍ୟାଳୟ, ବାଣିଜ୍ୟପ୍ରତି ଅନୁଷ୍ଠାନ,କ୍ଲବ ତଥା ଘରେ ଘରେ ତ୍ରିରଙ୍ଗା ପତାକା ଉଡ଼ିଥିବାର ଦେଖାଯାଇଥିଲା । ଏହି ପରିପ୍ରେକ୍ଷୀରେ,'ଭାପୁର ପ୍ରେସ କ୍ଲବ' କାର୍ଯ୍ୟାଳୟ ପରିସର ମଧ୍ୟରେ କ୍ଲବର କର୍ମକର୍ତ୍ତା ତଥା ସଭ୍ୟସଭ୍ୟାମାନଙ୍କ ଦ୍ୱାରା ୭୯ତମ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି । କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ରୂପେ ଖଣ୍ଡପଡ଼ା ବିଧାୟକ ଇଞ୍ଜିନିୟର ଦୁଷ୍ମନ୍ତ କୁମାର ସ୍ୱାଇଁ ଯୋଗଦେଇ ପତାକା ଉତ୍ତୋଳନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ, ସାଂସଦଙ୍କ ଜିଲ୍ଲା ପ୍ରତିନିଧି ଗୟାଧର ପରିଡ଼ା, ଆରକ୍ଷୀ ଉପଖଣ୍ଡ ଅଧିକାରୀ ମଦନ ମୋହନ ପ୍ରଧାନ,ବିଡିଓ ସାରଦା ପ୍ରସନ୍ନ ପଣ୍ଡା, ଭାପୁର ବିଟ୍ ହାଉସ୍ ଅଧିକାରୀ ସୁଶାନ୍ତ କୁମାର ପ୍ରଧାନ, ଅଗ୍ନିଶମ ଅଧିକାରୀ ନୀଳକଣ୍ଠ ମହାନ୍ତି ତଥା ଭାପୁର ଅଞ୍ଚଳର ବହୁ ବୁଦ୍ଧିଜୀବୀ,ଶିକ୍ଷାବିତ୍ ତଥା ସମାଜସେବୀ ଯୋଗ ଦେଇଥିଲେ । ମୁଖ୍ୟ ଅତିଥି ବିଧାୟକ ଦୁଷ୍ମନ୍ତ କୁମାର ସ୍ୱାଇଁ ତାଙ୍କ ବକ୍ତବ୍ୟରେ ଉପସ୍ଥିତ ପ୍ରେସ କ୍ଲବର ପତ୍ରକାରମାନଙ୍କୁ ନିର୍ଭୀକ ଓ ସ୍ୱାଧୀନ ଭାବରେ ନିଜର କଲମ ମୁନକୁ ଚାଳନା କରିଲେ ଦେଶ,ରାଜ୍ୟ, ଜିଲ୍ଲା ତଥା ବ୍ଲକର ଉନ୍ନତି ହେବା ସହିତ ଦେଶର ସାର୍ବଭୌମତା ରକ୍ଷା ହୋଇପାରିବ ଫଳରେ, ସାଧାରଣ ଜନତାଟିଏ ସ୍ୱାଧୀନ ଭାବରେ ବାସ କରିପାରିବ ବୋଲି ଉପଦେଶ ଦେଇଥିଲେ ।

ବେତନଟୀ (ଭାସ୍କର ନ୍ୟୁଜ): ବ୍ଲକସ୍ତରୀୟ ସ୍ୱାଧୀନତା ଦିବସ ଏମ୍‌ପିସି ହାଇସ୍କୁଲ ପଡ଼ିଆରେ ଅନୁଷ୍ଠିତ ହୋଇଯାଇଛି। ଜାତୀୟ ଦିବସ ପାଳନ କମିଟି ସଭାପତି ଜୟନ୍ତ କୁମାର ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଲେଫ୍ଟନାଣ୍ଟ କର୍ଣ୍ଣଲ ସନ୍ତୋଷ ପଣ୍ଡାଙ୍କ ସମେତ ପ୍ରତୀକ୍ଷା ବିଭାଗର



ଅବସରପ୍ରାପ୍ତ ଅଧିକାରୀ ପ୍ରମୁଖ ମଧ୍ୟ ଯୋଗ ଦେଇଥିଲେ ଓ ସମ୍ମାନିତ ଅତିଥି ଭାବରେ ବେତନଟୀ ଆଇଆଇସି ସସ୍ମିତା ମହାନ୍ତ ପ୍ରମୁଖ ଯୋଗଦାନ କରିଥିଲେ। ତେବେ ଲଗାଣବର୍ଷା ପାଇଁ ସାମୂହିକ ପ୍ୟାରେଡ଼ କାର୍ଯ୍ୟକ୍ରମକୁ ବାତିଲ କରାଯାଇଥିଲା। ଜାତୀୟଦିବସ ପାଳନ କମିଟି ପକ୍ଷରୁ ପୂର୍ବରୁ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ଏହି ଅବସରରେ ପୁରସ୍କୃତ କରାଯାଇଥିଲା। ପରିଚାଳନାରେ ଜାତୀୟଦିବସ ପାଳନ କମିଟିର ସମସ୍ତ କାର୍ଯ୍ୟକର୍ତ୍ତା ଏବଂ ସଦସ୍ୟ ପ୍ରମୁଖ ସକ୍ରିୟ ଦାୟିତ୍ୱ ସମ୍ପାଦନ କରିଥିଲେ।

ଶେରଗଡ(ଭାସ୍କର ନ୍ୟୁଜ): ଗଞ୍ଜାମ ଜିଲ୍ଲା ଶେରଗଡ଼ ବ୍ଲକର ସମସ୍ତ ସରକାରୀ ବେସରକାରୀ ବିଭିନ୍ନ ଅନୁଷ୍ଠାନ ଯଥା ସାମ୍ବାଦିକ ସଂଘ, ବ୍ଲକ,ପୋଲିସ ଷ୍ଟେସନ, କୋର୍ଟ, ବିଦ୍ୟାଳୟ, ଶିଶୁ ବିଦ୍ୟାମନ୍ଦିର ଯୁବକ ସଂଘ ପକ୍ଷରୁ , ମେଡିକାଲ୍ , ଆଦି ବିଭିନ୍ନ ଅନୁଷ୍ଠାନ ତରଫରୁ ୭୯ତମ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି। ଅନୁଷ୍ଠାନର କର୍ମଚାରୀଙ୍କ ଉପସ୍ଥିତିରେ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି। ସ୍ୱାଧୀନତା ଦିବସ ଅବସରରେ ବିଭିନ୍ନ ସ୍ଥାନରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

ଆସିକା(ଭାସ୍କର ନ୍ୟୁଜ): ଭାରତବର୍ଷ ତାର ୭୯ ତମ ସ୍ୱାଧୀନତା ଦିବସ ପାଳନ କରୁଛି । ଏହି ଅବସରରେ ଆସିକାରେ ମଧ୍ୟ ବିଭିନ୍ନ ସରକାରୀ ଓ ବେସରକାରୀ ଅନୁଷ୍ଠାନର ସ୍ୱାଧୀନତା ଦିବସ ପାଳନ କରାଯାଇଛି । ଆସିକା ସହର ଉପକଣ୍ଠ ଟାଉନଲ ହଲ ପଡିଆ ଠାରେ ପତଞ୍ଜଳୀ ଯୋଗ ସମିତି ପକ୍ଷରୁ ଆୟୋଜିତ ସ୍ୱାଧୀନତା ଦିବସରେ ଗୋପବନ୍ଧୁବାଦୀ ତଥା ମାନବ ସେବା ସମିତି ଆବାହକ ଅବସରପ୍ରାପ୍ତ ଶିକ୍ଷକ ଗଣେଶ ରଥଙ୍କ ଦ୍ୱାରା ପତାକା ଉତ୍ତୋଳନ କରାଯାଇଥିଲା । ସେହିଭଳି ଆସିକା ଉପଖଣ୍ଡ ପୋଲିସ ଥାନାରେ ଏସଡିପିଓ ସନ୍ତୋଷ ଜେନା ପତାକା ଉତ୍ତୋଳନ କରିଥିଲେ। ଆସିକା ତହସିଲ କାର୍ଯ୍ୟାଳୟ ଠାରେ ତହସିଲଦାର ସଙ୍ଗୀତା ସେଣ, ଆସିକା କୋର୍ଟ ସ୍ଥିତ ଜଳସମ୍ପଦ କାର୍ଯ୍ୟାଳୟରେ ଏସଡିଓଙ୍କ ଦ୍ୱାରା ପତାକା ଉତ୍ତୋଳନ, ଆସିକା ବ୍ଲକ ପରିସର ଠାରେ ବିଡିଓ ଲିପିନା ଦାଶ ସମେତ ବିଭିନ୍ନ ଶିକ୍ଷାନୁଷ୍ଠାନ ଏବଂ ଆସିକା ପାନାସୋନିକ୍ କ୍ରିକେଟ କ୍ଲବ ସହ ସମସ୍ତ ସରକାରୀ ଓ ବେସରକାରୀ ଅନୁଷ୍ଠାନରେ ପତାକା ଉତ୍ତୋଳନ କରାଯାଇଥିଲା । ଏହି ଅବସରରେ ଆସିକା ବିଦ୍ୟୁତ ବିଭାଗ ଡିଭିଜନ-୧ କାର୍ଯ୍ୟାଳୟ ଠାରେ ମଧ୍ୟ ଧୁମଧାମରେ ସ୍ୱାଧୀନତା ଦିବସ ପାଳିତ ହୋଇଥିଲା ।





ନିଆଳି (ଭାସ୍କର ନ୍ୟୁଜ): ସ୍ୱେଚ୍ଛାସେବୀ ସଂଗଠନ 'ଆମ ଅଧିକାର' ଆନୁକୂଲ୍ୟରେ ୭୯ ତମ ସ୍ୱାଧୀନତା ଦିବସ ମହାସମାରୋହରେ ପାଳିତ ହୋଇଯାଇଛି ।ସଂଗଠନର ଉପସଭାପତି ଭବାନୀ ଶଙ୍କର ସାମନ୍ତରାୟ ଜାତୀୟ ପତାକା ଉତ୍ତୋଳନ କରିଥିବା ବେଳେ, ସମ୍ପାଦକ ପ୍ରମୋଦ ନାୟକ, ସୁକାନ୍ତ ବେହେରା, କମଳାକାନ୍ତ ମଲ୍ଲିକ, ପ୍ରଦୋଷ କୁମାର ବେହେରା, କୁନା ରାଉତରାୟ ବରିଷ୍ଠ ସଦସ୍ୟ ପ୍ରଦୀପ କୁମାର ମହାନ୍ତି ସମବେତ ଛାତ୍ରଛାତ୍ରୀଙ୍କୁ ସ୍ୱାଧୀନତା ପାଇଁ ବଳିଦାନ ଦେଇଥିବା କ୍ରାନ୍ତିକାରୀ ଅମର ବୀର ମାନଙ୍କ ବିଷୟରେ ଏବଂ ସ୍ୱାଧୀନତା ଦିବସ ବିଷୟ ଉଦବୋଧନ ଦେଇ ବଡ ହେଲେ ଦେଶପାଇଁ କାମ କରିବା ସହିତ ଚିନ୍ତା କରିବା କହିଥିଲେ।

ବ୍ୟାସନଗର(ଭାସ୍କର ନ୍ୟୁଜ): ସିପିଆଇଏମ ଓ ସିଆଇଟିୟୁ ପକ୍ଷରୁ ୭୯ତମ ସ୍ୱାଧୀନତା ଦିବସ ପରିପ୍ରେକ୍ଷୀରେ ସିପିଆଇଏମ ଜିଲ୍ଲା କାର୍ଯ୍ୟାଳୟ ସମ୍ମୁଖରେ ସ୍ୱାଧୀନତା ଦିବସ ପାଳନ କରାଯାଇଅଛି। ପ୍ରଥମେ ସିପିଆଇଏମ୍ ନେତା ଓ ସିଆଇଟିୟୁ ଯାଜପୁର ଜିଲ୍ଲା ସଭାପତି ପ୍ରଫୁଲ୍ଲ ନାୟକ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ପରେ ସେଠାରେ ଏକ ସଭା ପ୍ରଫୁଲ୍ଲ ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ଉକ୍ତ ସଭାରେ ଲାଲମଣି ମୁଣ୍ଡା, ସନ୍ତୋଷ ବରାଳ,ପାନି କିସ୍କୁ, ମାଳତି ହାଁସଦା, ବିକାଶ ଦାସ, ରଶ୍ମି ରେଖା ନାୟକ,ଗଙ୍ଗାଧର ନାଏକ,ଡଲି ନାଏକ,ଗୋପୀ ରାଓ, ଗୁରୁବାରି ଲାଗୁରୀ, ଇନତାଜ ଖାଁ, ଜୟରାମ ମୁର୍ମୁ ପ୍ରମୁଖ ବକ୍ତବ୍ୟ ଉପସ୍ଥାପନ କରିଥିଲେ। ପ୍ରଫୁଲ୍ଲ ନାୟକ ନିଜର ବକ୍ତବ୍ୟରେ କହିଥିଲେ ଯେ ୭୮ ବର୍ଷ ପରେ ବି ଦେଶର ମୌଳିକ ସମସ୍ୟାର ସମାଧାନ ହୋଇପାରିନାହିଁ। ଉତ୍କଟ ବେକାରୀ ସମସ୍ୟା, ଦରଦାମ ବୃଦ୍ଧି ଓ ସମ୍ବିଧାନ ସୁରକ୍ଷା ପାଇଁ ଲଢ଼ିବାକୁ ହେବ । ସମଗ୍ର ଦେଶରେ ଆଜି ଚାଷୀ, ବେକାର ଯୁବକ ଓ ଗରିବ ମହିଳା ଆତ୍ମହତ୍ୟା କରୁଛି। ସାମ୍ପ୍ରଦାୟିକ ଉତ୍ତେଜନା ଦେଖାଦେଉଛି। ଶ୍ରମିକମାନେ ନିଜର ସର୍ବନିମ୍ନ ମଜୁରୀ ପାଉନାହାନ୍ତି। ଏହା ବିରୁଦ୍ଧରେ ଏକ ବ୍ୟାପକ ଜନ ଆନ୍ଦୋଳନ ପାଇଁ ସେ ଆହ୍ୱାନ କରିଥିଲେ। ଶେଷରେ ରାଜେନ୍ଦ୍ର ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ।



# ନାବାଳିକା ଅପହରଣକାରୀଙ୍କୁ ୭ ବର୍ଷ ଜେଲ

କେନ୍ଦୁଝର(ଭାସ୍କର ନ୍ୟୁଜ): କେନ୍ଦୁଝର ଫାଷ୍ଟଟ୍ରାକ୍ କୋର୍ଟର ବିଚାରପତି ବିଜୟ କୁମାର ମିଶ୍ର ଏକ ନାବାଳିକା ଅପହରଣ ମାମଲାର ବିଚାର କରି ଦୈତାରୀ ଥାନା ଅନ୍ତର୍ଗତ ସାନସିଆଡିମାଳ ଗ୍ରାମର ଚିତ୍ତରଞ୍ଜନ ମହାନ୍ତକୁ ଦଫା ୩୬୩ ଓ ୩୬୬ ଆଇପିସିରେ ୭ ବର୍ଷ ସଶ୍ରମ କାରାଦଣ୍ଡ ସହ ୫ ହଜାର ଟଙ୍କା ଜୋରିମାନା ଏବଂ ଜୋରିମାନା ଅନାଦେୟ ଅଧିକ ୩ ମାସ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି । ଏଥିସହ ଚିତ୍ତରଞ୍ଜନ ଙ୍କ ବାପା ଗଙ୍ଗାଧର ମହାନ୍ତଙ୍କୁ ଅପହରଣ ପରେ ନାବାଳିକାକୁ ଧମକ ଦେଇଥିବାରୁ ଦଫା ୫୦୬ ଆଇପିସିରେ ୧ ବର୍ଷ ଜେଲ ଦଣ୍ଡାଦେଶ ସହ ଏକ ହଜାର ଟଙ୍କା ଜୋରିମାନା ଏବଂ ଜୋରିମାନା ଅନାଦେୟ ଅଧିକ ୧ ମାସ ଜେଲ ଦଣ୍ଡାଦେଶ ଶୁଣାଇଛନ୍ତି । ଘଟଣାରୁ ପ୍ରକାଶ ଯେ, ତା ୧୦।୧୨।୨୦୧୬ ରିଖ ଶନିବାର ଦିନ ନାବାଳିକା ପୀଡିତା ପରୀକ୍ଷା ଦେବାକୁ ବିଦ୍ୟାଳୟକୁ ଯାଇଥିଲା । ଦିନ ୩ଟା ରେ ପରୀକ୍ଷା ସରିବା ପରେ ନାବାଳିକା ଘରକୁ ନ ଫେରିବାରୁ ପୀଡିତାର ଘର ଲୋକ ଏଣେତେଣେ ଖୋଜାଖୋଜି କରିବା ପରେ ଜାଣିବାକୁ ପାଇଥିଲେ କି ଉପରୋକ୍ତ ଅଭିଯୁକ୍ତ ଚିତ୍ତରଞ୍ଜନ ମହାନ୍ତ ନାବାଳିକାକୁ ମୋଟର ସାଇକେଲରେ ଅପହରଣ କରି ଅନ୍ୟ ଏକ ଯୁବକଙ୍କ ପାଖକୁ ନେଇ ବାହା ହେବାକୁ ବାଧ୍ୟ କରିଥିଲେ । ଚିତ୍ତରଞ୍ଜନଙ୍କ ବାପା ଗଙ୍ଗାଧର ମହାନ୍ତ ପରେ ନାବାଳିକାକୁ ମଧ୍ୟ ବାହା ହେବାକୁ ଧମକ ଦେଇଥିଲା । ଏଣୁ ୧୫।୧୨।୨୦୧୬ ରେ ନାବାଳିକାର ବାପା ହରିଚନ୍ଦନପୁର ଥାନାରେ ଏକ ଲିଖିତ ରିପୋର୍ଟ କରିବା ପରେ ପୋଲିସ ନାବାଳିକାକୁ ବ୍ରାହ୍ମଣୀପାଳ ନିକଟରୁ ଉଦ୍ଧାର କରିବା ସହ ତା'ର ବୟାନ ନେଇ ଉପରୋକ୍ତ ଅଭିଯୁକ୍ତଙ୍କ ନାମରେ କେଶ ଦାଖଲ କରିଥିଲା । ବୁଧବାର କେନ୍ଦୁଝର ଫାଷ୍ଟଟ୍ରାକ୍ କୋର୍ଟ ବିଚାରପତି ବିଜୟ କୁମାର ମିଶ୍ର ୧୬ ଜଣ ସାକ୍ଷୀଙ୍କ ବୟାନକୁ ଭିତ୍ତି କରି ଅଭିଯୁକ୍ତ ଚିତ୍ତରଞ୍ଜନକୁ ୩୬୩ ଓ ୩୬୬ ଆଇପିସି ଏବଂ ଗଙ୍ଗାଧରକୁ ୫୦୬ ଆଇପିସି ରେ ଦୋଷୀ ସାବ୍ୟସ୍ତ କରି ଉପରୋକ୍ତ ଦଣ୍ଡାଦେଶ ଶୁଣାଇବା ସହ ପୀଡିତାକୁ ୨ଲକ୍ଷ ଟଙ୍କା ଅନୁକମ୍ପାମୂଳକ ରାଶି ପ୍ରଦାନ ନିମନ୍ତେ ଜିଲ୍ଲା ଆଇନସେବା ପ୍ରାଧିକରଣ କେନ୍ଦୁଝରକୁ ସୁପାରିଶ କରିଛନ୍ତି । ସରକାରଙ୍କ ତରଫରୁ ସ୍ୱତନ୍ତ୍ର ପିପି ଜ୍ଞାନେନ୍ଦ୍ର ନାଥ ଜେନା ମାମଲା ପରିଚାଳନା କରୁଥିଲେ ।

# କର୍କଟ ପୀଡିତା ଉମାରାଣୀଙ୍କୁ ଆର୍ଥିକ ସହାୟତା



ଏରସମା (ଭାସ୍କର ନ୍ୟୁଜ): ପବିତ୍ର ସ୍ୱାଧୀନତା ଦିବସ ଅବସରରେ ଜଗତସିଂହପୁର ଜିଲ୍ଲା ପାଟପୁର ପଞ୍ଚାୟତର ପାଟପୁର ଗ୍ରାମର କର୍କଟ ରୋଗରେ ପୀଡ଼ିତା ଉମାରାଣୀ ଦାସଙ୍କୁ ସହାୟତାର ହାତ ବଢ଼ାଇଛନ୍ତି ଓଡ଼ିଶାର ପ୍ରମୁଖ ଦାତବ୍ୟ ଟ୍ରଷ୍ଟ ମା' ତାରିଣୀ ହେଲପିଙ୍ଗ ହ୍ୟାଣ୍ଡସ । ସୂଚନା ଯୋଗ୍ୟ କି, ଉମାରାଣୀ ଜଣେ ଗରିବ ଶ୍ରେଣୀର ବ୍ୟକ୍ତି ଅଟନ୍ତି। ଗତ କିଛି ମାସ ହେବ ସେ କର୍କଟ ରୋଗରେ ପୀଡିତ ହୋଇ ବର୍ତ୍ତମାନ ଜୀବନ ମୃତ୍ୟୁ ସହ ସଂଗ୍ରାମ କରୁଛନ୍ତି। ସ୍ୱାମୀ ଆଣ୍ଠୁ ଗଣ୍ଠି ବାତ ରୋଗର ଶୀକାର ହୋଇ ଆଉ ମୂଲମଜୁରୀ ନ କରିପାରି ଘରେ ଅକାମୀ ହୋଇ ବସିଛନ୍ତି ।ତେଣୁ ପରିବାର ପାଖରେ ଦୁଇ ଓଳି ଦୁଇ ମୁଠା ଖାଇବାକୁ ନାହିଁ। ଅର୍ଥାଭାବରୁ ଚିକିତ୍ସାରେ ଅର୍ଥ ସାଜିଛି ବାଧକ। ବିଭିନ୍ନ ଗଣମାଧ୍ୟମରୁ ଏହି ଦୁଃଖଦ ଖବର ପାଇ ମା' ତାରିଣୀ ହେଲପିଙ୍ଗ ହ୍ୟାଣ୍ଡସର ସଭାପତି ତଥା ସମାଜସେବୀ ଇଂ ଶଙ୍ଖେଶ୍ୱର ପ୍ରସାଦ ମହାନ୍ତିଙ୍କ ପରାମର୍ଶ କ୍ରମେ ଉପସଭାପତି ବିଜୟ କୁମାର ସାହୁ, ବରିଷ୍ଠ ସଦସ୍ୟ ସୂର୍ଯ୍ୟକାନ୍ତ ରାଉତ, ନନ୍ଦନନ୍ଦନ ଜୟସିଂ, ଜୀବନଜ୍ୟୋତି ଜୟସିଂ, ହରେକୃଷ୍ଣ ବେହେରା, ସତ୍ୟବ୍ରତ ଦାସ, ସମ୍ବିତ ଦାସ ଓ ରାଜେଶ ତରାଇ ପ୍ରମୁଖ ଉମାରାଣୀଙ୍କ ବାସଭବନରେ ପହଞ୍ଚି ତାଙ୍କୁ ଦଶ ହଜାର (୧୦,୦୦୦/-) ଟଙ୍କାର ଆର୍ଥିକ ସହାୟତା ଏବଂ ଏକ ମାସର ରାସନ୍ ସାମଗ୍ରୀ ପ୍ରଦାନ କରିବା ସହ ତାଙ୍କର ଆଶୁ ଆରୋଗ୍ୟ କାମନା କରିଥିଲେ। ମା' ତାରିଣୀ ହେଲପିଙ୍ଗ ହ୍ୟାଣ୍ଡସର ଏଭଳି ବଦାନ୍ୟତା ପାଇଁ ଉମାରାଣୀଙ୍କ ପରିବାର କୃତଜ୍ଞତା ଜଣାଇଥିବା ବେଳେ ଅନୁଷ୍ଠାନର ଏହି କାର୍ଯ୍ୟକୁ ସ୍ଥାନୀୟ ଅଞ୍ଚଳରେ ଭୂୟସୀ ପ୍ରଶଂସା କରାଯାଇଛି ।



ଭୁବନେଶ୍ୱର(ଭାସ୍କର ନ୍ୟୁଜ): ବୀର ସୁରେନ୍ଦ୍ର ସାଏ ନଗରରେ ୭୯ତମ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି । ଉନ୍ନୟନ ପରିଷଦ ପକ୍ଷରୁ ଆୟୋଜିତ ପତାକା ଉତ୍ତୋଳନ କାର୍ଯ୍ୟକ୍ରମରେ ଉନ୍ନୟନ ପରିଷଦର ସାଧାରଣ ସମ୍ପାଦକ ଅଧିବକ୍ତା ଦିଲ୍ଲୀପ ଦାଶଶର୍ମା ମୁଖ୍ୟ ଅତିଥୀ ଭାବେ ଯୋଗ ଦେଇଥିବା ବେଳେ ସ୍ଥାନୀୟ କରପୋରେଟର ପ୍ରଭାସିନୀ ମହାନ୍ତି ପତାକା ଉତ୍ତୋଳନ କରିଥିଲେ । କଲୋନୀର ବରିଷ୍ଠ ସଦସ୍ୟ ତ୍ରିଲୋଚନ ରଥ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ । ଏହି କାର୍ଯ୍ୟକ୍ରମରେ ଯୁଗ୍ମ-ସମ୍ପାଦକ ରାମଚନ୍ଦ୍ର ସାମଲ, ଉତ୍କଳ ପାଣିଗ୍ରାହୀ, ନଳିନୀ କର, ସାଭେଦ ଖଲିଦ ଅହମଦ, ମନୋରଞ୍ଜନ ଦାସ, କିଶୁ ସାମଲ, ଦୁର୍ଗା ବେହେରା, ଇସାକ ଖାଁ, ମମତା ବେହେରା, ଇସା ମହାନ୍ତି ଓ କୈଳାଷ ରଣାଙ୍କ ସହିତ କଲୋନୀର ଛୋଟ ଛୋଟ ପିଲାମାନେ ଭାଗ ନେଇଥିବା ବେଳେ ଶିଶୁ ପ୍ରତିଭା ରୁଦ୍ରନାରାୟଣ ସାହୁ ଦେଶାତ୍ମକ କବିତା ପାଠ କରିଥିଲେ ।

### ଆନ୍ତଃ-ସ୍କୁଲ ପ୍ରତିଯୋଗିତା ରଙ୍ଗତୁଳି ଆୟୋଜିତ

# ଯୁବ କଳାକାରଙ୍କ କୃତିକୁ ବାଚସ୍ପତିଙ୍କ ପ୍ରଶଂସା




ଭୁବନେଶ୍ୱର(ଭାସ୍କର ନ୍ୟୁଜ): ରୋଟାରୀ କ୍ଲବ ଅଫ ଭୁବନେଶ୍ୱର ମିଡୋଜ୍ ପକ୍ଷରୁ ସଫଳତାର ସହିତ ଆନ୍ତଃ-ସ୍କୁଲ କଳା ପ୍ରତିଯୋଗିତା ରଙ୍ଗ ତୂଳୀ-୨୦୨୫ ଆୟୋଜିତ ହୋଇଯାଇଛି । ଏହି ଅତୀବ ଆକାଂକ୍ଷିତ କାର୍ଯ୍ୟକ୍ରମ ଚଳିତଥର ଏହାର ୪ର୍ଥ ସଂସ୍କରଣରେ ପହଞ୍ଚିଥିବା ବେଳେ ଏହା ସମଗ୍ର ସହରର ୧୦୦ରୁ ଅଧିକ ସ୍କୁଲରୁ ୫୦୦ରୁ ଅଧିକ ଯୁବ କଳାକାରଙ୍କୁ ଏକତ୍ରିତ କରିଥିଲା । ସେମାନେ ଦୁଇଟି ବର୍ଗରେ ପ୍ରତିଯୋଗିତା କରିଥିଲେ । ୫ମ ରୁ ୭ମ ଶ୍ରେଣୀ ପିଲାଙ୍କ ନିମନ୍ତେ 'ମୋ ସ୍ୱପ୍ନର ଭାରତ' ଶୀର୍ଷକ ରଖାଯାଇଥିବା ବେଳେ ୮ମରୁ ୧୦ଙ୍କ ଛାତ୍ର ଛାତ୍ରୀଙ୍କ ପାଇଁ ଯୁଦ୍ଧ ବିନା ବିଶ୍ୱ ବିଷବସ୍ତୁ ରଖାଯାଇଥିଲା । ଚନ୍ଦ୍ରଶେଖରପୁର ସ୍ଥିତ ରେଳ ଅଡିଟୋରିମରେ ଏହି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା ଏବଂ ଏହାକୁ ଓଡ଼ିଶା ବିଧାନସଭାର ବାଚସ୍ପତି ସୁରମା ପାଢ଼ୀ, ରୋଟାରୀଆନ ମନୋଜ କୁମାର ତ୍ରିପାଠୀ, ଡିଷ୍ଟ୍ରିକ୍ଟ ଗଭର୍ଣ୍ଣର ଆରଆଇଡି- ୩୨୬୨, କ୍ଲବ ଆଡଭାଇଜର ପିଡିଜି ଅଶ୍ୱିନୀ କର, ଆଦିତ୍ୟ ପ୍ରସାଦ ପାଢ଼ୀ, କ୍ଲବ ପ୍ରେସିଡେଣ୍ଟ, ପି.କେ ଅମର ସେକ୍ରେଟାରୀ, ପ୍ରୋଜେକ୍ଟ ଚେୟାର ସନ୍ତୋଷ ସେନାପତି, ପ୍ରଶାନ୍ତ କୁମାର, ଡିଜିଏମ ଏସବିଆଇ, ମିନତି ସିଂହ, ସବ୍-ଏଡ଼ିଟର ଟାଇମ୍ସ ଅଫ ଇଣ୍ଡିଆ ଉଦ୍ଘାଟନ କରିଥିଲେ । ଯୁବ ଅଂଶଗ୍ରହଣକାରି ଉଲ୍ଲେଖନୀୟ ସୃଜନଶୀଳତା ଓ କୌଶଳ ପ୍ରଦର୍ଶନ କରି ଏଭଳି କଳା କୃତି ସୃଷ୍ଟି କରିଥିଲେ ଯାହା ସେମାନଙ୍କ ଉଭୟ କଳ୍ପନା ଏବଂ କଳାତ୍ମକ ପ୍ରତିଭାକୁ ପ୍ରତିଫଳିତ କରିଥିଲା । ଗ୍ରୁପ୍-ବିରୁ ଅଚ୍ୟୁତ କୁମାର ରାୟ, ଓଡ଼ିଶା ଆଦର୍ଶ ବିଦ୍ୟାଳୟ, ବୈଭବ ଶୁଭଦର୍ଶୀ, ବିଜେଇଏମ୍-୧, ସାଇଶ୍ରୀ ସିଂହ, ଲୋୟଲା ସ୍କୁଲ, ଯଥାକ୍ରମେ ୧ମ, ୨ୟ ଓ ୩ୟ ପୁରସ୍କାର ଲାଭ କରିଥିଲେ । ଗ୍ରୁପ୍ -ଏରୁ ପାୟଲପ୍ରିୟା ବାରିକ, ଓଡ଼ିଶା ଆଦର୍ଶ ବିଦ୍ୟାଳୟ, ପ୍ରତ୍ୟାଶା ପ୍ରିୟଦର୍ଶିନୀ, ଡିଏଭି ଚନ୍ଦ୍ରଶେଖରପୁର, ଏବଂ ଜ୍ୟୋତିପ୍ରକାଶ ରାୟ, କେ ସି ବେହେରା ସରକାରୀ ୟୁପି ସ୍କୁଲ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ପୁରସ୍କାର ଲାଭ କରିଥିଲେ । ନିଜର ଅଭିଭାଷଣରେ ମୁଖ୍ୟ ଅତିଥି ସୁରମା ପାଢ଼ୀ ଯୁବ କଳାକାରଙ୍କୁ ସେମାନଙ୍କର ଉଲ୍ଲେଖନୀୟ କୃତି ପାଇଁ ପ୍ରଶଂସା କରିବା ସହିତ ରୋଟାରୀ କ୍ଲବ ଅଫ ଭୁବନେଶ୍ୱର ମିଡୋଜ୍ କୁ ଯୁବ ପ୍ରତିଭା ପରିପୋଷଣ ନିମନ୍ତେ ତାହାର ପ୍ରୟାସ ନିମନ୍ତେ ସାଧୁବାଦ୍ ଜଣାଇଥିଲେ । ରୋଟରିଆନ୍ ସ୍ୱପ୍ନିତା ଶତପଥୀ ଏବଂ ରୋଟରିଆନ୍ ପ୍ରଫେସର୍ ଡ଼. ଇଶା ମିଶ୍ର ଉଭୟ ଉଦଘାଟନ ଓ ପୁରସ୍କାର ପ୍ରଦାନ କାର୍ଯ୍ୟକ୍ରମକୁ ରଙ୍ଗତୁଳୀ-୨୦୨୫ର କୋର୍ ଟିମ୍ ସହାୟତାରେ ପରିଚାଳନା କରିଥିଲେ । ରୋଟାରୀଆନ୍ ରାମକୃଷ୍ଣ ପଣ୍ଡା କ୍ଲବ ବୁଲେଟିନ ଦି ମିଦୋଜ ପ୍ରକାଶନ ଉନ୍ମୋଚନକୁ ଅତିଥିଙ୍କ ସହିତ ସଂଯୋଜନା କରିଥିଲେ । ରୋଟାରୀ କ୍ଲବ ପ୍ରେସିଡେଣ୍ଟ ରୋଟରିଆନ୍ ଆଦିତ୍ୟ ପ୍ରସାଦ ପାଢ଼ୀ, ଇଭେଣ୍ଟ ଚେୟାର, ପାଷ୍ଟ ପ୍ରେସିଡେଣ୍ଟ ସନ୍ତୋଷ ସେନାପତି, ସମସ୍ତ ଅଂଶଗ୍ରହଣକାରୀ, ପ୍ରାୟୋଜକ, ଅଂଶୀଦାର, ରୋଟ୍ରାକ୍ଟାର ଏବଂ ସମୁଦାୟ କୋର୍ ଟିମ୍‌କୁ କାର୍ଯ୍ୟକ୍ରମର ସଫଳତା ନିମନ୍ତେ ସେମାନଙ୍କ ଅବଦାନ ପାଇଁ କୃତଜ୍ଞତା ଜଣାଇଥିଲେ ।




ଜୟଦେବ ଭବନର ୬୦ତମ ପ୍ରତିଷ୍ଠା ଦିବସରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି

## ସହରାଞ୍ଚଳରେ ନାଗରିକ ସେବାରେ ପରିବର୍ତ୍ତନ ପାଇଁ ଆରଟିପିଏସ୍ ଅଧିନିୟମ ସମ୍ପର୍କରେ ବୈଠକ

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ନାଗରିକ-ପ୍ରଥମ ଶାସନ ପ୍ରତି ପ୍ରତିବଦ୍ଧତାକୁ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର ଗୁରୁତ୍ୱ । ସହରାଞ୍ଚଳ ଶାସନ ଏବଂ ନାଗରିକ କୈନ୍ଦ୍ରିକ ସେବା ପ୍ରଦାନକୁ ସୁଦୃଢ଼ କରିବା ଉପରେ ଧ୍ୟାନ ଦେଇ ଗୃହନିର୍ମାଣ ଓ ନଗରଉନ୍ନୟନ ବିଭାଗ ଜନସେବା ଅଧିକାର (ଆରଟିପିଏସ) ଆଇନ ଉପରେ ଗତକାଲି ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ବିଭାଗର ପ୍ରମୁଖ ସଚିବ ଉଷା ପାଢୀ ବୈଠକରେ ଅଧ୍ୟକ୍ଷତା କରିଥିଲେ । ବିଭାଗ ପାଇଁ ନିଜର ଦୃଷ୍ଟିକୋଣ ବ୍ୟକ୍ତ କରି ଶ୍ରୀମତୀ ପାଢୀ କହିଛନ୍ତି, 'ଜନସେବା ଅଧିକାର ଆଇନ କେବଳ ସେବା ପ୍ରଦାନର ଏକ ଉପକରଣ ନୁହେଁ, ଏହା ଶାସନକୁ ପୁନଃ ପରିଭାଷିତ କରିବା ପାଇଁ ଏକ ପ୍ରତିବଦ୍ଧତା । ପ ଏହାକୁ ଆଗକୁ ନେବା ପାଇଁ ଦକ୍ଷତା ବିକାଶ, ସିଷ୍ଟମ ରି-ଇଞ୍ଜିନିୟରିଂ, ପ୍ରଭାବଶାଳୀ ରେକର୍ଡ ରଖିବା ଏବଂ ନାଗରିକ-ଭିତ୍ତିକ ସଂସ୍କାରର ଆବଶ୍ୟକତା ଉପରେ ସେ ଗୁରୁତ୍ୱାରୋପ କରିଥିଲେ । ବିଡିଏ ଉପାଧକ୍ଷ ଡ.ଏନ୍. ତିରୁମାଲା ନାୟକ, ପୌର ପ୍ରଶାସନ ନିର୍ଦ୍ଦେଶକ ଅରିନ୍ଦମ ଡାକୁଆ, ବିଏମ୍‌ସିର କମିଶନର ଚଞ୍ଚଳ ରାଣା, ଅତିରିକ୍ତ ସଚିବ ରବୀନ୍ଦ୍ର କୁମାର ସାହୁ ଏବଂ ଅତିରିକ୍ତ ସଚିବ ଏସ୍. ରାଉତ୍ରେଙ୍କ ସମେତ ଅନ୍ୟ ପଦଧିକାରୀ ଖାରବେଳ ଭବନର ତୃତୀୟ ମହଲା ସମ୍ମିଳନୀ କକ୍ଷରେ ଆୟୋଜିତ ବୈଠକରେ ଅଂଶଗ୍ରହଣ କରିଥିଲେ । ବୈଠକରେ ଏକ ପ୍ରଶାସନିକ ଢାଞ୍ଚା ନିର୍ମାଣ ପାଇଁ ବିଭାଗର ପ୍ରତିବଦ୍ଧତାକୁ ଦୋହରା ଯାଇଥିଲା ଯାହା ନାଗରିକଙ୍କୁ ପ୍ରଥମେ ରଖେ ଏବଂ ସମଗ୍ର ସହରାଞ୍ଚଳରେ ସମୟୋଚିତ, ସ୍ୱଚ୍ଛ ଏବଂ ଉତ୍ତରଦାୟୀ ସାର୍ବଜନୀନ ସେବା ସୁନିଶ୍ଚିତ କରେ ।

## ଆଶାକର୍ମୀଙ୍କୁ ୱାର୍କର ମାନ୍ୟତା ଦାବି

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଏଆଇଟିୟୁସି ସହବନ୍ଧିତ ନିଖିଳ ଓଡ଼ିଶା ଆଶା କର୍ମୀ ସଂଘ ତରଫରୁ ଆଗାମୀ ଦିନରେ ବ୍ୟାପକ ଆନ୍ଦୋଳନ ଇଁ ଆଜି ଏଆଇଟିୟୁସି କାର୍ଯ୍ୟାଳୟରେ ସଂଘର ଉ ସଭାପତି ପାନନ ମହାକୁଡ଼ଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଆହ୍ୱାନ ଦିଆଯାଇଛି । ଏଥିରେ ଯୋଗ ଦେଇ ଏଆଇଟିୟୁସିର ରାଜ୍ୟ ସାଧାରଣ ସମ୍ପାଦକ ବିଜୟ ଜେନା ତାଙ୍କ ବକ୍ତବ୍ୟରେ ବର୍ତ୍ତମାନର ସରକାର କ୍ଷମତାକୁ ଆସିବା ପରେ ଦୀର୍ଘ ଏକ ବର୍ଷ ହେଲା ନିୟମିତ ଭାବେ ମିଳୁନାହିଁ । ପ୍ରତିମାସ ଧାର୍ଯ୍ୟ ଭତ୍ତା ତିନି କିସ୍ତିରେ ମିଳୁଥିଲାବେଳେ ଅନ୍ୟାନ୍ୟ ପ୍ରୋତ୍ସାହନ ରାଶି ତଥ୍ୟ ସଠିକ୍ ଭାବେ ଜଣାପଡୁନାହିଁ । ସ୍ୱାସ୍ଥ୍ୟକାର୍ଡ ଯୋଜନାରେ କାର୍ଡ ବଣ୍ଟନର ଦାୟିତ୍ୱ ଆଶାକର୍ମୀଙ୍କୁ ଦିଆଯାଇଥିବାବେଳେ ବହୁ ପରିବାରର ବହୁ ବ୍ୟକ୍ତି କାର୍ଡ ପାଇନଥିବାରୁ ଅଯଥାରେ ଆଶାକର୍ମୀମାନଙ୍କୁ ଦୁର୍ବ୍ୟବହାର କରିବା ସହିତ ମାଡ ମାରିବାକୁ ପଛାଇ ନାହାନ୍ତି । ତେଣୁ ଆଶା କର୍ମୀଙ୍କ ଭତ୍ତା ବୃଦ୍ଧି, ଜାତୀୟ ଶ୍ରମ ସମ୍ମିଳନୀ ଅନୁସାରେ ୱାର୍କର ମାନ୍ୟତା, ଚାକିରିର ବୟସ ସୀମା ୬୨ବର୍ଷରୁ ୬୫ବର୍ଷକୁ ବୃଦ୍ଧି, ଅବସରକାଳୀନ ପ୍ରାପ୍ୟ ଏକ ଲକ୍ଷରୁ ପା ଲକ୍ଷଟଙ୍କାକୁ ବୃଦ୍ଧି, କେନ୍ଦ୍ର ସରକାରଙ୍କ ସୁପାରିଶ ଅନୁସାରେ ବସ୍ ଓ ଟ୍ରେନ୍ ପାସ, ନରସିଂ ତାଲିମ ଓ ଏଏନ୍‌ଏମ୍ ନିଯୁକ୍ତି ପାଇଁ କୋଟା ଧାର୍ଯ୍ୟ ଓ ଅନ୍ୟାନ୍ୟ ଦାବିରେ ବ୍ୟାପକ ଆନ୍ଦୋଳନ ପାଇଁ ଆହ୍ୱାନ ଦେଇଥିଲେ ଏବଂ ଆଗାମୀ ସେପ୍ଟେମ୍ବର ୪ରେ ମହାସମାବେଶରେ ସମସ୍ତ ଆଶାକର୍ମୀ ଯୋଗଦେବା ପାଇଁ ନିବେଦନ କରିଥିଲେ । ଏହି ବୈଠକରେ ସାଧାରଣ ସମ୍ପାଦିକା ନମିତା ସାହୁ ପ୍ରାରମ୍ଭିକ ସୂଚନା ଦେବାପରେ ଏଆଇଟିୟୁସି ରାଜ୍ୟ କାର୍ଯ୍ୟକାରୀ କମିଟି ସଭ୍ୟ ସୁରଜେନା ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରଥିଲେ ।

## ଗୃହ, ସେତୁ ଓ ରାସ୍ତା ନିର୍ମାଣର ସମୀକ୍ଷା କଲେ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ



ଭୁବନେଶ୍ୱର(ଭାସ୍କର ନ୍ୟୁଜ): ମନ୍ତ୍ରୀ ରବିନାରାୟଣ ନାଏକଙ୍କ ଅଧ୍ୟକ୍ଷତାରେ ଭୁବନେଶ୍ୱର ସ୍ଥିତ ସର୍ବୋଚ୍ଚ ଯନ୍ତ୍ରୀଙ୍କ କାର୍ଯ୍ୟାଳୟର ସମ୍ମିଳନୀ କକ୍ଷରେ ଗ୍ରାମ୍ୟ ଉନ୍ନୟନ ବିଭାଗର ରାଜ୍ୟସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଛି । ଗ୍ରାମ୍ୟ ଉନ୍ନୟନ ବିଭାଗର ୬୦ ବିଭାଜନର କାର୍ଯ୍ୟକୁ ବିସ୍ତୃତ ସମୀକ୍ଷା କରି ମନ୍ତ୍ରୀ ଶ୍ରୀ ନାଏକ ନିର୍ଦ୍ଧାରିତ ସମୟ ମଧ୍ୟରେ ଉନ୍ନତମାନକୁ ବଜାୟ ରଖି ସମସ୍ତ ନିର୍ମାଣ କାର୍ଯ୍ୟ ଶେଷ କରିବାକୁ ନିର୍ଦ୍ଦେଶ ଦେବାସହ ବିଳମ୍ବ ହେଲେ ଅଧିକାରୀଙ୍କ ଦରମା କାଟ ହେବ ବୋଲି ତାଗିଦ କରିଛନ୍ତି । ଗ୍ରାମ୍ୟ ଉନ୍ନୟନ ବିଭାଗର ସମୀକ୍ଷା ବୈଠକରେ ବିଭାଗ ଦ୍ୱାରା କାର୍ଯ୍ୟକାରୀ ସମସ୍ତ ଯୋଜନାର ସମୀକ୍ଷା ହୋଇଥିଲା । ରାଜ୍ୟର ସମସ୍ତ ୬୦ ଗ୍ରାମ୍ୟ ନିର୍ମାଣ ବିଭାଜନର ସମସ୍ତ ନିର୍ମାଣ କାର୍ଯ୍ୟକୁ ମନ୍ତ୍ରୀ ସମୀକ୍ଷା କରିଥିଲେ । ପିଏମ୍ ଜିଏସ୍‌ୱାଇ-୪ରେ ରାଜ୍ୟ ଜାତୀୟସ୍ତରରେ ଉନ୍ନତ ପ୍ରଦର୍ଶନ କରିଥିବାରୁ ସେ ବିଭାଗର ସମସ୍ତଙ୍କୁ ଅଭିନନ୍ଦନ ଜଣାଇଥିଲେ । ଏହି ଯୋଜନାରେ କଳାହାଣ୍ଡି, ନବରଙ୍ଗପୁର, ରାୟଗଡ଼ା ଆଦି ଜିଲ୍ଲାରେ ସାଚୁରେସନ୍ ମୋଡ୍ ରେ ନିର୍ମାଣ କାର୍ଯ୍ୟ ହୋଇଥିବାରୁ ସେ ପ୍ରସନ୍ନତା ବ୍ୟକ୍ତ କରିଥିଲେ । ଏହା ସହ ଆର୍ଥିକ ବର୍ଷ ୨୦୨୫-୨୬ ରେ ଅନ୍ୟ ଯୋଜନା ଗୁଡ଼ିକର ନିର୍ମାଣ ଲକ୍ଷ୍ୟ ବିଷୟରେ ଆଲୋଚନା ହୋଇଥିଲା । ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନା ଅଧୀନରେ ୫୨୧ ପ୍ରକଳ୍ପରେ ନିର୍ମାଣ ହେବାକୁଥିବା ୫୦୦୦ କିମି ରାସ୍ତା, ସେତୁ ବନ୍ଧନ ଯୋଜନାରେ ୪୦୦ ସେତୁ ଓ ୨୫୩ଟି କୋଠାର ନିର୍ମାଣ ଅଗ୍ରଗତି ବିଷୟରେ ସବିଶେଷ ସମୀକ୍ଷା କରି ମନ୍ତ୍ରୀ ସନ୍ତୋଷ ପ୍ରକାଶ କରିଥିଲେ । କିଛି ବିଭାଜନ ଆଶାନୁରୂପ ପ୍ରଦର୍ଶନ କରିନଥିବାରୁ ସେଠାକାର ସ୍ଥିତି ଓ ଉନ୍ନତ ପ୍ରଦର୍ଶନର ମାର୍ଗ ବିଷୟରେ ଆଲୋଚନା ହୋଇଥିଲା । ସେହି ବିଭାଜନର ଅଧିକାରୀ ଅଧିକ ଯତ୍ନଶୀଳ ହେବାପାଇଁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ । ଏହି ବୈଠକରେ ପ୍ରାରମ୍ଭିକ ବକ୍ତବ୍ୟ ରଖି ବିଭାଗୀୟ ଆୟୁକ୍ତ ତଥା ଶାସନ ସଚିବ ଯାମିନୀ ଷଡଙ୍ଗୀ ୬୦ ବିଭାଜନର ନିର୍ମାଣ କାର୍ଯ୍ୟ ଓ ଅନ୍ୟକ୍ଷନ୍ୟ ଆନୁଷଙ୍ଗିକ ଦିଗ ବିଷୟରେ ମନ୍ତ୍ରୀଙ୍କୁ ସୂଚିତ କରିଥିଲେ । ସର୍ବୋଚ୍ଚ ଯନ୍ତ୍ରୀ ପ୍ରଦୀପ କୁମାର ଜେନା ସମୀକ୍ଷା ବୈଠକକୁ ସମସ୍ତଙ୍କୁ ସ୍ୱାଗତ ଜଣାଇବା ସହ ବିଭିନ୍ନ ନିର୍ମାଣ କାର୍ଯ୍ୟ ବିଷୟରେ ତଥ୍ୟ ରଖିଥିଲେ । ସର୍ବୋଚ୍ଚ ଯନ୍ତ୍ରୀ ପ୍ରସନ୍ନ କୁମାର ସାହୁ, ସର୍ବୋଚ୍ଚ ଯନ୍ତ୍ରୀ ଦେବେନ୍ଦ୍ର ସେଠ ବିଭିନ୍ନ ପ୍ରକଳ୍ପ ନିର୍ମାଣ ବିଷୟରେ ମନ୍ତ୍ରୀଙ୍କୁ ସୂଚିତ କରିଥିଲେ । ବରିଷ୍ଠ ଅଧିକାରୀଗଣ ସର୍ବେଶ୍ୱର ସିଂ, ଗୀତାରାଣୀ ପଟ୍ଟନାୟକ, ସଂଘମିତ୍ରା ଶତପଥୀ, ସମସ୍ତ ବରିଷ୍ଠ ଯନ୍ତ୍ରୀ, ୬୦ ଟି ବିଭାଜନର କ୍ଷେତ୍ରୀୟ ଅଧିକାରୀ ତଥା ଯନ୍ତ୍ରୀ ମନ୍ତ୍ରୀଙ୍କଠାରୁ ଦିଗଦର୍ଶନ ପ୍ରାପ୍ତ ହୋଇଥିଲେ ।

## ଅପେରସନ 'ଗରୁଡ଼' ଅଭିଯାନରେ ଅପରାଧୀଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ଯୋଗେଶ ବାହାଦୁର ଖୁରାନିଆଙ୍କ ନିର୍ଦ୍ଦେଶ କ୍ରମେ ଗତ ଅଗଷ୍ଟ ୧ ତାରିଖରୁ ରାଜ୍ୟର ସମସ୍ତ ଜିଲ୍ଲା ପୋଲିସ ଏସପିଙ୍କ ନେତୃତ୍ୱରେ ଅପେରସନ'ଗରୁଡ଼' ଅଭିଯାନକୁ କାର୍ଯ୍ୟକାରୀ କରାଯାଇଥିଲା । ଏହି ଅଭିଯାନର ଦ୍ୱିତୀୟ ସପ୍ତାହ ଅର୍ଥାତ ଚଳିତ ଅଗଷ୍ଟ ୧୬ ତାରିଖ ପର୍ଯ୍ୟନ୍ତ ଅପରାଧ ଏବଂ ଅପରାଧୀଙ୍କ ବିରୁଦ୍ଧରେ ପୋଲିସ ପକ୍ଷରୁ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିଲା । ଏହି ଅଭିଯାନରେ ମୁଖ୍ୟତଃ ଜାମିନ ବିହୀନ ୱାରେଣ୍ଟକୁ କାର୍ଯ୍ୟକାରୀ କରିବା, ନିଶା ଦ୍ରବ୍ୟ ଚୋରା ଚାଲାଣକୁ ରୋକିବା, ବେଆଇନ ଅସ୍ତ୍ରଶସ୍ତ୍ର ଜବତ ଏବଂ ଅପରାଧୀଙ୍କୁ ଗିରଫ କରିବା, ଜୁଆ ଆଡ୍ଡା ଉପରେ ଚଢ଼ାଉ ଏବଂ ବିଭିନ୍ନ ଅପରାଧରେ ସମ୍ପୃକ୍ତ ଥିବା ଅଭିଯୁକ୍ତଙ୍କୁ ଗିରଫ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା । ଏହି ଅପରେସନର ଦ୍ୱିତୀୟ ସପ୍ତାହରେ ସମସ୍ତ ଜିଲ୍ଲାର ଏସପି ଓ ଅନ୍ୟାନ୍ୟ ଅଧିକାରୀ ସାମିଲ ହୋଇ ଅପରାଧ ଏବଂ ଅପରାଧୀଙ୍କୁ ରୋକିବାରେ ଉଲ୍ଲେଖନୀୟ ସଫଳତା ହାସଲ କରିଛନ୍ତି । ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ ( ଆଇନ ଓ ଶୃଙ୍ଖଳା) ସଞ୍ଜୟ କୁମାରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ଅପରେସନ ସାରା ରାଜ୍ୟରେ କାର୍ଯ୍ୟକାରୀ ହେଉଛି । କାର୍ଯ୍ୟକାରୀ ହୋଇଥିବା ଏନବିଡବ୍ଲ୍ୟୁ- ୩,୬୪୩, ଅବକାରୀ ମାମଲା :- ୧୮୦୬ ମାମଲା, ୪୭, ୧୦୫.୫୬ ଲିଟର ମଦ ଏବଂ ନଗଦ ୩,୪୦୦ ଟଙ୍କା ଜବତ, ଜବତ ହୋଇଥିବା ବେଆଇନ ଅସ୍ତ୍ରଶସ୍ତ୍ର ଏବଂ ଟଙ୍କା :- ୬୩ ଅସ୍ତ୍ରଶସ୍ତ୍ର, ୯୫ ଗୁଳିଗୋଳା, ୧,୪୫,୫୦୦ ଟଙ୍କା, ୧ଟି କାର, ୩ଟି ବାଇକ୍ ଏବଂ ୦୨ଟି ଖାଲି ମାଗାଜିନ ଜବତ ହୋଇଛି । ଗଞ୍ଜେଇ ଜବତ ସହିତ ଏନଡିପିଏସ୍ ମାମଲା:- ୫୭ଟି ମାମଲା ସହିତ ୩୦୩୦.୩୫ କିଲୋଗ୍ରାମ ଗଞ୍ଜେଇ ଏବଂ ୬୬୪ ଗ୍ରାମ ବ୍ରାଉନସୁଗାର ଜବତ, (୯ ଟି କାର, ୧୨ ଟି ବାଇକ୍ ଏବଂ ୮୯,୫୨୦ ଟଙ୍କା), ଜୁଆ ମାମଲା :- ୭୦ଟି ମାମଲା, ୬,୨୮,୭୨୫ ଟଙ୍କା , ୩ ଟି କାର, ୫୨ ଟି ମୋଟର ସାଇକେଲ ଏବଂ ୪୭ଟି ମୋବାଇଲ୍ ଫୋନ୍ ଜବତ ହୋଇଛି ।

## ମା' ସୁଭଦ୍ରାଙ୍କ ଜନ୍ମୋତ୍ସବ ପାଳିତ



ଭୁବନେଶ୍ୱର(ଭାସ୍କର ନ୍ୟୁଜ): ମା' ଆଦିଶକ୍ତି ଟ୍ରଷ୍ଟ ଇଣ୍ଡିଆ ସଂଯୋଜନାରେ ରବିବାର ମା' ସୁଭଦ୍ରାଙ୍କ ଜନ୍ମଦିନ ପାଳିତ ହୋଇଛି । ଏହି ଅବସରରେ ଧରାପୃଷ୍ଠରେ ମା' ଯୋଗମାୟାଙ୍କୁ ସମସ୍ତେ ଆରତୀ ଗାଇ ସ୍ୱାଗତ କରିଥିଲେ । ମା' ସୁଭଦ୍ରା କହୁଛନ୍ତି..ମୁଁ ଯୋଗମାୟା । ମୁଁ ହିଁ ଜଗଜ୍ଜନନୀ... ମୁଁ ହିଁ ସୁଭଦ୍ରା... ମୁଁ ହିଁ ବିଜୁଳିକନ୍ୟା...ମୁଁ ହିଁ ଦୁର୍ଗା, ଭଦ୍ରକାଳୀ । ସାରା ସଂସାର ମୋହରି ମାୟାରେ ହିଁ ଚଳଚଞ୍ଚଳ । ସେହି ମାୟାରେ ହିଁ ସାରା ବିଶ୍ୱକୁ ମୁଁ ବାନ୍ଧି ରଖିଛି । ଯେଉଁ ମାୟା ସ୍ୱୟଂ ନାରାୟଣଙ୍କୁ ବି ଅଗୋଚର । ଯୋଗମାୟା ସୁଭଦ୍ରାଙ୍କ ଜନ୍ମୋତ୍ସବ । ଶ୍ରୀମନ୍ଦିରରେ ପୂଜାପଣ୍ଡା, ପତିମହାପାତ୍ର, ମୁଦିରସ୍ତଙ୍କ ବନ୍ଦାପନା ପରେ ଦୁର୍ଗାଙ୍କୁ ଭଣ୍ଡାର ଘରୁ ଆଣି ସିଂହାସନ ଉପରେ ସୁଭଦ୍ରାଙ୍କ ବାଡରେ ବସାଯାଏ । ପତି ମହାପାତ୍ର ସିଂହାସନ ଉପରେ ଚଢି ସୁଭଦ୍ରାଙ୍କଠାରୁ ଆଜ୍ଞାମାଳ ନେଇ ଦୁର୍ଗାଙ୍କୁ ଲାଗି କରିବା ପରେ ପତିମହାପାତ୍ର ତାଙ୍କୁ ହାତରେ ବିଜେ କରି ଜଗମୋହନରେ ଲାଗିଥିବା ଦୋଳିର ସାମ୍ନାରେ କାଠନିର୍ମିତ ସିଂହାସନ ଉପରେ ବିଜେ କରନ୍ତି । ପୂଜାପଣ୍ଡା ସେଠାରେ ଦୁର୍ଗାଙ୍କ ପାଖରେ ବରୁଣ ପୂଜା, ତାପରେ ମହାସ୍ନାନ, ଲୁଗାଲାଗି, ଭୋଗ ପରେ ବନ୍ଦାପନା ହୋଇ ହାତରେ ବିଜେ ହୋଇ ସାତପାହାଚରେ ଡମ୍ବରୁ ଉପରେ ବିଜେ ହୁଅନ୍ତି । ସେଠାରେ ବିଜୁଳି କନ୍ୟା ନୀତି ହୁଏ । ଜନୈକ ସେବକ କାଠର ଏକ ବିଜୁଳି କନ୍ୟାକୁ ଦୂରକୁ ଫିଙ୍ଗି ଦିଅନ୍ତି, ଏହାପରେ ଆଳତୀ ହୋଇ ଦୁର୍ଗା ଭଣ୍ଡାର ଘରକୁ ବିଜେ କରନ୍ତି । ମଝିବାଡ ଓ ମହାପ୍ରଭୁଙ୍କ ବାଡରେ ଷଷ୍ଠୀ ମାର୍କଣ୍ଡି ପୂଜା ହୁଏ । ଶ୍ରୀମନ୍ଦିରରେ ଦୁର୍ଗା ଜନ୍ମଉତ୍ସବ ନୀତି ସମାପନ ହେବା ପରେ ନନ୍ଦଉତ୍ସବ ହୋଇ ଥାଏ । ମା ସୁଭଦ୍ରା ତତ୍ତ୍ୱ ଶ୍ରୀ ଜଗନ୍ନାଥ ତତ୍ତ୍ୱରେ ଦେବୀ ସୁଭଦ୍ରାଙ୍କ ଉପସ୍ଥିତ ଅତ୍ୟନ୍ତ ଗରୁତ୍ୱ ପୂର୍ଣ୍ଣ । ଦ୍ୱିବିହ ତତ୍ତ୍ୱରେ ଶଙ୍କର୍ଷଣ ଶିବ ରୂପରେ ଗୃହୀତ ହେଲେ । ପରବର୍ତ୍ତୀ ସମୟରେ ଦେବୀ ସୁଭଦ୍ରା, ଜଗନ୍ନାଥ ଓ ବଳଭଦ୍ରଙ୍କ ସହିତ ବିରାଜିତ ହେଲେ । ଗୋଟିଏ ହାତରେ ପଦ୍ମ ଓ ଅନ୍ୟ ହାତରେ ଅଭୟ ଦାନ କରୁଥିବାର ବର୍ଣ୍ଣନା ରହିଛି । ନୀଳମାଧ୍ୱ ତତ୍ତ୍ୱରେ ଜଗନ୍ନାଥ ଧର୍ମର ପ୍ରାଚୀନତା ନିହିତ ଥିବା କୁହାଯାଇଥାଏ ।

## କଂଗ୍ରେସରେ ଯୋଗଦେଲେ ବିଜେଡି ଓ ବିଜେପି ନେତା

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ରାହୁଲ ଗାନ୍ଧୀଙ୍କ ନୀତି ଆଦର୍ଶ ଓ କଂଗ୍ରେସର ଚିନ୍ତାଧାରା ତଥା ପିସିସି ସଭାପତି ଭକ୍ତ ଚରଣ ଦାସଙ୍କ ନେତୃତ୍ୱ ପ୍ରତି ଆସ୍ଥା ପ୍ରକଟ କରି ସାଲେପୁର, କେଉଁଝର, ଭୁବନେଶ୍ୱର ଏବଂ ଖୋର୍ଦ୍ଧା ସାଙ୍ଗଠନିକ ଜିଲ୍ଲାର ବହୁ ବିଜେଡି ଓ ବିଜେପି ପଦାଧିକାରୀ ସରପଞ୍ଚ, ଜିଲ୍ଲା ପରିଷଦ ପ୍ରାର୍ଥୀ ସମିତି ସଭ୍ୟଙ୍କ ସହିତ ବହୁ କର୍ମକର୍ତ୍ତା ନିଜ ନିଜ ଦଳ ପରିତ୍ୟାଗ କରି ରବିବାରକଂଗ୍ରେସ ଦଳରେ ଯୋଗ ଦେଇଛନ୍ତି । କଂଗ୍ରେସ ଭବନରେ ଅନୁଷ୍ଠିତ ଏକ ମିଶ୍ରଣ ପର୍ବରେ ପିସିସି ସଭାପତି ଭକ୍ତ ଚରଣ ଦାସ, ଓଡିଶା ପ୍ରଭାରୀ ଅଜୟ କୁମାର ଲଲ୍ଲୁ, କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡ଼ାମ, ଏଆଇସିସି ସହ ପ୍ରଭାରୀ ଚୌଧୁରୀ ଶାହାନୱାଜ, ପିସିସି ଉପସଭାପତି ସନ୍ତୋଷ ସିଂ ସାଲୁଜା ପ୍ରମୁଖ ନେତୃବୃନ୍ଦ ଅନ୍ୟ ଦଳ ଛାଡି କଂଗ୍ରେସରେ ଯୋଗ ଦେଇଥିବା ପଦାଧିକାରୀଙ୍କୁ ଦଳୀୟ ଟୋପି, ଉତ୍ତରୀୟ ଦେଇ ଦଳକୁ ସ୍ୱାଗତ କରିଥିଲେ । ପିସିସି ସଭାପତି ଶ୍ରୀ ଦାସ କହିଥିଲେ, ତୃଣମୂଳ ସ୍ତରରେ ଲୋକଙ୍କ କଂଗ୍ରେସ ପ୍ରତି ଆସ୍ଥା ଏବଂ ବିଶ୍ୱାସ ବୃଦ୍ଧି ପାଇବାରେ ଲାଗିଛି । ରାହୁଲ ଗାନ୍ଧୀ ଭୋଟ ଚୋରୀ ଘଟଣା ଲୋକ ଲୋଚନକୁ ଆଣି ବିଜେପିର ଅସଲ ଚରିତ୍ରର ପର୍ଦାଫାଶ କରିଛନ୍ତି । ଯୋଗଦେଇ ଥିବା ସମସ୍ତ କର୍ମୀ ବର୍ତ୍ତମାନ କଂଗ୍ରେସ ପରିବାର ଜଣେ ଜଣେ ସଦସ୍ୟ ଅଟନ୍ତି । ପୂର୍ବତନ ସାଂସଦ ଯୋଶବନ୍ତ ନାରାୟଣ ସିଂ ଲାଗୁରୀଙ୍କ ତତ୍ତ୍ୱାବଧାନରେ କେନ୍ଦୁଝରରୁ ସାପଡା ବ୍ଲକର ପୂର୍ବତନ ଅଧ୍ୟକ୍ଷ ଗୌରହରି ନାୟକ, ସରପଞ୍ଚ ଅନିରୁଦ୍ଧ ନାୟକ, ସରପଞ୍ଚ ମନୋହର ବେହେରା, ନାଏବ ସରପଞ୍ଚ ଭଗିଆ ଦାସ, ପୂର୍ବତନ ସରପଞ୍ଚ ସୁଚିତ୍ର ନାୟକ, କଟକ ଗ୍ରାମାଞ୍ଚଳ ଜିଲ୍ଲା ସଭାପତି ପ୍ରଦୀପ୍ତ କୁମାରଙ୍କ ତତ୍ତ୍ୱାବଧାନରେ କଟକ ଗ୍ରାମାଞ୍ଚଳ ଜିଲ୍ଲା ସଭାପତି ପ୍ରଦୀପ୍ତ କୁମାର ଦାସଙ୍କ ତତ୍ତ୍ୱାବଧାନରେ ସାଲେପୁର ନିର୍ବାଚନ ମଣ୍ଡଳୀର ବିଜେଡି ଓ ବିଜେପିର ବହୁ କାର୍ଯ୍ୟକର୍ତ୍ତା ଯଥାକ୍ରମେ ବିଜେଡିର ହେମନ୍ତ ବିଶ୍ୱାଳ, ହେମନ୍ତ ସାହୁ, ଭରତ ଦାସ, ଜାହିଦ ବେଗ, ମିର୍ଜାନ ଅକମାଲ ବେଗ, ଚନ୍ଦ୍ରମଣି ବେହେରା, ଅଶୋକ କୁମାର ବିଶ୍ୱାଳ, ନାରାୟଣ ବିଶ୍ୱାଳ, ନାରାୟଣ ଦଳେଇ, ବିକାଶ ସାହୁ, ମୁନା ସିଂ, ସୁର ସାମଲ, ସାଇ ପ୍ରତୁଷା କର,ଓମ ପ୍ରକାଶ ସାହୁ ଏବଂ ବିଜେପରୁ ଚନ୍ଦ୍ର ବିଶ୍ୱାଳ, ଅଜୟ ସାମଲ, ଅକ୍ଷୟ କୁମାର, ବାପି ଦେହୁରୀ ପ୍ରଖୁଖ ଯୋଗ ଦେଇଥିଲେ । ଭୁବନେଶ୍ୱର ଜିଲ୍ଲା ସଭାପତି ବିଶ୍ୱଜିତ ଦାଶଙ୍କ ତତ୍ତ୍ୱାବଧାନରେ ୨୯ ନସ ଜୋନର ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ଦେବେନ୍ଦ୍ର କୁମାର ନାଏକ, ପୂର୍ବତନ ବିଜେଡି ୱାର୍ଡ ସଭାପତି କରୁଣାକର ରାଉତ, ୱାର୍ଡ ନଂ ୬୩ର ବିଦ୍ୟୁତ ଯନ୍ତ୍ରୀ ପ୍ରଦ୍ୟୁମ୍ନ ଦାଶ, ବିଜେଡି ଓ ବିଜେପିର ପୂର୍ବତନ ଅଫିସ ପଦାଧିକାରୀ ଅଲେଖ ଦାସ ଓ ଅଲେଖ ମଲ୍ଲିକ ପ୍ରମୁଖ ଯୋଗ ଦେଇଛନ୍ତି ।

## କେନ୍ଦ୍ରୀୟ ରାମଲୀଳା ପ୍ରଚାର ସମିତିର ସଂକ୍ରାନ୍ତି ଉତ୍ସବ

କଟକ(ଭାସ୍କର ନ୍ୟୁଜ୍): କେନ୍ଦ୍ରୀୟ ରାମଲୀଳା ପ୍ରଚାର ସମିତିର ସଂକ୍ରାନ୍ତି ଉତ୍ସବ ସମିତିର ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି । ସଭାପତି ଚୌଧୁରୀ କାଶୀନାଥ ମଲ୍ଲିକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବର ଲୋକସଂପର୍କ ପ୍ରମୁଖ କୈଳାସ ଚନ୍ଦ୍ର ଜେନା ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ । ସର୍ବବ୍ୟବସ୍ଥାପକ ଗୋପାଳ ଚନ୍ଦ୍ର ମିଶ୍ର ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । କାର୍ଯ୍ୟକାରୀ ସଭାପତି ପ୍ରଦୀପ୍ତ କୁମାର ମହାପାତ୍ର ରାମକଥାର ଅମୃତବାଣୀ ଶୁଣାଇଥିଲେ । ସାଧାରଣ ସଂପାଦକ ଦିଲ୍ଲିପ କୁମାର ସ୍ୱାଇଁ ଉପଦେଷ୍ଟା ସୁରେନ୍ଦ୍ର ନାଥ ପଣ୍ଡା, କାର୍ଯ୍ୟକାରୀ ସଭାପତି ଅଶୋକ କୁମାର ଦାଶ, ଉପସଭାପତି ଶିବଦାସ ପୂର୍ଣ୍ଣଚନ୍ଦ୍ର ସିଂହ, କୋଷାଧ୍ୟକ୍ଷ ସନ୍ତୋଷ କୁମାର ମଲ୍ଲିକ, ସି.ଏଚ.ରାମମୋହନ ରାଓ, ସୁକାନ୍ତ କୁମାର ବିଶୋଇ, ସମ୍ପଦ କୁମାର ମଲ୍ଲିକ ରାମଧୁନ ଗାନ କରିଥିଲେ ।

### ଆଦିବାସୀ ପଲ୍ଲୀ କନ୍ଦଲେଇ

## ପଞ୍ଚମ ଶ୍ରେଣୀ ଛାତ୍ରୀ ଉତ୍ତୋଳନ କଲେ ଜାତୀୟ ପତାକା

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ତ୍ରିରଙ୍ଗା ହମାରୀ ଜାନ୍ ହୈ, ତ୍ରିରଙ୍ଗା ହମାରୀ ପେହେଚାନ ହୈ..... । ଭାରତ ମାତା କି ଜୟ...... । ଏମିତି ଦେଶ ମାତୃକାର ଜୟ ଜୟ ଧ୍ୱନି ଭିତରେ ଚନ୍ଦକା-ଡମପଡା ହସ୍ତୀ ଅଭୟାରଣ୍ୟ ମଧ୍ୟରେ ରହିଥିବା ଅଗମ୍ୟ ଆଦିବାସୀ ପଲ୍ଲୀ କନ୍ଦଲେଇରେ ୭୯ତମ ସ୍ୱାଧୀନତା ଦିବସ ଉତ୍ସାହ ଓ ଉଦ୍ଦୀପନା ମଧ୍ୟରେ ପାଳିତ ହୋଇଯାଇଛି । ଏଠି ବିଦ୍ୟାର୍ଥୀ ସାଜନ୍ତି ଅତିଥି । କରନ୍ତି ପତାକା ଉତ୍ତୋଳନ । ଚଳିତବର୍ଷ ପଞ୍ଚମ ଶ୍ରେଣୀର ଛାତ୍ରୀ ମିନତୀ ଚାତାର ଜାତୀୟ ପତାକା ଉତ୍ତୋଳନ କରିଥିଲେ । ଗ୍ରାମବାସୀ ଓ ଛାତ୍ରଛାତ୍ରୀଙ୍କ ଗହଣରେ ଏହି ରାଷ୍ଟ୍ରୀୟ ପର୍ବର ମହତ୍ୱକୁ ନେଇ ଚର୍ଚ୍ଚା କରାଯାଇଥିଲା । ସ୍ଥାନୀୟ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବିଚିତ୍ର କୁମାର ମାଝୀ, ଶିକ୍ଷକ ସୁବାସ ଓଝା ପ୍ରମୁଖ ଉପସ୍ଥିତ ରହି ଦେଶମାତୃକାର ସମ୍ମାନ ବଢାଇବା ଭଳି କାର୍ଯ୍ୟ କରିବାକୁ ବିଦ୍ୟାର୍ଥୀ ଓ ଗ୍ରାମବାସୀଙ୍କୁ ଆହ୍ୱାନ ଦେଇଥିଲେ । ଏଠାରେ ଉଲ୍ଲେଖଯୋଗ୍ୟ, ଗାଆଁର ବିକାଶ ନେଇ କାର୍ଯ୍ୟ କରୁଥିବା ସାମାଜିକ କର୍ମୀ ସୁଶାନ୍ତ ସାହୁ ପ୍ରଥମେ ଏପରି ଜାତୀୟ ପର୍ବ ପାଳନ ଓ ଛାତ୍ରଛାତ୍ରୀଙ୍କ ଦ୍ୱାରା ପତାକା ଉତ୍ତୋଳନ ପାଇଁ ଲୋକଙ୍କୁ ପ୍ରବର୍ତ୍ତାଇ ଥିଲେ । ସେହି



ଦିନଠାରୁ ଗତ ୧୦ ବର୍ଷ ଧରି ସ୍ୱାଧୀନତା ଦିବସ ଓ ସାଧାରଣତନ୍ତ୍ର ଦିବସ ପାଳିତ ହୋଇ ଆସୁଛି ।

### ବଡ଼ଗଡ଼ ଗଣେଶ ମହୋତ୍ସବ

## ବଡ଼ଗଡ଼ରେ ପୂଜା ପାଇବେ ବଡ଼ ଗଣେଶ




ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଭୁବନେଶ୍ୱର ଐତିହ୍ୟ ସମ୍ପନ୍ନ ପ୍ରାଚୀନ ଦୁର୍ଗ ବଡ଼ଗଡ଼ର ଶ୍ରୀ ଶ୍ରୀ ଗଣେଶ ପୂଜା ମହୋତ୍ସବ । ଓଡ଼ିଶାରେ ଚହଳ ସୃଷ୍ଟି କରିଥିବା ସାଡ଼ାସର ଗଣେଶପୂଜା ଏ ଚଳିତ ବର୍ଷ ଅଧିକତର ଆକର୍ଷଣୀୟ ଢଙ୍ଗରେ ଅନୁଷ୍ଠିତ କରିବାକୁ ଆୟୋଜକ ବ୍ରାଇଟ୍ ଷ୍ଟାର ୟୁଥ୍ ଆସୋସିଏନ ଓ ବଡ଼ଗଡ଼ ଗ୍ରାମବାସୀ ବୃନ୍ଦ ଏବଂ ବଡ଼ଗଡ଼ ଗଣେଶ ମହୋତ୍ସବ କମିଟି ପ୍ରଗାଢ ଉଦ୍ୟମ ଆରମ୍ଭ କରିଛନ୍ତି । ବିଶାଳ ଦେବମୂର୍ତ୍ତିର ପୂଜା ଓ ବିପୁଳ ଅର୍ଥ ବ୍ୟୟ କରିବାକୁ ମଧ୍ୟ ପଶ୍ଚାତପଦ ହେବନାହିଁ ବୋଲି କହିଛନ୍ତି ଗ୍ରାମବାସୀ ଓ ଆୟୋଜକ କର୍ମକର୍ତ୍ତା । ମହାରାଷ୍ଟ୍ରର ଲାଲବାଗ ଆକୃତିର ୬୧ ଫୁଟ ଉଚ୍ଚତା ବିଶିଷ୍ଟ ଗଣେଶ ମୂର୍ତ୍ତି ପୂଜିତ ହେବେ । ସେହିପରି ରୌପ୍ୟ ନିର୍ମିତ ପାଦୁକା ଓ ରୌପ୍ୟ ନିର୍ମିତ ମୂଷିକ ବାହାନ ମଧ୍ୟ ଶୋଭା ପାଇବେ । ବଡ଼ଗଡ଼ ଗ୍ରାମର ନାମକୁ ସାର୍ଥକ କରିବ 'ବଡ଼ ଗଣେଶ ମୂର୍ତ୍ତି' । ମୂର୍ତ୍ତି ଶିଳ୍ପ ବୃନ୍ଦଙ୍କ ଅକ୍ଳାନ୍ତ ଓ ସମ୍ମିଳିତ ପ୍ରୟାସରେ ଭବ୍ୟ ଓ ଜୀବନ୍ତ ଶୈଳୀରେ ନିର୍ମିତ ପ୍ରତିମା ଆରାଧିତ ହେବ । ପୋଡ଼ାସାହି, ପାତ୍ରସାହି, ନୂଆସାହି, ଉପରସାହି, ମଝିସାହି, ସାମରାୟସାହି, ନାୟକସାହି, ସେଠୀସାହି, ଝରଣା ସାହି, ତଥା ବଡ଼ଗଡ଼ ବ୍ରିଟ୍ କଲୋନୀ ପ୍ରଭୃତିର ମୁରବୀ ଓ ଉଦ୍ୟୋମୀ ଯୁବକମାନଙ୍କ ଚେଷ୍ଟାରେ ୧୯୮୫ରୁ ଏଯାବତ୍ ବଡ଼ଗଡ଼ ହାଇସ୍କୁଲ ସମ୍ମୁଖରେ ଅସ୍ଥାୟୀ ପୂଜା ମଣ୍ଡପରେ ଆରମ୍ଭ ହୋଇଥିବା ଗଣେଶ ପୂଜା ସମ୍ପ୍ରତି ମହାକାୟ ରୂପ ଧାରଣ କରିଛି । ପ୍ରଥମେ ୫ ଫୁଟ, କ୍ରମଶଃ ଏବେ ୬୧ ଫୁଟ ଉଚ୍ଚ ଗଣେଶ ପୂଜିତ ହେବେ । ୨୦୧୪-୧୫ ମସିହାରୁ ଗ୍ରାମବାସୀ ପୂଜାକୁ ସ୍ୱତନ୍ତ୍ର ରୂପ ଦେବାକୁ ସିଦ୍ଧାନ୍ତ ନେଇଥିଲେ ଯାହା ଏବେ ସଫଳ ହୋଇଛି । ୨୦୧୮ରେ ୩୫ଫୁଟ ଉଚ୍ଚ ମୂର୍ତ୍ତି, ୨୦୧୯ରେ ୪୦ ଫୁଟ ଉଚ୍ଚ ମୂର୍ତ୍ତି, ୨୦୨୨ରେ ୫୧ ଫୁଟ ଉଚ୍ଚ ମୂର୍ତ୍ତି, ୨୦୨୩ରେ ୫୫ଫୁଟ ଓ ୨୦୨୪ରେ ୫୭ଫୁଟ ମୂର୍ତ୍ତି ପୂଜା ପାଇଥିଲେ । ଚଳିତ ବର୍ଷ ୬୧ ଫୁଟ ଉଚ୍ଚମୂର୍ତ୍ତି ହେବ, ଗଣେଶଙ୍କ ପାଇଁ କଟକର ରୂପା ତାରକସି କାରିଗରଙ୍କ ଦ୍ୱାରା ରୌପ୍ୟ ନିର୍ମିତ ପାଦୁକା ଓ ରୌପ୍ୟନିର୍ମିତ ମୂଷିକ ବାହାନ ମଧ୍ୟ ବହୁ ଅର୍ଥ ବ୍ୟୟ କରାଯାଇ ନିର୍ମିତ ହୋଇଆସିଛି । ମହୋତ୍ସବକୁ ବ୍ୟାପକ ପ୍ରସ୍ତୁତି ଦ୍ୱାରା ପୂର୍ଣାଙ୍ଗ କରାଯିବ । ମୂର୍ତ୍ତି ପୂଜନଠାରୁ ବିସର୍ଜନ ପର୍ଯ୍ୟନ୍ତ ପ୍ରତିଟି ଅଧ୍ୟାୟ ହେବ ଆକର୍ଷଣୀୟ । ବ୍ରାଇଟ୍ ଷ୍ଟାର ୟୁଥ ଆସୋସିଏସନ ଓ ବଡ଼ଗଡ଼ ଗଣେଶ ମହୋତ୍ସବ କମିଟିର ସମ୍ପାଦକ ସଂଗ୍ରାମ ମାର୍ଥା କହିଛନ୍ତି ଯେ, ବିଭିନ୍ନ ସଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ଓ ବହୁ ବିଶିଷ୍ଟ ବ୍ୟକ୍ତି ପୂଜା ଉତ୍ସବରେ ଯୋଗଦାନ କରିବେ । ଏଥିପାଇଁ ଶାନ୍ତିଶୃଙ୍ଖଳାର ସହ ଉତ୍ସବ ପାଳନ ପ୍ରତି ଯଥାଚିତ ଧ୍ୟାନ ରଖାଯାଇଛି । ଗଣେଶ ମହୋତ୍ସବ ଚଳିତ ବର୍ଷ ମଦ ମୁକ୍ତ ଭସାଣୀ, ଡ଼ି.ଜେ. ମୁକ୍ତ ରୋଶଣୀ ଆୟୋଜିତ ହେବ । ମୂର୍ତ୍ତି ନିର୍ମାଣ ପାଇଁ କଟକର ତ୍ରିଶୂଳିଆରୁ ମାଟି ଆସିଛି ।



"ଭଗବତ୍ କରୁଣା, ଭଗବତ୍ ଇଚ୍ଛା ଓ ଭଗବତ୍ କର୍ମରେ ପୂର୍ଣ୍ଣ ବିଶ୍ୱାସ ରଖି ଚାଲ। ସବୁ କିଛି ଠିକ୍ ହୋଇଯିବ।"

-ଶ୍ରୀମା



"ନିଜ ସୁଖ ଲାଗି ଜାତ ନୁହେଁ ହିନ୍ଦୁ ବିଶ୍ୱ ହିତେ ହିନ୍ଦୁ ପ୍ରତି ରକ୍ତବିନ୍ଦୁ।"

- ଉତ୍କଳମଣି ଗୋପବନ୍ଧୁ ଦାସ

# ମେଟ୍ରୋ ପ୍ରକଳ୍ପ ପାଇଁ ଆଶାର ସଞ୍ଚାର

## ଉଚ୍ଚସ୍ତରୀୟ ବୈଠକରେ ସମୀକ୍ଷା

ଓଡ଼ିଶାର ରାଜଧାନୀ ଭୁବନେଶ୍ୱର ଏବଂ ପୁରାତନ ରାଜଧାନୀ ଐତିହ୍ୟ ସମ୍ପନ୍ନ ନଗରୀ କଟକ ମଧ୍ୟରେ ମେଟ୍ରୋ ରେଳ ଚଳାଚଳର ବ୍ୟବସ୍ଥା କରିବାକୁ ପୂର୍ବତନ ସରକାର ପଦକ୍ଷେପ ଗ୍ରହଣ କରିଥିଲେ ଓ ସେ ଦିଗରେ କିଛିଟା ଉଦ୍ୟମ ଆରମ୍ଭ ହୋଇଥିଲା। ପରିବହନ ଓ ଗମନାଗମନ କ୍ଷେତ୍ରରେ ଜନସାଧାରଣଙ୍କୁ ଉନ୍ନତ ସେବା ଯୋଗାଇଦେବା ଲାଗି ମେଟ୍ରୋ ରେଳ ଚଳାଚଳର ଆବଶ୍ୟକତାକୁ ଅସ୍ୱୀକାର କରିହେବ ନାହିଁ। ଗତ ୨୦୨୩ ମସିହା ଅଗଷ୍ଟରେ ପୂର୍ବତନ ସରକାର ନିଜସ୍ୱ ପ୍ରଚେଷ୍ଟାରେ ଭୁବନେଶ୍ୱର-କଟକ ମେଟ୍ରୋ ପ୍ରକଳ୍ପ ପାଇଁ ବିସ୍ତୃତ ପ୍ରୋଜେକ୍ଟ ରିପୋର୍ଟ ପ୍ରସ୍ତୁତ କରିବା ସଙ୍ଗେ ସଙ୍ଗେ ଦିଲ୍ଲୀ ମେଟ୍ରୋ ରେଳ କର୍ପୋରେସନ୍ ସହ ବୁଝାମଣାପତ୍ର ସ୍ୱାକ୍ଷର କରିଥିଲେ। ତଦନୁଯାୟୀ ୨୦୨୪ ଜାନୁଆରୀ ମାସରେ ଏହି ଆକାଂକ୍ଷିତ ପ୍ରକଳ୍ପର ଶିଳାନ୍ୟାସ କରାଯାଇଥିଲା। ପ୍ରାରମ୍ଭରେ ଦ୍ୱୈତନଗରୀରେ ୨୬ କିଲୋମିଟର ରାସ୍ତାରେ ମେଟ୍ରୋ ରେଳ ଚଳାଚଳ କରିବା ପାଇଁ ବ୍ୟବସ୍ଥା ହୋଇଥିଲା। ତେବେ ସେହି ସମୟରେ ଅନୁଷ୍ଠିତ ସାଧାରଣ ନିର୍ବାଚନରେ ତତ୍କାଳୀନ ସରକାର କ୍ଷମତାଚ୍ୟୁତ ହେବା ସଙ୍ଗେ ସଙ୍ଗେ ବିଜେପି ନେତୃତ୍ୱାଧୀନ ସରକାର ଶାସନ ଦାୟିତ୍ୱ ଗ୍ରହଣ କରିଥିଲେ। ଏହାଫଳରେ ମେଟ୍ରୋ ରେଳପଥ ନିର୍ମାଣକୁ ନେଇ ଅନିଶ୍ଚିତତା ଦେଖାଦେଲା। ପୂର୍ବତନ ସରକାର ଦ୍ୱାରା କାର୍ଯ୍ୟକାରୀ ହୋଇଥିବା ଏହି ପ୍ରକଳ୍ପର ଭବିଷ୍ୟତକୁ ନେଇ ଦ୍ୱନ୍ଦ୍ୱ ସୃଷ୍ଟି ହୋଇଥିଲା। ମାତ୍ର ନୂତନ ସରକାର କ୍ଷମତାସୀନ ହେବା ପରେ ସ୍ପଷ୍ଟ କରିଥିଲେ ଯେ, ପୂର୍ବ ସରକାରଙ୍କ ନିଷ୍ପତ୍ତିକୁ ବଦଳାଇ ମେଟ୍ରୋ ସେବାକୁ ତ୍ରିଶୁଳିଆ ପରିବର୍ତ୍ତେ କଟକ ବଡ଼ ଡାକ୍ତରଖାନା ପର୍ଯ୍ୟନ୍ତ ସଂପ୍ରସାରଣ କରାଯିବ ଏବଂ ଡିଜାଇନ୍‌ରେ ପରିବର୍ତ୍ତନ କରାଯାଇ ମାଟି ତଳେ ହିଁ ଟ୍ରେନ୍ ଚାଲିବାର ବ୍ୟବସ୍ଥା ହେବ। ଏହି ପ୍ରକଳ୍ପକୁ ରାଜ୍ୟ ସରକାର ଏକାକୀ କାର୍ଯ୍ୟକାରୀ ନକରି କେନ୍ଦ୍ର ସରକାରଙ୍କ ସହାୟତା ଓ ସହଯୋଗରେ କାର୍ଯ୍ୟକାରୀ କରିବେ ବୋଲି ନଗର ଉନ୍ନୟନ ମନ୍ତ୍ରୀ ସୂଚନା ଦେଇଥିଲେ। ନୂଆ ସରକାରଙ୍କ ଏହି ଘୋଷଣା ଦ୍ୱୈତନଗରୀ ଜନସାଧାରଣଙ୍କ ପାଇଁ କିଛିଟା ଆଶ୍ୱସ୍ତି ଆଣିଥିବା ବେଳେ ସଂସଦରେ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମରେ ଜଣେ କେନ୍ଦ୍ରମନ୍ତ୍ରୀଙ୍କ ଉତ୍ତର ଉତ୍ସାହରେ ପୁଣି ଭଟ୍ଟା ପକାଇ ଦେଇଥିଲା। ଓଡ଼ିଶାରେ ମେଟ୍ରୋ ରେଳ ପ୍ରକଳ୍ପ ନେଇ ରାଜ୍ୟ ପକ୍ଷରୁ କେନ୍ଦ୍ର ସରକାରଙ୍କୁ କୌଣସି ବିଧିବଦ୍ଧ ପ୍ରସ୍ତାବ ଆସିନଥିବା ବିଭାଗୀୟ କେନ୍ଦ୍ରମନ୍ତ୍ରୀ ସ୍ପଷ୍ଟ କରିଥିଲେ। ଏଭଳି ଉତ୍ତର ମିଳିବା ପରେ ଦ୍ୱୈତନଗରୀରେ ମେଟ୍ରୋ ରେଳସେବାର ଆଶା ପ୍ରାୟତଃ ମଉଳି ଯାଇଥିଲା ଏବଂ ସେ ସଂକ୍ରାନ୍ତୀୟ କଳ୍ପନାଜଳ୍ପନାର ପୂର୍ଣ୍ଣଚ୍ଛେଦ ପଡ଼ିଲା ଭଳି ମନେ ହେଲା। କେବଳ ସେତିକି ନୁହେଁ, ପୂର୍ବ ସରକାର ଅମଳରେ ହୋଇଥିବା ଟେଣ୍ଡରକୁ ମଧ୍ୟ ବାତିଲ କରି ଦିଆଯାଇଥିଲା। ମାତ୍ର ଦୁଇଦିନ ପୂର୍ବେ ରାଜ୍ୟ ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର ଗଣମାଧ୍ୟମକୁ ଦେଇଥିବା ଏକ ବୟାନ୍ ମେଟ୍ରୋ ରେଳ ଚଳାଚଳ ନେଇ ପୁଣି ଥରେ ଆଶାର ସଞ୍ଚାର କରିଛି ଏବଂ ଏହି ପ୍ରକଳ୍ପର କାର୍ଯ୍ୟକାରୀତା ପାଇଁ ରାଜ୍ୟ ସରକାରଙ୍କ ପ୍ରତିବଦ୍ଧତାକୁ ପୁନଃପ୍ରମାଣିତ କରିଛି। ପ୍ରସ୍ତାବିତ ମେଟ୍ରୋ ପ୍ରକଳ୍ପର ରୂପରେଖ ନେଇ ଏକ ଉଚ୍ଚସ୍ତରୀୟ ବୈଠକରେ ବିସ୍ତୃତ ଭାବରେ ଆଲୋଚନା କରାଯିବା ସଙ୍ଗେ ସଙ୍ଗେ ଏ ସଂକ୍ରାନ୍ତରେ ରିପୋର୍ଟ ପ୍ରସ୍ତୁତ କରିବାକୁ ବୈଷୟିକ କମିଟି ଗଠନ ଲାଗି ନିଷ୍ପତ୍ତି ହୋଇଛି। ଦେଶର ଯେଉଁସବୁ ସହରରେ ମେଟ୍ରୋ ରେଳସେବାର ବ୍ୟବସ୍ଥା ରହିଛି, ସେଠାକୁ ରାଜ୍ୟ ସରକାରୀ ଅଧିକାରୀଙ୍କ ଏକ ସ୍ୱତନ୍ତ୍ର ଦଳ ଗସ୍ତ କରି ସ୍ଥିତି ଅନୁଧ୍ୟାନ କରିବାକୁ ବୈଠକରେ ସ୍ଥିର ହୋଇଛି। ଉଭୟ ବୈଷୟିକ କମିଟି ଓ ଅନୁଧ୍ୟାନକାରୀ ଦଳର ରିପୋର୍ଟ ମିଳିବା ପରେ ସରକାର ଏଥିନେଇ ଚୂଡ଼ାନ୍ତ ନିଷ୍ପତ୍ତି ଗ୍ରହଣ କରିବେ ବୋଲି ମନ୍ତ୍ରୀ ସୂଚନା ଦେଇଥିଲେ। ମେଟ୍ରୋ ରେଳସେବାର ପ୍ରଚଳନ ରାଜ୍ୟରେ ଗମନାଗମନ କ୍ଷେତ୍ରରେ ଏକ ନୂଆ ଦିଗନ୍ତ ଯେ ସୃଷ୍ଟି କରିବ ଏଥିରେ ସନ୍ଦେହର ଅବକାଶ ନାହିଁ।

# ଅନ୍ନଚିନ୍ତା ଚମତ୍କାରଃ...



ଡ. ସତ୍ୟ ନାରାୟଣ ମିଶ୍ର
ସହ ନିର୍ଦ୍ଦେଶକ, ଜାତୀୟ ଅଭିଲେଖାଗାର, ଏମ୍-୭୯, ମଧୁସୂଦନ ନଗର, ୟୁନିଟ-୪ ଭୁବନେଶ୍ୱର, ମୋ: ୯୯୩୭୩୪୫୯୦୦

ଏକବିଂଶ ଶତାବ୍ଦୀରେ ମାନବ ସଭ୍ୟତାକୁ ଜୀବନ୍ତ କରି ରଖିବା ପାଇଁ ଦୁଇଟି ପ୍ରମୁଖ ଉପକରଣର ଆବଶ୍ୟକତା ରହିଛି ଓ ତାହା ଗୋଟିଏ ହେଉଛି ଶସ୍ତ୍ର ଓ ଅନ୍ୟଟି ଅସ୍ତ୍ର। ଉଭୟ ଅସ୍ତ୍ର ଓ ଶସ୍ତ୍ରକୁ ଗତିଶୀଳ କରିବାକୁ ଦରକାର ଏକ ଅଭିଜ୍ଞ ତଥା ଦୂରଦୃଷ୍ଟି ସମ୍ପନ୍ନ ଚାଳକ ଯାହାକୁ ଗଣତନ୍ତ୍ରରେ କୁହାଯାଏ ସରକାର। ଅସ୍ତ୍ର ଓ ଶସ୍ତ୍ରର ଚାଳନାରେ ମାନବ ସଭ୍ୟତାର ସ୍ଥାୟିତ୍ୱ ନିର୍ଭର କରିଥାଏ। ପ୍ରତ୍ୟେକ ସଭ୍ୟତା ଏକ ଏକ ନିର୍ଦ୍ଦିଷ୍ଟ ନୀତି ନିୟମକୁ ପାଥେୟ କରି ଓ ସ୍ଥିତି ପରିସ୍ଥିତିକୁ ଅନୁଧ୍ୟାନ କରି ନିରନ୍ତର ଆଗକୁ ଅଗ୍ରଗତି ହୋଇଥାଏ। ସେହି ନୀତି ନିୟମ ଯଦି ଚାଳକର ଲକ୍ଷ୍ୟ ଭ୍ରଷ୍ଟ କରିଥାଏ ତେବେ ସମ୍ପୂର୍ଣ୍ଣ ସଭ୍ୟତା ଧ୍ୱଂସ ହୋଇଯାଏ। ସେଥିପାଇଁ ଏକବିଂଶ ଶତାବ୍ଦୀର ଦୁଇ ପ୍ରମୁଖ ଉପକରଣ ଦ୍ୱାରା ମାନବ ସଭ୍ୟତାର ସ୍ଥାୟିତ୍ୱ ନିର୍ଭର କରୁଅଛି ତାହା ହେଉଛି ଶସ୍ତ୍ର - କଲମ (ଜ୍ଞାନୀ) ଓ ଅସ୍ତ୍ର - କୋଦାଳ (ଚାଷୀ ବା ଶ୍ରମିକ) ଓ ଏହାକୁ ସୁପଥରେ ଯିଏ ଗତିଶୀଳ କରିଥାନ୍ତି ସେ ହେଉଛନ୍ତି ସରକାର। କଲମର ଦସ୍ତଖତରେ ବ୍ୟକ୍ତି, ସମାଜ ଓ ଦେଶର ଭବିଷ୍ୟତ ତିଆରି ହୋଇଥାଏ ଓ ଏହାର ଅପପ୍ରୟୋଗ କଲେ ଅପରାଧକୁ ଆମନ୍ତ୍ରଣ ହୋଇଥାଏ। ଜଣେ ଶିକ୍ଷିତ ଜ୍ଞାନୀ ବ୍ୟକ୍ତିର ଅନ୍ତରଙ୍ଗ ସାଥି ହେଉଛି କଲମ, ଯାହା ବର୍ତ୍ତମାନ ଓ ଅତୀତକୁ ଲିପିବଦ୍ଧ କରି ଭବିଷ୍ୟତକୁ ପ୍ରାମାଣିକ ଦୃଷ୍ଟାନ୍ତ ସହ ପଥମୁକ୍ତ କରିଥାଏ। ସେଥିପାଇଁ କୁହାଯାଏ କଲମ ହେଉଛି ତରବାରୀ ଠାରୁ ଶକ୍ତିଶାଳୀ। ସଭ୍ୟତାର ବିକାଶରେ କଲମର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। କଲମ, କାଳି ଓ କାଗଜର ସମଷ୍ଟିରେ ଚିନ୍ତା ଓ ଭାବନାର ପ୍ରକାଶ ହୋଇଥାଏ ଓ ତାହା ମାନବ ସଭ୍ୟତାର ଉନ୍ନତି କଳ୍ପେ ବା ଧ୍ୱଂସ ପାଇଁ ଉପଯୋଗ ହୋଇଥାଏ। କଲମ ସୁଖ, ଶାନ୍ତି, ହସ, ଆନନ୍ଦ ଆଦି ଦେଇପାରେ ବା ଦୁଃଖ, କାନ୍ଦ, ଏପରିକି ବିପତ୍ତି ମଧ୍ୟ ଦେଇପାରେ। କଲମର ରଙ୍ଗ ବା ଏଥିରେ ବ୍ୟବହୃତ ହେଉଥିବା କାଳିର ରଙ୍ଗ ଭିନ୍ନ ହୋଇପାରେ, ମାତ୍ର କଲମରୁ ସୃଷ୍ଟି ହେଉଥିବା ଶକ୍ତିର କେବେ ରଙ୍ଗ ନଥାଏ, ଥାଏ କେବଳ ଆଶା ଓ ଭରସା। କଲମର ସୃଜନଶୀଳତାକୁ ବିଶ୍ୱାସ କରି ମାନବ ସଭ୍ୟତା ଉତ୍ଥାନ ପତନ ମଧ୍ୟରେ ଗତିକରିଥାଏ। ମାତ୍ର କଲମର ପ୍ରୟୋଗ ଯେତେବେଳେ ପରିପକ୍ୱ ହୁଏ ସେତେବେଳେ ତାହା ନୀତି ନିୟମରେ ପରିବର୍ତ୍ତିତ ହୁଏ ଓ ଉକ୍ତ ନୀତି ନିୟମକୁ ମାନବ ସଭ୍ୟତା ଆଦରରେ ମାନି ନେଇଥାନ୍ତି। ବିଶେଷତଃ କଲମକୁ ବ୍ୟବହାର କରିବା ଓ ତନ୍ମଧ୍ୟରୁ ସୃଷ୍ଟି ହେଉଥିବା ଲେଖନୀର ଶକ୍ତିକୁ ପ୍ରୟୋଗ କରିବା ହେଉଛି ସମାଜର ଶିକ୍ଷିତ ତଥା ବିଚାରବନ୍ତ ବ୍ୟକ୍ତି ସମୂହ ମାନଙ୍କର କର୍ତ୍ତବ୍ୟ ବୋଲି ବିବେଚନା କରାଯାଏ। କିନ୍ତୁ କଲମରୁ ସୃଷ୍ଟି ହେଉଥିବା କ୍ରିୟା ଓ ପ୍ରକ୍ରିୟା ଗୁଡିକୁ ଯଦି ଭୁଲ ମାର୍ଗରେ ପରିଚାଳିତ କରାଯାଏ, ତେବେ ସେଥିରେ ମାନବ ସଭ୍ୟତା ହିଁ ପ୍ରଥମେ ଶିକାର ହୁଏ। ଶିକ୍ଷିତ, ବିଚାରବନ୍ତ ତଥା ଜ୍ଞାନୀ ଗୁଣି ମାନବ କଲମକୁ ବ୍ୟବହାର କରି ଅର୍ଥ ଉପାର୍ଜନ କରିଥାନ୍ତି। ମାତ୍ର ଚାଷୀ, ଶ୍ରମିକ, ଅଶିକ୍ଷିତ ବ୍ୟକ୍ତି ତଥା ଦିନ ମଜୁରିଆ ଆଦି କେବଳ କଲମରୁ ସୃଷ୍ଟି ହେଉଥିବା ନିର୍ଦ୍ଦେଶ ଓ ପରିଣାମକୁ ଉପଭୋଗ କରିଥାନ୍ତି। କଲମର ବ୍ୟବହାର ସୁସ୍ଥ ମସ୍ତିଷ୍କ, ସୂକ୍ଷ୍ମ ଚିନ୍ତାଧାରା ଓ ଶୀତତାପ ନିୟନ୍ତ୍ରିତ ପ୍ରକୋଷ୍ଠ ମଧ୍ୟରେ ହୋଇଥାଏ, ମାତ୍ର ଚାଷୀର କୋଦାଳ ଅସିମୀତ କ୍ଷେତ ଓ ମାଟିର ପୃଷ୍ଠଭାଗରେ ପ୍ରକୃତି କୋଳରେ ହୋଇଥାଏ।

ଚାଷୀର ଲହୁ ଲୁହର ସମଷ୍ଟିରେ ସିକ୍ତ ହୋଇଥାଏ ମାଟି ଓ ସେଥିରୁ ଚାଷୀ ଉତ୍ପନ୍ନ କରିଥାଏ ସମଗ୍ର ବିଶ୍ୱ ପାଇଁ ଖାଦ୍ୟ। ପ୍ରକୃତିର ନିଷ୍ଠୁର ନିର୍ଦ୍ଦେଶକୁ ମୁଣ୍ଡପାତି ସମ୍ମାନ ଦେଇ ବର୍ଷା, ଶୀତ, ରୌଦ୍ରତାପ, ବଜ୍ରପାତ, ବନ୍ୟା ଆଦିକୁ ସମ୍ମୁଖୀନ ହୋଇ ଚାଷୀ ମାନବ ସଭ୍ୟତାକୁ ଦେଇଥାଏ ଆହାର। ଦିନ ରାତି ପରିଶ୍ରମ କରୁଥିବା ଚାଷୀ କୋଦାଳଟିଏ ଧରି ଅନବରତ ଚାଷକାର୍ଯ୍ୟ କରିଥାଏ ଓ ସମଗ୍ର ମାନବ ସଭ୍ୟତା ଉକ୍ତ କୋଦାଳରୁ ଉତ୍ପନ୍ନ କରୁଥିବା ବ୍ୟକ୍ତିର ଶ୍ରମରେ ନିଜର ଦୈନନ୍ଦିନ ଆହାର ପାଇଥାନ୍ତି। ମଣିଷ ଯେତେ ଯାହା ଉନ୍ନତି କଲେ ମଧ୍ୟ ସଭ୍ୟତା ଯେତେ ଅଗ୍ରଗତି କଲେ ମଧ୍ୟ ଖାଦ୍ୟ ଉତ୍ପନ୍ନ କରୁଥିବା ବ୍ୟକ୍ତି ହିଁ ଶ୍ରେଷ୍ଠ ବୋଲି ମାନବ ଜାତିକୁ ସ୍ୱୀକାର କରିବାକୁ ବାଧ୍ୟ। ଉଦରର ଜ୍ୱାଳାକୁ ପ୍ରଶମିତ କରୁଥିବା ବ୍ୟକ୍ତି ହିଁ ସର୍ବାଗ୍ରେ ବନ୍ଦନୀୟ। ମାତ୍ର ବର୍ତ୍ତମାନର ପରିସ୍ଥିତିରେ ସବୁଠାରୁ ଅଧିକ କ୍ଷତିଗ୍ରସ୍ତ କ୍ଷେତ୍ର ହେଉଛି କ୍ଷେତ। କଥାରେ ଅଛି 'ଚାଷ ଅଛି ଯାହାର, କି ଆନନ୍ଦ ତାହାର'। ମାତ୍ର ସମୟର ଗତି ଓ ସ୍ଥିତି ପରିସ୍ଥିତିର ଘନଘଟା ମଧ୍ୟରେ ମାନବ ସଭ୍ୟତା ସହରୀକରଣର ପ୍ରତିଷ୍ଠାରେ କ୍ଷେତର ଗୁରୁତ୍ୱକୁ ଉପଲବ୍ଧି କରି ସୁଦ୍ଧା ଅବହେଳା କରିଆସୁଅଛି। କିନ୍ତୁ ବର୍ତ୍ତମାନ ସମୟର ଆବାହନରେ ପୁଣି ସେହି କ୍ଷେତକୁ କର୍ଷଣ କରିବାର ସମୟ ଆସିଛି ଓ ଚାଷୀ କୋଦାଳର ସହାୟତାରେ ନିଜର ବହୁଦିନର ଲୁକାୟିତ ଶ୍ରମ ଶକ୍ତିର ପରିପ୍ରକାଶ କରିବାର କ୍ଷେତ୍ର ପ୍ରସ୍ତୁତି କରୁଅଛି।

ଆତ୍ମନିର୍ଭରଶୀଳ ନୀତିର ଆଦରରେ ନିଜକୁ ସ୍ୱାବଲମ୍ବନଶୀଳ କରିବାର ପ୍ରୟାସକୁ ଚରିତାର୍ଥ କରିବାକୁ ହେଲେ ଭିତ୍ତିଭୂମି ସହିତ ଅନୁକୂଳ ପରିବେଶ, ପାଣିପାଗ ଓ ଅର୍ଥର ଆବଶ୍ୟକତା ଏକାନ୍ତ ଆବଶ୍ୟକ। ଯାହା ଅସ୍ତ୍ର ଶସ୍ତ୍ରର ଚାଳକ ସରକାରଙ୍କର ବିଭିନ୍ନ ଜନ ହିତୈଷୀ ଯୋଜନା ଦ୍ୱାରା ପରିପୂର୍ଣ୍ଣତା ହୋଇପାରେ ବୋଲି ଆଶା କରାଯାଇପାରେ। ବର୍ତ୍ତମାନ ଉଭୟ କେନ୍ଦ୍ର ଓ ରାଜ୍ୟସରକାର ଗ୍ରାମାଞ୍ଚଳରେ ସଡକ ଗ୍ରାମୀଣ ଆବାସ, କ୍ଷେତବାଡି, ବୃକ୍ଷ ରୋପଣ ଆଦି ଅନେକ ପ୍ରକାରର ଯୋଜନା କୋଟି କୋଟି ଟଙ୍କା ବ୍ୟୟରେ କରିବାକୁ ଯୋଜନା କରିଛନ୍ତି। ମାତ୍ର ଉକ୍ତ ଯୋଜନା ଗୁଡିକ କେତେଦୂର ସଫଳ କାର୍ଯ୍ୟକ୍ଷମ ଓ ଉପକୃତ ହେଉଛି ତାହା ନିର୍ଦ୍ଧାରଣ କରିଥାନ୍ତି ସରକାରଙ୍କର ନୀତି ନିୟମ ତଥା ପରିଚାଳନା କରୁଥିବା କଲମର ସଂଚାଳକମାନେ। ଜନତା ଯେତେବେଳେ ସରକାର ନିର୍ବାଚନ କରିଥାନ୍ତି ସେତେବେଳେ ପ୍ରତ୍ୟେକ ଜନତାଙ୍କର ଗୋଟିଏ ଆଶା ଥାଏ ଯେ ଦେଶର ବ୍ୟକ୍ତି ଓ ସାର୍ବଜନୀନ ଉନ୍ନତି। ମାତ୍ର ସମୟ କ୍ରମେ ତାହା ହୋଇ ନପାରି ତାହା କେବଳ କେତେକ ନିର୍ଦ୍ଦିଷ୍ଟ ପରିଧି ମଧ୍ୟରେ ଆବଦ୍ଧ ରହିଯାଏ ଓ କୋଦାଳ ଦ୍ୱାରା ସୃଷ୍ଟି ହେଉଥିବା କ୍ଷେତର ଚାଳକ ବିଚରା ଅନାଇ ବସିଥାଏ ମୋ ସରକାରର ଆଭିମୁଖ୍ୟ ଓ ପ୍ରୋତ୍ସାହନକୁ। କୋଦାଳର ଆବଶ୍ୟକତାକୁ ସମାଜରେ ହୃଦୟଙ୍ଗମ କରି କଲମର ଶକ୍ତି ଦ୍ୱାରା କ୍ଷେତରେ ପ୍ରୟୋଗ କଲେ ଜୀବନ ଜୀବିକାର ପୁନରୁତ୍ଥାନ ହୋଇପାରନ୍ତା ଓ ସ୍ୱାବଲମ୍ବନଶୀଳ କ୍ରିୟାରୁ ଆତ୍ମନିର୍ଭରଶୀଳ ପ୍ରଚେଷ୍ଟାର ଉପଯୁକ୍ତ ମୂଲ୍ୟାୟନ ହୋଇପାରନ୍ତା। ଆତ୍ମନିର୍ଭରଶୀଳ ହେଉଛି ମଣିଷ ମନରେ ସୁପ୍ତ ଥିବା କର୍ମ ପ୍ରବଣତା ଓ ଶକ୍ତିର ପୁନରୁତ୍ଥାନ ଯେଉଁଥିରେ ମଣିଷ ନିଜକୁ ପରିମାର୍ଜିତ କରି ନିଜର ଆତ୍ମବିଶ୍ୱାସକୁ ଜୀବନ୍ତ କରିଥାଏ। ଖାଦ୍ୟ ହେଉଛି ପ୍ରତ୍ୟେକ ସଜୀବ ପ୍ରାଣୀମାନଙ୍କର ଏକାନ୍ତ ଆବଶ୍ୟକତା ଓ ଉକ୍ତ ଖାଦ୍ୟ କେବଳ କ୍ଷେତର କର୍ଷଣରୁ ଉତ୍ପନ୍ନ ହୋଇଥାଏ। କୋଦାଳ ପରିଚାଳନା କରୁଥିବା ଚାଷୀ ମାନବ ସଭ୍ୟତାକୁ ଆହାର ପ୍ରଦାନ କରିଥାଏ, ତେଣୁ ସମୟ ଆସିଛି କୃଷି ତଥା ଚାଷ କାର୍ଯ୍ୟ ଆଦି କର୍ମ କରି ବ୍ୟକ୍ତି ଆତ୍ମନିର୍ଭରଶୀଳ ହୋଇପାରିଲେ ସମଗ୍ର ଦେଶ ନିଜ ଶକ୍ତିରେ ନିଜେ ଆତ୍ମନିର୍ଭରଶୀଳ ହୋଇପାରିବ ଓ ସୁସ୍ଥ ପରିବେଶ ସୃଷ୍ଟି ହୋଇପାରିବ। ଆତ୍ମନିର୍ଭରଶୀଳ ହେଉଛି ଏକ ଶିକ୍ଷା ଓ ଦୀକ୍ଷା ଯଦ୍ୱାରା ଶରୀରର ଅବୟବ ସୁସ୍ଥ ରହିବା ସହିତ ବ୍ୟକ୍ତିର ମାନସିକ ଶାନ୍ତି ହୋଇଥାଏ। ତେଣୁ କଲମରୁ ସୃଷ୍ଟି ହେଉଥିବା ଶକ୍ତିରେ କୋଦାଳର ଲହୁଲୁହରେ ସିକ୍ତ ହୋଇ ଉତ୍ପନ୍ନ ହେଉଥିବା ଉତ୍କର୍ଷ ଆତ୍ମନିର୍ଭରଶୀଳ ସମାଜ ଗଠନର ସହାୟକ ହେଲେ ମାନବ ସଭ୍ୟତା ନିଜର ଅସ୍ତିତ୍ୱକୁ ଉପଲବ୍ଧି କରିପାରିବ। 'ଅନ୍ନ ଚିନ୍ତା ଚମତ୍କାରଃ' ଓ 'ବୁଭୁକ୍ଷିତଃ କିଂ ନ କରୋତି ପାପମ' ମାନବ ସଭ୍ୟତାକୁ ସୂଚାଇ ଦେଇଥାଏ ଯେ ଉଦର ର କ୍ଷୁଧା ବା ଜ୍ୱାଳା ହେଲେ ମଣିଷ କିଛି ବି କୁକର୍ମ ବା ପାପ କରିପାରେ। ତେଣୁ ନିଜକୁ ତଥା ସମାଜକୁ ଉକ୍ତ ଭୟଙ୍କର ସ୍ଥିତିରୁ ନିବୃତ୍ତ ହେବାକୁ ହେଲେ ଆତ୍ମନିର୍ଭରଶୀଳ ଓ ଅନୁଭବ ହିଁ ବଞ୍ଚିବାର ଏକମାତ୍ର ପନ୍ଥା ଯାହା ଅନ୍ନ ଚିନ୍ତା ଚମତ୍କାରଃ।

# ଈଶ୍ୱର ଅଛନ୍ତି ବୋଲି...



ରାଇଚରଣ ବିଶ୍ୱାଳ
ସାମନ୍ତରାୟପୁର, ପିରହାଟ, ଭଦ୍ରକ
ମୋ : ୮୬୩୭୨୪୧୧୫

ଏହି ସୃଷ୍ଟି ହେଉଛି ଈଶ୍ୱରଙ୍କର। ଏହି ଦୃଶ୍ୟମାନ ଜଗତ ତଥା ଅଦୃଶ୍ୟ ଜଗତର ସବୁକିଛି ହିଁ ତାଙ୍କରି ଇଚ୍ଛାରୁ ସୃଷ୍ଟି। ସେ ସର୍ବତ୍ର ବିଦ୍ୟମାନ। ଭଗବାନ ଶ୍ରୀକୃଷ୍ଣ ଚରିତ ଶ୍ରୀମଦ୍ ଭଗବଦ୍‌ର ଏକ ପଦ ହେଉଛି- 'ବ୍ରହ୍ମାଣ୍ଡ ମାଳ ମାଳ ହୋଇ। ମୋ' ଲୋମ ମୂଳେ ଝୁଲୁଥାଇ ॥ ସେ ହିଁ ସମସ୍ତ ଜୀବ ଜଗତ ଓ ଜଡ ପଦାର୍ଥ ମଧ୍ୟରେ ଆତ୍ମା ଓ ପରମାତ୍ମା ରୂପରେ ବିଦ୍ୟମାନ। ୮୪ ଲକ୍ଷ ପ୍ରକାରର ଜୀବଙ୍କ ମଧ୍ୟରେ ମନୁଷ୍ୟ ହେଉଛି ସର୍ବଶ୍ରେଷ୍ଠ ଓ ଆମ ସମସ୍ତଙ୍କ ଶରୀର ମଧ୍ୟରେ ସେ ହିଁ ଜୀବନୀ ଶକ୍ତି, ଅର୍ଥାତ୍ ଜୀବାତ୍ମା ଓ ଚେତନା, ଅର୍ଥାତ୍ ପରମାତ୍ମା ରୂପରେ ବିଦ୍ୟମାନ। ଶ୍ରୀମତ୍ ଭଗବଦ୍‌ର ଏକ ପଦ ହେଉଛି- 'ଏକଇ ବୃକ୍ଷେ ହଂସ ଦୁଇ। ବସନ୍ତି ପ୍ରିୟ ଭାବ ବହି ॥' ସେ ଆମ ଶରୀର ଛାଡି ଯିବା ପରେ ଆମେ ହୋଇଯିବା ମୃତ। ସତ୍ୟଯୁଗର ଅସୁର ରାଜା ହିରଣ୍ୟକଶିପୁକୁ ଶ୍ରୀବିଷ୍ଣୁଙ୍କ ପ୍ରିୟ ଭକ୍ତ ପ୍ରହ୍ଲାଦ ଖମ୍ବ ମଧ୍ୟରେ ହିଁ ନୃସିଂହ ଭଗବାନଙ୍କୁ ଦେଖାଇ ଥିଲେ। ଆମେ ସବୁ ଆବାଲ୍ୟରୁ ପ୍ରହ୍ଲାଦଙ୍କ ପରି ଅତୁଟ ଭକ୍ତି, ବିଶ୍ୱାସ ଓ ଆତ୍ମସମର୍ପଣ ପୂର୍ବକ ଈଶ୍ୱରଙ୍କ ଭଜନ କୀର୍ତ୍ତନ କଲେ ଇହ ଜନ୍ମରେ ହୁଏତ ପରମେଶ୍ୱରଙ୍କ କୃପାପ୍ରାପ୍ତ ହୋଇପାରିବା। କେବଳ ଆମ ଶରୀରକୁ ଈଶ୍ୱର ତ୍ୟାଗ କଲା ପରେ ଜୀବାତ୍ମାର ନବକଳେବର ହୋଇନଥାଏ, ୮୪ ଲକ୍ଷ ପ୍ରକାରର ଜୀବଙ୍କ କ୍ଷେତ୍ରରେ ତାହା ହିଁ ହୋଇଥାଏ। ସୁତରାଂ, ଆମେ ସମସ୍ତେ ବିକାର ବିବର୍ଜିତ ହୋଇ ଉଭୟ ସଜୀବ ଓ ନିର୍ଜୀବଙ୍କ ପୂଜା କରିବା ଉଚିତ୍। ମହାପୁରୁଷ ବାମାକ୍ଷେପା, ରାମକୃଷ୍ଣ ପରମହଂସ, ନିଗମାନନ୍ଦ ଓ ନଣ୍ଡାବାବା ପ୍ରମୁଖ ପରମେଶ୍ୱରଙ୍କ କୃପାପ୍ରାପ୍ତ ଭକ୍ତଗଣ ତାହା ହିଁ କରୁଥିଲେ। ଈଶ୍ୱର ଅଛନ୍ତି ବୋଲି ମନୁଷ୍ୟ ସମେତ ସମସ୍ତ ଜୀବଜଗତ ହସଖୁସି ଓ ଆନନ୍ଦରେ ଧରିତ୍ରୀ ପୃଷ୍ଠରେ ବଞ୍ଚିଛନ୍ତି; ଅନ୍ୟଥା ଅସମ୍ଭବ। ସ୍ମରଣାତୀତ କାଳରୁ ପଞ୍ଚଭୂତ ତାଙ୍କରି ନିର୍ଦ୍ଦେଶରେ ହିଁ ସଦା ଗତିଶୀଳ ଓ ଚଳଚଞ୍ଚଳ। ସେହି ମୃତିକାରୁ ହିଁ ଆମ୍ବ, ପଣସ, ସପୁରି, ଅଙ୍ଗୁର ଓ କଦଳି ନଡ଼ିଆ ଭଳି ଅନେକ ପ୍ରକାରର ଫଳ ଫଳୁଛି ଓ ଧାନ,ଗହମ, ହରଡ ଓ ପରି ଖାଦ୍ୟଶସ୍ୟ ଉତ୍ପନ୍ନ ହେଉଛି। ଶହ ଶହ ପ୍ରକାରର ପନିପରିବା ଓ ଫଳମୂଳ ମଧ୍ୟ ଉତ୍ପନ୍ନ ହେଉଛି। ମାଟି ତଳେ ହୀରା, ନୀଳା, ସୁନାରୂପା, କୋଇଲା ଓ ଲୁହାପଥର ପରି ଅନେକ ପ୍ରକାରର ଖଣିଜ ଦ୍ରବ୍ୟ ମଧ୍ୟ ସମ୍ଭବ ହୋଇଛି। ଏସବୁ କିଛି ଈଶ୍ୱର ଅଛନ୍ତି ବୋଲି ସମ୍ଭବ ହୋଇଛି। ଅତଃ, ଆଧାତ୍ମିକ ଜ୍ଞାନ ବିହୀନ ଅଜ୍ଞାନ ମନୁଷ୍ୟ ନିଜ ଜୀବନ କାଳ ମଧ୍ୟରେ କେବଳ ସ୍ଥାବରଅସ୍ଥାବର ସମ୍ପତ୍ତି ଠୁଳ କରିବାରେ ବ୍ୟସ୍ତ ନରହୁ। ଯିଏ ସବୁ କିଛିର ସୃଷ୍ଟିକର୍ତ୍ତା ଓ ମୁକ୍ତି ଦାତା, ମନୁଷ୍ୟ ତାଙ୍କରି କୃପାପ୍ରାପ୍ତି ନିମନ୍ତେ ଇହ ଜନ୍ମରେ ଆବାଲ୍ୟରୁ ସାଧନ ଓ ଭଜନ ଅବ୍ୟାହତ ରଖିବା ଉଚିତ୍।

# ସମୟ ବନ୍ଧୁ ଓ ଶତ୍ରୁର ସ୍ତର ଦର୍ଶାଏ



ଉତ୍କଳାନନ୍ଦ ଅଜୟ କୁମାର ବେହେରା
ପିସି ସରକାର ଲେନ୍, ଅରୁଣୋଦୟ ମାର୍କେଟ କଟକ, ମୋ: ୯୪୩୭୦୩୧୨୫୩

ପଞ୍ଚୁ ପାଣ୍ଡବ ଓ ଏକଶତ କୌରବ ଏକ ରାଜବାଟୀରେ ଜନ୍ମ। ଏମାନଙ୍କର ବାଲ୍ୟ ଓ ଶିକ୍ଷାକାଳରେ ସମମେଳ ଥିଲା କିନ୍ତୁ ସମୟ ଏମିତି ଆସିଲା ଉଭୟ ଉଭୟଙ୍କ ଇତି ଚିନ୍ତା କରି ରକ୍ତପାତର ମହାଭାରତ ଯୁଦ୍ଧ ରଚନା କରିଥିଲେ। ଦଶରଥଙ୍କ ଘରେ ବହୁଦିନ ପରେ ତିନି ରାଣୀଙ୍କର ସନ୍ତାନ ଜନ୍ମ ନେଲେ। ଏପାଇଁ ବହୁ ଦୈବୀ ଆଶ୍ରିତ ବ୍ରତ ଉପବାସ ପରେ ପୁତ୍ରେଷ୍ଟି ଯଜ୍ଞରୁ ଚାରି ସନ୍ତାନ ପାଖାପାଖି ଜନ୍ମ। ସବୁ ମାଆ ସବୁ ପିଲାଙ୍କୁ ସ୍ନେହ କରୁଥିଲେ। ଜ୍ୟେଷ୍ଠ କୁମାର ଶ୍ରୀରାମଙ୍କୁ ସବୁ ମାଆ ଭଲ ପାଇବା ମୂଳରୁ ଥିଲା। ସବୁ ଭାଇମାନେ ଅଭିନ୍ନ ଆତ୍ମା ପରି ଏକାଠି ଖେଳକୁଦ ପାଠପଢ଼ା ଭୋଜନ ଶୟନ ଆଦିରେ ଲିପ୍ତ ଭରତଙ୍କ ମାଆ କୈକେୟୀ କୌଶଲ୍ୟା ନନ୍ଦନ ଶ୍ରୀରାମଙ୍କୁ ତାଙ୍କ ପୁଅ ସହିତ ସମତୁଲ ଭଲ ପାଉଥିଲେ। ଶ୍ରୀରାମ କୈକେୟୀଙ୍କୁ ବିମାତା କେବେ ଭାବି ନାହାଁନ୍ତି କିନ୍ତୁ ଏମିତି ସମୟ ଆସିଲା ଶ୍ରୀରାମଙ୍କ ରାଜ୍ୟାଭିଷେକରେ କୈକେୟୀ ଖଳ ମସ୍ତିଷ୍କରେ ବିଦ୍ରୋହୀ ହେଲେ ତାଙ୍କ ପୁଅକୁ ରାଜା କରିବା ଅଭିପ୍ରାୟରେ କାମାତୁର। ଦଶରଥ କରିଥିବା ଗୁପ୍ତ ଚୁକ୍ତିକୁ ଉପସ୍ଥାପିତ କରି ଶ୍ରୀରାମଙ୍କୁ ବଣକୁ ପଠାଇଲେ। ଥିଲା କ'ଣ ହେଲା କ'ଣ ? ସ୍ୱାର୍ଥ ବ୍ୟକ୍ତିକୁ ଅନ୍ଧ କରିଦିଏ, ମାତ୍ର ସମୟ ଏପରି ଆସେ ବନ୍ଧୁ ଚିରନ୍ତନ ରହିନପାରେ କି ଶତ୍ରୁତା କେବେ ନଥାଇ ହଠାତ୍ ଆସିଥାଏ। ଚାକିରି ଜୀବନରେ ଦରମା ପାଇ କି ଖୁସିରେ ସମୟ ନକଟେ। ସେତେବେଳେ ଯୁବକାଳ ପ୍ରୌଢ଼କାଳ ଚାଲୁଥାଏ ମାତ୍ର ବାର୍ଦ୍ଧକ୍ୟ ଆସିବାର ପ୍ରାକ୍ କାଳରେ ଚାକିରି ଯାଏ। ଲୋକର ପରାଶ୍ରୟ ସମୟକୁ ନିଜର ରୋଜଗାର ବନ୍ଦ। କିଛି ସନ୍ତାନ, ଗଚ୍ଛିତ ଧନ ବା ପେନସନ ମାତ୍ର ଏହା ବି ସମସ୍ତଙ୍କର ନଥାଏ। ଶ୍ରମଜୀବୀର ଶରୀର ଅବଶ, ବାଣିଜ୍ୟକାରୀର ଅଙ୍ଗ ଶୈଥିଲ ଯୋଗୁ ଧାଁ ଧଉଡ଼ ବୋଝ ବୋହିବା ଶକ୍ତି ଦୁର୍ବଳ, ପର ଉପରେ ଭରସା ଅର୍ଥବେଳେ ଅନେକଙ୍କୁ ପୋଷା ଯାଇଥାଏ, ଅର୍ଥ ନଥିଲା ବେଳେ ସ୍ୱାର୍ଥ ପୂରଣ ହେଉ ନାହିଁ ବୋଲି ଅନେକ ଦୂରେଇ ରହନ୍ତି। ବାପା ମୋର ଭାଇ ମୋର ସାଙ୍ଗ ମୋର ଅର୍ଥ ନଥିଲେ ଏକ ଅଣଦେଖା ସ୍ତର ଆସିଯାଏ। ଚାକିରି, ବଡ଼ ପଦବୀଧାରୀଙ୍କୁ କେତେ ଆଜ୍ଞା ଆପଣ ପ୍ରଣାମ ନମସ୍କାର କେତେ ପିଅନ କ୍ଲର୍କ ପିଏ ତା'ପରେ ଜୀବନରେ ଏକ କୋଣ ସମୟ ଏକୁଟିଆ ବଞ୍ଚାଁରା। ଏସବୁ ବ୍ୟକ୍ତିର ପୂର୍ବ ପର ସମୟର ଘଟଣା। ସମସ୍ତେ ସ୍ୱାର୍ଥ ଖୋଜନ୍ତି କୃତ୍ରିମ ବନ୍ଧୁତାରେ ଆବଦ୍ଧ ରୁହନ୍ତି। ସ୍ୱାର୍ଥ ସିଦ୍ଧି ପାଇଁ ଅନେକ ଉପହାର ଉପଢ଼ୌକନ ଅଧିକାରୀ କର୍ତ୍ତାଙ୍କୁ ଭେଟି ଦିଅନ୍ତି। ପଦବୀରେ ଥିଲେ କୌଣସି ଆଦେଶ କର୍ତ୍ତା ହୋଇଥିଲେ ଏଇଟା ଆଖି ଦୃଶିଆ ଧନର ରୂପାନ୍ତର ଦ୍ରବ୍ୟ। ସଭାକୁ ଗଲେ ଜୟ ଜୟକାର ଉତ୍ତମ ଆସନ ଉଚ୍ଚ ଆସନ ମାତ୍ର ପଦବୀ ଚାଲିଗଲେ ସେହି ଲୋକ ଥିଲେ ବି ଆଡ଼ ମୁଖ ହୋଇଯାଆନ୍ତି। ସବୁ ସମୟର କରାମତି। ଜୀବନରେ ବିବାହ ଏକ ଆନନ୍ଦ ଉତ୍ସର ପର୍ବ। ହେଲେ ବିବାହ ସ୍ଥିତି ପୂର୍ବ ପରି ଲୋକେ ଆଉ ମନେ ରଖୁନାହାଁନ୍ତି। ବିବାହର କିଛିଦିନ ପରେ ସ୍ୱାମୀ ସ୍ତ୍ରୀଙ୍କର ମଧ୍ୟରେ ଛେଦଭେଦ ପୂର୍ବସ୍ଥିତି ସଂକଳ୍ପ ରହୁନାହିଁ। ପୂର୍ବରେ ସ୍ୱାମୀ ସ୍ତ୍ରୀ ସଂକଳ୍ପ ସାରା ଜୀବନ ରହିବାବେଳେ ଏବେ ବହୁତିକ୍ତରେ ଆସୁଛି। ମିଥ୍ୟା ଆଶ୍ରୟ ନ ଦେଲେ ଛାଡ଼ପତ୍ର ହୋଇପାରୁ ନାହିଁ। ସ୍ୱାମୀ ସ୍ତ୍ରୀ ମଧ୍ୟରେ ଗୁପ୍ତକଥା ବୃଥା କଥାରେ ପରସ୍ପର ଆରୋପ ମିଥ୍ୟା କଥାରେ ଛିଣ୍ଡକାଟ କରାଉଛି। ଏପରି ସମୟରେ ଅନେକ କ୍ଷେତ୍ର ଜଡ଼ିତ। ପୂର୍ବ ଶସ୍ୟ ରହିଛି ହେଲେ ପୂର୍ବ ଖାଦ୍ୟ ଧାରା ବଦଳିଛି। କିନ୍ତୁ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ମହାପ୍ରସାଦ ବଦଳି ନାହିଁ କି ତାର ପ୍ରସ୍ତୁତ ମାର୍ଗ ଅବଦଳ ରହିଛି। ସମୟ ଠାକୁରଙ୍କ ପାଖରେ ହାର ମାନୁଛି ଓ ମନୁଷ୍ୟ ସମୟ ପାଖରେ ହାର ମାନୁଛି।

# ସ୍ୱାଧୀନତା ଦିବସ ପାଳନ ପରେ...



ଡା. ଅନ୍ତର୍ଜିତା ନାୟକ
ମୋ : ୬୩୭୦୯୦୫୯୪୭

ଅଗଷ୍ଟ ୧୫, ୨୦୨୫, ଶୁକ୍ରବାର। ଏବେ ଏବେ ସରିଛି ଭାରତ ଓ ଭାରତୀୟ ମାନଙ୍କର ୭୯ତମ ସ୍ୱାଧୀନତା ଦିବସ ପାଳନର ଗୌରବମୟ ଅଧ୍ୟାୟ। ଅଗଷ୍ଟ ୧୫ ବା ଜାନୁଆରୀ ୨୬ ପାଖେଇ ଆସିଲେ, ଦେଶର ଚତୁଃପାର୍ଶ୍ୱ ତ୍ରିରଙ୍ଗାମୟ ଦିଶି ଉଠେ। ଛୋଟ, ବଡ଼ ଦୋକାନ ମାନଙ୍କରେ, ଜାତୀୟ ପତାକା ମାନ ବିକ୍ରି ହୁଏ, ଯାହାକୁ ଆମେ ସମସ୍ତେ ଗର୍ବର ସହ କିଣି, ନିଜ ଗାଡି, ସାଇକେଲ ବା ଘର ଗେଟ୍‌ରେ ଲଗାଇ ଭାରତୀୟ ହେବାର ପରିଚୟ ଦେଉ। ମୋର ମନେ ପଡ଼ିଯାଉଛି ଆମ ପିଲାଦିନ, ଯେତେବେଳେ ଗୋଟିଏ ଜାତୀୟ ପତାକା ଲାଗି ଆମେ ଭାଇଭଉଣୀ କେତେ ଦିନରୁ ଯୋଜନା କରୁ। ସେତେବେଳେ, ଆଜି ଭଳି ମାଳମାଳ ଜାତୀୟ ପତାକା ବିକ୍ରି ହେଉ ନଥିଲା। କାଁ-ଭାଁ କେଉଁଠି ମିଳୁଥିଲା, ନ ହେଲେ ଆମେ ସ୍କୁଲରୁ ସାର୍‌ଙ୍କ ଠାରୁ ମାଗିକି ଆଣୁଥିଲୁ। ଯଦି ସ୍କୁଲରେ ବି ମିଳୁ ନଥିଲା, ତେବେ କଇଁଚି, କାଗଜ ଓ ରଙ୍ଗ ସାହାଯ୍ୟରେ ନିଜେ ପତାକା ତିଆରି କରିଦେଉଥିଲୁ। ତ୍ରିରଙ୍ଗାର ଅପମାନ, ମା'ର ଅପମାନ ବୋଲି ବୋଉ କୁହେ, ତ ସେଥିଲାଗି ଆମେ ସେଇ ତ୍ରିରଙ୍ଗାକୁ ଆଲମାରୀରେ ସାଇତି ରଖୁଥିଲୁ, ଆର ବର୍ଷ ଲାଗି। ସେତେବେଳେ ତ୍ରିରଙ୍ଗା ଗୋଟେ ପାଇବା ପାଇଁ ଯେତେ ଉତ୍ସାହ ଥିଲା, ସେଇ ଉତ୍ସାହ ୩୦-୩୫ ବର୍ଷ ପରେ ବୋଧେ ବଦଳିଯାଇଛି। ଅଭିବୃଦ୍ଧି ଏବଂ ବିକାଶର ଏଇ ଯୁଗରେ, ଆଜିକାଲି ସବୁ ଜିନିଷ ସହଜ ସୁବିଧାରେ ମିଳିଯିବାରୁ ଉତ୍ସାହ ଓ ମୂଲ୍ୟ ଧୀରେ ଧୀରେ କମି ଯାଉଛି। ଆମ ଉତ୍ସାହ ଦିଗହରା ହୋଇଯାଉଛି। ଆମ ଭାବ ଓ ଭାବନା ପଥଚ୍ୟୁତ ହୋଇଯାଉଛି। ସେଥିପାଇଁ ବୋଧେ, ଆମେ ବିକାଶର ସେଇ ଛବି ଦେଖିବାକୁ ଚାହୁଁଛୁ ଯାହା ଆମକୁ ପସନ୍ଦ, ହେଲେ ବିକାଶର ବାସ୍ତବ ଛବି, ଦିଗ ଓ ଲକ୍ଷ୍ୟ କେଉଁ ବାଟରେ ଚାଲିଛି, ବା ବିକାଶର ବାସ୍ତବ ସ୍ଥିତି କ'ଣ ତାହା ଆମ ନଜରକୁ ଆସୁ ନାହିଁ। ସେଥିପାଇଁ ବୋଧେ, ସ୍ୱାଧୀନତା ଦିବସ ପାଳନ ପୂର୍ବର ଓ ସ୍ୱାଧୀନତା ଦିବସ ଦିନର ଯାକଜକମ ସମସ୍ତେ ଦେଖି ପାରୁଛନ୍ତି, ହେଲେ ତାହାର ପରବର୍ତ୍ତୀ ସମୟର ସ୍ଥିତି ଅଛପା ରହିଯାଉଛି। କୌଣସି ପର୍ବ କେବଳ ପାଳନ କରି ତାହାକୁ ଗୋଟିଏ ଦିନର ଉତ୍ସବରେ ସୀମିତ ନ ରଖି, ପର୍ବର ଉପଯୁକ୍ତ ମର୍ମ ଓ ତାହାର ତାତ୍ପର୍ଯ୍ୟକୁ ବୁଝିବା ନିତାନ୍ତ ଆବଶ୍ୟକ। ସେଇ ପରିପ୍ରେକ୍ଷୀରେ, ଏହି ଆଲେଖ୍ୟ ମାଧ୍ୟମରେ ମୁଁ ଏକ ସତ୍ୟ ଘଟଣା ବଖାଣିବାକୁ ଚାହିଁବି, ଯାହା ଆମର ଆଧୁନିକ ବ୍ୟକ୍ତିତ୍ୱ, ଦ୍ୱୈତ ଚରିତ୍ର ଓ ଛଦ୍ମ ବିକାଶର ପ୍ରତିବିମ୍ବ। କିଛି ପାଠକଙ୍କୁ ତାହା ଗପ ଲାଗି ପାରେ, ମାତ୍ର ଗପ ହେଲେ ବି ତାହା ସତ।

ଏଇ ବର୍ଷ ଅଗଷ୍ଟ ୧୫ ଦିନ କୌଣସି ଏକ ବଡ଼ ସଂସ୍ଥା ତରଫରୁ ଏକ ବିରାଟ ଖୋଲା ପଡ଼ିଆରେ ସ୍ୱାଧୀନତା ଦିବସ ପାଳନ ଲାଗି ସବୁ ପ୍ରକାର ଆୟୋଜନ ହୋଇଥାଏ। ସହରର ନାମୀ ଦାମୀ ବ୍ୟକ୍ତି ବିଶେଷ ସବୁ ଆସିଥାନ୍ତି। ପଡ଼ିଆ ସାରା ଲମ୍ବା ଲମ୍ବା ଗାଡି ପାର୍କ ହୋଇଥାଏ। ଜଣେ ଭି.ଭି.ଆଇ.ପି ମହାଶୟ ଆସି ପତାକା ଉତ୍ତୋଳନ କରିବେ, ଭାଷଣ ଦେବେ ଯେତେବେଳେ, ସବୁ ପ୍ରକାର ଉତ୍ତମ ବ୍ୟବସ୍ଥା ହୋଇଥାଏ। ବଡ଼ ବଡ଼ ଗାଡି ଦେଖି, ଗୋଟେ ଭିକାରୀ ମା', ତା' ୫ବର୍ଷର ପୁଅ ସହିତ, କିଛି ଭିକ୍ଷା ଆଶାରେ ଆସି ପଡିଆରେ ପହଞ୍ଚି ଗଲା। ପଡ଼ିଆର ଗୋଟିଏ ପାଖରେ ବସି ଭିକ ମାଗିବା ଆରମ୍ଭ କରିଦେଲା। ହେଲେ ଏତେ ବଡ଼ ଉତ୍ସବ ଲାଗି ଯେତେବେଳେ ଲୋକେ ସଜବାଜ ହୋଇ ଆସୁଥାନ୍ତି, ମଳିମୁଣ୍ଡିଆ ଭିକାରୀକୁ କିଏ ବା କେମିତି ଦେଖିବ ! ଲୋକେ ଦେଖି ଅଣଦେଖା କରିଦେଉଥିଲେ। ଭିକାରୀ ମା'ର କଡରେ ଛୁଆଟି ଚୁପ୍‌ଚାପ୍ ବସିଥାଏ। ଯେମିତି ଯେମିତି ଭିଡ଼ ବଢ଼ିବାରେ ଲାଗିଲା ଓ ବାହାରକୁ ଜଣା ପଡିଗଲା ଯେ ସେଠାରେ ସ୍ୱାଧୀନତା ଦିବସ ପାଳନ ହେଉଛି, କିଛି ବିକାଳୀ ପିଲା ଯାହାଙ୍କର ବୟସ ପ୍ରାୟ ୧୦-୧୨ ବର୍ଷ ହେବ, ହାତରେ ଜାତୀୟ ପତାକା ଧରି ସେଠାକୁ ବିକିବାକୁ ଚାଲି ଆସିଲେ। କିଛି ଲୋକ ନିଜର ଦେଶାତ୍ମବୋଧର ପରିଚୟ ଦେବାକୁ ଯାଇ ସେଇ ପିଲାଙ୍କ ଠାରୁ ତ୍ରିରଙ୍ଗା କିଣି ସଭାସ୍ଥଳକୁ ଯାଉଥାନ୍ତି। ସେଇ ତ୍ରିରଙ୍ଗା ଦେଖି, ଭିକାରୀ ମା'ର ଛୁଆଟି ମଧ୍ୟ ଗୋଟେ ପତାକା ଲାଗି ଜିଦ୍ କରିଲା। ହେଲେ ତା' ମା' ତାକୁ ପତାକା କିଣି ନ ଦେଇ, ଟିକିଏ ଅପେକ୍ଷା କରିବାକୁ କହିଲା। ଭିକ୍ଷାରେ ପାଇଥିବା ପଇସା ତକ ଯଦି ତ୍ରିରଙ୍ଗା କିଣିବାରେ ସାରିଦେବ, ତେବେ ନିଜ ପେଟ ଓ ଛୁଆ ଲାଗି କ'ଣ ରହିବ ! ଦେଖୁ ଦେଖୁ ଭି.ଭି.ଆଇ.ପି ମହାଶୟ ଆସି ପହଞ୍ଚିଗଲେ। ସମସ୍ତେ ତାଙ୍କୁ ସଭାସ୍ଥଳକୁ ପାଛୋଟି ନେଲେ। ପତାକା ଉତ୍ତୋଳନ ସହିତ ଜାତୀୟ ସଂଗୀତ ମଧ୍ୟ ଗାନ ସରିଲା। ଓଜସ୍ୱି, ତେଜସ୍ୱି ଭାଷଣ ମଧ୍ୟ ହେଲା। ଘଣ୍ଟେ-ଦେଢ଼ ଘଣ୍ଟା ଭିତରେ ସଭା ସରିଗଲା। ଭି.ଭି.ଆଇ.ପି ମହାଶୟଙ୍କର ପ୍ରସ୍ଥାନ ପରେ ପରେ ସମସ୍ତେ ସେଠାରୁ ଯିବା ଆରମ୍ଭ କରିଦେଲେ। ସଭା ସାରି ଗଲାବେଳକୁ କେହି କେହି ହାତରେ ଧରିଥିବା ଖାଇବା ପ୍ୟାକେଟ ସେଇ ଭିକାରୀ ମା' ହାତକୁ ଦେଇ ଦେଉଥାନ୍ତି। ହେଲେ ସେଇ ଭିକାରୀ ଛୁଆଟିର ମନ ତ୍ରିରଙ୍ଗା ପାଖରେ ଥାଏ। ସଭାସ୍ଥଳ ଖାଲି ହେଲା ପରେ, ଭିକାରୀ ମା'ଟି ତା' ଛୁଆକୁ କହିଲା- "ବାବା ରେ ! ଚାଲ ଭିତରକୁ ଯିବା। ସଭା ସିନା ସରିଗଲା ଓ ସଭାକୁ ଆସିଥିବା ଲୋକେ ସିନା ଆମକୁ ଭିକ୍ଷା ଦେଲେନି, ହେଲେ ଏବେ ଏଇ ସଭାସ୍ଥଳରେ ଆମକୁ ବହୁତ କିଛି ମିଳିବ। ତୁ ଯାହା ଚାହୁଁଛୁ ତତେ ମିଳିବ ଓ ମୁଁ ଯାହା ଚାହୁଁଛି ମତେ ବି ମିଳିବ।" ଏହା କହି ମା' ପୁଅ ସଭାସ୍ଥଳ ଆଡ଼ିକି ଚାଲିଲେ। ବାହାଘର ପରେ ବେଦି ମୁହଁ ପୋଡା ଭଳି, ଆଉ କିଏ ବା ସେଇ ବାସି ସଭାସ୍ଥଳକୁ ପଚାରେ ! ହେଲେ ସଭାସ୍ଥଳରେ ପହଞ୍ଚି ମା' ପୁଅଙ୍କ ଖୁସି କହିଲେ ସରୁ ନଥାଏ। ଭିକାରୀ ମା' ତା କାନ୍ଧଗଳା ମୁଣିରୁ ଏକ ବୋରା କାଢି, ତଳେ ପଡିଥିବା ପ୍ଲାଷ୍ଟିକ ପାଣି ବୋତଲ, ଖାଇବା ପାଇଁ ବ୍ୟବହାର ହୋଇଥିବା ପ୍ଲାଷ୍ଟିକ ଚାମଚ, ଗ୍ଲାସ, ବିସ୍କୁଟ ଚିପ୍ସ ଖୋଳ, ସବୁ ରୁଣ୍ଡେଇବାରେ ଲାଗିଲା। ତା' ପୁଅ ମଧ୍ୟ ମନ ଖୁସିରେ କୁଣିଆମାନେ ଚୌକି ଉପରେ ଛାଡ଼ି ଚାଲି ଯାଇଥିବା ତ୍ରିରଙ୍ଗାକୁ ଗୋଟେଇଲା। କିଛି ତ୍ରିରଙ୍ଗା ତଳେ ପଡି ବର୍ଷାପାଣିରେ କାଦୁଅ ହୋଇଯାଇଥିଲା, ହେଲେ ଛୁଆଟି ସେ ସବୁକୁ ମଧ୍ୟ ଗୋଟେଇ, ସାଇଜ୍ କରି ହାତରେ ଧରୁଥାଏ। ଗୋଟିଏ ତ୍ରିରଙ୍ଗା କିଣି ଦେବାକୁ ସେ ମା'କୁ କହୁଥିଲା, ହେଲେ ମାଗଣାରେ ଏତେ ତ୍ରିରଙ୍ଗା ମିଳିଯିବାରୁ ଛୁଆଟି ବହୁତ ଖୁସି ଥିଲା। ତା' ସାଙ୍ଗକୁ ଧଳା, ନାରଙ୍ଗୀ, ସବୁଜ ବେଲୁନ୍ ମଧ୍ୟ ମିଳିଗଲା, ଯାହା ସେଇ ଛୁଆଟି ସ୍ୱପ୍ନରେ କେବେ ଭାବି ନଥିଲା। ମା'-ପୁଅ ନିଜ ନିଜ ଜିନିଷ ପାଇ ବହୁତ ଖୁସିରେ ସେଠାରୁ ଚାଲିଗଲେ। ପଡ଼ିଆରୁ ଗୋଟେଇଥିବା ପ୍ଲାଷ୍ଟିକ ଜିନିଷ, ମା' ଭିକାରୀ କବାଡି ବାଲାକୁ ବିକି, କିଛି ପଇସା ରୋଜଗାର କରିବ, ଓ ତା' ଛୁଆର ଖୁସି ତ କହିଲେ ନ ସରେ। ଏହା ହିଁ ହେଉଛି ଆଜିକାଲିର କଟୁ ସତ୍ୟ, ଓ ସ୍ୱାର୍ଥ ସାଧିତ କାର୍ଯ୍ୟର ଚିତ୍ରଣ। ସମାଜର ତଥାକଥିତ ଶିକ୍ଷିତ, ମାର୍ଜିତ, ଗୁଣି, ଜ୍ଞାନୀ ବଡ଼ ଲୋକେ ଯଦି ଶିକ୍ଷାର ମୂଲ୍ୟ ଠିକ୍ ଭାବରେ ବୁଝି, ତାକୁ କାର୍ଯ୍ୟକାରୀ କରିବେ ନାହିଁ, ତେବେ ସେମାନେ ସମାଜକୁ କି ପ୍ରକାର ଶିକ୍ଷା ଦେବେ। ସେମାନଙ୍କ ଠାରୁ କି ପ୍ରକାରର ତାଲିମ୍ ଆମ ପିଲା ଓ ଯୁବପିଢ଼ି ପାଇବେ, ଯେଉଁମାନଙ୍କ ଲାଗି ସେମାନେ ଉଦାହରଣ, ଆଦର୍ଶ ବା ଆଇକନ୍ ? ଆଜିକାଲି ମୁଖା ପଛର ଅସଲ ଚେହେରାକୁ ଚିହ୍ନିବା, କାର୍ଯ୍ୟ ପଛର ଅସଲ ଉଦ୍ଦେଶ୍ୟକୁ ଜାଣିବା ବହୁତ କଷ୍ଟକର। କର୍ମଚାରୀଟିଏ ସହଜରେ ପଦୋନ୍ନତି ପାଇବା ଉଦ୍ଦେଶ୍ୟରେ ନିଜ ବସ୍ ସାମ୍ନାରେ ଲୋକ ଦେଖାଣିଆ କାମ କରେ। ନେତା ମନ୍ତ୍ରୀ ଭୋଟ ପାଇବା ଆଶାରେ ଦେଶର ନାଗରିକଙ୍କ ଦୁଃଖରେ ଦୁଃଖୀ ହେବାର ଛଳନା କରନ୍ତି। ଏମିତିକି ପିତୃ ସମ୍ପତ୍ତି ସବୁ ନିଜ ନାଁରେ କରିବାକୁ ପିଲାମାନେ ମଧ୍ୟ ନିଜ ବାପା-ମା'ଙ୍କ ସମ୍ମୁଖରେ ଭଲ ହେବାର ପ୍ରହସନ କରନ୍ତି ଓ ନିଜ ଭାଇଭଉଣୀଙ୍କ ସହ ଛଳନା କରନ୍ତି। ଏହା ବ୍ୟତୀତ ଆମେ ଯଦି ଆଜିର ମୂଳ ବିଷୟକୁ ଫେରିଯିବା, ତେବେ ପ୍ରଶ୍ନ ଉଠେ, ଆମେ ଆଜି ଆମ ଗୌରବମୟ ଇତିହାସକୁ ନେଇ କେତେ ସମ୍ବେଦନଶୀଳ ? ଆଜି ଆମେ ପାଳନ କରୁଥିବା ଦିବସ ବା ପର୍ବର ମର୍ମ ଜାଣିଛନ୍ତି, ନା କେବଳ ଲୋକଦେଖାଣିଆ ପ୍ରହସନ କରୁଛନ୍ତି ? ଦିନଥିଲା ଯେବେ ତ୍ରିରଙ୍ଗାଟିଏ ନିଜ ମାଟିରେ ଫର-ଫର ହୋଇ ଉଡିବାକୁ ମୁକ୍ତ ଆକାଶଟିଏ ଖୋଜୁଥିଲା। ଦିନଥିଲା ଆମେ ମା' ଭାରତୀକୁ ତା' ତ୍ରିରଙ୍ଗା ଶାଢ଼ୀ ପିନ୍ଧେଇ ପାରୁନଥିଲେ। ଲୁଚି ଲୁଚି ମା' ମାଟିର ବନ୍ଦାପନା କରୁଥିଲେ। କେତେ କଷ୍ଟରେ, କେତେ ଜୀବନର ଆହୁତି ଦେଇ ଆମେ ଆଜି ଏଇ ସ୍ୱାଧୀନତା ପାଇଛନ୍ତି। ଯିଏ ପରାଧୀନତାର ସେଇ ଜରାଯନ୍ତ୍ରଣାକୁ ଦେଖିଛି ବା ସହିଛି, ବୋଧେ ସେ ହିଁ ନିଜ ମା'କୁ ବା ନିଜ ମାଟିକୁ ନିଜର ବୋଲି ନ କହି ପାରୁଥିବାର ଦୁଃଖକୁ ହୃଦୟଙ୍ଗମ କରିଛି। ହେଲେ ସ୍ୱାଧୀନ ଭାରତରେ ଜନ୍ମ ନେଇଥିବା ଭାଗ୍ୟଶାଳୀ ଭାରତୀୟ ବୋଧେ ପରାଧୀନତାର ସେଇ କଷ୍ଟ ଓ ଅପମାନକୁ ଅନୁଭବ କରିପାରୁ ନାହାନ୍ତି, ଯାହାଫଳରେ ସ୍ୱାଧୀନତା କେବଳ ଏକ ବିଶେଷ୍ୟ ହୋଇ ରହିଯାଉଛି, କିନ୍ତୁ କିଛି ବିଶେଷ ହୋଇପାରୁନାହିଁ। ଅଗଷ୍ଟ ୧୫, କେବଳ ପାଳନ କରିବାକୁ ଏକ ଦିବସ ନୁହେଁ, ବରଂ ନିଜ ମାଟି ମା'କୁ ସୁରକ୍ଷିତ ରଖିବାକୁ ଓ ତା'ର ଟେକ ସର୍ବଦା ବିଦ୍ୟମାନ ରଖିବାକୁ ପ୍ରତ୍ୟେକ ଭାରତୀୟଙ୍କର ପ୍ରତିଶ୍ରୁତି। ସ୍ୱାଧୀନତା ଦିବସ କେବେଳ ଗୋଟିଏ ଦିନର ଉତ୍ସବ ନୁହେଁ, ବରଂ ଗୋଟେ ମା'ର ନିଜ ସନ୍ତାନ ଉପରେ ଥିବା ଦୃଢ଼ ବିଶ୍ୱାସ ଯେ, ମା'ର ଯତ୍ନ ନେବାକୁ ତା'ର ସନ୍ତାନ ସର୍ବଦା ତତ୍ପର। ହେଲେ, ଗୋଟିଏ ଦିନର ମିଛମିଛିକା ଦେଶ ଭକ୍ତି ଦେଖାଇଲେ, ନା ତ ସେଥିରେ ଦେଶର ଲାଭ ହେବ, ନା ମାନବ ସମାଜର କଲ୍ୟାଣ ହେବ। ଏଇ ପ୍ରହସନ କରିବାକୁ ବା ଦେଖିବାକୁ ଆମ ସ୍ୱାଧୀନତା ସଂଗ୍ରାମୀ ନିଜ ଜୀବନକୁ ପାଣି ଛଡେଇ ନଥିଲେ। ସ୍ୱାଧୀନ ଭାରତର ଭାରତୀୟମାନେ ଯେପରି ନିଜର ଉତ୍ତମ କାର୍ଯ୍ୟ ଓ ଦକ୍ଷତା ବଳରେ ରାଜତ୍ୱ କରିବେ ଓ ଭାରତର ଏକ ନୂଆ ପରିଚୟ ସୃଷ୍ଟି କରିବେ, ସେଥିପାଇଁ ଆମକୁ ସ୍ୱାଧୀନତା ଉପହାର କରିଯାଇଛନ୍ତି। ଇଂରେଜ ମାନଙ୍କ ଶାସନରୁ ତ ଆମକୁ ସ୍ୱାଧୀନତା ମିଳିଗଲା, ହେଲେ ନିଜର କୁତ୍ସିତ ଚିନ୍ତାଧାରାର ପରାଧୀନତାରୁ ନବାହାରିବା ଯାଏଁ, ସ୍ୱାଧୀନତାର ମୂଲ୍ୟକୁ ସାର୍ଥକ କରିହେବ ନାହିଁ। ତ୍ରିରଙ୍ଗା ପ୍ରତ୍ୟେକ ଭାରତୀୟଙ୍କ ଗୌରବ। ସେଇ ଗୌରବର ହେପାଜତ କରିବା ପ୍ରତ୍ୟେକ ସ୍ୱାଧୀନ ନାଗରିକର ଦାୟିତ୍ୱ। ହେଲେ ସମୟ ସହିତ ସ୍ୱାର୍ଥୀ ହୋଇଯାଇ, ଯଦି ଦେଶର ଯୋଗ୍ୟ ସନ୍ତାନ ହେବାର କେବଳ ପ୍ରହସନ କରିବା ଓ ନିଜର ସ୍ୱାର୍ଥକୁ ଦେଶର ସ୍ୱାର୍ଥ ଆଗରେ ରଖିବା, ତେବେ କ୍ଷତି କେବଳ ନିଜର ହିଁ ହେବ, ଯାହା ଏବେ ଜଣା ପଡ଼ି ନ ପାରେ, କିନ୍ତୁ ଯେତେବେଳେ ଜଣାପଡ଼ିବ ସେତେବେଳେ ନେଡ଼ିଗୁଡ଼ କହୁଣୀକୁ ବହିଯାଇଥିବ। ସେଥିପାଇଁ ବେଳ ଥାଉ ଥାଉ ନିଜକୁ ସୁଧାରି ଦେବାଟା ହିଁ ବୁଦ୍ଧିମାନର କାମ।



ଆଳି (ଭାସ୍କର ନ୍ୟୁଜ): କେନ୍ଦ୍ରାପଡ଼ା ଜିଲ୍ଲା ଆଳି ବ୍ଲକ ଅରେହିକଣା ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ସେବା ଓ ସ୍ୱାଭିମାନର ପ୍ରତୀକ ଉତ୍କଳମଣି ଗୋପବନ୍ଧୁ ଦାସ ଏବଂ ଉତ୍କଳଗୌରବ ମଧୁସୂଦନ ଦାସଙ୍କ ପ୍ରତିମୂର୍ତ୍ତି ଅନାବରଣ କରାଯାଇଛି । ପ୍ରଥମେ ଉତ୍କଳମଣି ଗୋପବନ୍ଧୁ ଦାସ ଏବଂ ଉତ୍କଳଗୌରବ ମଧୁସୂଦନ ଦାସଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଦେଇ ମୁଖ୍ୟଅତିଥି ଭାବେ ଅରେହିକଣା ସରପଞ୍ଚ ହିମାଂଶୁ ଶେଖର ପଣ୍ଡା ଏବଂ ସମ୍ମାନିତ ଅତିଥି ଭାବେ ବରିଷ୍ଠ ଶିକ୍ଷାବିତ ତଥା କବି ପ୍ରମୋଦ ମଲ୍ଲିକ ଅନାବରଣ କରିଥିଲେ । ଅନ୍ୟପକ୍ଷେ ସମ୍ମାନିତ ଅତିଥି ମାଳପାଟଣା ଆଞ୍ଚଳିକ ସାଧନ କେନ୍ଦ୍ରର ସଂଯୋଜକ ଅନିଲ କୁମାର ନନ୍ଦ ଦୁଇ ମହାନ ଆତ୍ମାଙ୍କ ଜୀବନୀ ବିଷୟରେ ଆଲୋକପାତ କରିଥିଲେ । ପରେ ପରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ବିଭୁ ପ୍ରସାଦ ଶର୍ମାଙ୍କ ତତ୍ୱାବଧାନରେ ଏହି କାର୍ଯ୍ୟକ୍ରମକୁ ଆଗକୁ ନେଇଥିଲେ । ଏହି କାର୍ଯ୍ୟକ୍ରମରେ ଗ୍ରାମର ବୁଦ୍ଧିଜୀବି, ବିଦ୍ୟାଳୟ ପରିଚାଳନା କମିଟି, ଗ୍ରାମବାସୀ, ଅଭିଭାବକ, ଉଦ୍ୟମାନ ବ୍ୟକ୍ତି ବିଶେଷ ଏବଂ ପଞ୍ଚସଖା ଶିକ୍ଷା ସେତୁର କର୍ମକର୍ତ୍ତା ମାନେ ଉତ୍ସବରେ ଉପସ୍ଥିତ ରହି ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ପ୍ରଦାନ କରିଥିଲେ । ଅନ୍ୟପକ୍ଷେ ସହକାରୀ ଶିକ୍ଷକ ସୁକାନ୍ତ କୁମାର ଲେଙ୍କା ପ୍ରତିମୂର୍ତ୍ତି ସ୍ଥାପନର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ । ସହକାରୀ ଶିକ୍ଷକ କାମିନୀକାନ୍ତ ମାରାଣ୍ଡି, ଶିକ୍ଷୟିତ୍ରୀ ଅନୁସୟା ବଳ, ଶିକ୍ଷୟିତ୍ରୀ ଚନ୍ଦ୍ରକାନ୍ତି ସାମଲ, ପଞ୍ଚସଖା ଶିକ୍ଷା ସେତୁର ସଭାପତି ବିଶ୍ୱଜିତ ସୂତାର ପ୍ରମୁଖ ଏହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ ।

# ‘ସଫେଇ ଆପଣାନ୍ତୁ, ରୋଗ ହଟାନ୍ତୁ’ କାର୍ଯ୍ୟକ୍ରମରେ ମନ୍ତ୍ରୀ




ପାରାଦୀପ(ଭାସ୍କର ନ୍ୟୁଜ): ଜୁଲାଇ ୧୫ରୁ ଅଗଷ୍ଟ ୩୧ ତାରିଖ ପର୍ଯ୍ୟନ୍ତ ପାରାଦୀପ ପୌରପାଳିକା ପକ୍ଷରୁ ପୌରାଧକ୍ଷ ବସନ୍ତ ବିଶ୍ୱାଳଙ୍କ ନେତୃତ୍ୱରେ ଚାଲିଥିବା ସ୍ୱଚ୍ଛତା ହିଁ ସେବା ଅଭିଯାନ ଅନ୍ତର୍ଗତ ସଫେଇ ଆପଣାନ୍ତୁ, ରୋଗ ହଟାନ୍ତୁ କାର୍ଯ୍ୟକ୍ରମ ପୌରାଞ୍ଚଳର ବିଭିନ୍ନ ୱାର୍ଡ ମାନଙ୍କରେ ସଫଳତାର ସହ ଆୟୋଜିତ ହେଉଛି । ଏହି ପରିପ୍ରେକ୍ଷୀରେ ରବିବାର ବଡ଼ପଡିଆ ବଣିକ ସଂଘ ପରିସରରେ ଆୟୋଜିତ ସଫେଇ ଆପଣାନ୍ତୁ, ରୋଗ ହଟାନ୍ତୁ କାର୍ଯ୍ୟକ୍ରମରେ ରାଜ୍ୟ ଶିକ୍ଷ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସ୍ୱଚ୍ଛତାକୁ ଆପଣାଇବା ସହ ପରିବେଶକୁ ସ୍ୱଚ୍ଛ, ନିର୍ମଳ ଓ ସୁନ୍ଦର ରଖିବା ପାଇଁ ସଂକଳ୍ପ ନେବାକୁ ଯୁବବନ୍ଧୁ ମାନଙ୍କୁ ଆହ୍ୱାନ କରିଥିଲେ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଦେଶରେ ସ୍ୱଚ୍ଛ ଭାରତ ଅଭିଯାନ ଏବେ ଜନଆନ୍ଦୋଳନରେ ପରିଣତ ହୋଇସାରିଛି । ୨୦୧୪ ମସିହାରେ, ଏହି ଅଭିଯାନ ଆରମ୍ଭ ସମୟରେ ଦେଶରେ ପ୍ରତିଦିନ ସୃଷ୍ଟି ହେଉଥିବା ବର୍ଜ୍ୟବସ୍ତୁର ମାତ୍ର ୨୦ ପ୍ରତିଶତ ପରିଚାଳନା କରାଯାଉଥିଲା ବେଳେ ଆଜି ତାହା ୭୦ ପ୍ରତିଶତରେ ପହଞ୍ଚିଛି । ଆମକୁ ଏହା ୧୦୦ ପ୍ରତିଶତ ପର୍ଯ୍ୟନ୍ତ ନେବାକୁ ହେବ । ସ୍ୱଚ୍ଛତା ଏକ ସାମୁହିକ ଦାୟିତ୍ୱ ଏବଂ ଆମକୁ ସୁସ୍ଥ ଓ ନିରୋଗ ରହିବାକୁ ହେଲେ ସ୍ୱଚ୍ଛତାକୁ ମୁଖ୍ୟ ଅସ୍ତ୍ର ଭାବେ ବ୍ୟବହାର କରିବାକୁ ହେବ । ଆମ ସହରକୁ ସ୍ୱଚ୍ଛ ଓ ସୁନ୍ଦର ରଖିବା ପାଇଁ ଆମ ସମସ୍ତଙ୍କୁ ବ୍ୟକ୍ତିଗତ ସ୍ତରରେ ଦାୟିତ୍ୱ ନେବାକୁ ପଡିବ ଏବଂ ଏକକ ପ୍ଲାଷ୍ଟିକ ବ୍ୟବହାରକୁ ବନ୍ଦ କରିବାକୁ ହେବ ବୋଲି ମନ୍ତ୍ରୀ ଶ୍ରୀ ସ୍ୱାଇଁ ଆହ୍ୱାନ ଦେଇଥିଲେ । ଶେଷରେ ମାର୍କେଟ ଅଞ୍ଚଳରେ ଏକ ସାମୁହିକ ସଫେଇ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ପୌରାଧକ୍ଷ ବସନ୍ତ ବିଶ୍ୱାଳଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମରେ ପୌର ନିର୍ବାହୀ ଅଧିକାରୀ ଅଭିଷେକ ପଣ୍ଡା, ଆଞ୍ଚଳିକ ପ୍ରଦୂଷଣ ବୋର୍ଡ ଅଧିକାରୀ ପୁଷ୍କର ଚନ୍ଦ୍ର ବେହେରା, ପରିବେଷବିତ ଇଂ. ଅମରେଶ ନରେଶ ସାମନ୍ତ, ୧୫ ନମ୍ବର ୱାର୍ଡ ପାରିଷଦ ସୌଦାମିନୀ ସାହୁ, ପୋର୍ଟ ବଣିକ ସଙ୍ଘ ସଭାପତି ଅମୀୟ କୁମାର ପାଣି ପ୍ରମୁଖ ସ୍ୱଚ୍ଛତା ଉପରେ ଆଲୋକପାତ କରିଥିଲେ । ରବିବାର ସଂକ୍ରାନ୍ତି ମାର୍କେଟ ବନ୍ଦ ଯୋଗୁଁ ଏହି କାର୍ଯ୍ୟକ୍ରମରେ ବଣିକ ସଙ୍ଘର ବହୁ କାର୍ଯ୍ୟକର୍ତ୍ତା ଓ ବ୍ୟବସାୟୀ ଏବଂ ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନ ସାମିଲ ହୋଇ ଏହି ସ୍ୱଚ୍ଛତା କାର୍ଯ୍ୟକ୍ରମକୁ ସଫଳ କରିଥିଲେ ।

# ଶିକ୍ଷକଙ୍କୁ ମାଡ଼ ମାରି ହରଡ଼ଘଣାରେ ସରପଞ୍ଚଙ୍କ ସ୍ୱାମୀ

ଢେଙ୍କାନାଳ(ଭାସ୍କର ନ୍ୟୁଜ): ସ୍ୱାଧୀନତା ଦିବସ ପାଳନ ଅବସରରେ ବିଦ୍ୟାଳୟ ପରିସରରେ ପଶି ଜଣେ କାର୍ଯ୍ୟରତ ଶିକ୍ଷକଙ୍କୁ ମାଡ ମାରି ହରଡ଼ଘଣାରେ ପଡିଛନ୍ତି ସ୍ଥାନୀୟ ଦଶମାଣପାଟଣା ସରପଞ୍ଚଙ୍କ ସ୍ୱାମୀ । ନିହଲପ୍ରସାଦ ଥାନା ଅନ୍ତର୍ଗତ ସୀମାନ୍ତ ଦଶମାଣପାଟଣା ଗ୍ରାମ ପଞ୍ଚାୟତର ଦଶମାଣପାଟଣା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଅଗଷ୍ଟ ୧୫ତାରିଖ ଦିନ ୭୯ତମ ସ୍ୱାଧୀନତା ଦିବସ ପାଳିତ ହୋଇଥିଲା । ସେହିଦିନ ପ୍ରଭୁ ଶ୍ରୀକୃଷ୍ଣଙ୍କ ଜନ୍ମଦିନ ତଥା ଜନ୍ମାଷ୍ଟମୀ ପର୍ବ ପଡିଥିଲା । ଯାହା ଫଳରେ ଉକ୍ତ ବିଦ୍ୟାଳୟରେ ଉପସ୍ଥିତ ଛାତ୍ରଛାତ୍ରୀ ବିଦ୍ୟାଳୟ ଦ୍ୱାରା ଦିଆ ଯାଉଥିବା ମଧ୍ୟାହ୍ନ ଭୋଜନ ରନ୍ଧା ଖାଦ୍ୟ ସହିତ ଶୁକ୍ରବାର ଥିବାରୁ ଖାଦ୍ୟ ପୋଷଣ ଦିବସ ଥିବା ଯୋଗୁ ସିଝା ଅଣ୍ଡା ଦିଆଯାଇଥାଏ । କିନ୍ତୁ ତାହାକୁ ଖାଇବାକୁ ମନା କରିଥିଲେ । ଏଣୁ ତାହା ବଦଳରେ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଜଗଦୀଶ ବେହେରା ବିସ୍କୁଟ ଓ ଫଳ ମୂଳ ପିଲାଙ୍କୁ ଖାଇବାକୁ ଦେଇଥିଲେ । ବିଦ୍ୟାଳୟରେ ସମସ୍ତ କାର୍ଯ୍ୟସାରି ଫେରିବା ସମୟରେ ସ୍ଥାନୀୟ ସରପଞ୍ଚଙ୍କ ସ୍ୱାମୀ ସୁଧୀର କୁମାର ପ୍ରଧାନ ଓ ସାଥି ତ୍ରିଲୋଚନ ପ୍ରଧାନ ହଠାତ ବିଦ୍ୟାଳୟକୁ ଆସି ଅସଭ୍ୟ ଭାଷାରେ ଗାଳିଗୁଲଜ କରି କାହିଁକି ତୁ ପିଲାଙ୍କୁ ଅଣ୍ଡା ଖାଇବାକୁ ଦେଲୁନି ବୋଲି କହିଥିଲେ । ହେଲେ ଜନ୍ମାଷ୍ଟମୀ ଥିବାରୁ ପିଲା ଖାଇବାକୁ ମନା କଲେ । ଆସନ୍ତାକାଲି ଶନିବାର ପିଲାଙ୍କୁ ଖାଦ୍ୟରେ ଅଣ୍ଡା ଖାଇବାକୁ ଦିଆଯିବ ବୋଲି ପ୍ରଧାନ ଶିକ୍ଷକ କହିଥିଲେ । ଏହାପରେ ସୁଧୀର କହିଥିଲା ମୁଁ ସରପଞ୍ଚଙ୍କ ସ୍ୱାମୀ କହି ଅସଭ୍ୟ ଭାଷାରେ ଗାଳି ଗୁଲଜ କରିଥଲା । ସେହି ସମୟରେ ତ୍ରିଲୋଚନ ପ୍ରଧାନ ଶିକ୍ଷକଙ୍କୁ ଧକ୍କା ମାରି ମୋବାଇଲ ଛଡାଇ ନେଇଗୋଇଠା ମାରିଥିଲା । ଏତିକିରେ କଥା ସରିନଥିଲା ସୁଧୀର ଶିକ୍ଷକଙ୍କୁ ଧମକ ଦେଇ କହିଥିଲା ଯଦି ମୋ କଥା ନ ମାନୁ ତାହାଲେ ଆଗକୁ ପରିସ୍ଥିତି ଭୟଙ୍କର ହୋଇପାରେ । ନିଜର ଜୀବନ ପ୍ରତି ବିପଦ ଥିବା ଅନୁଭବ କରି ପ୍ରଧାନ ଶିକ୍ଷକ ଜଗଦିଶ ବେହେରା ସ୍ଥାନୀୟ ନିହାଲପ୍ରସାଦ ଥାନାରେ ଘଟଣା ସମ୍ପର୍କରେ ସୁଧୀର ଓ ତ୍ରିଲୋଚନ ନାମରେ ଲିଖିତ ଅଭିଯୋଗ କରିଥିଲେ । ଅଭିଯୋଗ ପରେ ନିହାଲପ୍ରସାଦ ପୋଲିସ କେସ ନଂ ୨୨୩/୧୬/୮/୨୫ ରେ ଏକ ମାମଲା ରୁଜୁ କରିଛି । ଘଟଣା ସମ୍ପର୍କରେ ଥାନା ଭାରପ୍ରାପ୍ତ ଅଧିକାରୀ ନିରୋଦ କୁମାର ମଲିକ କୁହନ୍ତି ଅଭିଯୋଗ ମିଳିଛି, ଘଟଣାର ତଦନ୍ତ ଚାଲିଛି । ତଦନ୍ତ ପରେ ଯିଏ ଦୋଷୀ ତାହା ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ।

# ପୂର୍ବ ବିବାଦରୁ ଦୁଇ ଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ

ନିମାପଡ଼ା(ଭାସ୍କର ନ୍ୟୁଜ): ପୂର୍ବ ବିବାଦକୁ ନେଇ ଥାନାରେ ପୃଥକ୍ ଅଭିଯୋଗ ପରେ ନିମାପଡ଼ା ଥାନା ପୋଲିସ ଦୁଇଟି ମାମଲା ରୁଜୁ କରି ଘଟଣାର ଅନୁସନ୍ଧାନ ଜାରି ରଖିଥିଲେ ମଧ୍ୟ ଅଭିଯୁକ୍ତମାନେ ପୋଲିସ ଭୟରେ ଫେରାର ହୋଇଯାଇଥିବା ଜଣାପଡ଼ିଛି । ଏହି ଘଟଣାକୁ କେନ୍ଦ୍ର କରି ଗ୍ରାମରେ ଉତ୍ତେଜନା ଦେଖାଦେଇଛି । କୌଣସି ମୁହୂର୍ତ୍ତରେ ଦୁଇପକ୍ଷ ମୁହାଁମୁହିଁ ହେବାର ଆଶଙ୍କା ରହିଛି । ସୂଚନା ଅନୁଯାୟୀ, ପୁରୀ ଜିଲ୍ଲା ନିମାପଡ଼ା ଥାନା ବ୍ରାହ୍ମଣପଡ଼ା ଗ୍ରାମର ରମେଶ ଚନ୍ଦ୍ର ବେହେରା ଥାନାରେ ଅଭିଯୋଗ କରିଛନ୍ତି, ଗତ ୧୬ତାରିଖ ଅପରାହ୍ନରେ ଖେଲାର ହାଟକୁ ବାଇକ୍ ଯୋଗେ ବାରଟି ପାଚିଲା କଦଳୀ କାନ୍ଦି ଆଣି ଆସୁଥିବା ବେଳେ ବ୍ରାହ୍ମଣପଡ଼ା ଗ୍ରାମ ଦାଣ୍ଡରେ ବିଭୂତି ଭୂଷଣ ବେହେରା, ତା'ର ସ୍ତ୍ରୀ ଝୁନା ବେହେରା, ସହଯୋଗୀ ମାମୁନି ବେହେରା, ରମେଶଙ୍କୁ ଓଗାଳି ତାଙ୍କ ବାଇକ୍‌କୁ ଫୋପାଡ଼ି ବାଇକ୍‌ରେ ଥିବା କଦଳୀ କାନ୍ଦିକୁ ଫୋପାଡ଼ି ଦେଇଥିଲେ ଓ ରମେଶ ପକେଟ୍‌ରେ ଥିବା ଅଠର ଶହ ଟଙ୍କା ନେଇ ଯାଇଥିଲେ । ରମେଶ ପ୍ରତିବାଦ କରିବାରୁ ତାଙ୍କୁ ତଳେ ପକାଇ ମାରଣାନ୍ତକ ଆକ୍ରମଣ କରିବା ସହ ମାରଣାସ୍ତ୍ର ଦେଖାଇ ଜୀବନରେ ମାରି ଦେବା ପାଇଁ ଧମକ ଦେଇଥିଲେ । ରମେଶ ଏ ସଂପର୍କରେ ଥାନାରେ ଅଭିଯୋଗ ପରେ ଥାନାଧିକାରୀ ଭାରତୀୟ ନ୍ୟାୟ ସଂହିତା ଦଫା ୧୨୬(୨)/୨୯୬/୩୦୩(୨)/ ୧୧୫(୨)/୩୫୧(୨) ଥାନା କେସ୍ ନଂ-୨୬୧/୨୫ରେ ପୋଲିସ ମାମଲା ରୁଜୁ କରିଛି । ଅପରପକ୍ଷରୁ ଝୁନା ବେହେରା ଅଭିଯୋଗ କରିଛନ୍ତି, ରମେଶ ବେହେରା, ରଂଜନ ବେହେରା, ତପନ ବେହେରା, ନଣ୍ଟୁ ବେହେରା ହାତରେ ମାରଣାସ୍ତ୍ର ଧରି ଗତ ୧୨ତାରିଖରେ ବିଭୂତି ଭୂଷଣ ଦୋକାନକୁ ଯାଇଥିବା ବେଳେ ଅଭିଯୁକ୍ତମାନେ ଅସଭ୍ୟ ଭାଷାରେ ଗାଳିଗୁଲଜ କରି ମାଡ଼ ମାରିଥିଲେ । ଅଭିଯୋଗ ପରେ ପୋଲିସ ଭାରତୀୟ ନ୍ୟାୟ ସଂହିତା ଦଫା ୧୨୬(୨)/୨୯୬/୧୧୫(୨)/୩୦୩(୨)ରେ ମାମଲା ରୁଜୁ କରିଛି ।

## ଉଦ୍ୟାନ କୃଷି ବିଭାଗରେ ଦୁର୍ନୀତି

# ଚାଷୀଙ୍କୁ ଚାରା ବିକୁଛନ୍ତି, ରସିଦ୍ ଦେଉନାହାଁନ୍ତି

ଗୋପ(ଭାସ୍କର ନ୍ୟୁଜ): ଗୋପ ଉଦ୍ୟାନ କଷି ବିଭାଗ କାର୍ଯ୍ୟାଳୟରେ ବ୍ୟାପକ ଦୁର୍ନୀତି ଅଭିଯୋଗ । ଚାରା ବିକ୍ରୟ କରୁଛନ୍ତି ମାତ୍ର ରସିଦ୍ ମାଗିଲେ ରସିଦ୍ ଦେଉନାହାଁନ୍ତି ଉଦ୍ୟାନ କୃଷି ବିଭାଗ ଅଧିକାରୀ । ଏପରିକି ଚାଷୀମାନଙ୍କ ପାଇଁ ଆସୁଥିବା ବିଭନ୍ନ ଯୋଜନାର ଅର୍ଥ ହରିଲୁଟ କରୁଥିବା ଚାଷୀ ସୁକାନ୍ତ କୁମାର ସାହୁ, ରତ୍ନାକର ବେହେରା, ପର୍ଣ୍ଣ ଚନ୍ଦ୍ର ପାଢୀ, ପ୍ରଶାନ୍ତ ରାୟ, ସୁକାନ୍ତ କୁମାର ପୃଷ୍ଟି ପ୍ରମୁଖ ଅଭିଯୋଗ କରିଛନ୍ତି । ସରକାର ଚାଷୀ ଓ ଚାଷର ଉନ୍ନତି ପାଇଁ ବିଭିନ୍ନ ଯୋଜନା ମାଧ୍ୟମରେ ସରକାରୀ ସହାୟତା ଯୋଗାଇ ଦେଉଛନ୍ତି । ନଡିଆ, କାଜୁ, ଆମ୍ବ, ଲେମ୍ବୁ ଆଦି ବିଭିନ୍ନ ଚାରା ମଧ୍ୟ ଯୋଗାଇ ଦେଉଛନ୍ତି । ହେଲେ ବିଭାଗୀୟ ଅଧିକାରୀ ପ୍ରକୃତ ଚାଷୀଙ୍କୁ ଅଣଦେଖା କରି ମୋଟାଅଙ୍କର ଅର୍ଥ ନେଇ ଅଣଚାଷୀଙ୍କୁ ଏହି ଯୋଜନାରେ ସାମିଲ କରୁଥିବା ଅଭିଯୋଗ ହେଉଛି । ନଡିଆ କାଜୁ ଚାଷ ର ରକ୍ଷଣା ବେକ୍ଷଣା ପାଇଁ ମନରେଗା ଯୋଜନାରେ ଅର୍ଥ ଆସୁଥିବା ବେଳେ ପ୍ରକୃତ ଚାଷୀ ଏହି ଯୋଜନାରୁ ବାଦ୍ ପଡୁଥିବା ଅଭିଯୋଗ ହେଉଛି । ଗତ ୫ ବର୍ଷ ମଧ୍ୟରେ ଚାଷୀମାନଙ୍କୁ ମନରେଗା ଯୋଜନାରେ ଦିଆଯାଇଥିବା ନଡିଆ, କାଜୁ ଗଛର ଯଦି ପ୍ରକୃତ କରାଯାଏ ତେବେ ବ୍ୟାପକ ଦୁର୍ନୀତି ଲୋକଲୋଚନକୁ ଆସିବ । ସେହିପରି ଚାଷୀମାନଙ୍କ ପାଇଁ ଆସୁଥିବା ଶାଗ, ଭେଣ୍ଡି ଆଦି ବିଭିନ୍ନ ପନିପରିବା ମଂଜି ଚାଷୀଙ୍କୁ ନଦେଇ ହରିଲୁଟ୍ କରାଯାଉଥିବା ଅଭିଯୋଗ ହେଉଛି । ସେହିପରି ଚଳିତ ବର୍ଷ ଚାଷୀଙ୍କ ପାଇଁ ଆସିଥିବା ନଡିଆ, ଲେମ୍ବୁ, ଆମ୍ବ ଗଛକୁ ବିଭାଗୀୟ ଅଧିକାରୀ ସରକାରୀ ଧାର୍ଯ୍ୟ ମୂଲ୍ୟ ଠାରୁ ଢେର ଅଧିକ ଦାମ୍‌ରେ ମନଇଛା ବକ୍ରୟ କରୁଛନ୍ତି । ଚାରା କଣୁଥିବା ବ୍ୟକ୍ତିମାନେ ରିସିଦ୍ ମାଗିଲେ ଅଧିକାରୀ ରିସିଦ୍ ନାହିଁ ତୁମ ଇଛା ହେଲେ ନିଅ ନହେଲେ ନାହିଁ ବୋଲି କହି ଧମକ ଦେଉଥିବା ଅଭିଯୋଗ ହେଉଛି । ଏସଂପର୍କରେ ବିଭାଗୀୟ ଅଧିକାରୀ ତ୍ରିଭୁବନ ବଡଜେନାଙ୍କୁ ପଚାରିବାରେ ସେ ଚଳିତ ବର୍ଷ ନଡିଆ ଚାରା ୧୦୦୦, ଆମ୍ବ ଚାରା ୧୦୦୦ ଏବଂ ଲେମ୍ବୁ ଚାରା ୪୦୦ ଆସଛି । ନଡିଆ ଚାରା ୭୫ ଟଙ୍କା ଏବଂ ଆମ୍ବଚାରା ୫୦ ଟଙ୍କା ଥିବା ବେଳେ ସେଗୁଡିକୁ ସବ୍‌ସିଡିରେ ବିକ୍ରୟ କରାଯାଉଥିବା ବେଳେ ଲେମ୍ବୁ ଚାରା ଗୋଟିକୁ ୧୦ ଟଙ୍କା ମୂଲ୍ୟରେ ବିକ୍ରୟ କରାଯାଉଛି । ହେଲେ ଚାଷୀମାନଙ୍କୁ ବିକ୍ରୟ ବେଳେ କଣ ପାଇଁ ରସିଦ୍ ଦେଉନାହାଁନ୍ତି ବୋଲି ପଚାରିବାରେ ଆମର କାର୍ଯ୍ୟାଳୟରେ ରସିଦ୍ ଦେବା ପାଇଁ ସରକାରୀ ସ୍ତରରେ ସେମିତି ସୁବିଧା ନାହିଁ ବୋଲି କହିଥିଲେ ।

# ବୈତରଣୀ-କୋଚିଳା ବନ୍ୟା ବିପନ୍ନଙ୍କ ଘେରି ବନ୍ଧ ନିର୍ମାଣ ଦାବି



ଧାମନଗର(ଭାସ୍କର ନ୍ୟୁଜ): ଧାମନଗର ବ୍ଲକର ତିନୋଟି ପଞ୍ଚାୟତ ହସନାବାଦ, ଅର୍ଜୁନପୁର ଏବଂ ପଧାନି ପଞ୍ଚାୟତର ଶତାଧିକ ବରିଷ୍ଠ ନାଗରିକଙ୍କ ସମେତ ସର୍ବଦଳୀୟ ରାଜନୈତିକ ବ୍ୟକ୍ତି ବିଶେଷଙ୍କୁ ନେଇ ବୈତରଣୀ ଓ କୋଚିଳା ମଧ୍ୟବର୍ତ୍ତୀ ବନ୍ୟା ସୁରକ୍ଷା ସମିତି ଗଠିତ ହୋଇଛି । ହସନାବାଦସ୍ଥିତ ହୃଦାନନ୍ଦ କଲ୍ୟାଣ ମଣ୍ଡପରେ କୃଷକ ନେତା ଚନ୍ଦ୍ରଶେଖର ନାୟକଙ୍କ ଅଧକ୍ଷତାରେ ରବିବାର ସନ୍ଧ୍ୟାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା ଉପସ୍ଥିତ ତିନି ପଞ୍ଚାୟତର ଅଞ୍ଚଳବାସୀ କହିଲେ ଯେ ବୈତରଣୀ ନଦୀର ଡ଼ାହାଣ ପାର୍ଶ୍ୱକୁ କ୍ୟାପିଟାଲ ଏମ୍ବାଗମେଣ୍ଟ ମାନ୍ୟତା ମିଳିଥିଲା ବେଳେ ବାମ ପାର୍ଶ୍ୱ କୃଷି ବନ୍ଧର ମାନ୍ୟତା ହେତୁ ଅପେକ୍ଷାକୃତ ନିଚା ଏବଂ ଦୁର୍ବଳ ଅଟେ । କୋଚିଳା ନଦୀ ପଧାନି ପଞ୍ଚାୟତର ଆଠଘରିଆରୁ ସୃଷ୍ଟି ହୋଇ ପାଳସାହି ପଞ୍ଚାୟତ ଗାନ୍ଧୀଘାଟରେ ପୁଣି ବୈତରଣୀରେ ମିଶିଛି । ଫଳରେ ତିନି ପଞ୍ଚାୟତର ପ୍ରାୟ ୨୦ ହଜାରରୁ ଅଧିକ ଲୋକଙ୍କ ଜୀବନଜୀବିକା ବିପନ୍ନ ହେଉଛି ଏବଂ ଅଧିକାଂଶ ସମୟରେ ଧନଜୀବନ ପ୍ରଭାବିତ ହେଉଛି । ବର୍ଷ ବର୍ଷ ଧରି ଯନ୍ତ୍ରଣାଦାୟକ ପରିସ୍ଥିତିକୁ ସାମ୍ନା କରୁଥିବା ଲୋକେ ବନ୍ୟା ନିୟନ୍ତ୍ରଣ ପାଇଁ ସମ୍ମିଳିତ ସ୍ୱର ଉଠାଇଛନ୍ତି । ଏମାନେ ଦାବି କରିଛନ୍ତି କି ବୈତରଣୀର ବାମ ଓ କୋଚିଳାର ଡ଼ାହାଣ ପାର୍ଶ୍ୱକୁ ନେଇ ଘେରି ବନ୍ଧ ନିର୍ମାଣ କରାଯାଉ । ଦୁଇ ନଦୀର କୂଳ ବନ୍ଧକୁ ଉଚ୍ଚ, ସୁଦୃଢ ତଥା ଆବଶ୍ୟକ ହେଲେ କଂକ୍ରିଟ ୱାଲ ନିର୍ମାଣ ହେଉ । ବୈତରଣୀ ନଦୀର ବାମ ପାଖ ବନ୍ଧକୁ ଡାହାଣ ପାଖ ପରି କ୍ୟାପିଟାଲ ଏମ୍ବାଗମେଣ୍ଟ କରାଯାଉ ଏବଂ ଏଥିପାଇଁ ଆବଶ୍ୟକ ଲୋକଙ୍କ ଜାଗା ଜମିକୁ ସରକାର ଅଧିଗ୍ରହଣ କରି ଏଥିପାଇଁ କ୍ଷତିପୂରଣ ପ୍ରଦାନ ଭଳି ପଦକ୍ଷେପ ନିଅନ୍ତୁ । ଏଭଳି ଦାବି ନେଇ ବୈତରଣୀ କୋଚିଳା ନଦୀ ମଧ୍ୟବର୍ତ୍ତୀ ଅଞ୍ଚଳ ବନ୍ୟା ସୁରକ୍ଷା ସମିତି ପକ୍ଷରୁ ଏକ କାର୍ଯ୍ୟକାରୀ କମିଟି ଗଠନ କରାଯାଇଛି । ଏହି କମିଟି ନିକଟରେ ଧାମନଗର ବିଧାୟକ ତଥା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କ ସମେତ ବିଭାଗୀୟ ମନ୍ତ୍ରୀଙ୍କୁ ଭେଟିବା ପାଇଁ ନିଷ୍ପତ୍ତି ନିଆଯାଇଛି । ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ ଧାମନଗର ବ୍ଲକ ପ୍ରତିନିଧି ତଥା ପଧାନି ସରପଞ୍ଚ ଅଶୋକ ପୁହାଣ, ବିଜେଡି ନେତା ତଥା ଜିଲ୍ଲା ପରିଷଦ ପ୍ରଦୀପ ମଲ୍ଲିକ, ଜିଲ୍ଲା ବିଜେପି ଉପସଭାପତି ଚତ୍ରୁଭୂଜ ନାୟକ, ସମିତି ସଭ୍ୟ ବିଦ୍ୟାଧର ରାଉତ, ବିଜେପି ରାଜ୍ୟ ପରିଷଦ ସଭ୍ୟ ଆଶିଷ ଜେନା, ବିଜେଡିର ପୂର୍ବ ବ୍ଲକ ସଭାପତି ଉମେଶ ମହାନ୍ତି, ବରିଷ୍ଠ ଅଧିବକ୍ତା ଦେବାଶିଷ ସାମଲ, ଶଶୀଭୂଷଣ ପଣ୍ଡା, ସରପଞ୍ଚ ଅଜୟ ମଲ୍ଲିକ, ଅକ୍ଷୟ ନାୟକ, ଦିଗମ୍ବର ମଲ୍ଲିକ, ପ୍ରମୋଦ ଦାସ, ଜଗନ୍ନାଥ ମଲ୍ଲିକ, ହୃଦାନନ୍ଦ ନାୟକ, ରଞ୍ଜନ ଭୂୟାଁ, ବାଦଲ ବିଶ୍ୱାଳ, ଧରଣୀଧର ବସନ୍ତିଆ, ରମେଶ ମହାନ୍ତି, କାଳନ୍ଦୀ କୁଅଁର ପ୍ରମୁଖଙ୍କ ସମେତ ଶତାଧିକ ବିଭିନ୍ନ ବର୍ଗର ନାଗରିକ ଯୋଗ ଦେଇଥିଲେ । ଏନେଇ କମିଟିରେ କାର୍ଯ୍ୟକର୍ତ୍ତା ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା ପାଇଁ ନିଷ୍ପତ୍ତି ମଧ୍ୟ ନିଆ ଯାଇଥିଲା ।

# ବିପଦସଙ୍କୁଳ ପୂର୍ତ୍ତ ବିଭାଗ ରାସ୍ତା, ପ୍ରଶାସନର ଦୃଷ୍ଟି ପଡୁ

ନିଶ୍ଚିନ୍ତକୋଇଲି(ଭାସ୍କର ନ୍ୟୁଜ): ନିଶ୍ଚିନ୍ତକୋଇଲି-କୋରୁଆ ପୂର୍ତ୍ତ ବିଭାଗ ରାସ୍ତା ମରଣଯନ୍ତାରେ ପରିଣତ ହୋଇଥିବାର ଅଭିଯୋଗ ହୋଇଛି । ଏହାର ପ୍ରତିକାର ଦିଗରେ ବିଭାଗୀୟ ସ୍ତରରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନଥିବାରୁ ସାଧାରଣରେ ଗଭୀର ଅସନ୍ତୋଷ ପ୍ରକାଶ ପାଇଛି । ନିଶ୍ଚିନ୍ତକୋଇଲି-କୋରୁଆ ରାସ୍ତା ସାଲେପୁର ପୂର୍ତ୍ତ ବିଭାଗ ଅଧିନରେ ରହିଛି । ଏହି ରାସ୍ତାଟି ସାଲେପୁର ପୂର୍ତ୍ତ ବିଭାଗର ଲେଉଟିଆ କିଆରିରେ ପରିଣତ ହୋଇଥିବା ଅଭିଯୋଗ ହୋଇଛି । ପ୍ରତିବର୍ଷ ଏହି ରାସ୍ତା ସମ୍ପ୍ରସାରଣ, ମରାମତି ଓ ପୁନଃ ନିର୍ମାଣ ନିମନ୍ତେ ସରକାରୀ ରାଜକୋଷରୁ କୋଟି କୋଟି ଟଙ୍କା ବିନିଯୋଗ ହେଉଛି । ନିମ୍ନମାନର କାର୍ଯ୍ୟ ହେତୁ ନିର୍ମାଣର ମାତ୍ର ଅଳ୍ପ ଦିନ ପରେ ରାସ୍ତାର ଅବସ୍ଥା ଶୋଚନୀୟ ହୋଇପଡୁଥିବା ଅଭିଯୋଗ ହୋଇଛି । ଏପରିକି ଏହି ରାସ୍ତାରେ ବାରମ୍ବାର ମିଥ୍ୟା ବିଲ କରାଯାଇ ଆତ୍ମସାତ କରାଯାଉଥିବା ଅଭିଯୋଗ ହୋଇଛି । ତେବେ ମନ୍ତ୍ରୀ ଯନ୍ତ୍ରୀ ଠିକାଦାରଙ୍କ ଭାଗ୍ୟର ପରିବର୍ତ୍ତନ ହେଉଥିଲା ବେଳେ ଏହି ରାସ୍ତାର ପରିବର୍ତ୍ତନ ହେଉନଥିବା ଅଭିଯୋଗ ହୋଇଛି । ଏହି ରାସ୍ତାଟି ଜଗତସିଂହପୁର, କେନ୍ଦ୍ରାପଡା, କଟକକୁ ସଂଯୋଗ କରିଥାଏ । ପ୍ରତିଦିନ ଏହି ରାସ୍ତାରେ ଶହ ଶହ ସଂଖ୍ୟାରେ ଯାନ ବାହାନ ଗମନା ଗମନ କରିଥାଏ । ଏପରିକି ନେମାଳସ୍ଥିତ ମହାପୁରୁଷ ଅଚ୍ୟୁତାନନ୍ଦଙ୍କ ପବିତ୍ର ପୀଠକୁ ଦୈନନ୍ଦିନ ଶହ ଶହ ଶ୍ରଦ୍ଧାଳୁ ଭକ୍ତ ରାଜ୍ୟର ବିଭିନ୍ନ ସ୍ଥାନରୁ ଏହି ରାସ୍ତା ଦେଇ ଯାଆସ କରିଥାନ୍ତି । କିନ୍ତୁ ରସ୍ତାର ବହୁ ସ୍ଥାନରେ ବିରାଟ ବିରାଟ ଗର୍ତ୍ତ ସୃଷ୍ଟି ହୋଇଛି । ଟିକିଏ ବର୍ଷା ହେଲେ ରାସ୍ତାରେ ପାଣି ଜମି ରହୁଛି । ଫଳରେ ରାସ୍ତାର ଶୋଚନୀୟ ଅବସ୍ଥା ହେତୁ ବହୁ ସମୟରେ ଦୁର୍ଘଟଣା ଘଟି ବହୁ ଧନଜୀବନ ହାନୀ ହେଉଥିବା ଅଭିଯୋଗ ହୋଇଛି । ପ୍ରଶାସନ ତରଫରୁ ତୁରନ୍ତ ଏହି ରାସ୍ତାରେ ହୋଇଥିବା ଅନିୟମିତତାର ତଦନ୍ତ କରାଯିବା ସହ ରାସ୍ତା ମରାମତି କରାଯିବାକୁ ସାଧାରଣରେ ଦୃଢ ଦାବି ହୋଇଛି ।

# ନୂଆଗଡ ଗ୍ରାମରେ ବଡଧରଣର ଡକାୟତି

ପାରାଦୀପ(ଭାସ୍କର ନୁଜ): ପାରାଦୀପ ଉପକଣ୍ଠ ନୂଆଗଡ ଗ୍ରାମର ଅଭୟ କୁମାର ବେହେରାଙ୍କ ଘରେ ଦୁର୍ବୃତ୍ତ ମାନେ ଶନିବାର ବିଳମ୍ବିତ ରାତିରେ ପଶି କଳା କନା ବୁଲାଇଥିବା ଜଣାପଡିଛି । ଅଭିଯୋଗ ପାଇବା ପରେ ସନ୍ଧାନି କୁକୁର ସହାୟତାରେ ପାରାଦୀପ ଲକ୍ ଥାନା ପୋଲିସ ତଦନ୍ତ ଜାରି ରଖିଥିଲେ ଏବଂ ସନ୍ଧ୍ୟାରେ ଖବର ଲେଖା ହେବା ସୁଦ୍ଧା ଦୁର୍ବୃତ୍ତ ମାନଙ୍କୁ ଠାବ କରିବାରେ ପୋଲିସ ସଫଳ ହୋଇ ପାରିନାହିଁ । ଖବରରୁ ପ୍ରକାଶ, ସ୍ୱାସ୍ଥ୍ୟଗତ କାରଣକୁ ନେଇ ଘରେ ତାଲା ପକାଇ ଅଭୟ ବେହେରା ପତ୍ନୀଙ୍କ ସହ ଭୁବନେଶ୍ୱରର ଏକ ଘରୋଇ ହସପିଟାଲରେ ପାଖାପାଖି ସପ୍ତାହେ ଧରି ରହିଥିଲେ । ଦୀର୍ଘଦିନ ଧରି ଘରେ ତାଲା ପଡିଥିବା ସୁଯୋଗ ନେଇ କେହି ଦୁର୍ବୃତ୍ତ ଘରର ଝରକା ତାଡି ବେଡ ରୁମ୍ ଭିତରେ ଥିବା ଗଡରେଜ୍ ଭାଙ୍ଗି ଅନ୍ୟୁନ ୫୦ ଲକ୍ଷ ଟଙ୍କା ମୂଲ୍ୟର ସୁନା ଗହଣା ସମେତ ନଗଦ ଟଙ୍କା ଲୁଟି ନେଇଥିବା ଜଣାପଡ଼ିଛି । ତେବେ ରବିବାର ସକାଳେ ଅଭୟ ବେହେରାଙ୍କ ସାନ ଭାଇ ଅକ୍ଷୟ ବେହେରା ଦେଖିବାକୁ ପାଇଥିଲେ କି ବଡ ଭାଇଙ୍କ ଘରର ଝରକା ତାଡି ଦୁର୍ବୃତ୍ତ ମାନେ ଘରୁ କଳାକନା ବୁଲେଇ ଥିବା ଜଣାପଡିଥିଲା । ଘଟଣା ସମ୍ପର୍କରେ ଥାନାରେ ଲିଖିତ ଅଭିଯୋଗ ପରେ ପାରାଦୀପ ଲକ୍ ଥାନା ପୋଲିସ ପକ୍ଷରୁ ତଦନ୍ତ ଜାରି ରହିଛି । ତେବେ ପାରିପାର୍ଶିକ ପରିସ୍ଥିତିକୁ ଅନୁଧ୍ୟାନ କଲେ ଏହି ଚୋରି ପଛରେ ଗ୍ରାମର କିଛି ଅସାମାଜିକ ଯୁବକଙ୍କ ସଂପୃକ୍ତି ଥିବା ଅନୁମାନ କରାଯାଉଛି ।

# ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି କଟୁରି ଚୋଟ

ବୋଲଗଡ(ଭାସ୍କର ନ୍ୟୁଜ): ବୋଲଗଡ଼ ଥାନା ଅନ୍ତର୍ଗତ କଳାଙ୍ଗ ପଞ୍ଚାୟତ ଗୋବର୍ଦ୍ଧନପୁର ଗାଁରେ ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ମା' ଝିଅଙ୍କ ଆଖି ଆଗରେ ଦୁର୍ବୃତ୍ତମାନେ ବାପା ମୁଣ୍ଡକୁ କଟୁରିରେ ଚୋଟ ପରେ ଚୋଟ ହାଣି ଚାଲିଲେ । ରକ୍ତ ଜୁଡୁବୁଡୁ ଅବସ୍ଥାରେ ପରିବାର ପକ୍ଷରୁ ଚିକିତ୍ସା ନିମନ୍ତେ ବୋଲଗଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ । ସ୍ୱାସ୍ଥ୍ୟରେ ଅବନତି ଘଟିବାରୁ ତାଙ୍କୁ ୧୦୮ ଆମ୍ବୁଲାନ୍ସ ଯୋଗେ ଭୁବନେଶ୍ୱର କୌଣସି ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି । ଘଟଣାରୁ ଜଣାପଡିଛି ସମ୍ପୃକ୍ତ ଗ୍ରାମର ସୁଶାନ୍ତ ମହାପାତ୍ର ନିକଟସ୍ଥ ଶୈବ ପୀଠକୁ ପୂଜା କରିବା ନିମନ୍ତେ ଯାଇଥିଲେ । ସୁଶାନ୍ତଙ୍କ ଝିଅ ସୁନିତା ଓ ପତ୍ନୀ ଘର ଆଗରେ କରିଥିବା ଦୋକାନରେ ବସିଥିଲେ । ସେହି ଗ୍ରାମର ଭଦ୍ରା ଖୁଣ୍ଟିଆଙ୍କ ପୁଅ ଶୁଶାନ୍ତ ଖୁଣ୍ଟିଆ ଓ ଭାଇ ହୁରିଆ ଖୁଣ୍ଟିଆ ପୂର୍ବଶତ୍ରୁତାକୁ କେନ୍ଦ୍ର କରି ଦୋକାନ ନିକଟକୁ ଆସି ଏକ ଧାରୁଆ କଟୁରି ଏକ ପଥର ଦ୍ୱାରା ଘଷି ମା' ଓ ଝିଅଙ୍କୁ କ୍ରୋଧାନୀତ ଆଖିରେ ଚାହିଁଥିବା ସୁନିତା ଦେଇଥିବା ଏତଲାରୁ ଜଣାପଡିଛି । ସୁନିତାର ବାପା ସୁଶାନ୍ତ ମହାପାତ୍ର ପୂଜା କାର୍ଯ୍ୟ ସାରି ଫେରୁଥିବା ସମୟେ ଦୁର୍ବୃତ୍ତ ଦୁଇ ଭାଇ କଟୁରିରେ ଅତର୍କିତ ଭାବେ ଆକ୍ରମଣ କରି ସୁଶାନ୍ତଙ୍କ ବାମ ପାର୍ଶ୍ୱ ମୁଣ୍ଡ ଓ ଦକ୍ଷିଣ ହସ୍ତକୁ ବାରବାର ଚୋଟ ପକାଇ ଚାଲିଲେ । ତେବେ ମୁଣ୍ଡର ଅବସ୍ଥା ଅତୀବ ସଙ୍ଗୀନ ଥିବାରୁ ତାଙ୍କୁ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଛି । ରିପୋର୍ଟ ଲେଖା ହେବା ପର୍ଯ୍ୟନ୍ତ ପରିସ୍ଥିତି ଗମ୍ଭୀର ଥିବା ସୂଚନା ମିଳିଛି । ଏ ସମ୍ପର୍କରେ ପରିବାର ପକ୍ଷରୁ ଥାନାରେ ଏତଲା ଦିଆଯାଇଛି ।

# ହାର୍ଟସ୍ ଡିସକଭରି ନର୍ସିଂ କଲେଜରେ ସ୍ୱାଧୀନତା ଦିବସ ପାଳିତ



ଭୁବନ(ଭାସ୍କର ନ୍ୟୁଜ): ଭୁବନ ବାଜି ରାଉତ କଲେଜ ଛକରେ ନୂତନ ଭାବେ ପ୍ରତିଷ୍ଠା ହୋଇଥିବା ହାର୍ଟସ୍ ଡିସକଭରି ନର୍ସିଂ କଲେଜରେ ୭୯ ତମ ସ୍ୱାଧୀନତା ଦିବସ ମହାସମାରୋହରେ ପାଳିତ ହୋଇଯାଇଛି । କଲେଜର ପ୍ରତିଷ୍ଠାତା ପଦ୍ମାବତୀ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଆର୍ଯ୍ୟକବି ପଣ୍ଡିତ ପ୍ରମୋଦ କୁମାର ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିଥିଲେ । ପ୍ରତିଷ୍ଠାତା ଶ୍ରୀମତୀ ସାହୁ ନର୍ସିଂ କଲେଜ ପାଠ୍ୟକ୍ରମ ଓ ନିଶ୍ଚିତ ନିଯୁକ୍ତି ସମ୍ପର୍କରେ ଆଲୋକପାତ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ବାଜି ରାଉତ କଲେଜ ମୁଖ୍ୟ କିରାଣୀ କୈଳାସ ଚନ୍ଦ୍ର ବେହେରା, କବି ସୁରେନ୍ଦ୍ର କୁମାର ପୃଷ୍ଟି, ଅବସରପ୍ରାପ୍ତ ଶିକ୍ଷକ ନୃସିଂହ ଚରଣ ସାହୁ, ଲକ୍ଷ୍ମଣ କୁମାର ଦାସ, ନିରଞ୍ଜନ ଗୁରୁ, କମଳ ଲୋଚନ ମହାରଣା, ସମାଜସେବୀ ଗୀତାଞ୍ଜଳି ମହାନ୍ତ, ବାସନ୍ତୀ ପୃଷ୍ଟି, ସଂଘମିତ୍ରା ଦାଶ ପ୍ରମୁଖ ବହୁ ଶୁଭେଛୁ ଉପସ୍ଥିତ ଥିଲେ ।

# ଖଇରପଲ୍ଲୀ ଖେଳପଡିଆ ଉନ୍ନତିକରଣ ଯୋଜନା ବାଟବଣା

ରଣପୁର(ଭାସ୍କର ନ୍ୟୁଜ): କେନ୍ଦ୍ର ସରକାର ଦାଦନ ଚାଲାଣ ରୋକିବା ଲକ୍ଷ୍ୟ ନେଇ ଆରମ୍ଭ କରିଥିଲେ ମହାତ୍ମାଗାନ୍ଧୀ ନିଶ୍ଚିତ କର୍ମନିଯୁକ୍ତି ଆଇନ । ପ୍ରତି ଜବକାର୍ଡଧାରୀ ପରିବାରକୁ ବର୍ଷକୁ ଶହେ ଦିନ କାର୍ଯ୍ୟ, ଦିନକୁ ୨୭୩ ଟଙ୍କା ମଜୁରୀ ସହ ୭ ଦିନରେ ପ୍ରଦାନ ପାଇଁ ପ୍ରାବଧାନ ରହିଛି । କିନ୍ତୁ ମନରେଗା ପ୍ରକଳ୍ପ ଅନୁମୋଦନ ପରେ ଗ୍ରାମରେ ପ୍ରାକ ପ୍ରସ୍ତୁତି ବୈଠକରେ ସବିଶେଷ ଆଲୋଚନା ପରେ ଫଟୋ ସହ ଦାଖଲ ପରେ ସି ୱାନ୍ ଫର୍ମରେ କାର୍ଯ୍ୟ ଆବେଦନ ପରେ ସି ଟୁ ଫର୍ମରେ କାର୍ଯ୍ୟ ପ୍ରଦାନ । ପରେ ଗ୍ରାମସାଥି କିମ୍ବା ପଞ୍ଚାୟତ କାର୍ଯ୍ୟ ନିର୍ବାହୀଙ୍କ ନାମରେ କାର୍ଯ୍ୟାଦେଶ ହୋଇ ଅସ୍ଥାୟୀ ଆଶ୍ରୟସ୍ଥଳୀ, ପାନୀୟଜଳ ଓ ପ୍ରାଥମିକ ଚିକିତ୍ସା ସାମଗ୍ରୀ ଗଛିତ ରଖି ଶ୍ରମିକଙ୍କୁ ଲଗାଇ ଗାଁ ସାଥି କାର୍ଯ୍ୟ କରିବା କଥା । କିନ୍ତୁ ଶ୍ରମିକ ପରିବର୍ତ୍ତେ ମେସିନ ଲଗାଇ ସମସ୍ତ ନିତି ନିୟମ ପ୍ରାବଧାନକୁ ବେଖାତିର କରି ସୁଚନା ଫଳକ ମାରି କାର୍ଯ୍ୟର ସବିଶେଷ ତଥ୍ୟ ନଥାଇ ମେସିନ ଦ୍ୱାରା କାର୍ଯ୍ୟ କରି ପଛରେ ଜବକାର୍ଡ ମାଧ୍ୟମରେ ମଜୁରୀ ଉଠାଇବା ଯୋଜନାରୁ ମନରେଗା ବାଟବଣା ହେଉଛି । ସେଭଳି ଘଟିଛି ନୟାଗଡ଼ ଜିଲ୍ଲା ରଣପୁର ବ୍ଲକ ଖଇରପଲ୍ଲୀ ଖେଳପଡିଆ ଉନ୍ନତିକରଣରେ । ୨୦୨୪/୨୫ ଆର୍ଥିକ ବର୍ଷରେ ଖେଳପଡିଆ ଉନ୍ନତିକରଣ ପାଇଁ ମନରେଗା ଯୋଜନାରେ ୪ ଲକ୍ଷ ୯୭ ହଜାର ୧୯୦ ଟଙ୍କା ବ୍ୟୟ ବରାଦ ହୋଇଥିଲା । କନିଷ୍ଠ ଯନ୍ତ୍ରୀ ଆରତୀପ୍ରଭା ମେକାପ କାର୍ଯ୍ୟ ଆରମ୍ଭ ହୋଇନଥିବା କହୁଥିବା ବେଳେ ସୁଚନା ଫଳକ ଯାହା ସୁଚନା ଦେଉଛି ଲୋକଙ୍କ ସନ୍ଦେହ ବଢୁଛି । ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ପୂର୍ଣ୍ଣଚନ୍ଦ୍ର ରାଉତ କୁହନ୍ତି । କିଛି ବ୍ୟକ୍ତି ମନଇଛା ଖେଳପଡିଆ କାର୍ଯ୍ୟ କରିଛନ୍ତି । କିନ୍ତୁ ମନରେଗା ପ୍ରାବଧାନ ଅନୁସାରେ ପଞ୍ଚାୟତରେ କୌଣସି କାଗଜପତ୍ର ହୋଇନାହି । ଅପରପକ୍ଷରେ ବିଲ୍ ପାଇଁ ଚାପ ପଡୁଥିବା ଆଲୋଚନା ହେଉଛି ।

# ନିଆଳିରେ ପୁଣି ଜଣେ ଚାଷୀଙ୍କ ମୃତ୍ୟୁ

ନିଆଳି(ଭାସ୍କର ନ୍ୟୁଜ): ନିଆଳି ବ୍ଲକ ଏକବରୁଆ ଗ୍ରାମରେ ଚାଷୀ ସୁରେନ୍ଦ୍ର ସ୍ୱାଇଁଙ୍କ ସାପ କାମୁଡ଼ାରେ ମୃତ୍ୟୁର ୨୪ ଘଣ୍ଟା ନ ପୂରୁଣୁ ନିଆଳିରେ ପୁଣି ଜଣେ ଚାଷୀ ନଦୀରେ ଭାସି ଯାଇ ମୃତ୍ୟୁ ବରଣ କରିଛନ୍ତି । ମିଳିଥିବା ସୂଚନା ଅନୁଯାଇ ନିଆଳି ବ୍ଲକ କପାସି ପଞ୍ଚାୟତର କୂଳକୋର୍କର ଗ୍ରାମର ଚାଷୀ ଦୁର୍ଗା ଚରଣ ପ୍ରଧାନ (୬୩)ତଅଁଳା ନଦୀ ପାରି ହୋଇ ଆର ପାରିରେ ଥିବା ଜମିକୁ ସକାଳ ୭ ଟାରେ ଯାଉଥିଲେ । ତଅଁଳା ନଦୀରେ ସୁଅ ପଡିଥିବାରୁ ସେ ଭାସିଯାଇ ବୁଡି ଯାଇଥିଲେ । ପରିବାର ଲୋକ ଖୋଜାଖୋଜି କରିବା ପରେ ମୃତ ଦେହ ଉଦ୍ଧାର ହୋଇଥିଲା । ଖବର ପାଇ ଘଟଣା ସ୍ଥଳରେ ନିଆଳି ଥାନା ପୋଲିସ ପହଞ୍ଚି ଶବ ବ୍ୟବଛେଦ ନିମନ୍ତେ କଟକ ବଡ଼ ଡାକ୍ତରଖାନା ପଠାଇଛନ୍ତି । ଏ ନେଇ ନିଆଳି ଥାନାରେ ଏକ ୭/୨୫ରେ ଅପହୃତ ମାମଲା ରୁଜୁ ହୋଇଛି । ଚାଷୀ ଦୁର୍ଗା ଚରଣଙ୍କ ତିନିପୁଅ ଥିବାବେଳେ ସେମାନେ କେହି ବିବାହିତ ହୋଇନାହାନ୍ତି । ନିଆଳିରେ ଦୁଇ ଦିନରେ ଦୁଇଜଣ ଚାଷୀଙ୍କ ଅକାଳ ମୃତ୍ୟୁ ସାରା ଅଞ୍ଚଳରେ ଏବେ ଶୋକାକୁଳ ପରିବେଶ ସୃଷ୍ଟି କରିଛି ।

# ୨ ବାଲି ବୋଝେଇ ଟ୍ରାକ୍ଟର ଜବତ



କେନ୍ଦ୍ରାପଡା(ଭାସ୍କର ନ୍ୟୁଜ): ମାର୍ଶାଘାଇ ତହସିଲ ଅନ୍ତର୍ଗତ ତଳଗାଁ ଲୁଣା କାରାଣ୍ଡିଆ ନଦୀପଠାରୁ ବେଆଇନ ଭାବେ ବାଲି ଚୋରା ଚାଲାଣ କରୁଥିବା ବେଳେ କୁଦାନଗରୀ ପୋଲିସ ଦୁଇଟି ବାଲି ବୋଝେଇ ଟ୍ରାକ୍ଟର ଜବତ କରିଛି । ଏହି ଘଟଣା ସ୍ଥାନୀୟ ଅଞ୍ଚଳରେ ବେଆଇନ ବାଲି ଉତ୍ତୋଳନ ଓ ଚାଲାଣ ଉପରେ ପ୍ରଶାସନର କଡ଼ା ନଜର ରଖିଛି । କୁଦାନଗରୀ ପୋଲିସ ଘଟଣା ସ୍ଥଳରେ ଚଢ଼ାଉ କରି ବାଲି ମାଫିଆଙ୍କ ଏକ ବୃହତ ଚୋରା ଚାଲାଣ ରୋକିବାରେ ସଫଳ ହୋଇଛି । ତଳଗାଁ ଲୁଣା କାରାଣ୍ଡିଆ ନଦୀରୁ ବେଆଇନ ଭାବେ ବାଲି ଉତ୍ତୋଳନ କରାଯାଇ ଟ୍ରାକ୍ଟର ଯୋଗେ ଅନ୍ୟତ୍ର ଚାଲାଣ ହେଉଥିବା ଜଣାପଡ଼ିଛି । ପୋଲିସ ଘଟଣାସ୍ଥଳରୁ ଦୁଇଟି ଟ୍ରାକ୍ଟରକୁ ଜବତ କରିଛି । ଡ୍ରାଇଭର ଫେରାର ଥିବା ସୂଚନା ମିଳିଛି । ଏହି ଅଞ୍ଚଳରେ ବେଆଇନ ବାଲି ଉତ୍ତୋଳନ ଏକ ଗୁରୁତର ସମସ୍ୟା ହୋଇପଡ଼ିଛି, ଯାହା ପରିବେଶ ଉପରେ ନକାରାତ୍ମକ ପ୍ରଭାବ ପକାଇବା ସହ ସରକାରୀ ରାଜସ୍ୱରେ ମଧ୍ୟ କ୍ଷତି ଘଟାଉଛି । ପୂର୍ବରୁ ମଧ୍ୟ ଏହାପରି ଘଟଣା ମାର୍ଶାଘାଇ ତହସିଲ ଅଞ୍ଚଳରେ ଦେଖାଦେଇଥିଲା, ଯେଉଁଠାରେ ଅତିରିକ୍ତ ତହସିଲଦାର ଓ ରାଜସ୍ୱ ନିରୀକ୍ଷକଙ୍କୁ ବାଲି ମାଫିଆଙ୍କ ଆକ୍ରମଣର ସମ୍ମୁଖୀନ ହେବାକୁ ପଡ଼ିଥିଲା । କୁଦାନଗରୀ ପୋଲିସର ଏହି କାର୍ଯ୍ୟାନୁଷ୍ଠାନକୁ ସ୍ଥାନୀୟ ଲୋକେ ପ୍ରଶଂସା କରିଛନ୍ତି । ତେବେ ବାଲି ମାଫିଆଙ୍କ ବିରୋଧରେ ଆହୁରି କଡ଼ା ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି । ପୋଲିସ ଏହି ମାମଲାରେ ଆଗକୁ ତଦନ୍ତ ଜାରି ରଖିଛି ଏବଂ ଜଡ଼ିତ ଅଭିଯୁକ୍ତଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜଣାପଡ଼ିଛି ।

# ଏମ୍‌ସିଏଲ୍ ପକ୍ଷରୁ ସ୍ୱାଧୀନତା ଦିବସ ପାଳିତ




ସମ୍ବଲପୁର (ଭାସ୍କର ନ୍ୟୁଜ୍): ମହାନଦୀ କୋଲଫିଲ୍ଡସ୍ ଲିମିଟେଡ୍ (ଏମ୍‌ସିଏଲ୍) ଦେଶପ୍ରେମ ଏବଂ ଉତ୍ସାହ ସହିତ ଦେଶର ୭୯ତମ ସ୍ୱାଧୀନତା ଦିବସ ପାଳନ କରିଛି । ବୁର୍ଲାର ଗଉଖ ଆନନ୍ଦ ବିହାର ଗ୍ରାଉଣ୍ଡରେ ଆୟୋଜିତ ମୁଖ୍ୟ କାର୍ଯ୍ୟକ୍ରମରେ ଅଧ୍ୟକ୍ଷ-ସମ-ପରିଚାଳନା ନିର୍ଦ୍ଦେଶକ ଉଦୟ ଅନନ୍ତ କାଓଲେ ପତାକା ଉତ୍ତୋଳନ କରିଥିଲେ ଏବଂ ତ୍ରିରଙ୍ଗାକୁ ଅଭିବାଦନ ଜଣାଇଥିଲେ ଏବଂ ଗଉଖ ସୁରକ୍ଷା, ଓଆଇଏସ୍ଏଫ୍, ଏନ୍‌ସିସି ସ୍କାଉଟ୍ସ-ଗାଇଡ୍ସ ଏବଂ ବିଭିନ୍ନ ସ୍କୁଲ ଯଥା ସେଣ୍ଟ ଜନ୍ ସ୍କୁଲ (ସମ୍ବଲପୁର), ଡିଏଭି ପବ୍ଲିକ୍ ସ୍କୁଲ (ବୁର୍ଲା), ସେଣ୍ଟ ଜୋସେଫ କନଭେଣ୍ଟ ସ୍କୁଲ (ସମ୍ବଲପୁର), ସେଣ୍ଟ ଲୁକ୍ସ ସ୍କୁଲ (ବୁର୍ଲା) ଏବଂ ସରକାରୀ ବାଳକ ଉଚ୍ଚ ବିଦ୍ୟାଳୟ (ବୁର୍ଲା) ର ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ପ୍ରଦର୍ଶିତ ମହାନ ପରେଡ୍ ଯାଞ୍ଚ କରିଥିଲେ । କାଓଲେ ସ୍ୱାଧୀନତା ସଂଗ୍ରାମୀମାନଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ ଏବଂ ଦେଶର ଶକ୍ତି ସୁରକ୍ଷା ସୁନିଶ୍ଚିତ କରିବାରେ କୋଇଲା ଶ୍ରମିକଙ୍କ ଅମୂଲ୍ୟ ଅବଦାନକୁ ପ୍ରଶଂସା କରିଥିଲେ । ସେ କହିଥିଲେ ଯେ ଶକ୍ତି ସୁରକ୍ଷା ହେଉଛି ଗଉଖର ପ୍ରମୁଖ ମିଶନ, ଯାହା ଅଧୀନରେ କମ୍ପାନୀ ଅନୁଗୁଳ, ଝାରସୁଗୁଡା ଏବଂ ସୁନ୍ଦରଗଡ ଜିଲ୍ଲାରେ ଖୋଲା ପିଟ୍ ଏବଂ ଭୂତଳ ଖଣି ପରିଚାଳନା କରୁଛି । ୨୦୨୪-୨୫ ଆର୍ଥିକ ବର୍ଷରେ ଟିମ୍ ଏମ୍‌ସିଏଲ୍‌ର ଉଲ୍ଲେଖନୀୟ ସଫଳତାକୁ ଦୋହରାଇ ସେ କହିଛନ୍ତି - 'ଏହି ଗର୍ବର ଅବସରରେ, ମୁଁ କୋଇଲା ମନ୍ତ୍ରଣାଳୟ, ଭାରତ ସରକାର ଏବଂ କୋଇଲା ଇଣ୍ଡିଆର ମାର୍ଗଦର୍ଶନ ଏବଂ ସମର୍ଥନ ପାଇଁ ମୋର ହୃଦୟର କୃତଜ୍ଞତା ପ୍ରକାଶ କରୁଛି, ଯାହା ଯୋଗୁଁ କମ୍ପାନୀ ଶକ୍ତି କ୍ଷେତ୍ରରେ ନୂତନ ଉଚ୍ଚତା ହାସଲ କରିଛି । ମୁଁ ଓଡ଼ିଶା ସରକାର ଏବଂ ଆମର କାର୍ଯ୍ୟକ୍ଷମ ଜିଲ୍ଲାଗୁଡ଼ିକର ମାନ୍ୟବର ଜନପ୍ରତିନିଧିଙ୍କୁ ମଧ୍ୟ ଧନ୍ୟବାଦ ଜଣାଉଛି, ଯାହାଙ୍କ ସହଯୋଗ ଆଞ୍ଚଳିକ ବିକାଶକୁ ତ୍ୱରାନ୍ୱିତ କରିଛି । ମୁଁ ଜିଲ୍ଲା ପ୍ରଶାସନ ଏବଂ ଶ୍ରମିକ ସଂଗଠନଗୁଡ଼ିକୁ ମଧ୍ୟ ଧନ୍ୟବାଦ ଜଣାଉଛି, ଯାହାଙ୍କ ପ୍ରତିବଦ୍ଧତା ଆମର କାର୍ଯ୍ୟରେ ସ୍ଥିରତା ପ୍ରଦାନ କରିଛି । ଭାରତୀୟ ରେଳବାଇକୁ ବିଶେଷ ଧନ୍ୟବାଦ, ଯାହାଙ୍କ ଅଂଶଗ୍ରହଣ କୋଇଲାର ନିରନ୍ତର ଯୋଗାଣ ସୁନିଶ୍ଚିତ କରିଛି । ଶେଷରେ, ଆମର ସମସ୍ତ କର୍ମଚାରୀଙ୍କ ପରିବାରକୁ ଧନ୍ୟବାଦ - ଆପଣଙ୍କ ସମର୍ଥନ ଏବଂ ପ୍ରେରଣା ହେଉଛି ଆମର ଶକ୍ତିର ପ୍ରକୃତ ଉତ୍ସ । ମୁଁ ଦୃଢ଼ ବିଶ୍ୱାସ କରେ ଯେ ଏକତା ଏବଂ ସାମୂହିକ ପ୍ରୟାସ ସହିତ, ଆମେ ଭବିଷ୍ୟତର ଚ୍ୟାଲେଞ୍ଜ ଗୁଡ଼ିକୁ ସଫଳତାର ସହିତ ପରାସ୍ତ କରିପାରିବୁ ।' ସମାରୋହରେ କେଶବ ରାଓ, ନିର୍ଦ୍ଦେଶକ (ଏଚ୍ଆର୍), ପି.କେ. ପଟେଲ, ମୁଖ୍ୟ ସତର୍କତା ଅଧିକାରୀ ଜେ.କେ. ବୋରା, ନିର୍ଦ୍ଦେଶକ (ବୈଷୟିକ/ସଂଚାଳନ) ଏବଂ ଏସ.କେ. ଝା, ନିର୍ଦ୍ଦେଶକ (ବୈଷୟିକ/ଯୋଜନା ଏବଂ ପ୍ରକଳ୍ପ) ଏବଂ ଜାଗୃତି ମହିଳା ମଣ୍ଡଳର ଉପାଧ୍ୟକ୍ଷା ଅଞ୍ଜନା ଶୁକ୍ଲା ରାଓ ଏବଂ ଆରତୀ ଦେହୁରୀ ଇତ୍ୟାଦି ଉପସ୍ଥିତ ଥିଲେ । ସ୍କୁଲ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ପରିବେଷିତ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ସ୍ୱାଧୀନତା ଦିବସ ପାଳନକୁ ଆହୁରି ଜୀବନ୍ତ କରିଥିଲା । ଏହି ଅବସରରେ, ଅଧ୍ୟକ୍ଷ-ସହ-ପରିଚାଳନା ନିର୍ଦ୍ଦେଶକ ଏବଂ ନିର୍ଦ୍ଦେଶକମାନେ ଡିଏଭି ପବ୍ଲିକ୍ ସ୍କୁଲ, ଏମସିଏଲ, ବୁର୍ଲାର ଦଶମ ଏବଂ ଦ୍ୱାଦଶ ଶ୍ରେଣୀରେ ସର୍ବୋତ୍ତମ ମାର୍କିଂ ଦଳ ଏବଂ ସର୍ବୋଚ୍ଚ ନମ୍ବର ରଖିଥିବା ଛାତ୍ରଛାତ୍ରୀଙ୍କୁ ସମ୍ମାନିତ କରିଥିଲେ । ଏହା ବ୍ୟତୀତ ଜାଗୃତି ମହିଳା ମଣ୍ଡଳର ଉପାଧ୍ୟକ୍ଷ ମାନେ ସାଂସ୍କୃତିକ ପ୍ରତିଯୋଗିତାର ବିଜେତାମାନଙ୍କୁ ପୁରସ୍କୃତ କରିଥିଲେ । ଅନୁଗୁଳ, ଝାରସୁଗୁଡା ଏବଂ ସୁନ୍ଦରଗଡ ଜିଲ୍ଲାରେ ଏମସିଏଲର କାର୍ଯ୍ୟକ୍ଷମ କ୍ଷେତ୍ରରେ ମଧ୍ୟ ୭୯ତମ ସ୍ୱାଧୀନତା ଦିବସ ପାଳନ ଆୟୋଜନ କରାଯାଇଥିଲା ଯେଉଁଥିରେ କର୍ମଚାରୀ ଏବଂ ସ୍ଥାନୀୟ ସମ୍ପ୍ରଦାୟ ଉତ୍ସାହର ସହିତ ଅଂଶଗ୍ରହଣ କରିଥିଲେ ଏବଂ ଜାତୀୟ ସଂହତିର ଭାବନାକୁ ସୁଦୃଢ଼ କରିଥିଲେ ।

ଓଡ଼ିଶା ଭାସ୍କର
ରାଜ୍ୟ ଖବର




ଆସିକା, (ଭାସ୍କର ନ୍ୟୁଜ୍) : ଦ୍ୱାପର ଯୁଗରେ ଭାଦ୍ରପଦ କୃଷ୍ଣପକ୍ଷ ଅଷ୍ଟମୀ ତିଥିରେ ମଥୁରାର କାରାଗାରରେ ମାତା ଦେବୀଙ୍କ ଗର୍ଭରୁ ଅର୍ଦ୍ଧରାତିରେ ଭଗବାନ ଶ୍ରୀକୃଷ୍ଣ ଜନ୍ମ ଗ୍ରହଣ କରିଥିଲେ। କିନ୍ତୁ ଅତ୍ୟାଚାରୀ କଂସ ଦାଉରୁ ପୁତ୍ରକୁ ରକ୍ଷା କରିବା ପାଇଁ ପିତା ବାସୁଦେବ ତାଙ୍କୁ ନେଇ ଯଶୋଦା ଓ ନନ୍ଦ ରାଜାଙ୍କ ପାଖରେ ଛାଡି ଦେଇଥିଲେ। ସେ ଥିଲେ ଭଗବାନ ବିଷ୍ଣୁଙ୍କର ଅଷ୍ଟମ ଅବତାର। ତାଙ୍କର ଲୀଳା, ଗାଥା ଓ ସ୍ୱରୂପ ମଧ୍ୟ ଅଦ୍ଭୁତ। ତାଙ୍କର ଛବି ଯେତେବେଳେ ମନକୁ ଆସେ ଏକ ସୁନ୍ଦର ଶ୍ୟାମଳ ରୂପ, ମଥାରେ ମୟୁର ପଙ୍ଖ, ହାତରେ ବଂଶୀ ଓ ପିତାମ୍ବର ଧାରଣ କରିଥିବା କାହ୍ନା ନଜର ଆସନ୍ତି। ତାଙ୍କର ଏହି ମନୋହର ରୂପ ସଫଳ ଜୀବନ ଜିଇଁବା ପାଇଁ ପ୍ରେରଣା ଦେଇଥାଏ । ଜନ୍ମାଷ୍ଟମୀ କେବଳ ଉପବାସ କରିବାର ଏକ ଅବସର ନୁହେଁ । ଏହି ପର୍ବ ଆତ୍ମ-ସଂଯମ, ଭକ୍ତି ଓ ଆନ୍ତରିକ ଶୁଦ୍ଧିକରଣର ଏକ ମାଧ୍ୟମ । ଏହାକୁ ଭିତିକରି ଆସିକା ରଘୁନାଥ ନଗର ଅଚଂଳର ଜୀବନଜୟ ଲେଙ୍କା ଓ ତାଙ୍କ ଧର୍ମପତ୍ନୀ ସୁନିତା ଲେଙ୍କା ଗତ ତିନିରୁ ଚାରି ବର୍ଷ ଧରି ଶ୍ରୀକୃଷ୍ଣଙ୍କ ଜନ୍ମାଷ୍ଟମୀ ପାଳନ କରି ଆସୁଛନ୍ତି । ଶ୍ରୀକୃଷ୍ଣଙ୍କ ବିଭିନ୍ନ ବେଶକୁ ଜାକ ଜକମର ଭାବେ ସାଜସଜ୍ଜା କରି ପୂଜା କରୁଛନ୍ତି । ଯାହାକୁ ନେଇ ଭଗବାନ ଶ୍ରୀକୃଷ୍ଣଙ୍କ ପ୍ରତି ତାଙ୍କର ଶ୍ରଦ୍ଧା ଓ ଭକ୍ତି ରହିଥିବା ଜଣାପଡିଛି ।



# ପ୍ରଥମ ଡାକ୍ତର ହେବେ ଆଦିମ ଦିଦାୟୀ ଯୁବତୀ ଚମ୍ପା



ମାଲକାନଗିରି, (ଭାସ୍କର ନ୍ୟୁଜ୍) : ଚମ୍ପା ରାସପେଦାଙ୍କୁ ଶୁଭେଚ୍ଛା। ଡାକ୍ତର ହେବେ ଖଇରପୁଟ ବ୍ଲକ୍ ନାକାମାମୁଡି ଗ୍ରାମ ପଞ୍ଚାୟତର ଆମ୍ଲିବେଡ଼ା ଗ୍ରାମର ଆଦିମ ଦିଦାୟୀ ଜନଜାତି ଯୁବତୀ ଚମ୍ପା ରାସପେଦା। ନିଟ୍ ପରୀକ୍ଷାରେ କୃତକାର୍ଯ୍ୟ ପରେ ଚମ୍ପା ରାସପେଦାଙ୍କୁ ଶୁଭେଚ୍ଛା ଜଣାଇଲେ ଜିଲ୍ଲାପାଳ ସୋମେଶ କୁମାର ଉପାଧ୍ୟାୟ। ପ୍ରତିଭାଶାଳୀ ଯୁବତୀ ଚମ୍ପା ପ୍ରଥମ ପ୍ରୟାସରେ ସଫଳତାର ସହ ନିଟ୍ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ଚମ୍ପା ନିଜ ଦୃଢ ଇଚ୍ଛାଶକ୍ତି ଏବଂ କଠିନ ପରିଶ୍ରମ ଯୋଗୁଁ ଏହି ସଫଳତା ପାଇଛନ୍ତି। ବାଲେଶ୍ୱର ଫକୀର ମୋହନ ମେଡିକାଲ କଲେଜ ହସ୍ପିଟାଲରେ ଡାକ୍ତରୀ ପଢ଼ିବେ ଚମ୍ପା। ତାଙ୍କର ଏହି ସଫଳତା ନିଶ୍ଚୟ ଅନ୍ୟ ଯୁବକ ଯୁବତୀ ଓ ବିଶେଷ ଭାବେ ଝିଅ ମାନଙ୍କୁ ପ୍ରେରଣା ଯୋଗାଇବ ବୋଲି କହିଛନ୍ତି ଜିଲ୍ଲାପାଳ। ଆଦିମ ଦିଦାୟୀ ଜନଜାତିର ପ୍ରଥମ ମହିଳା ଭାବେ ଚମ୍ପା ଏହି ସଫଳତା ହାସଲ କରି ଇତିହାସ ରଚିଛନ୍ତି। ବାପା ଲାଛମୁ ରାସପେଦା ଜଣେ ଗରିବ ଚାଷୀ। ଚମ୍ପା ଚିତ୍ରକୋଣ୍ଡା ଏସଏସଡି ବାଳିକା ବିଦ୍ୟାଳୟରୁ ୨୦୧୯ରେ ଦଶମ ଶ୍ରେଣୀ ପରୀକ୍ଷା ଉତ୍ତୀର୍ଣ୍ଣ ହୋଇଥିଲେ। ତାପରେ ଗୋବିନ୍ଦପାଲ୍ଲୀ ସରକାରୀ ଏସ୍ଏସ୍ଡି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରୁ ଯୁକ୍ତ ଦୁଇ ବିଜ୍ଞାନରେ ଉତ୍ତୀର୍ଣ୍ଣ ହୋଇଥିଲେ। ସେ ପ୍ରଥମରୁ ପଞ୍ଚମ ନନ୍ଦିନୀଗୁଡା ଏସ୍ଏସ୍ଡି ଇଜୁକେସନାଲ କମ୍ପ୍ଲେକ୍ସ ଠାରେ ଅଧ୍ୟୟନ କରିଥିଲେ। ନିଜର କଠିନ ଅଧ୍ୟବସାୟ, ଦୃଢ଼ ସଂକଳ୍ପ ଓ ଅନେକ ସଂଘର୍ଷ ପରେ ଏହି ଗୌରବ ହାସଲ କରିଛନ୍ତି ଚମ୍ପା। ଏହି ସଫଳତା ପାଇଁ ବଡବେଲ ବାଳିକା ଉଚ୍ଚ ବିଦ୍ୟାଳୟ ବିଜ୍ଞାନ ଶିକ୍ଷକ ଉତ୍କଳ କେଶରୀ ଦାସଙ୍କୁ ସେ ଶ୍ରେୟ ଦେଇଛନ୍ତି। ଯୁକ୍ତ ୨ ପରେ ଶିକ୍ଷକ ତାଙ୍କ ଭଉଣୀଙ୍କ ପାଖରେ ରଖି ନିଜସ୍ୱ ଅର୍ଥରେ ବାଲେଶ୍ୱରରେ ଏକ କୋଚିଂ ସେଣ୍ଟରରେ ତାଲିମ ନେବାରେ ସହଯୋଗ କରିଥିଲେ। ଏବେ ତାଙ୍କ ସଫଳତା ପାଇଁ ତାଙ୍କ ଗ୍ରାମ ସମେତ ଜିଲ୍ଲାରେ ଖୁସିର ଲହରୀ ଖେଳିଯାଇଛି। ଜିଲ୍ଲା ଜନଜାତି ଉନ୍ନୟନ ବିଭାଗ ପକ୍ଷରୁ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ପ୍ରକଳ୍ପ ପ୍ରଶାସକ ହଳଧର ଶବର ଓ ଜିଲ୍ଲା ମଙ୍ଗଳ ଅଧିକାରୀ ଶ୍ରୀନିବାସ ଆଚାରୀ ମଧ୍ୟ ତାଙ୍କ ସଫଳତାରେ ଶୁଭେଚ୍ଛା ଜଣାଇଛନ୍ତି।

# କୃଷ୍ଣପ୍ରସାଦରେ ଚାଲିଛି ବେଆଇନ ପାଣି କମ୍ପାନି




କୃଷ୍ଣପ୍ରସାଦ, (ଭାସ୍କର ନ୍ୟୁଜ୍) : ପୁରୀ ଜିଲ୍ଲା କୃଷ୍ଣପ୍ରସାଦ ବ୍ଲକରେ ବହୁ ସଂଖ୍ୟାରେ ବିନା ଅନୁମତିରେ ଚାଲିଛି ପାନୀୟ ଜଳ ଫ୍ୟାକ୍ଟ୍ରି। ବିଶୁଦ୍ଧ ପାଣି ଜାର ବୋତଲ ଓ ଜରି ପାଉଚରେ ସାଧାରଣ ପାଣି ଭର୍ତ୍ତି କରି ବିକ୍ରି କରୁଥିବାର ଦେଖିବାକୁ ମିଳୁଛି। ପାଣି ଫ୍ୟାକ୍ଟ୍ରି ଖୋଲିଥିବା ବ୍ୟବସାୟୀ ମାନେ ଆବଶ୍ୟକୀୟ ପାଣି ବିଶୋଧନ ମେସିନ ଓ ବିଏସ୍ଆଇ ଫୁଡ ସେଫଟି ଲାଇସେନ୍ସ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ସିଟି ଓ ପ୍ରମାଣ ପତ୍ର ରହିବା ଜରୁରୀ। ମାତ୍ର ଏହି ଅନୁମତି ନ ଥାଇ ବେଧଡକ ଭାବେ ଚାଲିଛି ବହୁ ପାନୀୟ ଜଳ ଫ୍ୟାକ୍ଟ୍ରି। ଏହି ଜାରରେ ପାଣି ରଖିଲେ ଜାରରେ ସବୁଜ ରଙ୍ଗର ଆବରଣ ସୃଷ୍ଟି ହେଉଛି। ଏଥିପ୍ରତି ପ୍ରଦୂଷଣ ବୋର୍ଡ ଠାରୁ କନସେଣ୍ଟ ଜରୁରୀ। ବିନା କନସେଣ୍ଟରେ ବହୁ ପାଣି ଫ୍ୟାକ୍ଟ୍ରି ଚାଲିଛି। ଯୋଗାଣ ହେଉଥିବା ପାଣି ବିଶୁଦ୍ଧ କି ନାହି ତାହା ମଧ୍ୟ କେବେ ଯାଞ୍ଚ ହେଉନାହି। ପ୍ରତିଦିନ ପାଣି ଫ୍ୟାକ୍ଟ୍ରି କର୍ମଚାରୀ ମାନେ ଅଟୋ, ମୋଟର ସାଇକେଲ ଓ ଅନ୍ୟ ଗାଡିରେ ଘର, ଦୋକାନ ଅଫିସ କଲେଜ ସ୍କୁଲକୁ ପାଣି ଯୋଗାଇବା ସହ ବଜାର ଛକ ଗାଁ ମାନଙ୍କରେ ପାଣି ଏଟିଏମ୍ କେନ୍ଦ୍ର କରି ପାଣି ଯୋଗାଉଛନ୍ତି। ଲିଟର ପିଛା ୧ ଟଙ୍କା/ ୨ ଟଙ୍କାରେ ମନଇଛା ବିକୁଛନ୍ତି। ଏହା ବ୍ୟତିତ ବିବାହ ବ୍ରତ ଘର ଜନ୍ମ ଦିନ ବିଭିନ୍ନ ସଭା ସମିତି କାର୍ଯ୍ୟରେ ଏହି ପାଣି ଯୋଗାଣ କରୁଛନ୍ତି। ପାଣି ଜାର ଓ ପାଣି ଟାଙ୍କି ନିୟମିତ ସଫେଇ ହେଉନାହି। ସ୍ୱାସ୍ଥ୍ୟ ବିଭାଗ ଏହାର କୌଣସି ଯାଞ୍ଚ କରୁନଥିବାରୁ ପାଣିର ଶୁଦ୍ଧତା ଜଣାପଡୁନାହି। ପାଣି ବ୍ୟବସାୟ କରୁଥିବା ବ୍ୟକ୍ତି ମାନେ ପାଣିକୁ ଜୀବାଣୁ ମୁକ୍ତ କରିବା ପାଇଁ ଅଲ୍ଟ୍ରା ଭାଉଲେଟ ଓ ରିଭର୍ସ ଅସମୋସିସ ପ୍ରକ୍ରିୟା ଅବଲମ୍ବନ କରି ପାଣି ପ୍ୟାକିଂ କରିବା ଉଚିତ। ଏହି ପାଣିକୁ ପରୀକ୍ଷାଗାରରେ ପରୀକ୍ଷା କରି ବିକ୍ରି କରିବା ଉଚିତ । ଏଭଳି ପ୍ରକ୍ରିୟା ଅନୁସରଣ ନ କରି ଲୋକଙ୍କ ଜୀବନ ସହ ଖେଳ ଖେଳି ପାଣି ବିକ୍ରି କରୁଛନ୍ତି। କେତେକ ଆଇଏସ୍ଆଇ ଠାରୁ ପ୍ରମାଣ ପତ୍ର ନ ପାଇ ବେଆଇନ ଭାବେ ଗ୍ରାହକ ମାନଙ୍କୁ ଲୁଟୁଛନ୍ତି । ଅନେକ ଦୋକାନୀ ପାଣିର ବ୍ୟବହାର ଅବଧି ତାରିଖ ଶେଷ ହେବାପରେ ବିକୁଛନ୍ତି। ଯାହାକି ସ୍ୱାସ୍ଥ ପାଇଁ ହାନିକାରକ ସ୍ୱାସ୍ଥ୍ୟ ବିଭାଗର ନିଷ୍କ୍ରିୟତାର ଫାଇଦା ଉଠାଇ ବହୁ ପାଣି ଫ୍ୟାକ୍ଟ୍ରି ବେଧଡକ ଭାବେ ଚାଲିଛି। ଗ୍ରାହକଙ୍କୁ ଯୋଗାଉଥିବା ପାଣି ସ୍ୱଚ୍ଛ ଓ ଜୀବାଣୁ ମୁକ୍ତ କି ନାହି ତାହା ଯାଞ୍ଚ କରିବାକୁ ସାଧାରଣରେ ଦାବି ହେଉଛି। ଲୋକଙ୍କ ସ୍ୱାସ୍ଥ୍ୟ ସୁରକ୍ଷା ନିମନ୍ତେ ପ୍ରଶାସନ ପକ୍ଷରୁ ଏକ ଟିମ୍ ଗଠନ କରାଯାଇ ବିନା ଅନୁମତିରେ ପାଣି ବିକୁଥିବା ଫ୍ୟାକ୍ଟ୍ରି ଉପରେ ଆଇନଗତ କାର୍ଯ୍ୟାନୁଷ୍ଠାନ ନେବାକୁ ଜନସାଧାରଣ ଦାବି କରିଛନ୍ତି।

## ସ୍ୱତନ୍ତ୍ର କୋଡ଼ରେ ଚାଲିଛି ନିଶା କାରବାର

ଅସ୍ତରଙ୍ଗ, (ଭାସ୍କର ନ୍ୟୁଜ୍) : ଦିନକୁ ଦିନ ନିଶା କାରବାର ଢାଞ୍ଚା ବଦଳି ଚାଲିଛି ।ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକର ବିଭିନ୍ନ ପଞ୍ଚାୟତରେ ପାନ ଦୋକାନ ଠାରୁ ଆରମ୍ଭ କରି ଗ୍ରୋସରୀ ଦୋକାନୀ ପର୍ଯ୍ୟନ୍ତ ସବୁଠି ସହଜରେ ମିଳୁଛି ଗଞ୍ଜେଇ ଭର୍ତ୍ତି ସିଗାରେଟ। ନିଶାଡୀ ଆଉ ବ୍ୟବସାୟୀ ଜାଣିବା ପାଇଁ ସ୍ୱତନ୍ତ୍ର କୋଡ଼ ବ୍ୟବହାର କରାଯାଇ ବ୍ୟବସାୟୀ ହେଉଛି। ଯାହାକି ସମସ୍ତ ଲୋକ ଜାଣିପାରୁନାହାନ୍ତି। କେଉଁଠି ସ୍ପେସାଲ, ବାବା, ରିଜିଲା, ଭୋଗ, ଚକ୍ ନାମରେ ଏହି ସିଗାରେଟ କାରବାର ଚାଲିଥିବା ବେଳେ କୋଡ଼ରେ କହିଲେ ଦୋକାନୀ ବୁଝି ନିଶାଡୀଙ୍କୁ ବଢ଼ାଇ ଦେଉଛନ୍ତି। ବିଶେଷ କରି ଯୁବ ପିଢ଼ି ଏହି ସିଗାରେଟ ନିଶା କବଳରେ ପଡିଛନ୍ତି। କାକଟପୁର ଥାନା ଓ ଅସ୍ତରଙ୍ଗ ଥାନା ଅଞ୍ଚଳର ବିଭିନ୍ନ ପଞ୍ଚାୟତରେ ଥିବା ପାନ ଦୋକାନ ଠାରୁ ଆରମ୍ଭ କରି ବିଭିନ୍ନ ସ୍ଥାନରେ ଏହା ସହଜରେ ଉପଲବ୍ଧରେ ମିଳିପାରୁଛି। କିନ୍ତୁ ଅବକାରୀ ବିଭାଗ କିମ୍ବା ପୋଲିସ ଏ ସମ୍ପର୍କରେ କିଛି ଜାଣି ନ ପାରିବା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। ବ୍ୟବସାୟୀ ଶସ୍ତା ସିଗାରେଟରୁ ପତି ବାହାର କରି ସେଥିରେ ଗଞ୍ଜେଇ ଭର୍ତ୍ତି କରି ବିକ୍ରି କରୁଛନ୍ତି। ଏହା ବଜାରରେ 'ସ୍ପେସାଲ' ସିଗାରେଟ ନାମରେ ସମସ୍ତେ ଜାଣୁଛନ୍ତି। ତାହା ସହ ଆଉ ଏକ ପ୍ୟାକେଟରେ ମାଟିଆ ରଙ୍ଗ ମିଳୁଛି 'ରିଜିଲା' ନାମରେ ବିକ୍ରି ହେଉଛି। ବ୍ୟବସାୟୀ ଏହାକୁ ପ୍ରସ୍ତୁତ କରି ଗୋଟାକୁ ୧୦ଟଙ୍କାରେ ବିକ୍ରି କରୁଛନ୍ତି। ତାହା ସହ ଅଞ୍ଚଳ କିଛି ବଡ଼ ବ୍ୟବସାୟୀ ଗଂଜେଇ ସହ କିଛି ରାସାୟନିକ ମିଶାଇ କଞ୍ଚାମାଲ ପ୍ରସ୍ତୁତ କରିବା ପରେ ଏହାକୁ ଛୋଟ ବେପାରୀଙ୍କୁ ଯୋଗାଇ ଦିଆଯାଉଛି। ଏହା ଉପରେ ରୋକ ଲଗାଇବାକୁ ସାଧାରଣରେ ଦାବି ହେଉଛି।

## ଜନସୁରକ୍ଷା ପରିପୂର୍ଣ୍ଣତା ଶିବିର

ଫୁଲନଖରା, (ଭାସ୍କର ନ୍ୟୁଜ୍) : ଜଗତସିଂହପୁର ଜିଲ୍ଲାର କୋଲାର ଗ୍ରାମରେ ୧୬ ଅଗଷ୍ଟ ୨୦୨୫ ତାରିଖରେ ଏକ ଜନସୁରକ୍ଷା ପରିପୂର୍ଣ୍ଣତା ଶିବିର ଆୟୋଜିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମ ୟୁକୋ ବ୍ୟାଙ୍କ ଦ୍ୱାରା ଆୟୋଜିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଡକ୍ଟର ସାରଦା ପ୍ରସନ୍ ମହାନ୍ତି, ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆର କ୍ଷେତ୍ରୀୟ ନିର୍ଦ୍ଦେଶକ ଉପସ୍ଥିତ ଥିଲେ। ଅନ୍ୟାନ୍ୟ ଗଣ୍ୟମାନ୍ୟ ଅତିଥିମାନଙ୍କ ମଧ୍ୟରେ ଗୌତମ ପାତ୍ର, ମୁଖ୍ୟ ମହାପ୍ରବନ୍ଧକ, ୟୁକୋ ବ୍ୟାଙ୍କ ଏବଂ ଓଡ଼ିଶା ରାଜ୍ୟ ସ୍ତରୀୟ ବ୍ୟାଙ୍କର୍ସ କମିଟିର ଆବାହକ, ବର୍ଷା, ଉପ-ମହାପ୍ରବନ୍ଧକ ଏବଂ କଟକ ଆଞ୍ଚଳିକ ପ୍ରବନ୍ଧକ, ୟୁକୋ ବ୍ୟାଙ୍କ ଏବଂ ଉମେଶ କୁମାର ବେହେରା, କୋଲାର ଗ୍ରାମ ପଞ୍ଚାୟତର ସରପଞ୍ଚ ପ୍ରମୁଖ ଉପସ୍ଥିତ ଥିଲେ। ଡକ୍ଟର ସାରଦା ପ୍ରସନ୍ ମହାନ୍ତି ଏହି ଶିବିରରେ ସରକାରୀ ଜନ ସୁରକ୍ଷା ଯୋଜନା ଯଥା ପ୍ରଧାନମନ୍ତ୍ରୀ ସୁରକ୍ଷା ବୀମା ଯୋଜନା, ପ୍ରଧାନମନ୍ତ୍ରୀ ଜୀବନ ଜ୍ୟୋତି ବୀମା ଯୋଜନା ଏବଂ ଅଟଳ ପେନସନ ଯୋଜନା ଉପରେ ବିଶେଷ ଗୁରୁତ୍ୱ ଦେଇଥିଲେ। ସେ ଏହି ଯୋଜନାଗୁଡ଼ିକର ଲାଭ ଏବଂ ଗୁରୁତ୍ୱ ବିଷୟରେ ବିସ୍ତୃତ ଭାବେ ଆଲୋଚନା କରିଥିଲେ। ଏହା ସହିତ, ସେ ବ୍ୟାଙ୍କ ଖାତାଗୁଡ଼ିକରେ ଠକେଇ ରୋକିବା ପାଇଁ ରି-କେୱାଇସି କରିବାର ଆବଶ୍ୟକତା ଉପରେ ଜୋର ଦେଇଥିଲେ। ସେ ସାଇବର ଠକେଇ ଏବଂ ଏହାକୁ ନିୟନ୍ତ୍ରଣ ତଥା ସମାଧାନ କରିବାର ଉପାୟ ସମ୍ପର୍କରେ ମଧ୍ୟ ବିସ୍ତୃତ ଭାବେ ବୁଝାଇଥିଲେ।

## 'ଭୋଟ ଚୋରି'ପ୍ରସଙ୍ଗକୁ ନେଇ କଂଗ୍ରେସର ମଶାଲ ଶୋଭାଯାତ୍ରା




ବାରିପଦା, (ଭାସ୍କର ନ୍ୟୁଜ୍): ଅଖିଳ ଭାରତୀୟ ଜାତୀୟ କଂଗ୍ରେସ କମିଟିର ସଭାପତି ମାଲିକାର୍ଜୁନ ଖଡ଼ଗେ ଓ ପ୍ରଦେଶ କଂଗ୍ରେସ କମିଟିର ସଭାପତି ଭକ୍ତ ଚରଣ ଦାସଙ୍କ ନିର୍ଦ୍ଦେଶ କ୍ରମେ ମୟୂରଭଞ୍ଜ ଜିଲ୍ଲା ସଂଯୋଜକ(ପୂର୍ବ)ଅରବିନ୍ଦ ଦାସଙ୍କ ନେତୃତ୍ୱରେ ଏକ ବିଶାଳ ମଶାଲ ଶୋଭାଯାତ୍ରା ସ୍ଥାନୀୟ ମହାରାଜା ପୂର୍ଣ୍ଣ ଚନ୍ଦ୍ର ମହାବିଦ୍ୟାଳୟ ନିକଟରୁ ଆରମ୍ଭ ହୋଇଥିଲା। 'ଭୋଟ ଚୋର ଗାଦି ଛାଡ଼' ନାରା ଦେଇ, ସହର ପରିକ୍ରମା କରିଥିଲା। ଆଜିର ଏହି କାର୍ଯ୍ୟକ୍ରମରେ ନିରୋଜ ଦାସ, ଜ୍ୟୋତିପ୍ରକାଶ ରଥ, ଯୋଗେଶ ଅଗ୍ରୱାଲ, ସୁସ୍ମିତା ଘୋଷାଲ, ମୋତିପ୍ରକାଶ ଦାସ, ସୁଦିପ ମନ୍ତ୍ରୀ, ଦୀପୁ ଦାସ, ବିଷ୍ଣୁ ସିଂ, ଭବାନି ସିଂ, ଭବାନୀ ସାହୁ, ଠାକୁର ସିଂ, ଏସ. କେ ମୁସ୍ତଫା, ଏସ. କେ ଇକବାଲ, ଫରିଦା ତବାସୁମ, ନିର୍ମଳ ପ୍ରଧାନ ଓ ଛାତ୍ର ଓ ଯୁବ ଓ ମହିଳା ସଂଗଠନର ଅନେକ କାର୍ଯ୍ୟକର୍ତ୍ତା ପ୍ରମୁଖ ଉପସ୍ଥିତ ଥିଲେ।

## ଶିଶୁ ଯତ୍ନଗୃହ ଅନ୍ତେବାସୀଙ୍କୁ ସହାୟତା




ଚଣ୍ଡିଖୋଲ, (ଭାସ୍କର ନ୍ୟୁଜ୍) ୭୯ତମ ସ୍ୱାଧୀନତା ଦିବସ ଅବସରରେ 'ପାଟରା ପରିବାର, ଆମେ ସବୁ ପାଟରା' ଗ୍ରୁପ ତରଫରୁ ଏକ ସେବା କାର୍ଯ୍ୟକ୍ରମ ଶାଶନ ପୁରୁଷୋତ୍ତମ ପୁର, ବଡ଼ଚଣା, ଯାଜପୁର ଜିଲ୍ଲାରେ ଥିବା 'ଆମଘର ଶିଶୁ ଯତ୍ନ ଗୃହରେ କରାଯାଇଥିଲା। ଏହି ଅବସରରେ ସଙ୍ଘର ସଭାପତି ଶ୍ରୀପ୍ରଦୀପ କୁମାର କ୍ଷେଣ୍ଟ ଏହି ଶିବିର ଟିକୁ ଉଦ୍ଘାଟନ କରିଥିଲେ। ଏହି ଉପଲକ୍ଷେ ସେଠାରେ ଥିବା ଅନ୍ତେବାସୀମାନଙ୍କୁ ଚାଉଳ, ଡାଲି ଇତ୍ୟାଦି ରୋଷେଇ ସାମଗ୍ରୀ ସହ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ, ବିସ୍କୁଟ, ମିକ୍ସଚର, ଜଳଖିଆ ଆଦି ପ୍ରଦାନ କରାଯାଇଥିଲା। ସଂଘର ସମ୍ପାଦକ ବିଜୟ କୁମାର ସାହୁ, ଉପସଭାପତି ରୂପେଶ କୁମାର ପାତ୍ର, କୋଷାଧକ୍ଷ ସତ୍ୟ ରଞ୍ଜନ ସାହୁ, ସମାଜସେବୀ ଲୋପମୁଦ୍ରା ସେଣ୍ଠ, ସଭ୍ୟ ପୀତବାସ ନାୟକ, ଅବିନାଶ ସାହୁ, ବିଶ୍ୱଜିତ ମହଲା,ସୁମିତ୍ରା ନାୟକ, ଉପେନ୍ଦ୍ର ପାତ୍ର, ଶକ୍ତି ପ୍ରସାଦ ସାହୁ ଓ ରାଜେଶ କୁମାର ପାତ୍ର ପ୍ରମୁଖ ସହଯୋଗ କରିଥିଲେ। ସଙ୍ଘର ଏହି କାର୍ଯ୍ୟକ୍ରମକୁ ସାଧାରଣରେ ଭୁୟସୀ ପ୍ରଶଂସା କରାଯାଇଥିଲା।

## ଅଣମାଣ୍ଡିଆ ବିହନ ଚାଷ ଏବଂ ଉତ୍ପାଦନ ସମ୍ପର୍କିତ କର୍ମଶାଳା

କେନ୍ଦୁଝର, (ଭାସ୍କର ନ୍ୟୁଜ୍) : କେନ୍ଦୁଝର ଜିଲାରେ ଗଂଗେଇ, ଗୁଲଦୀ, ସୁଆଁ, ବାଜାରା ଆଦି ଅଣ ମାଣ୍ଡିଆ ବିହନର ଚାଷ ଏବଂ ବିହନ ଉତ୍ପାଦନ ସମ୍ପର୍କିତ ସଚେତନତା କାର୍ଯ୍ୟଶାଳା ଆୟୋଜିତ ଇଣ୍ଟରନ୍ୟାସନାଲ୍ କ୍ରପ୍ସ ରିସର୍ଚ୍ଚ ଇନଷ୍ଟିଚ୍ୟୁଟ ଫର୍ ଦ ସେମି ଆରିଡ୍ ଟ୍ରପିକ୍ସ ଓଡ଼ିଶା କୃଷି ବିଭାଗଙ୍କ ସହଯୋଗରେ ଏକ ଦିନିଆ 'ସେନ୍ସିଟାଇଜେସନ୍ ଏବଂ ସଚେତନତା କାର୍ଯ୍ୟଶାଳା' ଆଞ୍ଚଳିକ ଗବେଷଣା ଓ ପ୍ରଯୁକ୍ତି ବିଦ୍ୟା ସମ୍ପ୍ରସାରଣ କେନ୍ଦ୍ର କେନ୍ଦୁଝର ଠାରେ ଆୟୋଜନ ହୋଇଯାଇଛି। ଏଥିରେ ବିଭିନ୍ନ କୃଷକ ଉତ୍ପାଦକ ସଂଘ ସ୍ୱୟଂ ସହାୟତା ଦଳ ବିହନ ଉତ୍ପାଦକ ସଦସ୍ୟ ଓ କୃଷକମାନେ ଭାଗ ନେଇଥିଲେ। କାର୍ଯ୍ୟକ୍ରମରେ ଜିଲା ମୁଖ୍ୟ କୃଷି ଅଧିକାରୀ ଶ୍ରୀଯୁକ୍ତ ପର୍ଶୁରାମ ବେହେରା, ଡକ୍ଟର କିଶୋର ଚନ୍ଦ୍ର ସାହୁ ଓ କୃଷି ବିଜ୍ଞାନ କେନ୍ଦ୍ର ବୈଜ୍ଞାନିକ ନିଗମାନନ୍ଦ ବେହେରା ଏବଂ ସଦର ବ୍ଲକ ଅତିରିକ୍ତ କୃଷି ଅଧିକାରିଣୀ ଲକ୍ଷ୍ମୀ ଦେବୀ ଶର୍ମା ସମେତ ଅନ୍ୟାନ୍ୟ ବୈଜ୍ଞାନିକ ଗଣ ଉପସ୍ଥିତ ଥିଲେ। କେନ୍ଦୁଝର ଜିଲାରେ ଅଣ ମାଣ୍ଡିଆ ଚାଷ ଏବଂ ବିହନ ଉତ୍ପାଦନର ସମ୍ଭାବନା ଓ ଅବସର ସମ୍ପର୍କରେ ଏହି କାର୍ଯ୍ୟକ୍ରମର ପ୍ରଧାନ ଉଦ୍ଦେଶ୍ୟ ରହିଥିବା ବେଳେ ଆଞ୍ଚଳିକ ଗବେଷଣା ଓ ପ୍ରଯୁକ୍ତି ବିଦ୍ୟା ସମ୍ପ୍ରସାରଣ କେନ୍ଦ୍ର ସହଯୋଗୀ ଗବେଷଣା ନିର୍ଦ୍ଦେଶକ ଡ଼. କିଶୋର ଚନ୍ଦ୍ର ସାହୁ ଅଣ ମାଣ୍ଡିଆ ବିହନ ଉତ୍ପାଦନର ଉର୍ନତ ମାନର ବୈଜ୍ଞାନିକ ପ୍ରଣାଳୀ ବିଷୟରେ ଅଲୋଚନା ଓ ପ୍ରକ୍ୟୁରମେଣ୍ଟ ପ୍ରକ୍ରିୟା ବିଷୟରେ ବିସ୍ତୃତ ଅନୁଭୂତି ବୁଝାଇ ଥିଲେ।ମୁଖ୍ୟ ଜିଲା କୃଷି ଅଧିକାରୀ ପର୍ଶୁରାମ ବେହେରା ଅନେକ ବିଭାଗୀୟ ଯୋଜନା ମାଧ୍ୟମରେ ଏଫପିଓ ଓ ଏସଏଚଜି ମାନଙ୍କ ପାଇଁ ଅର୍ଥନୈତିକ ଏବଂ ସ୍ଥାୟୀ ସମୃଦ୍ଧି ବିଷୟରେ ଉତ୍ସାହ କରିଥିଲେ।ବରିଷ୍ଠ ବୈଜ୍ଞାନିକ ପ୍ରଦୀପ କୁମାର ସେଠୀ ପ୍ରକଳ୍ପ ଉଦ୍ଦେଶ୍ୟ, ଏଫପିଓ, ଏସଏଚଜି ମାନଙ୍କ ଭୂମିକା, ଉଦ୍ୟମିତା ବିକାଶ ଓ ମୋବାଇଲ୍ ସିଡ୍ ପ୍ରୋସେସିଂ ୟୁନିଟ୍ ବିଷୟରେ ଆଲୋଚନା କରିଛନ୍ତି। ବରିଷ୍ଠ ବୈଜ୍ଞାନିକ ଶ୍ରୀ ପ୍ରଦିପ୍ତ କୁମାର ସେନ ଉନ୍ନତ ମାନର ବିହନ ଉତ୍ପାଦନ ପାଇଁ ଆବଶ୍ୟକ ପଦକ୍ଷେପ ଶ୍ରେଷ୍ଠତା ଅନୁସରଣ କରିବା ପାଇଁ ପରାମର୍ଶ ଦେଇଛନ୍ତି।

## କୁନି ରାଧାକୃଷ୍ଣଙ୍କ ରାସରେ ବୁଡ଼ିଲା ପୁରପଲ୍ଲୀ

ପରଜଙ୍ଗ, (ଭାସ୍କର ନ୍ୟୁଜ୍) : ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ବ୍ଲକ କୁଆଲୁ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଶନିବାର ଦିନ ପବିତ୍ର ଜନ୍ମାଷ୍ଟମୀ ଉତ୍ସବ ମହାଆଡମ୍ବର ସହକାରେ ପାଳିତ ହୋଇଯାଇଛି। ଓଡ଼ିଶାର ପ୍ରତ୍ୟେକ ପୁରପଲ୍ଲୀରେ ଏହି ଉତ୍ସବ ପାଳନ ହୋଇଥିବା ବେଳେ, ଏହି ଅବସରରେ କୁଆଲୁ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର କୁନି ପିଲା ମାନଙ୍କୁ ନେଇ ପ୍ରତି ବର୍ଷ ପରି ଚଳିତ ବର୍ଷ ଏହି ଉତ୍ସବ ପାଳିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନଚାର୍ଯ୍ୟା ନିବେଦିତା ବେହେରାଙ୍କ ଦ୍ୱାରା କାର୍ଯ୍ୟକ୍ରମ ପରିଚାଳିତ ହୋଇଥିବାବେଳେ ପିଲାମାନେ କୃଷ୍ଣ ବଳରାମ, ସୁଦାମ, ଗୋପାଳ ପ୍ରଭୃତି ସୁସଜ୍ଜିତ ବେଶ ଧାରଣ କରି ନାଚ ଗୀତ ପରିବେଷଣ କରିଥିଲେ। କାର୍ଯ୍ୟକ୍ରମରେ ଅନୁଷ୍ଠାନର ପରିଚାଳନା କମିଟି ସଭାପତି ପ୍ରଦୀପ ରଣା, ସମ୍ପାଦକ ପ୍ରଦୀପ କୁମାର ବେହେରା, କୋଷାଧକ୍ଷ ସୁବାସ ଚନ୍ଦ୍ର ସାହୁ, ଅନ୍ୟ ସମସ୍ତ ସଦସ୍ୟ ଓ ଅଭିଭାବକ ଉପସ୍ଥିତ ରହି କୁନି ପିଲା ମାନଙ୍କୁ ଉତ୍ସାହିତ କରିଥିଲେ। ଏହି କାର୍ଯ୍ୟକ୍ରମ ସ୍କୁଲର ଗୁରୁଜୀ, ଗୁରୁମା ପ୍ରମୁଖ ସହଯୋଗ କରିଥିଲାବେଳେ, ନିରୁପମା ସାହୁ ଓ ସୁଭଦ୍ରା ଭୂତିଆ ନୃତ୍ୟ ଗୁରୁ ଭାବେ ଦାୟିତ୍ୱ ନିର୍ବାହ କରିଥିଲେ।



କୃଷ୍ଣପ୍ରସାଦ (ଭାସ୍କର ନ୍ୟୁଜ୍) : ପୁରୀ ଜିଲ୍ଲା କୃଷ୍ଣପ୍ରସାଦ ବ୍ଲକ୍‌ର ଅଗ୍ରଣୀ ଶିକ୍ଷାନୁଷ୍ଠାନ ମା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ମାଲୁଦ ଠାରେ ଏକବିଂଶ ତମ ଜନ୍ମାଷ୍ଟମୀ ପର୍ବ ପାଳିତ ହୋଇଛି। ବିଦ୍ୟାମନ୍ଦିର ସମସ୍ତ ଛାତ୍ରଛାତ୍ରୀ ମାନେ କୃଷ୍ଣ ବଳରାମ ସୁଦାମା ରାଧା ଲଳିତା ବିଶାଖା ବେଶରେ ରଙ୍ଗୀନ ପୋଷାକରେ ଆଭୂଷଣ ହୋଇଥିଲେ। ସମସ୍ତ ଛାତ୍ର ଛାତ୍ରୀଙ୍କ ବେଶ ଭୂଷା ପୋଷାକର ଏକ ପ୍ରତିଯୋଗିତା ହୋଇଥିଲା। ଏହି ପ୍ରତିଯୋଗିତାରେ ବିଦ୍ୟାମନ୍ଦିରର ଅରୁଣ ଶ୍ରେଣୀ ଠାରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ପ୍ରାୟ ୨୦୦ରୁ ଊର୍ଦ୍ଧ୍ୱ ଛାତ୍ର ଛାତ୍ରୀ ଭାଗ ନେଇଥିଲେ। ପ୍ରତିଯୋଗୀଙ୍କ ବେଶ ଭୂଷା ପୋଷାକ ନୃତ୍ୟକୁ ମୂଲ୍ୟାଙ୍କନ କରିବା ନିମନ୍ତେ। ବ୍ରଜ କିଶୋର ଗୌଡ ଶିବରାମ ମୁଦୁଲି ଓ ଦୈତାରି ବିଶ୍ୱାଳ ଙ୍କୁ ବିଦ୍ୟାମନ୍ଦିର ପରିଚାଳନା କମିଟି ପକ୍ଷରୁ ଚୟନ କରାଯାଇଥିଲା। ଏଥିନିମନ୍ତେ ଏକ ସଭା ବିଦ୍ୟାମନ୍ଦିର ପରିଚାଳନା କମିଟି ସଭାପତି ଜଗବନ୍ଧୁ ସେନାପତିଙ୍କ ସଭାପତି ତ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ସେନା ଅଧିକାରୀ କଂଗ୍ରେସ ନେତା ଦୀପକ କୁମାର ଜେନା ଯୋଗ ଦେଇ ଉଦଘାଟନ କରିଥିଲେ। ମୁଖ୍ୟ ବକ୍ତା ଭାବେ ଅବସରପ୍ରାପ୍ତ ଶିକ୍ଷା ଅଧିକାରୀ ଉଲ୍ଲାସ ଚନ୍ଦ୍ର ଜେନା ଅନୁଷ୍ଠାନର ମୁଖ୍ୟ ପ୍ରତିଷ୍ଠାତା ସମ୍ପାଦକ ଶିବରାମ ଜେନା ସମ୍ମାନିତ ଅତିଥି ଭାବେ କେଶବ ଚନ୍ଦ୍ର ନାୟକ କୋଷାଧକ୍ଷ ନଗେନ୍ଦ୍ର କୁମାର ନାୟକ ଲକ୍ଷ୍ମୀ ଚରଣ ବିଶ୍ୱାଳ ପ୍ରଧାନ ଆଚାର୍ଯ୍ୟ ରଶ୍ମିତା ପ୍ରଧାନ ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀ ଓ ଅଭିଭାବକ ଯୋଗ ଦେଇ ଅନୁଷ୍ଠାନର କର୍ମକର୍ତ୍ତା ମାନଙ୍କୁ ଭୂରୀୟସି ପ୍ରଶଂସା କରିବା ସହିତ ଦୀର୍ଘାୟୁ କାମନା କରିଥିଲେ।



## ୩୩କେଭି ବିଦ୍ୟୁତ ତାର ସୃଷ୍ଟି କରୁଛି ବିପଦ

# ଜିଲ୍ଲାପାଳଙ୍କ ଜନ ଅଭିଯୋଗ ଶୁଣାଣି ଶିବିରର ଦ୍ୱାରସ୍ଥ ହେଲେ ଅଞ୍ଚଳବାସୀ

ରଘୁନାଥପୁର, (ଭାସ୍କର ନ୍ୟୁଜ୍) : ଜଗତସିଂହପୁର ଜିଲ୍ଲା ରଘୁନାଥପୁର ବ୍ଲକ ବିଦ୍ୟାଧରପୁର ପଞ୍ଚାୟତ ଓ ଏହାର ଆଖପାଖ ଅଞ୍ଚଳର ଗ୍ରାମ ଗୁଡିକରେ ୩୩କେଭି ବିଦ୍ୟୁତ ତାର ସୃଷ୍ଟି କରିଛି ବିପଦ। ଦିର୍ଘ ୫୦ବର୍ଷରୁ ଉର୍ଦ୍ଧ୍ୱ ହେବ ଜଗତସିଂହପୁର ସଦର ମହକୁମାର କଣ୍ଟାପଡା ଠାରୁ ବାହାରି ଏହି ୩୩କେଭି ବିଦ୍ୟୁତ ତାର ତିର୍ତ୍ତୋଲ ପର୍ଯ୍ୟନ୍ତ ଲମ୍ବିଛି। ଯିବା ବାଟରେ ଏହି ବିଦ୍ୟୁତ ଲାଇନ ରଘୁନାଥପୁର ବ୍ଲକ ବିଦ୍ୟାଧର ପୁର ପଞ୍ଚାୟତର ମଧ୍ୟଭାଗଦେଇ ଯାଇଥିବାରୁ ଏହି ଗ୍ରାମ ତଥା ଏହାର ଆଖପାଖ ଗ୍ରାମ ଗୁଡିକର ଜନଜୀବନ ପ୍ରତି ବାଜୁଛି ମୃତ୍ୟୁର ସତର୍କ ଘଣ୍ଟି। ୫୦ ବର୍ଷ ପୂର୍ବେ ବିଦ୍ୟୁତ ଖୁଣ୍ଟ ଗୁଡିକ ଯେଉଁ ଉଚ୍ଚତାରେ ଥିଲା ତାହା ଏବେ ଆଉ ନାହିଁ। କାରଣ ଏବେ ଗ୍ରାମ୍ୟରାସ୍ତା ଓ ବିଲ ବାଡି ଗୁଡିକ ଯଥେଷ୍ଟ ଉଚ୍ଚତା ଯୋଗୁଁ ଜନଜୀବନକୁ ମୃତ୍ୟୁ ଆଡକୁ ଠେଲିନେଉଛି। ଅପରପକ୍ଷରେ ଏତେ ବର୍ଷର ଖୁଣ୍ଟ ତାର ପୁରୁଣା ହୋଇଥିଲେ ବି ବିଦ୍ୟୁତ ବିଭାଗ ପକ୍ଷରୁ ଏହାର ପରିବର୍ତ୍ତନ ଓ ମରାମତି ଅଭାବରୁ ତାର ଗୁଡିକ ବିଲବାଡି, ରାସ୍ତା ଉପରେ ବିପଦ ସଙ୍କୁଳ ଅବସ୍ଥାରେ ଝୁଲି ରହିଥିବାରୁ ଚାଷୀ ଉକ୍ତ ସ୍ଥାନ ମାନଙ୍କୁ ଭୟରେ ଯାଉନାହାଁନ୍ତି। ଫଳରେ ଚାଷ କାର୍ଯ୍ୟରେ ବାଧା ସୃଷ୍ଟି କରୁଛି। ଆହୁରି ମଧ୍ୟ ଯେଉଁ ଜମିବାଡି ଦେଇ ବିଦ୍ୟୁତ ତାର ଯାଇଛି ସେହି ସ୍ଥାନ ମାନଙ୍କରେ ଗ୍ରାମର ଲୋକମାନେ ଛାତଘର ଖଣ୍ଡେ ନିର୍ମାଣ କରିପାରୁ ନାହାଁନ୍ତି। ଯାହାକୁ ନେଇ ଗ୍ରାମଗୁଡିକରେ ଉତ୍ତେଜନା ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି। ଏହି ବିପଦପୂର୍ଣ୍ଣ ବିଦ୍ୟୁତ ଲାଇନକୁ ଜନବସତି ଉପରୁ ହଟାଇବା ପାଇଁ ଗତ ଅଗଷ୍ଟ ୧୧ ତାରିଖ ସୋମବାର ରଘୁନାଥପୁର ବ୍ଲକ ଠାରେ ଚାଲିଥିବା ଜିଲ୍ଲାପାଳଙ୍କ ଜନଅଭିଯୋଗ ଶିବିରରେ ବିଦ୍ୟାଧର ପୁର ପଞ୍ଚାୟତର ଯୁବନେତା ତଥା ସମାଜସେବୀ ରହିମ ଖାଁ ଓ ଅଜୟ ସାମଲ ଗ୍ରାମବାସୀଙ୍କ ପକ୍ଷରୁ ଅଭିଯୋଗ କରିଥିବା ଜଣାଯାଇଛି। ତେବେ ସରକାର ଓ ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ଏହି ବିଦ୍ୟୁତ ଲାଇନକୁ ଅନ୍ୟତ୍ର ଉଠାଇ ନେବାପାଇଁ ଅଞ୍ଚଳ ପକ୍ଷରୁ ଦାବି କରାଯାଇଛି। ଯଦି ସରକାର ତୁରନ୍ତ ଏହାକୁ ନ ହଟାନ୍ତି ତା ହେଲେ ଅଞ୍ଚଳବାସୀ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ଚେତାବନୀ ମଧ୍ୟ ଦେଇଛନ୍ତି।



# ନାହିଁ ନାହିଁରେ ଚାଲିଛି ଗୁଡ଼ଭେଲିପଦର ପଞ୍ଚାୟତ

କନ୍ଧମାଳ, (ଭାସ୍କର ନ୍ୟୁଜ୍): ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ ଗୁଡଭେଲିପଦର ପଞ୍ଚାୟତରେ ସରକାରୀ ନିର୍ଦ୍ଦେଶନାମାକୁ ବେଖାତିର କରୁଥିବା ଅଭିଯୋଗ ହୋଇଛି। ଗୁଡଭେଲିପଦର ପଞ୍ଚାୟତ ପାଖାପାଖି ୬ ହଜାର ଜନସଂଖ୍ୟା ଥିବା ବେଳେ ପାଖାପାଖି ୩୫ ଶହ ଭୋଟର ଅଛନ୍ତି। ସରକାରଙ୍କ ନିର୍ଦ୍ଦେଶ ଅନୁସାରେ ଅଗଷ୍ଟ ୮ରୁ ୧୫ ତାରିଖ ପର୍ଯ୍ୟନ୍ତ ପଞ୍ଚାୟତରେ ହର ଘର ତ୍ରିରଙ୍ଗା କାର୍ଯ୍ୟକ୍ରମ ଅନୁଷ୍ଠିତ ହେବା ସହ ଗ୍ରାମର ପ୍ରତ୍ୟେକ ଘର ଗୁଡିକରେ ଜାତୀୟ ପତାକା ଲଗାଇବାକୁ ସ୍ପଷ୍ଟ ଉଲ୍ଲେଖ ରହିଛି। ହେଲେ ଗୁଡଭେଲିପଦର ପଞ୍ଚାୟତରେ ଏହାର ବ୍ୟତିକ୍ରମ ଦେଖିବାକୁ ମିଳିଛି। ଏହି ନିର୍ଦ୍ଦେଶକୁ ବେଖାତିର କରି ପଞ୍ଚାୟତ କର୍ତ୍ତୃପକ୍ଷ ହର ଘର ତ୍ରିରଙ୍ଗା କାର୍ଯ୍ୟକ୍ରମ କରି ନ ଥିବା ଦେଖିବାକୁ ମିଳିଛି। ଅନ୍ୟପଟେ ଅଗଷ୍ଟ ୧୫ ତାରିଖରେ ପ୍ରତ୍ୟେକ ପଞ୍ଚାୟତରେ ଗ୍ରାମ ସଭା କରିବାକୁ ନିର୍ଦ୍ଦେଶ ଜାରି କରାଯାଇଥିବା ବେଳେ ଗୁଡଭେଲିପଦର ପଞ୍ଚାୟତରେ ଗ୍ରାମ ସଭା କରା ନଯାଇ ଏହାକୁ ଖୋଲାଖୋଲି ଉଲଂଘନ କରାଯାଇଛି। ସ୍ୱାଧୀନତା ଦିବସ ପାଇଁ ଆସିଥିବା ସମସ୍ତ ୱାର୍ଡ ମେମ୍ବର ଓ ସରପଞ୍ଚଙ୍କ ସମର୍ଥକଙ୍କ ଦସ୍ତଖତ କରାଯାଇ ଗ୍ରାମ ସଭା ହୋଇଥିବା ଦର୍ଶାଯାଇଛି। ଗ୍ରାମସଭା ପୂର୍ବରୁ ପଞ୍ଚାୟତର ସମସ୍ତ ଜନ ଗହଳି ସ୍ଥାନ ମାନଙ୍କରେ ନୋଟିସ ଦେଇ ଜନ ସାଧାରଣଙ୍କୁ ଅବଗତ କରିବା ପରିବର୍ତ୍ତେ କାହାକୁ କୌଣସି ସୂଚନା ଦିଆଯାଇ ନାହିଁ। ସୂଚନା ଥାଉ କି ଗତ ଜାନୁଆରୀ ୨୬ ତାରିଖରେ ମଧ୍ୟ ଗ୍ରାମସଭା ହୋଇ ନ ଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଗୁଡଭେଲି ପଦର ପଞ୍ଚାୟତରେ ଏଭଳି ସରକାରୀ ନିର୍ଦ୍ଦେଶନାମାର ବ୍ୟତିକ୍ରମ ହେଉଥିବା ଯୋଗୁଁ ପଞ୍ଚାୟତବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖିବାକୁ ମିଳିଛି। ଘଟଣା ସମ୍ପର୍କରେ ପଞ୍ଚାୟତ ନିର୍ବାହୀ ଅଧିକାରୀ ଆଲ୍ଲାଦିନୀ ଭୋଇଙ୍କୁ ପଚାରିବାରୁ ମୁଁ ଟ୍ରେନିଂରେ ଥିବାରୁ ହର ଘର ତ୍ରିରଙ୍ଗା ହୋଇ ନ ଥିବା ବେଳେ ୧୪ ତାରିଖ ସନ୍ଧ୍ୟାରେ ବ୍ଲକରୁ ୨୫୦ ପତାକା ଆସିଥିବା ବେଳେ ସମସ୍ତ ୱାର୍ଡ ମେମ୍ବରଙ୍କୁ ସମାନ ଭାବରେ ବାଣ୍ଟି ଦିଆ ଯାଇଥିବା କହିଛନ୍ତି। ଗ୍ରାମସଭା ସମ୍ପର୍କରେ ପଚାରିବାରୁ ଗ୍ରାମସଭାର ଦସ୍ତଖତ କରାଯାଇଥିବା କହିଛନ୍ତି। କଣ୍ଟାମାଳ ବିଡ଼ିଓ ଘଟଣାର ତଦନ୍ତ କରି ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରିବାକୁ ପଞ୍ଚାୟତବାସୀ ଦାବି କରିଛନ୍ତି।

# ଅମଲା ସଙ୍ଘର ଦାବି ଶୁଣୁନାହାନ୍ତି ସରକାର

ମାଲକାନଗିରି, (ଭାସ୍କର ନ୍ୟୁଜ୍) : ମାଲକାନଗିରି ଜିଲ୍ଲାରେ ଅଗଷ୍ଟ ୧୧ ତାରିଖ ରୁ ରାଜସ୍ୱ ଅମଲା ସଂଘର କର୍ମଚାରୀ ମାନେ ଧାରଣାରେ ବସିଗଲେ ମଧ୍ୟ ସରକାର ଏହାର ସମାଧାନ ପାଇଁ ପଦକ୍ଷେପ ନ ନେଇ ବିଭିନ୍ନ ଗଣମାଧ୍ୟମରେ ଲୋକଙ୍କ ଅସୁବିଧା କଥା କହି ରାଜସ୍ୱ ଅମଲା ମାନଙ୍କୁ ଦାୟୀ କରୁଛନ୍ତି ସଙ୍ଘ ପକ୍ଷରୁ କହିଛନ୍ତି। ଓଡ଼ିଶା କର୍ମଚାରୀ ମାନଙ୍କ ଠାରୁ ଓଭମକ୍କୁଙ୍କର ଝବଙ୍ଘ ଆଦାୟ କରି ଭୋଟ ପାଇବା ପାଇଁ ମାଗଣା ଯୋଜନା କରୁଛନ୍ତି। ବିଧାନ ସଭାରେ ପ୍ରତ୍ୟେକ ବିଷୟରେ ଶାସକ ଓ ବିରୋଧି କଥା କଟାକଟି ହୁଅନ୍ତି । ବିଧାନ ସଭା ନିର୍ଦ୍ଧାରିତ ଦିନ ପୂର୍ବରୁ ହଟ୍ଟଗୋଳ ହୋଇ ବନ୍ଦ ହେଉଛି। କିନ୍ତୁ ଯେତେବେଳେ ବିରୋଧୀ ଦଳର ବିଧାୟକମାନଙ୍କ ଗ୍ରସ୍ତ ଖର୍ଚ୍ଚ ଓ ଦରମା ବୃଦ୍ଧି ପ୍ରସ୍ତାବ ବିଧାନ ସଭାରେ ଆଣନ୍ତି, ଶାସକ ବିରୋଧି ଏକ ହୋଇ ଡିବେଟ୍ ନ କରି, ଆର୍ଥିକ ବୋଝକୁ ବିଚାରକୁ ନନେଇ ଗୋଟିଏ ଦିନରେ ବିଲ ପାସ କରିଦିଅନ୍ତି । ଏମାନେ ଲୋକଙ୍କ ସେବା ପାଇଁ ବିଧାନସଭାକୁ ଆସିଥାନ୍ତି - ମାତ୍ର ଲୋକଙ୍କ ପଇସାରେ ମସ୍ତି କରୁଛନ୍ତି। କିନ୍ତୁ କର୍ମଚାରୀ ମାନଙ୍କ ନାର୍ଯ୍ୟ ଦାବିକୁ ସମାଧାନ କରିବାକୁ ଏମାନଙ୍କୁ ମାସ ମାସ ଲାଗୁଛି । ରାଜସ୍ୱ ମନ୍ତ୍ରୀ ହୁଅନ୍ତୁ କି ମୁଖ୍ୟ ମନ୍ତ୍ରୀ, ଏମାନେ ପ୍ରକୃତରେ ଲୋକଙ୍କ ସେବାରେ ଅଛନ୍ତି - କୁହନ୍ତୁ ଏମାନେ ବର୍ଦ୍ଧିତ ଦରମା ବା ଗ୍ରସ୍ତ ଖର୍ଚ୍ଚ ନେଉଛନ୍ତି ନା ନାହିଁ ? ଗତ ସରକାର କର୍ମଚାରୀଙ୍କ ଦାବୀକୁ ସମାଧାନ ନ କରି ସମୟ ଗଡ଼ାଇ ଗଡ଼ାଇ ଶେଷରେ ବିଦାୟ ହେଲେ । ଏବର ଲୋକଙ୍କ ସରକାର ସେଇ ନୀତି ଆପଣାଉଛନ୍ତି । ସମସ୍ୟା ସମାଧାନ ନ କରି କର୍ମଚାରୀଙ୍କୁ ଯଦି ରାଜରାସ୍ତାରେ ବସାଇବାକୁ ବାଧ କରିବେ, ତାହାହେଲେ ଭବିଷ୍ୟତର କର୍ମଚାରୀମାନେ ମଧ୍ୟ ଠିକ୍ ସମୟରେ ସରକାରଙ୍କୁ ଠିକ୍ ଜବାବ ଦେବେ । ଏମାନେ ବିରୋଧି ଦଳରେ ଥିଲା ବେଳେ କର୍ମଚାରୀଙ୍କ ଦାବୀ ଉଚିତ୍ ବୋଲି କହୁଥିଲେ । କିନ୍ତୁ ମୋହନ ବାବୁ ଗାଦିରେ ବସିଲା ପରେ ପୁରାପୂରି ଚୁପ୍ ହୋଇଯାଇଛନ୍ତି । ସରକାର ଶାସନଗାଦିରେ ବସିବେ ୫ ବର୍ଷ, କିନ୍ତୁ କର୍ମଚାରୀ ଚାକିରୀରେ ରହିବେ ୬୦ ବର୍ଷ ଯାଏଁ। କର୍ମଚାରୀମାନେ ମଧ୍ୟ ଖେଳ କରିବା ଜାଣନ୍ତି। ଏଣୁ ସବୁ କର୍ମଚାରୀ ଏକ ହୋଇ ସଂଘବଧ ହୋଇ ନ୍ୟାର୍ଯ୍ୟ ଦାବି ପାଇଁ ଲଢ଼ିବାର ଆବେଶ୍ୟକ ରହିଛି । ନିଜ ନିଜର ନ୍ୟାର୍ଯ୍ୟ ଅଧିକାର ପାଇଁ ଅନୁରୋଧ କରିବାର ଆବଶ୍ୟକ ନାହିଁ । ଆଶା କରେ ବିଜ୍ଞ ସରକାର - ଆମର ମୋହନ ସରକାର କର୍ମଚାରୀମାନଙ୍କ ନ୍ୟାର୍ଯ୍ୟ ଦାବି ଉପରେ ଗଭୀର ଭାବରେ ଧ୍ୟାନ ଦେବେ/ ରେଖାପାତ କରିବେ ଓ ରାଜସ୍ୱ ଅମଲା ମାନଙ୍କ ସମସ୍ୟା ଅତିଶିଘ୍ର ସମାଧାନ କରବେ ବୋଲି ଗଣମାଧ୍ୟମ ପ୍ରତିନିଧିମାନଙ୍କୁ କହିଛନ୍ତି।



ରଘୁନାଥପୁର (ଭାସ୍କର ନ୍ୟୁଜ) : ରଘୁନାଥପୁର ନିକଟସ୍ଥ ସିର୍ଲୋ ଗ୍ରାମପଞ୍ଚାୟତର ଐତିହାସିକ ପାଣ୍ଡବଘାଟ ଠାରେ ୭୯ତମ ସ୍ୱାଧୀନତା ଦିବସ ଧୁମ୍‌ଧାମ୍‌ରେ ପାଳିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମ ବରିଷ୍ଠ ବିଜେପି ନେତା ବୈଷ୍ଣବ ଚରଣ ଗାୟାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ସିର୍ଲୋ ଗ୍ରାମପଞ୍ଚାୟତର ସମିତି ସଭ୍ୟ ବିଷ୍ଣୁ ଚରଣ ମାଦେଲି ମୁଖ୍ୟ ଅତିଥି ରୂପେ ଯୋଗ ଦେଇ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ଏହି ଅବସରରେ ଜାତୀୟ ସଂଗୀତ ଗାନ କରାଯାଇଥଲା। ମୁଖ୍ୟ ଅତିଥି ଶ୍ରୀ ମାଦେଲି ତାଙ୍କ ବକ୍ତବ୍ୟରେ ଦେଶର ଅଖଣ୍ଡତା ଓ ସମୃଦ୍ଧି ଉପରେ ଆଲୋକପାତ କରିଥିଲେ। ପରିଚାଳନା ସଭାପତି ନୂଆଭାରତ ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ। କେତେକ ନ୍ୟସ୍ତ ସ୍ୱାର୍ଥ ଗୋଷ୍ଠୀର ବ୍ୟକ୍ତି ନିଜର ସ୍ୱାର୍ଥ ପାଇଁ ଦେଶକୁ ଗୃହ ଯୁଦ୍ଧ ଆଡକୁ ଟାଣି ନେଉଛନ୍ତି, ଶାନ୍ତି ସୌହାର୍ଦ୍ଦ୍ୟ ପ୍ରତିଷ୍ଠା ପାଇଁ ସମସ୍ତଙ୍କୁ ସେ ଆବେଦନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଯୁବ ସମାଜସେବୀ ଦୁଲାଲ ଭୋଇ, ଚନ୍ଦନ ସେନାପତି, ଗୋବର୍ଦ୍ଧନ ଖୁଣ୍ଟିଆ, ସୋମନାଥ ଭୋଇ, ଧୀରେଇନ୍ଦ୍ର ସେନାପତି, ମନୋଜ ଦାସ, ଚିତ ରଞ୍ଜନ ସେଠି, ଲକ୍ଷ୍ମୀକାନ୍ତ ଚୌଧୁରୀ, ବିଜୟ ମହାପାତ୍ର, ଗୌତମ ଭୋଇ, କୈଳାଶ ପ୍ରଧାନ ଓ କୁଶ ଦାସ ଯୋଗଦାନ କରିଥିଲେ। ବିଦ୍ୟାଳୟର ଛାତ୍ରଛାତ୍ରୀ, ଶିକ୍ଷକମାନେ ଯୋଗଦାନ କରି ଭାରତ ମାତାର ଜୟଗାନ କରିଥିଲେ। ଶେଷରେ ଯୁବ ସାମ୍ବାଦିକ ପବିତ୍ର ଦାଶ ଧନ୍ୟବାଦ ଅର୍ପଣ କରିଥିଲେ ଓ ମିଷ୍ଟାନ୍ନ ବଣ୍ଟନ କରିଥିଲେ।



# ପାଟ୍ରୋଲିଂ ଢିଲା, ବଢୁଛି ଅସାମାଜିକ କାର୍ଯ୍ୟକଳାପ




ଅସ୍ତରଙ୍ଗ (ଭାସ୍କର ନ୍ୟୁଜ) : ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକଟି ୧୫ଟି ପଞ୍ଚାୟତ ହୋଇଥିବା ବେଳେ ୩ଟି ଥାନା ଅଧୀନରେ ଯାଉଛି। ଯେପରିକି କିଛି ପଞ୍ଚାୟତ କାକଟପୁର ଥାନା ଅଧୀନରେ, ନୂଆଗଡ ସାମୁଦ୍ରିକ ଥାନା ଅଧୀନରେ ଝାଡ଼ଲିଙ୍ଗ ଓ ନୂଆଗଡ, ଅବଶିଷ୍ଟ ପଞ୍ଚାୟତ ଅସ୍ତରଙ୍ଗ ଥାନା ଅଧୀନରେ ଯାଉଛି। କିନ୍ତୁ ଥାନା ପକ୍ଷରୁ ପଇଁତରା ଅଭାବରୁ ସ୍ଥାନୀୟ ଅଞ୍ଚଳରେ ଦିନକୁ ଦିନ ଚୋରା ମାଦକ ଦ୍ରବ୍ୟ କାରବାର ବଢ଼ି ଚାଲିଛି। ଚୋରି, ରାହାଜାନି, ଲୁଟ, ଛିନତାଇ ଭଳି ଅସାମାଜିକ କାର୍ଯ୍ୟକଳାପ ଘଟୁଛି। ଥାନା ଅଞ୍ଚଳରେ ଜନସାଧାରଣ ନିଜକୁ ଆଉ ସୁରକ୍ଷିତ ମଣୁ ନାହାନ୍ତି। ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକଟି ଜନସଂଖ୍ୟା ବୃଦ୍ଧି କାରଣରୁ ବିଭିନ୍ନ ପଞ୍ଚାୟତକୁ ବିଭିନ୍ନ ଥାନା ଅଧୀନରେ ରହିଛି। ମାତ୍ର ବିଭିନ୍ନ ପଞ୍ଚାୟତରେ ଅଧିବାସୀଙ୍କୁ ପୋଲିସ ସୁରକ୍ଷା ଦେବାରେ ବିଫଳ ହୋଇଛି ବୋଲି ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚା ହେଉଛି। ସନ୍ଧ୍ୟା ହେଲେ ଅସ୍ତରଙ୍ଗ ମୁଖ୍ୟ ବଜାରରେ ବସ୍‌ଷ୍ଟାଣ୍ଡ ଠାରୁ ଥାନା ଛକ ପର୍ଯ୍ୟନ୍ତ ବିଭିନ୍ନ ଫାଷ୍ଟଫୁଡ ହେଉ ଅବା ବିଭିନ୍ନ ଦୋକାନ ଏକ ରକମର ମଦ୍ୟପଙ୍କ ବାର୍ ପାଲଟୁଛି, ଏହାସହ ରାସ୍ତା ଗହଳି ରହୁଥିଲେ ମଧ୍ୟ ପୋଲିସର ନାଁ ଅଛି ପାଟ୍ରୋଲିଂ, ନାଁ ହେଉଛି ବିଭିନ୍ନ ଫାଷ୍ଟଫୁଡ ଦୋକାନରେ ଅଚାନକ ଯାଞ୍ଚ। ଯାହା ଫଳରେ କି ଅସ୍ତରଙ୍ଗ ମୁଖ୍ୟ ବଜାର ହେଉ କିମ୍ବା ବିଭିନ୍ନ ପଞ୍ଚାୟତ ଛକ ଗୁଡିକରେ ଥିବା ଦୋକାନ ମଦ୍ୟପ ଓ ନିଶାଡିଙ୍କ ଆଡ୍ଡାସ୍ଥଳୀ ପାଲଟୁଛି। ଏହାସହ ଦୈନିକ ଖୁଲମଖୁଲ୍ଲା ଦିନ ରାତି ବେଆଇନ ଭାରୀଯାନରେ ବାଲି ଓ ପଥର ଚାଲାଣ ହେଉଛି। ଅପରାହ୍ନ ଠାରୁ ରାତି ପର୍ଯ୍ୟନ୍ତ ଅସ୍ତରଙ୍ଗ ମୁଖ୍ୟ ବଜାର କେତେକ ବ୍ୟବସାୟୀ ରାସ୍ତାକୁ ମାଡି ଆସିବା ଫଳରେ ଟ୍ରାଫିକ୍ ସମସ୍ୟା ସୃଷ୍ଟି ହେଉଛି, ଖୁଲମଖୁଲ୍ଲା ସ୍କୁଟିରେ ଦେଶୀ ଓ ବିଦେଶୀ ମଦ ଚାଲାଣ ସର୍ବ ସମ୍ମୁଖରେ ହେଉଛି। ବିଭିନ୍ନ ଗାଁରେ ବେଆଇନ ମାଦକ ଦ୍ରବ୍ୟ କାରବାର ଗାଁ ଗଳିକନ୍ଦି, ଅନ୍ଧାରିଆ ନିଛାଟିଆ କ୍ୟାବିନି କଡ଼ରେ ଖୋଲା ମେଲାରେ ଚାଲିଛି। ଧଳା ଜହର କାରବାର ପ୍ରତ୍ୟେକ ଗାଁ ଗଣ୍ଡାକୁ ବ୍ୟାପିଲାଣି। ଶିକ୍ଷିତ ବେକାର ଯୁବକ ଏହାକୁ ସେବନ କରି ଚୋରି, ଲୁଟ ଭଳି ଘଟଣା ଘଟାଇବାକୁ ପଛଘୁଞ୍ଚା ଦେଉନାହାନ୍ତି। ବିଳମ୍ବିତ ରାତି ପର୍ଯ୍ୟନ୍ତ ଛକ ବଜାର, ଗାଁ ମୁଣ୍ଡ ମନ୍ଦିର ବେଢାରେ ବସି ହୋହାଲ୍ଲା କରୁଛନ୍ତି। ଏପରିକି ତାସ ମାଧମରେ ଜୁଆ ଖେଳ ମଧ୍ୟ ହେଉଛି। ଅସ୍ତରଙ୍ଗ, କାକଟପୁର ଓ ନୂଆଗଡ଼ ସାମୁଦ୍ରିକ ଥାନା ପକ୍ଷରୁ ଆବଶ୍ୟକ ମୁତାବକ ପଇଁତରା କରାଯାଉନଥିବା ଅଭିଯୋଗ ହେଉଛି। ପୁରୀର ନୂତନ ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକ ପୋଲିସ ପଇଁତରା ବ୍ୟବସ୍ଥା କଡାକଡି କରିବା ଦିଗରେ ପଦକ୍ଷେପ ନେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

# ଆଦର୍ଶ ଗୁହାଳରୁ ବହୁ ପରିମାଣର ବିସ୍ଫୋରକ ଜବତ



ଛତ୍ରପୁର (ଭାସ୍କର ନ୍ୟୁଜ) : ଗଞ୍ଜାମ ଜିଲ୍ଲା ଚମାଖଣ୍ଡି ଥାନା ଅନ୍ତର୍ଗତ ଜଗନ୍ନାଥପୁର ଗ୍ରାମ ଶିବ ମନ୍ଦିର ନିକଟରେ ଥିବା ଏକ ଆଦର୍ଶ ଗାଇ ଗୁହାଳରୁ ପ୍ରଚୁର ପରିମାଣର ଡିଟୋନେଟର ଜବତ କରିଛି ପୋଲିସ। ସୂଚନା ପ୍ରକାରେ ତୁମୁଡ଼ିବନ୍ଧ ପୋଲିସ ନିଜ ଥାନା ଅଂଚଳରେ ଗାଡ଼ି ଯାଞ୍ଚ କରୁଥିବାବେଳେ ଏକ ଗାଡିରୁ ବିସ୍ଫୋରକ ଜବତ ହୋଇଥିଲା। ଉକ୍ତ ଗାଡ଼ିର ଚାଳକ ଓ ଅନ୍ୟମାନଙ୍କ ସୂଚନା ଆଧାରରେ ତୁମୁଡ଼ିବନ୍ଧ ପୋଲିସ ଚାମାଖଣ୍ଡି ଥାନା ପୋଲିସର ସହଯୋଗରେ ଉକ୍ତ ଜଗନ୍ନାଥପୁର ଗ୍ରାମ ଆଦର୍ଶ ଗୁହାଳରେ ଛାନ୍‌ଭିନ୍ ଆରମ୍ଭ କରିଥିଲା। ଗୁହାଳ ଭିତରୁ ବହୁ ପରିମାଣର ବିସ୍ଫୋରକ ଜବତ ହୋଇଥିବାବେଳେ ପୋଲିସ ଜଣକୁ ଅଟକ ରଖିଛି । ଗ୍ରାମର ବି. ମୋହନ ରେଡି ଏହାକୁ ଭଡ଼ା ଆକାରରେ ଦେଇଥିବା ଜଗନ୍ନାଥପୁର ବିଟ୍ ହାଉସ ଇନ୍‌ଚାର୍ଜ ଅରୁଣ ରାଉତ ସୂଚନା ଦେଇଛନ୍ତି । ତେବେ କେଉଁ ଉଦ୍ଦେଶ୍ୟରେ ଏଠାରେ ଏତେ ପରିମାଣର ଡିଟୋନେଟର ରଖାଯାଇଛି ଏନେଇ ପୋଲିସ ତଦନ୍ତ ଆରମ୍ଭ କରିଛି।

# ଜିଲ୍ଲାରେ ଆଇନ ଶୃଙ୍ଖଳା ପରିସ୍ଥିତି ନେଇ ଏସ୍‌ପି ଓ ଜିଲ୍ଲାପାଳଙ୍କୁ ଭେଟିଲେ ବିଜେଡି ପ୍ରତିନିଧି



ଛତ୍ରପୁର (ଭାସ୍କର ନ୍ୟୁଜ) : ଗଞ୍ଜାମ ଜିଲ୍ଲାରେ ଆଇନଶୃଙ୍ଖଳା ପରିସ୍ଥିତି ବିଗିଡ଼ିବା ଓ ଜିଲ୍ଲାରେ ଉନ୍ନୟନମୂଳକ କାର୍ଯ୍ୟ ବନ୍ଦ ହେବାକୁ ବିରୋଧ କରି ଆଜି ଗଞ୍ଜାମ ଏସ୍‌ପି ଓ ଜିଲ୍ଲାପାଳଙ୍କୁ ସାକ୍ଷାତ କରିଛନ୍ତି ବିଜେଡ଼ିର ଏକ ପ୍ରତିନିଧି ଦଳ। ଗଞ୍ଜାମ ଜିଲ୍ଲା ବିଜେଡ଼ି ସଭାପତି ବିକ୍ରମ ପଣ୍ଡା, ଜିଲ୍ଲାର ଦୁଇ ପୂର୍ବତନ ସାଂସଦ ଓ ବହୁ ପୂର୍ବତନ ବିଧାୟକ ମାନେ ଏହି ଟିମ୍‌ରେ ରହିଛନ୍ତି। ପ୍ରଥମେ ବିଜେଡ଼ି ଟିମ୍ ଗଞ୍ଜାମ ଏସ୍‌ପିଙ୍କ କାର୍ଯ୍ୟାଳୟରେ ପହଞ୍ଚିଥିଲେ। ଗଞ୍ଜାମ ପୋଲିସ ଜିଲ୍ଲାର ବିଭିନ୍ନ ଥାନା ଅଞ୍ଚଳରେ ଅପରାଧିକ କାର୍ଯ୍ୟକଳାପ ବୃଦ୍ଧି ପାଇବାରେ ଲାଗିଛି। ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରିବା ପରିବର୍ତ୍ତେ ନୀରିହ ଲୋକଙ୍କୁ ଗିରଫ କରୁଛି। ଅନେକ ଥାନା ଅଧିକାରୀମାନେ ଜନସାଧାରଣଙ୍କ ଅଭିଯୋଗକୁ ଗୁରୁତ୍ୱ ଦେଉନାହାନ୍ତି। ଏଭଳି ଅଭିଯୋଗକୁ ନେଇ ଗଞ୍ଜାମ ଏସ୍‌ପିଙ୍କୁ ବିଜେଡ଼ିର ଟିମ୍ ସାକ୍ଷାତ କରି ଆଲୋଚନା କରିଥିଲା। ଖୁବଶୀଘ୍ର ଲୋକଙ୍କ ଅଭିଯୋଗକୁ ଶୁଣି ତାହାର ସମାଧାନ କରିବା ନିମନ୍ତେ ଏସ୍‌ପିଙ୍କ ନିକଟରେ ଦାବି କରିଛନ୍ତି ବିଜେଡ଼ି ଟିମ୍। ଏହାପରେ ବିଜେଡ଼ି ଟିମ୍ ଗଞ୍ଜାମ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟକୁ ଯାଇ ସେଠାରେ ଜିଲ୍ଲାପାଳଙ୍କୁ ସାକ୍ଷାତ କରିଥିଲେ। ନୂଆ ସରକାର ଆସିବା ପରେ ଜିଲ୍ଲାର ଗ୍ରାମାଞ୍ଚଳ ଗୁଡ଼ିକରେ ବିକାଶମୂଳକ କାର୍ଯ୍ୟକ୍ରମ ଠପ୍ ହୋଇପଡ଼ିଛି। ପୂର୍ବତନ ବିଧାୟକ ମାନଙ୍କର ହାତପାଣ୍ଠିରୁ ବିଭିନ୍ନ ପ୍ରକଳ୍ପ ନିମନ୍ତେ ଆସିଥିବା ଟଙ୍କାକୁ ଖର୍ଚ୍ଚ କରାଯାଉନାହିଁ। ବର୍ତ୍ତମାନର ସରପଞ୍ଚ, ସମିତିସଭ୍ୟ ମାନଙ୍କୁ ଗାଁର ଉନ୍ନତି ନିମନ୍ତେ କାମ କରାଇ ଦିଆଯାଉନାହିଁ। ତେଣୁ ଜିଲ୍ଲାର ବିକାଶ କିଭଳି ହେବ ସେ ଦିଗରେ ଧ୍ୟାନ ଦେବାକୁ ଜିଲ୍ଲାପାଳଙ୍କୁ ନିବେଦନ କରିଛନ୍ତି ବିଜେଡ଼ି ଟିମ୍।

# ଏରସମା ବିଜେପି ପକ୍ଷରୁ ତ୍ରିରଙ୍ଗା ଶୋଭାଯାତ୍ରା



ଏରସମା (ଭାସ୍କର ନ୍ୟୁଜ) : ଏରସମା ବ୍ଲକ୍ ଭାରତୀୟ ଜନତା ପାର୍ଟି ପକ୍ଷରୁ ୭୯ ସ୍ୱାଧୀନତା ଦିବସ ପାଳନ ଅବସରରେ ହର୍ ଘର୍ ତ୍ରିରଙ୍ଗା ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ବାଲିକୁଦା ଏରସମା ବିଜେପି ନେତା ସତ୍ୟସାରଥୀ ମହାନ୍ତିଙ୍କ ନେତୃତ୍ୱରେ,ଏରସମା ସ୍ଥିତ ଦଳୀୟ ମୁଖ୍ୟ କାର୍ଯ୍ୟାଳୟରୁ ଶୋଭାଯାତ୍ରା ବାହାରି ସମଗ୍ର ବଜାର ଅଞ୍ଚଳ ପରିକ୍ରମା ପରେ, ଥାନା କାର୍ଯ୍ୟାଳୟ ନିକଟରେ ଶେଷ ହୋଇଥିଲା। ଏହି ଅବସରରେ ଗାନ୍ଧୀ ସ୍ମୃତି ମଣ୍ଡପରେ ନେତୃମଣ୍ଡଳୀମାନେ ପହଞ୍ଚି ଗାନ୍ଧୀ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ଏହି ଶୋଭାଯାତ୍ରାରେ ଓବିସି ମୋର୍ଚ୍ଚା ରାଜ୍ୟ ଉପସଭାପତି ନୃସିଂହ ଚରଣ ସାହୁ, ସାଂସଦଙ୍କ ପ୍ରତିନିଧି ଜଟାଧାରୀ ସ୍ୱାଇଁ, ନାରୀନେତ୍ରୀ ରାଜଶ୍ରୀ ପଟ୍ଟନାୟକ, ମଣ୍ଡଳ ପ୍ରଭାରୀ ନିର୍ଲିପ୍ତ ଜେନା, ଏରସମା ମଣ୍ଡଳ ବିଜେପି ସଭାପତି ଅମରେନ୍ଦ୍ର ଦଳାଇ, ବାଲିଟୁଠ ମଣ୍ଡଳ ବିଜେପି ସଭାପତି ବିକ୍ରମଜିତ ସାମନ୍ତରାୟ, ସଞ୍ଜୟ ପରିଡ଼ା, ପୁଲିନ୍ ମଣ୍ଡଳ, ଅନିଲ୍ ସ୍ୱାଇଁ, କ୍ଷେତ୍ର ମୋହନ ସ୍ୱାଇଁ ପଦ୍ମଲୋଚନ ଦାଶ, ପୂର୍ବତନ ସରପଞ୍ଚ ତପନ ଗୋଛାୟତ, ଦେବେନ୍ଦ୍ର ପାଇଟାଳ, କୈଳାସ ମଲ୍ଲିକ, ଘନ ପୁହାଣ, ଶିବପ୍ରସାଦ ବେହେରା, ରବୀନ୍ଦ୍ର ସେଠି, ଦିଲୀପ ବର୍ଦ୍ଧନ, ନେତ୍ରାନନ୍ଦ ବେହେରା, ବିଜେପି ଯୁବନେତା ଶିବପ୍ରସାଦ ମଲ୍ଲ, ସାରଦା ପ୍ରସାଦ ସତପଥି, ବିପିନ୍ ନାୟକ, ପ୍ରଶାନ୍ତ ପାତ୍ର, ପ୍ରଶାନ୍ତ ସ୍ୱାଇଁ, ପ୍ରବିତ୍ର ମୋହନ ମଙ୍ଗରାଜ, ଜଗବନ୍ଧୁ ରାଉତ, ମାନସ ସ୍ୱାଇଁ, ନିମାଇଁ ଚରଣ ଜେନା, ବିକାଶ ମହାନ୍ତି ଓ ଅଜୟ ସ୍ୱାଇଁ ପ୍ରମୁଖଙ୍କ ସମେତ ସମସ୍ତ ପଚିଶି ପଞ୍ଚାୟତର ନେତୃମଣ୍ଡଳୀ ଓ ଦଳୀୟ କର୍ମୀମାନେ ଶୋଭାଯାତ୍ରାରେ ସାମିଲ ହୋଇଥିଲେ।

# କଲ୍ୟାଣ ଟ୍ରଷ୍ଟ ପକ୍ଷରୁ ସ୍ୱାଧୀନତା ଦିବସ ପାଳିତ

ପାରାଦୀପ (ଭାସ୍କର ନ୍ୟୁଜ) : ଦେଶର ୭୯ତମ ସ୍ୱାଧୀନତା ଦିବସ ଦେଶପ୍ରେମ ପରିବେଶରେ ଅଗଷ୍ଟ ୧୫ ଶୁକ୍ରବାର ଦିନ ଉତ୍ସାହ ଓ ଉଦ୍ଦୀପନା ସହ ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ପାରାଦୀପ କାର୍ଯ୍ୟକାରୀ ସାମ୍ବାଦିକ ସହକାରୀ ସାମାଜିକ କଲ୍ୟାଣ ଟ୍ରଷ୍ଟ ପକ୍ଷରୁ ସ୍ଥାନୀୟ ସିନେମା ହଲ୍ ସମ୍ମୁଖ ପଡିଆରେ ସ୍ୱାଧୀନତା ଦିବସ ମହାସମାରୋହରେ ପାଳିତ ହୋଇଯାଇଛି। ଏହି ଅବସରରେ ଟ୍ରଷ୍ଟର ଅଧ୍ୟକ୍ଷ ରତ୍ନାକର ସ୍ୱାଇଁ ଜାତୀୟ ପତାକା ଉତ୍ତୋଳନ କରିଥିଲେ ଏବଂ ଉପସ୍ଥିତ ସମସ୍ତ ସାମ୍ବାଦିକ ସାମୂହିକ ଭାବେ ଜାତୀୟ ସଙ୍ଗୀତ ଗାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଟ୍ରଷ୍ଟର ମୁଖ୍ୟ ଉପଦେଷ୍ଟା ଶୁକଦେବ ଜେନା, ଆଇନ ଉପଦେଷ୍ଟା ରବୀନ୍ଦ୍ର ଜେନା, ସଭାପତି ଶଶାଙ୍କ ଆଚାର୍ଯ୍ୟ, କାର୍ଯ୍ୟକାରୀ ସଭାପତି ସୁଧାଂଶୁ ନାୟକ, ସାଧାରଣ ସମ୍ପାଦକ ପ୍ରଶାନ୍ତ ସ୍ୱାଇଁ, କୋଷାଧ୍ୟକ୍ଷ ସନ୍ତୋଷ ଭାରତୀ, ଟ୍ରଷ୍ଟି ରାକେଶ ପଟ୍ଟନାୟକ, ପ୍ରଭାକର ସାହୁ, ରଶ୍ମି ରାଉତରାୟ, ଆବିଦ ଖାଁ, ସୁରେଶ ସ୍ୱାଇଁ, ବିବେକାନନ୍ଦ ରାଉତ, ଲକ୍ଷ୍ମୀ ନାରାୟଣ ସାହୁ, ଦୀପକ ଦାସ, ମନୋଜ ସାହୁ, ସଞ୍ଜୟ ରାଉତ, ବିକାଶ ବେହେରା, ସଂଗ୍ରାମ ରାଉତ, ଭାସ୍କର ଆଚାରୀ ପ୍ରମୁଖ ଉପସ୍ଥିତ ହୋଇ ଏହି ପତାକା ଉତ୍ତୋଳନ କାର୍ଯ୍ୟକ୍ରମରେ ସକ୍ରିୟ ଅଂଶଗ୍ରହଣ କରିଥିଲେ। ସେହିପରି ଥାନା ନିକଟସ୍ଥ ପ୍ରେସ୍ ଛକ ନିକଟରେ ଖବରକାଗଜ ବିତରକ ସଂଘ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ସଭାପତି ପ୍ରଦୀପ କିଶୋର ଜେନା ଜାତୀୟ ପତାକା ଉତ୍ତୋଳନ କରିଥିଲେ।

# ପାନୀୟ ଜଳ ଯୋଗାଣ ପାଇପ ନିକଟରେ କୁଢ଼ କୁଢ଼ ଅଳିଆ



## କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ଦାବି

ପାରାଦୀପ (ଭାସ୍କର ନ୍ୟୁଜ) : ପାରାଦୀପରେ ପୌରପାଳିକା ଓ ବିଭିନ୍ନ ସଂଗଠନ ପକ୍ଷରୁ 'ସଫେଇ ଆପଣାନ୍ତୁ, ରୋଗ ହଟାନ୍ତୁ' ଅଭିଯାନ ଚାଲିଥିବା ବେଳେ ଷଣ୍ଡକୁଦ ବସ୍ତିର ୧୭, ୧୮ ଓ ୧୯ ନମ୍ବର ୱାର୍ଡରେ ରହୁଥିବା ପ୍ରାୟ ୫୦ ହଜାରରୁ ଊର୍ଦ୍ଧ୍ୱ ଜନସାଧାରଣ ଏହି ସ୍ୱଚ୍ଛତାରୁ ବଞ୍ଚିତ ରହୁଥିବା ଅଭିଯୋଗ ହୋଇଛି । ବିଭିନ୍ନ ସ୍ଥାନରେ ସଫେଇ କାର୍ଯ୍ୟ ଅଭିଯାନ ଚାଲିଥିବା ବେଳେ ଷଣ୍ଡକୁଦରେ ପୌରପାଳିକା ବ୍ୟତୀତ ଅନ୍ୟ କୌଣସି ସଂସ୍ଥା ଏଠାରେ ସ୍ୱଚ୍ଛତା କାର୍ଯ୍ୟ କରୁନଥିବା ଦେଖିବାକୁ ମିଳିଛି। ସେହିପରି ଷଣ୍ଡକୁଦ ମୁଖ୍ୟ ଛକରେ ବସ୍ତିବାସିନ୍ଦାଙ୍କୁ ପାନୀୟ ଜଳ ଯୋଗାଣ ପାଇଁ ପୌର ପ୍ରଶାସନ ପକ୍ଷରୁ ପାଣି ପାଇପ ସଂଯୋଗ କରାଯାଇଥିବା ବେଳେ କିଛି ଅସାମାଜିକ ବ୍ୟକ୍ତି ବାରଣ ସତ୍ତ୍ୱେ ସେଠାରେ କୁଢ଼ କୁଢ଼ ଅଳିଆ ଆବର୍ଜନା ଗଦା କରୁଥିବାରୁ ସେଠାରେ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହୋଇଛି। ତେବେ ଏବାବଦରେ ଦୃଢ଼ ପଦକ୍ଷେପ ଗ୍ରହଣ ପାଇଁ ପୌରାଧ୍ୟକ୍ଷଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି।

# ଷ୍ଟାଡିୟମ୍ ପ୍ୟାରେଡରେ ୮ଟି ପୁରସ୍କାର ହାତେଇଲେ ଦେବ ସ୍କୁଲ ଛାତ୍ରଛାତ୍ରୀ



ବ୍ୟାସନଗର (ଭାସ୍କର ନ୍ୟୁଜ) : ଯାଜପୁର ଜିଲ୍ଲା କଳିଙ୍ଗନଗର ଅଞ୍ଚଳର କୁସୁନପୁର ସ୍ଥିତ 'ଦେବ ଇଣ୍ଟର ନ୍ୟାସନାଲ ସ୍କୁଲ'ରେ ୭୯ତମ ସ୍ୱାଧୀନତା ଦିବସ ମହାସମାରୋହରେ ପାଳିତ ହୋଇଯାଇଛି। ଏହି ଅବସରରେ ମୁଖ୍ୟ ଅତିଥିଭାବେ ପୂର୍ବତନ ନଗରପାଳ ତଥା ଯାଜପୁର ଜିଲ୍ଲା କ୍ରୀଡ଼ା ସଂସଦ କାର୍ଯ୍ୟକାରୀ ସଭାପତି ରସାନନ୍ଦ ମହାନ୍ତିଙ୍କ ସହ ମୁଖ୍ୟ ପ୍ରଶାସନିକ ଅଧିକାରୀ ନିର୍ମଳ କୁମାର ରଣା, ଏକାଡେମୀକ କୋର୍ଡିନେଟର ସୋନିଆ ବେଦୀ ଓ ବଳବୀର ସିଂ, ଉପ ପ୍ରଧାନାଚାର୍ଯ୍ୟ ଆର୍ ଏନ ରୟତ୍ ସିଂ ଯୋଗଦେଇ ପତାକା ଉତ୍ତୋଳନ କରିଥିଲେ। ଆଠ ଗୋଟି ପ୍ୟାରେଡ ଟ୍ରୁପ ଓ ତିନୋଟି ହାଉସ୍‌ର ଛାତ୍ରଛାତ୍ରୀଙ୍କ ଦ୍ୱାରା ମାର୍ଚ୍ଚପାଷ୍ଟ କରାଯାଇଥିଲା। କୁନି ପିଲାଙ୍କ ଦ୍ୱାରା ଦେଶାତ୍ମବୋଧକ ଗୀତରେ ନୃତ୍ୟ ପରିବେଷଣ ହୋଇଥିଲା। ବ୍ୟାସନଗର ଷ୍ଟାଡିୟମ୍ ପ୍ୟାରେଡରେ ଯୋଗ ଦେଇଥିବା ୮ଟି ଟ୍ରୁପ ୮ ଗୋଟି ପୁରସ୍କାର ହାସଲ କରି ବିଦ୍ୟାଳୟ ପାଇଁ ଗୌରବ ଆଣିଛନ୍ତି। କଳା ଶିକ୍ଷକ ଉଦୟ କୁମାର ଓଝା, ଅରୁଣ ଜେନା, ସନ୍ତୋଷ କୁମାର, ପ୍ରତ୍ୟୁଷ କୁମାର, ବିଶ୍ୱଜିତ ପଣ୍ଡା, ଦୀପକ ରଞ୍ଜନ ପାଣିଗ୍ରାହୀ, ସତ୍ୟନାରାୟଣ ପଣ୍ଡା, ସୁଚିତ୍ରା ମନ୍ତ୍ରୀ ପ୍ରମୁଖଙ୍କ ଦ୍ୱାରା ମଞ୍ଚ ସାଜସଜା ସହ ସଞ୍ଚାଳନ କାର୍ଯ୍ୟ ସମାପନ ହୋଇଥିଲା। ସ୍କୁଲର ଚେୟାରମ୍ୟାନ ବୁଦ୍ଧଦେବ ରାଉତଙ୍କ ସହ ସମସ୍ତ ଅଧ୍ୟାପକ/ଅଧ୍ୟାପିକା, କର୍ମକର୍ତ୍ତା ପ୍ରମୁଖ ଛାତ୍ରଛାତ୍ରୀଙ୍କ ଭାଗ୍ୟ ନିର୍ଣ୍ଣୟ ପ୍ରତି ଦୃଷ୍ଟି ରଖି ହାର୍ଦ୍ଦିକ ଅଭିନନ୍ଦନ ଜଣାଇବା ସହ ତାଙ୍କର ଉତ୍ତରୋତ୍ତର ଉନ୍ନତି ଓ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି।

# କୁଆଁରୀ ପାଳିଲେ ଖୁଦୁରୁକୁଣୀ ଓଷା

କଣାସ (ଭାସ୍କର ନ୍ୟୁଜ) : ଓଡ଼ିଆ ମାନଙ୍କର ବାରମାସରେ ତେର ପର୍ବ। କୁଆଁରୀମାନଙ୍କ ପର୍ବ ଖୁଦୁରୁକୁଣୀ। ଭାଇ ମାନଙ୍କ ଶୁଭ ମନାସି, ଦୀର୍ଘାୟୁ କାମନା କରି ଭଉଣୀ ମାନେ ଏହି ଓଷା ପାଳନ କରିଥାନ୍ତି। କଣାସ ବ୍ଲକର ଅନେକ ସ୍ଥାନରେ ଝିଅମାନେ ଖୁଦୁରୁକୁଣୀ ଓଷା ପାଳୁଥିବା ବେଳେ ଏହି ବ୍ଲକର ସବୁଠୁ ବଡ଼ ଏବଂ ଭାଇଚାରାର ଗ୍ରାମ ଭାବରେ ପରିଚିତ ଶିରେଇ ଗାଁର ବିଭିନ୍ନ କୋଠିରେ ଏହି ଓଷାକୁ ଝିଅମାନେ



ନିଆରା ଢଙ୍ଗରେ ପାଳନ କରୁଥିବା ଦେଖିବାକୁ ମିଳିଥିଲା। ବହୁ ଆଡ଼ମ୍ବରରେ ଏହି ଓଷା ପାଳନ କରି ଭାଇର ଶୁଭ ମନାସି ଝିଅମାନେ ମା' ମଙ୍ଗଳାଙ୍କୁ ପୂଜୁଥିବା ଦେଖିବାକୁ ମିଳିଥିଲା।

# ଟିଏସ୍‌ଏଫ୍ ଉଦ୍ୟମରେ ଓଡ଼ିଶାର ୧୫ ଯୁବତୀଙ୍କୁ ତାମିଲନାଡୁ ଟାଟା ଇଲେକ୍ଟ୍ରୋନିକ୍ସରେ ନିଯୁକ୍ତି

## ମନୋନୀତ ପ୍ରାର୍ଥୀଙ୍କୁ ଦାନଗଦୀ ମଲ୍ଟି ସ୍କିଲ୍ ଡେଭଲପମେଣ୍ଟ ସେଣ୍ଟର ପକ୍ଷରୁ ସମ୍ମାନିତ



ବ୍ୟାସନଗର (ଭାସ୍କର ନ୍ୟୁଜ) : ଟାଟା ଷ୍କିଲ ଫାଉଣ୍ଡେସନ୍ (ଟିଏସ୍‌ଏଫ୍) ଓଡ଼ିଶାର ୧୫ ଜଣ ଯୁବତୀଙ୍କୁ ଟାଟା ଇଲେକ୍ଟ୍ରୋନିକ୍ସର ତାମିଲନାଡୁର ହୋସୁର ସ୍ଥିତ ଉନ୍ନତ ମ୍ୟାନୁଫ୍ୟାକ୍‌ଚରିଂ ୟୁନିଟ୍‌ରେ ନିଯୁକ୍ତି ସୁଯୋଗ ଦେବାରେ ସହାୟତା ପ୍ରଦାନ କରିଛି। ଏହି ପଦକ୍ଷେପ ଟାଟାଷ୍କିଲ ଫାଉଣ୍ଡେସନ ଦ୍ୱାରା ନିଯୁକ୍ତି ସୁଯୋଗ ସୃଷ୍ଟି ପାଇଁ ପ୍ରତିବଦ୍ଧତାର ଏକ ଅଂଶ ଅଟେ। ଆନ୍ତର୍ଜାତୀୟ ଯୁବ ଦିବସ ଉପଲକ୍ଷେ ଯାଜପୁର ଜିଲ୍ଲାର ଦାନଗଦୀ ସ୍ଥିତ ମଲ୍ଟି ସ୍କିଲ ଡେଭଲପମେଣ୍ଟ ସେଣ୍ଟର (ଏମ୍‌ଏସ୍‌ଡିସି)ରେ ଆୟୋଜିତ ସମାରୋହରେ ମନୋନୀତ ପ୍ରାର୍ଥୀମାନଙ୍କୁ ସମ୍ମାନିତ କରାଯାଇଥିଲା। ଏହି ପ୍ରାର୍ଥୀମାନେ ହୋସୁର ସ୍ଥିତ ନିଜ କାର୍ଯ୍ୟ କ୍ଷେତ୍ରରେ ଯୋଗଦେବେ। ଜୁନ ୨୦୨୫ରେ ଆୟୋଜିତ ନିଯୁକ୍ତି ଅଭିଯାନରେ ଏହି ପ୍ରାର୍ଥୀମାନେ ମନୋନୀତ ହୋଇଥିଲେ। ଏଥିରେ ୧୨ ଜଣ ଯୁବତୀ ଯାଜପୁର ଜିଲ୍ଲାର ସୁକିନ୍ଦା, ଦାନଗଦୀ ଓ କୋରେଇ ବ୍ଲକ୍‌ର ହୋଇଥିବା ବେଳେ ଜଣେ କେନ୍ଦୁଝର ଜିଲ୍ଲାର ହରିଚନ୍ଦନପୁର ବ୍ଲକର, ଆଉ ଜଣେ ମୟୂରଭଞ୍ଜ ଜିଲ୍ଲାର ସୁକୁରୁଲି ବ୍ଲକ୍ ଏବଂ ଜଣେ କଟକ ଜିଲ୍ଲାର ମହାଙ୍ଗା ବ୍ଲକ୍ ଅଞ୍ଚଳର ବାସିନ୍ଦା ଅଟନ୍ତି। ଟାଟା ଇଲେକ୍ଟ୍ରୋନିକ୍ସ ପକ୍ଷରୁ ପ୍ରାର୍ଥୀମାନଙ୍କୁ ବେତନ ସହିତ ରହିବା, ଖାଇବାର ବ୍ୟବସ୍ଥା ଏବଂ ଚିକିତ୍ସା ସୁବିଧା ମଧ୍ୟ ପ୍ରଦାନ କରାଯିବ। ଟାଟାଷ୍କିଲ ଫାଉଣ୍ଡେସନ୍ ସମାଜରେ ପରିବର୍ତ୍ତନ ଆଣିବା ଏବଂ ବିଭିନ୍ନ ପ୍ରୟାସ ଦ୍ୱାରା ସ୍ଥାନୀୟ ଲୋକଙ୍କ ଜୀବିକାରେ ଉନ୍ନତି ଆଣିବା ପାଇଁ ପ୍ରତିଶ୍ରୁତିବଦ୍ଧ। ଏହାର ସ୍କିଲ ଡେଭଲପମେଣ୍ଟ ପ୍ରୋଗ୍ରାମ୍ ଅନ୍ତର୍ଗତ ମଡେଲ କ୍ୟାରିଅର ସେଣ୍ଟର (ଏମ୍‌ସିସି) ଏକ ଗୁରୁତ୍ୱପୂର୍ଣ୍ଣ ପ୍ରୟାସ, ଯାହାକି ଟାଟାଷ୍କିଲ ଫାଉଣ୍ଡେସନ୍ ଏବଂ କନଫେଡେରେସନ୍ ଅଫ୍ ଇଣ୍ଡିଆନ୍ ଇଣ୍ଡଷ୍ଟ୍ରି (ସିଆଇଆଇ) ମିଳିତ ଭାବରେ ପରିଚାଳନା କରୁଛନ୍ତି। ଏମସିସି ଝାଡ଼ଖଣ୍ଡ ଏବଂ ଓଡ଼ିଶାର ଯୁବପିଢ଼ିଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି ଏବଂ ସେମାନଙ୍କ ଦକ୍ଷତା ବୃଦ୍ଧି କ୍ଷେତ୍ରରେ ଧ୍ୟାନ ଦେଇଥାଏ। ଏହା ପ୍ଲେସମେଣ୍ଟ ଡ୍ରାଇଭ୍, କ୍ୟାରିଅର କାଉନ୍ସିଲିଂ ସେସନ୍ ଏବଂ ସ୍କ୍ରିନିଂ ଇଭେଣ୍ଟ ଆୟୋଜନ କରି ବିଭିନ୍ନ ଶିକ୍ଷାନୁଷ୍ଠାନ ପାଇଁ ପ୍ରାର୍ଥୀଙ୍କୁ ପ୍ରସ୍ତୁତ କରିଥାଏ। ବର୍ତ୍ତମାନ ଟାଟା ଇଲେକ୍ଟ୍ରୋନିକ୍ସ, ହୋସୁରରେ ଆସେମ୍ବଲି ଅପରେଟର ଭାବରେ କେବଳ ମହିଳା ପ୍ରାର୍ଥୀଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି କରାଯାଇଥିଲା। ଏଥିରେ ଝାଡ଼ଖଣ୍ଡ ଏବଂ ଓଡ଼ିଶାର ବିଭିନ୍ନ ଅଞ୍ଚଳରୁ ଯୁବତୀମାନେ ଅଂଶଗ୍ରହଣ କରିଥିଲେ। ପୂର୍ବ ବ୍ୟାଚର ୩୦୦ରୁ ଅଧିକ ପ୍ରାର୍ଥୀଙ୍କ ସଫଳତା ସେମାନଙ୍କୁ ପ୍ରେରଣା ଯୋଗାଇଥିଲା, ଯେଉଁମାନେ ବର୍ତ୍ତମାନ ଟାଟା ଇଲେକ୍ଟ୍ରୋନିକ୍ସରେ କାର୍ଯ୍ୟରତ ଅଛନ୍ତି। ଏହି ନୂତନ ବ୍ୟାଚରେ ଓଡ଼ିଶାର ୧୫ ଜଣ ଯୁବତୀ ନିଯୁକ୍ତି ସୁଯୋଗ ପାଇଛନ୍ତି। ଟାଟା ଷ୍କିଲ ଫାଉଣ୍ଡେସନର ଏହି ପ୍ରୟାସ ଦକ୍ଷତା ବିକାଶକୁ ପ୍ରତ୍ୟକ୍ଷ ରୋଜଗାର ସହିତ ସାମିଲ କରି ଓଡ଼ିଶାର ଯୁବପିଢ଼ିଙ୍କୁ ଭାରତର ଉତ୍ପାଦନ କ୍ଷେତ୍ରରେ ସାମିଲ କରି ସେଥିରୁ ଲାଭାନ୍ୱିତ ହେବାର ସୁଯୋଗ ପ୍ରଦାନ କରୁଛି।

# ଯୁବ ସଂଗଠନ ପକ୍ଷରୁ ଚାରାରୋପଣ ଓ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ




ବଡ଼ଚଣା (ଭାସ୍କର ନ୍ୟୁଜ) : ବଡଚଣା ବ୍ଲକ୍ ଅନ୍ତର୍ଗତ ରାଧାଦେଇ ପୁରଗ୍ରାମ ପଞ୍ଚାୟତ ଅନ୍ତର୍ଗତ ହରିଚନ୍ଦନପୁର ସ୍ଥିତ ରଘୁନାଥ ଦେବଜିଉ ମନ୍ଦିର ପରିସରରେ ବଡଚଣା ଯୁବ ସଙ୍ଗଠନ ପକ୍ଷରୁ ଏକ ମେଗା ଚାରାରୋପଣ ଓ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ଯୁବ ସଂଗଠକ ପ୍ରଦୀପ ଧଳଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟ ମୁଖ୍ୟ ଅତିଥି ଭାବେ ଯୁବ ସମାଜସେବୀ ମହେଶ୍ୱର ପରିଡ଼ା ଯୋଗଦେଇ ଶାନ୍ତ ସମୃଦ୍ଧ ବିକଶିତ ବଡଚଣା ଗଠନ ଓ ମାଟିର ପୁଅ କହି କ୍ଷମତାକୁ ଆସିବା ବିଧାୟକ ଦୀର୍ଘ ୧୪ମାସ ମଧ୍ୟରେ ବଡଚଣା ମାଟି ମୁଠେ ପକାଇପରିଲେ ନାହିଁ। ମାଟିର ପୁଅ କହୁଥିବା ଜନପ୍ରତିନିଧି ବଡଚଣା ମାଟି, ବାଲି , ମାଙ୍କଡ଼ା ପଥର ସମେତ ଲଘୁ ଖଣିଜ ପଦାର୍ଥ ଲୁଟି ନେଲେ। ସମଗ୍ର ବଡଚଣାରେ ଅନ୍ୟାୟ ଅନିତି ଦୁର୍ନୀତି, ଭ୍ରଷ୍ଟାଚାର ବ୍ୟାପୀ ଗଲାଣି। ଆଇନ ଶୃଙ୍ଖଳା ବିପର୍ଯ୍ୟସ୍ତ, ଚୋରି, ଲୁଟ ରାହାଜାନୀ ଡ଼କାୟତି ବୃଦ୍ଧି ପାଇଛି। ବଡଚଣାବାସୀ ଯେଉଁ ଆଶା ଭରସା ନେଇ ଦୀର୍ଘ ୨୫ବର୍ଷ ଧରି ଶାସନ କରୁଥିବା ବିଜେଡ଼ି ସରକାରକୁ ବଦଳାଇଲେ ତାହା ପୂରଣ ହେଲା ନାହିଁ। ଏସବୁକୁ ପ୍ରତିରୋଧ କରିବା ସହିତ ବଡଚଣାବାସୀଙ୍କୁ ଉପଯୁକ୍ତ ନ୍ୟାୟ ଦେବା ପାଇଁ ମୁଁ ସବୁବେଳେ ବଡଚଣା ବାସୀଙ୍କ ସୁଖ ଦୁଃଖରେ ରହିବି ବୋଲି ଶ୍ରୀ ପରିଡ଼ା କହିଥିଲେ। ପ୍ରଥମେ ଶ୍ରୀ ପରିଡ଼ା ମହାବିନାୟକ ପୀଠରେ ପୂଜାର୍ଚ୍ଚନା କରି ଏକ ବିଶାଳ ମୋଟର ସାଇକେଲ ଶୋଭାଯାତ୍ରାରେ ଆସି ରଘୁନାଥ ଜୀଉ ମନ୍ଦିରରେ ପହଞ୍ଚିଥିଲେ। ପ୍ରଥମେ ମନ୍ଦିର ପରିସରରେ ଚାରାରୋପଣ କରି ଥିଲେ। ପରେ ସେଠାରେ ଏକ ସଭାର ଆୟୋଜନ କରାଯାଇ ଥିଲା। ଏଥିରେ ବହୁ ପରିବେଶବିତ୍ ଯୋଗଦେଇ ଚାରାରୋପଣର ଆବଶ୍ୟକତା ଉପରେ ଆଲୋଚନା କରିଥିଲେ। ମୁଖ୍ୟ ବକ୍ତା ଭାବେ ଯାଜପୁର ଜିଲ୍ଲାର ପୂର୍ବତନ ଉପ ଜିଲ୍ଲାପାଳ ମହେଶ୍ୱର ପାଣିଗ୍ରାହୀ, ସମ୍ମାନିତ ଅତିଥି ଭାବେ ପଶ୍ଚିମ ଓଡ଼ିଶାର ବିଶିଷ୍ଟ କୃଷକ ନେତା ରବୀନ୍ଦ୍ର ପଟେଲ, ଅନ୍ୟତମ ସମ୍ମାନିତ ଅତିଥି ଭାବେ ବଡଚଣା ଯୁବ ସଂଗଠନର ଅଧ୍ୟକ୍ଷ ବିଜୟ କୁମାର ସାହୁ ପ୍ରମୁଖ ଯୋଗ ଦେଇଥିଲେ। ଭରତ ଚନ୍ଦ୍ର ମହାପାତ୍ର ସ୍ୱଗତ ଭାଷଣଦେଇଥିବା ବେଳେ ପରିବେଶବିତ୍ ଅନିଲ କୁମାର ଦାସ ବନ୍ଦେ ଉତ୍କଳ ଜନନୀ ସଙ୍ଗୀତ ଗାନ କରିଥିଲେ। ଏହି ଅବସରର କୃତୀ ଓ ବୃତ୍ତୀ ରେ କୃତିତ୍ୱ ହାସଲ କରିଥିବା ଶିକ୍ଷାବିତ, ପରିବେଶବିତ, କୃଷକ, ସମାଜସେବୀ, ଅବସରପ୍ରାପ୍ତ ସୈନିକ ସ୍ୱୟଂ ସହାୟିକା ଗୋଷ୍ଠୀଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଶେଷରେ ଅଭିଜିତ ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ। ବଡଚଣା ଯୁବ ସଙ୍ଗଠନ ପକ୍ଷରୁ ଚାରାରୋପଣ ଓ ସମ୍ବର୍ଦ୍ଧନା ଆଳରେ ମହେଶ୍ୱର ପରିଡ଼ା ନିଜର ଶକ୍ତି ପ୍ରଦର୍ଶନକୁ ନେଇ ଆଜି ବଡଚଣାରେ ବିଶେଷ ଆଲୋଚନାର ପ୍ରସଙ୍ଗ ହୋଇଛି।

# ରାଶିଫଳ

**ସୋମବାର, ୧୮ ଅଗଷ୍ଟ ୨୦୨୫**



**ମେଷ:** ବନ୍ଧୁ ଏବଂ ସମ୍ପର୍କୀୟଙ୍କୁ ସମର୍ଥନ କରିବାକୁ ସମର୍ଥ ହେବେ। ଆପଣ ସାମାଜିକ ସ୍ତରରେ ସମ୍ମାନ ପାଇବେ। ବନ୍ଦ ହୋଇଥିବା କାର୍ଯ୍ୟ ସମାପ୍ତ ହେବ। ଏକ ନୂତନ ଯୋଜନା ପ୍ରସ୍ତୁତ ହେବ। ଅର୍ଥନୈତିକ କ୍ଷେତ୍ରରେ ଉନ୍ନତି ହେବ। ନୂତନ କାମ ପାଇବେ। ଆୟ ବୃଦ୍ଧି ପାଇବ, ଖୁସି ହେବେ।




**ବୃଷ:** ବରିଷ୍ଠମାନଙ୍କ ପରାମର୍ଶକୁ ଅନୁସରଣ କରନ୍ତୁ, ସେଠାରେ ଲାଭ ହେବ। ବିପଦ ଏବଂ ବନ୍ଧକ କାର୍ଯ୍ୟରୁ ଦୂରେଇ ରୁହନ୍ତୁ। ଆଇନଗତ ପ୍ରତିବନ୍ଧକ ସାମ୍ନା କରି ପାରନ୍ତି, ବ୍ୟସ୍ତ ହୁଅନାହିଁ। ମୂଲ୍ୟବାନ ସାମଗ୍ରୀକୁ ସୁରକ୍ଷିତ ରଖନ୍ତୁ। ଚିନ୍ତା ରହିବ।



**ମିଥୁନ:** ଭ୍ରମଣ ଲାଭଦାୟକ ହେବ। ଅଟକି ରହିଥିବା ଟଙ୍କା ଧରିବାକୁ ଚେଷ୍ଟା କରନ୍ତୁ। ବ୍ୟବସାୟ ଅନୁକୂଳ ଲାଭ ପ୍ରଦାନ କରିବ। ଚାକିରିରେ ଅଧସ୍ତନମାନଙ୍କ ସହାୟତା ପାଇବେ। ଟଙ୍କା ପାଇବା ସହଜ ହେବ। ଉତ୍ସାହ ଏବଂ ଖୁସିରେ କାମ କରିବାକୁ ସମର୍ଥ ହେବେ।




**କର୍କଟ:** ଭୟ ହେତୁ ନିଷ୍ପତ୍ତି ନେବା କ୍ଷମତା ହ୍ରାସ ହୋଇପାରେ। ପତି-ପତ୍ନୀଙ୍କଠାରୁ ସମର୍ଥନ ପାଇବେ। ଯାତ୍ରା ଚିତ୍ତାକର୍ଷକ ହେବ। ଉପହାର ଗ୍ରହଣ କରିବାର ସମ୍ଭାବନା ଅଛି। ରୋଜଗାର ବୃଦ୍ଧି ପାଇବ। ଚାକିରିର ପଦୋନ୍ନତି ସମ୍ଭବ। ଟଙ୍କା ପାଇବା ସହଜ ହେବ। ଉତ୍ସାହର ସହିତ କାମ କରିବାକୁ ସମର୍ଥ ହେବେ। ଭଲ ଖବର ଗ୍ରହଣ କରାଯିବ।



**ସିଂହ:** ଅତିଥିମାନେ ଆଜି ଘରେ ପହଞ୍ଚିବେ। ଆପଣ ଉତ୍ସାହଜନକ ସୂଚନା ପାଇବେ। ଆତ୍ମ ସମ୍ମାନ ରହିବ। ରିସ୍କ ନେବାକୁ ସାହସ କରିବେ। ଅନାବଶ୍ୟକ ଖର୍ଚ୍ଚ ହେବ। ବ୍ୟବସାୟ ଅନୁକୂଳ ଲାଭ ପ୍ରଦାନ କରିବ। ଚାକିରିରେ ଶାନ୍ତି ରହିବ। ନୂତନ ବନ୍ଧୁ ସୃଷ୍ଟି ହେବ।




**କନ୍ୟା:** ସ୍ଥାୟୀ ସମ୍ପତ୍ତି ବୃଦ୍ଧିର ଆଶା। ଅଂଶୀଦାରମାନଙ୍କ ସହଯୋଗ ମିଳିବ। ବ୍ୟବସାୟ ପାଇଁ ଏକ ବଡ ଡିଲ୍ କରିପାରିବେ। ପ୍ରଗତିର ରାସ୍ତା ପକ୍କା ହେବ। ରୋଜଗାର ବୃଦ୍ଧି ପାଇବ। ବାଣିଜ୍ୟ-ବ୍ୟବସାୟରେ ଅନୁକୂଳ ଆଗ୍ରହ ରହିବ। ଚାକିରିରେ ଥିବା ସହକର୍ମୀମାନେ ଆପଣଙ୍କ ସହିତ ଆସିବେ। ପ୍ରତିଦ୍ୱନ୍ଦ୍ୱିତା ବୃଦ୍ଧି ପାଇବ। ତତ୍ପରତା ହୁଅନ୍ତୁ ନାହିଁ।



**ତୁଳା:** ଆଘାତ ଏବଂ ଦୁର୍ଘଟଣା କ୍ଷତି ହୋଇପାରେ, ଯନ୍ତ୍ରଣା ଦେବ। ବିପଦ ଏବଂ ବନ୍ଧକ କାର୍ଯ୍ୟରୁ ଦୂରେଇ ରୁହନ୍ତୁ। ସ୍ୱାସ୍ଥ୍ୟ ଦୁର୍ବଳ ରହିବ। ବିବାଦକୁ ପ୍ରୋତ୍ସାହନ ଦିଅନ୍ତୁ ନାହିଁ, ଦୁଃଖ ଆସିପାରେ। ଅଂଶୀଦାରମାନଙ୍କ ସହିତ ମତ ପାର୍ଥକ୍ୟ ହୋଇପାରେ।



**ବିଛା:** ସୃଜନଶୀଳ କାର୍ଯ୍ୟ ସଫଳ ହେବ। ପାର୍ଟି ଏବଂ ପିକନିକ୍ ଆୟୋଜନ କରାଯାଇ ପାରିବ। ଆପଣ ସୁସ୍ୱାଦୁ ଖାଦ୍ୟର ଲାଭ ପାଇବେ। ଜୀବନ ଖୁସି ହେବ। ବିବାଦକୁ ପ୍ରୋତ୍ସାହିତ କରନ୍ତୁ ନାହିଁ। ବକ୍ତବ୍ୟରେ ନିୟନ୍ତ୍ରଣ ଆବଶ୍ୟକ। ମନଧ୍ୟାନ ଦେଇ କାର୍ଯ୍ୟ କରନ୍ତୁ। ଚାକିରିରେ କୈଣସି ନୂତନ କାର୍ଯ୍ୟ କରିବାକୁ ସକ୍ଷମ ହେବେ। ଲଜ୍ଜିତ ହୁଅନ୍ତୁ ନାହିଁ। ଶତ୍ରୁମାନେ ପରାସ୍ତ ହେବେ।




**ଧନୁ:** ଖରାପ ଖବର ଗ୍ରହଣ କରାଯାଇପାରେ। ଉତ୍ସାହର ଅଭାବ ରହିବ। ସ୍ୱାସ୍ଥ୍ୟ ଦୁର୍ବଳ ରହିବ। ଦୌଡ଼ ଅଧିକ ହେବ। ଘର-ପାରିବାରିକ ଚିନ୍ତାଧାରା ରହିବ। ଅନ୍ୟମାନଙ୍କ କାର୍ଯ୍ୟରେ ହସ୍ତକ୍ଷେପ କରନ୍ତୁ ନାହିଁ। ଆପଣଙ୍କ କାର୍ଯ୍ୟ ଉପରେ ଧ୍ୟାନ ଦିଅନ୍ତୁ। ବିପଦ ଏବଂ ବନ୍ଧକ କାର୍ଯ୍ୟରୁ ଦୂରେଇ ରୁହନ୍ତୁ। ଆୟରେ ନିଶ୍ଚିତତା ରହିବ।



**ମକର:** ଲାଭ ସୁଯୋଗ ଆସିବ। ଅଫିସରେ ଚାକିରିର ସୁଖ ଦେଖାଇବ। ବ୍ୟବସାୟ ବୃଦ୍ଧି ପାଇବ। ବିନିଯୋଗ ଇତ୍ୟାଦି ଅନୁକୂଳ ଲାଭ ଦେବ। ପରିବାରର ସହାୟତା ପାଇବାରେ ସୁଖ, ଉତ୍ସାହ ଏବଂ ସନ୍ତୁଷ୍ଟତା ରହିବ। ଦୁଷ୍କର୍ମରୁ ଦୂରେଇ ରୁହନ୍ତୁ। ସ୍ୱାସ୍ଥ୍ୟ ଦୁର୍ବଳ ରହିପାରେ। ଆଇନଗତ ପ୍ରତିବନ୍ଧକ ହଟାଯିବ।



**କୁମ୍ଭ:** ବାଣିଜ୍ୟର ଲାଭ ଅଛି। ସାଙ୍ଗମାନଙ୍କୁ ସାହାଯ୍ୟ କରିବାକୁ ସମର୍ଥ ହେବେ। ଆପଣ କଠିନ ପରିଶ୍ରମର ଫଳ ପାଇବେ। ଏହାର ପ୍ରଭାବ ଚାକିରିରେ ବୃଦ୍ଧି ପାଇବ। ଉଚ୍ଚ ପଦାଧିକାରୀମାନେ ଖୁସି ହେବେ। ସାମାଜିକ ପ୍ରତିଷ୍ଠା ବୃଦ୍ଧି ପାଇବ। ଉତ୍ସାହ ବୃଦ୍ଧି ପାଇବ। ଆୟର ନୂତନ ମାଧ୍ମ ମିଳିବ। ରୋଜଗାର ସହଜ ହେବ। ଘର ବାହାରେ ସୁଖ ମିଳିବ।



**ମୀନ:** ଧର୍ମ ପ୍ରତି ଆଗ୍ରହ ପ୍ରକାଶ କରିବେ। ସତସଙ୍ଗର ଲାଭ ହେବ। ତୀର୍ଥଯାତ୍ରା ଯୋଜନା କରାଯିବ। ଅନାବଶ୍ୟକ ଖର୍ଚ୍ଚ ହେବ। ସରକାରୀ ସହାୟତା ମିଳିବ। ବ୍ୟବସାୟ ବୃଦ୍ଧି ପାଇବ। ବିରୋଧୀମାନେ ସକ୍ରିୟ ରହିବେ। ପୁଂଜି ବିନିଯୋଗ ଶୁଭ ହେବ। ଆପଣଙ୍କର ନିଜସ୍ୱ ବୁଦ୍ଧି ବ୍ୟବହାର କରନ୍ତୁ। ଚାକିରୀର କ୍ଷେତ୍ରରେ ପ୍ରଭାବ ବୃଦ୍ଧି ଘଟିବ।



ପ୍ରସ୍ତୁତି
ଜ୍ୟୋତିର୍ବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ
ସେକ୍ଟର-୩/୩୦୯, ନିଳାଦ୍ରୀବିହାର, ଭୁବନେଶ୍ୱର-୨୧
ମୋ: ୯୪୩୮୩୮୯୦୩୯



ନୂଆପଡା(ଭାସ୍କର ନ୍ୟୁଜ): ନୂଆପଡ଼ାରେ ଜିଲ୍ଲାସ୍ତରୀୟ ସ୍ୱାଧୀନତା ଦିବସ ସମାରୋହ ହର୍ଷ ଉଲ୍ଲାସ ସହିତ ପାଳିତ ହୋଇଯାଇଛି । ମୁଖ୍ୟ ଅତିଥି ଭାବରେ ଜିଲ୍ଲାପାଳ ମଧୁସୂଦନ ଦାଶ ଯୋଗଦାନ କରି ସ୍ୱାଧୀନତା ଦିବସର ସମସ୍ତ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ସମ୍ମିଳିତ ପ୍ୟାରେଡ଼ରେ ୩୧ ଟି ଦଳର ଅଭିବାଦନ ଗ୍ରହଣ କରିଥିଲେ। ମଞ୍ଚରେ ଜିଲ୍ଲାପାଳଙ୍କ ସହିତ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଜି ଆର୍ ରାଘବେନ୍ଦ୍ର ଉପସ୍ଥିତ ଥିଲେ। ସ୍ୱାଧୀନତା ଦିବସ ଉପଲକ୍ଷେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀ, ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ କୃତିତ୍ୱ ହାସଲ କରିଥିବା ଅଧିକାରୀ, କର୍ମଚାରୀ ,ପ୍ୟାରେଡ ଓ ସାଂସ୍କୃତିକ କାର୍ଯ୍ୟକ୍ରମରେ ଶ୍ରେଷ୍ଠ ବିବେଚିତ ଦଳ ମାନଙ୍କୁ ମୁଖ୍ୟ ଅତିଥି, ସମ୍ମାନିତ ଅତିଥି ଜିଲ୍ଲା ଆରକ୍ଷୀ ଅଧିକ୍ଷକ, ବନଖଣ୍ଡ ଅଧିକାରୀ ଖଡିଆଳ ଅଜିଜ ଖାନ, ଅତିରିକ୍ତ ଜିଲ୍ଲାପାଳ ସୁବାଷ ଚନ୍ଦ୍ର ରଇତ, ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଲମ୍ବୋଦର ଧରୁଆ, ଉପଜିଲ୍ଲାପାଳ ସୁର୍ମି ସୋରେନ୍ ପ୍ରମୁଖ ସମ୍ବର୍ଦ୍ଧିତ କରିଥିଲେ। ଏହି ଅବସରରେ ଜିଲ୍ଲାପାଳ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଜିଲ୍ଲା ପ୍ରଶାସନ ଓ ଆମ ଓଡ଼ିଶା ତଥା ସମ୍ବାଦ ତରଫରୁ ଆୟୋଜିତ ଏକ ରକ୍ତଦାନ ଶିବିର ଉଦ୍ଘାଟନ କରି ୱାର୍ଡର ରୋଗୀମାନଙ୍କୁ ଫଳ ଓ ମିଷ୍ଟାନ୍ନ ବଣ୍ଟନ କରିଥିଲେ। ସମସ୍ତ କାର୍ଯ୍ୟକ୍ରମ ଭାରପ୍ରାପ୍ତ ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ ତଥା ଜିଲ୍ଲା କ୍ରୀଡ଼ା ଅଧିକାରୀ ରାଜେନ୍ଦ୍ର ପ୍ରସାଦ ବଡେଇ ପରିଚାଳନା କରିଥିଲେ । ମଞ୍ଚ ପରିଚାଳନା ରେ ବରିଷ୍ଠ ରାଜସ୍ୱ ସହାୟକ ବିଭୁଦତ୍ତ ମିଶ୍ର, ସାମ୍ବାଦିକ ସୀମାଞ୍ଚଳ ମହାପାତ୍ର , ସହାୟକ ରାଜ କିଶୋର ବହିଦାର ପ୍ରମୁଖ ସହାୟତା କରିଥିଲେ।



# ବେଆଇନ ପଥର ବ୍ଲାଷ୍ଟିଂକୁ ଆଦିବାସୀଙ୍କ ବିରୋଧ



ମାଥିଲ(ଭାସ୍କର ନ୍ୟୁଜ୍): ମାଲକାନଗିରି ଜିଲ୍ଲା ତୁଳସୀ ପାହାଡ଼ରେ ଆନ୍ଧ୍ର ଠିକାଦାର ବେଆଇନ କ୍ରସର ସ୍ଥାପନକୁ ଓ ସମ୍ପୃକ୍ତ ଠିକା ସଂସ୍ଥା ପକ୍ଷରୁ ହଜାର ହଜାର ଗଛ କଟା ଯିବାକୁ ବିରୋଧ କରିଛନ୍ତି ସ୍ଥାନୀୟ ଲୋକେ। ପାରମ୍ପରିକ ଅସ୍ତ୍ରଶସ୍ତ୍ର ଧରି ଶୋଭା ଯାତ୍ରା କରିବା ସହ କଡ଼ା ବିରୋଧ କରିଛନ୍ତି। ଆନ୍ଧ୍ର ଠିକାଦାର ପାହାଡରେ ବେଆଇନ ପଥର ଫୁଟାଇ କ୍ରସର୍ ସ୍ଥାପନ କରି ସରକାରଙ୍କୁ ଠକି ମାଲେମାଲ୍ ହେଉଥିବାକୁ ବିରୋଧ କରିଛନ୍ତି ସ୍ଥାନୀୟ ଲୋକେ।

# ଦୁର୍ଘଟଣାରେ ଜଣେ ଆହତ

କୋଷାଗୁମୁଡା(ଭାସ୍କର ନ୍ୟୁଜ୍): କୋଷାଗୁମୁଡା ଥାନା ଅନ୍ତର୍ଗତ ଗଜାଗାଁ ନୂଆ ପେଟ୍ରୋଲ ପମ୍ପ ନିକଟରେ ୧୪ତାରିଖ ସନ୍ଧ୍ୟା ୫:୩୦ରେ ବଡ ଆମ୍ବଡା ପଟରୁ କୋଣ୍ଡାପଦର ଅଭିମୁଖେ ଏକ ୟାମାହା ବାଇକରେ ପ୍ରଦୀପ ହରିଜନ(୨୦)ନାମକ ଯୁବକ ଦ୍ରୁତ ଗତିରେ ଆସି ଗଜାଗାଁ ଗ୍ରାମର ସାମଲାଲ ଭତ୍ରା(୬୦) ଙ୍କୁ ବାଡେଇ ଦେବାରୁ ସାମଲାଲଙ୍କୁ କୋଷାଗୁମୁଡା ମେଡିକାଲ ରେ ଭର୍ତ୍ତି କରିଥିଲେ। କିନ୍ତୁ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସୂଚନାଯୋଗ୍ୟଯେ ବାଇକ ଚାଳକ ବୃଦ୍ଧଙ୍କୁ ବାଡେଇ ଦେବାରୁ ଗୁରୁତର ଅବସ୍ଥାରେ ତାଙ୍କୁ ଛତିଶଗଡ଼ର ଡିମରା ପାଲି ମେଡିକାଲ ରେ ଭର୍ତ୍ତି କରାଯାଇଥିଲା । ଏହି ଘଟଣା କୁନେଇ ମୃତ ବ୍ୟକ୍ତିଙ୍କ ସମ୍ପର୍କୀୟ ସୁକୁରାମ ଭତ୍ରା(୩୦) କୋଷାଗୁମୁଡା ଥାନାରେ ଏକ ଲିଖିତ ଅଭିଯୋଗ କରିଛନ୍ତି । ଏତଲା କୁ ଭିତ୍ତି କରି ଥାନା ଅଧିକାରୀ ଉମେଶ ଚନ୍ଦ୍ର ନାୟକ ଏସ ଆଇ-ଲଳିତ କୁମାର ପଣ୍ଡାଙ୍କୁ ଏହି ଦାୟିତ୍ୱ ଉପରେ ତଦନ୍ତ ଭାର ଦିଆଯାଇଛି । ଏସ ଆଇ ଶ୍ରୀ ପଣ୍ଡା ଥାନା ରେ ୧୬୫/୨୫ ରେ ଧାରା-୨୮୧,୧୦୬-୧ ବିଏନ ଏସ ରେ ମାମଲା ରୁଜୁ କରି ମୃତ ବ୍ୟକ୍ତିଙ୍କ ଶବ ବ୍ୟବଚ୍ଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିଛନ୍ତି ବୋଲି କହିଛନ୍ତି ।

## ଅଦାଲତ ପରିସରରୁ ଚମ୍ପଟ ମାରିବା ଘଟଣା

# ଅଭିଯୁକ୍ତକୁ ୨ବର୍ଷ କାରାଦଣ୍ଡ

ଉମରକୋଟ(ଭାସ୍କର ନ୍ୟୁଜ୍): ଅଦାଲତ ପରିସରରୁ ପୋଲିସ ସୁରକ୍ଷା ବଳୟରୁ ଖସି ଚମ୍ପଟ ମାରିବା ଘଟଣାର ବିଚାର କରି ନବରଙ୍ଗପୁର ଜିଲ୍ଲା ଉମରକୋଟ ପ୍ରଥମ ଶ୍ରେଣୀ ବିଚାରପତି ଇପ୍ସିତା ଭୋଇ ଅଭିଯୁକ୍ତ ଚନ୍ଦନ ବେହେରାଙ୍କୁ ୨ ବର୍ଷ ଜେଲ ଦଣ୍ଡାଦେଶ ଶୁଣାଇଛନ୍ତି। ସୂଚନା ଅନୁଯାୟୀ ଗତ ୬/୦୧/୨୫ ତାରିଖ ଦିନ ଉମରକୋଟ ଉପକାରାଗାରରୁ କିଛି ବିଚାରଧୀନ ବନ୍ଦୀଙ୍କୁ ପୋଲିସ ଏଥି ନିମନ୍ତେ ଉଦ୍ଦିଷ୍ଟ ଭ୍ୟାନରେ ଉମରକୋଟ ଅତିରିକ୍ତ ଜିଲ୍ଲା ଦୌରା ଜର୍ଜ ଙ୍କ ଅଦାଲତ ରେ ହାଜର କରିବା ପାଇଁ ନେଇଥିଲେ। ଅଦାଲତ ରେ ହାଜର ପରେ କୋର୍ଟ ଭ୍ୟାନକୁ ବିଚାରଧୀନ ବନ୍ଦୀଙ୍କୁ ନେଉଥିବା ବେଳେ ପୋଲିସକୁ ଚକମା ଦେଇ ଅଭିଯୁକ୍ତ ଚନ୍ଦନ ବେହେରା ଖସି ଦୌଡ଼ି ଚାଲି ଯାଇଥିଲେ। ତୁରନ୍ତ ଚନ୍ଦନକୁ ଧରିବା ପାଇଁ ଦାୟିତ୍ୱରେ ଥିବା ଏକାଧିକ ସୁରକ୍ଷା କର୍ମୀ ତାପଛରେ ଦୌଡ଼ିଥିଲେ। ଦୀର୍ଘ ୨ କି ମି ଦୌଡ଼ି ଚନ୍ଦନକୁ କାବୁ କରି ପୁଣି ଉମରକୋଟ ଉପ କାରାଗାରକୁ ନେଇଥିଲେ। ସୂଚନା ଯୋଗ୍ୟ ଯେ, ଚନ୍ଦନ ବେହେରା ଏକ ହତ୍ୟା ମାମଲାରେ ବିଚାରଧୀନ ବନ୍ଦୀ ଭାବେ ଉମରକୋଟ ଉପକାରାଗାର ରେ ଅଛନ୍ତି। ଏହାପରେ ପୋଲିସ କନଷ୍ଟେବଳ ମୋନିରାମ ଗଣ୍ଡ ଉମରକୋଟ ପୋଲିସ ଷ୍ଟେସନ ରେ ଉକ୍ତ ଦିନ ଏକ ଲିଖିତ ରଉଜ ଦାଖଲ କରିଥିଲେ। ଏହି ମକଦ୍ଦମାରେ ତଦନ୍ତ ଅଧିକାରୀ ଭାବେ ସବ୍‌ଇନ୍ସପେକ୍ଟର ଅକ୍ଷୟ ମିଶ୍ର ଦାୟିତ୍ୱ ନେଇଥିଲେ। ଏହି ଘଟଣାରେ ମାନ୍ୟବର ଅଦାଲତ ୮ ଜଣଙ୍କ ସାକ୍ଷ୍ୟ ପ୍ରମାଣକୁ ଆଧାର କରି ଅଭିଯୁକ୍ତ ଚନ୍ଦନ ବେହେରାଙ୍କୁ ୨ବର୍ଷ ଜେଲ ଦଣ୍ଡାଦେଶ ଶୁଣାଇଛନ୍ତି। ଏହି ମକଦ୍ଦମାକୁ ସରକାରୀ ଓକିଲ ପ୍ରଶାନ୍ତ କୁମାର ସାହୁ ପରିଚାଳନା କରିଥିଲେ।

# ଶନିଦେବ ଜୟନ୍ତୀ ପାଳିତ



ବ୍ରଜରାଜନଗର(ଭାସ୍କର ନ୍ୟୁଜ୍): ଜନ୍ମାଷ୍ଟମୀ ତିଥି ଅନୁସାରେ ଶନିବାର ରାଜପୁର ରାଣୀବନ୍ଧ ସ୍ଥିତ ଶନି ମନ୍ଦିରରେ ଶନି ଦେବଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ରାଜ ପୁରୋହିତ ପ୍ରଦୀପ ପାଟଯୋଶୀଙ୍କ ତତ୍ତ୍ୱାବଧାନରେ ପଣ୍ଡିତ ବାସୁଦେବ ଦାଶ, ମୋତିଲାଲ ମିଶ୍ର, ଆକାଶ ଦାଶ ଶନି ଦେବଙ୍କ ଶିଳା ବିଗ୍ରହଙ୍କୁ ସକାଳ ୮ଟା ରେ ମହାଭିଷେକ ଓ ଦେବତା ଆବାହନ, ନୈବେଦ୍ୟ ପୂଜା, ୯ଟାରେ ପୂଜାର୍ଚ୍ଚନା, ମଧ୍ୟାହ୍ନ ୧୨ଟାରେ ପୂର୍ଣ୍ଣାହୁତି ପୂଜା କରିଥିଲେ। ସନ୍ଧ୍ୟାରେ ଆଳତି ଓ ବିସର୍ଜନ ପୂଜା ଅନୁଷ୍ଠିତ ହୋଇଥିଲା। ପ୍ରକାଶ ହୋତା ଓ ସୁଜାତା ହୋତା କର୍ତ୍ତାର ଦାୟିତ୍ୱ ନିର୍ବାହ କରିଥିଲେ। ଏହି ଅବସରରେ ମନ୍ଦିର ପରିସରରେ ପୂଜା ପାଉଥିବା ହନୁମାନ, ରାହୁ ଓ କେତୁଙ୍କୁ ମଧ୍ୟ ପୂଜାର୍ଚ୍ଚନା କରାଯାଇଥିଲା। ପ୍ରମୋଦ ସାଏ, ଅନୁପ ସାଏ, ଅଧିରାଜ ସାଏ, ରମେଶ ପ୍ରଧାନ, ପ୍ରମୋଦ ପ୍ରଧାନ, ଭିକାରୀ ଚରଣ ବେରିହା, ସୂର୍ଯ୍ୟ ପଟେଲ ପ୍ରମୁଖ ପୂଜାର୍ଚ୍ଚନାରେ ।ଉପସ୍ଥିତ ଥିଲେ। ଶ୍ରୀମାନ ପଟେଲ, ଗୋବିନ୍ଦ ମେହେର, କୃଷ ମେହେର, ସରୋଜ ସା, ଜଗନ୍ନାଥ ପଣ୍ଡା, ନିରାକାର ମେହେର, ବରୁଣ ସା, ଆନନ୍ଦ ତୁରୀ ପ୍ରମୁଖ ସହଯୋଗ କରିଥିଲେ।

# ୧୮ରେ ବିଜେଡିର ବିଶାଳ ଚାଷୀ ବିକ୍ଷୋଭ



ବରଗଡ(ଭାସ୍କର ନ୍ୟୁଜ୍):ସରକାରଙ୍କ ଚାଷୀ ବିରୋଧୀ ନୀତିର ପୂର୍ଣ୍ଣ ବିରୋଧ କରି ଏବଂ ଚାଷୀଙ୍କୁ ତାଙ୍କର ହକ୍ ଦେବା ଦାବିକରି ଆସନ୍ତା ୧୮ ତାରିଖ ସୋମବାର ଦିନ ୧୦ ଘ.ସମୟରେ ବରଗଡ଼ ଠାରେ ଏକ ବିଶାଳ ଚାଷୀ ବିକ୍ଷୋଭ ଅନୁଷ୍ଠିତ ହୋଇ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ କୃଷକ ବିରୋଧୀ ନୀତିର ପ୍ରତିବାଦ କରାଯିବା ସହ ଏକ ସ୍ମାରକପତ୍ର ଭାରତର ମହା ମହିମ ରାଷ୍ଟ୍ରପତିଙ୍କ ନିକଟକୁ ବରଗଡ଼ ଜିଲ୍ଲାପାଳଙ୍କ ଜରିଆରେ ପ୍ରଦାନ କରାଯିବ ବୋଲି ବରଗଡ଼ ଗଣପତି ହଲ ଠାରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ବିଜୁ ଜନତା ଦଳର କୃଷକ ସେଲ୍ ପକ୍ଷରୁ ମତ ପ୍ରକାଶ ପାଇଛି । ବିଜୁ ଜନତା ଦଳର କୃଷକ ସେଲ୍ର ଅଧ୍ୟକ୍ଷ ତଥା ରେଢାଖୋଲ ବିଧାୟକ ପ୍ରସନ୍ନ ଆଚାର୍ଯ୍ୟ, ପଦ୍ମପୁର ବିଧାୟିକା ବର୍ଷା ସିଂ ବରିହା, ପୂର୍ବତନ ମନ୍ତ୍ରୀ ସ୍ନେହାଙ୍ଗିନୀ ଛୁରିଆ ମତବ୍ୟକ୍ତ କରିଛନ୍ତି । ଏହି ସମ୍ବାଦିକ ସମ୍ମିଳନୀରେ ଜିଲ୍ଲା ପରିଷଦ ଅଧ୍ୟକ୍ଷା ମାନିନୀ ଭୋଇ, ପୌରଅଧ୍ୟକ୍ଷା କଳ୍ପନା ମାଝୀ, ଜିଲ୍ଲା ସଭାପତି ସୁଶାନ୍ତ ମହାପାତ୍ର ଉପସ୍ଥିତ ଥିଲେ ।

# ଭାରିଯାନ ଚଳାଚଳ ବନ୍ଦ ଓ ବସୁନ୍ଧରା ନଦୀର ସଫେଇ ଦାବି



ବ୍ରଜରାଜନଗର (ଭାସ୍କର ନ୍ୟୁଜ୍): ରାଜପୁର କଟାପାଲିରୁ ବଘରଚକା ଦେଇ ରାଜପୁରକୁ ସଂଯୋଗ କରୁଥିବା ରାସ୍ତାରେ ପାଉଁଶ ଓ କୋଇଲା ପରିବହନକାରୀ ଭାରିଯାନ ଚଳାଚଳକୁ ବନ୍ଦ କରିବା ସହିତ ବସୁନ୍ଧରା ନଦୀରୁ ମାଟି ଓ ବୁଦା ସଫେଇ କରିବା ଲାଗି ରାଜପୁର ସରପଞ୍ଚ ସରସ୍ୱତୀ ନାୟକ ପତ୍ର ମାଧ୍ୟମରେ ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏହି ପରିପ୍ରେକ୍ଷୀରେ ଝାରସୁଗୁଡ଼ା ଉପ ଜିଲ୍ଲାପାଳ କାର୍ଯ୍ୟାଳୟ ପକ୍ଷରୁ ଅଧିକ୍ଷଣ ଯନ୍ତ୍ରୀ ମୁଖ୍ୟ ଡ୍ୟାମ, ବୁର୍ଲା ଡିଭିଜନ, ଝାରସୁଗୁଡ଼ା ତହସିଲଦାର, ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼ ଆଞ୍ଚଳିକ ଅଧିକାରୀ ଏବଂ ରାଜପୁର ସରପଞ୍ଚଙ୍କୁ ଆଲୋଚନା କରିବା ଲାଗି ଏହି ବୈଠକରେ ଉପସ୍ଥିତ ରହିବାକୁ କୁହାଯାଇଥିଲା। ଉପଜିଲ୍ଲାପାଳ ସବ୍ୟସାଚୀ ପଣ୍ଡାଙ୍କ ଉପସ୍ଥିତିରେ ଅନୁଷ୍ଠିତ ବୈଠକରେ ସମସ୍ତ ବିଭାଗୀୟ ଅଧିକାରୀ, ସରପଞ୍ଚ, ନାଏବ ସରପଞ୍ଚ, ୱାର୍ଡ ମେମ୍ବର ସମେତ ଗ୍ରାମବାସୀ ସାମିଲ ଥିଲେ। ବୈଠକରେ ବସୁନ୍ଧରା ଓ ଇବ ନଦୀରେ ଜମା ହୋଇଥିବା ମାଟି ଓ ଘଞ୍ଚ ବୁଦାକୁ ହଟେଇବା ପାଇଁ ଯୁଗ୍ମ ଯାଞ୍ଚ କରି ତାର ସମାଧାନ ପାଇଁ ନିଷ୍ପତ୍ତି ନିଆଯାଇଥିଲା। ଏହା ବ୍ୟତୀତ କୋଇଲା ଖଣିରୁ ନିର୍ଗତ ଦୂଷିତ ଜଳ ବସୁନ୍ଧରା ନଦୀରେ ନ ଛାଡ଼ିବା ଲାଗି କମ୍ପାନୀକୁ ନିର୍ଦ୍ଦେଶ ଦିଆଯିବ ଓ ଦୂଷିତ ଜଳ ନମୂନା ଯାଞ୍ଚ କରିବା ନେଇ ପ୍ରଦୂଷଣ ନିୟନ୍ତ୍ରଣ ବିଭାଗକୁ ବୈଠକରେ କୁହାଯାଇଥିବା। ରାଜପୁର କଟାପାଲିରୁ ବଘରାଚକା ଦେଇ ରାଜପୁର ରାସ୍ତାରେ ଚଳାଚଳ କରୁଥିବା ପାଉଁଶ ଓ କୋଇଲା ପରିବହନ ଭାରିଯାନ ଗୁଡ଼ିକୁ ସମ୍ପୂର୍ଣ୍ଣ ରୂପେ ବନ୍ଦ କରାଯାଇଯାଇଥିବା ରାଜପୁର ସରପଞ୍ଚ ସରସ୍ୱତୀ ନାୟକ ସୂଚନା ଦେଇଛନ୍ତି। ଏହି ବୈଠକରେ ପୂର୍ବତନ ସମିତି ସଭ୍ୟ ଗଣେଶ ରାମ ବାଗ, ନାଏବ ସରପଞ୍ଚ କୌଶଲ୍ୟା ଦେହୁରୀ, ପ୍ରବୀଣ ଦେଓ, ଗଦାଧର ରାଏ, ୱାର୍ଡ ମେମ୍ବର ମମତା ମେହେର, ଭଗବତୀ ମାଝୀ, ଜେମା ମଲ୍ଲିକ, ସୁଶୀଲ ବେହେରା, ସରିତା ଲୁହା ସମେତ ଗ୍ରାମବାସୀ ମଧ୍ୟରେ ତନୁଜା ପାଟଯୋଶୀ, ସୁବ୍ରତ ସେଠ ପ୍ରମୁଖ ଉପସ୍ଥିତ ଥିଲେ।

# ଚିନ୍ତଲଡୋଲି ଗାଁକୁ ଆବାସ ଯୋଜନା ଅପହଞ୍ଚ



ମାଲକାନାଗିରି (ଭାସ୍କର ନ୍ୟୁଜ୍): ଦଶ ବର୍ଷ ହେବ ଗ୍ରାମବାସୀଙ୍କୁ ମିଳିନାହିଁ ଆବାସ ଯୋଜନା। ତେଣୁ ମାଟି ଘରେ ଜୀବନ ବିତାଉଛନ୍ତି ମାଲକାନାଗିରି ଜିଲ୍ଲା ଚିତ୍ରକୋଣ୍ଡା ବ୍ଲକ ସ୍ୱାଭିମାନ ଅଞ୍ଚଳର ରାଲେଗାଡ଼ା ପଞ୍ଚାୟତ ଅନ୍ତର୍ଗତ ଚିନ୍ତଲଡୋଲି ଗ୍ରାମବାସୀ। ଏହି ଗାଁରେ ମୋଟ ୬୫ ପରିବାର ବସବାସ କରନ୍ତି। ଗ୍ରାମର ସମସ୍ତେ ଦିନ ମଜୁରିଆ ହୋଇଥିବା ବେଳେ ୨୦୧୬ ମସିହା ପର ଠାରୁ ଆବାସ ଯୋଜନାରେ ସାମିଲ ହୋଇପାରିନାହିଁ ଚିନ୍ତଲଡୋଲି ଗାଁ । ବାରମ୍ବାର ଦାବି ପରେ ଚଳିତ ବର୍ଷ ମାତ୍ର ଦୁଇଜଣ ଦିବ୍ୟାଙ୍ଗ ହିତାଧିକାରୀଙ୍କୁ ଆବାସ ଯୋଜନାରେ ସାମିଲ କରାଯାଇଛି। ଗାଁରେ ଥିବା ଅନ୍ୟ ଗରିବ ଲୋକେ ମାଟି ଘରେ ମୁଣ୍ଡ ଗୁଞ୍ଜିଛନ୍ତି। କେତେକ ଘରର କାନ୍ଥ ଫାଟି ଆଁ କଲାଣି । ତେଣୁ କିଏ ଜରିପାଲ ତଳେ ରହୁଛି ତ ଆଉ କିଏ ବର୍ଷା ହେଲେ ଅନ୍ୟଘର ବାରଣ୍ଡାରେ ମୁଣ୍ଡ ଗୁଞ୍ଜିବାକୁ ବାଧ ହେଉଛନ୍ତି । ଗାଁରେ ପକ୍କା ଘର ନାହିଁ ବୋଲି କହିଛନ୍ତି ଗ୍ରାମବାସୀ। ଗରିବ ଲୋକଙ୍କ ପାଇଁ ଆସୁଥିବା ଆବାସ ଯୋଜନା ଯାଉଛି କୁଆଡ଼େ ବୋଲି ଗ୍ରାମବାସୀ ପ୍ରଶ୍ନ କରିଛନ୍ତି। ଚିନ୍ତଲଡୋଲି ଗ୍ରାମବାସୀଙ୍କ କହିବା ଅନୁଯାୟୀ ୨୦୧୨ ମସିହାରୁ ୨୦୧୬ ସୁଦ୍ଧା ଗାଁରେ ୯ଟି ଆବାସ ଘର ବଣ୍ଟାଯାଇଛି। ହେଲେ ଆଜି ପର୍ଯ୍ୟନ୍ତ ଗୋଟିଏ ବି ଘର ନିର୍ମାଣ ସଂପୂର୍ଣ୍ଣ ହୋଇପାରି ନାହିଁ। ଗାଁକୁ ରାସ୍ତା ସୁବିଧା ନଥିବା ଯୋଗୁଁ ଘର ନିର୍ମାଣ ସାମଗ୍ରୀ ଆଣିବା ସମ୍ଭବ ହେଉନଥିଲା ବୋଲି କହିଛନ୍ତି। ବର୍ତ୍ତମାନ ଗାଁକୁ ରାସ୍ତା ସଂଯୋଗ ହେବା ପରେ ଆବାସ ଯୋଜନା ପାଇଁ ପଞ୍ଚାୟତ ଠାରୁ ବ୍ଲକ ପ୍ରଶାସନକୁ ଆବଶ୍ୟକ କାଗଜପତ୍ର ଦେଇଥିଲେ ସୁଦ୍ଧା ଯୋଜନାରେ ସାମିଲ ହୋଇପାରି ନାହାନ୍ତି ଗ୍ରାମବାସୀ ଗାଁରେ ପକ୍କା ଘର ଖଣ୍ଡିଏ ନଥିବା କାରଣରୁ ବର୍ଷା ସମୟରେ ବହୁତ ଅସୁବିଧା ଭୋଗୁଥିବା ଲୋକେ କହିଛନ୍ତି। ବ୍ଲକ ପ୍ରଶାସନ ତୁରନ୍ତ ଦୃଷ୍ଟି ଦେବାକୁ ଦାବି କରିଛନ୍ତି ଗ୍ରାମବାସୀ ।

# ସ୍ୱାସ୍ଥ୍ୟ ବିଭାଗର ଚଢଉ; ବେଆଇନ କ୍ଲିନିକ୍ ସିଲ୍




ଗୁଣପୁର(ଭାସ୍କର ନ୍ୟୁଜ୍): ରାୟଗଡା ଜିଲ୍ଲା ଗୁଣପୁର କପିଳପୁର ଠାରେ ଥିବା ଲକ୍ଷ୍ମଣ ଲାବଣ୍ୟ ମାଟ୍ରନିଟି ହୋମ ରିସର୍ଚ୍ଚ ସେଣ୍ଟର ଉପରେ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ଟିମ୍ ଚଢାଉ କରିଥିଲା । ପୂର୍ବରୁ କ୍ଲିନିକ୍ ବେଆଇନ ଭାବେ ଚାଲୁଥିବା ନେଇ ଅଭିଯୋଗ ହୋଇଥିଲା ।ଏପରିକି ବେଆଇନ ଗର୍ଭପାତ ସହ ବିଭିନ୍ନ କେଳେଙ୍କାରୀର କେନ୍ଦ୍ର ପାଲଟିଥିବା ନେଇ ଅଭିଯୋଗ ହେଉଥିଲା । ମାଜିଷ୍ଟ୍ରେଟ୍‌ଙ୍କ ଉପସ୍ଥିତିରେ ବେଆଇନ କ୍ଲିନିକ୍ ସିଲ୍ କରିଛି ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ। ପୋଲିସ, ଅଗ୍ନିଶମ ବିଭାଗ ଉପସ୍ଥିତିରେ ଚଢାଉ ଜାରି ରହିଥିଲା। ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ଯାଞ୍ଚ ପରେ କ୍ଲିନିକ୍ ବେଆଇନ ଭାବେ ଚାଲିଥିବା ନେଇ ସ୍ପଷ୍ଟ ହୋଇଥିଲା। ଚଢାଉ ବେଳେ ମୁଖ୍ୟ ଜିଲ୍ଲା ଚିକିତ୍ସା ଅଧିକାରୀ ବି . ସରୋଜିନି ଦେବୀ,ଅତିରିକ୍ତ ଜିଲ୍ଲା ଚିକିତ୍ସା ଅଧିକାରୀ ମମତା ସାହୁ ଓ ପି କେ ମିଶ୍ର, ଦାୟିତ୍ୱରେ ଥିବା ମାଜିଷ୍ଟ୍ରେଟ ପଦ୍ମପୁର୍ ତହସିଲଦାର ଶଙ୍କର ବାଗଙ୍କ ଉପସ୍ଥିତିରେ ଚଢାଉ ଜାରି ରହିଥିଲା। ଚଢଉ ସମୟରେ ଗୁଣୁପୁର ଅଗ୍ନିଶମ ବାହିନୀ ଅଧିକାରୀ ରଜନୀ କାନ୍ତ ଗଉଡ, ଗୁଣୁପୁର ପୋଲିସ୍ ଏସ୍ଡିପିଓ ବାବୁଲି ନାୟକ ଉପସ୍ଥିତ ରହିଥିଲେ। ଗୁଣୁପୁର ଉପଖଣ୍ଡସ୍ତରୀୟ ମେଡିକାଲର ଦାୟିତ୍ୱରେ ଥିବା ସୁପରିଟେଣ୍ଡେଣ୍ଟ ଡାକ୍ତର ପ୍ରଦୀପ କୁମାର ପଣ୍ଡା ଏହି କ୍ଲିନିକ୍ ପରିଚାଳନା କରୁଥିଲେ। ବାବୁ ଜଣକ ହସ୍ପିଟାଲରେ ନିଜର ଦାୟିତ୍ୱ ନତୁଲାଇ ଏଠାରେ ବେଆଇନ ଭାବେ ଅସ୍ତ୍ରପୋଚାର ସହ ଅଲଟ୍ରାସାଉଣ୍ଡ ଓ ପ୍ରସୂତିଙ୍କ ଡେଲିଭେରି କରି ମାଲାମାଲ ହେଉଥିଲେ। କ୍ଲିନିକ୍‌ର ସାତ ମହଲା କୋଠାର ନଥିପତ୍ର ନଥିବା ଜଣାପଡିଛି। ଦୀର୍ଘ ବର୍ଷ ଧରି ଏଭଳି ବେଆଇନ କ୍ଲିନିକ ଚାଲିଥିବାରୁ ଏହାକୁ ନେଇ ଅଭିଯୋଗ ଉଠିଥିଲା। ଏପରିକି ପ୍ରସୂତି ଏଠାରେ ଡେଲିଭେରି ହେଲା ପରେ ମୃତ୍ୟୁ ଘଟିଥିବା ଅଭିଯୋଗ ରହିଛି। ସମସ୍ତ ଘଟଣା ପଦାକୁ ଆସିବା ପରେ ସ୍ୱାସ୍ଥ୍ୟ ବିଭାଗ ସରକାରି ଡାକ୍ତରଙ୍କ ବିରୋଧରେ କଣ କାର୍ଯ୍ୟାନୁଷ୍ଠାନ ନେବ ତାର ମଧ୍ୟ ତଦନ୍ତ କରାଯାଉଥିବା କହିଛନ୍ତି ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ। ପୋଲିସ, ଅଗ୍ନିଶମ ବିଭାଗ ଉପସ୍ଥିତିରେ ଚଢାଉ ଜାରି ରହିଥିଲା। ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ କାଗଜ ପତ୍ର ଯାଞ୍ଚ ପରେ କ୍ଲିନିକ୍ ବେଆଇନ ଭାବେ ଚାଲିଥିବା ନେଇ ସ୍ପଷ୍ଟ ହୋଇଥିଲା। ଚଢାଉବେଳେ ମୁଖ୍ୟ ଜିଲ୍ଲା ଚିକିତ୍ସା ଅଧିକାରୀ ବି. ସରୋଜିନୀ ଦେବୀ,ଅତିରିକ୍ତ ଜିଲ୍ଲା ଚିକିତ୍ସା ଅଧିକାରୀ ମମତା ଉପସ୍ଥିତ ଥିଲେ।

# ବେଆଇନ କରତ କଳ ଠାବ,ଶାଗୁଆନ କାଠ ଜବତ



ଖପ୍ରାଖୋଲ(ଭାସ୍କର ନ୍ୟୁଜ୍): ଖପ୍ରାଖୋଲ ବ୍ଲକ୍ ଲୁହାସିଂହା ପଞ୍ଚାୟତ ଟେଙ୍ଗରାପଥର ଗାଁ ନିକଟରେ ରେ ହରିଶଙ୍କର ବନ ବିଭାଗ ଚଢାଉ କରି ଏକ ବେଆଇନ କରତ କଳ ସହିତ ୧୫ ଖଣ୍ଡ ସାଗୁଆନ କାଠ ଜବତ କରିଥିବା ଜଣାଯାଇଛି। ସୂଚନା ଅନୁସାରେ ବନବିଭାଗ ଖବର ପାଇ ରେଞ୍ଜ ଅଧିକାରୀ ଅରବିନ୍ଦ ନାଏକ ଙ୍କ ନେତୃତ୍ୱରେ ଚଢାଉ କରିଥିଲେ। ଚଢାଉ ବେଳେ ଏକ ବେଆଇନ୍ କରତ କଳ, ୧୫ ଖଣ୍ଡ ସାଗୁଆନ କାଠ ଜବତ କରିଥିଲେ। କାଠ ଏବଂ କରତ କଳ ର ଆନୁମାନିକ ମୂଲ୍ୟ ୮୦ ହଜାର ହେବ ବୋଲି ବନ ବିଭାଗ ସୂଚନା ଦେଇଛି। ଏନେଇ ହରିଶଙ୍କର ବନ ବିଭାଗ ରେଞ୍ଜ ଓ ଆର ୟୁ ଡି କେସ ନମ୍ବର ୧/୨୦୨୫-୨୬ ରେ ଏକ ମାମଲା ରୁଜୁ କରି ତଦନ୍ତ ଚାଲିଥିବା ରେଞ୍ଜ ଅଧିକାରୀ ପ୍ରକାଶ କରିଛନ୍ତି। ଚଢାଉ ରେ ଧଣ୍ଡାମୁଣ୍ଡା ବନ ପାଳ ଇନ୍ଦ୍ରମଣି ବେହେରା, ଖପ୍ରାଖୋଲ ବନ ପାଳ ସୁଧିର କୁମାର ଜେନା , ବନ ରକ୍ଷୀ ମଞ୍ଜୁ କୁମ୍ଭାର, ରାଜେନ୍ଦ୍ର ଧରୁଆ ସମେତ ପାରା ବନ କର୍ମଚାରୀ ସାମିଲ ଥିଲେ।

# ୪ କିମି ଘାଟି ଚଢି ସ୍ୱାଧୀନତା ଦିବସ ପାଳିଲେ ବିଧାୟକ

ପାରଳାଖେମୁଣ୍ଡି(ଭାସ୍କର ନ୍ୟୁଜ୍): ପାରଳାଖେମୁଣ୍ଡି ବିଧାୟକ ଇଂ. ରୁପେଶ କୁମାର ପାଣିଗ୍ରାହୀ ଗଜପତି ଜିଲ୍ଲା ଅନ୍ତର୍ଗତ ଭୂବନି ପଂଚାୟତର ସିଣ୍ଡିବୁର ଗ୍ରାମ ଦୀର୍ଘ ୪କିମି ପାହାଡ ଚଢି ସେଠାରେ ସ୍ୱାଧୀନତା ଦିବସ ପାଳନ କରିଥିଲେ। ସୂଚନାଯୋଗ୍ୟ ଏହିକି ସେହି ଗ୍ରାମର ପ୍ରମୁଖ ସମସ୍ୟା ଭିତରେ ଗମନାଗମନ, ପାନୀୟଜଳ,ଶିକ୍ଷା,ସ୍ୱାସ୍ଥ୍ୟ କଷ୍ଟଦାୟକ ଅଟେ। ସେହି ଗ୍ରାମରେ ୬୦ରୁ ଉର୍ଦ୍ଧ୍ୱ ପରିବାର ବସବାସ କରନ୍ତି। ଗତ ୨୦୧୯ରେ ପ୍ରଳୟ ବାତ୍ୟାରେ ୧୨ଟି ଘର ଭାଂଗିଯାଇଥିଲା। ଗ୍ରାମରେ କେବଳ ଗୋଟିଏ ପ୍ରାଥମିକ ବିଦ୍ୟାଳୟ ଅଛି। ଉଚ୍ଚଶିକ୍ଷା ପାଇଁ ଗ୍ରାମର ଛାତ୍ରଛାତ୍ରୀ ଦୀର୍ଘ ୪କିମି ଚାଲି ମୁଖ୍ୟ ରାସ୍ତାରେ ପହଂଚି ଥାନ୍ତି। ଏହିଭଳି ସମସ୍ୟାବହୁଳ ଗ୍ରାମକୁ ବିଧାୟକ ପହଂଚିଲା ପରେ ଗ୍ରାମବାସୀ ଅକୁଣ୍ଠ ସ୍ୱାଗତ କରିଥିଲେ ।ତାଂକ ସହ ଗୁମ୍ମା ବ୍ଲକର ଅଧ୍ୟକ୍ଷା ସୁନେମୀ ମଣ୍ଡଳ,ଗୋଷ୍ଠି ଉନ୍ନୟନ ଅଧିକାରୀ, ସ୍ଥାନୀୟ ସରପଂଚ,ସମିତି ସଭ୍ୟ ପ୍ରମୁଖ ଉପସ୍ଥିତ ଥିଲେ। ବିଧାୟକ ଗ୍ରାମବାସୀଙ୍କ ସହ କଥାବାର୍ତ୍ତା କରି ସମସ୍ୟା ଗୁଡିକୁ ଦୂର କରିବାପାଇଁ ପ୍ରତିଶ୍ରୁତି ଦେଇଥିଲେ। ଏହିଭଳି ବିରଳ ପଦକ୍ଷେପ ପାଇଁ ବିଧାୟକଂକୁ ପ୍ରଶଂସାର ସୁଅ ଛୁଟୁଛି।

# ଅମଲା ସଂଘର ଦାବି ଶୁଣୁନାହାନ୍ତି ସରକାର

ମାଲକାନଗିରି (ଭାସ୍କର ନ୍ୟୁଜ୍): ମାଲକାନଗିରି ଜିଲ୍ଲାରେ ଅଗଷ୍ଟ ୧୧ ତାରିଖରୁ ରାଜସ୍ୱ ଅମଲା ସଂଘର କର୍ମଚାରୀ ମାନେ ଧାରଣାରେ ବସିଥିଲେ ମଧ୍ୟ ସରକାର ଏହାର ସମାଧାନ ପାଇଁ ପଦକ୍ଷେପ ନ ନେଇ ବିଭିନ୍ନ ଗଣମାଧ୍ୟମରେ ଲୋକଙ୍କ ଅସୁବିଧା କଥା କହି ରାଜସ୍ୱ ଅମଲାମାନଙ୍କୁ ଦାୟୀ କରୁଥିବା ସଂଘ ପକ୍ଷରୁ କୁହାଯାଇଛି। ସରକାର ସମସ୍ୟା ସମାଧାନ ନକରି କର୍ମଚାରୀଙ୍କୁ ଯଦି ରାଜରାସ୍ତାରେ ବସାଇବାକୁ ବାଧ କରିବେ, ତାହାହେଲେ ଭବିଷ୍ୟତର କର୍ମଚାରୀମାନେ ମଧ୍ୟ ଠିକ୍ ସମୟରେ ସରକାରଙ୍କୁ ଠିକ୍ ଜବାବ ଦେବେ । ଏମାନେ ବିରୋଧି ଦଳରେ ଥିଲାବେଳେ କର୍ମଚାରୀଙ୍କ ଦାବୀ ଉଚିତ୍ ବୋଲି କହୁଥିଲେ । କିନ୍ତୁ ମୋହନ ବାବୁ ଗାଦିରେ ବସିଲା ପରେ ପୁରାପୁରି ଚୁପ୍ ହୋଇଯାଇଛନ୍ତି। ସରକାର ଶାସନଗାଦିରେ ବସିବେ ୫ ବର୍ଷ, କିନ୍ତୁ କର୍ମଚାରୀ ଚାକିରୀରେ ରହିବେ ୬୦ ବର୍ଷ ଯାଏଁ। କର୍ମଚାରୀମାନେ ମଧ୍ୟ ଖେଳ କରିବା ଜାଣନ୍ତି। ଏଣୁ ସବୁ କର୍ମଚାରୀ ଏକ ହୋଇ ସଂଘବଦ୍ଧ ହୋଇ ନାଯ୍ୟ ଦାବି ପାଇଁ ଲଢ଼ିବାର ଆବଶ୍ୟକ ରହିଛି। ନିଜ ନିଜର ନାଯ୍ୟ ଅଧିକାର ପାଇଁ ଅନୁରୋଧ କରିବାର ଆବଶ୍ୟକ ନାହିଁ । ଆଶା କରେ ବିଜ୍ଞ ସରକାର - ଆମର ମୋହନ ସରକାର କର୍ମଚାରୀମାନଙ୍କ ନ୍ୟାର୍ଯ୍ୟ ଦାବି ଉପରେ ଗଭୀର ଭାବରେ ଧ୍ୟାନ ଦେବେ/ ରେଖାପାତ କରିବେ ଓ ରାଜସ୍ୱ ଅମଲା ମାନଙ୍କ ସମସ୍ୟା ଅତିଶିଘ୍ର ସମାଧାନ କରବେ ବୋଲି ଗଣମାଧ୍ୟମ ପ୍ରତିନିଧିମାନଙ୍କୁ କହିଛନ୍ତି।

# ଜିଲ୍ଲାସ୍ତରୀୟ ସ୍ୱାଧୀନତା ଦିବସ ପାଳିତ



ନବରଙ୍ଗପୁର(ଭାସ୍କର ନ୍ୟୁଜ୍): ନବରଙ୍ଗପୁର ସହରସ୍ଥିତ ଷ୍ଟାଡିୟମ୍ ଠାରେ ମହାଉଲ୍ଲାସ ରେ ୭୯ ତମ ଜିଲ୍ଲା ସ୍ତରୀୟ ସ୍ୱାଧିନତା ଦିବସ ପାଳନ ହୋଇଯାଇଛି। ଗଣେଶ ରାମ ସିଂ ଖୁଣ୍ଟିଆ ମନ୍ତ୍ରୀ ଜଙ୍ଗଲ,ପରିବେଶ ଓ ଜଳବାୟୁ ପରିବର୍ତ୍ତନ ତଥା ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା ବିଭାଗ ଓଡ଼ିଶା ସରକାର ମୁଖ୍ୟଅତିଥି ରୂପେ ଯୋଗ ଦେଇ ଜାତୀୟ ପତାକା ଉତ୍ତୋଳନ ପୂର୍ବକ ସମବେତ ପ୍ୟାରେଡର ଅଭିବାଦନ ଗ୍ରହଣ କରି ଉପସ୍ଥିତ ଜନତାଙ୍କୁ ଉଦବୋଧନ ଦେଇଥିଲେ। ଏହି ଅବସରରେ ଜିଲ୍ଲା ସୂଚନା ଓ ଲୋକ ସଂପର୍କ କାର୍ଯ୍ୟାଳୟଦ୍ୱାରା ରାମଧୂନ୍ ପରିବେଷଣ, ସହରର ବିଭିନ୍ନ ସ୍ଥାନରେ ଅବସ୍ଥାପିତ ମହାପୁରୁଷଙ୍କ ପ୍ରତିମୂର୍ତ୍ତିଙ୍କ ଠାରେ ଜିଲ୍ଲାପାଳ, ଅତିରିକ୍ତ ଜିଲ୍ଲାପାଳ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ,ଉପଜିଲ୍ଲାପାଳଙ୍କ ଦ୍ୱାରା ସ୍କୁଲ ଛାତ୍ରଛାତ୍ରୀ, ଶିକ୍ଷକ ଶିକ୍ଷୟିତ୍ରୀଙ୍କ ଗହଣରେ ପୁଷ୍ପମାଲ୍ୟ ଅର୍ପଣ, ପ୍ରଭାତଫେରି, ଓ ସହରର ସମସ୍ତ ସରକାରୀ ଓ ବେସରକାରୀ ଅନୁଷ୍ଠାନ ମାନଙ୍କରେ ଜାତୀୟ ପତାକା ଉତ୍ତୋଳନ କରାଯାଇଥିଲା। ମୁଖ୍ୟଅତିଥିଙ୍କ ସହ ବିଧାୟକ ନବରଙ୍ଗପୁର ଗୌରୀ ଶଙ୍କର ମାଝୀ, ଜିଲ୍ଲାପାଳ ଡ଼ ମହେଶ୍ୱର ସ୍ୱାଇଁ, ଆରକ୍ଷୀ ଅଧିକ୍ଷକ ମଡକର ସନ୍ଦୀପ ସମ୍ପତ , ପୌରପାଳିକା ଅଧ୍ୟକ୍ଷ କୁନୁ ନାୟକ ପତାକା ମଞ୍ଚରେ ଉପସ୍ଥିତ ଥିଲେ।

# ପାଣି ପମ୍ପ ଚୋରି ଘଟଣାରେ ଦୁଇ ଗିରଫ



କୋଷାଗୁମୁଡା (ଭାସ୍କର ନ୍ୟୁଜ୍): କୋଷାଗୁମୁଡା ପୋଲିସ ଦୁଇ ଜଣ ପାଣି ପମ୍ପ ଚୋରି ଘଟଣାରେ ଦୁଇଜଣଙ୍କୁ ଗିରଫ କରିଥିବା ଜଣାପଡିଛି । ବିଶେଷ ସୂଚନା ପ୍ରକାରେ ବିଗତ ୧୪ତାରିଖ ବିଳମ୍ବିତ ରାତିରେ ଜଟାବାଲ ଗ୍ରାମର ଜୀସୋଇ ହିଆଲ(୩୦)(ବର୍ତ୍ତମାନ ନବରଙ୍ଗପୁର ଗାନ୍ଧି ନଗରର ବାସିନ୍ଦା) ଓ କୋଡ଼ିଙ୍ଗା ଗ୍ରାମର ଜଣେ ୧୭ବର୍ଷର ନାବାଳକ ଟେମ୍ରା ଗ୍ରାମରୁ ଏକ ପାଣି ପମ୍ପକୁ ଚୋରି କରି ଏକ ଟେମ୍ପୁରେ ନେଉଥିବା ବେଳେ ଗ୍ରାମର କିଛି ଲୋକଙ୍କ ହାବୁଡ଼ରେ ପଡ଼ିଥିଲେ ।ତୁରନ୍ତ ଦୁଇଚୋରଙ୍କୁ ଅଟକାଇ ଟେମ୍ରା ଗ୍ରାମବାସୀ କୋଷାଗୁମୁଡା ଥାନାକୁ ଖବର ଦେଇଥିଲେ। ଏହି ଖବରକୁ ନେଇ କୋଷାଗୁମୁଡା ଥାନା ଅଧିକାରୀ ଉମେଶ ଚନ୍ଦ୍ର ନାୟକ ଏସ ଆଇ ରାମଚନ୍ଦ୍ର କୋଣ୍ଡୋଗୋରୀଙ୍କୁ ଏହି ଘଟଣାରେ ତଦନ୍ତ ଅଧିକାରୀ ଭାବେ ଦାୟିତ୍ୱ ଦେଇଥିଲେ। ଏସ୍‌ଆଇ ଶ୍ରୀ କୋଣ୍ଡୋଗୋରୀ ଦୁଇ ଚୋରଙ୍କୁ କୋଷାଗୁମୁଡା ଥାନାରେ ୧୬୬/୨୫ରେ ଧାରା ୩୦୩(୨)/୩(୫)ବିଏନଏସରେ ମାମଲା ରୁଜୁ କରିବା ସହ ଆଜି କୋଷାଗୁମୁଡାର ମେଡିକାଲ ରେ ଯାଞ୍ଚ କରି ଜୀସୋଇ ହିଆଲକୁ ନବରଙ୍ଗପୁର କୋର୍ଟ ଚାଲାଣ କରାଯାଇଛି ଏବଂ ନାବାଳକ କୁ ସୁଧାର ଗୃହକୁ ପଠାଯାଇଛି ବୋଲି ଜଣାପଡିଛି ।

# ପାଣିଘେରରେ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ



ମାଥିଲି (ଭାସ୍କର ନ୍ୟୁଜ୍): ଜଳଘେରରେ ମାଥିଲି ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ। ମାଲକାନଗିରି ଜିଲ୍ଲା ମାଥିଲି ବ୍ଲକ୍ ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟରେ ଦୀର୍ଘ ଦିନ ହବ ଫାଟକ ସମ୍ମୁଖରେ ପାଣି ଜମି ରହୁଥିବା ଦେଖିବାକୁ ମିଳିଛି। ସୂଚନା ଅନୁଯାୟୀ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ଭିତରେ ପ୍ରାଥମିକ ବିଦ୍ୟାଳୟ ମଧ୍ୟ ରହି ଅଛି ପିଲାମାନେ ସେଇ ଫାଟକ ଦେଇ ସବୁ ଦିନ ବିଦ୍ୟାଳୟକୁ ଯିବା ଆସିବା କରନ୍ତି । ପ୍ରବଳ ବର୍ଷା ହେଲେ ସେହି ସ୍ଥାନଟି ଜଳମଗ୍ନ ହୋଇ ରହିବାରୁ ବହୁ ଅଧିକାରୀ ଏବଂ ଛାତ୍ରଛାତ୍ରୀ ବହୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଥିବା ଜଣାପଡ଼ିଛି। ଏଭଳି ଦୃଶ୍ୟ ଦେଖି ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚାର ବିଷୟ ପାଲଟିଥିବା ବେଳେ ଜିଲ୍ଲା ପ୍ରଶାସନର କେବେ ଏହାର ଉପରେ ବିହିତ ପଦକ୍ଷେପ ନେବେ ସାଧାରଣରେ ପ୍ରଶ୍ନ ଉଙ୍କି ମାରୁଛି।




ବୋଲଗଡ (ଭାସ୍କର ନ୍ୟୁଜ): ବୋଲଗଡ଼ ପଞ୍ଚାୟତ ମର୍ଦ୍ଦାବାଡି ଗ୍ରାମରେ ୭୯ ତମ ସ୍ୱାଧିନତା ଦିବସ ପାଳନ ଉପଲକ୍ଷେ ସ୍ୱାଧୀନତା ସଂଗ୍ରାମୀ ମାନଙ୍କ ସ୍ମୃତି ଉଦ୍ଦେଶ୍ୟରେ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଆଞ୍ଚଳିକ ଶିକ୍ଷା, ସେବା ଓ ସାଂସ୍କୃତିକ ବିକାଶ ଫାଉଣ୍ଡେସନ ଟ୍ରଷ୍ଟ (ମର୍ଦ୍ଦାବାଡି) ତରଫରୁ ଆୟୋଜିତ କରାଯାଇଅଛି। ୨୦୦ ବର୍ଷ ଧରି ଆମ ଦେଶକୁ ଶୋଷଣ ବିରୋଧରେ ଶାସନ କରିଥିବା ଇଂରେଜ ମାନଙ୍କ କବଳରୁ ମୁକ୍ତ କରିଥିବା ସ୍ୱାଧୀନତା ସଂଗ୍ରାମୀ ମାନଙ୍କ ଯେତେ କହିଲେ ମଧ ବି ଅତ୍ୟୁକ୍ତି ହେବନାହିଁ। ଆଜି ଆମେ ସମସ୍ତେ ସେମାନଙ୍କ ବଳିଦାନ ଯୋଗୁଁ ଶାନ୍ତି ପୂର୍ଣ୍ଣ ଜୀବନ ବିତାଉଛେ। ଆମେ ଏତିକି ଭାଗ୍ୟବାନ ଯେ ମୁକ୍ତ ଆକାଶରେ ମୌଳିକ ଅଧିକାର ନେଇ ବଞ୍ଚି ପାରୁଛେ ଆଜି ସେହି ମହାନ୍ ପୁଣ୍ୟାତ୍ମାମାନଙ୍କ ସ୍ମୃତି ଉଦ୍ଦେଶ୍ୟରେ ଏହି ସ୍ୱତନ୍ତ୍ର ଧରଣରେ ବୃକ୍ଷ ରୋପଣ କାର୍ଯ୍ୟକ୍ରମ କରାଯାଇଛି। ଏହି କାର୍ଯ୍ୟକ୍ରମଟି ଟ୍ରଷ୍ଟର ପ୍ରତିଷ୍ଠାତା ଏବଂ ଯୁବ ପରିବେଶ ପ୍ରେମୀ ଚନ୍ଦନ ପଣ୍ଡିମ କବାଟଙ୍କ ନେତୃତ୍ୱରେ କରାଯାଇଛି । ମୁଖ୍ୟ ଅତିଥି ଭାବରେ ଶିକ୍ଷକ ତଥା ଅନୁଷ୍ଠାନର ସଭାପତି ମନମୋହନ କହଲସିଂହ ଯୋଗ ଦେଇ ପରିବେଶ ସୁରକ୍ଷା ସମ୍ପର୍କିତ ଏବଂ ସେହି ମହାମାନବୀୟ ମହାପୁରୁଷ ମହାସଂଗ୍ରାମୀ ମାନଙ୍କର ଯେଉଁ ତ୍ୟାଗ ଓ ବଳିଦାନର ସଂପର୍କ ବିଷୟରେ ସମସ୍ତ ପିଲାମାନଙ୍କୁ ତାଙ୍କର ଉଦବୋଧନ ରଖି ବୃକ୍ଷରୋପଣ କରିଥିଲେ। ଶେଷରେ ସମସ୍ତ ପିଲାମାନେ ସଂଗ୍ରାମୀ ମାନଙ୍କ ନାମରେ ସ୍ଲୋଗାନ ଦେଇ ବୃକ୍ଷରୋପଣ କରିବା ସହ ସମସ୍ତ ଜନ ସାଧାରଣ ମାନଙ୍କୁ ସଚେତନତା କରାଇଥିଲେ।

## ଭାରତର ଚିନ୍ତା ବଢ଼ାଇଲା ଚୀନ୍

# ପାକିସ୍ତାନକୁ ଦେଲା ହାଙ୍ଗର ଶ୍ରେଣୀର ତୃତୀୟ ବୁଡ଼ାଜାହାଜ

ଇସଲାମାବାଦ/ବେଜିଂ: ଚୀନ୍ ନୂତନ ଉନ୍ନତ ହାଙ୍ଗର-କ୍ଲାସ୍ ବୁଡାଜାହାଜ ମଧ୍ୟରୁ ତୃତୀୟ ବୁଡ଼ାଜାହାଜ ପାକିସ୍ତାନକୁ ହସ୍ତାନ୍ତର କରିଛି। ଭାରତ ନିକଟବର୍ତ୍ତୀ ଭାରତ ମହାସାଗର ଅଞ୍ଚଳରେ ପାକିସ୍ତାନର ବର୍ଦ୍ଧିତ ଉପସ୍ଥିତିକୁ ସମର୍ଥନ କରିବା ପାଇଁ ଇସଲାମାବାଦର ନୌସେନା କ୍ଷମତାକୁ ବୃଦ୍ଧି କରିବା ପାଇଁ ଚୀନ୍ ଯେଉଁ ପ୍ରୟାସ କରୁଛି ତାହାର ଏକ ଅଂଶ ହେଉଛି ବେଜିଂର ଏହି ପଦକ୍ଷେପ। ଶନିବାର ଚୀନର ସରକାରୀ ଖବରକାଗଜ ଗ୍ଲୋବାଲ୍ ଟାଇମ୍ସ ରିପୋର୍ଟ କରିଛି ଯେ,ତୃତୀୟ ହାଙ୍ଗୋର-କ୍ଲାସ୍ ବୁଡାଜାହାଜର ଉନ୍ମୋଚନ ସମାରୋହ କେନ୍ଦ୍ରୀୟ ଚୀନର ହୁବେଇ ପ୍ରଦେଶର ଉହାନରେ ଅନୁଷ୍ଠିତ ହୋଇଥିଲା। ଚୀନ୍ ଦ୍ୱାରା ପାକିସ୍ତାନ ପାଇଁ ନିର୍ମିତ ଆଠଟି ବୁଡ଼ାଜାହାଜ ମଧ୍ୟରୁ ଦ୍ୱିତୀୟଟି ଚଳିତ ବର୍ଷ ମାର୍ଚ୍ଚ ମାସରେ ହସ୍ତାନ୍ତର କରାଯାଇଥିଲା। ଏହା ଗତ କିଛି ବର୍ଷ ମଧ୍ୟରେ ଚୀନ୍ ପାକିସ୍ତାନକୁ ଦେଇଥିବା ଚାରୋଟି ଆଧୁନିକ ନୌସେନା ଯୁଦ୍ଧ ଜାହାଜ ସହିତ ଅତିରିକ୍ତ ବୁଡ଼ାଜାହାଜ ଥିଲା। ଏହି ଯୋଗାଣ ଆରବ ସାଗରରେ ଚୀନ୍ ନୌସେନାର ନିରନ୍ତର ବିସ୍ତାର ମଧ୍ୟରେ ପାକିସ୍ତାନର ନୌସେନା ଶକ୍ତି ବୃଦ୍ଧି କରିବା ପ୍ରୟାସର ଏକ ଅଂଶ। ଚୀନ୍ ବେଲୁଚିସ୍ତାନର ଗ୍ୱାଦର ବନ୍ଦର ବିକଶିତ କରୁଛି। ଏହା ସହିତ ଭାରତ ମହାସାଗରରେ ଯୋଜନାବଦ୍ଧ ଭାବେ ଭାରତକୁ ଘେରିବା କାର୍ଯ୍ୟ କରୁଛି। ପାକିସ୍ତାନକୁ ବୁଡ଼ା ଜାହାଜ ଦେବା ଦ୍ୱାରା ଭାରତର ଚିନ୍ତା ବଢ଼ିବାରେ ଲାଗିଛି। ଶକ୍ତି ସନ୍ତୁଳନ ବଜାୟ ରଖିବାରେ ସହାୟକ ତୃତୀୟ ବୁଡ଼ାଜାହାଜର ଶୁଭାରମ୍ଭ ଅବସରରେ ପାକିସ୍ତାନର ଉପ-ନୌସେନା ମୁଖ୍ୟ ପ୍ରୋଜେକ୍ଟ-୨ ଭାଇସ୍ ଆଡମିରାଲ ଅବଦୁଲ ସମଦ କହିଛନ୍ତି ଯେ ହାଙ୍ଗର ଶ୍ରେଣୀର ବୁଡ଼ାଜାହାଜର ଅତ୍ୟାଧୁନିକ ଅସ୍ତ୍ରଶସ୍ତ୍ର ଏବଂ ଉନ୍ନତ ସେନ୍ସରଗୁଡ଼ିକ ଆଞ୍ଚଳିକ ଶକ୍ତି ସନ୍ତୁଳନ ବଜାୟ ରଖିବା ଏବଂ ସାମୁଦ୍ରିକ ସ୍ଥିରତା ସୁନିଶ୍ଚିତ କରିବାରେ ସାହାଯ୍ୟ କରିବ, ପାକିସ୍ତାନର ପ୍ରତିରକ୍ଷା ମନ୍ତ୍ରଣାଳୟର ଏକ ବିବୃତ୍ତିକୁ ଉଦ୍ଧୃତ କରି ସମ୍ବାଦପତ୍ର ରିପୋର୍ଟ କରିଛି। ଷ୍ଟକହୋମ ଇଣ୍ଟରନ୍ୟାସନାଲ ପିସ୍ ରିସର୍ଚ୍ଚ ଇନଷ୍ଟିଚ୍ୟୁଟ୍ ର ଏକ ସାମ୍ପ୍ରତିକ ରିପୋର୍ଟ ଅନୁଯାୟୀ, ଚୀନ୍ ପାକିସ୍ତାନର ୮୧ ପ୍ରତିଶତରୁ ଅଧିକ ସାମରିକ ହାର୍ଡୱେୟାର ଯୋଗାଇଛି। ଷ୍ଟକହୋମ ଇଣ୍ଟରନ୍ୟାସନାଲ ପିସ୍ ରିସର୍ଚ୍ଚ ଇନଷ୍ଟିଚ୍ୟୁଟ୍ ଡାଟାବେସ୍ ଅନୁଯାୟୀ, ଗତ ପାଞ୍ଚ ବର୍ଷ ମଧ୍ୟରେ ପାକିସ୍ତାନ ଦ୍ୱାରା ଦିଆଯାଇଥିବା କିଛି ପ୍ରମୁଖ ଅର୍ଡର ମଧ୍ୟରେ ଦେଶର ପ୍ରଥମ ଗୁପ୍ତଚର ଜାହାଜ (ରିଜୱାନ), ୬୦୦ ଅଧିକ ଭିଟି-୪ ଯୁଦ୍ଧ ଟ୍ୟାଙ୍କ ଏବଂ ୩୬ ଜେ-୧୦ସିଇ ଯୁଦ୍ଧ ବିମାନ ଅନ୍ତର୍ଭୁକ୍ତ। ଚୀନ୍ ୨୦୨୨ ମସିହାରେ ପାକିସ୍ତାନ ବାୟୁସେନାକୁ ଜେ-୧୦ସିଇ ଲଢୁଆବିମାନର ପ୍ରଥମ ବ୍ୟାଚ୍ ହସ୍ତାନ୍ତର କରିଥିଲା, ଏହା ସହିତ ଦୁଇ ଦେଶ ମିଳିତ ଭାବରେ ନିର୍ମିତ ଜେଏଫ-୧୭ ଲଢୁଆ ବିମାନ ମଧ୍ୟ ପ୍ରଦାନ କରିଥିଲା। ଭାରତ ସହିତ ସାମ୍ପ୍ରତିକ ବିବାଦରେ ପାକିସ୍ତାନ ଏହି ଲଢୁଆ ବିମାନଗୁଡ଼ିକୁ ବ୍ୟବହାର କରିଥିଲା। ଚୀନ୍ ସାମରିକ ବ୍ୟାପାର ବିଶେଷଜ୍ଞ ଝାଙ୍ଗ ଜୁନଶେ ଗ୍ଲୋବାଲ ଟାଇମ୍ସକୁ କହିଛନ୍ତି ଯେ,ହାଙ୍ଗର ଶ୍ରେଣୀର ବୁଡ଼ାଜାହାଜ ଏହାର ଶକ୍ତିଶାଳୀ ଜଳମଗ୍ନ ଯୁଦ୍ଧ କ୍ଷମତା ବୈଶିଷ୍ଟ୍ୟଯୁକ୍ତ।ଯେଉଁଥିରେ ବ୍ୟାପକ ସେନ୍ସର ସିଷ୍ଟମ, ଉତ୍କୃଷ୍ଟ ଗୁପ୍ତ ବୈଶିଷ୍ଟ୍ୟ, ଉଚ୍ଚ ଗତିବିଧି, ଥରେ ଇନ୍ଧନ ଭର୍ତ୍ତି କରିବା ପରେ ଦୀର୍ଘ ସମୟ ପର୍ଯ୍ୟନ୍ତ ପାଣି ତଳେ ରହିବାର କ୍ଷମତା ଏବଂ ଭୟଙ୍କର ଲକ୍ଷ୍ୟଭେଦ କ୍ଷମତା ରହିଛି।




# ଅଟଳ ବିହାରୀଙ୍କ ସ୍ମୃତି ଉତ୍ସବ ଅନୁଷ୍ଠିତ

ବୌଦ୍ଧ (ଭାସ୍କର ନ୍ୟୁଜ): ଶନିବାର ସନ୍ଧ୍ୟା ୭ ଘଟିକା ସମୟରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଏବଂ ଓଡିଶା ସାହିତ୍ୟ ଏକାଡେମୀ ଆନୁକୂଲ୍ୟରେ ବିଶିଷ୍ଟ କବି, ସାହିତ୍ୟିକ, ଜନନାୟକ ଓ ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ଭାରତରତ୍ନ ଅଟଳ ବିହାରୀ ବାଜପେୟୀ ଙ୍କ ସ୍ମୃତି ଉତ୍ସବ ବୌଦ୍ଧ ଟାଉନ ହଲ ଠାରେ ଅନୁଷ୍ଠିତ ହୋଇଯାଇଛି । ଓଡିଶା ସହିତ୍ୟ ଏକାଡେମୀ ର ସଚିବ ଚନ୍ଦ୍ର ଶେଖର ହୋତାଙ୍କ ଅଧ୍ୟକ୍ଷତାରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ସଭା ଆରମ୍ଭ ରେ ଶ୍ରୀ ହୋତା ସମସ୍ତଙ୍କୁ ସ୍ୱାଗତ କରିଥିଲେ। ପରେ ପରେ ଅତିଥି ମାନଙ୍କୁ ସ୍ୱାଗତ ଏବଂ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ପରେ ସେଣ୍ଟ ଜାଭିଅର ସ୍କୁଲ ର ଛାତ୍ର ଆର୍ଯ୍ୟ ନାରାୟଣ ଦେବ ଅଟଳ ବିହାରୀ ବାଜପେୟୀଙ୍କ ସ୍ମୃତି ଚକ୍ଷରଣ କରିଥିଲେ। ଉଦଘାଟକ ଭାବରେ ଓଡିଆ ଭାଷା ସାହିତ୍ୟ ଓ ସଂସ୍କୃତି, ଉଚ୍ଚ ଶିକ୍ଷା, କ୍ରୀଡା ଓ ଯୁବ ବ୍ୟାପାର ବିଭାଗ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ଯୋଗ ଦେଇଥିଲେ । ମୁଖ୍ୟ ଅତିଥି ଭାବରେ ବୌଦ୍ଧ ବିଧାୟକ, ବୌଦ୍ଧ ତଥା ସରକାରୀ ଦଳ ର ମୁଖ୍ୟ ସଚେତକ ସରୋଜ କୁମାର ପ୍ରଧାନ, ବରେଣ୍ୟ ଅତିଥି ଭାବରେ କନ୍ଧମାଳ ସାଂସଦ ସୁକାନ୍ତ କୁମାର ପାଣିଗ୍ରାହୀ, କନ୍ଧମାଳ ବିଧାୟକ ଙ୍କ ପ୍ରତିନିଧି ବିପ୍ର ଚରଣ ମହାନ୍ତି ମଞ୍ଚାସୀନ ଥିଲେ । କାର୍ଯ୍ୟକ୍ରମ ଶେଷରେ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ ପ୍ରଭାସ ଚନ୍ଦ୍ର ଦଣ୍ଡସନା ସମସ୍ତ ଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମ କୁ ମେଣ୍ଡିମାଲ ଉଚ୍ଚ ବିଦ୍ୟାଳୟ ର ସଂସ୍କୃତ ଶିକ୍ଷକ ପ୍ରମୋଦ କୁମାର ପ୍ରଧାନ ପରିଚାଳନା କରିଥିଲେ । ପୂର୍ବତନ ପ୍ରଧାନମନ୍ତ୍ରୀ ଭାରତ ରତ୍ନ ଅଟଳ ବିହାରୀ ବାଜପେୟୀଙ୍କ ଆତ୍ମ ଜୀବନୀ, ସାହିତ୍ୟ, ଦେଶପ୍ରେମ ଓ ଜୀବନାଦର୍ଶ ସମ୍ପର୍କରେ ଅତିଥିଗଣ ଆଲୋଚନା କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଜିଲ୍ଲାର ବହୁ ସଂଖ୍ୟାରେ ଜନସାଧାରଣ, ବୁଦ୍ଧିଜୀବୀ, ସାହିତ୍ୟିକ, କବି, ଗାଳ୍ପିକ, ଐତିହାସିକ, ଗଣମାଧ୍ୟମ ପ୍ରତିନିଧି, ତପସ୍ୱିନୀ ପରିବାର, ବୌଦ୍ଧ ଜିଲ୍ଲା କ୍ରୀଡା ସଂଘ ର ସଭ୍ୟ, ସଭ୍ୟା ତଥା ଅନ୍ୟାନ୍ୟ ସଂଗଠନ ର ସଦସ୍ୟ, ବିଭିନ୍ନ ଶିକ୍ଷାନୁଷ୍ଠାନର ଶିକ୍ଷକ, ଶିକ୍ଷୟତ୍ରୀ, ମହାବିଦ୍ୟାଳୟର ଅଧ୍ୟକ୍ଷ, ଅଧ୍ୟକ୍ଷା, ଅବସରପ୍ରାପ୍ତ ଅଧିକାରୀ,ଜିଲ୍ଲା ସ୍ତରୀୟ ଅଧିକାରୀ, କର୍ମଚାରୀ, ବୌଦ୍ଧ ଗଡ଼ ଏନ. ଏ. ସି.ର ନିର୍ବାହୀ ଅଧିକାରୀ ଙ୍କ ସହ କାର୍ଯ୍ୟାଳୟ ର କର୍ମଚାରୀ,ସ୍ୱଚ୍ଛ ସାଥି, ଜଳ ସାଥି,ଉପସ୍ଥିତ ରହି ବାଜପେୟୀ ଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ ।

## ସେପ୍ଟେମ୍ବର ୨୮ରୁ କଟକରେ ଦୁର୍ଗା ପୂଜା

କଟକ (ଭାସ୍କର ନ୍ୟୁଜ): : ଆସନ୍ତା ସେପ୍ଟେମ୍ବର ୨୮ରୁ କଟକରେ ଆରମ୍ଭ ହେବ ଶାରଦୀୟ ଦୁର୍ଗା ପୂଜା। ଅକ୍ଟୋବର ୩ରେ ଅନୁଷ୍ଠିତ ହେବ ମା'ଙ୍କ ଭସାଣୀ ଉତ୍ସବ। କଟକ ମହାନଗର ପୂର୍ବାଞ୍ଚଳ ଶାନ୍ତି କମିଟି ବୈଠକରେ ଏହି ନିଷ୍ପତ୍ତି ହୋଇଛି । ଦୁର୍ଗାପୂଜା ନେଇ ରବିବାର ଦିନ କଟକ ମହାନଗର ପୂର୍ବାଞ୍ଚଳ ଶାନ୍ତି କମିଟିର ବୈଠକ ବସିଥିଲା । ଯେଉଁଥିରେ ବିଭିନ୍ନ ଦୁର୍ଗା ପୂଜା କମିଟିର ସଦସ୍ୟମାନେ ଉପସ୍ଥିତ ରହିଥିଲେ । ରାସ୍ତା ଘାଟ ମରାମତି, ବିଦ୍ୟୁତ ସେବା, ପାନୀୟ ଜଳ ଯୋଗାଣକୁ ସହ ବିଭିନ୍ନ ପ୍ରସଙ୍ଗ ନେଇ ଆଲୋଚନା ହୋଇଛି । ତେବେ ବୈଠକରେ ସର୍ବସମ୍ମତି କ୍ରମେ ସେପ୍ଟେମ୍ବର ୨୮ ତାରିଖରେ କଟକର ପ୍ରସିଦ୍ଧ ଦୁର୍ଗା ପୂଜା ହେବାକୁ ଦିନ ଧାର୍ଯ୍ୟ କରାଯାଇଛି । ସେହିପରି ଦୁର୍ଗା ପୂଜା ଯାତ୍ରା ସମୟରେ ଟ୍ରାଫିକ ବ୍ୟବସ୍ଥା କିପରି ସୁଦୃଢ଼ କରାଯିବ । କିପରି ଏହି ଯାତ୍ରା ସମୟରେ ଲୋକଙ୍କ ଜୀବନଯାପନ ସହଜ ହେବ । ଏନେଇ ଶାନ୍ତି କମିଟି ବିଭିନ୍ନ ରାଜନୈତିକ ଦଳ, ପୋଲିସ ପ୍ରଶାସନ, ମେୟରଙ୍କ ସହିତ ଆଲୋଚନା କରିଛନ୍ତି ।

GOVERNMENT OF ODISHA
e-Procurement Notice, Angul Municipality office, Angul
Bid Identification No.- EO/AGLM-08/ 2025-26
**Bid Identification No. 2025_ORULB_116952**
e-mail ID- angulmunicipality@gmail.com
No. 3085 Date 16.08.2025
C-894

1. Number of Works : 11 (Eleven) numbers of civil works
2. Approximate estimated cost : Rs.**3.24 to 16.56 lakhs** (excluding GST)
3. Period of completion : 02 & 03 calendar months
4. Date & Time of availability of bid document In the portal : **Dt. 19.08.2025 at 10.00 A.M.**
5. Last date / Time for receipt of bid in the portal : **Dt. 30.08.2025 up to 5.00 P.M.**
6. Date of opening Bid : **Dt. 01.09.2025 at 11.00 A.M.**
7. Name and address of the Office Inviting Bid : **Executive Officer, Angul Municipality, Angul**
8. The bidders have to participate in **ONLINE** bidding only. Further details can be seen from the e-procurement portal https:/tendersodisha.gov.in

Sd/-S.P. Tripathy
Executive Officer
Angul Municipality

**OIPR 13085/11/0048/2526**

# ୧୦୫ କେଜି ଗଞ୍ଜେଇ ଜବତ, ୩ ଗିରଫ



ବାଲିମେଳା (ଭାସ୍କର ନ୍ୟୁଜ): ମାଲକାନଗିରି ଜିଲ୍ଲା ଓରକେଲ ପୋଲିସ ୧୦୫ କିଲୋ ଗଞ୍ଜେଇ ସମେତ ୩ ଜଣଙ୍କୁ ଗିରଫ କରି ଆଜି କୋର୍ଟ ଚାଲାଣ କରିଥିବା ସୂଚନା ମିଳିଛି । ମିଳିଥିବା ସୂଚନାନୁଯାୟୀ ନୀଳାଦ୍ରିନଗର ଗ୍ରାମକୁ ଲାଗି ରହିଥିବା ସୁବର୍ଣ୍ଣପୁର ଗ୍ରାମ ଶେଷରେ ଥିବା ଏକ ଜଙ୍ଗଲରେ ଚାଲାଣ ନିମନ୍ତେ ବିପୁଳ ପରିମାଣର ଗଞ୍ଜେଇ ରଖାଯାଇଥିବା ଶନିବାର ଦିନ ଓରକେଲ ଥାନାଧିକାରୀ ଧୀରେନ ପଟ୍ଟନାୟକ ବିଶେଷ ସୂତ୍ରରୁ ଖବର ପାଇଥିଲେ। ଏହାପରେ ଏକ ଟିମ ଏସଆଇ ମିଳନ ବରିହାଙ୍କ ନେତୃତ୍ୱରେ ଉକ୍ତ ସ୍ଥାନକୁ ଶନିବାର ଅପରାହ୍ନ ସମୟରେ ଚଢ଼ାଉ ନିମନ୍ତେ ପଠାଇଥିଲେ। ପୋଲିସର ଚଢ଼ାଉ ସମୟରେ ସେଠାରେ ଥିବା ୨ ଚାଲାଣକାରୀ ପୋଲିସ କୁ ଦେଖି ଛତ୍ରଭଙ୍ଗ ଦେବାକୁ ଚେଷ୍ଟା କରିବା ସମୟରେ ପୋଲିସ ୨ ଚାଲାଣ କାରୀଙ୍କୁ ଗିରଫ କରିବାରେ ସକ୍ଷମ ହୋଇଥିଲେ। ଏହାପରେ ସେଠାରୁ ୧୦୫ କିଲୋ ଗଞ୍ଜେଇ ଜବତ ସହ ଉକ୍ତ ୨ ଚାଲାଣକାରୀ ଙ୍କୁ ପୋଲିସ କେଉଁଠାରୁ ଗଞ୍ଜେଇ ଆଣିଥିବା ନେଇ ପଚରାଉଚରା କରିବାରୁ ସେମାନେ ଚିତ୍ରକୋଣ୍ଡା ବ୍ଲକ ଏରାଗପୁ ଅଞ୍ଚଳରୁ ଜଣେ ବ୍ୟକ୍ତିଙ୍କ ଠାରୁ ଗଞ୍ଜେଇ ଆଣିଥିବା ପୋଲିସ ସମ୍ମୁଖରେ ସ୍ୱୀକାର କରିଥିଲେ। ପରେ ଏହି ୨ ଚାଲାଣକାରୀଙ୍କ ସମେତ ଚିତ୍ରକୋଣ୍ଡା ଅଞ୍ଚଳରୁ ଅନ୍ୟ ଜଣେ ଚାଲାଣକାରୀଙ୍କୁ ପୋଲିସ ଗିରଫ କରିବାରେ ସକ୍ଷମ ହୋଇଥିଲା। ଗିରଫ ହୋଇଥିବା ୩ ଚାଲାଣକାରୀ ହେଲେ କାଳିଆ ବେହୁରିଆ(୩୦) ଘର ବାଣ୍ଡିଗୁଡା, ଯାଦବ ବେହେରା (୨୫) ଘର ବାଲିମେଳା ସ୍ଥିତ ଓଡିଆ ସାହି ଏବଂ ବିଭୀଷଣ କିରସାନି (୩୦) ଘର ଚିତ୍ରକୋଣ୍ଡା ଅଞ୍ଚଳର ଏରାଗପୁ ବୋଲି ପୋଲିସ ସୂଚନା ଦେଇଛି। ସେମାନେ ଏହି ଗଞ୍ଜେଇ କୁ ଛତିଶଗଡ଼ ରାଜ୍ୟର ରାୟପୁର ସହରକୁ ଚାଲାଣ କରିବା ନିମନ୍ତେ ରଖିଥିବା ତଦନ୍ତକାରୀ ଅଧିକାରୀ ଏସଆଇ ମନୋରଞ୍ଜନ ସାହୁ କହିଛନ୍ତି। ଆଜି ୩ ଚାଲାଣକାରୀ ଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିବା ଥାନାଧିକାରୀ ଶ୍ରୀ ପଟ୍ଟନାୟକ ସୂଚନା ଦେଇଛନ୍ତି।

## କମିବ ସଡ଼କ ଦୁର୍ଘଟଣା

# ରାଜ୍ୟରେ ଆରମ୍ଭ ହେବ ଟ୍ରାଫିକ୍ ୱାର୍ଡେନ ବ୍ୟବସ୍ଥା

ଭୁବନେଶ୍ୱର (ଭାସ୍କର ନ୍ୟୁଜ): ଜିଲ୍ଲାସ୍ତରରେ ସଡକ ସୁରକ୍ଷାକୁ ଅଧିକ ସୁଦୃଢ଼ କରିବ ପୋଲିସ । ରାଜ୍ୟରେ ଆରମ୍ଭ ହେବ ଟ୍ରାଫିକ ୱାର୍ଡେନ ବ୍ୟବସ୍ଥା। ପ୍ରାଥମିକ ଭାବେ ୫ଟି ଜିଲ୍ଲାରେ ୫୦୦ ଟ୍ରାଫିକ ୱାର୍ଡେନ ନିଯୁକ୍ତ ହେବେ । ଏହାପରେ ବାକି ଜିଲ୍ଲାଗୁଡିକରେ ନିଯୁକ୍ତି ହେବେ । ପୋଲିସ ଡିଜି ୱାଇ.ବି. ଖୁରାନିଆଙ୍କ ଅଧ୍ୟକ୍ଷତାରେ ବସିଥିବା ବୈଠକରେ ଏହି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଛି । ପ୍ରଥମ ପର୍ଯ୍ୟାୟରେ ଯେଉଁ ୫ ଜିଲ୍ଲାରେ ଟ୍ରାଫିକ୍ ୱାର୍ଡେନ ନିଯୁକ୍ତ ହେବେ, ସେହି ଜିଲ୍ଲା ଗୁଡିକ ହେଲା ଖୋର୍ଦ୍ଧା, ଗଞ୍ଜାମ, କେନ୍ଦୁଝର, ମୟୂରଭଞ୍ଜ ଓ ସୁନ୍ଦରଗଡ଼। ଏହି ନିଯୁକ୍ତି ଦାୟିତ୍ୱ ଜିଲ୍ଲାର ଏସପି ମାନଙ୍କୁ ଦିଆଯିବ । ସେମାନଙ୍କୁ ଟ୍ରାଫିକ ସମ୍ପର୍କରେ ତାଲିମ ପ୍ରଦାନ କରାଯାଇ କାର୍ଯ୍ୟକ୍ଷେତ୍ରରେ ନିଯୁକ୍ତି ଦିଆଯିବ। ଜାତୀୟ ରାଜପଥ ପାଟ୍ରୋଲିଂ, ସିସିଟିଭି ନିରୀକ୍ଷଣ, ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରିବେ ପୋଲିସ ଅଧିକାରୀ । ରାଜ୍ୟରେ ଦିନକୁ ଦିନ ଦୁର୍ଘଟଣା ବଢ଼ିଚାଲିଛି ଦୁର୍ଘଟଣାର ହାର ରୋକିବା ପାଇଁ ପୋଲିସ ଡିଜି ୱାଇ.ବି. ଖୁରାନିଆଙ୍କ ଅଧ୍ୟକ୍ଷତାରେ ବସିଥିବା ବୈଠକରେ ଏହି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଛି ।

## ସୃଷ୍ଟି ହେଲା ଲଘୁଚାପ କ୍ଷେତ୍ର

# ୨୦ ଯାଏ ବର୍ଷିବ

ଭୁବନେଶ୍ୱର (ଭାସ୍କର ନ୍ୟୁଜ): ପଶ୍ଚିମ କେନ୍ଦ୍ରୀୟ ବଙ୍ଗୋପସାଗରରେ ଲଘୁଚାପ । ସକ୍ରିୟ ଘୂର୍ଣ୍ଣିବଳୟ ପ୍ରଭାବରେ ଲଘୁଚାପ ସୃଷ୍ଟି ହୋଇଛି । ଆଗାମୀ ୨୪ ଘଣ୍ଟା ମଧ୍ୟରେ ଆହୁରି ଘନୀଭୂତ ହୋଇ ଅବପାତର ରୂପ ନେବ । ୧୯ ତାରିଖ ସୁଦ୍ଧା ଦକ୍ଷିଣ ଓଡ଼ିଶା ଓ ଉତ୍ତର ଆନ୍ଧ୍ର ଉପକୂଳ ଅତିକ୍ରମ କରିବ । ପ୍ରଭାବରେ ୨୦ ତାରିଖ ଯାଏ ରାଜ୍ୟରେ ପ୍ରବଳ ବର୍ଷା ସମ୍ଭାବନା ରହିଛି । ୧୮ ଓ ୧୯ ତାରିଖରେ ପ୍ରବଳରୁ ଅତି ପ୍ରବଳ ବର୍ଷା ନେଇ ପୂର୍ବାନୁମାନ କରିଛି ପାଣିପାଗ ବିଭାଗ । ଆଜି ବର୍ଷା, ପବନ ନେଇ ୨୨ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି ହୋଇଛି । ସେହିପରି ଆସନ୍ତାକାଲି ରାଜ୍ୟରେ ଭୀଷଣ ବର୍ଷା ହେବ । ମାଲକାନଗିରି ଓ କୋରାପୁଟକୁ ଅରେଞ୍ଜ ଆଲର୍ଟ ଜାରି ହୋଇଛି ।

Tel.Ph.No: 06815-222542
E-mail I.D: eerbparala@yahoo.com
GOVERNMENT OF ODISHA
OFFICE OF THE SUPERINTENDING ENGINEER,
PARALAKHEMUNDI(R&B) DIVISION, PARALAKHEMUNDI.
B-395
**e-Procurement Notice**
Bid Identification No. S.E., PKD. R&B DIVN.–**06 /2025-26**
No. 3614 Date. 12.08.2025
**INVITATION FOR BIDS**

| | | | |
|---|---|---|---|
| 1. | The Superintending Engineer, Paralakhemundi (R&B) Division on behalf of Governor of Odisha Invites Percentage rate bid in **Single/Double** cover system to be received in on **ONLINE MODE** only for the construction of works as detailed in the table below: | | |
| 2. | Nature of works | : | Roads & Building Works |
| 3. | No. of works | : | 06 [Six] nos. of works |
| 4. | Estimated cost (Approximately) | : | Rs.15.01 Lakhs to Rs.61.57 Lakhs |
| 5. | Bid cost | : | Rs. 6,000/- to Rs.10,000/- |
| 6. | Class of contractor | : | "B" Class // "C" Class // "D" Class |
| 7. | Availability of Bid Documents in the website | : | 10.00 Hrs of Dt. **21.08.2025** To 17.00 Hrs. of Dt.**09.09.2025** |
| 8. | Date of opening of the Bid | : | 12.00 Hrs. of Dt.**10.09.2025** |
| 9. | The Bidders have to participate in **ONLINE** bidding only. Further details can be seen from the website **http://tendersorissa.gov.in** Any Addendum /Corrigendum/Cancellation of tender can also be seen in the said website. The authority reserves the right to reject any or all bids without assigning any reason thereof. | | |

Sd/- Superintending Engineer
Paralakhemundi(R&B) Division

**OIPR 34186/11/0006/2526**

i-278
**GOVERNMENT OF ODISHA**
**PANCHAYATIRAJ & D.W. DEPARTMENT**
**OFFICE OF THE PANCHAYAT SAMITI, NAUGAON, JAGATSINGHPUR**
**'e' mail ID : ori-naugaon@nic.in**
**'e' Procurement Notice No.BDO/NPS-01 of 2025-26**

| | | |
|---|---|---|
| 1 | Number of the work | 04 (four) Nos. |
| 2 | Tender Amount (Approx.) | Rs.15.31 Lakh to 27.05 Lakh |
| 3 | EMD (online) | Rs.15,400.00 to Rs.27,100.00 |
| 4 | Tender Paper Cost (online) (Non-Refundable) | Rs.6,000.00 |
| 5 | Class of Contractor | "D" & "C" and "C"&"B" Class Contractor |
| 6 | Period of Completion | 06 (Six) Calendar Months |

| Procurement Officer | Bid Identification No. | Availability of Tender From | Availability of Tender To | Last date & time for seeking tender clarification | Date & Time of opening of BID | Place of opening of Bid |
|---|---|---|---|---|---|---|
| **BLOCK DEVELOPMENT OFFICER, NAUGAON** | BDO/NPS-01 / 2025-26 | **19.08.2025** at 10.00 Hours | **02.09.2025** at 17.30 Hours | **29.08.2025** upto 1.00 P.M during office hours on working days | **03.09.2025** upto 11.00 AM during office hours | O/o the Panchayat Samiti, Naugaon |

Further details can be seen from the Govt. web site "**https://tendersodisha.gov.in**
All corrigendum / cancellation of tender if any, will only be uploaded in the above web site

Sd/-
**BLOCK DEVELOPMENT OFFICER, NAUGAON**

**OIPR 19447/11/0001/2526**

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ସମ୍ବିଧାନକୁ...

ନିର୍ବାଚନ କମିଶନର ଆହୁରି କହିଥିଲେ ଯେ ଏହା ଗମ୍ଭୀର ଚିନ୍ତାର ବିଷୟ ଯେ କିଛି ଦଳ ଓ ସେମାନଙ୍କ ନେତାମାନେ ବିହାରରେ ଏସଆଇଆର ସଂପର୍କରେ ଭୁଲ ତଥ୍ୟ ପ୍ରଦାନ କରୁଛନ୍ତି। ବିହାର ଏସଆଇଆରରେ ସଂଶୋଧନ ପାଇଁ ଆହୁରି ୧୫ ଦିନ ବାକି ଅଛି। ଭୂମିଗତ ବାସ୍ତବତାକୁ ଅଣଦେଖା କରି ଭ୍ରମ ପ୍ରସାର କରିବାକୁ ଚେଷ୍ଟା କରାଯାଉଛି। ନିର୍ବାଚନ କମିଶନଙ୍କ ଦ୍ୱାର ସମସ୍ତଙ୍କ ପାଇଁ ସମାନ ଭାବେ ଖୋଲା ରହିଛି। ବୁଥସ୍ତରୀୟ ଅଧିକାରୀ ଏବଂ ଏଜେଣ୍ଟମାନେ ମଧ୍ୟ ସ୍ୱଚ୍ଛଭାବରେ କାମ କରୁଥିବାର ମୁଖ୍ୟ ନିର୍ବାଚନ କମିଶନର କହିଛନ୍ତି।

### ଏସ୍‌ଆଇଆର...

ଜଣାପଡୁଛି। ଯେଉଁଠି ବି ଭୋଟ ଚୋରି ହେଉଛି,ଆମେ ଚୋରି ଧରି ଜନତାଙ୍କ ସାମ୍ନାକୁ ଆଣିବୁ ବୋଲି ରାହୁଲ କହିଛନ୍ତି। ସେ କହିଛନ୍ତି, ମୁଁ ଜାଣିଛି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ପ୍ରକୃତ ଜାତି ଗଣନା କରିବେ ନାହିଁ । କିନ୍ତୁ ଇଣ୍ଡିଆ ବ୍ଲକ ଦେଶରେ ପ୍ରକୃତ ଜାତି ଗଣନାକୁ ସୁନିଶ୍ଚିତ କରିବ। ଆମେ ଭୋଟ ଚୋରି ବନ୍ଦ କରିବୁ ଏବଂ ଏସଆଇଆରର ସତ୍ୟ ସାମ୍ନାକୁ ଆଣିବୁ। ପ୍ରଧାନମନ୍ତ୍ରୀ ମୋଦୀ ଏବଂ ଏନଡିଏ ବ୍ଲକ ଆରବପତିଙ୍କ ସହ ମିଶି ସରକାର ଚଳାଉଛି। ତୁମେ ଭୋଟ ଦିଅ, ତାକୁ ଚୋରି ତୁମ ଧନକୁ ୫-୬ଜଣ ଅରବପତିଙ୍କୁ ଦିଆଯାଉଛି। ମହାରାଷ୍ଟ୍ରରେ ନିର୍ବାଚନ କମିଶନ ୧ କୋଟି ନୂଆ ଭୋଟର ଜନ୍ମ ଦେଇଥିବାର ସେ ଅଭିଯୋଗ କରିଥିଲେ। ସେହିପରି ଆରଜେଡି ନେତା ତେଜସ୍ୱୀ ଯାଦବ କହିଛନ୍ତି ଯେ ମୋଦୀଙ୍କ ଇସାରାରେ ନିର୍ବାଚନ କମିଶନ ବେଇମାନ କରୁଛନ୍ତି। ଭାଜପା ଲୋକେ ଯେଉଁକାମ ନିଜେ କରୁନାହାନ୍ତି, ତାହା ନିର୍ବାଚନ କମିଶନଙ୍କ ଦ୍ୱାରା କରାଉଛନ୍ତି। ଜୀବିତ ଲୋକଙ୍କ ନାମ କାଟି ଦିଆଯାଇ ମୃତ ଦର୍ଶାଯାଉଛି। ଭୋଟ ଚୋରି ହେଉନାହିଁ, ଏଠି ଡକାୟତି ଚାଲିଛି। ଇସି ଯେଉଁମାନଙ୍କୁ ମୃତ ଘୋଷଣା କରିଥିଲେ, ରାହୁଲ ଗାନ୍ଧୀ ସେମାନଙ୍କୁ ଘରକୁ ଡାକି ସେମାନଙ୍କ ସହ ଚା ପିଇଥିଲେ। ବିହାର ହେଉଛି ଲୋକତନ୍ତ୍ରର ଜନନୀ ବୋଲି ଉଲ୍ଲେଖ କରି ସେ କହିଥିଲେ ଯେ ବିଜେପିକୁ ଆଉ କ୍ଷମତାକୁ ଆସିବାକୁ ଦିଅନାହିଁ ।

### ବୁଡ଼ିଗଲେ ନା...

ଆକ୍ରମଣ କରିଥିଲେ। ଫଳରେ ମଇଁଷିମାନେ ଭୟଭୀତ ହୋଇ ନାଳ ଭିତରେ ପଶିଯାଇଥିଲେ। ଏହାର ସୁଯୋଗ ନେଇ କେତେକ ମଇଁଷିଙ୍କୁ କୁମ୍ଭୀରମାନେ ଟାଣି ନେଇଥିଲେ। ଏ ନେଇ ଗ୍ରାମବାସୀ ଜାଣିବା ପରେ ଅଗ୍ନିଶମବାହିନୀଙ୍କୁ ଖବର ଦେଇଥିଲେ। ଅଗ୍ନିଶମବାହିନୀ ଘଟଣାସ୍ଥଳରେ ପହଞ୍ଚି ସମସ୍ତ ମୃତ ମଇଁଷିଙ୍କୁ ଉଦ୍ଧାର କରିବା ସହ ନିଖୋଜ ମଇଁଷିଙ୍କୁ ଖୋଜିବା ଆରମ୍ଭ କରିଛି। ମିଳିଥିବା ସୂଚନା ଅନୁଯାୟୀ ସବୁଦିନ ଭଳି ଏକମାଣିଆ ଗାଁର ଗଣେଶ ଦାସଙ୍କର ୩୦ଟି, ଜଗନ୍ନାଥ ଦାସଙ୍କର ୩୦ଟି ଏବଂ ପରମାଣୁ ଦାସଙ୍କର ୧୨ଟି ମଇଁଷି ଚରିବାକୁ ଯାଇଥିଲେ। ଏହାସହ ଅନ୍ୟମାନଙ୍କର ମଇଁଷି ମଧ୍ୟ ସାମିଲ ରହିଥିଲେ। ମଇଁଷିମାନେ ନଦୀ ସଂଲଗ୍ନ ନାଳ ପାଖରେ ଚରୁଥିବାବେଳେ ହଠାତ୍ ନଦୀରୁ କୁମ୍ଭୀରପଲ ଆସି ସେମାନଙ୍କୁ ଆକ୍ରମଣ କରିଥିଲେ। ମଇଁଷିମାନେ ଭୟଭୀତ ହୋଇ ଦକ୍ଷିଣଡିହା ଗାଁ ଦେଇ ଯାଇଥିବା ନାଳ ଭିତରକୁ ପଶିଯାଇଥିଲେ। ତେବେ ଘଟଣାର ସତ୍ୟାସତ୍ୟ ଜାଣିବା ପାଇଁ ଉଦ୍ୟମ ଆରମ୍ଭ ହୋଇଛି।

# ରଥ ସେବକ ସମ୍ମାନ ପ୍ରଦାନ



ପୁରୀ (ଭାସ୍କର ନ୍ୟୁଜ) : ଗତକାଲି ସଂଧ୍ୟାରେ ଟାଉନ ହଲ ପରିସରରେ ଶ୍ରୀ ଶ୍ରୀକ୍ଷେତ୍ର ସୂଚନା ପକ୍ଷରୁ ୨୦୨୫ ରଥଯାତ୍ରା ରେ ସେବା ପ୍ରଦାନ କରିଥିବା ବ୍ୟକ୍ତି ବିଶେଷ ଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।ମୁଖ୍ୟ ଅତିଥି ଭାବେ ପୁରୀ ଲୋକସଭା ସାଂସଦ ଡା ସମ୍ବିତ ପାତ୍ର ରଥଯାତ୍ରା ରେ ସମସ୍ତ କାର୍ଯ୍ୟ ଗୁରୁତ୍ୱ ପୂର୍ଣ୍ଣ ଓ ମହାପ୍ରଭୁ ଙ୍କୁ ସମର୍ପିତ।ତେଣୁ ସେହି ସେବାରେ ନିୟୋଜିତ ବ୍ୟକ୍ତି ଙ୍କୁ ଶ୍ରୀକ୍ଷେତ୍ର ସୂଚନା ଅନୁଷ୍ଠାନ ସମ୍ବର୍ଦ୍ଧିତ କରିବା ଏକ ସୁସ୍ଥ ଓ ମହନୀୟ ବ୍ୟବସ୍ଥା।ଏହା ଦ୍ୱାରା ସେମାନେ ଉତ୍ସାହିତ ହେବା ସହ ଆଗାମୀ ପିଢ଼ି କୁ ଏକ ସୁନ୍ଦର ବାର୍ତ୍ତା ଯାଇପାରିବ ବୋଲି କହିବା ସହ ଅନୁଷ୍ଠାନ ର ସମସ୍ତ କର୍ମକର୍ତ୍ତା ଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।ପୂର୍ତ୍ତ ବିଭାଗର ଅତିରିକ୍ତ ସଚିବ ପ୍ରଦୀପ କୁମାର ସାହୁ ଓ ବିଏମସି ର ଅତିରିକ୍ତ କମିଶନର ବିନୟ କୁମାର ଦାଶ ଙ୍କୁ ମୁଖ୍ୟ ଅତିଥି ଓ ଅନ୍ୟାନ୍ୟ ଅତିଥି ମାନେ ସମ୍ବର୍ଦ୍ଧିତ କରିଥିଲେ।ଶ୍ରୀ ସାହୁ ଓ ଶ୍ରୀ ଦାଶଙ୍କ ର ପୂର୍ବ ଅଭିଜ୍ଞତା ଆଧାର ରେ ସରକାର ଗତ ରଥଯାତ୍ରା ପାଇଁ ତାଙ୍କୁ ଦାୟିତ୍ୱ ଦେଇଥିଲେ। ଯାହାକୁ ସେମାନେ ସୁଚାରୁ ରୁପେ ନିର୍ବାହ କରିଥିଲେ।ଅନ୍ୟ ମାନଙ୍କ ମଧ୍ୟରେ ରାଜ୍ୟସଭା ସାଂସଦ ଶୁଭାଶିଷ ଖୁଣ୍ଟିଆ,ପୂର୍ବତନ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ, ଅନୁଷ୍ଠାନର ସଭାପତି ହରେକୃଷ୍ଣ ଶତପଥୀ, ସମ୍ପାଦକ ରାଜେଶ କୁମାର ମହାନ୍ତି, ବଦ୍ରି ମିଶ୍ର ଓ ଅନ୍ୟାନ୍ୟ ସଦସ୍ୟ ପ୍ରମୁଖ ଉପସ୍ଥିତ ଥିଲେ।

# ଚାଷୀ ପଞ୍ଜୀକରଣ ପାଇଁ ଦରକାର ନାହିଁ ବଂଶାନୁକ୍ରମିକ ପ୍ରମାଣପତ୍ର

ଭୁବନେଶ୍ୱର (ଭାସ୍କର ନ୍ୟୁଜ୍): ଏଣିକି ନିଜସ୍ୱ ଘୋଷଣାନାମାରେ କରିହେବ ଚାଷୀ ପଞ୍ଜୀକରଣ । ଆଉ ଦରକାର ନାହିଁ ବଂଶାନୁକ୍ରମିକ ପ୍ରମାଣପତ୍ର। ରାଜ୍ୟ ଯୋଗାଣ ବିଭାଗ ପକ୍ଷରୁ ଏ ସମ୍ପର୍କରେ ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇଛି । ସବୁ ଜିଲ୍ଲାପାଳଙ୍କୁ ଚିଠି ଲେଖିଛନ୍ତି ସରକାରଙ୍କ ଅତିରିକ୍ତ ସଚିବ। ଚଳିତ ଖରିଫ୍ ଋତୁ ପାଇଁ ଏହାକୁ କାର୍ଯ୍ୟକାରୀ କରାଯିବ । ପୂର୍ବରୁ ଖରିଫ ଋତୁ ଧାନ ସଂଗ୍ରହ ଏବଂ ଚାଷୀ ପଞ୍ଜୀକରଣ ଅବଧି ବୃଦ୍ଧି ଘୋଷଣା କରିଥିଲେ ମୁଖ୍ୟମନ୍ତ୍ରୀ । ସେ କହିଥିଲେ, ଗୋଟେ ବି ଚାଷୀ ପଞ୍ଜୀକରଣରୁ ବଞ୍ଚିତ ହେବେନି । ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ କ୍ରମେ ଖରିଫ ଋତୁ ଧାନ ସଂଗ୍ରହ ନିମନ୍ତେ ଜାରି ପ୍ରକ୍ରିୟାର ଅବଧିକୁ ବୃଦ୍ଧି କରାଯାଇଛି । ଏହି ପଞ୍ଜୀକରଣ ପ୍ରକ୍ରିୟା ଗତ ଜୁଲାଇ ୧୯ ତାରିଖରୁ ଆରମ୍ଭ ହୋଇଥିବା ବେଳେ ଏହା ଚଳିତ ମାସ ୨୦ ତାରିଖ ପର୍ଯ୍ୟନ୍ତ ଧାର୍ଯ୍ୟ କରାଯାଇଥିଲା । ମାତ୍ର ଚାଷୀମାନଙ୍କ ସ୍ୱାର୍ଥ ଓ ଅନୁରୋଧ କ୍ରମେ ଏହି ଅବଧିକୁ ବୃଦ୍ଧି କରିଛନ୍ତି ସରକାର । ଏପର୍ଯ୍ୟନ୍ତ ୧୦ ଲକ୍ଷ ୯୩ ହଜାର ୨୨୦ ଜଣ ଚାଷୀ ପଞ୍ଜୀକରଣ କରିଥିବା ବେଳେ ଆଗକୁ ଏହା ଆହୁରି ବୃଦ୍ଧି ହେବ । ଏଥିସହ ପଞ୍ଜୀକରଣ ପ୍ରକ୍ରିୟାକୁ ସରଳୀକରଣ କରାଯାଇଥିବା ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଥିଲେ ।

**PUBLIC NOTICE**
NOTICE is hereby given that the below mentioned Authorised Person is no longer affiliated as Authorised Person of Kotak Securities Limited.

| Authorised Person Name | Trade Name | Exchange Registration Numbers of Authorised Person | Address of Authorised Person |
|---|---|---|---|
| SARADA PRASANNA SAHOO | SARADA PRASANNA SAHOO | NSE - AP0291566021<br>MCX - 170511 | 3 BHK FLAT E 107 GATIKRUSHNA GREEN ALARPUR RANGA BAZAR ALARPUR BHUBANESWAR 752100 |

Please note that above mention Authorised Person (AP) is no longer associated with us. Any person henceforth dealing with above mention AP should do so, at their own risk. Kotak Securities Ltd. shall not be liable for any such dealing. In case of any queries for the transactions till date, Investors are requested to inform Kotak Securities Ltd. within 15 days from the date of this notification, failing which it shall be deemed that there exists no queries against the above mentioned AP.
kotak Kotak Securities Kotak Securities Limited. Registered Office: 27 BKC, C 27, G Block, Bandra Kurla Complex, Bandra (E), Mumbai 400051. CIN: U99999MH1994PLC134051, Telephone No.: +22 43360000, Fax No.: +22 67132430. Website: www.kotak.com / www.kotaksecurities.com. Correspondence Address: Infinity IT Park, Bldg. No 21, Opp. Film City Road, A K Vaidya Marg, Malad (East), Mumbai 400097. Telephone No: 42856825. SEBI Registration No: INZ000200137 (Member of NSE, BSE, MSE, MCX & NCDEX), AMFI ARN 0164, PMS INP000000258, and Research Analyst INH000000586. NSDL/CDSL: IN-IN-DP-629-2021. Compliance Officer Details: Mr. Hiren Thakkar Call: 022-4285 8484, or Email: ks.compliance@kotak.com.

**UNIMONI FINANCIAL SERVICES LIMITED**
**RO: N.G. 12 & 13 Ground Floor, North Block, Manipal Centre, Dickenson Road, Bangalore - 560 042. CIN No. U85110KA1995PLC018175**
**PUBLIC NOTICE**
ଜନସାଧାରଣଙ୍କୁ ଜଣାଇ ଦିଆଯାଉଛି ଯେ ପ୍ରତିବନ୍ଧ ସୁନା ଅଳଙ୍କାରର ନିଲାମ ୟୁନିମୋନି ଫାଇନାନ୍ସିଆଲ ସର୍ଭିସେସ୍ ଲିମିଟେଡ୍ ଦ୍ୱାରା **୨୧.୦୮.୨୦୨୫** ରେ ସକାଳ ୧୦:୦୦ ଟାରେ ନିମ୍ନରେ ଦିଆଯାଇଥିବା ସମ୍ପୃକ୍ତ କେନ୍ଦ୍ରଗୁଡ଼ିକରେ କରାଯିବ। ନିଲାମ ହେବାକୁ ଥିବା ସୁନା ଅଳଙ୍କାରଗୁଡ଼ିକ ଆମର ବିଭିନ୍ନ ଗ୍ରାହକଙ୍କ ଋଣ ଆକାଉଣ୍ଟର ଯେଉଁମାନେ ସେମାନଙ୍କର ଦେୟ ପରିଶୋଧ କରିବାରେ ବିଫଳ ହୋଇଛନ୍ତି। ଏହି ଋଣଗ୍ରହୀତାଙ୍କ ପାଇଁ ଆମର ନିଲାମ ନୋଟିସ୍ ଯଥାସମ୍ଭବ ଜାରି କରାଯାଇଛି। ନିଲାମ ହେବାକୁ ଥିବା ସୁନା ଅଳଙ୍କାରଗୁଡ଼ିକ ନିମ୍ନରେ ଉଲ୍ଲେଖ କରାଯାଇଥିବା ଆମର ବିଭିନ୍ନ ଗ୍ରାହକଙ୍କ ଅବଧି ଋଣ ଆକାଉଣ୍ଟର ଅଟେ ଏବଂ ଶାଖା ନାମ ମଧ ଉଲ୍ଲେଖ କରାଯାଇଛି।
**Auction Centre Address & Loan Nos: BHUBANESWAR (BUU - First Floor, Building No 168/Bjanapath Road, Sishu Bhavansquare, Bapuji Nagar, -751009,Contact No.9937043634) 2111342.**
**(Reserves the right to alter the number of accounts to be auctioned &/ postpone / cancel the auction without any prior notice)**

CNR : MHLC01-001058-2025
No. 3980 / 2025
OFFICE OF THE LABOUR COURT,
New Administrative Bldg. Gr. Floor,
Govt. Colony, Bandra (East),
Mumbai. 400 051.
Date: 14/ 8 / 2025

IN THE 10th LABOUR COURT AT MUMBAI
BEFORE SMT. J.R.RAUT, JUDGE
APPICATION (ECA) No. 247/A-36/2025

1. Shri. Madan S/o. Haribandhu Gadaba 2. Mrs. Mukta W/o. Madan Gadaba
At : Chotodiput, Post Godapadur – 764 003, Dist. Koruput, State Odisha ..... Applicants
V/s
B. G. Shirke Construction Technology Pvt. Ltd.
At : 72-76, Mundhwa, Pune 4110 036 ..... Opponents

PUBLICATION NOTICE

Please take notice that, **Late Arjun S/o. Mohan Gadaba** has died on 21 /04/2025 due to accident, while working with **B. G. Shirke Construction Technology Pvt. Ltd.** and it is claims that the above applicants are the only legal heirs. The above mentioned applicants have filed an application in this Court to get the amount of compensation **Rs.16,19,600/- (Rs. Sixteen Lakhs Nineteen Thousand Six Hundred Only)** deposited by B. G. Shirke Construction Technology Pvt.

Now it is hereby informed that, if any person or persons have any objection with regard to the claim of the applicants regarding compensation amount deposited in this Court, the same be filed on 28/08/2025. Please take note that, the objection received after the above date will not be entertained by this Court.

By Order
Sd/-I/c Secretary
Labour Court,Mumbai



ମୁମ୍ବାଇ : ମୁମ୍ବାଇରେ ଦହି ହାଣ୍ଡି ଉତ୍ସବର ସବୁ ପିଛିଲା ରେକର୍ଡ ଭାଙ୍ଗିଛି। ଦହି ହାଣ୍ଡିରେ ଜାଗେଶ୍ୱରୀର କୋଙ୍କଣ ନଗର ଗୋବିନ୍ଦା ପଥକ ୧୦ଟି ହ୍ୟୁମାନ ପିରାମିଡ ତିଆରି କରି ଇତିହାସ ରଚିଛି। ଏହା ଛଡା ମୁମ୍ବାଇର ପ୍ରସିଦ୍ଧ ଜୟଜବାନ ଗୋବିନ୍ଦା ପଥକ ୧୦ ଥର ଲଗାଇ କୋଙ୍କଣ ନଗର ରେକର୍ଡ ସହ ସମକକ୍ଷ ହୋଇଛି। ମୁମ୍ବାଇ ଓ ଠାଣେରେ ଏଥର ଦହି ହାଣ୍ଡି ଉତ୍ସବର ଅନେକ ବଡ଼ ଆୟୋଜନ ହୋଇଥିଲା। ଉତ୍ସବରେ ଅଭିନେତା ନିର୍ଦ୍ଦେଶକ ପ୍ରଭୀଣ ତରଡେ, ଅଭିନେତା ହାର୍ଦ୍ଦିକ ଯୋଶୀ, ମରାଠୀ ବିଗବସ୍ ଫେମ ଇରିନାଙ୍କ ସମେତ ଅନେକ ନାମୀଦାମୀ କଳାକାର ଉପସ୍ଥିତ ଥିଲେ। ଦହି ହାଣ୍ଡି ସଲାମୀ ଲାଗି ବନ୍ଦେ ମାତରମ ସଂଘ, ନଟରାଜ ସଂଘ, ଭୋଇରାଜ ସଂଘ, ଗଣେଶ ମିତ୍ରମଣ୍ଡଳ, ଗଣେଶ ମହିଳା ଗୋବିନ୍ଦା ପଥକ, ଇନ୍ଦ୍ରେଶ୍ୱର ସଂଘ (ଇନ୍ଦାପୁର) ଓ ଶିବକନ୍ୟା ଗୋବିନ୍ଦା ପଥକ (ଚେମ୍ବୁର-ମୁମ୍ବାଇ) ସମେତ ଅନେକ ପଥକ ଉପସ୍ଥିତ ଥିଲେ। ଏ ବର୍ଷ ଡିଜେ ମୁକ୍ତ ଦହି ହାଣ୍ଡି ଉତ୍ସବକୁ କେବଳ ଧାର୍ମିକ ଉତ୍ସବ ନୁହେଁ ବରଂ ସାମାଜିକ ବାର୍ତ୍ତା ରୂପେ ଏବେ ଦେଖାଯାଉଛି।

# ଦ୍ୱାରକା ଏକ୍ସପ୍ରେସ୍‌ୱେର ଉଦ୍‌ଘାଟନ କଲେ ପ୍ରଧାନମନ୍ତ୍ରୀ



ନୂଆଦିଲ୍ଲୀ: ଆଜି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦ୍ୱାରକା ଏକ୍ସପ୍ରେସୱେ, UER-୨ ଏବଂ ସହରାଞ୍ଚଳ ବିସ୍ତାର ରାସ୍ତାର ଉଦଘାଟନ କରିଛନ୍ତି । ଯାହା ସିଙ୍ଘୁ ସୀମାରୁ ଇନ୍ଦିରା ଗାନ୍ଧୀ ଅନ୍ତର୍ଜାତୀୟ (IGI) ବିମାନବନ୍ଦରକୁ ଯାତ୍ରା ସମୟ ହ୍ରାସ କରିବ। ପୂର୍ବରୁ ଯେଉଁଠାକୁ ପ୍ରାୟ ଦୁଇ ଘଣ୍ଟା ଲାଗୁଥିଲା, ଏବେ ଏହି ଦୂରତା ଅତିକ୍ରମ କରିବାକୁ ମାତ୍ର ୪୦ ମିନିଟ୍ ସମୟ ଲାଗିବ । ଦିଲ୍ଲୀବାସୀଙ୍କୁ ୧୧ ହଜାର କୋଟି ଟଙ୍କାର ଉପହାର ଦେଇ ପ୍ରଧାନମନ୍ତ୍ରୀ ମୋଦି, କହିଛନ୍ତି ଯେ ଏକ୍ସପ୍ରେସୱେର ନାମ ଦ୍ୱାରକା ନାମରେ ରଖାଯାଇଛି। ଏଥିସହିତ ମୋଦି ବିକାଶଶୀଳ ରାଜଧାନୀ ଉପରେ ଗୁରୁତ୍ୱାରୋପ କରିଛନ୍ତି। ଆମକୁ ଦିଲ୍ଲୀକୁ ବିକାଶର ଏପରି ଏକ ମଡେଲ କରିବାକୁ ପଡିବ, ଯେଉଁଠାରେ ସମସ୍ତେ ଅନୁଭବ କରନ୍ତି ଯେ ହଁ, ଏହା ବିକାଶଶୀଳ ଭାରତର ରାଜଧାନୀ। ସର୍ବାନ୍ ଏକ୍ସଟେନ୍ସନ୍ ରୋଡର ବିଶେଷତ୍ୱ ହେଉଛି ଯେ ଏହା ଦିଲ୍ଲୀକୁ ଅଳିଆ ପାହାଡରୁ ମୁକ୍ତ କରିବାରେ ସାହାଯ୍ୟ କରୁଛି। ଅର୍ବାନ୍ ଏକ୍ସଟେନ୍ସନ୍ ରୋଡର ନିର୍ମାଣରେ ଲକ୍ଷ ଲକ୍ଷ ଟନ୍ ଆବର୍ଜନା ବ୍ୟବହାର କରାଯାଇଛି। ଅବର୍ଜନାର ପାହାଡକୁ ହ୍ରାସ କରି, ରାସ୍ତା ନିର୍ମାଣରେ ଅପବ୍ୟବହାର ସାମଗ୍ରୀ ବ୍ୟବହାର କରାଯାଇଛି। ଏହା ବୈଜ୍ଞାନିକ ଭାବରେ କରାଯାଇଛି। ଭାଲସ୍ୱା ଲ୍ୟାଣ୍ଡଫିଲ୍ ନିକଟରେ ଅବସ୍ଥିତ। ପ୍ରଧାନମନ୍ତ୍ରୀ ମୋଦୀ କହିଛନ୍ତି ଯେ ଆମେ ସମସ୍ତେ ଜାଣୁ ଯେ ଏଠାରେ ରହୁଥିବା ପରିବାର ପାଇଁ କେତେ ସମସ୍ୟା ଅଛି। ଏଥିସହିତ, ମୋଦି କହିଛନ୍ତି ଯେ ମୁଁ ଖୁସି ଯେ ରେଖା ଗୁପ୍ତା ଜୀଙ୍କ ନେତୃତ୍ୱରେ ଦିଲ୍ଲୀର ବିଜେପି ସରକାର ମଧ୍ୟ ଯମୁନା ଜୀଙ୍କୁ ସଫା କରିବାରେ ନିରନ୍ତର ନିୟୋଜିତ ଅଛନ୍ତି। ମୋଦି ଦିଲ୍ଲୀକୁ ନଷ୍ଟ କରିବା ପାଇଁ ପୂର୍ବ ଆପ୍ ସରକାର ଉପରେ ମଧ୍ୟ ବର୍ଷିଥିଲେ । ପ୍ରଧାନମନ୍ତ୍ରୀ ମୋଦି କହିଛନ୍ତି ଯେ ଅନେକ ବର୍ଷ ପରେ, ଜାତୀୟ ରାଜଧାନୀରେ ବିଜେପି ସରକାର ଗଠନ ହୋଇଛି। ଦୀର୍ଘ ସମୟ ଧରି ଆମେ କ୍ଷମତାର ନିକଟତର ମଧ୍ୟ ନଥିଲେ ଏବଂ ଆମେ ଦେଖିପାରୁଛୁ ଯେ ପୂର୍ବ ସରକାରମାନେ ଦିଲ୍ଲୀକୁ କିପରି ନଷ୍ଟ କରିଥିଲେ ଏବଂ ଏହାକୁ ଏକ ଗଭୀର ଗର୍ତ୍ତକୁ ଠେଲି ଦେଇଥିଲେ। ମୁଁ ଜାଣେ ଯେ ନୂତନ ବିଜେପି ସରକାର ପାଇଁ ଦିଲ୍ଲୀକୁ ଅତୀତର ବଢୁଥିବା ସମସ୍ୟାରୁ ବାହାର କରିବା କେତେ କଷ୍ଟକର। ପ୍ରଥମତଃ, ସେହି ଗର୍ତ୍ତ ପୂରଣ କରିବା ପାଇଁ ବହୁତ କଠିନ ପରିଶ୍ରମ କରିବାକୁ ପଡିବ ଏବଂ ସେତେବେଳେ ହିଁ ପ୍ରଗତି ଦେଖାଯିବ, କିନ୍ତୁ ମୋର ଦିଲ୍ଲୀରେ ଆପଣ ବାଛିଥିବା ଦଳ ଉପରେ ପୂର୍ଣ୍ଣ ବିଶ୍ୱାସ ଅଛି । ସେ କଠିନ ପରିଶ୍ରମ କରିବେ ଏବଂ ଦଶନ୍ଧି ଧରି ରହିଥିବା ସମସ୍ୟାରୁ ସହରକୁ ବାହାର କରିବେ।

# ନିର୍ବାଚନ ଆୟୋଗଙ୍କ ଉପରେ ଅଭିଯୋଗ ଆଣିଲା କଂଗ୍ରେସ



ନୂଆଦିଲ୍ଲୀ : ନିର୍ବାଚନ ଆୟୋଗଙ୍କ ରବିବାର ସାମ୍ବାଦିକ ସମ୍ମିଳନୀକୁ ନେଇ କଂଗ୍ରେସ ପକ୍ଷରୁ ଏଆଇସିସି ମିଡିଆ ଡିପାର୍ଟମେଣ୍ଟ ଚେୟାରମ୍ୟାନ ପ୍ରଭାରୀ ପବନ ଖେଡ଼ା ଜବାବ ଦେଇଛନ୍ତି। ସେ ନିର୍ବାଚନ ଆୟୋଗଙ୍କ ଉପରେ ତମାମ ଅଭିଯୋଗ କରିବା ପରେ କହିଛନ୍ତି ଯେ ଜ୍ଞାନେଶ କୁମାର ଗୁପ୍ତା ଦେଶର ମୁଖ୍ୟ ନିର୍ବାଚନ କମିଶନ (ସିଇସି) ବୋଲି ଆଜି ସ୍ପଷ୍ଟ ହୋଇଯାଇଛି। ଖେଡା କହିଛନ୍ତି ଯେ ଜ୍ଞାନେଶ କୁମାର ଯଦିଓ ମୁହଁ ଖୋଲିଛନ୍ତି ତାଙ୍କ ସ୍କ୍ରିପ୍ଟ କିନ୍ତୁ ସେହି ବିଜେପିର। ଆମେ ମହାଦେବ ବିଧାନସଭାର ତମାମ ଅସୁବିଧା ଜଣାଇଲୁ, ହେଲେ ଆପଣ ତା ଉପରେ ପଦଟେ ବି କହିଲେନି। ଖେଡା କହିଛନ୍ତି ଯେ ଜ୍ଞାନେଶ କୁମାର ଗୁପ୍ତାଜୀ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି ଯେ 'ଯଦି କୌଣସି ଜଣେ ବ୍ୟକ୍ତି ଅନେକ ସ୍ଥାନର ଭୋଟର ଲିଷ୍ଟରେ ଅଛନ୍ତି, ସେ ଥରଟିଏ ଭୋଟ ଦେବେ'। ଖେଡ଼ା କହିଛନ୍ତି ଯେ ସେ ରାହୁଲ ଗାନ୍ଧିଙ୍କ ଗୋଟିଏ ପ୍ରଶ୍ନ ବି ଉତ୍ତର ଦେଇ ନାହାନ୍ତି। ଆମେ ସବୁ ପ୍ରକାରର ପ୍ରମାଣ ରଖିଲୁ, ନ୍ୟାୟାଳୟ ମଧ୍ୟ ହସ୍ତକ୍ଷେପ କଲେ, ହେଲେ ସେଠାରେ ମଧ୍ୟ ଆପଣ କୁ ତର୍କ ଦେଲେ। ଖେଡା କହିଛନ୍ତି ଯେ ରାହୁଲ ଗାନ୍ଧି ଆପଣଙ୍କ ଦ୍ୱାରା ମୃତ ଘୋଷିତ ଭୋଟରଙ୍କ ସହ ବସି ଚା ପିଇଲେ, ଏଥି ପାଇଁ ଆପଣଙ୍କୁ ସାମ୍ବାଦିକ ସମ୍ମିଳନୀରେ କ୍ଷମା ମାଗିବା କଥା। କାରଣ ଯେଉଁମାନଙ୍କୁ ମୃତ କୁହାଯାଉଛି ସେମାନେ ମୃତ ନୁହନ୍ତି। ଏଥି ପାଇଁ ଆପଣ କ୍ଷମା ମାଗିବା ବଦଳେ ସରକାରଙ୍କ ଏଜେଣ୍ଟଙ୍କ ଭଳି କଥା କହୁଛନ୍ତି। ଖେଡ଼ା କହିଛନ୍ତି ନିର୍ବାଚନ କମିଶନ କହିଛନ୍ତି ପକ୍ଷ ଓ ବିପକ୍ଷ ସମସ୍ତେ ଆମ ପାଖରେ ସମାନ। ଯଦି ତାଙ୍କ କଥା ଠିକ୍ ତେବେ ଏ ପର୍ଯ୍ୟନ୍ତ ଅନୁରାଗ ଠାକୁରଙ୍କୁ କାହିଁକି ନୋଟିସ୍ ଜାରି ହୋଇନି। ହେଲେ ରାହୁଲ ଗାନ୍ଧିଙ୍କୁ ସାମ୍ବାଦିକ ସମ୍ମିଳନୀ ମଝିରେ ଆପଣ ନୋଟିସ୍ ପଠେଇ ଦେଇଥିଲେ। ପବନ ଖେଡ଼ା କହିଛନ୍ତି ଯେ ଜ୍ଞାନେଶ କୁମାର ଗୁପ୍ତା ନିର୍ବାଚନ ଆୟୋଗ ପଦରେ ସରକାରଙ୍କ ଏଜେଣ୍ଟ ହୋଇ ବସିଛନ୍ତି। ରିଟାରମେଣ୍ଟ ପରେ ବି ତାଙ୍କୁ ସେହି ପଦରେ ସରକାରଙ୍କଠୁ ସମ୍ପ୍ରସାରଣ ମିଳୁ ବୋଲି ସେ ଚାହାନ୍ତି। ହେଲେ ଆପଣ ଭୁଲି ଯାଉଛନ୍ତି ଆପଣଙ୍କ ଲକ୍ଷଲକ୍ଷ ଅଧସ୍ତନ କର୍ମଚାରୀ ଅଛନ୍ତି, ସେମାନଙ୍କ ଭବିଷ୍ୟତକୁ ଆପଣ ବିପଦରେ ପକାଉଛନ୍ତି। ଯଦି କାଲି ଇନକ୍ୱାରୀ ହୁଏ ସମସ୍ତେ ଫଶିବେ।

# ମହିଳା ଏସ୍‌ଏଚ୍‌ଜି ପକ୍ଷରୁ ପ୍ରସ୍ତୁତ ସାମଗ୍ରୀ ଲଞ୍ଚ୍ କଲେ ବିଷ୍ଣୁଦେବ




ରାୟପୁର: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଗ୍ୟାରେଣ୍ଟିକୁ ପୂର୍ଣ୍ଣ କରୁଛନ୍ତି ଛତିଶଗଡ ସରକାର। ଏନେଇ ରବିବାର ମୁଖ୍ୟମନ୍ତ୍ରୀ ବିଷ୍ଣୁଦେବ ସାଏ ସୂଚନା ଦେଇଛନ୍ତି। ବିଶେଷ କରି ମହିଳାଙ୍କ ବିକାଶ କ୍ଷେତ୍ରରେ ତାଙ୍କ ସରକାର ପ୍ରାଧାନ୍ୟ ଦେଉଥିବା ସେ କହିଛନ୍ତି। ସେ କହିଛନ୍ତି ରାଇଗରର ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ପକ୍ଷରୁ ରନ୍ଧା ଖାଦ୍ୟ ପ୍ରସ୍ତୁତ କରାଯାଉଛି। ଏହାକୁ ରବିବାର ଉଦ୍‌ଘାଟନ କରାଯାଇଛି ମଧ୍ୟ। ସେମାନେ ପୁଷ୍ଟିକର ଖାଦ୍ୟ ପ୍ରସ୍ତୁତ କରିବା ସହ ଲୋକମାନଙ୍କୁ ବିତରଣ କରୁଛନ୍ତି। ମୁଖ୍ୟମନ୍ତ୍ରୀ ଶ୍ରୀ ସାଏ ଏହି ଅବସରରେ ରାଇଗଡରେ ୧୦ଟି ସ୍ୱୟଂ ସହାୟକ ଗୋଷ୍ଠୀକୁ ଚୁକ୍ତିନାମା ସଂପର୍କିତ ପତ୍ର ହସ୍ତାନ୍ତର କରିଛନ୍ତି। ସେ କହିଛନ୍ତି ଖାଦ୍ୟ ପ୍ରସ୍ତୁତ ପାଇଁ ସମସ୍ତ ପ୍ରକାର ମେସିନ୍ ଓ ସାମଗ୍ରୀ କଟାରଲିୟା ଗ୍ରାମପଞ୍ଚାୟତରେ ଗଚ୍ଛିତ ରହିଛି। ଶ୍ରୀ ସାଏ କହିଥିଲେ ଏହା କେବଳ ମହିଳାଙ୍କ ଆର୍ଥିକ ବିକାଶ ପାଇଁ ନୁହେଁ ବରଂ ଅଙ୍ଗନୱାଡି ଯାଉଥିବା ଶିଶୁମାନଙ୍କୁ ପୁଷ୍ଟିକର ଖାଦ୍ୟ ଯୋଗାଇବାରେ ବିଶେଷ ସହାୟକ ହୋଇପାରିବ। ଜାତୀୟସ୍ତରରେ ୩କୋଟିରୁ ଉର୍ଦ୍ଧ୍ୱ ଲକ୍ଷପତି ଦିଦି ସୃଷ୍ଟି ହୋଇଥିବା ବେଳେ ଛତିଶଗଡ ମଧ୍ୟ ଏ କ୍ଷେତ୍ରରେ ନିଜକୁ ସାମିଲ କରିପାରିଛି ବୋଲି ଶ୍ରୀ ସାଏ କହିଥିଲେ। ସ୍ୱାଧୀନତା ଦିବସ ଅବସରରେ ଛତିଶଗଡର ଅର୍ଥମନ୍ତ୍ରୀ କୋଟାଲିଆ ଗାଁରେ ଏହି ଖାଦ୍ୟ ପ୍ରସ୍ତୁତି ଅନୁଧ୍ୟାନ କରିଥିଲେ। ରାୟଗଡର ଜିଲ୍ଲାରେ ୨୭୦୯ଟି ଅଙ୍ଗନୱାଡି କେନ୍ଦ୍ର ରହିଛି। ତେଣୁ ସେଠାକାର ଶିଶୁମାନଙ୍କୁ ପୁଷ୍ଟିକର ଖାଦ୍ୟ ଯୋଗାଇଦେବା ପାଇଁ ଏହି ବ୍ୟବସ୍ଥା କରାଯାଇଛି ବୋଲି ଶ୍ରୀ ସାଏ କହିଥିଲେ।

# ଡ୍ରମ୍‌ରୁ ମୃତଦେହ ଉଦ୍ଧାର : ପୋଲିସର ତନାଘନା

ଖୈରଥଲ (ରାଜସ୍ଥାନ): ଗୋଟିଏ ବିଲ୍ଡିର ଛାତରେ ଥିବା ଏକ ନୀଳ ରଙ୍ଗର ଡ୍ରମ୍ ଭିତରୁ ମିଳିଛି ଏକ ଗଳିତ ମୃତଦେହ। ଏଥିରୁ ଦୁର୍ଗନ୍ଧ ବାହାରିବାରୁ ଘର ମାଲିକ ଜାଣି ପାରିଥିଲେ। ଘଟଣାଟି ରାଜସ୍ଥାନର ଖୈରଥଲ ଜିଲ୍ଲାର କିଶନଗଡବାସ ସହରରେ ଘଟିଛି। ଏ ନେଇ ସଂପୃକ୍ତ ଅଞ୍ଚଳରେ ଚାଞ୍ଚଲ୍ୟ ଖେଳି ଯାଇଛି। ଖବର ପାଇ ପୋଲିସର ଉଚ୍ଚ ଅଧିକାରୀମାନେ ଘଟଣା ସ୍ଥଳରେ ପହଞ୍ଚି ସମଗ୍ର ମାମଲା ବିଷୟରେ ସୂଚନା ସଂଗ୍ରହ କରିଛନ୍ତି। ଘର ମାଲିକ ବୃଦ୍ଧା ମହିଳା ମିଥଲେସ୍ କହିଛନ୍ତି ଯେ, ରବିବାର ସନ୍ଧ୍ୟା ସମୟ ପାଖାପାଖି ୪ଟାରେ ସେ ଘରର ଛାତ ଉପରକୁ ଯାଇଥିଲେ, ସେତେବେଳେ ତାଙ୍କୁ ଦୁର୍ଗନ୍ଧ ଆସିଥିଲା। ପାଖରେ ଥିବା ଡ୍ରମର ପାଖକୁ ଯେତେବେଳେ ଖୁବ୍ ଜୋରରେ ଦୁର୍ଗନ୍ଧ ହେଲା। ବୃଦ୍ଧା ମହିଳା ଜଣଙ୍କ କହିଛନ୍ତି ଯେ,ସେ ତଳକୁ ଆସି ନିଜର ନାତିକୁ ୧୦୦ ନମ୍ବରରେ ଫୋନ୍ କରିବାକୁ କହିଲେ ଏବଂ ସମସ୍ତ ଘଟଣା ବିଷୟରେ ପୁଲିସକୁ ଜଣାଇଥିଲେ। ଘଟଣା ସ୍ଥଳରେ ପହଞ୍ଚି ପୁଲିସ ଯାଞ୍ଚ ଚଳାଇଛି। ବୃଦ୍ଧା ମହିଳା କହିଛନ୍ତି ଯେ, ମୃତକ ନିଜର ପରିବାର ସହ ଦେଢ ମାସ ପୂର୍ବରୁ ଭଡ଼ାରେ ରହୁଥିଲେ ଏବଂ ମୃତକଙ୍କ ସ୍ତ୍ରୀ ଓ ପିଲାମାନେ ଦୁଇ ଦିନ ହେଲା ଏଠାରେ ନାହାନ୍ତି। କିଶନଗଡବାସ ଡିଏସପି ରାଜେନ୍ଦ୍ର ସିଂହ କହିଛନ୍ତି ଯେ, କିଶନଗଡବାସ ସହରରେ ଆଦର୍ଶ କଲୋନୀକୁ ରବିବାର ସମୟ ସନ୍ଧ୍ୟା ୪ଟା ପାଖାପାଖି ହେବ କଣ୍ଟ୍ରୋଲ ରୁମ୍‌କୁ କଲ ଆସିଲା ଯେ, କୋଠାର ଛାତର ରଖାଯାଇ ଥିବା ଡ୍ରମ୍ ?ରେ ଏକ ମୃତଦେହ ଅଛି , ଯେଉଁଥିରୁ ଦୁର୍ଗନ୍ଧ ଆସୁଛି। ଘଟଣା ସ୍ଥଳକୁ ପୁଲିସ ଟିମ୍ ପଠାଯାଇଛି। ଡ୍ରମ୍ ଭିତରେ ରଖାଯାଇ ଥିବା ପୋଷାକକୁ ହଟାଇବାକୁ ଏଥିରେ ମୃତଦେହ ମିଳିଥିଲା। ଏହାସହ ଘର ମାଲିକ ଓ ପରିବାର ଲୋକଙ୍କ ଠାରୁ ଭଡ଼ାରେ ରହିଥିବା ପରିବାର ବିଷୟରେ ସୂଚନା ନିଆଯାଇଛି। ଜଣାପଡ଼ିଲା ଯେ, ମୃତକ ହଂସରାଜ ଉତ୍ତର ପ୍ରଦେଶର ବାସିନ୍ଦା, ଯିଏ ଇଟା ଭାଟିରେ କାମ କରୁଥିଲେ। ମୃତକଙ୍କ ପତ୍ନୀ ଓ ତିନି ଜଣ ପିଲା ଗାଏବ ଅଛନ୍ତି। ଏହାକୁ ନେଇ ଏବେ ସହରରେ ଲାଗି ଥିବା ସିସିଟିଭି କ୍ୟାମେରା ଚେକ୍ କରାଯାଉଛି।

## ଜାତୀୟ ଶିକ୍ଷକ ଶିକ୍ଷା ପରିଷଦର ୩୧ତମ ପ୍ରତିଷ୍ଠା ଦିବସ

# ଆତ୍ମନିର୍ଭର ଭାରତ ପାଇଁ ଇନୋଭେସନ୍‌କୁ ଆଗେଇ ନେବା: ଧର୍ମେନ୍ଦ୍ର



ନୂଆଦିଲ୍ଲୀ: କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ରବିବାର ଆଇଆଇଟି ଦିଲ୍ଲୀ ପରିଦର୍ଶନ କରିବା ସହ ସ୍ନାତକ, ସ୍ନାତକୋତ୍ତର ଏବଂ ପିଏଚଡ଼ି ଛାତ୍ରଛାତ୍ରୀ, ଉଭାବକ ଏବଂ ଗବେଷକଙ୍କ ସହିତ ଆଲୋଚନା କରିଛନ୍ତି । ଏହାବ୍ୟତୀତ ଶ୍ରୀ ପ୍ରଧାନ ପୃଥକ ଭାବରେ ଜାତୀୟ ଶିକ୍ଷକ ଶିକ୍ଷା ପରିଷଦ(ଏନସିଟିଇ)ର ୩୧ତମ ପ୍ରତିଷ୍ଠା ଦିବସରେ ଯୋଗଦେଇ ଶିକ୍ଷକ ସମୁଦାୟକୁ ସମ୍ବୋଧନ କରିଛନ୍ତି। ଆଲୋଚନା ସମୟରେ ଶ୍ରୀ ପ୍ରଧାନ ଚଳିତ ବର୍ଷ ସ୍ୱାଧୀନତା ଦିବସରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଅଭିଭାଷଣରେ ଦେଇଥିବା ଦୃଷ୍ଟିକୋଣ ସହିତ ସ୍ୱାବଲମ୍ବୀ ଗୁରୁତ୍ୱ ଉପରେ ଆଲୋଚନା କରିଥିଲେ। ଜାତୀୟ ପ୍ରାଥମିକତାକୁ ଗୁରୁତ୍ୱ ଦେବା ଦିଗରେ ସାମୂହିକ ଉଦ୍ୟମ କରିବା ତଥା ୨୦୪୭ ସୁଦ୍ଧା 'ସମୃଦ୍ଧ ଭାରତ'ର କଳ୍ପନାକୁ ପୂରଣ କରିବା ଉପରେ ମତପ୍ରକାଶ କରିଥିଲେ ଶ୍ରୀ ପ୍ରଧାନ। ଅପରପକ୍ଷରେ ଶ୍ରୀ ପ୍ରଧାନ ଜାତୀୟ ଶିକ୍ଷକ ଶିକ୍ଷା ପରିଷଦର ୩୧ତମ ପ୍ରତିଷ୍ଠା ଦିବସରେ କହିଛନ୍ତି ଯେ ଶିକ୍ଷକମାନେ ଆମ ଛାତ୍ରଛାତ୍ରୀଙ୍କ ଦାୟିତ୍ୱ ନେବା ସହ ସେମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ ଗଠନ କରୁଛନ୍ତି । ନବନସୃଜନ ଏବଂ ପ୍ରଯୁକ୍ତିବିଦ୍ୟାର ଉପଯୋଗ କରି ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କ ନିରନ୍ତର ଦକ୍ଷତା ବିକାଶ ଉପରେ ଭାରତ ସରକାର ଗୁରୁତ୍ୱ ଦେଉଛନ୍ତି । ଜାତୀୟ ଶିକ୍ଷା ନୀତି ଅନୁସାରେ ଶିକ୍ଷକଙ୍କ ଦକ୍ଷତା ବୃଦ୍ଧି କରି ଛାତ୍ରଛାତ୍ରୀଙ୍କ ଆବଶ୍ୟକତାକୁ ଦୃଷ୍ଟିରେ ରଖି ସେମାନଙ୍କୁ ବର୍ତ୍ତମାନର ଟେକ୍ନୋଲୋଜି ଦୁନିଆ ସହ ଯୋଡ଼ିବା ଆମର ଲକ୍ଷ୍ୟ ରହିଛି । ଶିକ୍ଷକମାନେ ମେଧାବୀ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥାନ୍ତି । ଏକବିଂଶ ଶତାବ୍ଦୀରେ ଭାରତ ଆଗକୁ ବଢୁଥିବା ବେଳେ ଶିକ୍ଷକମାନେ ଭବିଷ୍ୟତର ସୁଯୋଗର ମାନଚିତ୍ର ପ୍ରସ୍ତୁତ କରିବା ଏବଂ ଆମ ଯୁବପିଢ଼ି ଅଭିବୃଦ୍ଧି କାହାଣୀର ନେତୃତ୍ୱ ସୁନିଶ୍ଚିତ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବେ । ସେହିପରି ଛାତ୍ରଛାଛାତ୍ରୀମାନଙ୍କୁ ସ୍ୱାକ୍ଷରତା ଓ ପରିସଂଖ୍ୟାନର ପାଠପଢାକୁ ବୁଝିବା ଭଳି ଶିକ୍ଷା ଦେବା ଦରକାର ବୋଲି ସେ କହିଛନ୍ତି ।

# ବାଣିଜ୍ୟ



ୱାଶିଂଟନ: ଋଷ ଏବଂ ଏହାଠାରୁ ତେଲ କିଣୁଥିବା ଦେଶଗୁଡ଼ିକ ଉପରେ ତୁରନ୍ତ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ କୌଣସି ନୂଆ କଟକଣା ଘୋଷଣା କରିବେ ନାହିଁ। ତେବେ ଦୁଇ ତିନି ସପ୍ତାହ ପରେ ସେ ଏ ନେଇ ପୁନର୍ବିଚାର କରିପାରନ୍ତି। ଫକ୍ସ ନ୍ୟୁଜକୁ ଦେଇଥିବା ଏକ ସାକ୍ଷାତକାରରେ ଟ୍ରମ୍ପ ଏହା କହିଛନ୍ତି। ଆଲାସ୍କାରେ ଋଷ୍ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନଙ୍କ ସହିତ ହୋଇଥିବା ତାଙ୍କର ଆଲୋଚନା ଭଲ ରହିଛି ବୋଲି ସେ କହିଛନ୍ତି। ଏହାକୁ ସେ ୧୦ରୁ ୧୦ ନମ୍ବର ଦେବେ ବୋଲି ମତବ୍ୟକ୍ତ କରିଛନ୍ତି। କିଛିଦିନ ପୂର୍ବରୁ ଋଷଠାରୁ ତେଲ କିଣୁଥିବା ରାଷ୍ଟ୍ର ଭାରତ ଉପରେ ଅତିରିକ୍ତ ୨୫ ପ୍ରତିଶତ ଶୁଳ୍କ ଟ୍ରମ୍ପ ଲଗାଇଛନ୍ତି। ଏହାଫଳରେ ପାଲଟା ଶୁଳ୍କ ସହିତ ଭାରତ ଉପରେ ମୋଟ ଶୁଳ୍କ ୫୦ ପ୍ରତିଶତକୁ ବୃଦ୍ଧି ପାଇଛି। ଏଭଳି ସ୍ଥିତିରେ ଋଷ୍ ଏବଂ ଏହାର ଗ୍ରାହକଙ୍କ ଉପରେ ତୁରନ୍ତ କୌଣସି ପଦକ୍ଷେପ ନିଆଯିବ ନାହିଁ ବୋଲି ଟ୍ରମ୍ପ କହିବା ଦ୍ୱାରା ଭାରତକୁ କିଛିଟା ଆଶ୍ୱସ୍ତି ମିଳିବ କି ବୋଲି କଳ୍ପନାଜଳ୍ପନା ଦେଖାଦେଇଛି। ମୁଁ ଯଦି ନୂଆ କଟକଣା ଏବେ ଲଗାଇବି ତାହା ସେମାନଙ୍କ ପାଇଁ ବିପର୍ଯ୍ୟୟ ଆଣିବ ବୋଲି ଟ୍ରମ୍ପ କହିଛନ୍ତି। କିନ୍ତୁ ଏ ନେଇ ସେ ଅଧିକ ବିସ୍ତୃତ ସୂଚନା କିଛି ଦେଇନାହାନ୍ତି। ଉଲ୍ଲେଖଯୋଗ୍ୟ, ବର୍ତ୍ତମାନ ଋଷଠାରୁ ଅଧିକ ତେଲ ଚୀନ ଏବଂ ଭାରତ କ୍ରୟ କରୁଛନ୍ତି।

# ଟାଟା ପାୱାର ପକ୍ଷରୁ 'ସୁରକ୍ଷା କବଚ' ଆରମ୍ଭ




ଭୁବନେଶ୍ୱର (ଭାସ୍କର ନ୍ୟୁଜ): ସୁରକ୍ଷା ଏବଂ ପରିଚାଳନା ଉତ୍କର୍ଷ ପ୍ରତି ଅଟଳ ପ୍ରତିବଦ୍ଧତାକୁ ଦୋହରାଇ ଟାଟା ପାୱାର ନେତୃତ୍ୱାଧୀନ ଓଡିଶା ଡିସକମଗୁଡ଼ିକ ଏକ ପରିବର୍ତନଶୀଳ ଡିଜିଟାଲ୍ ସମାଧାନ 'ସୁରକ୍ଷା କବଚ' ଆରମ୍ଭ କରିଛନ୍ତି। ଏହି ପ୍ରଯୁକ୍ତି ସମ୍ବଳିତ ସୁରକ୍ଷା ପ୍ରାଚୀର ଓଡିଶାରେ ହାଇ ଟେନ୍‌ସନ୍ (ଏଚ୍‌ଟି) ନେଟୱର୍କ କାର୍ଯ୍ୟଗୁଡିକୁ କିପରି ନିର୍ବାହ କରାଯାଉଛି ତାହାକୁ ପୁନର୍ଗଠନ କରିଥିବା ବେଳେ ପରମିଟ୍ ଟୁ ୱାର୍କ (ପିଟିଡବ୍ଲ୍ୟୁ) ପଦ୍ଧତିକୁ ଏକ ଦୃଢ଼ ଡିଜିଟାଲ୍ ଢାଂଚା ଅଧୀନରେ ସୁରକ୍ଷା ପ୍ରୋଟୋକଲ୍ ପାଳନ ସହିତ ସଂଯୋଜିତ କରିଛି। ସୁରକ୍ଷା କବଚ ହେଉଛି ଏକ ସମ୍ପୂର୍ଣ୍ଣ ଟୁଲ୍ ଯାହା ବିଦ୍ୟୁତ ବଣ୍ଟନ କାର୍ଯ୍ୟଗୁଡିକର ଗୁରୁତ୍ୱପୂର୍ଣ୍ଣ ଦିଗଗୁଡିକୁ ସୁରକ୍ଷା ଏବଂ ପରିଚାଳନାକୁ ଏକତ୍ରୀତ କରିଛି। ଏଚ୍‌ଟି ଲାଇନ୍ ଉପରେ ପ୍ରତ୍ୟେକ କାର୍ଯ୍ୟକ୍ରମ ଏହି ପ୍ଲାଟଫର୍ମ ମାଧ୍ୟମରେ ଏକ ଡିଜିଟାଲ୍ ପରମିଟ୍ ସୁରକ୍ଷିତ କରିବା ପରେ ହିଁ ନିର୍ବାହ କରାଯାଉଛି ଯାହା ଦ୍ୱାରା ସୁରକ୍ଷା ପ୍ରୋଟୋକଲ୍ ଦୈନନ୍ଦିନ କାର୍ଯ୍ୟରେ ସଂଯୋଜିତ ହୋଇପାରିଛି। ଏହି ପ୍ରଣାଳୀରେ ଏମ୍ବେଡେଡ୍ ଉପକରଣ ଡାଟାବେସ୍, ପ୍ରି-ମାପିଂ ଅନୁମୋଦନ, ଢ଼ାଂଚାଗତ ସୁରକ୍ଷା ଚେକଲିଷ୍ଟ, ଏବଂ ଏସଏମ୍‌ଏସ୍ ଏବଂ ହ୍ୱାଟସ୍‌ଆପ୍ ମାଧ୍ୟମରେ ବାସ୍ତବ ଯୋଗାଯୋଗ ସୁବିଧା ଆଦି ସାମିଲ ରହିଛି ଯାହା ଏକ ଶୂନ୍ୟ-ସମାଧାନ ସୁରକ୍ଷା ସଂସ୍କୃତିକୁ ଆଗକୁ ବଢ଼ାଉଛି। ସୁରକ୍ଷା କବଚରୁ ମିଳୁଥିବା ଡାଟା, ୱେବସାଇଟରେ ଗ୍ରାହକମାନଙ୍କୁ ବିଦ୍ୟୁତ୍ ଯୋଗାଣ ବିଭ୍ରାଟ ସମ୍ପର୍କରେ ସଠିକ ସମୟରେ ସୂଚନା ଦେଇଥାଏ। ଏହା ସହିତ ରିଅଲ ଟାଇମ ଲିଙ୍କେଜ୍ ମାଧ୍ୟମରେ ଡିସକମ୍‌ର ୱେବସାଇଟରେ ବିଦ୍ୟୁତ୍ ଯୋଗାଣର ଗୁଣବତ୍ତା ସମ୍ପର୍କରେ ମଧ୍ୟ ସ୍ୱୟଂଚାଳିତ ଭାବେ ଗ୍ରାହକମାନଙ୍କ ପାଇଁ ସୂଚନା ଉପଲବ୍ଧ ହୁଏ। ଏହା ବ୍ୟତୀତ ଏହି ପ୍ଲାଟଫର୍ମ ଯୋଜନାବଦ୍ଧ ଏବଂ ଅଣ ଯୋଜନାବଦ୍ଧ ରକ୍ଷଣାବେକ୍ଷଣ କାର୍ଯ୍ୟକ୍ରମର ଶୀଘ୍ର, ସୁରକ୍ଷିତ, ଏବଂ ସମନ୍ୱିତ କ୍ଷେତ୍ର ନିର୍ବାହ ନିଶ୍ଚିତ କରୁଛି। ଏହା ସିଧାସଳଖ ଭାବେ ଦ୍ରୁତ ସୁଧାର ସମୟ, ଡାଉନଟାଇମ୍ ହ୍ରାସ ଏବଂ ଅଧିକ ବିଶ୍ୱସନୀୟ ବିଦ୍ୟୁତ୍ ଯୋଗାଣ ଫଳରେ ସାମଗ୍ରିକ ଗ୍ରାହକ ସନ୍ତୁଷ୍ଟି ବୃଦ୍ଧି ପାଇଛି। ଏହା କେବଳ ଏକ ଡିଜିଟାଲ୍ ଟୁଲ୍ ନୁହେଁ, ସୁରକ୍ଷା କବଚ ହେଉଛି ବିଦ୍ୟୁତ୍ ବଂଟନ କ୍ଷେତ୍ର ପାଇଁ ଏକ ବ୍ୟାପକ ମଡେଲ୍ ଯାହା ସୁରକ୍ଷା ଦୃଢ଼ କରିବା, ସ୍ୱଚ୍ଛତା ବୃଦ୍ଧି କରିବା ଏବଂ ଡାଟା-ଆଧାରିତ ସିଦ୍ଧାନ୍ତ ନେବାକୁ ସମର୍ଥନ କରିବାର କ୍ଷମତା ରଖିଛି । ଏହା ଏକ ସମାଧାନ ପ୍ରସ୍ତୁତ କରୁଛି ଯାହା ପରିଚାଳନା ଆଧୁନିକୀକରଣ କରିବା ସମୟରେ କର୍ମଚାରୀ ଏବଂ ଗ୍ରାହକ ସୁରକ୍ଷାକୁ ପ୍ରାଥମିକତା ଦେଉଛି।

# ସ୍ୱାଧୀନତା ଦିବସ ଅବସରରେ ଦେଶର ପ୍ରଗତି ଓ ସମୃଦ୍ଧି କାମନା କଲେ ଏନଏସଇ ମୁଖ୍ୟ



ନୂଆଦିଲ୍ଲୀ: ୭୯ତମ ସ୍ୱାଧୀନତା ଦିବସ ଅବସରରେ ଦେଶବାସୀଙ୍କୁ ଶୁଭେଚ୍ଛା ଜଣାଇ ଏନଏସଇ ଏମ୍‌ଡି ଓ ସିଇଓ ଆଶିଷ କୁମାର ଚୌହାନ ଦେଶର ପ୍ରଗତି ଓ ସମୃଦ୍ଧିର କାମନା କରିଛନ୍ତି। ସେ କହିଛନ୍ତି, 'ଚଳିତ ସ୍ୱାଧୀନତା ଦିବସ ଅବସରରେ ଆମେ ଆମ ଦେଶର ପ୍ରଗତିଶୀଳ ଯାତ୍ରାକୁ ରୂପ ଦେଇଥିବା ମୂଲ୍ୟବୋଧ ଓ ସଙ୍କଳ୍ପକୁ ପାଳନ କରୁଛୁ। ଭାରତ ସ୍ୱାଧୀନତାର ୭୮ ବର୍ଷ ପୂରଣ କରିଥିବା ବେଳେ ଆମେ ଏକ ଆତ୍ମବିଶ୍ୱାସୀ ରାଷ୍ଟ୍ର ଭାବେ ଗର୍ବିତ ଅନୁଭବ କରୁଛୁ ଯାହା ଉଦ୍ଭାବନ ଓ ଅଭିବୃଦ୍ଧି ଏବଂ ସମସ୍ତଙ୍କ ପାଇଁ ଏକ ଉତମ ଭବିଷ୍ୟତ ନିର୍ମାଣ କରିବା ପ୍ରତି ପ୍ରତିବଦ୍ଧ ରହିବା ସହ ଆମର ଆ'ର୍ଜାତୀୟ ଉପସ୍ଥିତିକୁ ବୃଦ୍ଧି କରୁଛି। ଏହି ଅବସରରେ ମୁଁ ପ୍ରତ୍ୟେକ ଭାରତୀୟଙ୍କୁ ସ୍ୱାଧୀନତା ଦିବସର ଶୁଭେଚ୍ଛା ଜଣାଉଛି।' ଶ୍ରୀଯୁକ୍ତ ଚୌହାନ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ୭୯ତମ ସ୍ୱାଧୀନତା ଦିବସ ଅଭିଭାଷଣକୁ ପ୍ରଶଂସା କରିଛନ୍ତି, ଯେଉଁଥିରେ ସେ ଭାରତର ଅର୍ଥନୀତି ଓ ସମାଜ ପାଇଁ ଏକ ରୋଡମ୍ୟାପ ପ୍ରଦାନ କରିଥିଲେ ।ଉଲ୍ଲେଖଯୋଗ୍ୟ ଯେ, ଓଡିଶା ଇକ୍ୱିଟି ବଜାର ଅଂଶଗ୍ରହଣ କ୍ଷେତ୍ରରେ ଅନ୍ୟତମ ଦ୍ରୁତ ଅଭିବୃଦ୍ଧିଶୀଳ ରାଜ୍ୟ ଭାବେ ଉଭା ହୋଇଥିବା ବେଳେ ଜୁଲାଇ ୨୦୨୫ ସୁଦ୍ଧା ଏହାର ଏନଏସଇ ନିବେଶକ ପୀକରଣ ସଂଖ୍ୟା ୨୫.୫ ଲକ୍ଷ ରହିଛି। ଏନଏସଇ ପାଇଁ ବର୍ଦ୍ଧିତ ନିବେଶକ ଅଂଶଗ୍ରହଣ ଦୃଷ୍ଟିରୁ ଶୀର୍ଷ ୧୦ଟି ରାଜ୍ୟ ବାହାରେ ଆସାମ, ଛତିଶଗଡ ଓ ଓଡିଶା ଶୀର୍ଷ ପ୍ରଦର୍ଶନକାରୀ ରାଷ୍ଟ୍ର ହୋଇଛନ୍ତି। ସେହିପରି ଏନଏସଇର ମୋଟ ପୀକୃତ ନିବେଶକ ଆଧାରରେ ଶୀର୍ଷ ୫ଟି ଯୋଗଦାନକାରୀ ରାଜ୍ୟ ମଧ୍ୟରେ ମହାରାଷ୍ଟ୍ର, ଉତରପ୍ରଦେଶ, ପଶ୍ଚିମବଙ୍ଗ, ରାଜସ୍ଥାନ ଓ ତାମିଲନାଡୁର ସ୍ଥାନ ରହିଛି। ନିକଟରେ ଏନଏସଇ ଜୁଲାଇ ୨୦୨୫ରେ ୨୩ କୋଟି (୨୩୦ ମିଲିୟନ) ଟ୍ରେଡିଂ ଆକାଉଂଟ ସଂଖ୍ୟା ଅତିକ୍ରମ କରି ଏକ ବଡ ସଫଳତା ହାସଲ କରିଛି।

# ଟାଟା ଏଆଇଏ ପକ୍ଷରୁ 'ଶୁଭ ଶକ୍ତି' ମିଆଦୀ ବୀମା ଯୋଜନାର ଶୁଭାରମ୍ଭ

TATA AIA LIFE INSURANCE

ନୂଆଦିଲ୍ଲୀ: ଟାଟା ଏଆଇଏ ଲାଇଫ ଇନସ୍ୟୁରାନ୍ସ ପକ୍ଷରୁ ମହିଳାଙ୍କ ଲାଗି ସ୍ୱତନ୍ତ୍ର ଭାବେ ପ୍ରସ୍ତୁତ କରାଯାଇଥିବା ଏକ ମିଆଦୀ ବୀମା ଯୋଜନା 'ଶୁଭ ଶକ୍ତି'ର ଶୁଭାରମ୍ଭ କରାଯାଇଛି। ଏହା କେବଳ ଏକ ଜୀବନ ବୀମା ଉତ୍ପାଦ ନୁହେଁ, ଏହା ହେଉଛି ଏକ ସାମଗ୍ରିକ ସୁରକ୍ଷା ଯୋଜନା ଯାହା ମହିଳାଙ୍କ ଜୀବନର ଗୁରୁତ୍ୱପୂର୍ଣ୍ଣ ସମୟରେ ଓ ଆର୍ଥିକ ଆବଶ୍ୟକତା ପୂରଣ କରି ସେମାନଙ୍କୁ ସଶକ୍ତ କରିବ। ସାଧାରଣତଃ ମିଆଦୀ ବୀମା ଶିଳ୍ପରେ ପ୍ଲାନଗୁଡ଼ିକୁ ପୁରୁଷ ପ୍ରାଧାନ୍ୟ ଭାବେ ପ୍ରସ୍ତୁତ କରାଯାଇଥାଏ, କାରଣ ଦେଶର ଅଧିକାଂଶ ରୋଜଗାରକ୍ଷମ ବ୍ୟକ୍ତି ହେଉଛନ୍ତି ପୁରୁଷ। ଫଳରେ ମହିଳାମାନଙ୍କ ସ୍ୱତନ୍ତ୍ର ଆବଶ୍ୟକତା ଅଣଦେଖା ହୋଇଯାଏ। କିନ୍ତୁ ଆଜିର ଭାରତୀୟ ମହିଳାମାନେ ଆଗକୁ ବଢ଼ି ଶ୍ରମଶକ୍ତିରେ ନେତୃତ୍ୱ ନେବାଠାରୁ ଆରମ୍ଭ କରି ଉଦ୍ୟୋଗୀ ହେବା ଏବଂ ଆର୍ଥିକ ନିଷ୍ପତି ଗ୍ରହଣ କରି ଚିରାଚରିତ ଧାରା ଭାଙ୍ଗିଛନ୍ତି। ସେମାନେ କେବଳ ଅର୍ଥନୈତିକ ଦୃଷ୍ଟିରୁ ନୁହେଁ ବରଂ ଆର୍ଥିକ ଭବିଷ୍ୟତ ସୁରକ୍ଷିତ ରଖିବାରେ ମଧ୍ୟ ଅଗ୍ରଣୀ ରହିଛନ୍ତି। ଆର୍ଥିକ ସ୍ୱାଧୀନତାରେ ମହିଳାମାନେ ଆଗକୁ ବଢ଼ିଥିବା ବେଳେ ଟାଟା ଏଆଇଏର ଏକ ସର୍ବେକ୍ଷଣରୁ ଜଣାପଡ଼ିଛି ଯେ, ୮୯ ପ୍ରତିଶତ ବିବାହିତ ମହିଳା ଆର୍ଥିକ ଯୋଜନା ପାଇଁ ସେମାନଙ୍କ ସ୍ୱାମୀ ଉପରେ ଏବେବି ନିର୍ଭର କରୁଛନ୍ତି। କେବଳ ୪୪ ପ୍ରତିଶତ ମହିଳାଙ୍କୁ ସ୍ୱାଧୀନତା ମିଳିଛି। ସେହି ଅନ୍ତର ମହିଳାମାନଙ୍କ ସ୍ୱତନ୍ତ୍ର ଆର୍ଥିକ ଆବଶ୍ୟକତା ଓ ଆହ୍ୱାନ ପୂରଣ କରିବା ଲାଗି ସ୍ୱତନ୍ତ୍ର ସମାଧାନ ଆବଶ୍ୟକ କରୁଛି। ଟାଟା ଏଆଇଏର ମହିଳା ଉପଦେଷ୍ଟା ରତ୍ନା ମିତ୍ର କହିଛନ୍ତି ଯେ, 'ଭାରତୀୟ ମହିଳାମାନେ ସେମାନଙ୍କ ଫାଇଫାନ୍ସ ଓ ନିବେଶର ଦାୟିତ୍ୱ ନେଉଥିଲେ ମଧ୍ୟ ସେମାନଙ୍କ ମଧ୍ୟରୁ ଅଧିକାଂଶଙ୍କ ବୀମା ନାହିଁ। ଫଳରେ ଦୁଃଖଦ ଘଟଣାରେ ସେମାନଙ୍କ ପରିବାର ପ୍ରଭାବିତ ହେବା ଆଶଙ୍କା ରହିଛି। 'ଶୁଭ ଶକ୍ତି' ଜରିଆରେ ଆମେ ଏକ ସମାଧାନ ପ୍ରଦାନ କରିଛୁ ଯାହା ଆଜିର ମହିଳାମାନଙ୍କ ଦୃଢ଼ତା ସହିତ ସମନ୍ୱିତ ରହିଛି, ଯାହା ସେମାନଙ୍କୁ ପରିବାରର ଭବିଷ୍ୟତ ସୁରକ୍ଷିତ କରିବା, ନିଜ ସ୍ୱାସ୍ଥ୍ୟରେ ନିବେଶ କରିବା ଏବଂ ଚିନ୍ତାମୁକ୍ତ ଜୀବନ ବିତାଇବା ଲାଗି ମହିଳାମାନଙ୍କୁ ସଶକ୍ତ କରିବ। ଏହା ହେଉଛି ତାଙ୍କ ଅଭିଳାଷକୁ ସମର୍ଥନ କରିବା, ମାନସିକ ଶାନ୍ତି ପ୍ରଦାନ କରିବା ଏବଂ ଏହା ନିଶ୍ଚିତ କରିବା ଯେ, ନିଜ ପ୍ରିୟଜନଙ୍କ ସୁରକ୍ଷା ସହ ସାଲିସ ବିନା ସେମାନେ ଜୀବନର ଆହ୍ୱାନକୁ ମୁକାବିଲା କରିପାରିବେ।' 'ଶୁଭ ଶକ୍ତି' ପ୍ଲାନର ଏକ ଅବିଚ୍ଛେଦ୍ୟ ଅଙ୍ଗ ହେଉଛି ଟାଟା ଏଆଇଏ ହେଲ୍‌ଥ ବଡି ଯାହା ମହିଳାମନଙ୍କୁ ୱେଲନେସ ପାଇଁ ବ୍ୟାପକ ଓ ପ୍ରୋତ୍ସାହନ ଆଧାରିତ ସୁବିଧା ପ୍ରଦାନ କରିବ।

# ଆର୍‌ଏସ୍‌ପି ପକ୍ଷରୁ ୧୪କର୍ମଚାରୀ ପୁରସ୍କୃତ



ରାଉରକେଲା (ଭାସ୍କର ନ୍ୟୁଜ): ସେଲ୍ ରାଉରକେଲା ଇସ୍ପାତ କାରଖାନା (ଆରଏସପି) ର ସିଲିକନ୍ ଷ୍ଟିଲ୍ ମିଲ୍ (ଏସଏସଏମ) ବିଭାଗରେ ଅଗଷ୍ଟ ୧୧ ତାରିଖ ଦିନ ଏକ ପୁରସ୍କାର ବିତରଣ ସମାରୋହ ଆୟୋଜିତ ହୋଇଥିଲା। ଏଥିରେ ଉକ୍ତ ବିଭାଗରେ ନିୟୋଜିତ ଠିକା ଶ୍ରମିକମାନଙ୍କୁ ସେମାନଙ୍କ ଉଦାହରଣୀୟ ପ୍ରୟାସ ପାଇଁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ହଟ ଷ୍ଟ୍ରିପ ମିଲ ଓ ଆନୁଷଙ୍ଗିକ ବିଭାଗର ସିଜିଏମ ସୁବ୍ରତ କୁମାର ଅଧକ୍ଷତା କରି ବିଭିନ୍ନ ଏଜେନ୍ସିଗୁଡ଼ିକର ୧୪ ଜଣ ଠିକା ଶ୍ରମିକଙ୍କୁ ସେମାନଙ୍କର ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ପୁରସ୍କାର ପ୍ରଦାନ କରିଥିଲେ। ଯାହା ବିଭାଗର ଉତ୍ପାଦନ, ଚାଲାଣ ଏବଂ ସପ ଫ୍ଲୋରର ବିଭିନ୍ନ ଅସୁରକ୍ଷିତ ସମସ୍ୟା ସମାଧାନରେ ଯୋଗଦାନ ଦେଇଥିଲା। ଏହି ଅବସରରେ ଏସଏସଏମ ବିଭାଗର ଜି ଏମ ଇନ ଚାର୍ଜ ତଥା ବିଭାଗ ମୁଖ୍ୟ ସି.ଆର. ମିଶ୍ର, ଏସଏସଏମ ମେକନିକାଲ ବିଭାଗର ଜିଏମ ଡି ବାନାର୍ଜୀ, ଇଲେକଟ୍ରିକାଲ ବିଭାଗର ଜିଏମ ଏମ୍.ପି. ରାଜାରାଓ, ଏବଂ ଅପରେସନ ବିଭାଗର ଜିଏମ ବି. ଦାସ, ଏସ.ଏସ.ଏମ୍ ଏବଂ ଏଚ୍.ଆର ବିଭାଗ ର ବରିଷ୍ଠ ଅଧିକାରୀଙ୍କ ସମେତ ସମ୍ପୃକ୍ତ ଏଜେନ୍ସିଗୁଡ଼ିକର ପ୍ରତିନିଧିମାନେ ଉପସ୍ଥିତ ଥିଲେ। ଏହି କ୍ରମରେ ସୁବ୍ରତ କୁମାର ଠିକା ଶ୍ରମିକଙ୍କ ଉତ୍ସର୍ଗଭାବ ଏବଂ କଠିନ ପରିଶ୍ରମର ପ୍ରଶଂସା କରି ମିଲର ସୁଗମ କାର୍ଯ୍ୟ ସମ୍ପାଦନ, ସୁରକ୍ଷା ତଥା ଉତ୍ପାଦକତା ପାଇଁ ସେମାନଙ୍କର ଅବଦାନ ଅବିଚ୍ଛେଦ୍ୟ ବୋଲି ଗୁରୁତ୍ୱାରୋପ କରିଥିଲେ। ସେ ଆହୁରି ମଧ୍ୟ ସେମାନଙ୍କୁ ସେମାନଙ୍କର ପ୍ରତିବଦ୍ଧତା ବଜାୟ ରଖିବା ସହିତ କାରଖାନାର ଅଭିବୃଦ୍ଧି ଏବଂ ପରିଚାଳନାଗତ ଉତ୍କର୍ଷତାକୁ ସମର୍ଥନ ଜାରି ରଖିବାକୁ ଉତ୍ସାହିତ କରିଥିଲେ ।ଏହି କାର୍ଯ୍ୟକ୍ରମ ର ପ୍ରାରମ୍ଭରେ ସି ଆର ମିଶ୍ର ତାଙ୍କ ସ୍ୱାଗତ ଭାଷଣରେ ଠିକା ଶ୍ରମିକଙ୍କ ମୂଲ୍ୟବାନ ଅବଦାନ ଉପରେ ଆଲୋକପାତ କରିଥିଲେ ଏବଂ ଆରଏସପିରେ ପ୍ରଚଳିତ ସ୍ୱୀକୃତିର ସଂସ୍କୃତି ବିଷୟରେ ବକ୍ତବ୍ୟ ରଖିଥିଲେ।

# ବୋଲ୍ଟ ପକ୍ଷରୁ 'ଗୋବୋଲ୍ଟ'ର ଉନ୍ମୋଚନ



ନୂଆଦିଲ୍ଲୀ: ଭାରତର ଦ୍ରୁତ ଅଭିବୃଦ୍ଧିଶୀଳ ୱେୟାରେବୁଲ୍ସ ବ୍ରାଣ୍ଡ, ବୋଲ୍ଟ ପକ୍ଷରୁ ଏକ ନୂଆ ବ୍ରାଣ୍ଡ ନାମ ଗୋବୋଲ୍ଟ ର ଉନ୍ମୋଚନ କରାଯାଇଛି । ଏଥିସହିତ ଏକ ନୂଆ ଲୋଗୋ, ଏକ ଅଧିକ କେନ୍ଦ୍ରିତ ବ୍ୟବସାୟ ରଣନୀତି ଏବଂ ଟେକ୍ନୋଲୋଜି, ଡିଜାଇନ ଓ ଖୁଚୁରା ଅଭିବୃଦ୍ଧି କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ନିବେଶ ସାମିଲ ରହିଛି। ଏକ ମଜବୁତ ୨୦୨୪-୨୫ ଆର୍ଥିକ ବର୍ଷ ପରେ ଏହି ପଦକ୍ଷେପ ସାମ୍ନାକୁ ଆସିଛି ଯେତେବେଳେ ବ୍ରାଣ୍ଡ ଏହି ଆର୍ଥିକ ବର୍ଷରେ ୮୦୦ କୋଟି ଟଙ୍କାର ବ୍ୟବସାୟ କରିଛି, ଯାହା ଗତ ଦୁଇ ବର୍ଷରେ ଏହାର ରାଜସ୍ୱର ପ୍ରାୟ ଦୁଇ ଗୁଣ ଅଧିକ ଅଟେ। ଗୋବୋଲ୍ଟ ୨୦୨୫-୨୬ ଆର୍ଥିକ ବର୍ଷରେ ୧୦୦୦ କୋଟି ଟଙ୍କାର ରାଜସ୍ୱ ହାସଲ କରିବାକୁ ଲକ୍ଷ୍ୟ ରଖିଛି। ଏ ସମ୍ପର୍କରେ ଗୋବୋଲ୍ଟର ସହପ୍ରତିଷ୍ଠାତା ବରୁଣ ଗୁପ୍ତା କହିଛନ୍ତି, 'ବୋଲ୍ଟ ସବୁବେଳେ ମୋ ପାଇଁ ଏକ ବ୍ରାଣ୍ଡଠାରୁ ଅଧିକ ରହିଛି; ଏହା ଏକ ଆଗ୍ରହ ପ୍ରକଳ୍ପ ଭାବେ ଆରମ୍ଭ ହୋଇଥିଲା, ଏଭଳି କିଛି ଯାହାକୁ ମୁଁ ହୃଦୟରୁ ବିଶ୍ୱାସ ଓ ଉତ୍ସାହ ସହିତ ତଳ ସ୍ତରରୁ ନିର୍ମାଣ କରିଥିଲି ଏବଂ ଗୋବୋଲ୍ଟ ସହିତ ଏହା କେବଳ ଏକ ନୂଆ ନାମ ନୁହେଁ; ଏହା ଏକ ବ୍ୟକ୍ତିଗତ ସଫଳତା ଅଟେ। ଆମେ ଆମର ବିଚାର, ପରିଚାଳନା ଓ ନିର୍ମାଣ କରିବାର ଶୈଳୀକୁ ପରିବର୍ତନ କରିଛୁ। ଏହି ରିବ୍ରାଣ୍ଡ ଦ୍ରୁତ ବେଗରେ ଆଗକୁ ବଢିବା, ବଡ ଚିନ୍ତା କରିବା ଏବଂ ଭାରତୀୟ ଉଦ୍ଭାବନକୁ ବିଶ୍ୱସ୍ତରକୁ ନେବା ପାଇଁ ଆମର ପ୍ରତିବଦ୍ଧତାକୁ ପ୍ରତିଫଳନ କରୁଛି। ଗୋବୋଲ୍ଟ ହେଉଛି ଏକ ରିବିଲ୍ଡ, ରିବୁଟ ଓ ଏକ ଅଗ୍ରଗାମୀ ପଦକ୍ଷେପ ଯାହା ଏଭଳି ଏକ ଗ୍ଲୋବାଲ ଇଣ୍ଡିଆନ ଟେକ୍ ବ୍ରାଣ୍ଡ ସୃଷ୍ଟି କରୁଛି, ଯାହା ଆମେ ସେବା ପ୍ରଦାନ କରୁଥିବା ଯୁବପିଢିଙ୍କ ଭଳି ନିର୍ଭୀକ ଅଟେ।' ଏ ସମ୍ପର୍କରେ ଗୋବୋଲ୍ଟର ସହପ୍ରତିଷ୍ଠାତା ତରୁଣ ଗୁପ୍ତା କହିଛନ୍ତି, 'ଆମ ବ୍ୟବସାୟର ସମସ୍ତ ଟଚପଏଂଟଗୁଡିକ ଯେପରି ରିଟେଲ ଫ୍ଲୋର, ପ୍ୟାକେଜିଂ ଓ ପ୍ରଡକ୍ଟ ସମେତ ଏକ ପ୍ରିମିୟମ ଅନୁଭୂତି ପ୍ରଦାନ କରିବେ ତାହା ନିଶ୍ଚିତ କରିବା ପାଇଁ ଆମେ ସମନ୍ୱିତ ହେଉଛୁ। ଆମର ସମ୍ପ୍ରସାରିତ ରିଟେଲ ଉପସ୍ଥିତି, ମଜବୁତ ଉତ୍ପାଦ ଶୃଙ୍ଖଳା ଏବଂ ଆନ୍ତର୍ଜାତୀୟ ସମ୍ପ୍ରସାରଣ ରଣନୀତି ଗୋବୋଲ୍ଟକୁ ଏହାର ପରବର୍ତୀ ଅଭିବୃଦ୍ଧି ଅଧ୍ୟାୟ ପାଇଁ ସୁବ୍ୟବସ୍ଥିତ କରିଛି, କାରଣ ଆମେ ୨୦୩୦ ସୁଦ୍ଧା ଆମର ୨୦୦୦ କୋଟି ଟଙ୍କାର ରାଜସ୍ୱ ଲକ୍ଷ୍ୟ ଦିଗରେ ଆଗକୁ ବଢୁଛୁ।'



ନୂଆଦିଲ୍ଲୀ: ଦ.ଆଫ୍ରିକାର ଷ୍ଟାର ବ୍ୟାଟର ଡେୱାଲ୍ଡ ବ୍ରେଭିସ୍ ଓ ଚେନ୍ନାଇ ସୁପର କିଙ୍ଗ୍ସକୁ ନେଇ ଅଶ୍ୱିନ ନିଜ ୟୁଟ୍ୟୁବ୍ ଚ୍ୟାନେଲକେର ବଡ଼ ଦାବି କରିଥିଲେ। ସେ କହିଥିଲେ ଯେ ବ୍ରେଭିସଙ୍କୁ ଟିମରେ ସାମିଲ କରିବା ପାଇଁ ସିଏସ୍‌କେ ଅଧିକ ଟଙ୍କା ଦେଇଥିଲା। ଅଶ୍ୱିନଙ୍କ ଏହି ବୟାନ ପରେ ଆଇପିଏଲ୍‌ରେ ରିପ୍ଲେସମେଣ୍ଟ ନିୟମରେ ଗଳବାଟକୁ ନେଇ ଚର୍ଚ୍ଚା ଆରମ୍ଭ ହୋଇଛି। ପୂର୍ବତନ କ୍ରିକେଟର ଆକାଶ ଚୋପ୍ରା ମଧ୍ୟ ଏପରି ହେବା ନେଇ ଆଶଙ୍କା ପ୍ରକାଶ କରିଥିଲେ। ତେବେ ଚେନ୍ନାଇ ସୁପର କିଙ୍ଗ୍ସ ଶନିବାର ଦକ୍ଷିଣ ଆଫ୍ରିକୀୟ ବ୍ୟାଟର ବ୍ରେଭିସଙ୍କ ସହ ତାର ଚୁକ୍ତିକୁ ନେଇ ସ୍ପଷ୍ଟୀକରଣ ଦେଇଛି। ଉଲ୍ଲେଖଯୋଗ୍ୟ ଯେ ପୂର୍ବତନ ଭାରତୀୟ ସ୍ପିନର ରବିଚନ୍ଦ୍ରନ ଅଶ୍ୱିନ ଏବେ ବି ସିଏସ୍‌କେ ଟିମ୍‌ରେ ଅଛନ୍ତି। ଚେନ୍ନାଇ ସୁପର କିଙ୍ଗ୍ସ ଆଇପିଏଲ୍ ୨୦୨୫ରେ ଫାଷ୍ଟ ବୋଲର ଗୁରଜପନୀତ ସିଂହଙ୍କ ବଦଳରେ ଡେୱାଲ୍ଡ ବ୍ରେଭିସଙ୍କୁ ଟିମରେ ସାମିଲ କରିଥିଲା। ଅଶ୍ୱିନ ଦାବି କରିଥିଲେ ଯେ ଚେନ୍ନାଇ ବ୍ରେଭିସଙ୍କୁ କିଣିବା ପାଇଁ ଅଧିକ ଟଙ୍କା ଦେଇଥିଲା। ବ୍ରେଭିସଙ୍କୁ ଚେନ୍ନାଇ ୨.୨ କୋଟି ଟଙ୍କାରେ କିଣିଥିଲା। ଅଶ୍ୱିନ କହିଥିଲେ ବ୍ରେଭିସ୍ ଏଜେଣ୍ଟ ଜରିଆରେ ଅଧିକ ଡିମାଣ୍ଡ କରିଥିଲେ, ଯାହାକୁ ଚେନ୍ନାଇ ପୂରଣ କରିଥିଲା। ଏବେ ସିଏସ୍‌କେ ଏହି ଦାବିକୁ ଖଣ୍ଡନ କରି ରିପ୍ଲେସମେଣ୍ଟ ଆଇପିଏଲ୍ ନିୟମ ଅନୁସାରେ ହୋଇଛି ବୋଲି କହିଛି। ଫ୍ରାଞ୍ଚାଇଜ୍ ମିଡିଆ ରିଲିଜରେ କହିଛି, 'ଚେନ୍ନାଇ ସୁପର କିଙ୍ଗ୍ସ ସ୍ପଷ୍ଟ କରୁଛି ଯେ ଆଇପିଏଲ୍ ୨୦୨୫ ବେଳେ ଡେୱାଲ୍ଡ ବ୍ରେଭିସଙ୍କୁ ରିପ୍ଲେସମେଣ୍ଟ ଖେଳାଳି ଭାବେ ଚୁକ୍ତି କରାଯିବା ପ୍ରକ୍ରିୟା ଆଇପିଏଲ୍ ନିୟମ ଓ ମାର୍ଗଦର୍ଶିକା ଅନୁସାରେ ଥିଲା।' ଆଇପିଏଲ୍‌ର ବର୍ତ୍ତମାନ ନିୟମ ଅନୁସାରେ କୌଣସି ରିପ୍ଲେସମେଣ୍ଟ ଖେଳାଳିଙ୍କ ଅନୁବନ୍ଧିତ ରାଶି ସେହି ଖେଳାଳିଙ୍କ ମୂଲ୍ୟଠାରୁ ଅଧିକ ହେବ ନାହିଁ, ଯାହାଙ୍କ ସ୍ଥାନରେ ସେ ଟିମରେ ସାମିଲ ହେବାକୁ ଯାଉଛନ୍ତି । ବ୍ରେଭିସ ମେଗା ନିଲାମୀରେ ବିକ୍ରି ହୋଇନଥିଲେ, କିନ୍ତୁ ସିଏସ୍‌କେ ଏପ୍ରିଲ୍ ୧୮ରେ ତାଙ୍କୁ ୭୫ ଲକ୍ଷ ଟଙ୍କାର ବେସ୍ ପ୍ରାଇସ୍ ଉପରେ ୨.୨ କୋଟି ଟଙ୍କାରେ ନିଜ ଟିମରେ ସାମିଲ କରିଥିଲା।

### ଏସିଆ କପ୍ ପାଇଁ ପାକିସ୍ତାନ ଦଳ ଘୋଷିତ

# ବାଦ ପଡିଲେ ବାବର-ରିଜୱାନ୍



ନୂଆଦିଲ୍ଲୀ: ବହୁ ବାଦ-ବିବାଦ ପରେ ଏସିଆ କପ୍ ଆୟୋଜନ କରାଯାଉଛି। ଖୁବ୍ କମ୍ ଦିନ ମଧ୍ୟରେ ଏହି ଟୁର୍ଣ୍ଣାମେଣ୍ଟ ଖେଳାଯିବ। ଏଥିପାଇଁ ଅନେକ ଟିମ୍ ନିଜନିଜ ଦଳ ଘୋଷଣା କରିସାରିଲେଣି। ଏହି କ୍ରମରେ ପାକିସ୍ତାନ କ୍ରିକେଟ୍ ବୋର୍ଡ (ପିସିବି) ୨୦୨୫ ଏସିଆ କପ୍ ପାଇଁ ନିଜ ଦଳ ଘୋଷଣା କରିଛି। ୟୁଏଇରେ ଖେଳାଯିବାକୁ ଥିବା ତ୍ରିରାଷ୍ଟ୍ରୀୟ-ସିରିଜ ଏବଂ ଏସିଆ କପ୍ ପାଇଁ ପିସିବି ୧୭ ଜଣିଆ ଦଳ ଘୋଷଣା କରିଛି। ଷ୍ଟାର ବ୍ୟାଟର ବାବର ଆଜମ ଏବଂ ଦିନିକିଆ ଅଧିନାୟକ ମହମ୍ମଦ ରିଜୱାନଙ୍କୁ ଏହି ଦଳରେ ସାମିଲ କରାଯାଇ ନାହିଁ। ସଲମାନ ଅଲି ଆଗାଙ୍କୁ ଉଭୟ ଟୁର୍ଣ୍ଣାମେଣ୍ଟରେ ଅଧିନାୟକ ଘୋଷଣା କରାଯାଇଛି। ସେ ଚଳିତ ବର୍ଷ ଆରମ୍ଭରୁ ଟି-୨୦ ଦଳର ନେତୃତ୍ୱ ନେଉଛନ୍ତି। ପୂର୍ବତନ ଅଧିନାୟକ ବାବର ଆଜମ ଏବଂ ୱିକେଟକିପର ବ୍ୟାଟର ତଥା ଦିନିକିଆ ଅଧିନାୟକ ମହମ୍ମଦ ରିଜୱାନଙ୍କୁ ତ୍ରିରାଷ୍ଟ୍ରୀୟ ସିରିଜ୍ ଏବଂ ଏସିଆ କପ୍ ଦଳରେ ସାମିଲ କରାଯାଇ ନାହିଁ। ଅନେକ ରିପୋର୍ଟରେ ଦାବି କରାଯାଇଥିଲା ଯେ ଉଭୟ ଷ୍ଟାର ଖେଳାଳି ଏସିଆ କପ୍ ପାଇଁ ଟି-୨୦ ଦଳକୁ ଫେରିପାରନ୍ତି, କିନ୍ତୁ ପିସିବି ଉଭୟଙ୍କୁ ଏକ ବଡ଼ ଝଟକା ଦେଇଛି। ବାବର ଆଜମ ଶେଷ ଥର ପାଇଁ ୨୦୨୪ ଡିସେମ୍ବରରେ ପାକିସ୍ତାନ ପାଇଁ ଟି ୨୦ ଆନ୍ତର୍ଜାତୀୟ ଖେଳିଥିଲେ। ମହମ୍ମଦ ରିଜୱାନ ମଧ୍ୟ ୨୦୨୪ ଡିସେମ୍ବରରେ ଶେଷ ଥର ପାଇଁ ପାକିସ୍ତାନ ପାଇଁ ଟି-୨୦ ଆନ୍ତର୍ଜାତୀୟ ଖେଳିଥିଲେ। ସଲମାନ ଅଲୀ ଆଗାଙ୍କୁ ଏସିଆ କପରେ ପାକିସ୍ତାନ ଦଳର ନେତୃତ୍ୱ ଦିଆଯାଇଛି। ସେ ଚଳିତ ବର୍ଷ ଆରମ୍ଭରୁ ଟି ୨୦ଦଳର ଅଧିନାୟକତ୍ୱ କରୁଛନ୍ତି। ପିସିବି ଯୁବ ଖେଳାଳିଙ୍କ ଉପରେ ବିଶ୍ୱାସ ପ୍ରକଟ କରିଛି। ସାମ ଆୟୁବ, ସାହିବଜାଦା ଫରହାନ, ମହମ୍ମଦ ହାରିସ ଏବଂ ହାସନ ନୱାଜଙ୍କ ଭଳି ଯୁବ ଖେଳାଳିଙ୍କୁ ବ୍ୟାଟିଂରେ ସାମିଲ କରାଯାଇଛି। ଦଳରେ ଅଧିନାୟକ ସଲମାନ ଆଗା ଏବଂ ଅଭିଜ୍ଞ ଫଖର ଜମାନ ମଧ୍ୟ ଅଛନ୍ତି। ତାରା ଦ୍ରୁତ ବୋଲର ଶାହିନ ଶାହ ଆଫ୍ରିଦି ଏବଂ ହାରିସ ରଉଫଙ୍କୁ ଦ୍ରୁତ ବୋଲିଂରେ ସୁଯୋଗ ଦିଆଯାଇଛି। ମହମ୍ମଦ ୱାସିମ ଏବଂ ଯୁବ ସେନସେସନ୍ ସଲମାନ ମିର୍ଜାଙ୍କୁ ମଧ୍ୟ ଦଳରେ ସାମିଲ କରାଯାଇଛି। ସ୍ପିନରମାନଙ୍କରେ ମହମ୍ମଦ ନୱାଜ, ସୁଫିୟାମ୍ ମୁକିମ୍ ଏବଂ ଅବରାର ଅହମ୍ମଦଙ୍କୁ ସୁଯୋଗ ଦିଆଯାଇଛି। ପାକିସ୍ତାନ ଦଳ: ସଲମାନ ଆଗା (ଅଧିନାୟକ), ଅବରାମ ଅହମ୍ମଦ, ଫହିମ ଅସରଫ, ଫଖର ଜମାନ, ହରିସ ରଉଫ, ହସନ ଅଲୀ, ହସନ ନୱାଜ, ହୁସେନ ତଲାଟ, ଖୁଶଦିଲ ଶାହା, ମହମ୍ମଦ ହାରିସ (ୱିକେଟ୍ ରକ୍ଷକ), ମହମ୍ମଦ ନୱାଜ, ମହମ୍ମଦ ୱାସିମ, ସାହିବଜାଦା ଫରହାନ, ସଇମ ଆୟୁବ, ସଲମାନ ମିର୍ଜା, ଶାହୀନ ଆଫ୍ରିଦି ଏବଂ ସୁଫିଆନ୍ ମୁକିମ୍।

## ଫିଟ୍‌ନେସ୍‌ରେ ପାସ୍ କଲେ ସୂର୍ଯ୍ୟକୁମାର

ବେଙ୍ଗାଲୁରୁ: ଭାରତୀୟ ଟ୍ୱେଣ୍ଟି୨୦ ଦଳର ଅଧିନାୟକ ସୂର୍ଯ୍ୟକୁମାର ଯାଦବ ଫିଟ୍‌ନେସ ପରୀକ୍ଷାରେ କୃତକାର୍ଯ୍ୟ ହୋଇଛନ୍ତି। ଶନିବାର ବେଙ୍ଗାଲୁରୁସ୍ଥିତି ବିସିସିଆଇ ସେଣ୍ଟର ଅଫ୍ ଏକ୍ସେଲେନ୍‌ସ (ସିଓଇ)ରେ ସୂର୍ଯ୍ୟକୁମାରଙ୍କ ଫିଟ୍‌ନେସ ପରୀକ୍ଷା ନିଆ ଯାଇଥିଲା, ଯାହାକୁ ସେ ସଫଳତାର ସହ ପାର କରିଛନ୍ତି। ଶେଷଥର ଆଇପିଏଲ୍ ଖେଳି ପ୍ଲେୟର ଅଫ୍ ଦି ଟୁର୍ଣ୍ଣାମେଣ୍ଟ ହେବା ପରେ ଜୁନ୍‌ରେ ସୂର୍ଯ୍ୟକୁମାରଙ୍କର ଜର୍ମାନୀର ମ୍ୟୁନିକ୍‌ସରେ ସ୍ପୋର୍ଟସ ହର୍ନିଆ ଅସ୍ତ୍ରୋପଚାର କରା ଯାଇଥିଲା। ସୁସ୍ଥହେବା ପରେ ସୂର୍ଯ୍ୟକୁମାର ସିଓଇ ଆସି ଅଭ୍ୟାସ କରୁଥିଲେ। ଭାରତୀୟ ଦଳ ପାଇଁ ଖେଳିବା ପାଇଁ ଫିଟ୍‌ନେସ ପରୀକ୍ଷାରେ କୃତକାର୍ଯ୍ୟ ହେବା ବାଧ୍ୟତାମୂଳକ ଏବଂ ସୂର୍ଯ୍ୟକୁମାର ଫିଟ୍ ଘୋଷିତ ହୋଇଛନ୍ତି ବୋଲି ଶନିବାର ବିସିସିଆଇ ଘୋଷଣା କରିଛି। ଫଳରେ ସୂର୍ଯ୍ୟକୁମାର ଏସିଆ କପ୍‌ରେ ଭାରତୀୟ ଦଳର ନେତୃତ୍ୱ ନେବା ପ୍ରାୟ ନିଶ୍ଚିତ ହୋଇଯାଇଛି। ସେପ୍ଟେମ୍ବର ୯ରୁ ୟୁଏଇର ଏସିଆ କପ୍ ଆରମ୍ଭ ହେଉଥିବା ବେଳେ ୧୦ରେ ଆୟୋଜକ ୟୁଏଇ ବିପକ୍ଷରେ ଭାରତ ପ୍ରଥମ ମ୍ୟାଚ୍ ଖେଳିବ। ଆସନ୍ତା ୧୯ରେ ମୁମ୍ବାଇରେ ଏସିଆ କପ୍ ପାଇଁ ଦଳ ମନୋନୟନ ପାଇଁ କମିଟିର ବୈଠକ ବସିବ। ଅଧିନାୟକ ଭାବେ ୩୪ ବର୍ଷ ବୟସ୍କ ସୂର୍ଯ୍ୟକୁମାର ଏହି ବୈଠକରେ ଯୋଗଦେବେ। ଗତ ଆଇପିଏଲ୍‌ରେ ମୁମ୍ବାଇ ଇଣ୍ଡିଆନ୍‌ସ ପାଇଁ ଖେଳି ସୂର୍ଯ୍ୟକୁମାର ୭୧୭ ରନ୍ କରିଥିଲେ।

### କାଫା ନେସନ୍‌ସ କପ୍ ଫୁଟବଲ ଟୁର୍ଣ୍ଣାମେଣ୍ଟ

# ବାଦ ପଡିଲେ ସୁନୀଲ ଛେତ୍ରୀ



ନୂଆଦିଲ୍ଲୀ: କାଫା ନେସନ୍‌ସ କପ୍ ଫୁଟବଲ ଟୁର୍ଣ୍ଣାମେଣ୍ଟ ଲାଗି ସର୍ବଭାରତୀୟ ଫୁଟବଲ ମହାସଂଘ (ଏଆଇଏଫଏଫ)ପକ୍ଷରୁ ଭାରତୀୟ ଦଳର ପ୍ରସ୍ତୁତି ଶିବିର ବେଙ୍ଗାଲୁରୁର ଡେଭିଡ୍ ପାଦୁକୋନ ସେଣ୍ଟର ଅଫ ସ୍ପୋର୍ଟସ ଉତ୍କର୍ଷ କେନ୍ଦ୍ରରେ ଶୁକ୍ରବାର ଆରମ୍ଭ ହୋଇଛି। ଏଆଇଏଫଏଫ ପକ୍ଷରୁ ଶିବିର ଲାଗି ୨୨ ଜଣିଆ ଖେଳାଳି ମନୋନୟନ କରାଯାଇଥିବା ବେଳେ ତାରକା ଫରୱାର୍ଡ ସୁନୀଲ ଛେତ୍ରୀଙ୍କୁ ମନୋନୟନ କରାଯାଇନାହିଁ। ନୂତନ ପ୍ରଶିକ୍ଷକ ଖାଲିଦ୍ ଜମିଲଙ୍କ ପ୍ରଥମ ଶିବିରରୁ ଛେତ୍ରୀ ବାଦ୍ ପଡ଼ିଛନ୍ତି। ଯାହାକୁ ନେଇ ଚର୍ଚ୍ଚା ସୃଷ୍ଟି ହୋଇଛି। ଗୋଲରକ୍ଷକ ଗୁରପ୍ରୀତ ସିଂହ ସାନ୍ଧୁ ଜାତୀୟ ଦଳକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି। ପୂର୍ବତନ ପ୍ରଶିକ୍ଷକ ମୋନାଲ ମର୍କ୍ୟୁଜଙ୍କ ସମୟରେ ଗୁରପ୍ରୀତସିଂହ ଦଳରେ ସୁଯୋଗ ପାଇନଥିଲେ। ଏହାଛଡ଼ା ଗୋଲରକ୍ଷକ ଭାବେ ଅମରିନ୍ଦର ସିଂହ ଓ ହିତ୍ରିକ ତିୱାରୀ ରହିଛନ୍ତି। ଡିଫେଣ୍ଡର ଭାବେ ଆକାଶ ମିଶ୍ର, ଆଲେକ୍ସ ସାଜି, ବୋରିସ ସିଂହ ଥାଙ୍ଗଜାମ, ଚେଙ୍ଗଲେନସାନା ସିଂହ କୋନସାନ, ହିମାଙ୍ଗଥାନାମାୱା ରାଲେଟ, ରାହୁଲ ବେକ, ରୋଶନ ସିଂହ ନୋଇରାମ, ସନ୍ଦେଶ ଝିଙ୍ଗାନ, ସୁନୀଲ ବେଞ୍ଜମିନ ରହିଛନ୍ତି। ମିଡ୍ ଫିଲଡରରେ ଆସିକ କୁରିୟାନା,ଦିନେଶ ଫାରୁକ ଭଟ, ନିଖିଲ ପ୍ରଭୁ, ରାହୁଲ କାନୋଲି ପ୍ରବୀଣ, ସୁରେଶ ସିଂହ ୱାଙ୍ଗଜାମ, ଉଦାନ୍ତ ସିଂହ କୁମାନ ରହିଛନ୍ତି। ଫରୱାର୍ଡରେ ଇର୍ଫାନ ୟାଡୱାର୍ଡ, ଲାଲରିନଜୁଆଲା ଚାଙ୍ଗେଟ, ରହିମ ଅଲ୍ଲୀ, ବିକ୍ରମ ପ୍ରତାପ ସିଂହ ଅଛନ୍ତି। ନୂତନ ପ୍ରଶିକ୍ଷକ ଭାବେ ଚଳିତ ଅଗଷ୍ଟ ୧୩ରେ ଖଲିଦ ଜମିଲଙ୍କୁ ୨୦୨୭ ପର୍ଯ୍ୟନ୍ତ ଦୁଇବର୍ଷ ଲାଗି ନିଯୁକ୍ତ କରାଯାଇଛି। ଭାରତୀୟ ପୁରୁଷ ଫୁଟବଲ ଦଳ ଏବେ ଫିଫା ମାନ୍ୟତାର ୧୩୩ତମ ସ୍ଥାନରେ ରହିଛି। ଦଳକୁ ମାନ୍ୟତାରେ ଉନ୍ନତି ପାଇଁ ଜମିଲ ଯୁବ ଖେଳାଳିଙ୍କୁ ପ୍ରାଧାନ୍ୟ ଦେଇଥିବାରୁ ଛେତ୍ରୀ ବାଦ୍ ପଡ଼ିଛନ୍ତି।

## ଭଲିବଲ୍ କ୍ଲବ ପକ୍ଷରୁ ମେଧା ଅନ୍ୱେଷଣ କାର୍ଯ୍ୟକ୍ରମ



ଆଳି (ଭାସ୍କର ନ୍ୟୁଜ) : ଆଳି ବ୍ଲକ କଳଦିଆ ସ୍ଥିତ ବାବା ଗୁରୁ ମହାରାଜ ଭଲିବଲ୍ କ୍ଲବ ପକ୍ଷରୁ ପ୍ରତିବର୍ଷ ନମୌଜା ଉଚ୍ଚ ବିଦ୍ୟାଳୟ ଓ କେଶାବନନ୍ଦ ବାଳିକା ଉଚ୍ଚ ବିଦ୍ୟାଳୟରେ ମେଧାବି ଅନ୍ୱେଷଣ କାର୍ଯ୍ୟକ୍ରମ ହୋଇଆସୁଥିଲା ବେଳେ ଚଳିତ ବର୍ଷ କେଶାବନନ୍ଦ ବାଳିକା ଉଚ୍ଚ ବିଦ୍ୟାଳୟରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଦଶମ ଶ୍ରେଣୀ ପିଲା ମାନଙ୍କ ମଧ୍ୟରେ ଏକ ମେଧା ଅନ୍ୱେଷଣ ପରୀକ୍ଷା କରାଯାଇଥିଲା। ଗଣିତ, ବିଜ୍ଞାନ ଓ ଇଂରାଜୀ ପରୀକ୍ଷାରେ କୃତିତ୍ୱ ହାସଲ କରିଥିବା ଶ୍ରେଷ୍ଠ ୨ ଜଣ ପ୍ରତିଯୋଗୀଙ୍କୁ କେଶାବନନ୍ଦ ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷୟତ୍ରୀ ସବିତା ଦାଶ ଅତିଥି ଭାବେ ଯୋଗଦେଇ ଦୁଇଟି ଲେଖାଏଁ ଟେଷ୍ଟ ପେପର୍ ଏବଂ ଅନ୍ୟ ୨୦ ଜଣ ପିଲାଙ୍କୁ ଅନ୍ୟାନ୍ୟ ପାଠ୍ୟ ଉପକରଣ ପ୍ରଦାନ କରିଥିଲେ। ଛାତ୍ରୀ ସୁବାସିନୀ ରଥ ଓ ଭାଗ୍ୟଶ୍ରୀ ଦାଶ ବିଜୟୀ ହୋଇଥିଲେ । କ୍ଲବର ସଦସ୍ୟ ବିଜୟକାନ୍ତ ବିଶ୍ୱାଳ, ରଞ୍ଜିତ ବାରିକ, ବିଶ୍ୱଜିତ୍ ନନ୍ଦ, ସୁରଜ ସୂତାର, ଶୁଭକାନ୍ତ ନାୟକ, ବିଶ୍ୱଜିତ ସ୍ୱାଇଁ ଓ ଅମିୟ ସାହୁ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

# ସାଉଥ୍ ଆଫ୍ରିକା ବିପକ୍ଷରେ ଅଷ୍ଟ୍ରେଲିଆର ସିରିଜ୍ ବିଜୟ



କେର୍ନସ (ଅଷ୍ଟ୍ରେଲିଆ): ଗ୍ଲେନ୍ ମ୍ୟାକ୍ସୱେଲଙ୍କ ବିସ୍ଫୋରକ ଇନିଂସ ବଳରେ ଶନିବାର ୩ୟ ତଥା ଅନ୍ତିମ ଟ୍ୱେଣ୍ଟି୨୦ ମ୍ୟାଚ୍‌ରେ ରୋମାଞ୍ଚକର ବିଜୟ ହାସଲ କରିଛି ଘରୋଇ ଅଷ୍ଟ୍ରେଲିଆ। ଗୋଟିଏ ବଲ୍ ବାକିଥାଇ ଦକ୍ଷିଣ ଆଫ୍ରିକାକୁ ୨ ୱିକେଟ୍‌ରେ ଅଷ୍ଟ୍ରେଲିଆ ପରାସ୍ତ କରିଛି। ଫଳରେ ୩ ମ୍ୟାଚ୍‌ର ଟ୍ୱେଣ୍ଟି୨୦ ଶୃଙ୍ଖଳାକୁ ଅଷ୍ଟ୍ରେଲିଆ ୨-୧ରେ ଜିତିନେଇଛି। ଡିୱାଲ୍ଡ ବ୍ରେଭିସ୍‌ଙ୍କ ବିସ୍ଫୋରକ ଅର୍ଦ୍ଧଶତକ ବଳରେ ଦକ୍ଷିଣ ଆଫ୍ରିକା ୭ ୱିକେଟ୍‌ରେ ୧୭୨ ରନ୍ କରିଥିଲା। ଅଷ୍ଟ୍ରେଲିଆ ଅଧିନାୟକ ମିଚେଲ ମାର୍ଶ ଅର୍ଦ୍ଧଶତକ କରିଥିଲେ ହେଁ ମଧ୍ୟକ୍ରମ ବିଫଳ ହୋଇଥିଲା। ୮ଟି ୱିକେଟ୍ ପଡ଼ିବା ସତ୍ତ୍ୱେ ମ୍ୟାକ୍ସୱେଲ ଗୋଟିଏ ପଟୁ ଲଢ଼ି ଅଷ୍ଟ୍ରେଲିଆକୁ ବିଜୟୀ କରିଥିଲେ। ଘରୋଇ ମାଟିରେ ୧୭୩ ରନ୍ ଅଷ୍ଟ୍ରେଲିଆର ସର୍ବାଧିକ ରନ୍ ପିଛାକରି ବିଜୟ। ଟସ୍ ଜିତି ଅଷ୍ଟ୍ରେଲିଆ ଫିଲ୍ଡିଂ କରିଥିଲା। ଦକ୍ଷିଣ ଆଫ୍ରିକାର ଅଧିନାୟକ ଏଡେନ ମାର୍କରାମ ମାତ୍ର ୧ ରନ୍ କରି ପ୍ରଥମ ଓଭରରେ ବିଦାୟ ନେଇଥିଲେ। ଲୁଆନ୍-ଡ୍ରେ ପ୍ରିଟୋରିୟସ୍ ୧୫ ବଲ୍‌ରୁ ୫ଟି ଚୌକା ସହ ୨୫ ରନ୍ କରି ଆଉଟ୍ ହୋଇଥିଲେ। ଓପ୍‌ନର ରିୟାନ୍ ରିକେଲ୍‌ଟନ ୧୩ ବଲ୍‌ରୁ ମାତ୍ର ୧୩ ରନ୍ କରିଥିଲେ। ୪୯ ରନ୍‌ରେ ୩ଟି ୱିକେଟ୍ ପଡ଼ିବା ପରେ ଦୁଇ ଯୁବ ବ୍ୟାଟ୍‌ସମ୍ୟାନ୍ ଡିୱାଲ୍ଡ ବ୍ରେଭିସ୍ ଓ ଟ୍ରିଷ୍ଟାନ୍ ଷ୍ଟବ୍‌ସ ମାତ୍ର ୨୮ ବଲ୍‌ରୁ ୬୧ ରନ୍ ଯୋଡ଼ିଥିଲେ। ଗତ ମ୍ୟାଚ୍‌ରେ ଶତକ ହାସଲ କରିଥିବା ବ୍ରେଭିସ୍ ମାତ୍ର ୨୨ ବଲ୍‌ରୁ ଅର୍ଦ୍ଧଶତକ ପୂରଣ କରି ନୂତନ କୀର୍ତ୍ତିମାନ ପ୍ରତିଷ୍ଠା କରିଥିଲେ। ବ୍ରେଭିସ୍ ୨୬ ବଲ୍‌ରୁ ୬ଟି ଛକା ଓ ଗୋଟିଏ ଚୌକା ସହ ୫୩ ରନ୍ କରି ଆଉଟ୍ ହୋଇଥିଲେ। ଷ୍ଟବ୍‌ସ ୨୩ ବଲ୍‌ରୁ ୨ଟି ଚୌକା ସହ ୨୫ ରନ୍ କରିଥିଲେ। ରାସି ଭାନ୍ ଡର୍ ଡ୍ୟୁସେଁ ଶେଷ ପର୍ଯ୍ୟନ୍ତ ରହିବାରୁ ଦକ୍ଷିଣ ଆଫ୍ରିକା ୧୭୨ ରନ୍ କରି ପାରିଥିଲା। ଭାନ୍ ଡର୍ ଡ୍ୟୁସେଁ ୨୬ ବଲ୍‌ରୁ ୩ଟି ଚୌକା ସହ ୩୮ ରନ୍ କରି ଅପରାଜିତ ଥିଲେ। ନାଥାନ୍ ଏଲିସ୍ ୩ଟି ଏବଂ ଜୋସ୍ ହାଜେଲ୍‌ଉଡ୍ ଓ ଆଡାମ୍ ଜାମ୍ପା ୨ଟି ଲେଖାଏଁ ୱିକେଟ୍ ନେଇଥିଲେ। ୧୭୩ ରନ୍ ଲକ୍ଷ୍ୟରେ ଅଷ୍ଟ୍ରେଲିଆର ଦୁଇ ଓପ୍‌ନର ୮ ଓଭରରେ ୬୬ ରନ୍ କରିଥିଲେ। ଟ୍ରାଭିସ୍ ହେଡ୍ ୧୮ ବଲ୍‌ରୁ ୩ଟି ଚୌକା ସହ ୧୯ ରନ୍ କରି ବିଦାୟ ନେଇଥିଲେ। ଜୋସ୍ ଇଙ୍ଗ୍‌ଲିସ ପ୍ରଥମ ବଲ୍‌ରେ ଆଉଟ୍ ହୋଇଥିଲେ। ମିଚେଲ ମାର୍ଶ ୩୭ ବଲ୍‌ରୁ ୫ଟି ଛକା ଓ ୩ଟି ଚୌକା ସହ ୫୪ ରନ୍ କରି ବିଦାୟ ନେଇଥିଲେ। ଏହାପରେ ଅଷ୍ଟ୍ରେଲିଆର ମଧ୍ୟକ୍ରମ ବିଫଳ ହୋଇଥିଲା। କାମେରନ୍ ଗ୍ରୀନ୍ ୯ ଏବଂ ଫର୍ମରେ ଥିବା ଟିମ୍ ଡେଭିଡ୍ ୯ ବଲ୍‌ରୁ ଗୋଟିଏ ଲେଖାଏଁ ଛକା ଓ ଚୌକା ସହ ୧୭ ରନ୍ କରି ଆଉଟ୍ ହୋଇଥିଲେ। ଗୋଟିଏ ପଟୁ ମ୍ୟାକ୍ସୱେଲ ଚମତ୍କାର ବ୍ୟାଟିଂ କରିଥିବା ବେଳେ ଅନ୍ୟପଟୁ ୱିକେଟ୍ ପଡ଼ି ଚାଲିଥିଲା। ୨ ଓଭରରୁ ଅଷ୍ଟ୍ରେଲିଆ ୧୨ ରନ୍ ଆବଶ୍ୟକ କରୁଥିବା ବେଳେ କର୍ବିନ୍ ବସ୍ ୧୯ତମ ଓଭରରେ ମେଡେନ୍ ଓଭର ପକାଇବା ସହ ୨ଟି ୱିକେଟ୍ ନେଇଥିଲେ। ଏହି ଓଭରରେ ୨ଟି ଲେଗ୍‌ବାଇ ହେବାରୁ ଶେଷ ଓଭରରୁ ୧୦ ରନ୍ ଆବଶ୍ୟକ ଥିଲା। ଗ୍ଲେନ୍ ମ୍ୟାକ୍ସୱେଲ୍ ପ୍ରଥମ ବଲ୍‌ରୁ ୨ ରନ୍ ଓ ୨ୟ ବଲ୍‌ରେ ଚୌକା ମାରିଥିଲେ। ପରବର୍ତ୍ତୀ ୨ଟି ବଲ୍‌ରୁ ସେ ରନ୍ ନେଇନଥିଲେ। ୫ମ ବଲ୍‌ରେ ଚୌକାମାରି ମ୍ୟାକ୍ସୱେଲ୍ ଦଳକୁ ଜିତାଇଥିଲେ। ମ୍ୟାକ୍ସୱେଲ୍ ୩୬ ବଲ୍‌ରୁ ୨ଟି ଛକା ଓ ୮ଟି ଚୌକା ସହ ୬୨ ରନ୍ କରି ଅପରାଜିତ ଥିଲେ। କର୍ବିନ୍ ବସ୍ ୩ଟି ଏବଂ କାଗିସୋ ରବାଡା ଓ କ୍ୱେନା ମାଫାକା ୨ଟି ଲେଖାଏଁ ୱିକେଟ୍ ନେଇଥିଲେ। ଗ୍ଲେନ୍ ମ୍ୟାକ୍ସୱେଲ୍ ପ୍ଲେୟର ଅଫ୍ ଦି ମ୍ୟାଚ୍ ଏବଂ ଟିମ୍ ଡେଭିଡ୍ ପ୍ଲେୟର ଅଫ୍ ଦି ସିରିଜ୍ ହୋଇଥିଲେ।

### ଏଏଫ୍‌ସି ଚମ୍ପିଆନ୍‌ସ ଲିଗ୍-୨

# ଖେଳିବେ କ୍ରିଷ୍ଟିଆନୋ ରୋନାଲ୍‌ଡୋ !



ନୂଆଦିଲ୍ଲୀ: ପର୍ତ୍ତୁଗାଲର ବିଶ୍ୱବିଖ୍ୟାତ ଫୁଟବଲ ତାରକା କ୍ରିଷ୍ଟିଆନୋ ରୋନାଲଡୋ ଭାରତୀୟ କ୍ଲବ ସହ ଭାରତରେ ମ୍ୟାଚ ଖେଳିବାର ସମ୍ଭାବନା ସୃଷ୍ଟି ହୋଇଛି। ଏଏଫ୍‌ସି ଚମ୍ପିଆନ୍‌ସ ଲିଗ -୨ରେ ପ୍ରତିନିଧିତ୍ୱ କରୁଥିବା ଭାରତୀୟ କ୍ଲବ ଏଫ୍‌ସି ଗୋଆ ସହ ସାଉଦି ଆରବର ଅଲ୍ ନାସେର କ୍ଲବ ଗୋଟିଏ ଗ୍ରୁପରେ ସ୍ଥାନ ପାଇଛନ୍ତି। ଅଲ୍ ନାସେର କ୍ଲବରେ କ୍ରିଷ୍ଟିଆନୋ ରୋନାଲ୍‌ଡୋ ଖେଳୁଛନ୍ତି। ଶୁକ୍ରବାର କ୍ୱାଲାଲାମ୍ପୁରରେ ଏଏଫ୍‌ସି ଚମ୍ପିଆନ୍‌ସ ଲିଗ୍-୨ର ଡ୍ର ଘୋଷିତ ହୋଇଛି। ଏଥିରେ ଗ୍ରୁପ-ଡିରେ ୪ଟି କ୍ଲବ ଅଲ୍ ନାସେର, ଏଫ୍‌ସି ଗୋଆ, ଅଲ୍ ଜାୱାରା ଓ ଏଫ୍‌ସି ଇଫତିକଲ ସ୍ଥାନ ପାଇଛନ୍ତି। ଏଫ୍‌ସି ଚମ୍ପିଆନ୍‌ସ ଲିଗ-୨ରେ ଏଫ୍‌ସି ଗୋଆ ଗ୍ରୁପର ପ୍ରତି କ୍ଲବ ସହ ଦୁଇଟି ମ୍ୟାଚ ଖେଳିବେ। ସେଥି ମଧ୍ୟରୁ ଗୋଟିଏ ମ୍ୟାଚ ବାହାରେ ଓ ଅନ୍ୟ ଏକ ମ୍ୟାଚ ଘରୋଇ ପଡ଼ିଆରେ ଖେଳିବ। ଏହି ଦୃଷ୍ଟିରୁ ଅଲ୍ ନାସେର କ୍ଲବ ସହ ଗୋଟିଏ ମ୍ୟାଚ ସାଉଦି ଆରବରେ ଏବଂ ଅନ୍ୟ ମ୍ୟାଚ ଭାରତରେ ଖେଳିବ। ଫଳରେ ରୋନାଲଡୋ ଭାରତରେ ଭାରତୀୟ କ୍ଲବ ବିପକ୍ଷରେ ଖେଳିପାରନ୍ତି। ଏଏଫ୍‌ସି ଚମ୍ପିଆନ୍‌ସ ଲିଗ୍ -୨ର କାର୍ଯ୍ୟସୂଚୀ ଘୋଷିତ ହେବା ପରେ ଏହା ସ୍ପଷ୍ଟ ହେବ। ଏଏଫ୍‌ସି ଚମ୍ପିଆନ୍‌ସ ଲିଗ-୨ ଦ୍ୱିତୀୟ ରାଉଣ୍ଡ ଆସନ୍ତା ସେପ୍ଟେମ୍ବର ୧୬ରୁ ଆରମ୍ଭ ହେବ। ଗ୍ରୁପ ପର୍ଯ୍ୟାୟ ଡିସେମ୍ବର ୨୪ ପର୍ଯ୍ୟନ୍ତ ଚାଲିବ। ୨୦୨୬ ଫେବୃଆରୀ ୧୦ରୁ ୧୯ ପର୍ଯ୍ୟନ୍ତ ପ୍ରିକ୍ୱାର୍ଟରଫାଇନାଲ ଖେଳାଯିବ। କ୍ରିଷ୍ଟିଆନୋ ରୋନାଲ୍‌ଡୋ ଯଦି ଭାରତରେ ମ୍ୟାଚ ଖେଳନ୍ତି, ତେବେ ଭାରତୀୟ ଫୁଟବଲରେ ଆଉ ଏକ ଐତିହାସିକ ମୁହୂର୍ତ୍ତ ଯୋଡ଼ିହେବ।

## ବିଶ୍ୱ କନିଷ୍ଠ ବ୍ୟାଡମିଣ୍ଟନ୍ ଚାମ୍ପିଅନ୍‌ସିପ୍: ସ୍ଥାନ ପାଇଲେ ବିଶାଖା



ନୂଆଦିଲ୍ଲୀ: ଆସାମର ଗୁଆହାଟୀରେ ଚଳିତ ଅକ୍ଟୋବର ୬ରୁ ୧୧ ତାରିଖ ପର୍ଯ୍ୟନ୍ତ ଖେଳାଯିବାକୁ ଥିବା ବିଶ୍ୱ କନିଷ୍ଠ ବ୍ୟାଡ୍‌ମିଣ୍ଟନ୍ ଚାମ୍ପିଅନସିପ୍ ଲାଗି ଘୋଷିତ ଭାରତୀୟ ଦଳରେ ଓଡ଼ିଶାର ବିଶାଖା ଟୋପ୍ପୋ ସ୍ଥାନ ପାଇଛନ୍ତି। ଏହି ପ୍ରତିଯୋଗିତାରେ ସାରା ବିଶ୍ୱର ୩୭ଟି ଦଳ ଅଂଶଗ୍ରହଣ କରିବେ। ଭାରତ ଗ୍ରୁପ୍-ଏଚ୍‌ରେ ସ୍ଥାନ ପାଇଥିଲା ବେଳେ ଏହି ଗ୍ରୁପ୍‌ରେ ହଂକଂ, ଘାନା ଓ ନେପାଳ ଭଳି ଦଳ ଅଛନ୍ତି। ଏସୀୟ କନିଷ୍ଠ ବ୍ୟାଡ୍‌ମିଣ୍ଟନ୍ ପ୍ରତିଯୋଗିତାରେ ପଦକ ଜିତିଥିବା ତନ୍ୱୀ ଶର୍ମା ଓ ଭେନଲା କାଲାଗୋଥଲା ସିଧାସଳଖ ଭାରତୀୟ ଦଳରେ ସ୍ଥାନ ପାଇଥିଲା ବେଳେ ଅବଶିଷ୍ଟ ଖେଳାଳିମାନେ ଚଳିତ ଅଗଷ୍ଟ ୯ରୁ ୧୩ ପର୍ଯ୍ୟନ୍ତ ଗୁଆହାଟୀରେ ଥିବା ସେଣ୍ଟର୍ ଏକ ଏକ୍ସଲେନ୍ସିରେ ଆୟୋଜିତ ଚୟନ ଶିବିରରୁ ବଛାଯାଇଛନ୍ତି। ବିଶାଖା ଏହି ସେଣ୍ଟରର ପ୍ରଶିକ୍ଷାର୍ଥୀ ହୋଇଥିଲା ବେଳେ ବହୁ ଜାତୀୟ ଓ ଅନ୍ତର୍ଜାତୀୟ ପ୍ରତିଯୋଗିତାରେ ନିଜ ଦକ୍ଷତାର ପ୍ରତିପାଦନ କରିସାରିଛନ୍ତି। ଏହି ସଫଳତା ଲାଗି ବିଶାଖାଙ୍କୁ ଚାରିଆଡ଼ୁ ଶୁଭେଚ୍ଛାର ସୁଅ ଛୁଟିଛି।

### ଆଇସିସି ୧୯ ବର୍ଷରୁ କମ୍ ବିଶ୍ୱକପ୍

# ଯୋଗ୍ୟତା ଅର୍ଜନ କଲେ ୧୬ ଟିମ୍



ନୂଆଦିଲ୍ଲୀ: ଆଇସିସି ୧୯ ବର୍ଷରୁ କମ ବିଶ୍ୱକପ ୨୦୨୬ ପାଇଁ ୧୬ ଟିମ ଚୂଡ଼ାନ୍ତ ହୋଇଛି । କ୍ୱାଲିଫାୟରରେ ଚମତ୍କାର ପ୍ରଦର୍ଶନ କରି ଆମେରିକା ଶେଷ ଟିମ ଭାବେ ଯୋଗ୍ୟତା ଅର୍ଜନ କରିଛି। ଆମେରିକା ଏ ପର୍ଯ୍ୟନ୍ତ ସମସ୍ତ ମ୍ୟାଚରେ ବିଜୟ ହାସଲ କରିଛି । କାନାଡା, ବରମୁଡା ଓ ଆର୍ଜେଣ୍ଟିନା ବିପକ୍ଷରେ ଦଳ ବିଜୟ ହାସଲ କରିଛି । ଆମେରିକା ସହ ଜିମ୍ବାୱେ ଓ ନାମ୍ବିଆ ମଧ୍ୟ ଏହି ମେଗା ଇଭେଣ୍ଟ ପାଇଁ ଟିକେଟ କାଟିଛନ୍ତି । ୨୦୨୪ରେ ୧୦ଟି ଟିମକୁ ସିଧାସଳଖ ଏଂଟ୍ରି ମିଳିଥିଲା । ବାକି ୬ଟି ଦେଶ କ୍ୱାଲିଫାୟର ମାଧ୍ୟମରେ ପ୍ରବେଶ କରିଥିଲେ। ଯୋଗ୍ୟତାଅର୍ଜନ କରିଥିବା ଟିମଗୁଡିକ ହେଲା- ଜିମ୍ବାୱେ, ଅଷ୍ଟ୍ରେଲିଆ, ବାଂଲାଦେଶ, ଇଂଲଣ୍ଡ, ଭାରତ, ଆୟର୍ଲାଣ୍ଡ, ପାକିସ୍ତାନ, ନ୍ୟୁଜିଲାଣ୍ଡ, ଶ୍ରୀଲଙ୍କା, ଦକ୍ଷିଣ ଆଫ୍ରିକା, ୱେଷ୍ଟଇଣ୍ଡିଜ, ଆମେରିକା, ତାଞ୍ଜାନିଆ, ଆଫଗାନିସ୍ତାନ, ଜାପାନ ଓ ସ୍କଟଲାଣ୍ଡ । ସୂଚନାଯୋଗ୍ୟ, ଏହି ମେଗା ଇଂଭେଟ ଜିମ୍ବାୱେ ଓ ନାମ୍ବିଆରେ ଆୟୋଜିତ ହେବ । ୧୯୮୮ରେ ଅଷ୍ଟ୍ରେଲିଆରେ ପ୍ରଥମ ଥର ଏହା ଆୟୋଜିତ ହୋଇଥିଲା । ଭାରତ ସର୍ବାଧିକ ୫ ଥର ଟାଇଟଲ ହାସଲ କରିଛି । ୪ଟି ଟାଇଟଲ ସହ ଟିମଇଣ୍ଡିଆ ପଛକୁ ଅଷ୍ଟ୍ରେଲିଆ ରହିଛି । ଗତ ସଂସ୍କରଣରେ ଅଷ୍ଟ୍ରେଲିଆ ଚାମ୍ପିୟନ ହୋଇଥିଲା।

### ପୁରୁଷ ହକି ବିଶ୍ୱକପ-୨୦୨୬

## ଜର୍ମାନୀର ଯୋଗ୍ୟତା ଅର୍ଜନ

ନୂଆଦିଲ୍ଲୀ: ନେଦରଲାଣ୍ଡ୍ ?ସ ଓ ବେଲଜିୟମରେ ଆୟୋଜିତ ହେବାକୁ ଥିବା ଏଫ୍‌ଆଇଏଚ୍ ପୁରୁଷ ହକି ବିଶ୍ୱକପ-୨୦୨୬ ଲାଗି ୩ ଥର ଚମ୍ପିଆନ ଜର୍ମାନୀ ଯୋଗ୍ୟତା ହାସଲ କରିଛି। ୨୦୨୩ ଏଫ୍ ?ଆଇଏଚ୍ ? ହକି ବିଶ୍ୱକପ ବିଜେତା ଜର୍ମାନୀ ୟୁରୋପିଆନ ହକି ଚମ୍ପିଆନସିପର ଫାଇନାଲରେ ପ୍ରବେଶ କରି ୨୦୨୬ ବିଶ୍ୱକପ ଲାଗି ଯୋଗ୍ୟତା ହାସଲ କରିଛି। ୟୁରୋପିଆନ ,ଯୋଗ୍ୟତାପର୍ଯ୍ୟାୟର ସେମିଫାଇନାଲରେ ଜର୍ମାନୀ ୪-୧ରେ ସ୍ପେନକୁ ପରାସ୍ତ କରି ଫାଇନାଲରେ ପହଞ୍ଚିବା ସହ ବିଶ୍ୱକପ ଲାଗି ଯୋଗ୍ୟତା ହାସଲ କରିଛି। ଏବେ ସୁଦ୍ଧା ୬ଟି ଦଳ ଏଫ୍‌ଆଇଏଚ୍ ପୁରୁଷ ହକି ବିଶ୍ୱକପ-୨୦୨୬ ଲାଗି ଯୋଗ୍ୟତା ହାସଲ କରିଛନ୍ତି। ଜର୍ମାନୀ ସହ ଆୟୋଜକ ଭାବେ ନେଦରଲାଣ୍ଡ୍ସ ଓ ବେଲଜିୟମ ଯୋଗ୍ୟତା ହାସଲ କରିଛନ୍ତି। ପାନ ଆମେରିକା କପ୍ -୨୦୨୫ ଚମ୍ପିଆନ ସହ ଆର୍ଜେଣ୍ଟିନା, ଏଫ୍‌ଆଇଏଚ୍ ପ୍ରୋ ଲିଗ ହକି ୨୦୨୪-୨୫ ଚମ୍ପିଆନ ଅଷ୍ଟ୍ରେଲିଆ ଓ ତୃତୀୟ ସ୍ଥାନ ହାସଲ କରିଥିବା ସ୍ପେନ ଏଫ୍‌ଆଇଏଚ୍ ହକି ବିଶ୍ୱକପ-୨୦୨୬ ପାଇଁ ଯୋଗ୍ୟତା ହାସଲ କରିଛନ୍ତି। ଚଳିତ ଅଗଷ୍ଟ ୨୯ରୁ ସେପ୍ଟେମ୍ବର ୯ ପର୍ଯ୍ୟନ୍ତ ବିହାରର ରାଜଗିରରେ ଆୟୋଜିତ ହେବାକୁ ଥିବା ଏସିଆ କପ ହକିରେ ଭାରତ ଚମ୍ପିଆନ ହେଲେ ୨୦୨୬ ଏଫ୍‌ଆଇଏଚ୍ ହକି ବିଶ୍ୱକପ ଲାଗି ଯୋଗ୍ୟତା ହାସଲ କରିବ।

# ଟି-୨୦ ଦଳର ପରିବର୍ତ୍ତନ ନେଇ ଗମ୍ଭୀରଙ୍କ ଯୋଜନା



ମୁମ୍ବାଇ: ଭାରତୀୟ କ୍ରିକେଟ ଦଳର ମୁଖ୍ୟ କୋଚ ଗୌତମ ଗମ୍ଭୀର ଟି-୨୦ ଦଳରେ ବଡ଼ ପରିବର୍ତ୍ତନ ଆଣିବାକୁ ଯୋଜନା କରୁଛନ୍ତି। ଟାଇମ୍ସ ଅଫ୍ ଇଣ୍ଡିଆ ରିପୋର୍ଟ ଅନୁଯାୟୀ, ଗମ୍ଭୀର ସବୁ ଫର୍ମାଟ ଅଧିନାୟକଙ୍କୁ ପ୍ରାଧାନ୍ୟ ଦେଇ ଦଳରେ ଏକ ସାଧାରଣ ସଂସ୍କୃତି ଗଢ଼ିବାକୁ ଚାହୁଁଛନ୍ତି। ଟି-୨୦ ଫର୍ମାଟରେ ଭାରତ ଆଧୁନିକ ଶୈଳୀରେ ଆଗେଇ ନଥିବା ଅଭିଯୋଗକୁ ଦୂର କରିବା ପାଇଁ ସେ ଟି-୨୦ ବିଶେଷଜ୍ଞ ଖେଳାଳିଙ୍କୁ ଗୁରୁତ୍ୱ ଦେବେ। ରିପୋର୍ଟରେ ଶିବମ ଦୁବେଙ୍କ ଉଦାହରଣ ଦିଆଯାଇଛି। ଏହି ବିସ୍ଫୋରକ ବ୍ୟାଟ୍ସମ୍ୟାନ୍‌ଙ୍କୁ ଫିନିଶର ଭୂମିକାରେ ସୀମିତ ନ ରଖି ଉପର କ୍ରମରେ ବ୍ୟାଟିଂ ପାଇଁ ପଠାଯାଇପାରେ। ଗମ୍ଭୀରଙ୍କ ଯୋଜନା ଅନୁଯାୟୀ, ଖେଳାଳିଙ୍କ ଦକ୍ଷତା ଅନୁସାରେ ଭୂମିକା ନିର୍ଦ୍ଧାରଣ ହେବ, ବ୍ୟାଟିଂ ନମ୍ବର ଅନୁଯାୟୀ ନୁହେଁ। ଦଳରେ ନିର୍ଦ୍ଦିଷ୍ଟ ଫିନିଶର ରହିବେ ନାହିଁ। ଏସିଆ କପ୍ ୨୦୨୫ ପାଇଁ ଭାରତୀୟ ଦଳରେ ସୂର୍ଯ୍ୟକୁମାର ଯାଦବ ଅଧିନାୟକ ହେବେ ବୋଲି ରିପୋର୍ଟ ମିଳିଛି। ସଞ୍ଜୁ ସାମସନ ଓ ଅଭିଷେକ ଶର୍ମା ଓପନର ଭାବେ ସ୍ଥାନ ପାଇଥିବା ବେଳେ ଶୁଭମନ ଗିଲଙ୍କ ଦଳରେ ସ୍ଥାନ ମିଳିବ କି ନାହିଁ, ତାହା ଅସ୍ପଷ୍ଟ ରହିଛି।

## ଇଂଲଣ୍ଡରେ ବିସ୍ଫୋରକ ପାଳି ଖେଳିଲେ ଆର୍‌ପି ସିଂଙ୍କ ପୁଅ



ନୂଆଦିଲ୍ଲୀ: କ୍ରିକେଟ୍ ? ମଇଦାନରେ ପୂର୍ବତନ ଭାରତୀୟ କ୍ରିକେଟର ଆରପି ସିଂଙ୍କ ପୁଅଙ୍କ କମାଲ। ଇଂଲଣ୍ଡ ମାଟିରେ ଗର୍ଜି ଉଠିଛି ତାଙ୍କ ବ୍ୟାଟ୍। ଲାଙ୍କାସାୟରର ଷ୍ଟାର ହ୍ୟାରି ସିଂ ଶୁକ୍ରବାର କାଉଣ୍ଟି ୱାନଡେ କପ୍ ?ରେ ନିଜର ପ୍ରଥମ ଅର୍ଦ୍ଧଶତକ ହାସଲ କରିଛନ୍ତି। ହେଲେ ତାଙ୍କର ଅର୍ଦ୍ଧଶତକ ଦଳକୁ ପରାଜୟରୁ ରକ୍ଷା କରି ପାରିନି। ହ୍ୟାରିଙ୍କ ବାପା ଆରପି ସିଂ ୧୯୮୦ ଦଶନ୍ଧିରେ ଭାରତ ପାଇଁ ଦୁଇଟି ଦିନିକିଆ ମ୍ୟାଚ୍ ଖେଳିଥିଲେ। ପ୍ରଥମେ ବ୍ୟାଟିଂ କରିଥିବା ଲାଙ୍କାସାୟର ଦଳ ପକ୍ଷରୁ ମାଇକେଲ୍ ଜୋନ୍ସ ଏବଂ ୱିକେଟ୍ କିପର ଜର୍ଜ ବେଲ୍ ପ୍ରଥମ ୱିକେଟ୍ ପାଇଁ ୧୫୭ ରନର ଭାଗିଦାରୀ ଯୋଡ଼ିଥିଲେ। ହେଲେ ଲାଙ୍କାସାୟର ଶୀଘ୍ର ୱିକେଟ୍ ହରାଇବାରୁ ସ୍କୋର ୧୮୬/୩ରେ ପହଞ୍ଚିଥିଲା। ଏହା ପରେ ଅଧିନାୟକ ମାର୍କସ ହ୍ୟାରିସ ଓ ହ୍ୟାରି ଚତୁର୍ଥ ୱିକେଟ୍ ପାଇଁ ୫୧ ରନ ଯୋଡ଼ିଥିଲେ। ହ୍ୟାରିସ ଆଉଟ୍ ହେବା ପରେ ହ୍ୟାରି ଓ ଜର୍ଜ ବାଲଡରସନ ପଞ୍ଚମ ୱିକେଟ୍ ପାଇଁ ୪୭ ରନ ଯୋଡ଼ିଥିଲେ। ଯେତେବେଳେ ଲାଙ୍କାସାୟରର ସ୍କୋର ୨୮୪/୬ରେ ଥିଲା, ସେହି ସମୟରେ ହ୍ୟାରୀ ଓଲି ସଟନଙ୍କ ସହ ସପ୍ତମ ୱିକେଟ୍ ପାଇଁ ୩୦ ରନ ଯୋଡ଼ିଥିଲେ। ଏହା ପୂର୍ବରୁ ସେ ୬୪ ବଲରୁ ୫ ଚୌକା ଓ ଚାରି ଛକା ସହ ୭୧ ରନର ଦମଦାର ଇନିଂସ ଖେଳିଥିଲେ। ତେବେ ଲାଙ୍କାସାୟାର ଦ୍ୱାରା ୩୩୯ ରନର ବିଜୟ ଲକ୍ଷ୍ୟକୁ ସସେକ୍ସ ସଫଳତାର ସହ ପିଛା କରିଛି। ୨୦୨୪ରେ ୱାନଡେ କପରେ ଡେବ୍ୟୁ କରିଥିବା ହ୍ୟାରି ଏହା ପୂର୍ବରୁ ୯ଟି ଇନିଂସ ଖେଳି ସର୍ବଶ୍ରେଷ୍ଠ ସ୍କୋର ଥିଲା ୩୩ ରନ। ତେବେ ଆଜିର ମ୍ୟାଚ୍‌ରେ ସେ ଚମତ୍କାର ୭୪ ରନର ଅର୍ଦ୍ଧଶତକୀୟ ଇନିଂସ ଖେଳିଛନ୍ତି।

# ବିଥେଲ୍ ଇଂଲଣ୍ଡର ସର୍ବକନିଷ୍ଠ ଅଧିନାୟକ




ଲଣ୍ଡନ୍: ଇଂଲଣ୍ଡ ପୁରୁଷ କ୍ରିକେଟ ଦଳ ସେପ୍ଟେମ୍ବରରେ ଦକ୍ଷିଣ ଆଫ୍ରିକା ଓ ଆୟରଲାଣ୍ଡ ବିପକ୍ଷରେ ସୀମିତ ଓଭର କ୍ରିକେଟ ଶୃଙ୍ଖଳା ଖେଳିବ। ଏଥିପାଇଁ ଇଂଲଣ୍ଡ ଆଣ୍ଡ ୱେଲ୍‌ସ କ୍ରିକେଟ ବୋର୍ଡ (ଇସିବି) ପକ୍ଷରୁ ଶନିବାର ଭିନ୍ନଭିନ୍ନ ଦିନିକିଆ ଓ ଟ୍ୱେଣ୍ଟି୨୦ ଦଳ ଘୋଷଣା କରାଯାଇଛି। ଆୟରଲାଣ୍ଡ ବିପକ୍ଷ ଟ୍ୱେଣ୍ଟି୨୦ ଶୃଙ୍ଖଳା ଲାଗି ୨୧ ବର୍ଷୀୟ ଜାକବ୍ ବିଥେଲଙ୍କୁ ଇଂଲଣ୍ଡ ଦଳର ଅଧିନାୟକ ନିଯୁକ୍ତ କରାଯାଇଛି। ବିଥେଲ ଟ୍ୱେଣ୍ଟି୨୦ ଫର୍ମାଟରେ ମାତ୍ର ୧୩ଟି ଅନ୍ତର୍ଜାତୀୟ ମ୍ୟାଚ ଖେଳିଛନ୍ତି। ବିଥେଲ ୨୧ ବର୍ଷ ୩୨୯ ଦିନ ବୟସରେ ଇଂଲଣ୍ଡର ଅଧିନାୟକ ନିଯୁକ୍ତ ହୋଇଛନ୍ତି। ଫଳରେ ବିଥେଲ ଇଂଲଣ୍ଡ କ୍ରିକେଟ୍ ଇତିହାସରେ ୧୩୬ ବର୍ଷର କୀର୍ତ୍ତିମାନ ଭାଙ୍ଗିଛନ୍ତି। ୧୮୮୯ରେ ମାତ୍ର ୨୩ ବର୍ଷ ବୟସରେ ମଣ୍ଟି ବାଓଡେନ୍ ଇଂଲଣ୍ଡ ଟେଷ୍ଟ ଦଳର ଅଧିନାୟକ ହୋଇଥିଲେ। ଆୟରଲାଣ୍ଡ ବିପକ୍ଷ ଟ୍ୱେଣ୍ଟି୨୦ ଶୃଙ୍ଖଳା ଲାଗି କିଛି ବରିଷ୍ଠ ଖେଳାଳିଙ୍କୁ ବିଶ୍ରାମ ମିଳିଛି। ଏଥିପାଇଁ ବିଥେଲଙ୍କୁ ନେତୃତ୍ୱ ମିଳିଛି। ଦଳରେ ନୂତନ ଖେଳାଳି ଭାବେ ଦ୍ରୁତ ବୋଲର ସନି ବେକର ଦକ୍ଷିଣ ଆଫ୍ରିକା ବିପକ୍ଷ ଦିନିକିଆ ଶୃଙ୍ଖଳାରେ ସ୍ଥାନ ପାଇଛନ୍ତି। ଦକ୍ଷିଣ ଆଫ୍ରିକା ବିପକ୍ଷ ଦିନିକିଆ ଓ ଟ୍ୱେଣ୍ଟି୨୦ ଶୃଙ୍ଖଳା ଲାଗି ହ୍ୟାରୀ ବ୍ରୁକ ଅଧିନାୟକ ନିଯୁକ୍ତ ହୋଇଛନ୍ତି। ଏହାସହ ଇଂଲଣ୍ଡ କ୍ରିକେଟ ଦଳ ଘରୋଇ ପଡ଼ିଆରେ ଦକ୍ଷିଣ ଆଫ୍ରିକା ବିପକ୍ଷରେ ସେପ୍ଟେମ୍ବର ୨, ୪ ଓ ୭ରେ ୩ ମ୍ୟାଚ ବିଶିଷ୍ଟ ଦିନିକିଆ ଏବଂ ସେପ୍ଟେମ୍ବର ୧୦, ୧୨ ଓ ୧୪ରେ ୩ ମ୍ୟାଚ ବିଶିଷ୍ଟ ଟ୍ୱେଣ୍ଟି୨୦ ଶୃଙ୍ଖଳା ଖେଳିବ। ପରେ ଆୟରଲାଣ୍ଡ ବିପକ୍ଷରେ ୩ ମ୍ୟାଚ ବିଶିଷ୍ଟ ଟ୍ୱେଣ୍ଟି୨୦ ଶୃଙ୍ଖଳା ଇଂଲଣ୍ଡ ସେପ୍ଟେମ୍ବର ୧୭, ୧୯ ଓ ୨୧ରେ ଡବ୍‌ଲିନରେ ଖେଳିବ।







ମା' ତୁଝେ ସଲାମ କାର୍ଯ୍ୟକ୍ରମରେ ଅତିଥିଙ୍କ ଠାରୁ ବିଭିନ୍ନ ପୁରସ୍କାର ଗ୍ରହଣ କରୁଛନ୍ତି (ବାମରୁ) କଳିଙ୍ଗ କମର୍ସିଆଲ କର୍ପୋରେସନ୍ ଲିମିଟେଡ୍‌ର ନିର୍ଦ୍ଦେଶିକା (ଆଡ୍‌ମିନ) ଅର୍ଚ୍ଚନା ସାମଲ, ଭାରତ ମସଲାର ଏମ୍‌ଡି ସୁଶାନ୍ତ କୁମାର ପଣ୍ଡା, ୟୁନିଅନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆର ଜିଏମ୍ ଏଚ୍‌କେ ଦାସ, ଶୁଭମ ସର୍ଭିସ ଇଣ୍ଟରନ୍ୟାସନାଲର ଅଧିକାରୀ, ହାଇଟେକ୍ ମେଡ଼ିକାଲ କଲେଜ ଆଣ୍ଡ ହସ୍ପିଟାଲର ଅଧିକାରୀ।







ମା' ତୁଝେ ସଲାମ କାର୍ଯ୍ୟକ୍ରମରେ ଅତିଥିଙ୍କ ଠାରୁ ବିଭିନ୍ନ ପୁରସ୍କାର ଗ୍ରହଣ କରୁଛନ୍ତି (ବାମରୁ) ସୁଶ୍ରୁତା ହସ୍ପିଟାଲ ଆଣ୍ଡ ଟ୍ରୋମା କେୟାରର ସିଇଓ ଡ. ଚିଦତ୍ମିକା ଡାକୁଆ, ଉତ୍କଳ ହସ୍ପିଟାଲର କର୍ପୋରେଟ୍ କମ୍ୟୁନିକେସନ୍ ଏଣ୍ଡ ପବ୍ଲିକ୍ ରିଲେସନ୍ସର ମୁଖ୍ୟ ଚିତ୍ତରଞ୍ଜନ ଲାଲ, ଅଶ୍ୱିନୀ ଗ୍ରୁପ୍ ଅଫ୍ ହସ୍ପିଟାଲର ଡିଜିଟାଲ ମାର୍କେଟିଂ ହେଡ୍ ରଶ୍ମିରଞ୍ଜନ ଜେନା, ଶ୍ରୀ ଜଗନ୍ନାଥ ଉଦ୍ୟୋଗ ପ୍ରାଇଭେଟ୍ ଲିମିଟେଡ୍‌ର ପ୍ରତିଷ୍ଠାତା ଆଶିଷ ମହାନ୍ତି, ଟିଏସ୍‌ଜି ଅର୍ମାନ୍‌ର ନିର୍ଦ୍ଦେଶକ ଶିବପ୍ରସାଦ ମିଶ୍ର







ମା' ତୁଝେ ସଲାମ କାର୍ଯ୍ୟକ୍ରମରେ ଅତିଥିଙ୍କ ଠାରୁ ବିଭିନ୍ନ ପୁରସ୍କାର ଗ୍ରହଣ କରୁଛନ୍ତି (ବାମରୁ) ଓଆର୍‌ଓ ଇମ୍‌ଫ୍ରାକ୍ରନ୍ ପ୍ରା.ଲି.ର ଏମ୍‌ଡି ରଞ୍ଜନ କୁମାର ନାୟକ, ପ୍ରାଚୀନ କଳାକେନ୍ଦ୍ର ଚଣ୍ଡୀଗଡ଼ର ଅଧିକାରୀ, ପ୍ରାଚୀନ କଳାକେନ୍ଦ୍ର ଚଣ୍ଡୀଗଡ଼ର ଅଧିକାରୀ, ସମାଜସେବୀ ସୁମନ୍ତ କୁମାର ଜେନା, ଓଡ଼ିଶା ଭାସ୍କର ଲାଇଭ୍ ନିମାପଡ଼ା ପ୍ରତିନିଧି ରଞ୍ଜନ କୁମାର ଦାସ।








ମା' ତୁଝେ ସଲାମ କାର୍ଯ୍ୟକ୍ରମରେ ଅତିଥିଙ୍କ ଠାରୁ ବିଭିନ୍ନ ପୁରସ୍କାର ଗ୍ରହଣ କରୁଛନ୍ତି (ବାମରୁ) ଓଡ଼ିଶା ଭାସ୍କର ବ୍ୟାସନଗର ପ୍ରତିନିଧି ନିତ୍ୟାନନ୍ଦ ମହାନ୍ତି, ଓଡ଼ିଶା ଭାସ୍କର ଲାଇଭ୍ ଗଜପତି ଜିଲ୍ଲା ପ୍ରତିନିଧି ଅଶ୍ୱିନୀ କୁମାର ପାତ୍ର, କନ୍ଧମାଳ ଜିଲ୍ଲା ପ୍ରତିନିଧି ସୁବ୍ରତ କୁମାର ମହାନ୍ତି, ଓଡ଼ିଶା ଭାସ୍କର ମାଲକାନଗିରି ଜିଲ୍ଲା ପ୍ରତିନିଧି ସୀମାଞ୍ଚଳ ପାଣିଗ୍ରାହୀ, ଓଡ଼ିଶା ଭାସ୍କର ଲାଇଭ୍ ଗଞ୍ଜାମ ଜିଲ୍ଲା ପ୍ରତିନିଧି କିରଣ ମିଶ୍ର, କୋଇଡ଼ ପ୍ରତିନିଧି ବିଜୟ ଦାସ।



କାର୍ଯ୍ୟକ୍ରମରେ ବିଶିଷ୍ଟ ସମାଜସେବୀ ନମ୍ରତା ଚଢ଼ା ଓ ଅଭିନେତ୍ରୀ ବିଦୁସ୍ମିତା ମନ୍ତ୍ରୀ



କାର୍ଯ୍ୟକ୍ରମରେ ପୂର୍ବତନ ମନ୍ତ୍ରୀ ପଞ୍ଚାନନ କାନୁନ୍‌ଗୋ, ସିଆର୍‌ପିଏଫ୍‌ର ପୂର୍ବତନ ଆଇଜି ସୁବ୍ରତ କୁମାର ଦାସ, ଓଡ଼ିଶା ଭାସ୍କର ଲାଇଭ୍‌ର ପ୍ରତିଷ୍ଠାତା ତିଲକ ରାଜ ମହାନ୍ତି ଓ ଓଡ଼ିଶା ଭାସ୍କରର ସିଇଓ କୌସ୍ତୁଭ ଦାସ



କାର୍ଯ୍ୟକ୍ରମରେ ଜାତୀୟ ସଙ୍ଗୀତ ଗାନ ବେଳେ ଦଣ୍ଡାୟମାନ ଯବାନ ଓ ଅତିଥିମାନେ



କାର୍ଯ୍ୟକ୍ରମରେ ଓଡ଼ିଶା ପୋଲିସ ଓ ତଟରକ୍ଷୀ ବାହିନୀର ଯବାନ



କାର୍ଯ୍ୟକ୍ରମରେ ଓଡ଼ିଶା ଭାସ୍କର ବିଜ୍ଞାପନ ବିଭାଗ ମୁଖ୍ୟ ଦଲ୍‌ଜିତ୍ କୌର, ସିଆର୍‌ପିଏଫ୍‌ର ପୂର୍ବତନ ଆଇଜି ସୁବ୍ରତ କୁମାର ଦାସ ଓ ଅନ୍ୟମାନେ



କାର୍ଯ୍ୟକ୍ରମକୁ ମନଭରି ଉପଭୋଗ କରୁଛନ୍ତି ଅତିଥି ଏବଂ ଯବାନ





ମା' ତୁଝେ ସଲାମ କାର୍ଯ୍ୟକ୍ରମରେ ଆୟୋଜିତ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମର ଝଲକ

Printed, Published & Owned by **Madhu Mohanty.** Published from and printed at Tilak Raj Publications (P) Ltd., Zone-D-2/18, Sector-A, Mancheswar Industrial Estate, Bhubaneswar-751010, Fax: 2587803,2580150 Phone: 2587802, 2580234(PBX), E-mail: odishabhaskar@yahoo.com, bhaskarfoto@gmail.com, odishabhaskaradvt@gmail.com

ମୁଖ୍ୟ ସମ୍ପାଦକ: **ପ୍ରଦୋଷ ପଟ୍ଟନାୟକ**
Chief Editor: Pradosh Pattanaik



ନିଆଳି, (ଭାସ୍କର ନ୍ୟୁଜ): ଦେଶରେ ଚତୁର୍ଥ ସ୍ତମ୍ଭ ଭାବେ ସାମ୍ବାଦିକ ପରିଚିତ। ସମାଜରେ ଘଟୁଥିବା ଛୋଟରୁ ବଡ଼ ଘଟଣା ନିଜର କଲମ ମୁନରେ ଲୋକଲୋଚନକୁ ଆଣିବା ସହିତ ପ୍ରଶାସନିକ ଅଧିକାରୀଙ୍କ ନିକଟରେ ଉପସ୍ଥାପନା କରିଥାନ୍ତି। ଏବେ କିନ୍ତୁ ନିଆଳି ବ୍ଲକ ସାମ୍ବାଦିକମାନଙ୍କ ନିଆରା ପ୍ରୟାସ ଦେଖିବାକୁ ମିଳିଛି। ନିଜର ପାରିଶ୍ରମିକ ଅର୍ଥରୁ କିଛି ଅର୍ଥ ସଂଗ୍ରହ କରି ଶିକ୍ଷା ପାଇଁ ନିଆଳି ବ୍ଲକରେ ଥିବା ସ୍କୁଲ ଗୁଡିକରେ ଥିବା ଗରିବ ଛାତ୍ରଛାତ୍ରୀମାନଙ୍କୁ ଖାତା କଲମ ବିସ୍କୁଟ ବଣ୍ଟନ କରିଛନ୍ତି। ଅଗଷ୍ଟ ୧୫ ତାରିଖ ଦିନ ନିଆଳି ବ୍ଲକ ନୂଆ ଗାଁ ପଞ୍ଚାୟତ ରାଧାକାନ୍ତ ଉଚ୍ଚ ବିଦ୍ୟାଳୟରେ ୫୦ରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀଙ୍କୁ ଖାତା କଲମ ବିସ୍କୁଟ ବଣ୍ଟନ କରିଥିଲେ। ଏହି କାର୍ଯ୍ୟକ୍ରମ ନିଆଳି ବ୍ଲକରେ ଥିବା ସମସ୍ତ ସ୍କୁଲରେ ଜାନୁଆରୀ ୨୬ ପର୍ଯ୍ୟନ୍ତ ଚାଲୁ ରହିବ ବୋଲି ସାମ୍ବାଦିକ ମାନେ କହିଛନ୍ତି। ଏହି କାର୍ଯ୍ୟକ୍ରମରେ ବରିଷ୍ଠ ସାମ୍ବାଦିକ ଉମେଶ ଚନ୍ଦ୍ର ମଲିକ,କାମଦେବ ଭୋଇ, ପ୍ରେସ କ୍ଲବ ଉପଦେଷ୍ଟା ଶରତ କୁମାର ସାହୁ, କାର୍ତ୍ତିକ ଷଡଙ୍ଗୀ, ବିନୟ ମହାପାତ୍ର, ଜ୍ୟୋତିପ୍ରକାଶ ମହାପାତ୍ର, ତୁଷାର ନାୟକ, ନୃସିଂହ ଜେନା, ପ୍ରିୟଦର୍ଶନୀ ସାହୁ, ରଶ୍ମିତା ବେଜ, ବର୍ଷା ନାୟକଙ୍କ ସମେତ ଅନେକ ସାମ୍ବାଦିକ ଉପସ୍ଥିତ ରହିଥିଲେ।



# ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କ ବଳିଦାନ ଦିବସ ଓ ବିଶ୍ୱହିନ୍ଦୁ ପରିଷଦର ସ୍ଥାପନା ଦିବସ ପାଳିତ



କେନ୍ଦୁଝର, (ଭାସ୍କର ନ୍ୟୁଜ୍): ପବିତ୍ର ଶ୍ରୀକୃଷ୍ଣ ଜନ୍ମାଷ୍ଟମୀ, ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କ ବଳିଦାନ ଦିବସ ସହିତ ବିଶ୍ୱହିନ୍ଦୁ ପରିଷଦର ସ୍ଥାପନା ଦିବସ ମହାଆଡ଼ମ୍ବର ସହକାରେ ପାଳନ ହୋଇଯାଇଛି। ଶୁକ୍ରବାର ପୂର୍ବାହ୍ନରେ କେନ୍ଦୁଝର ମାଇନିଙ୍ଗରୋଡ଼ ସ୍ଥିତ ଶ୍ରୀରାମ ମନ୍ଦିର ପ୍ରାଙ୍ଗଣରୁ ଏହି ଉପଲକ୍ଷେ ଏକ ଶୋଭାଯାତ୍ରାରେ ବାହାରି ନଗର ପରିକ୍ରମା କରିଥିଲା। ଏହି ଅବସରରେ ଓଡ଼ିଶାର ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଶ୍ରୀରାମ ମନ୍ଦିରରେ ପୂଜାର୍ଚ୍ଚନା କରିବା ପରେ ପ୍ରଦୀପ ପ୍ରଜ୍ୱଳନ କରି ନଗର ପରିକ୍ରମା କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଏଥିରେ ପୂର୍ବପ୍ରାନ୍ତୀୟ ବିଶେଷ ସମ୍ପର୍କ ପ୍ରମୁଖ ମଦନ ମୋହନ ଦ୍ୱିବେଦୀ, ମାମିନା ରାଉ୍ସଙ୍କ ସହିତ ଜିଲା ସଭାପତି ତୁଷାରକାନ୍ତ ସାମନ୍ତ, ଜିଲା ସମ୍ପାଦକ ସ୍ୱପ୍ନେଶ୍ୱର ସାହୁ ନଗର ସମ୍ପାଦକ ସୁବ୍ରତ ମହାନ୍ତି, ସୁପାଇ ମୁର୍ମୁ, କାଶୀନାଥ ମହାନ୍ତ, ଚକ୍ରଧର ରାଜ, ଗୋରକ୍ଷା ପ୍ରମୁଖ ଦୁର୍ଯ୍ୟୋଧନ ମହାନ୍ତ, କାର୍ଯ୍ୟାଳୟ ପ୍ରମୁଖ କାର୍ତ୍ତିକ ମହାନ୍ତି, ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ ପ୍ରତାପ ଝରା, ନଗର କାର୍ଯ୍ୟବାହ ଦୁଃଶାସନ ମହାନ୍ତ, ବିଶ୍ୱହିନ୍ଦୁ ପରିଷଦ ଜିଲା ପ୍ରଚାର ପ୍ରସାର ପ୍ରମୁଖ ସତ୍ୟଜିତ ସାମନ୍ତରାୟ, ଏକଲ ଅଭିଯାନର କେନ୍ଦୁଝର ଜିଲା ପ୍ରମୁଖ ପଦ୍ମିନୀ ମହାନ୍ତ, ସରସ୍ୱତୀ ଶିଶୁ ମନ୍ଦିର ପ୍ରଧାନ ଗୁରୁଜୀ ଅଲେଖ ମହାନ୍ତ, ନୀଳମଣି ସାହୁ, ମହେନ୍ଦ୍ର ସାହୁ, ବିରବର ସେଠୀ, ପ୍ରମୁଖ ଯୋଗ ଦେଇଥିଲେ। ଅନେକ ଶିଶୁ ନିଜକୁ ରାଧାକୃଷ୍ଣ ବେଶରେ ସଜେଇ ଏକ ସୁସଜ୍ଜିତ ରଥରେ ବସି ଏହି ନଗର ପରିକ୍ରମା ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ଶୋଭାଯାତ୍ରା ମାଇନିଙ୍ଗ ରୋଡ଼, ନିଉ କଲୋନୀ, ପବିତ୍ରଡିହା, ଧୋବାଡ଼ିହା, ସିରାଜୁଦିନ ଛକ, ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଛକ, ଥାନା ଛକ ଦେଇ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ପହଞ୍ଚିଥିଲା। ନଗର ପରିକ୍ରମା ଶୋଭାଯାତ୍ରା ପହଞ୍ଚିବା ପରେ ସରସ୍ୱତୀ ଶିଶୁମନ୍ଦିର ପ୍ରାଙ୍ଗଣରେ ଏକ ବିଶାଳ ସମାବେଶ ଅନୁଷ୍ଠିତ ହୋଇଥିଲା ଯେଉଁଥିରେ ବିଶ୍ୱହିନ୍ଦୁ ପରିଷଦ ଓଡିଶା ପୂର୍ବପ୍ରାନ୍ତର ସମ୍ପାଦକ ତଥା ସୁନାମଧନ୍ୟ ପ୍ରବଚକ ପଣ୍ଡିତ ମହେଶ ସାହୁ (ସୋନି ଜୀ) ଉପସ୍ଥିତ ରହି ବୌଦ୍ଧିକ ଜ୍ଞାନ ପ୍ରଦାନ କରିଥିଲେ। ଏହି ଅବସରରେ ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କ ସ୍ମୃତିଚାରଣ ସହିତ ବିଶ୍ୱ ହିନ୍ଦୁ ପରିଷଦ ସ୍ଥାପନା ଦିବସର ଅନୁଚିନ୍ତା ଓ ଜନ୍ମାଷ୍ଟମୀ ବିଷୟରେ ଆଲୋଚନା କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଚତୁର୍ଭୁଜ ହୋତା, ଘନଶ୍ୟାମ ମହାନ୍ତ, ପ୍ରଫୁଲ୍ଲ କୁମାର ଓଝା, ଚକ୍ରଧର ରାଜ ପ୍ରମୁଖଙ୍କ ସହ କେନ୍ଦୁଝରର ଅନେକ ମାନ୍ୟଗଣ୍ୟ ବ୍ୟକ୍ତି ବୌଦ୍ଧିକରେ ଯୋଗ ଦେଇଥିଲେ।

## ଦୁର୍ଘଟଣାରେ ୩ ଆହତ, ଜଳିଗଲା ବାଇକ୍

ଗଁଦିଆ, (ଭାସ୍କର ନ୍ୟୁଜ୍): ଢେଙ୍କାନାଳ ଜିଲ୍ଲା ଗଁଦିଆ ଥାନା ଅନ୍ତର୍ଗତ ମୁଗପଦା ଅବକାରୀ ବିଭାଗ ଥାନା ନିକଟରେ ଦୁଇ ବାଇକ୍ ମୁହାଁମୁହିଁ ଧକ୍କାହେବା ଫଳରେ ୩ ଜଣ ଆହତ ହୋଇଛନ୍ତି। ଏହି ଦୁର୍ଘଟଣାରେ ବାଇକ୍‌ଟି ସମ୍ପୂର୍ଣ୍ଣ ଭାବରେ ଜଳିଯାଇଥିବାର ଜଣାପଡିଛି। ଭୁବନ ଥାନା ଅନ୍ତର୍ଗତ ମୃଦଙ୍ଗା ଗ୍ରାମର ନିରଞ୍ଜନ ମଲ୍ଲିକ(୩୦) ଏବଂ ତା'ର ସହଯୋଗୀ ନରିଆ ବେହେରା (୫୦)ଏକ ବାଇକ୍‌ରେ ଦେଶୀ ମଦ ଭର୍ତ୍ତି ବ୍ଲାଡର ନେଇ ଯାଉଥିଲେ। ଏହି ସମୟରେ ବିପରୀତ ଦିଗରୁ ନିଜ ଗ୍ରାମକୁ ଆସୁଥିବା ମେଗା ପ୍ରକଳ୍ପ ଯୋଜନାରେ କାର୍ଯ୍ୟରତ ଯୁବ ମେକାନିକାଲ ଇଞ୍ଜିନିୟର ଯାଜପୁର ଜିଲ୍ଲା ବାଲିଚନ୍ଦ୍ରପୁରର ପବିତ୍ର ପରିଡା(୩୨) ନିଜ ଡ୍ୟୁଟି ସାରି ଫେରୁଥିବା ବେଳେ ଖୋରିଷିଆପଦା ପଞ୍ଚାୟତରୁ ନିଜ ବାଇକ୍ ଯୋଗେ ଖାଇବା ପାଇଁ ଷଡଙ୍ଗୀ ଆସୁଥିବା ବେଳେ ଦୁଇ ବାଇକ୍ ମୁହାଁମୁହିଁ ଧକ୍କା ହୋଇଥିଲା। ଫଳରେ ତିନିଜଣଯାକ ଆହତ ହୋଇଥିବା ବେଳେ ପବିତ୍ରଙ୍କର ବାଇକଟି ରାସ୍ତା ଉପରେ ଜଳିଯାଇଥିଲା। ଆହତମାନଙ୍କୁ ଉଦ୍ଧାର କରି ପ୍ରଥମେ ଶ୍ରୀରାମଚନ୍ଦ୍ରପୁର ଏବଂ ପରେ ଅବସ୍ଥା ଗୁରୁତର ହେବାରୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରାଯାଇଛି। ଅଗ୍ନିଶମ ବିଭାଗର କର୍ମଚାରୀମାନେ ଘଟଣା ସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ।

## ରକ୍ତଦାନ ଶିବିର ଆୟୋଜିତ

କଣାସ, (ଭାସ୍କର ନ୍ୟୁଜ୍): କଣାସ ବ୍ଲକ ବିନ୍ଧଣ ଗ୍ରାମ ପଞ୍ଚାୟତରେ ସ୍ଥାପିତ ବିନ୍ଧଣ ପ୍ରାଥମିକ ବିଦ୍ୟାଳୟ ପରିସରରେ ୭୯ତମ ସ୍ୱାଧିନତା ଦିବସ ଉପଲକ୍ଷେ ଡିଭାଇନ୍ ଚାରିଟେବୁଲ୍ ଟ୍ରଷ୍ଟ ପକ୍ଷରୁ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏସ୍‌ବି ମେଡିକାଲ୍ କଲେଜ୍ ଓ ହସ୍ପିଟାଲର ଡ. ହିମାଂଶୁ ବେହେରା, ରମଚନ୍ଦ୍ର ଖଟୁଆ, ସନାତନ ସାହୁ, ବିଜୟ କୁମାର ମହାନ୍ତି, ହମନ୍ତ କୁମାର ବେହେରା ଯୋଗଦେଇ ୪୨ଜଣ ଯୁବକ ଯୁବତୀଙ୍କ ଠାରୁ ୪୨ୟୁନିଟ୍ ରକ୍ତ ସଂଗ୍ରହ କରିଥିଲେ। ରସ୍ମିରଂଜନ ନାୟକ, ଜୟନ୍ତ ମହାପାତ୍ର, ସୁରେଶ କୁମାର ମହାପାତ୍ର, ସଂଧ୍ୟାରାଣୀ ସାମନ୍ତରାୟ, ଆଶିଷ କୁମାର, ଦେବାଶିଷୀ ରାଉତରାୟ, ଅମ୍ୟରଞ୍ଜନ ସ୍ୱାଇଁ ଏହି ରକ୍ତ ଦାନ ଶିବିରକୁ ପରିଚାଳନା କରିଥିଲେ।

## ସଂସ୍କୃତ ମହାବିଦ୍ୟାଳୟରେ ସଂସ୍କୃତ ସପ୍ତାହ ପାଳିତ



ନିଶ୍ଚିନ୍ତକୋଇଲି, (ଭାସ୍କର ନ୍ୟୁଜ୍): ନିଶ୍ଚିନ୍ତକୋଇଲି ବ୍ଲକ କଟରପଡା ଗ୍ରାମ ପଞ୍ଚାୟତ ପିଠାପଡାସ୍ଥିତ ମହାପୁରୁଷ ଅଚ୍ୟୁତାନନ୍ଦ ସଂସ୍କୃତ ମହାବିଦ୍ୟାଳୟ ଆନୁକୂଲ୍ୟରେ ସଂସ୍କୃତ ସପ୍ତାହ ପାଳିତ ହୋଇଯାଇଛି। ଏହି ଅବସରରେ ଅନୁଷ୍ଠିତ ଆଲୋଚନା ଚକ୍ରରେ ସଂସ୍କୃତ ବିଭାଗର ମୁଖ୍ୟ ଅଧାପିକା ଡ. ପ୍ରତିଚୀ ମହାନ୍ତି ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥିରୂପେ ମହାବିଦ୍ୟାଳୟର ଅଧକ୍ଷ ପ୍ରମୋଦ କୁମାର ଦାସ ଯୋଗଦାନ କରି ଆନୁଷ୍ଠାନିକ ଭାବେ ଏହି କାର୍ଯ୍ୟକ୍ରମକୁ ପ୍ରଦୀପ ପ୍ରଜ୍ୱଳନ କରି ଉଦଘାଟନ କରିଥିଲେ। ସଂସ୍କୃତ ସାହିତ୍ୟ ବିଭାଗର ମୁଖ୍ୟ ଅଧାପକ ସୁଜନ କୁମାର ବେହେରା ଯୋଗଦାନ କରି ସଂସ୍କୃତ ଭାଷାର ସୁରକ୍ଷା ଓ ପ୍ରଗତି ଦିଗରେ ସରକାର କାର୍ଯ୍ୟକାରୀ କରିଥିବା ବିଭିନ୍ନ ଯୋଜନା ଉପରେ ଗଭୀର ଭାବେ ଆଲୋକପାତ କରିବା ସହ ସଂସ୍କୃତ ଭାଷାର ସୁରକ୍ଷା ଆଜିର ସମାଜରେ ଏକାନ୍ତ ଅପରିହାର୍ଯ୍ୟ ବୋଲି ମତବ୍ୟକ୍ତ କରିଥିଲେ। ଏହି କାର୍ଯ୍ୟକ୍ରମକୁ ସଫଳ କରାଇବାରେ ମହାବିଦ୍ୟାଳୟର ସମସ୍ତ ଅଧାପକ ଅଧାପିକା ଓ କର୍ମଚାରୀ ମାନେ ପୂର୍ଣ୍ଣ ସହଯୋଗ କରିଥିଲେ।

## ବାଳମୁକୁନ୍ଦ ଦେବଙ୍କ ପୀଠରେ ଜନ୍ମାଷ୍ଟମୀ ଉତ୍ସବ

ବାଲୁଗାଁ, (ଭାସ୍କର ନ୍ୟୁଜ୍): ଚିଲିକା ବ୍ଲକ ଅଠରବାଟିଆ ପଞ୍ଚାୟତ ଅନ୍ତର୍ଗତ ଚନ୍ଦ୍ରାପୁଟ ଗ୍ରାମର ବହୁ ପ୍ରସିଦ୍ଧ ବାଳମୁକୁନ୍ଦ ଦେବଙ୍କ ପୀଠରେ ମହାସମାରୋହରେ ଜନ୍ମାଷ୍ଟମୀ ଉତ୍ସବ ପାଳିତ ହୋଇଯାଇଛି। ପ୍ରାତଃ ସମୟରେ ସୂର୍ଯ୍ୟ ପୂଜା ସହ ନୀତିକାନ୍ତି ପୂଜାର୍ଚ୍ଚନା ପରେ ବିଜେ ପ୍ରତିମା ମନ୍ଦିର ଗୃହରୁ ପାଟପଟୁଆରରେ ବାହାରି ମନ୍ଦିର ପରିକ୍ରମା କରି ପୂଜା ମଣ୍ଡପରେ ବିରାଜମାନ ହୋଇଥିଲେ। ବିଧି ଅନୁସାରେ ଦୁଇ ଜଣ ସେବକ ଦେବକୀ ଓ ବସୁଦେବ ରୂପରେ ପରମ୍ପରା ଅନୁଯାୟୀ ଜନ୍ମ ବିଧି କାର୍ଯ୍ୟ ସମ୍ପାଦନା କରିଥିଲେ। ଏହାପରେ ନବଜାତକଙ୍କୁ ପ୍ରସାଦ ଲାଗି କରାଯାଇ ଦୁଗ୍ଧ,ଲହୁଣୀ ସମର୍ପଣ କରାଯାଇ ଥିଲା। ଆଳତି ପରେ ବାଳମୁକୁନ୍ଦ ଦେବଙ୍କୁ ପାଟ ପଟୁଆରରେ ପୂଜା ମଣ୍ଡପରୁ ପୁନଃ ନିଜ ଆସ୍ଥାନରେ ବିଜେ କରାଯାଇଥିଲା। ସନ୍ଧ୍ୟାରେ ଗ୍ରାମ ନାଟକ ମଞ୍ଚ ପକ୍ଷରୁ ଶ୍ରୀକୃଷ୍ଣ ଜନ୍ମ ପୌରାଣିକ ନାଟକ ପରିବେଷଣ କରାଯାଇ ଥିଲା। ଶହଶହ ସଂଖ୍ୟକ ଭକ୍ତଙ୍କ ସମାବେଶକୁ ଦୃଷ୍ଟିରେ ରଖି ଗ୍ରାମ୍ୟ କମିଟି ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇ ଥିଲା।ଉକ୍ତ କାର୍ଯ୍ୟକ୍ରମକୁ ଚନ୍ଦ୍ରାପୁଟ ଗ୍ରାମବାସୀ ବୃନ୍ଦ ସମ୍ପୂର୍ଣ ସହଯୋଗ କରିଥିଲେ।

## ଗାନ୍ଧୀ ଶାନ୍ତି କେନ୍ଦ୍ରରେ ସ୍ୱାଧୀନତା ଦିବସ ପାଳିତ



ଭୁବନେଶ୍ୱର, (ଭାସ୍କର ନ୍ୟୁଜ୍): ଭୁବନେଶ୍ୱରର ଗାନ୍ଧୀ ଶାନ୍ତି କେନ୍ଦ୍ରରେ ବହୁ ଧୂମଧାମରେ ଶୁକ୍ରବାର ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ମଧୁସୂଦନ ପାଢ଼ୀ (ଆଇଏଏସ୍, ଓଡ଼ିଶା ନିର୍ବାଚନ ଆୟୁକ୍ତ) ଯୋଗ ଦେଇଥିଲେ। ନିକଟରେ ଥିବା ତପୋବନ ଉଚ୍ଚବିଦ୍ୟାଳୟ, ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଆବାସିକ ବିଦ୍ୟାଳୟ ଓ ବ୍ରହ୍ମାନନ୍ଦ ଗୌରବ ଗୁରୁକୁଳ ବିଦ୍ୟାଳୟର ଶତାଧିକ ଛାତ୍ରଛାତ୍ରୀ ଉତ୍ସବରେ ଯୋଗ ଦେଇଥିଲେ। ମୁଖ୍ୟ ଅତିଥି ପାଢ଼ୀ ସ୍ୱାଧୀନତା ସଂଗ୍ରାମୀ ଦେଇଥିବା ବଳିଦାନ ବିଷୟରେ ଛାତ୍ରଛାତ୍ରୀଙ୍କୁ ଉଦ୍‌ବୋଧନ ଦେଇଥିଲେ। ସେ ଛାତ୍ରଛାତ୍ରୀ ମାନଙ୍କୁ ନିଜ ପାଠପଢ଼ାରେ ଧ୍ୟାନ ଦେବା ସହ ଜଣେଜଣେ ଦାୟିତ୍ୱବାନ ନାଗରିକ ହେବାକୁ ସମ୍ବୋଧନ କରିଥିଲେ। ତାଙ୍କ ସେବା ଓ ଉତ୍ସର୍ଗ ଆମ ଦେଶକୁ ଏକ ମହାନ୍ ଦେଶରେ ପରିଣତ କରିପାରିବ ବୋଲି ପାଢ଼ୀ ମତବ୍ୟକ୍ତ କରିଥିଲେ। ସେ ଆହୁରି ମଧ ଛାତ୍ରଛାତ୍ରୀଙ୍କୁ ସଚ୍ଚୋଟତା, ଉତ୍ତମଗୁଣ, କଠିନ ପରିଶ୍ରମ, ପରସ୍ପର ପ୍ରତି ସମ୍ମାନବୋଧ ଏବଂ ସମାଜ ପ୍ରତି ଉତ୍ସର୍ଗୀକୃତ ମନୋଭାବ ରଖିବା ସହ ଭବିଷ୍ୟତର ଉତ୍ତମ ନାଗରିକ ଭାବେ ଗଢ଼ିବାକୁ ପରାମର୍ଶ ଦେଇଥିଲେ। ମୁଖ୍ୟ ଅତିଥି ଛାତ୍ରଛାତ୍ରୀଙ୍କ ସହ ଗାନ୍ଧୀ ଶାନ୍ତି କେନ୍ଦ୍ରର ଗ୍ୟାଲେରୀ ପରିଦର୍ଶନ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଆଦିତ୍ୟ ବିର୍ଲା ଫାଉଣ୍ଡେଶନ ପରିଚାଳନା କରିଥିଲା। ଓଡ଼ିଶାରେ ଗାନ୍ଧିଜୀଙ୍କ ଆଦର୍ଶକୁ ମାନି ଚଳିବାକୁ ସେ ପରାମର୍ଶ ଦେଇଥିଲେ।

## ତିହିଡି ଯୁବମଞ୍ଚ ପକ୍ଷରୁ 'ମା' ତୁଝେ ସଲାମ' କାର୍ଯ୍ୟକ୍ରମ ଆୟୋଜିତ



ତିହିଡ଼ି, (ଭାସ୍କର ନ୍ୟୁଜ): ନୃତ୍ୟ ମାଧ୍ୟମରେ ଦେଶମାତୃକାର ବୀରତ୍ୱପୂର୍ଣ୍ଣ ଗାଥା ଆମ ହୃଦୟରେ ଦେଶଗୌରବ ଭାବନା ଜାଗ୍ରତ କରେ। ସଂଗୀତର ଝଙ୍କାର ଓ ଦୁନ୍ଦୁଭି ନାଦରେ ଅନୁରଣୀତ ହୁଏ ରାଷ୍ଟ୍ରୀୟ ଭାବନା। ସାଂସ୍କୃତିକ କାର୍ଯ୍ୟକ୍ରମ ଜରିଆରେ ତରୁଣ ପ୍ରାଣରେ ଭାରତୀୟ ଚେତନାକୁ ସଂଚରଣଶୀଳ କରିବା କ୍ଷେତ୍ରରେ ତିହିଡ଼ି ଯୁବମ□ ସର୍ବଦା ଅଗ୍ରଣୀ ଭୂମିକା ନେଇଆସିଛି ବୋଲି ତିହିଡ଼ି ତାରିଣୀ ପାଥୋଲଜି ସହଯୋଗରେ ଆୟୋଜିତ 'ମା ତୁଝେ ସଲାମ' ସ୍ୱତନ୍ତ୍ର ଦେଶାତ୍ମବୋଧକ ନୃତ୍ୟ କାର୍ଯ୍ୟକ୍ରମରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ଏହି ଦେଶାତ୍ମକବୋଧକ କାର୍ଯ୍ୟକ୍ରମରେ ୪୦ ଜଣ ଶିଶୁ, କିଶୋର ଓ ତରୁଣ-ତରୁଣୀ ଏକକ, ଦ୍ୱୈତ ଓ ଦଳଗତ ନୃତ୍ୟ ପରିବେଷଣ କରି ଦେଶପ୍ରେମର ସୁଗନ୍ଧରେ ସୁବାସିତ କରିଥିଲେ। ପ୍ରତ୍ୟେକ ନୃତ୍ୟଶୈଳୀ ଥିଲା ଏକ ଭାବପୂର୍ଣ୍ଣ ଉପହାର, ଯାହା ଭାରତର ତ୍ୟାଗ, ବୀରତ୍ୱ ଓ ସାଂସ୍କୃତିକ ଐତିହ୍ୟକୁ ନୃତ୍ୟର ଭାଷାରେ ଜୀବନ୍ତ କରି ତୋଳିଥିଲା। ଦର୍ଶକଙ୍କ ମଧ୍ୟରେ ଉପସ୍ଥିତ ସମସ୍ତେ ଏହି ନୃତ୍ୟାଞ୍ଜଳିରେ ନିମଜ୍ଜିତ ହୋଇ ଦେଶପ୍ରେମର ଏକ ଅନୁପମ ଅନୁଭବ ଲାଭ କରିଥିଲେ। କାର୍ଯ୍ୟକ୍ରମରେ ଦେଶ ପାଇଁ ନିଜ ଜୀବନକୁ ଉତ୍ସର୍ଗ କରିଥିବା ବୀର ଯୋଦ୍ଧାମାନଙ୍କୁ ସମ୍ମାନ ଜଣାଇ ଏକ ହୃଦୟସ୍ପର୍ଶୀ ମୁହୂର୍ତ୍ତ ସୃଷ୍ଟି ହୋଇଥିଲା। ଅବସରପ୍ରାପ୍ତ ସୈନିକ ଦେବେନ୍ଦ୍ର କୁମାର ବେହେରା, ବଳରାମ ମଲ୍ଲିକ୍, ଚିତ୍ତରଞ୍ଜନ ଦାସ, ମାୟାଧର ପାଣିଗ୍ରାହୀ ଏବଂ ଶହୀଦ ତାପସ ମଲ୍ଲିକଙ୍କ ପିତା ଅକ୍ଷୟ ମଲ୍ଲିକଙ୍କୁ ଦେଶ ସେବା ପାଇଁ ସମ୍ମାନିତ କରାଯାଇଥିଲା। ଏହି ସମ୍ମାନପୂର୍ଣ୍ଣ ମୁହୂର୍ତ୍ତ ସମସ୍ତଙ୍କ ହୃଦୟରେ ଗର୍ବ ଓ ଗୌରବର ଭାବନା ଆଣିଥିଲା। ଯେଉଁମାନେ ଦେଶ ପାଇଁ ନିଜର ସର୍ବସ୍ୱ ବଳିଦାନ ଦେଇଛନ୍ତି ସେମାନଙ୍କୁ ସ୍ମରଣ କରାଇ ମନ ମଧ୍ୟରେ ଗଭୀର ଦେଶାତ୍ମକ ଭାବ ସୃଷ୍ଟିକରିଥିଲା। ପ୍ରଥମ ଅଧିବେଶନଟି ଉପଦେଷ୍ଟା ସଚିକାନ୍ତ ନାୟକଙ୍କ ସଂଚାଳନରେ ଅନୁଷ୍ଠିତ ହୋଇଥିବା ବେଳେ ସ୍ନାତକୋତ୍ତର ଛାତ୍ରୀ ବନ୍ଦେବିଶ୍ୱେଶ୍ୱରୀ ଦାସଙ୍କ ଜୀବନ୍ତ ସଞ୍ଚାଳନା ନୃତ୍ୟ କାର୍ଯ୍ୟକ୍ରମକୁ ଆହୁରି ଆକର୍ଷଣୀୟ କରିଥିଲା। ପୁରସ୍କାର ବିତରଣୀ ସଭାରେ ଅନୁଷ୍ଠାନର ସଭାପତି କୈଳାସ ବେହେରାଙ୍କ ପୌରୋହିତ୍ୟରେ ଯୁବମଞ୍ଚର ସମ୍ପାଦକ କବି ନିରଞ୍ଜନ ବାରିକ ଏକ ହୃଦୟସ୍ପର୍ଶୀ ସ୍ୱାଗତ ଭାଷଣ ଦେଇ କାର୍ଯ୍ୟକ୍ରମର ମହତ୍ତ୍ୱ ଉପରେ ଆଲୋକପାତ କରିଥିଲେ। ମୁଖ୍ୟ ଅତିଥି ଭାବେ ସ୍ତମ୍ଭକାର ଅଧ୍ୟାପକ ଡକ୍ଟର ବିଶ୍ୱରଂଜନ ଦାସ, ସମାଜସେବୀ ମନୋଜ ସେନାପତି, କବି ଓ ଗାଳ୍ପିକ ମନୋଜ ପାଣିଗ୍ରାହୀ, ଉପସଭାପତି ପ୍ରିୟବ୍ରତ ପାଢ଼ୀ, ସମାଜସେବୀ ବିଜୟ କୁମାର ଦଳେଇ ଏବଂ ସଂଯୋଜକ ଆଇନଜୀବୀ ନୀଳମାଧବ ସେନାପତି ମଞ୍ଚାସୀନ ହୋଇ ପ୍ରତିଯୋଗୀଙ୍କୁ ପ୍ରେରଣାପତ୍ର ଓ ଟ୍ରଫି ପ୍ରଦାନ କରି ସେମାନଙ୍କ ପ୍ରତିଭାକୁ ସମ୍ମାନ ଜଣାଇଥିଲେ। ସଦସ୍ୟ ସୁବ୍ରତ ମିଶ୍ରଙ୍କ ଧନ୍ୟବାଦ ଅର୍ପଣ ସହ ସହ-ସମ୍ପାଦକ ଦିଲ୍ଲୀପ ପତି, ସଦସ୍ୟ ଜିତେନ୍ଦ୍ର ନାୟକ, ସୟଦ ରଫିଦ, ନିଳାମ୍ବର ସେଠୀ ଓ ସାକିରୁଦିନ ଖାଁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ ପ୍ରଦାନ କରିଥିଲେ। ତିହିଡ଼ି ଯୁବମଞ୍ଚ ଆୟୋଜିତ ଏହି କାର୍ଯ୍ୟକ୍ରମ କେବଳ ଏକ ନୃତ୍ୟ କାର୍ଯ୍ୟକ୍ରମ ନୁହେଁ ବରଂ ଦେଶପ୍ରେମ ସାଂସ୍କୃତିକ ଚେତନା ଓ ଯୁବଶକ୍ତିର ଏକ ଜୀବନ୍ତ ଉତ୍ସବ ଥିଲା। ଏହା ଆଗାମୀ ପିଢ଼ିଙ୍କୁ ଭାରତୀୟ ମୂଲ୍ୟବୋଧ ଓ ଦେଶ ପାଇଁ ନିଜକୁ ଉତ୍ସର୍ଗ କରିବାର ପ୍ରେରଣା ଦେଇ ଏକ ଅବିସ୍ମରଣୀୟ ସ୍ମୃତି ସୃଷ୍ଟି କରିପାରିଛି ବୋଲି ସମସ୍ତେ ଅଭିହିତ କରିଥିଲେ।

## ସଫା ହେଲା ରାସ୍ତାର ପରିମଳ ଓ ଡ୍ରେନ



ପାପଡାହାଣ୍ଡି, (ଭାସ୍କର ନ୍ୟୁଜ୍): ନବରଙ୍ଗପୁର ଜିଲ୍ଲା ପାପଡାହାଣ୍ଡି ବ୍ଲକ ସଦର ମହକୁମା ଠାରେ ଜିଲ୍ଲାପାଳଙ୍କ ନିର୍ଦ୍ଦେଶରେ ସଫା ହେଲା ରାସ୍ତାର ପରିମଳ ଓ ଡ୍ରେନ। ନବରଙ୍ଗପୁର ଜିଲ୍ଲାପାଳ ଡ଼. ମହେଶ୍ୱର ସ୍ୱାଇଁ କିଛିଦିନ ତଳେ ପାପଡାହାଣ୍ଡି ଗସ୍ତରେ ଆସିଥିଲେ, ରାସ୍ତା କଡ଼ର ପରିମଳ ଡ୍ରେନରେ ଆବର୍ଜନା ପରିପୂର୍ଣ୍ଣ ରହିଥିବା ନେଇ ବ୍ଲକ କାର୍ଯ୍ୟାଳୟ ଠାରେ ବିଗିଡ଼ିଥିଲେ। ଏହା ପରେ ବ୍ଲକ ପ୍ରଶାସନ ବିଡ଼ିଓ କପିଳଦେବ ସାହୁଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ହୋଇଥିଲା। ଗ୍ରାମର ସମସ୍ତ ଦୋକାନୀକୁ ସୂଚନା ଦିଆଗଲା ଆସନ୍ତା ୧୩ ତାରିଖରେ ଗ୍ରାମ ସଫେଇ ଓ ଡ୍ରେନ ସଫେଇ ନେଇ ଏକ ବୈଠକ ପାଇଁ ପ୍ରସ୍ତୁତି ହୋଇଥିଲା। ବ୍ଲକ ଉପାଧ୍ୟକ୍ଷ ସୁଶାନ୍ତ ବେହେରାଙ୍କ ଅଧ୍ୟକ୍ଷତାରେ ବ୍ଲକ ସଭାଗୃହ ଠାରେ ଗତ ୧୩ ତାରିଖ ଏକ ବୈଠକ କରାଯାଇଥିଲା। ଗାଁ' ରାସ୍ତା ପାର୍ଶ୍ୱ ଓ ରହିଥିବା ଡ୍ରେନ ସଫା କରିବାକୁ ନିଷ୍ପତ୍ତି କରାଯାଇଥିଲା। ବ୍ଲକ ଉପାଧ୍ୟକ୍ଷ, ବିଡ଼ିଓ, ତହସିଲଦାର ଓ ଜିପିଓ ଗ୍ରାମବାସୀ ମିଳିତ ଭାବେ ଗ୍ରାମରେ ସମସ୍ତ ଦୋକାନ ବଜାର ବୁଲି ସଚେତନ କରିଥିଲେ। ଏହା ପରେ ଉମରକୋଟ ରାସ୍ତାର ଡ୍ରେନ ସଫା କୋରାଯାଇଥିଲା। ଗାଁ'ର ରାସ୍ତା କଡ଼ରେ ରହିଥିବା ସମସ୍ତ ଅଳିଆ ଆବର୍ଜନା ସଫା କୋରଯାଇଥିଲା। ଅଳିଆ ଆବର୍ଜନା ଡ୍ରେନ ସଫା ହୋଇଥିବା ଯୋଗୁ ଗ୍ରାମବାସୀ ଜିଲ୍ଲାପାଳଙ୍କୁ ଧନ୍ୟବାଦ ଜଣାଇଛନ୍ତି।

## ବିଦ୍ୟୁତ ସଂସ୍ପର୍ଶରେ ଆସି ଯୁବତୀ ମୃତ

ଧର୍ମଗଡ, (ଭାସ୍କର ନ୍ୟୁଜ): କଳାହାଣ୍ଡି ଜିଲ୍ଲା ଧର୍ମଗଡ ଥାନା କଦଳୀମୁଣ୍ଡା ଗାଁ'ରେ ବିଦ୍ୟୁତ ସଂସ୍ପର୍ଶରେ ଜଣେ ଯୁବତୀଙ୍କ ମୃତ୍ୟୁ ହୋଇଛି। ମୃତ ଯୁବତୀ ଜଣକ ହେଲେ ଉକ୍ତ ଗାଁ'ର କେଶରାମ ନାଏକଙ୍କ କନିଷ୍ଠ ଝିଅ ସାବେଶ ନାଏକ (୨୩)। ଆଜି ସକାଳ ସମୟରେ ନିଜ ଡ୍ରେସକୁ ଆଇରନ(ଇସ୍ତ୍ରୀ) କରୁଥିବା ବେଳେ ଅସାବଧାନତା ଯୋଗୁଁ ବିଦ୍ୟୁତ ସଂସ୍ପର୍ଶ ରେ ଆସି ଅଚେତ ହୋଇଥିବା ବେଳେ ପରିବାର ଲୋକେ ଗୁରୁତର ଅବସ୍ଥାରେ ଉଦ୍ଧାର କରି ପର୍ଲା ଡାକ୍ତରଖାନା କୁ ନେଇ ଥିଲେ। ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ଏ ସଂକ୍ରାନ୍ତରେ ପରିବାର ଲୋକେ ଧର୍ମଗଡ ଥାନାରେ ଏତଲା ଦେଲା ପରେ ଧର୍ମଗଡ ଥାନାରେ ଏକ ମାମଲା ରୁଜୁ କରି ଧର୍ମଗଡ ଉପଖଣ୍ଡ ଡାକ୍ତରଖାନାରେ ଶବ ବ୍ୟବଚ୍ଛେଦ ପରେ ପରିବାର ବର୍ଗ କୁ ଶବ ହସ୍ତାନ୍ତର କରିଥିଲେ। ପରିବାର ବର୍ଗକୁ ଶାନ୍ତ୍ୱନା ଦେବା ପାଇଁ ପଣ୍ଡରାମାଳି ଯୁବ ବାହିନୀ ପୂର୍ବତନ ସଭାପତି ଓ ଆଇନ ପରାମର୍ଶଦାତା ଦୁର୍ଗା ପ୍ରସାଦ ନାଏକ ଓ କୁଳପତି ପ୍ରକାଶ ଚନ୍ଦ୍ର ନାଏକଙ୍କ ନିର୍ଦ୍ଦେଶରେ ଯୁବ ବାହିନୀ ସଭାପତି ଭବାନୀ ଶଙ୍କର ବଣିଆ, ସେତୁରାମ ଭକ୍ତ, କବିରାମ ଲିମଗୋଡିଆ, ଧର୍ମଗଡ ଏନ୍‌ଏସିୟୁବ ବାହିନୀ ସଭାପତି ସୌମ୍ୟ ରଞ୍ଜନ ନାଏକ, ରତନ ନାଏକ ପହଞ୍ଚି ଶବ ବାହକ ଗାଡିପାଇଁ ଆର୍ଥିକ ସାହାଯ୍ୟ ସହଯୋଗ କରିଥିଲେ।

## ଆଇଆଇଏ ଓ ଭିସୁଟ୍ ସହଯୋଗିତାରେ ଇଭଲ୍‌ଭ ଡିଜାଇନ ୨.୦ ଆୟୋଜିତ




ସମ୍ବଲପୁର, (ଭାସ୍କର ନ୍ୟୁଜ): ଓଡ଼ିଶା ଚାପ୍ଟର ଅଧୀନରେ ଦି ଇଣ୍ଡିଆନ୍ ଇନଷ୍ଟିଚ୍ୟୁଟ ଅଫ ଆର୍କିଟେକ୍ଟସ୍ (ଆଇଆଇଏ) ସମ୍ବଲପୁର ସବ୍-ସେଣ୍ଟର, ବୀର ସୁରେନ୍ଦ୍ର ସାଏ ୟୁନିଭରସିଟି ଅଫ ଟେକ୍ନୋଲୋଜି (ଭିସୁଟ୍), ବୁର୍ଲା ସହିତ ସହଯୋଗୀତାରେ ସଫଳତାର ସହିତ ଦୁଇ ଦିବସୀୟ ଡିଜାଇନ କର୍ମଶାଳା ଇଭଲ୍‌ଭ ଡିଜାଇନ ୨.୦ ଚଳିତ ଅଗଷ୍ଟ ମାସ ୧୩ ଓ ୧୪ ତାରିଖରେ ଆୟୋଜନ କରିଥିଲା। ଏହି କର୍ମଶାଳା ଅଂଶଗ୍ରହଣକାରୀ ସ୍ଥପତିମାନଙ୍କୁ ମାର୍ଗଦର୍ଶକ ଭାବରେ ଏବଂ ସମଗ୍ର ଓଡ଼ିଶାରୁ ଛାତ୍ର ଛାତ୍ରୀଙ୍କୁ ସ୍ଥାପତ୍ୟ କ୍ଷେତ୍ରରେ ଶିକ୍ଷା ସଂସ୍ଥାନ ଏବଂ ବୃତ୍ତିଧାରୀଙ୍କ ମଧ୍ୟରେ ରହୁଥିବା ତାରତମ୍ୟ ଦୂର କରିବା ଲକ୍ଷ୍ୟରେ ଏକ ତଲ୍ଲୀନକାରୀ ମଞ୍ଚରେ ଏକତ୍ରିତ କରାଇଥିଲା। ଉଦ୍‌ଘାଟନୀ ଉତ୍ସବ ଅଗଷ୍ଟ ୧୩ ତାରିଖରେ ଅନୁଷ୍ଠିତ ହୋଇଥିଲା ଏବଂ ଏଥିରେ ପ୍ରଫେସର ଦୀପକ କୁମାର ସାହୁ, କୁଳପତି, ଭିଏସଏସ୍ୟୁଟି ମୁଖ୍ୟ ଅତିଥି, ଶ୍ରୀ ପ୍ରଦୀପ ଡାଙ୍ଗ, ରେଜିଷ୍ଟ୍ରାର, ଭିଏସଏସ୍ୟୁଟି, ସମ୍ମାନନୀୟ ଅତିଥି ଭାବରେ ଯୋଗ ଦେଇଥିଲେ। ଉତ୍ସବରେ ଉପସ୍ଥିତ ଅନ୍ୟ ବିଶିଷ୍ଟ ବ୍ୟକ୍ତିବିଶେଷଙ୍କ ମଧ୍ୟରେ ଏଆର୍ ସ୍ୱପ୍ନଦତ୍ତ ମହାନ୍ତି, ଚେୟାରପର୍ସନ, ଆଇଆଇଏ ଓଡ଼ିଶା ଚାପ୍ଟର; ଏଆର୍ ମୌସୁମୀ ନନ୍ଦ, ଭାଇସ୍-ଚେୟାରପର୍ସନ, ଆଇଆଇଏ, ଓଡ଼ିଶା ଚାପ୍ଟର; ଏଆର୍ ଗିରିଧର ଅଗ୍ରୱାଲ, ଚେୟାରପର୍ସନ, ଆଇଆଇଏ ସମ୍ବଲପୁର ସବ୍-ସେଣ୍ଟର; ଏଆର୍ ନବୀନ ପାନ୍‌ସାରୀ, ଭାଇସ-ଚେୟାରପର୍ସନ, ଆଇଆଇଏ ସମ୍ବଲପୁର ସବ୍-ସେଣ୍ଟର; ଏବଂ ଡ. ଭାରତୀ ମହାପାତ୍ର, ହେଡ୍ ଅଫ ଦି ଡିପାର୍ଟମେଣ୍ଟ ଅଫ ଆର୍କିଟେକ୍‌ଚର, ଭିଏସଏସ୍ୟୁଟି ପ୍ରମୁଖ ଅନ୍ତର୍ଭୁକ୍ତ ଥିଲେ। କର୍ମଶାଳାରେ ଏନ୍‌ଆଇଟି ରାଉରକେଲା, ପିଲୁ ମୋଦୀ କଲେଜ ଅଫ ଆର୍କିଟେକ୍‌ଚର, କିଟ୍ ସ୍କୁଲ ଅଫ ଆର୍କିଟେକ୍‌ଚର, ଶ୍ରୀ ଶ୍ରୀ ୟୁନିଭରସିଟି, ଓୟୁଟିଆର୍ ଏବଂ ଭିଏସଏସ୍ୟୁଟିର ନିଜସ୍ୱ ଡିପାର୍ଟମେଣ୍ଟ ଅଫ ଆର୍କିଟେକ୍‌ଚର ସମେତ ରାଜ୍ୟର ଅଗ୍ରଣୀ ସ୍ଥାପତ୍ୟ ପ୍ରତିଷ୍ଠାନଗୁଡିକରୁ ପ୍ରତିନିଧିତ୍ୱ କରୁଥିବା ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ଓଡ଼ିଶାର ବିଭିନ୍ନ ଭାଗରୁ ଅଭିଜ୍ଞ ସ୍ଥପତିମାନେ ପରାମର୍ଶଦାତା ଭାବରେ ବ୍ୟାପକ ଡିଜାଇନ ଅଭ୍ୟାସ ଜରିଆରେ ଅଂଶଗ୍ରହଣକାରୀଙ୍କୁ ମାର୍ଗଦର୍ଶନ କରିଥିଲେ ଏବଂ ଏଥିସହିତ ସମ୍ମୁଖରେ ଶିକ୍ଷାଲାଭ କରିବା ଏବଂ ସହଯୋଗୀତା ଭିତ୍ତିରେ ସମସ୍ୟା ସମାଧାନକୁ ପ୍ରୋତ୍ସାହିତ କରିଥିଲେ। ସମାବେଶକୁ ଉଦ୍‌ବୋଧନ ଦେଇ ପ୍ରଫେସର ଡ. ସାହୁ ଯୁବ ସ୍ଥପତିମାନଙ୍କ ମଧ୍ୟରେ ଡିଜାଇନ ଚିନ୍ତନ ଏବଂ ନବସୃଜନର ପରିପୋଷଣ ଗୁରୁତ୍ୱ ଉପରେ ଜୋର୍ ଦେଇଥିଲେ। ସେ ବୃତ୍ତିଗତ ବିଦ୍ୱତା ଏବଂ ଛାତ୍ର ଛାତ୍ରୀଙ୍କର ଶିକ୍ଷା ଆହରଣ ମଧ୍ୟରେ ଏକ ସେତୁ ସ୍ଥାପନ ଲକ୍ଷ୍ୟରେ ଏହି କର୍ମଶାଳା ଆୟୋଜନକୁ ପ୍ରଶଂସା କରିଥିଲେ। ଦୁଇଦିନ ଧରି ଅଂଶଗ୍ରହଣକାରୀ ମାନେ ଆନ୍ତଃକ୍ରିୟାଶୀଳ ଅଧିବେଶନ, ଦଳଗତ ଡିଜାଇନ ଚାଲେଞ୍ଜ ଏବଂ ବାସ୍ତବ ଦୁନିଆଁର ସ୍ଥାପତ୍ୟଗତ ପ୍ରସଙ୍ଗଗୁଡିକ ସମ୍ପର୍କିତ ଆଲୋଚନାରେ ନିଜକୁ ନିୟୋଜିତ କରିବା ସହିତ ସମକାଳୀନ ବୃତ୍ତିଗତ ଅଭ୍ୟାସ ଏବଂ ଦୀର୍ଘସ୍ଥାୟୀ ଆଭିମୁଖ୍ୟ ପରେ ଅନ୍ତର୍ଦୃଷ୍ଟି ହାସଲ କରିଥିଲେ। ପରାମର୍ଶଦାତାମାନେ ସେମାନଙ୍କୁ ଡିଜାଇନ ସମ୍ପର୍କିତ ଧାରଣା ଜରିଆରେ ମାର୍ଗଦର୍ଶନ କରିବା ସହିତ ସେମାନଙ୍କର ନିଜସ୍ୱ ବୃତ୍ତିଗତ ଯାତ୍ରାର ମୂଲ୍ୟବାନ ଅଭିଜ୍ଞତା ବାଣ୍ଟିଥିଲେ। ଛାତ୍ରଛାତ୍ରୀଙ୍କ ଟିମ୍‌ଗୁଡିକ ଦ୍ୱାରା ଉପସ୍ଥାପନ ସହିତ କାର୍ଯ୍ୟକ୍ରମ ସମାପ୍ତ ହୋଇଥିଲା, ଯେଉଁଥିରେ ସେମାନେ ନିର୍ଦ୍ଦିଷ୍ଟ ଡିଜାଇନ ସମସ୍ୟାଗୁଡିକ କ୍ଷେତ୍ରରେ ସେମାନଙ୍କର ସୃଜନଶୀଳ ସମାଧାନ ଏବଂ ବ୍ୟାଖ୍ୟାନକୁ ପ୍ରଦର୍ଶିତ କରିଥିଲେ। ବୃତ୍ତିଧାରୀ-ଛାତ୍ର ଛାତ୍ରୀଙ୍କ ନିୟୋଜନତାକୁ ସୁଦୃଢ଼ କରିବା ଏବଂ ଓଡ଼ିଶାରେ ପରବର୍ତ୍ତୀ ପିଢ଼ିର ସ୍ଥପତିମାନଙ୍କୁ ପ୍ରେରଣା ଦେବା ନିମନ୍ତେ ଏହି ପ୍ରୟାସର ଭୂମିକାକୁ ପ୍ରଶଂସା କରାଯାଇଥିଲା।

## ଏଟିଏମ୍ ଓ ମାର୍କେଟ୍ କମ୍ପ୍ଲେକ୍ସ ଉଦ୍‌ଘାଟିତ



ଡେରାବିଶ, (ଭାସ୍କର ନ୍ୟୁଜ୍): ଡେରାବିଶ ବ୍ଲକ ଅନ୍ତର୍ଗତ ହରିଅଙ୍କ ପଂଚାୟତ କାର୍ଯ୍ୟାଳୟ ପରିସରରେ ଆଜି ନୂତନ ଭାବେ ନିର୍ମିତ ମାର୍କେଟ କମ୍ପ୍ଲେକ୍ସ ଓ ଏଟିଏମ୍‌କୁ ସରପଂଚ କନକଲତା ପ୍ରଧାନ ଉଦ୍‌ଘାଟନ କରିଛନ୍ତି। ହରିଅଙ୍କ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଗତ କିଛିବର୍ଷ ହେବ ଇଣ୍ଡିଆନ୍ ବ୍ୟାଙ୍କର ଏକ ଶାଖା ଖୋଲାଯାଇଛି। ଏଥିସହିତ ଏହି ଗ୍ରାମାଞ୍ଚଳରେ ପାଖାପାଖି ୫ଟି ପଞ୍ଚାୟତ ମଧ୍ୟରେ ଏଟିଏମ୍ ସେବା ଉପଲବ୍ଧ ନଥିଲା। ଫଳରେ ସରପଞ୍ଚ ଓ ନିକଟସ୍ଥ ଗ୍ରାମବାସୀ ଦାବିରେ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଇଣ୍ଡିଆନ୍ ବ୍ୟାଙ୍କ ପକ୍ଷରୁ ଏକ ଏଟିଏମ୍ ମେସିନ୍ ବସାଯାଇଥିଲା। ଏଥିସହିତ ପଞ୍ଚାୟତ ପକ୍ଷରୁ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ୭ଲକ୍ଷ ୫୦ ହଜାର ଟଙ୍କା ବ୍ୟୟ ଅଟକଳରେ ତିନିବଖରା ବିଶିଷ୍ଟ ଏକ ମାର୍କେଟ କମ୍ପ୍ଲେକ୍ସ ଗୃହ ମଧ ନିର୍ମାଣ କରାଯାଇଥିଲା। ଏହି ଉଦ୍‌ଘାଟନ କାର୍ଯ୍ୟକ୍ରମରେ ସରପଞ୍ଚ ପ୍ରଧାନଙ୍କ ସହିତ ସମାଜସେବୀ ସୁଖଦାନନ୍ଦ ପ୍ରଧାନ, ନାଏବ ସରପଞ୍ଚ ସର୍ବେଶ୍ୱର ସ୍ୱାଇଁ, ପଞ୍ଚାୟତ ମହିଳା ମହାସଂଘର ସଭାପତି ନିର୍ମଳା ରାୟ, ପଞ୍ଚାୟତର ଏଡିଇଓ ସଂଜୟ କୁମାର ନାୟକଙ୍କ ସମେତ ପଞ୍ଚାୟତର ସମସ୍ତ ଓ୍ୱାର୍ଡ଼ ମେମ୍ବର, ଏମ୍‌ବିକେ, ସିଆରପି ଓ ଶତାଧିକ ପଞ୍ଚାୟତବାସୀ ଉପସ୍ଥିତ ରହିଥିଲେ।

## ମହୁମାଛି ଆକ୍ରମଣରେ ଜଣେ ଗୁରୁତର

ଗଁଦିଆ, (ଭାସ୍କର ନ୍ୟୁଜ୍): ଢେଙ୍କାନାଳ ଜିଲ୍ଲା ଗଁଦିଆ ବ୍ଲକ ମଠତେନ୍ତୁଳିଆ ଗ୍ରାମରେ ଜଣେ ବ୍ୟକ୍ତି ମହୁମାଛି ଆକ୍ରମଣରେ ଗୁରୁତର ଆହତ ହୋଇ ଚିକିତ୍ସିତ ହେଉଥିବାର ଜଣାପଡିଛି। ମଠତେନ୍ତୁଳିଆ ଗ୍ରାମର ଶିକ୍ଷକ ନିରଞ୍ଜନ ବେହେରା ପାଠ ପଢାଇବା ପାଇଁ ଜୁଆଳୀବନ୍ଧ ଗ୍ରାମକୁ ଯାଉଥିଲେ। ଜୁଆଳୀବନ୍ଧ ନିକଟରେ ହଠାତ୍ ଏକ ମହୁଫେଣାରୁ ମହୁମାଛି ମାନେ ବାହାରି ତାଙ୍କୁ ଆକ୍ରମଣ କରିଥିଲେ। ଫଳରେ ନିରଞ୍ଜନ ଗୁରୁତର ଆହତ ହୋଇଥିବା ବେଳେତାଙ୍କୁ ପ୍ରଥମେ ଶ୍ରୀରାମ ଚନ୍ଦ୍ରପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ଅଧିକ ଗୁରୁତର ହେବାରୁ ତାଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇ ଥିବାର ଜଣାପଡିଛି।

## ଡମପଡ଼ାରେ ସ୍ୱାଧୀନତା ଦିବସ ପାଳିତ



ବାଙ୍କି, (ଭାସ୍କର ନ୍ୟୁଜ୍): ୭୯ ତମ ସ୍ୱାଧିନତା ଦିବସ ଅବସରରେ ଡମପଡ଼ା ଗୋବିନ୍ଦପୁର ସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ କଟକ ଜିଲ୍ଲା ପରିଷଦ ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷ ଆଶିଷ କୁମାର ସାହୁ ଜାତୀୟ ପତାକା ଉତ୍ତୋଳନ କରିବା ସହ ସମବେତ ପ୍ୟାରେଡରେ ଅଭିବାଦନ ଗ୍ରହଣ କରିଛନ୍ତି। ଏହି ଅବସରରେ ସାହୁ ଉଦବୋଧନ ଦେଇ ଆଜି ରାଷ୍ଟ୍ର ପ୍ରଗତି କ୍ଷେତ୍ରରେ ଆଗକୁ ବଢୁଥିବାବେଳେ ଆଗାମୀ ପିଢ଼ିର ଛାତ୍ର - ଛାତ୍ରୀ ଭଲ ପାଠ ପଢିବା ସହ ଗୁଣାତ୍ମକ, ଜ୍ଞାନ କୌଶଳ ଓ ଦକ୍ଷତା ଦିଗରେ ଅଗ୍ରସର ହେବା ପାଇଁ ଆହ୍ୱାନ ଦେଇଛନ୍ତି। ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଅଧ୍ୟକ୍ଷା ଦିପା ମହାନ୍ତି ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ।



କଣିହାଁ, (ଭାସ୍କର ନ୍ୟୁଜ୍): କଣିହାଁ ବ୍ଲକ୍ ବିଜିଗୋଳ ପଞ୍ଚାୟତ ପରିସରରେ ନବନିର୍ମିତ ସ୍ୱର୍ଗତ ସଂଗ୍ରାମୀ ଦାଶରଥୀ ପାଣି ଓ ପବିତ୍ର ମୋହନ ପ୍ରଧାନଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ ଓ ସ୍ମୃତିସଭା ଅନୁଷ୍ଠିତ ହୋଇଯାଇଛି । ତାଳଚେର ବିଧାୟକ ବ୍ରଜକିଶୋର ପ୍ରଧାନ ମୁଖ୍ୟଅତିଥି ଏବଂ ସାଂସଦଙ୍କ ପ୍ରତିନିଧି ତ୍ରିପୁରାରୀ ପ୍ରଧାନ, ସଂଗ୍ରାମୀ ସ୍ୱର୍ଗତ ପାଣିଙ୍କ ଝିଅ ବୀଣାପାଣି ଧର, ବୋହୂ ଅନୁସୂୟା ପାଣି ଓ ନାତୁଣୀ ସ୍ମିତାଞ୍ଜଳି ପାଣି, ସ୍ୱର୍ଗତ ପ୍ରଧାନଙ୍କ ନାତୁଣୀ ତଥା ପ୍ରାକ୍ତନ ବ୍ଲକ୍ ଅଧକ୍ଷା ମଞ୍ଜୁଲତା ପ୍ରଧାନ, ୯ ଜୋନ୍ ଜିଲ୍ଲାପରିଷଦ ସଦସ୍ୟ ରଞ୍ଜନ କୁମାର ସାହୁ, କଣିହାଁ ବ୍ଲକ୍ ଅଧକ୍ଷ ରାମକୃଷ୍ଣ ପ୍ରଧାନ, ଉପାଧକ୍ଷା ଜୟନ୍ତୀ ପ୍ରଧାନ, ବିଜିଗୋଳ ସରପଞ୍ଚ ରୁକ୍ମିଣୀ ପ୍ରଧାନ, ସମିତିସଭ୍ୟ ପ୍ରଦ୍ୟୁମ୍ନ କୁମାର ମହାପାତ୍ର ପ୍ରମୁଖ ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ । ଅତିଥିମାନଙ୍କ ପକ୍ଷରୁ ସଂଗ୍ରାମୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇ ସ୍ମୃତିଚାରଣ କରାଯାଇଥିଲା । ସ୍ଥାନୀୟ ଅଞ୍ଚଳ ର ବହୁ ଗ୍ରାମ୍ୟ କମିଟି ସଭାପତି/ ସମ୍ପାଦକ, ୱାର୍ଡ ସଭ୍ୟା/ ସଭ୍ୟ, କର୍ମଚାରୀ ଓ ସାଧାରଣ ଜନତା ସାମିଲ ଥିଲେ । ସମାଜସେବୀ ନିର୍ମଳ ସାହୁ ମଞ୍ଚ ପରିଚାଳନା, ଅତିଥି ପରିଚୟ ପ୍ରଦାନ କରିଥିଲେ । ପ୍ରତିମୂର୍ତ୍ତି ନିର୍ମାଣ ପାଇଁ ଓଡ଼ିଶା ସରକାରଙ୍କ ପଞ୍ଚାୟତରାଜ ଓ ପାନୀୟ ଜଳ ବିଭାଗ ପଞ୍ଚ ଅର୍ଥ କମିଶନ ପକ୍ଷରୁ ଦୁଇଲକ୍ଷ ଟଙ୍କା ବ୍ୟୟ ବରାଦ୍ ହୋଇଥିବା ପଞ୍ଚାୟତ ସୂତ୍ରରୁ ପ୍ରକାଶ । ସମିତିସଭ୍ୟ ପ୍ରଦ୍ୟୁମ୍ନ କୁମାର ମହାପାତ୍ର ଧନ୍ୟବାଦ୍ ଅର୍ପଣ କରିଥିଲେ ।

# ଏମ୍ସ ଭୁବନେଶ୍ୱରରେ ୭୯ତମ ସ୍ୱାଧୀନତା ଦିବସ ପାଳିତ



ଭୁବନେଶ୍ୱର, (ଭାସ୍କର ନ୍ୟୁଜ୍): ଦେଶପ୍ରେମର ଅନନ୍ୟ ମହକରେ ଏମ୍ସ ଭୁବନେଶ୍ୱରରେ ପାଳିତ ହୋଇଛି ୭୯ତମ ସ୍ୱାଧୀନତା ଦିବସ। ଏହି ଜାତୀୟ ପ୍ରତିଷ୍ଠାନର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡ. ଆଶୁତୋଷ ବିଶ୍ୱାସ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ଏହି ଅବସରରେ ଡ. ବିଶ୍ୱାସ ସ୍ୱାସ୍ଥ୍ୟ, ଚିକିତ୍ସା ବିଜ୍ଞାନ ଏବଂ ଗବେଷଣା କ୍ଷେତ୍ରରେ ଏମ୍ସ ଭୁବନେଶ୍ୱରର ଉଲ୍ଲେଖନୀୟ ସଫଳତା ସମ୍ପର୍କରେ ଆଲୋକପାତ କରିଥିଲେ। ଗୁଣବତ୍ତାପୂର୍ଣ୍ଣ ସ୍ୱାସ୍ଥ୍ୟସେବା ଯୋଗାଇ ଦେବାରେ ଏହି ଅନୁଷ୍ଠାନ ଓଡ଼ିଶା ସମେତ ସମଗ୍ର ପୂର୍ବ ଭାରତରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରିବା ସହିତ ଏକ ଉତ୍କର୍ଷ କେନ୍ଦ୍ର ପାଲଟିଥିବା ସେ ପ୍ରକାଶ କରିଥିଲେ। ଏହି ଜାତୀୟ ଅନୁଷ୍ଠାନ ପକ୍ଷରୁ ଆରମ୍ଭ ହେବାକୁ ଥିବା ଏକାଧିକ ପ୍ରକଳ୍ପ ସମ୍ପର୍କରେ ସୂଚନା ଦେଇଥିଲେ ଡ. ବିଶ୍ୱାସ। ଦେଶ ସ୍ୱାଧୀନତାର ଅମୃତ ମହୋତ୍ସବ ପାଳନ କରୁଥିବାବେଳେ ଏମ୍ସ ଭୁବନେଶ୍ୱର ମଧ ଉତ୍ତମ ସ୍ୱାସ୍ଥ୍ୟସେବା ଯୋଗାଇଦେବା ନିମନ୍ତେ ପ୍ରତିଶ୍ରୁତିବଦ୍ଧ। ଏନେଇ ସମସ୍ତେ ଅଙ୍ଗୀକାର ବଦ୍ଧ ହୋଇ କାର୍ଯ୍ୟ କରିବାକୁ ଆହ୍ୱାନ ଦେଇଥିଲେ ଡ. ବିଶ୍ୱାସ। ନିକଟରେ ଏହି ଅନୁଷ୍ଠାନକୁ ଏନ୍ଆଇ-ଆରଏଫ୍ ପକ୍ଷରୁ ରାଜ୍ୟର ଶ୍ରେଷ୍ଠ ମେଡିକାଲ୍ କଲେଜର ମାନ୍ୟତା ପ୍ରଦାନ କରିଛି। ଏହି ଅବସରରେ କର୍ତ୍ତବ୍ୟନିଷ୍ଠା ଏବଂ କର୍ମ କୁଶଳତା ନିମନ୍ତେ ବିଭିନ୍ନ ବିଭାଗରେ ଉଲ୍ଲେଖନୀୟ ପ୍ରଦର୍ଶନ କରିଥିବା କର୍ମଚାରୀ ମାନଙ୍କୁ ମଧ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ସମ୍ମାନିତ କରିଥିଲେ। ଏହି ଅବସରରେ ଅନୁଷ୍ଠାନର ଅଧାପକ/ଅଧାପିକା ଏବଂ ଛାତ୍ରଛାତ୍ରୀଙ୍କ ଦ୍ୱାରା ଆକର୍ଷଣୀୟ ଦେଶାତ୍ମବୋଧକ ସଙ୍ଗୀତ ପରିବେଷଣ ପରିବେଶକୁ ଭାବମୟ କରିଥିଲା। ଅନ୍ୟମାନଙ୍କ ମଧରେ, ଡିନ୍ ଡ. ପି ଆର ମହାପାତ୍ର, ଡ. ସତ୍ୟଜିତ୍ ମିଶ୍ର, ଡ. ସୌଭାଗ୍ୟ ଜେନା, ମେଡିକାଲ୍ ଅଧୀକ୍ଷକ ଡ. ଦିଲ୍ଲୀପ କୁମାର ପରିଡ଼ା, ଡିଡିଏ ଅଭିଜିତ ସରକାର ପ୍ରମୁଖ ଏହି ଉତ୍ସବରେ ଯୋଗ ଦେଇଥିଲେ। ଡିଡିଏ ଅଭିଜିତ ସରକାର ସମସ୍ତଙ୍କୁ କୃତଜ୍ଞତା ଜଣାଇ ଏମ୍ସ ଭୁବନେଶ୍ୱରର ସାମଗ୍ରୀକ ବିକାଶ ପାଇଁ ସମସ୍ତେ ଉଦ୍ୟମ କରିବାକୁ ଆହ୍ୱାନ ଦେଇଥିଲେ।

# ଓଡ଼ିଶା ବ୍ରିଗେଡ୍ (ସୈନିକ) ସ୍କୁଲ୍ ପକ୍ଷରୁ ଜନ୍ମାଷ୍ଟମୀ ପାଳିତ



ତିହିଡ଼ି, (ଭାସ୍କର ନ୍ୟୁଜ୍): ଭଦ୍ରକ ଜିଲା ତିହିଡ଼ି ସ୍ଥିତ ଓଡ଼ିଶା ବ୍ରିଗେଡ଼ (ସୈନିକ) ସ୍କୁଲ ପକ୍ଷରୁ ଜନ୍ମାଷ୍ଟମୀ ପର୍ବ ମହା ସମାରୋହରେ ପାଳିତ ହୋଇ ଯାଇଛି । କାର୍ଯ୍ୟକ୍ରମର ଆରମ୍ଭରେ ଶ୍ରୀକୃଷ୍ଣଙ୍କ ବିଗ୍ରହକୁ ବିଧିପୂର୍ବକ ପୂଜାପାଠ କରାଯାଇଥିଲା । ପରେ ଶିଶୁ-ଶିକ୍ଷାର୍ଥୀମାନଙ୍କ ଦ୍ୱାରା ନୃତ୍ୟ-ଗୀତ, ଦଧିହାଣ୍ଡି ଭଙ୍ଗା ସାଂସ୍କୃତିକ କାର୍ଯ୍ୟକ୍ରମ ପ୍ରଦର୍ଶିତ ହୋଇଥିଲା। ଏହି ଅବସରରେ ସ୍କୁଲ୍ ର ସଭାପତି ସସ୍ମିତା ନାୟକଙ୍କ ପୌରହିତ୍ୟ ଓ ଯୁଗ୍ମ ସମ୍ପାଦକ ଯଯାତି କେଶରୀ ଦାସଙ୍କ ସଂଯୋଜନାରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ତିହିଡି ବିଡିଓ ନିରଞ୍ଜନ ବାରିକ୍, ମୁଖ୍ୟବକ୍ତା ଭାବେ ତିହିଡ଼ି କଲେଜର ପୂର୍ବତନ ଅଧକ୍ଷ ଡ. ଲକ୍ଷ୍ମୀଧର ତ୍ରିପାଠୀ, ସମ୍ମାନିତ ବକ୍ତା ଭାବେ ସାହିତ୍ୟିକ ଅମୂଲ୍ୟ ସେନାପତି, ତିହିଡି ବ୍ଲକର ସହ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ସୁକାନ୍ତ କୁମାର ମିଶ୍ର, ସାହିତ୍ୟିକ ଭଗବାନ ପାଣିଗ୍ରାହୀ,ସାମ୍ବାଦିକ ରାମ ନାରାୟଣ ନାୟକ, କବି ସଞ୍ଜିତ୍ କୁମାର ବଳ, କବି ବିଭୂତି ଭୁଷଣ ଗ୍ରହାଚାର୍ଯ୍ୟ, ବରେଣ୍ୟ ଅତିଥି ଭାବେ ସମାଜସେବୀ ବୁଦ୍ଧଦେବ ଜେନା ପ୍ରମୁଖ ଯୋଗ ଦେଇ ପୌରାଣିକ ଯୁଗରେ ଯେଉଁ କୌଶଳ ଥିଲା ତାହା ବିଜ୍ଞାନ ଯୁଗରେ ଆଜି ମଧ ପରିଲକ୍ଷିତ ହୋଇଛି ବୋଲି କହିଥିବା ବେଳେ ଜନ୍ମାଷ୍ଟମୀର ତାତ୍ପର୍ଯ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଅନ୍ୟମାନଙ୍କ ମଧରେ ଭାରତୀୟ ସେନାର ଯବାନ ଜ୍ୟୋର୍ତିମୟ ପାଣ୍ଡବ, ସମାଜସେବୀ ରଘୁନାଥ ପାତ୍ର, ସାମ୍ବାଦିକ ଆଲୋକ ବିକାଶ ପ୍ରିୟଦର୍ଶୀ ସାହୁ ,ମନୋଜ ଦାସ, ଯୁବ ସମାଜସେବୀ ପ୍ରିୟବ୍ରତ ପାଢ଼ୀ, ଗାଳ୍ପିକ କୈଳାସ ବେହେରା, କବି ନିରଞ୍ଜନ ବାରିକ୍, ବିଦ୍ୟାଳୟର ଉପସଭାପତି ମନୋଜ ସେନାପତି ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ବିଦ୍ୟାଳୟର ସମ୍ପାଦକ ସୀତାକାନ୍ତ ନାୟକ ଧନ୍ୟବାଦ ଦେଇଥିଲେ। ବିଦ୍ୟାଳୟର ଅଧକ୍ଷ ବିସ୍ମୟ ବିହାରୀ ସାହୁ, ଶିକ୍ଷୟତ୍ରୀ ଶ୍ୱେତାରାଣୀ ପଣ୍ଡା, ସସ୍ମିତା ସେଠୀ, ରାଧାରାଣୀ ମିଶ୍ର, ସସ୍ମିତା ନାଥ ଶିକ୍ଷକ ଗଣେଶ ସାହୁ ସେବିକା ଶାନ୍ତିଲତା ସେଠୀ, ଅଞ୍ଜଳି ଜେନା ଏବଂ ବିଦ୍ୟାଳୟର ସହକର୍ମୀ ଦିପୁ ଜେନା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିବା ବେଳେ ଅଭିଭବାକ ଓ ଅଭିଭାବିକା ଉପସ୍ଥିତ ଥିଲେ।

## ରୋଟାରୀ କ୍ଲବ ତରଫରୁ କାରାଗାର ଅନ୍ତେବାସୀଙ୍କୁ ଖେଳ ସାମଗ୍ରୀ ପ୍ରଦାନ

କେନ୍ଦୁଝର, (ଭାସ୍କର ନ୍ୟୁଜ୍): ରୋଟାରୀ କ୍ଲବ କେନ୍ଦୁଝର ତରଫରୁ ଜିଲ୍ଲା କାରାଗାର ଅନ୍ତେବାସୀଙ୍କ ଅବସର ବିନୋଦନ ପାଇଁ ୩ ଟି କ୍ୟାରୋମ ବୋର୍ଡ, ୪ ଟି ଲୁଡୁ, ୧ ଟି ଚେସ୍ ବୋର୍ଡ ପ୍ରଦାନ କରାଯାଇଥିଲା। ରୋଟାରୀ କ୍ଲବ କେନ୍ଦୁଝର ସଭାପତି ରୋଟାରିଆନ ହରିହର ମହାନ୍ତ,ସମ୍ପାଦକ ରୋଟାରିଆନ ବିଜୟ କୁମାର ବେହେରା, ସର୍ଭିସ୍ ପ୍ରୋଜେକ୍ଟ ଡାଇରେକ୍ଟର ରୋଟାରିଆନ ଡ଼ା ସଞ୍ଜୀବ କୁମାର ଓତା, ରୋଟାରିଆନ ସଞ୍ଜୟ କୁମାର ମହାପାତ୍ର, ମହେଶ ଚାଓ୍ୱଡା, ପ୍ରଶାନ୍ତ କୁମାର ସ୍ୱାଇଁ, ବସନ୍ତ କୁମାର ଦାନୀ, ବିଭୂତି ଭୂଷଣ ସାହୁ, ଡ. ମାନସ ରଞ୍ଜନ ପଣ୍ଡାଙ୍କ ଉପସ୍ଥିତିରେ ଜିଲ୍ଲା କାରାଗାର ଅଧିକ୍ଷକ ଉପେନ୍ଦ୍ର କୁମାର ଜେନା, ଜେଲର ଅବନ୍ତୀ ସିଂ, ସହକାରୀ ଜେଲର ଦୀପକ କୁମାର ସାମନ୍ତରାୟଙ୍କୁ ଉପରୋକ୍ତ ଖେଳ ସାମଗ୍ରୀ କାରାଗାର ଅନ୍ତେବାସୀଙ୍କ ଉପଲକ୍ଷେ ପ୍ରଦାନ କରାଯାଇଥିଲା। ଭବିଷ୍ୟତରେ ଆହୁରି କିଛି ଖେଳ ସାମଗ୍ରୀ, ଉପାଦେୟ ପୁସ୍ତକ ପ୍ରଦାନ କରାଯିବ ବୋଲି ରୋଟାରୀ କ୍ଲବ କେନ୍ଦୁଝରର ସଭାପତି ମହାନ୍ତ ସୂଚନା ଦେଇଛନ୍ତି।

# ତ୍ରିରଙ୍ଗା ଯାତ୍ରା ଓ ବିଭାଜନ ବିଭୀଷିକା ଆଲୋଚନା ଚକ୍ର

କଣାସ, (ଭାସ୍କର ନ୍ୟୁଜ୍): ପ୍ରୟାସ ପକ୍ଷରୁ ୭୯ତମ ସ୍ୱାଧିନତା ଦିବସ ଜଙ୍କିଆ ବଜାରସ୍ଥିତ ତାରିଣୀ ପୀଠରେ ଜାତୀୟ ପତାକା ଉତଳନ କରାଯାଇଥିଲା। ତାରିଣୀ ପୀଠରୁ ତ୍ରିରଙ୍ଗା ଶୋଭାଯାତ୍ରା ବାହାରି ଜଙ୍କିଆ, ମରର୍ଦ୍ଦାପଲ୍ଲୀ, ଚୁପୁରିଙ୍ଗି ଛକ ଦେଇ ବାତ୍ୟା ଆଶ୍ରୟସ୍ଥଳି ଠାରେ ପହଞ୍ଚିଥିଲା । ଏହି ପରେ ପ୍ରୟାସର ସମସ୍ତ କର୍ମକର୍ତ୍ତାମାନଙ୍କୁ ନେଇ ବାତ୍ୟା ଆଶ୍ରୟସ୍ଥଳ ଠାରେ ବିଭାଜନ ଓ ବିଭିଶୀକା ଉପରେ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା। ଆଲୋଚନା ଚକ୍ରରେ ଛାତ୍ର, ଯୁବକ, କୃଷକ ଓ ମହିଳାମାନେ ଯୋଗଦେଇଥିଲେ। ପ୍ରୟାସର ସଭାପତି କୃଷ୍ଣଚନ୍ଦ୍ର ଜଗଦେବ ବକ୍ତବ୍ୟ ଦେଇ ଭାରତ ବିଭାଜନ ସମୟରେ ଦେଶରେ ହୀନ୍ଦୁମାନଙ୍କର କରୁଣମୟ ସ୍ଥୀୟ ନିର୍ଯ୍ୟାତନା ଓ ସେ ସମୟରେ କ୍ଷମତାରେ ଥିବା ରାଜନୈତିକ ନେତୃତ୍ୱମାନଙ୍କର ଅପାରଗତା, ଅପାରଦର୍ଶିତା ଉପରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ । ଆଜିର ଆଧୁନିକ




ବିଶ୍ୱରେ ଭାରତର ଆର୍ଥିକ ସ୍ଥିତିକୁ ନେଇ ବିଦେଶୀ ଶକ୍ତିମାନେ କରୁଥିବା ଚକ୍ରାନ୍ତ ଉପରେ ଆଲୋକପାତ କରିଥିଲେ। ଦେଶର ଏକତା ଓ ଅଖଣ୍ଡତା ରକ୍ଷାକରିବା ସହିତ ଭାରତକୁ ଏକ ପରମ୍ପ ବୈଭଶାଳୀ ରାଷ୍ଟ୍ର ଗଠନ କରିବା ପାଇଁ ଉପସ୍ଥିତ କର୍ମକର୍ତ୍ତମାନଙ୍କୁ ସଂଙ୍କଳ୍ପିତ କରିଥିଲେ। ଏହି କାର୍ଯ୍ୟକ୍ରମକୁ ପ୍ରୟାସର ପ୍ରମୁଖ କର୍ମକର୍ତ୍ତା ବିଶ୍ୱଜିତ୍ ବଡଜେନା ସଂଚାଳନ କରିବା ଅବସରରେ ସତ୍ୟବାଦୀର ନିରୀହ ନିସ୍ୱସିତ ଜନତାର ସାମାଜିକ, ଆର୍ଥିକ ଓ ରାଜନୈତିକ ଅଧିକାର ସାବ୍ୟସ୍ତ କରିବାପାଇଁ ସଗଠନକୁ ତୃଣମୂଳସ୍ତରରୁ ସୁଦୃଢକରିବାକୁ ଆହ୍ୱାନ ରଖିଥିଲେ । ମେନକା ପ୍ରଧାନ, କିରଣବାଳା ପାଇକରାୟ, ରାମଚନ୍ଦ୍ର ପରିଡା, ସୁରେଶ ପାଲେଟାସିଂହ, ସ୍ୱର୍ଣ୍ଣଲତା ମାର୍ଥା, ମନେଇଁ ବଳବନ୍ତରାୟ, ଧନେଶ୍ୱର ପରିଡା ପ୍ରମୁଖ ଶତାଧିକ କର୍ମୀ ଯୋଗ ଦେଇଥିଲେ।

## ପଲେଇ ପଞ୍ଚାୟତର ନୂତନ କାର୍ଯ୍ୟାଳୟ ଗୃହ ଉଦ୍‌ଘାଟିତ

ଡେରାବିଶ, (ଭାସ୍କର ନ୍ୟୁଜ୍): ଡେରାବିଶ ବ୍ଲକ ଅନ୍ତର୍ଗତ ପଲେଇ ପଂଚାୟତର ଏକ ନୂତନ କାର୍ଯ୍ୟାଳୟ ଗୃହ ଗତକାଲି ଉଦ୍‌ଘାଟିତ ହୋଇଯାଇଛି। ଏହି ଉପଲକ୍ଷେ ପଲେଇ ସରପଂଚ ଅକ୍ଷୟ କୁମାର ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ଉଦ୍‌ଘାଟନ କାର୍ଯ୍ୟକ୍ରମରେ ବ୍ଲକ ଅଧକ୍ଷା ପ୍ରଭାତି ମଲିକ, ଉପାଧକ୍ଷ ଦେବାଶିଷ ଆଚାର୍ଯ୍ୟ, ଜିଲ୍ଲା ପରିଷଦ ସଭ୍ୟ



ଧନେଶ୍ୱର ସେଠୀ, ବିଡ଼ିଓ ନମିତା ବାରିକ, ସମାଜମଙ୍ଗଳ ଅଧିକାରୀ ରଶ୍ମି ଦେବୀ ପ୍ରମୁଖ ଅତିଥିଭାବେ ଉପସ୍ଥିତ ରହି ନୂତନ କାର୍ଯ୍ୟକାଳକୁ ଉଦ୍‌ଘାଟନ କରିଥିଲେ । ଏହି ନୂତନ ଗୃହଟି ୨୦ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ନିର୍ମିତ ହୋଇଅଛି । ପରେ ପଂଚାୟତର ନୂତନ କାର୍ଯ୍ୟାଳୟ ପରିସରରେ ଥିବା ସଭାଗୃହରେ ଗ୍ରାମସଭା ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମକୁ ପଂଚାୟତ ସମିତିସଭ୍ୟା ତୃପ୍ତିମୟୀ ଜେନା, ପଂଚାୟତ କାର୍ଯ୍ୟନିର୍ବାହୀ ଚିତରଞ୍ଜନ ରାଉତ, ସମାଜସେବୀ ରମାକାନ୍ତ ପରିଡ଼ା, ରବିନାରାୟଣ ସୂତାର, ଶାରଦା ପ୍ରସାଦ ଶର୍ମା, ରଶ୍ମିରଞ୍ଜନ ନାଥଶର୍ମା, ଖଗେଶ୍ୱର ମିଶ୍ର, ଅଜୟ କୁମାର ନାଥ, ଦିଲ୍ଲିପ ନାଥଙ୍କ ସମେତ ପଂଚାୟତର ସମସ୍ତ ୱାର୍ଡ଼ ସଭ୍ୟାସଭ୍ୟାମାନେ ପରିଚାଳନା କରିଥିଲେ।

## ଅଟଳଜୀଙ୍କୁ ଶ୍ରଦ୍ଧାଞ୍ଜଳି

ଭଣ୍ଡାରିପୋଖରୀ, (ଭାସ୍କର ନ୍ୟୁଜ୍): ଭଣ୍ଡାରିପୋଖରୀ ବ୍ଲକ ନାଆମୀ ପଞ୍ଚାୟତ ବିଜେପି ସଙ୍ଗଠନ ପକ୍ଷରୁ ପୂର୍ବତନ ପ୍ରଧାନମନ୍ତ୍ରୀ ଭାରତରତ୍ନ ଅଟଳ ବିହାରୀ ବାଜପେୟୀଙ୍କ ସପ୍ତମ ଜୟନ୍ତୀରେ ଉପଲବ୍ୟ, ଶ୍ରଦ୍ଧାଞ୍ଜଳୀ ଓ ସ୍ମୃତିଚାରଣ ସଭା ପଞ୍ଚାୟତ ସଭାପତି ସୁଧିର କୁମାର ମିଶ୍ରଙ୍କ ସଭାପତିତ୍ୱରେ ଶନିବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପୂର୍ବତନ ପଞ୍ଚାୟତ ସଭାପତି ପ୍ରଦୀପ କୁମାର ପାଢୀ ଓ ପୂର୍ବତନ ଜିଲ୍ଲା ଉପସଭାପତି ଆଶିଷ ରଞ୍ଜନ ପତି ବକ୍ତବ୍ୟ ରଥି ବାଜପେୟୀଙ୍କ ସଙ୍ଘର୍ଷମୟ ଜୀବନୀ ଉପରେ ଆଲୋକପାତ କରିବା ସହ ଶ୍ରଦ୍ଧାଞ୍ଜଳୀ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧରେ ମିହିର ରଞ୍ଜନ ନାୟକ, ସନାତନ ଦାସ, ସଞ୍ଜୟ ସେନାପତି, ବିଜୟ ବେହେରା, ଶ୍ରୀକାନ୍ତ ଖଡିରତ୍ନ, ଉମାକାନ୍ତ ଜେନା, ସରୋଜ ପହି, ମଦନ ପତି, ଓମ ପ୍ରକାଶ ରାଉତ, ଅଭିମନ୍ୟୁ ଯେନା, ଫକୀର ଜେନା, ବଟକୃଷ୍ଣ ବେହେରା, ପରମାନନ୍ଦ ମାଝୀ ପ୍ରମୁଖ ଯୋଗଦେଇ ଶ୍ରଦ୍ଧାଞ୍ଜଳୀ ଅର୍ପଣ କରିଥିଲେ।

## ପଞ୍ଚାୟତ ସମିତିରେ ଦୀର୍ଘଦିନ ଧରି ବନ୍ଦ ରହିଛି ସାର୍ବଜନୀନ ଆରଓ ଜଳ ମେସିନ

ମାଲକାନଗିରି, (ଭାସ୍କର ନ୍ୟୁଜ୍): ମାଲକାନଗିରି ପଞ୍ଚାୟତ ସମିତି ବ୍ଲକର ପଛପଟେ ଥିବା ସାର୍ବଜନୀନ ଆରଓ ଜଳ କେନ୍ଦ୍ର ଦୀର୍ଘ ଦିନ ଧରି ବନ୍ଦ ରହିଛି, ଯାହା ଫଳରେ ଏଠାରେ ନିଜ କାର୍ଯ୍ୟ ବା ସାର୍ବଜନୀନ କାର୍ଯ୍ୟ ପାଇଁ ଆସୁଥିବା ସ୍ଥାନୀୟ ବାସିନ୍ଦା ପିଇବା ପାନୀୟ ଜଳର ଘୋର ଅଭାବର ସମ୍ମୁଖୀନ ହେଉଛନ୍ତି। ସ୍ଥାନୀୟ ବାସିନ୍ଦା କହିଛନ୍ତି ଯେ ସ୍ୱଚ୍ଛ ଏବଂ ଥଣ୍ଡା ପାଣି ଯୋଗାଇବା ପାଇଁ ସ୍ଥାପିତ ଏହି ମେସିନ୍ ମାସ ମାସ ଧରି ଅଚଳ ହୋଇପଡ଼ିଛି। ମେସିନ୍ ଉପରେ ବୋର୍ଡରେ 'ତୁମର ଆରଓ ପାନୀୟ ଶୀତଳୀକରଣ ପାଣି' ଲେଖାଯାଇଛି, କିନ୍ତୁ ଏଥିରୁ ଗୋଟିଏ ଟୋପା ପାଣି ମଧ ବାହାରୁ ନାହିଁ। ଏହି ଜଳ କେନ୍ଦ୍ର ବନ୍ଦ ହେବା ଯୋଗୁଁ, ଏଠାରେ ନିତିଦିନ ଆସୁଥିବା ଲୋକମାନେ ଶୋଷ ମେଣ୍ଟାଇବା ପାଇଁ ବାଧ ହୋଇ ଦୋକାନରୁ ପ୍ରତି ବୋତଲ ପିଛା ଟ.୨୦ ଦରରେ ପାଣି କିଣିବାକୁ ବାଧ ହେଉଛନ୍ତି। ପିଇବା ପାନୀୟ ଜଳ ଏକ ବଡ଼ ସମସ୍ୟା ସହ ବର୍ତ୍ତମାନ ପାଣିର ଅଭାବ ଲୋକଙ୍କ




ଦୁର୍ଦ୍ଦଶାକୁ ଆହୁରି ବଢ଼ାଇ ଦେଇଛି। ତେବେ ପ୍ରଶ୍ନ ଉଠୁଛି ବ୍ଲକ୍ ପ୍ରଶାସନ କରୁଛି କ'ଣ ? ତେବେ ମାଲକାନଗିରି ବ୍ଲକର ବାସିନ୍ଦା ମାନେ ଏହି ପ୍ରସଙ୍ଗରେ ସ୍ଥାନୀୟ ପ୍ରଶାସନ ଏବଂ ସମ୍ପୃକ୍ତ କର୍ତ୍ତୃପକ୍ଷଙ୍କୁ ତୁରନ୍ତ ହସ୍ତକ୍ଷେପ କରିବାକୁ ଦାବି କରିଛନ୍ତି। ଲୋକମାନେ କହିଛନ୍ତି ଯେ ଏହି ସାର୍ବଜନୀନ ସୁବିଧାକୁ ଯଥାଶୀଘ୍ର ମରାମତି କରାଯିବା ଉଚିତ ଯାହା ଦ୍ୱାରା ସେମାନେ ସ୍ୱଚ୍ଛ ଏବଂ ସୁଲଭ ପାଣି ପାଇପାରିବେ। ଭବିଷ୍ୟତରେ ଏପରି ପରିସ୍ଥିତି ସୃଷ୍ଟି ନହେବା ପାଇଁ ସେମାନେ କର୍ତ୍ତୃପକ୍ଷଙ୍କୁ ଏପରି ଗୁରୁତ୍ୱପୂର୍ଣ୍ଣ ସାର୍ବଜନୀନ ସୁବିଧା ଗୁଡ଼ିକର ରକ୍ଷଣାବେକ୍ଷଣ ପ୍ରତି ଧ୍ୟାନ ଦେବାକୁ ମଧ ନିବେଦନ କରିଛନ୍ତି।

## 'ସାପ' ପକ୍ଷରୁ ପ୍ରଫୁଲ୍ଲ ସାମଲଙ୍କ ଜନ୍ମଦିନ ପାଳନ

ଭଣ୍ଡାରିପୋଖରୀ, (ଭାସ୍କର ନ୍ୟୁଜ୍): ଭଣ୍ଡାରିପୋଖରୀ ବ୍ଲକର ଅନ୍ୟତମ ସ୍ୱେଚ୍ଛାସେବୀ ସଙ୍ଗଠନ 'ସାପ' ପକ୍ଷରୁ ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ସମାଲଙ୍କ ଜନ୍ମଦିନ ପାଳନ ହୋଇଯାଇଛି। ଏହି ଅବସରରେ ପଞ୍ଚାୟତ ସମିତି ଉପାଧକ୍ଷ ପ୍ରଣୀତକାନ୍ତି ସାମଲଙ୍କ ନେତୃତ୍ୱରେ ସୌମ୍ୟରଞ୍ଜନ ଜେନା, ବିଶ୍ୱଜିତ ସାମଲ, ଅଜୟ ସାମଲ, ଦେବଦତ୍ତ ବିଶ୍ୱାଳ, ପ୍ରକାଶ ମହାପାତ୍ର, ରବିନ୍ଦ୍ର ଜେନା, ଦେବେନ୍ଦ୍ର ନାୟକ, ସତ୍ୟାନନ୍ଦ ସାହୁ ପ୍ରମୁଖ ସଙ୍ଗଠନର ସଦସ୍ୟମାନେ ଗନ୍ଧର୍ବବିନ୍ଧା ଆଦିବାସୀ ସାହି ପିଲାମାନଙ୍କୁ ନବବସ୍ତ୍ର ଓ ମିଷ୍ଟାନ୍ନ ବିତରଣ କରିଥିଲେ।

## ଭଣ୍ଡାରିପୋଖରୀ 'ଥାନାପୋଡ଼ି' ସ୍ମୃତି ଉତ୍ସବ ପାଳନ

ଭଣ୍ଡାରିପୋଖରୀ, (ଭାସ୍କର ନ୍ୟୁଜ୍): ମସିହା ଅଗଷ୍ଟ ୧୭ ତାରିଖରେ ଭାରତଛାଡ ଆନ୍ଦୋଳନ ସମୟରେ ସ୍ୱାଧିନତା ସଂଗ୍ରାମୀ ମାନଙ୍କ ଦ୍ୱାରା ସଂଘଟିତ ଐତିହାସିକ ଭଣ୍ଡାରିପୋଖରୀ 'ଥାନାପୋଡ଼ି' ସ୍ମୃତି ଉତ୍ସବ ରବିବାର ପାଳନ କରାଯାଇଛି। ଥାନାଧିକାରୀ କମଳାକାନ୍ତ ଦାସଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ଉତ୍ସବ ପ୍ରାରମ୍ଭରେ କହରା ପୋଖରୀ କ୍ରାନ୍ତି ମଇଦାନରେ ସଂଗ୍ରାମୀ ଦାୟାଦ ଲକ୍ଷ୍ମୀକାନ୍ତ ନାୟକ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ବିଧାୟକ ସଞ୍ଜିବ ମଲ୍ଲିକ, ପ୍ରାକ୍ତନ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ, ପଞ୍ଚାୟତ ସମିତି ଅଧକ୍ଷା ସୁମତୀ ସେଠୀ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଅରୂପ ବେହେରା, ଉପଖଣ୍ଡ ପୁଲିସ ଅଧିକାରୀ ତ୍ରିଲୋଚନ ସେଠୀ, ସମାଜସେବୀ ବଦ୍ରୀନାରାୟଣ ଧଳ, ସୁବ୍ରତ ଦାସ, ଡଃ ସୁଧାଂଶୁ ଶେଖର ନାୟକ, ରଜନୀକାନ୍ତ ଚନ୍ଦ, ନାରୀନେତ୍ରୀ ସଂଘମିତ୍ରା ପଣ୍ଡା, ଗିରିଶ ସାମଲ, ଜିଲ୍ଲା ପରିଷଦ ସଦସ୍ୟ ଲକ୍ଷ୍ମୀଧର ସାହୁ, ବଦ୍ରୀନାରାୟଣ ରାଉତ, ସରପଞ୍ଚ ବର୍ଷାରାଣୀ ଜେନା, ବୈରାଗି ଜେନା ପ୍ରମୁଖ ମାହାତ୍ମା ଗାନ୍ଧି ପ୍ରତିମୂର୍ତ୍ତି ଓ ସ୍ମାରକୀ ସ୍ତମ୍ଭରେ ପୁଷ୍ପମାଲ୍ୟ ଅର୍ପଣ ସହ ଥାନା ପରିସର ଶହୀଦ ସ୍ମାରକୀ ସ୍ତମ୍ଭ, ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ଶ୍ରଦ୍ଧାଞ୍ଜଳୀ ପ୍ରଦାନ କରିଥିଲେ। ଶିକ୍ଷାବିତ ଭାରତ ଚନ୍ଦ୍ର କରଣଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ କଷ୍ଟଲବ୍ଧ ସ୍ୱାଧିନତାର ସୁରକ୍ଷା ପାଇଁ ଅତିଥିମାନେ ଆହ୍ୱାନ ଦେଇଥିଲେ।

## ଏନ୍ଏସି ଘୋଷଣାର ବିଜ୍ଞପ୍ତି ପରେ ବିଜେପିର ସାମ୍ବାଦିକ ସମ୍ମିଳନୀ

ତିହିଡ଼ି, (ଭାସ୍କର ନ୍ୟୁଜ୍): ଭଦ୍ରକ ଜିଲା ତିହିଡ଼ିକୁ ଏନଏସି ଘୋଷଣା କରାଯିବାକୁ ନେଇ ରାଜ୍ୟ ନଗର ଉନ୍ନୟନ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ଏହି ବିଜ୍ଞପ୍ତି ଘୋଷଣା ପରେ ତିହିଡ଼ିର ଜନସାଧାରଣଙ୍କ ମଧରେ ଆନନ୍ଦ ଉଲ୍ଲାସ ଖେଳି ଯାଇଛି। ବହୁ ପ୍ରତିକ୍ଷା ପରେ ରାଜ୍ୟ ସରକାର ତିହିଡ଼ିକୁ ଏନଏସି କରିବା ନେଇ ବିଜ୍ଞପ୍ତି ଜାରି କରିଛନ୍ତି। ତେବେ ଏହି ପରିପ୍ରେକ୍ଷୀରେ ତିହିଡ଼ି ବିଜେପି ପକ୍ଷରୁ ରବିବାର ଅପରାହ୍ଣରେ ସ୍ଥାନୀୟ ଟାଉନ ହଲ ଠାରେ ସରପଞ୍ଚ ପ୍ରଦୀପ ବଳଙ୍କ ପୌରୋହିତ୍ୟରେ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଏଥିରେ ବିଜେପି ବରିଷ୍ଠ ନେତା ଦୀନବନ୍ଧୁ ପତି, ଅଜୟ କୁମାର ନାୟକ, ଦେବେନ୍ଦ୍ର ପୁହାଣ, ମୁକ୍ତିକାନ୍ତ ନାୟକ, ଶୁକଦେବ ମଲିକ, ଉଷାକାନ୍ତ ନାୟକ, ଉମାକାନ୍ତ ଦାସ, ଅମୂଲ୍ୟ କୁମାର ସେନାପତି ପ୍ରମୁଖ ଯୋଗ ଦେଇ ତିହିଡ଼ି ଏନଏସି ହେବା ନେଇ ବିଜ୍ଞପ୍ତି ପ୍ରକାଶ ପରେ ତିହିଡ଼ି ଅଞ୍ଚଳବାସୀଙ୍କ ମଧରେ ଖୁସିର ଲହରି ଖେଳି ଯାଇଛି। ବିଜ୍ଞପ୍ତି ପ୍ରକାଶ ପାଇଥିବା ଏନଏସି ଅଞ୍ଚଳକୁ ଅଧିକ ସଂପ୍ରସାରଣ କରିବା ଦିଗରେ ପଦକ୍ଷେପ ନିଆଯିବା ଉଚିତ। ବିଜ୍ଞପ୍ତିର ଏକମାସ ମଧରେ ସଂପ୍ରସାରଣ ପାଇଁ ସମସ୍ତ ଜନସାଧାରଣଙ୍କର ସଦିଚ୍ଛା ଓ



ସହଯୋଗ ରହିବା ଆବଶ୍ୟକ। ତେବେ ତିହିଡ଼ିକୁ ଏନଏସି କରିବାରେ ଉଚ୍ଚ ଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କର ପ୍ରମୁଖ ଭୂମିକା ରହିବା ସଂଗେ ସଂଗେ ଗଣମାଧମର ମଧ ଭୂମିକା କିଛି କମ୍ ନୁହେଁ ବୋଲି ସାମ୍ବାଦିକ ସମ୍ମିଳନୀରେ କହିଥିଲେ। ଆଗାମୀ ଦିନରେ ଏକ ୭ଜଣିଆ କମିଟି ଗଠନ କରାଯାଇ ଏନଏସି ହେବାର କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରାଯିବା ଦିଗରେ ଉଦ୍ୟମ କରାଯିବ ବୋଲି ସାମ୍ବାଦିକ ସମ୍ମିଳନୀରେ ମତ ପ୍ରକାଶ ପାଇଥିଲା। ଏନଏସି ପରେ ତିହିଡ଼ିକୁ ବିଧାନସଭାର ମାନ୍ୟତା ମିଳୁ ବୋଲି ବିଜେପି ନେତା ଅଜୟ ନାୟକ ଦାବି ଉପସ୍ଥାପନ କରିଥିଲେ। ଏହି ସାମ୍ବାଦିକ ସମ୍ମିଳନୀରେ ଅନ୍ୟମାନଙ୍କ ମଧରେ ସରପଞ୍ଚ ଶୁଭ୍ରନାରାୟଣ ସେଠୀ, ରତିକାନ୍ତ ମହାକୁଡ଼, ପ୍ରତାପ ଜେନା, ବିଦ୍ୟାଧର ପ୍ରଧାନ, ସଂଦୀପ ଦାସ, ମନୋଜ ସେନାପତି, ବିଚିତ୍ର ବାରିକ, ଅଜୟ ମହାପାତ୍ର, ନିରଂଜନ ବାରିକ, ଦେବବ୍ରତ ପାଢ଼ୀ, ସନାତନ ମିଶ୍ର, ରତିକାନ୍ତ ଦାସ, ତପୁନୁ ପାଣି, ରାଜକିଶୋର ନାୟକ ପ୍ରମୁଖ ବହୁ ବିଜେପି ନେତା ଓ କର୍ମୀ ଉପସ୍ଥିତ ଥିଲେ।

# ୟୁରିଆ ସାର ଲାଗି ରାସ୍ତା ଅବରୋଧ କଲେ ଚାଷୀ

ମାଲକାନାଗିରି/ଖଇରପୁଟ, (ଭାସ୍କର ନ୍ୟୁଜ୍): ମାଲକାନଗିରି ଜିଲ୍ଲା,ଖଇରପୁଟ ବ୍ଲକ ସଦର ମହକୁମାର ଠାରେ ୟୁରିଆ ସାର ଲାଗି ଚାଷୀଙ୍କ ଦ୍ୱାରା ରାସ୍ତା ଅବରୋଧ। ସଠିକ ସମୟରେ ଚାଷୀଙ୍କୁ ଯୋଗାଯାଉ ନାହିଁ ସାର। ଯାହାଫଳରେ ଚାଷୀ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସାରଲାଗି ଲେମ୍ପସ କୁ ବାରମ୍ବାର ଦୌଡ଼ିଲେ ମଧ ମିଳୁନି ସାର। ବର୍ତ୍ତମାନ ସରକାର ଚାଷୀଙ୍କୁ ଅନେକ ସୁବିଧା କରିବା ସହ ସେମାନଙ୍କ ପାଇଁ ଭିନ୍ନ ଭିନ୍ନ ଯୋଜନା ପ୍ରଣୟନ କରିଛନ୍ତି। ସରକାର ଚାଷୀଙ୍କୁ ବହୁତ ଗୁରୁତ୍ୱ ଦେଉଛନ୍ତି। କେମିତି ଉନ୍ନତୀ ମୁକଳ ଚାଷ କରାଯିବ ସେନେଇ ଚାଷୀଙ୍କୁ ବିଭିନ୍ନ ପ୍ରକାର ବିହନ ଏବଂ ବିଭିନ୍ନ ପ୍ରକାର ର କୃଷି ଉପକରଣ ଯୋଗେଇ ଦିଆଯାଉଛି ଓ ସେମାନଙ୍କୁ ଋଣ ମଧ୍ୟ ଦିଆଯାଉଛି। କିନ୍ତୁ କେତେକ ଅସାଧୁ ଅଫିସର ଏହାର ଫାଇଦା ନେଉଛନ୍ତି। ଚାଷୀଙ୍କୁ ଠିକ ସମୟରେ ସାର ବା ବିହନ ଯୋଗେଇ ଦେଉନାହାନ୍ତି। ଯାହା ଫଳରେ ଚାଷୀ ସଠିକ ପରିମାଣରେ ଚାଷ କରି ପାରୁନାହିଁ। ଚାଷରେ କ୍ଷତି ସହୁଛି ଚାଷୀ। ଚାଷୀ ସାର ଲାଗି ଲେମ୍ପସକୁ ବାରମ୍ବାର ଆସୁଛନ୍ତି ସତ କିନ୍ତୁ ପ୍ରତିଥର ନିରାଶ ହୋଇ ଫେରୁଛନ୍ତି। ଶେଷରେ କୌଣସି ବିକଳ୍ପ ନପାଇ ଆଜି ଖଇରପୁଟ ବ୍ଲକ ଶତାଧିକ ଚାଷୀ ଝିପି ଝିପି ବର୍ଷାକୁ ଖାତିର ନକରି ଜୟପୁର ଓ ବାଲିମେଳା ମୁଖ୍ୟ ୪୯ ନଂ ରାଜ୍ୟ ରାଜପଥ ରାସ୍ତା ଅବରୋଧ କରିଥିଲେ। ଦୀର୍ଘସମୟ ଧରି ରାସ୍ତା ଅବରୋଧ କରାଯାଇଥିଲା। ଯାହା ଫଳରେ ଗାଡି ମୋଟର ଯାତାୟାତ ସବୁ ଠପ ହୋଇଯାଇଥିଲା. ଘଟଣାସ୍ଥଳକୁ ଖଇରପୁଟ ବିଡ଼ିଓ, ତହସିଲଦାର ମୁଦୁଲିପଡା ଥାନା ଅଧିକାରୀ ପହଞ୍ଚିଥିଲେ। ଚାଷୀଙ୍କ ସହ ଆଲୋଚନା କରିଥିଲେ। ଲେମ୍ପସର ଏମ ଡିଙ୍କୁ ଡାକିଥିଲେ। ତାଙ୍କର କୌଣସି କାମ ହେତୁ ଆସି ପାରିନଥିଲେ ତାଙ୍କ ବଦଳରେ ତାଙ୍କ କର୍ମଚାରୀଙ୍କୁ ପଠାଇଥିଲେ। ଘଟଣାସ୍ଥଳେ ଲେମ୍ପସ କର୍ମଚାରୀ ଆସି ସୋମବାର ଦିନ ଦିନ ସମସ୍ତ ଚାଷୀଙ୍କୁ ସାର ଯୋଗାଇ ଦିଆଯିବ ବୋଲି ପ୍ରତିଶ୍ରୁତି ଦେଲାପରେ ରାସ୍ତାରୁ ହଟିଥିଲେ ଚାଷୀ । ତେବେ ସୋମବାର ଦିନ ଚାଷୀଙ୍କୁ ସାର ଯୋଗେଇ ଦିଆଯାଉଛି କି ନାହିଁ ତାହା ଦେଖିବାର ବାକି ରହିଲା।

# ରାସ୍ତା ଅଭାବରୁ ପୁଣି ଗାଁ'କୁ ଖଟିଆରେ ବୁହାହେଲା ଗର୍ଭବତୀ

ଝରୀଗାଁ, (ଭାସ୍କର ନ୍ୟୁଜ୍): ରାସ୍ତା ନଥାଇ ନାହିଁ ନଥିବା ସମସ୍ୟା ଭୋଗୁଛନ୍ତି ଦୁର୍ଗମ ବାସୀ, କେବେ ଗର୍ଭବତୀଙ୍କୁ ଖଟିଆରେ ବୁହାଯାଉଛି ତ କେବେ କିଏ ମଟର ସାଇକେଲରେ ଯାଇ ଶବ ହୋଇ ଖଟିଆରେ ବୁହାହେଉଛନ୍ତିଗାଁ କୁ ମୋତେ ପନ୍ଦର ବର୍ଷ ତଳେ ପ୍ରସବ ଲାଗି ଖଟିଆରେ ବୋହି ଡାକ୍ତର ଖାନାକୁ ନିଆଯାଇଥିଲା ଆଉ ଏହି ଝିଅ ଜନ୍ମ ହୋଇଥିଲା ଆଜି ସେହି



ଝିଅର ମଲା ଶରୀରକୁ ଡାକ୍ତର ଖାନରୁ ଆମେ ଘରକୁ ବୋହି ନେଉଛୁ, ପୁଣି ଏଭଳି ଏକ ଖଟିଆରେ ବୋହିନେବା ଘଟଣା ଏବେ ସାମ୍ନା କୁ ଆସିଛି, ଝରୀଗାଁ ବ୍ଲକ ଜାମପାଣି ଗ୍ରାମର ପନ୍ଦର ବର୍ଷର ଝିଅ ଉଷାରାଣି ଗୌଡ଼ ର ମେଡିକାଲ ରେ ମୃତ୍ୟୁ ଘଟିଥିବା ବେଳେ ତାକୁ ଆମ୍ବୁଲାନ୍ସ ଯୋଗେ ତାଙ୍କ ନିଜ ଗ୍ରାମକୁ ନିଆଯାଇଥିଲା କିନ୍ତୁ ଗାଁକୁ ରାସ୍ତା ନଥିବାରୁ ଗାଁ ରେ ପହଂଚି ପାରିନଥିଲା ଆମ୍ବୁଲାନ୍ସ, ଗାଁ ଠାରୁ ଚାରିକିଲୋମିଟର ଦୂର ରେ ଅଟକି ରହିଯାଇଥିଲା, ପୂର୍ବରୁ ଶବକୁ ଗାଁ କୁ ବୋହି ନେବାଲାଗି ଗାଁ ଲୋକେ ବାଉଁଶ ଖଟିଆ ସଜାଡି ରଖିଥିଲେ, ସେଇ ଖାଲ ଖମା କାଦ ଖସଡ଼ା ରାସ୍ତାରେ ଦୀର୍ଘ ଚାରି କିଲୋମିଟର ବୋହି ବୋହି ନେଇଥିଲେ ପନ୍ଦର ବର୍ଷ ବୟସ ମୃତ ଉଷାରାଣିର ମଲା ଶରୀରକୁ ସୂଚନା ପ୍ରକାରେ ଜାମପାଣି ଗ୍ରାମର ପିତା ଟଙ୍କଧର ଗୌଡ଼ଙ୍କ ଝିଅ ଉଷାରାଣି ଯାହାର ବୟସ ମାତ୍ର ପନ୍ଦର ବର୍ଷ ସେ ଆଜକୁ ପାଞ୍ଚବର୍ଷ ହେବ ସେ ସିକିଲିନ ରୋଗ ରେ ପୀଡିତ ଥିଲେ, ଗତ ଶନିବାର ଦିନ ଉଷା ଅସୁସ୍ଥ ଅନୁଭବ କରିବାରୁ ତାକୁ ଝରୀଗାଁ ଏବଂ ପରେ ଉମେରକୋଟ ମେଡିକାଲ ନିଆଯଯାଇଥିଲା କିନ୍ତୁ ସେଠାରେ ତାର ମୃତ୍ୟୁ ଘଟିଥିଲା, ମୃତ ଶରୀରକୁ ଏକ ଆମ୍ବୁଲାସ ଭଡାକରି ନିଜ ଗାଁ କୁ ଅଣାଯାଇଥିବା ବେଳେ ରାସ୍ତା ର ଅବସ୍ଥା ଦେଖି ଆମ୍ବୁଲାନ୍ସ ଆଗକୁ ବଡିବା ଲାଗି ସାହସ କରିନଥିଲା, ଆମ୍ବୁଲାନ୍ସ ଅଧା ବାଟରେ ଅଟକିଯାଇଥିଲା, ସେଠାରୁ ଏକ ବାଉଁଶ ଭରା କରି ଖଟିଆରେ ବୋହି ବୋହି ଗାଁ କୁ ନେଇଥିଲେ ଗ୍ରାମବାସୀ।

## ଓଡ଼ିଶା ଯୁବ ସମ୍ମିଳନୀରେ କୁମ୍‌କୁମ୍‌ଙ୍କ ପ୍ରତିନିଧିତ୍ୱ



ଭବାନୀପାଟଣା, (ଭାସ୍କର ନ୍ୟୁଜ୍): କଳାହାଣ୍ଡି ଜିଲ୍ଲାର ମଦନପୁର ରାମପୁର ଅଞ୍ଚଳର ହେମନ୍ତ କୁମାର ସାହୁ ଓ ସଂଘମିତ୍ରା ସାହୁଙ୍କ କନ୍ୟା କୁମ୍‌କୁମ୍ ପ୍ରିୟଦର୍ଶିନୀ ସାହୁ ୟୁନିସେଫ୍ ଓ ୟୁଥ୍ ଫୋର୍ ୱାଟର୍ ପ୍ଲସ୍ ଦ୍ୱାରା ଆୟୋଜିତ ଓଡିଶା ୟୁଥ୍ କନ୍‌ଫରେନ୍ସ (ଓସିଓୱାଇ ୩.୦)ରେ କଳାହାଣ୍ଡି ଜିଲ୍ଲାକୁ ପ୍ରତିନିଧିତ୍ୱ କରି ସମସ୍ତଙ୍କ ଦୃଷ୍ଟିଆକର୍ଷଣ କରିଛନ୍ତି। ଗତ ଅଗଷ୍ଟ ୧୦ ତାରିଖରେ ଓଡ଼ିଶାର ମହାମହିମ ରାଜ୍ୟପାଳ ଡ଼ଃ ହରିବାବୁ କାମ୍ଭମପତିଙ୍କ ଦ୍ୱାରା ସମ୍ମିଳନୀର ଶୁଭାରମ୍ଭ ହୋଇଥିଲା। ଏହି କାର୍ଯ୍ୟକ୍ରମରେ, ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗର ମନ୍ତ୍ରୀ ଗଣେଶ ରାମ ସିଂହ ଖୁଣ୍ଟିଆଙ୍କ ଉପସ୍ଥିତିରେ ସୁଶ୍ରୀ କୁମ୍ କୁମ୍ 'ୟୁଥ୍ ଷ୍ଟେଟମେଣ୍ଟ ଅଫ୍ ପରପସ୍' ପ୍ରସ୍ତୁତ କରିଥିଲେ। ଯେଉଁଥିରେ କି ପରିବେଶ ସୁରକ୍ଷା ପାଇଁ ସ୍ୱଷ୍ଟ ଓ କାର୍ଯ୍ୟକ୍ଷମ ପ୍ରସ୍ତାବ ରହିଥିଲା। ଏହି ତିନିଦିନିଆ କାର୍ଯ୍ୟକ୍ରମରେ ୩୦ଟି ଜିଲ୍ଲାର ପ୍ରତିନିଧିମାନଙ୍କ ମଧ୍ୟରୁ କୁମ୍‌କୁମ୍‌ଙ୍କୁ ସମାପନୀ ସଭାରେ ପ୍ରସ୍ତୁତି ପାଇଁ ବିଶେଷ ଭାବରେ ଚୟନ କରାଯାଇଥିଲା। ତାଙ୍କର ସଚେତନ ଚିନ୍ତାଧାରା ଏବଂ ସମାଧାନମୂଳକ ଉପସ୍ଥାପନା ସମ୍ମିଳନୀରେ ଉଚ୍ଚ ପ୍ରଶଂସା ଲାଭ କରିଥିଲା। ଜଳବାୟୁ ପରିବର୍ତ୍ତନ, ପରିବେଶୀୟ ସଙ୍କଟ ଓ ସ୍ଥାୟୀ ଉନ୍ନୟନ ବିଷୟରେ ବିଭିନ୍ନ କର୍ମଶାଳା ଓ ଆଲୋଚନାରେ କୁମ୍‌କୁମ୍‌ଙ୍କର ସକ୍ରିୟ ଅଂଶଗ୍ରହଣ କଳାହାଣ୍ଡିକୁ ରାଜ୍ୟସ୍ତରରେ ଗର୍ବିତ କରିଛି।

## ନୂଆଁଖାଇ ପର୍ବ: ଘର ବାହୁଡା ଦାଦନ ଶ୍ରମିକ





ଧର୍ମଗଡ଼, (ଭାସ୍କର ନ୍ୟୁଜ୍) : ପଶ୍ଚିମ ଓଡିଶା ଗଣ ପର୍ବ ନୂଆଁଖାଇ ଆଗକୁ ଥିବା ବେଳେ ଏବେ ଠୁ ଗାଁରୁ ସହର ଚଳଚଞ୍ଚଳ ଦେଖା ଦେଲାଣି। ଶ୍ରଦ୍ଧା, ସ୍ନେହ, ଭାବ ଭକ୍ତିର ପର୍ବ। ବନ୍ଧୁ ବାନ୍ଧବ ପରିଜନ ମିଳନର ପର୍ବ ନୂଆଁଖାଇ। ସେଥିପାଇଁ ତ ଯିଏ ଯେଉଁଠି ରହୁନା କାହିଁକି ଛୁଟି ଆସିଥାନ୍ତି ନିଜ ଭିଟା ମାଟିକୁ। ନୂଆଁଖାଇ ପର୍ବର ପ୍ରସ୍ତୁତି ଓ ସଜବାଜ ପାଇଁ ଏବେ ଦୈନନ୍ଦିନ ଦାଦନ ଶ୍ରମିକଙ୍କ ଘର ବାହୁଡା ପର୍ବ ଆରମ୍ଭ ହେଲାଣି। ବିଶେଷ କରି କଳାହାଣ୍ଡି ଜିଲ୍ଲା ଧର୍ମଗଡ଼ ବ୍ଲକ ଦଣ୍ଡପାଟ ଅଞ୍ଚଳର ଶହ ଶହ ଦାଦନ ଶ୍ରମିକ ଏବେ ଘର ବାହୁଡ଼ା କରୁଥିବା ନଜର ରହୁଛି। ପିଲା ଛୁଆ ମାଇପିକୁ ଧରି ଘର ଲେଉଟିବା ଆରମ୍ଭ ହୋଇଛି। ସାଧାରଣତଃ ଏମାନେ ବର୍ଷର ଆରମ୍ଭରୁ ବିଭିନ୍ନ ରାଜ୍ୟକୁ ଦାଦନ ଖଟିବାକୁ ଯାଇଥାନ୍ତି। ନିଜ ଘର ଦ୍ୱାରରେ ତାଲା କଣ୍ଟା ଦେଇ ବାହାରି ପଡ଼ିଥାନ୍ତି। କିଏ ନିଜ ଇଚ୍ଛାରେ ଯାଇଥାଏ ତ ପୁଣି କିଏ ଦଲାଲଙ୍କ ପ୍ରଲୋଭନ ଅଥବା କିଏ ଯାଇ ଥାଏ ଲୋଭନୀୟତା ଯୋଗୁଁ। ଅନେକ ଦାଦନ ଶ୍ରମିକ ସେଠାରେ ହାଡଭଙ୍ଗା ପରିଶ୍ରମରେ ଦ୍ୱି ପଇସା ରୋଜଗାର କରିଥାନ୍ତି ପୁଣି କିଏ ସେଠାରେ ଠିକାଦାର ଦଲାଲଙ୍କ ନିର୍ଯ୍ୟାତନାର ଶିକାର ହୋଇଥାନ୍ତି। ପୁଣି କାହାର ମୃତ ଦେହ ଘରକୁ ଫେରେ ତ କାହାର ନିଖୋଜ ଭଳି ଘଟଣା ଆଦି ଦେଖା ଯାଇଥାଏ। ତେବେ ସେ ଯାହା ହେଉନା କାହିଁକି ନୂଆଁଖାଇ ପର୍ବର ଆଦାରତା ସେମାନଙ୍କୁ ଆକର୍ଷିତ କରି ଟାଣି ଆଣେ ନିଜ ଭିଟାମାଟିକୁ। ପର୍ବର ପ୍ରସ୍ତୁତି ସାଙ୍ଗକୁ ଘର ସାଜସଜା କିଣାବିକା ଆଦି ମାସେ ଆଗରୁ କରିବାକୁ ପଡେ। ମାଇପି ମାନେ ଘର ଲିପାପୋଛା, ସାଙ୍ଗକୁ ଘରର ସାମଗ୍ରୀକୁ ଧୁଆଧୋଇ କରିବା ଭିତରେ ସମୟ କଟିଯାଏ। ଏପରିକି ଘରର ପୁରୁଷ ମାନେ ଦେବାଦେବୀଙ୍କ ପୂଜା ସାମଗ୍ରୀ ଯୁଗାଡ଼ ସହ ପରିବାର ପାଇଁ ଡ୍ରେସ ପତ୍ର ଆଦି କିଣା କିଣିରେ ବ୍ୟସ୍ତ ରହିଥାନ୍ତି। ତେବେ ଦଣ୍ଡପାଟ ଅଞ୍ଚଳର ଅନେକ ଦାଦନ ଶ୍ରମିକ ଏବେ ଗାଁ ମୁହା ହେଉଥିବା ବେଳେ ଘରେ ଅଟକି ରହିଥିବା ବୃଦ୍ଧ ବାପା, ମାଆ, ବନ୍ଧୁ ବାନ୍ଧବ, ପରିଜନଙ୍କ ଭିତରେ ଏକ ପ୍ରକାର ଖୁସିର ମାହୋଲ ଦେଖାଦେଇଛି। ଏପରିକି ଆସିବା ଖବର ଶୁଣି କିଏ ବସ ଷ୍ଟାଣ୍ଡ ପାଖରେ ଯୋଗୀ ବସିଛି ତ କିଏ ଗାଁ ଦାଣ୍ଡରେ ଠିଆ ହୋଇ ଅନେଇ ରହୁଥିବା ଭଳି ଦୃଶ୍ୟ ମଧ ନଜରକୁ ଆସୁଛି। ବିଶେଷ କରି ଅଞ୍ଚଳର ଗୋଟୋମୁଣ୍ଡା, ବେହେରା, ପର୍ଲା ବସଷ୍ଟାଣ୍ଡ ପାଖରେ ଦାଦନ ଶ୍ରମିକ ସମ୍ପର୍କୀୟ ଲୋକଙ୍କ ଅପେକ୍ଷାରତ ଦୃଶ୍ୟ ବୟାନ କରେ ନୂଆଖାଇ ପାର୍ବଣ ଯେ କେତେ ଗୁରୁତ୍ୱ। ହେଲେ ପୂର୍ବ ବର୍ଷ ଭଳି ଚଳିତବର୍ଷ ଲୋକଙ୍କ ଭିତରେ ସେଭଳି ଉତ୍ସାହ ଦେଖିବାକୁ ମିଳୁନି। ଅଞ୍ଚଳ ଚାଷୀଙ୍କ ଭିତରେ ଘୋର ଚିନ୍ତାର କାରଣ ପାଲଟିଛି। ପୂର୍ବବର୍ଷ ଅପେକ୍ଷା ଚଳିତ ବର୍ଷରେ ବର୍ଷା ହେଉଛି ସତ ହେଲେ କାମକୁ ଆସୁ ନ ଥିବା ଚାଷୀମାନେ କହନ୍ତି। ଅନ୍ୟପଟେ ନୂଆଁଖାଇରେ ନୂଆଁ ଧାନ ବା ପରାଧାନ ଆଉ ସେଭଳି ଦେଖିବାକୁ ମିଳୁନି। ଚଳିତବର୍ଷ ଚାଷୀ କମ ପରିମାଣରେ କିଛି ସ୍ଥାନ ରେ ଚାଷ କରିଥିବା ଦେଖିବାକୁ ମିଳେ। ତଥାପି ଲୋକଙ୍କ ଭିତରେ ନୂଆଁଖାଇକୁ ନେଇ ବେଶ ଉତ୍ସାହ ଥିବା ଜଣାପଡେ।

## ଟାଙ୍ଗିଆରେ ହାଣି ହତ୍ୟା, ଅଭିଯୁକ୍ତ ଗିରଫ

ଜୁନାଗଡ଼, (ଭାସ୍କର ନ୍ୟୁଜ୍) : କଳାହାଣ୍ଡି ଜିଲ୍ଲା ଜୁନାଗଡ଼ ଥାନା ଅନ୍ତର୍ଗତ ତଳଜାରିଙ୍ଗ ପଞ୍ଚାୟତର ଚେରମହୁଲ ଗ୍ରାମରୁ ଶନିବାର ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ତଳଜାରିଙ୍ଗ ଗ୍ରାମର ରଥ କନ୍ଦପାନ ଚେରମହୁଲ ଗ୍ରାମର ନିକଟସ୍ଥ ଜଙ୍ଗଲକୁ



ଜାଳେଣି କାଠ ସଂଗ୍ରହ କରିବାକୁ ଯାଇଥିଲେ। ଏହି ସମୟରେ କୌଣସି କାରଣକୁ ନେଇ ଚେର ମହୁଲ ଗ୍ରାମର ରତ୍ନା ମାଝି ଟାଙ୍ଗିଆରେ ରଥ କନ୍ଦପାନର ମୁଣ୍ଡରୁ ଟାଙ୍ଗିଆରେ ହାଣି ଗଣ୍ଡିରୁ ମୁଣ୍ଡକୁ ଅଲଗା କରି ବିଭତ୍ସ ଭାବେ ହତ୍ୟା କରିଥିଲା। ଜୁନାଗଡ ପୋଲିସକୁ ରଥ କନ୍ଦ ପାନଙ୍କ ସ୍ତ୍ରୀ ଅଭିଯୋଗ କଲା ପରେ ଜୁନାଗଡ ପୋଲିସ ଘଟନା ସ୍ଥଳରେରେ ପହଞ୍ଚି ଅଭିଯୁକ୍ତକୁ ଗିରଫ କରିବା ସହ ମୃତ ବ୍ୟକ୍ତିଙ୍କ ମୁଣ୍ଡ ଓ ଟାଙ୍ଗିଆକୁ ନିକଟସ୍ଥ ଏକ ଖାଲରୁ ଜବତ କରିଥିଲା। ହତ୍ୟାର କାରଣ ସ୍ୱଷ୍ଟ ହୋଇପାରି ନଥିବା ପୋଲିସ ସୂଚନା ଦେଇଥିବା ବେଳେ ଅଭିଯୁକ୍ତ ରତ୍ନାକର ମାଝୀକୁ ପୋଲିସ ଧରିବାରେ ସଫଳ ହୋଇଛି ଏଥି ସହସହ ମୃତ ଦେହକୁ ଜବତ କରିଛି। ସାଇଣ୍ଟିଫିକ ଟିମ୍ ଘଟଣା ସ୍ଥଳରେ ପହଞ୍ଚି ଘଟଣାର ତଦନ୍ତ କରିଥିବା ବେଳେ ଅଭିଯୁକ୍ତ ରତ୍ନାକର ମାଝୀକୁ ଜୁନାଗଡ ଥାନାରେ ଅଟକ ରଖି ଅଧିକ ପଚରାଉଚରା କରୁଥିବା ଜୁନାଗଡ ଥାନା ଅଧିକାରୀ ଶେଷଦେବ ବେହେରା ପ୍ରକାଶ କରିଛନ୍ତି। ରବିବାର ଦିନ ମୃତକଙ୍କ ଶବ ବ୍ୟବଚ୍ଛେଦ କରି ପରିବାରକୁ ହସ୍ତାନ୍ତର କରାଯିବ ବୋଲି ପୋଲିସ ସୂତ୍ରରୁ ପ୍ରକାଶ।

## 'ବଚପନ୍' ବିଦ୍ୟାଳୟରେ ରାଧାକୃଷ୍ଣ ବେଶ ପ୍ରତିଯୋଗିତା







ଭବାନୀପାଟଣା, (ଭାସ୍କର ନ୍ୟୁଜ୍): ପବିତ୍ର ଜନ୍ମାଷ୍ଟମୀ ଓ ସ୍ୱାଧୀନତା ଦିବସ ଉପଲକ୍ଷେ ସ୍ଥାନୀୟ ସହରର ବିଭିନ୍ନ ବିଦ୍ୟାଳୟମାନଙ୍କରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଶ୍ରୀକୃଷ୍ଣ, ଶ୍ରୀରାଧା ଓ ସ୍ୱାଧୀନତା ସଂଗ୍ରାମୀମାନଙ୍କ କୌତୁକବେଶ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ସ୍ଥାନୀୟ ବଚପନ୍ ଏକାଡେମୀକ୍ ହାଇଲାଇଟ୍ସ ପବ୍ଲିକ ସ୍କୁଲର କୁନିକୁନି ପିଲାମାନଙ୍କ ମଧ୍ୟରେ ଶ୍ରୀରାଧା, ଶ୍ରୀକୃଷ୍ଣ ଓ ସ୍ୱାଧୀନତା ସଂଗ୍ରାମୀମାନଙ୍କ କୌତୁକ ବେଶ ପ୍ରତିଯୋଗିତାର ଆୟୋଜନ କରାଯାଇଥିଲା। ଏକ ରଙ୍ଗାରଙ୍ଗ ପରିବେଶ ମଧ୍ୟରେ ଅନୁଷ୍ଠିତ ଏହି ନିଆରା କାର୍ଯ୍ୟକ୍ରମକୁ ବିଦ୍ୟାଳୟର ଛାତ୍ରଛାତ୍ରୀ, ଅଭିଭାବକ ଓ ନିମନ୍ତ୍ରିତ ଅତିଥିମାନେ ମନଭରି ଉପଭୋଗ କରିଥିଲେ। ପ୍ରତିଯୋଗିତାରେ ବିଦ୍ୟାଳୟର ବିଭିନ୍ନ ଶ୍ରେଣୀର ଶତାଧିକ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ନିଜର ଛୋଟଛୋଟ ପୁଅଝିଅମାନଙ୍କୁ ଅପରୂପ ଦେବଦେବୀ ଓ ଦେଶପ୍ରେମୀ ବେଶରେ ସଜ୍ଜିତ କରି ପ୍ରତିଯୋଗିତାରେ ଅଂଶଗ୍ରହଣ କରିବାରେ ଅଭିଭାବକମାନଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ଦେଖିବାକୁ ମିଳିଥିଲା। ଏହି ଉପଲକ୍ଷେ ବିଦ୍ୟାଳୟର ପ୍ରିନ୍ସିପାଲ୍ ମମତା ପଟ୍ଟନାୟକଙ୍କ ଅଧକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ରୂପେ ବରିଷ୍ଠ ସାମ୍ବାଦିକ ଲଳିତ କାନୁନଗୋ, ସମ୍ମାନିତ ଅତିଥି ଭାବେ ବିଶିଷ୍ଟ ଚିତ୍ରଶିଳ୍ପୀ ତଥା ରାଜ୍ୟ ପୁରସ୍କାର ପ୍ରାପ୍ତ ଶିକ୍ଷକ ମୁକୁନ୍ଦ ରେଡ୍ଡି ଉପସ୍ଥିତ ରହି କୁନିକୁନି ଛାତ୍ରଛାତ୍ରୀମାନଙ୍କୁ ଉତ୍ସାହିତ କରିବା ସହ ପ୍ରତିଯୋଗିତାର କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ପ୍ରତିଯୋଗିତାରେ ରାଧା ଓ କୃଷ୍ଣ ବେଶରେ ସଜ୍ଜିତ ହୋଇଥିବା କୁନିକୁନି ପିଲାମାନଙ୍କୁ ଦେଖି ଦର୍ଶକମାନେ ଈଶ୍ୱର ପ୍ରେମରେ ଭାବପ୍ରବଣ ହୋଇପଡୁଥିବା ଦେଖିବାକୁ ମିଳିଥିଲା।

## ଜୟ ଯାଦବ, ଜୟ ମାଧବ ନାରାରେ ସହର ପ୍ରକମ୍ପିତ



ଜୁନାଗଡ଼, (ଭାସ୍କର ନ୍ୟୁଜ)କଳାହାଣ୍ଡି ଜିଲ୍ଲା ଜୁନାଗଡ଼ ସହରରେ ଶନିବାର ଜନ୍ମାଷ୍ଟମୀ ଓ ନନ୍ଦୋତ୍ସବକୁ ନେଇ ଏକ ବିଶାଳ ଶୋଭାଯାତ୍ରାର ଅୟୋଜନ କରାଯାଇଥିଲା।ଜୁନାଗଡ଼ ନନ୍ଦୋତ୍ସବ ପାଳନ କମିଟି ପକ୍ଷରୁ ହଜାର ହଜାର ପୁରୁଷ ମହିଳା, ଯୁବକ, ଛାତ୍ର ସଂକୀର୍ତ୍ତନ, ଡିଜେ ବାଦ୍ୟର ତାଳେ ତାଳେ ଜୟ ଶ୍ରୀକୃଷ୍ଣ, ଜୟ ଯାଦବ, ଜୟ ମାଧବ ନାରାଦେଇ ସହରର ରାଜ ରାସ୍ତାରେ ଏକ ବିଶାଳ ରାଲି କରିଥିଲେ।ରାଲି ସ୍ଥାନୀୟ କନକଦୁର୍ଗା ମନ୍ଦିର ନିକଟରୁ ଆରମ୍ଭ କରାଯାଇ ଲଙ୍କେଶ୍ୱରୀ ମନ୍ଦିର ଦେଇ ଟାଉନହଲ ପର୍ଯ୍ୟନ୍ତ ଯାଇଥିଲା।ଯାଦବ ସମାଜର ହଜାର ହଜାର ଆବାଳ ବୃଦ୍ଧ ବନିତା ଉତ୍ସାହର ସହ ସତ ପ୍ରବୃତ୍ତ ଭାବରେ ଏହି ରାଲିରେ ସାମିଲ ହୋଇଥିଲେ। ଏହି ସଂଖ୍ୟା ବହୁଳ ଜାତି ନିଜର ସ୍ଥିତି ଓ ପରାକାଷ୍ଠା ଜାହିର ପାଇଁ ଏକତ୍ରିତ ହୋଇ ନନ୍ଦୋତ୍ସବ ମାଧ୍ୟମରେ ନିଜର ସଂଖ୍ୟା ବହୁଳତା ପ୍ରତିପାଦିତ କରିବା ଉଦ୍ୟମ ମଧ ବୋଲି ରାଲି ସମୟରେ ଲୋକେ ଆଲୋଚନା କରୁଥିଲେ। ଆଜିର ଏହି ବିଶାଳ ରାଲି ଯୋଗୁଁ ସହର ମଧ୍ୟରେ ଟ୍ରାଫିକ ବ୍ୟବସ୍ଥା ମଧ କିଛି ମାତ୍ରାରେ ପ୍ରଭାବିତ ହୋଇଥିଲା। ଏହି ରାଲି ସମୟରେ ବରିଷ୍ଠ ଯାଦବ ନେତୃତ୍ୱ ଅରୂପା ନାଗ, ବ୍ଲକ ସଭାପତି ଗୌର ହରିବାଗ,ନଗର ସଭାପତି କୁମାର ଭାଟି, ଦେବରାଜ ଗହୀର, ଭାଜପା ଜିଲ୍ଲା ସଭାପତି ଯୁଗଳ ପୋଦ୍ଦ, ନଳିନୀ ରାଉତ, ପରମେଶ୍ୱର ମୋଟେଲ,ଜିଲ୍ଲା ପରିଷଦ ସଭ୍ୟା ସଂଗୀତ ଖରସେଲ, ଅନ୍ତ ବାଗ, ଚୈତନ ହଂସ, ଯୁବ ଯାଦବ ପକ୍ଷରୁ ପୁଣ୍ୟବ୍ରତ ନିଆଲ, ସୁରେଶ ବାଗ, ଟିଆ ଯାଦବ, ହାଡୁ ଯାଦବ, ବୁଢ଼ାରଜା ଭଣ୍ଡାରଘରିଆ, ଭୋଳା ଯାଦବ, ଲକ୍ଷ୍ମୀକାନ୍ତ ଗହୀର, ଜଶ୍ମୀର ଯାଦବ, ପ୍ରମୁଖଙ୍କ ସହିତ ହଜାର ହଜାର ଯାଦବ ଉପସ୍ଥିତ ଥିଲେ।ଆଗାମୀ ଦିନରେ ସମଗ୍ର ଜିଲ୍ଲାରେ ଯାଦବ ସଙ୍ଗଠନକୁ ବ୍ୟାପକ ଭାବେ ସୁଦୃଢ଼ କରି, ଯଦୁପତି ଶ୍ରୀକୃଷ୍ଣଙ୍କ ବାର୍ତ୍ତାକୁ ସମଗ୍ର ମାନବ ସମାଜକୁ ପହଞ୍ଚାଇବାକୁ ମତପ୍ରକାଶ ପାଇଥିଲା।

## ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ନୂତନ ଶ୍ରେଣୀଗୃହ ନିର୍ମାଣ



କେସିଙ୍ଗା, (ଭାସ୍କର ନ୍ୟୁଜ୍) : ସ୍ଥାନୀୟ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, କେସିଙ୍ଗାରେ ନୂତନ ଶ୍ରେଣୀ ଗୃହ ମୁଖ୍ୟ ଅତିଥି ମାନ୍ୟବର ସ୍କୁଲ ଓ ଗଣ ଶିକ୍ଷା ବିଭାଗ, ଅନୁସୂଚିତ ଜାତି ଏବଂ ଅନୁସୂଚିତ ଜନଜାତି ବିଭାଗ, ସଂଖ୍ୟା ଲଘୁ ଏବଂ ପଛୁଆ ବର୍ଗ କଲ୍ୟାଣ ଏବଂ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ, ଓଡିଶା ସରକାର ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ କର କମଳରେ ଉଦ୍‌ଘାଟିତ ହୋଇଯାଇଛି। ଉତ୍ତମ ଶିକ୍ଷା ହିଁ ଗୁଣାତ୍ମକ ଜୀବନର କଷଟି ପଥର ବୋଲି ଶ୍ରୀଯୁକ୍ତ ଗଣ୍ଡ ନିଜ ଅଭିଭାଷଣରେ ପ୍ରକାଶ କରିଥିଲେ ଏବଂ ଜୀବନ ଚଲାପଥରେ ଆସୁଥିବା ସମସ୍ତ ବାଧାବିଘ୍ନଗୁଡିକୁ ଦୃଢ ନିଷ୍ଠା ଓ ସଙ୍କଳ୍ପ ଦ୍ୱାରା ପ୍ରତିହତ କରିବା ନିମନ୍ତେ ଉପସ୍ଥିତ ଛାତ୍ରୀ ତଥା ଶିକ୍ଷକ-ଶିକ୍ଷୟିତ୍ରୀମାନଙ୍କୁ ଆହ୍ୱାନ ଦେଇଥିଲେ। ଏହି ଅବସରରେ କଳାହାଣ୍ଡି ଲୋକସଭା ସଦସ୍ୟା ମାଳବିକା ଦେବୀ ସ୍ୱତନ୍ତ୍ର ସମ୍ମାନିତ ଅତିଥି ରୂପେ ଯୋଗଦେଇ ଶିକ୍ଷା ଅଧିକାର ଅଧିନିୟମ ଅନୁଯାୟୀ ବିଦ୍ୟାଳୟ ଶିକ୍ଷାର ଗୁଣାତ୍ମକ ଓ ସାମଗ୍ରିକ ବିକାଶ ସୁନିଶ୍ଚିତ କରିବାରେ ସରକାରଙ୍କ ବିଭିନ୍ନ ପ୍ରକାର ଯୋଜନାବଦ୍ଧ ପ୍ରୟାସ ସମ୍ପର୍କରେ ଆଲୋକପାତ କରିଥିଲେ। ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ସଚିବ ଅନୁପମ ସାହା ସ୍ୱତନ୍ତ୍ର ଅତିଥି ଭାବରେ ଯୋଗ ଦେଇଥିଲେ ଏବଂ ଛାତ୍ରୀମାନଙ୍କୁ ଅଧ୍ୟବସାୟ ଓ ଅଭ୍ୟାସ ବଳରେ ସଫଳତାର ସ୍ୱାଦ ହାସଲ କରିବାକୁ ପରାମର୍ଶ ଦେଇଥିଲେ। ଅନ୍ୟତମ ଜିଲ୍ଲାପାଳ ପାୱାର ସଚିନ ପ୍ରକାଶ ମାନବ ଜୀବନରେ ଶିକ୍ଷାର ଗୁରୁତ୍ୱପୂର୍ଣ୍ଣ ଭୂମିକା ବିଷୟରେ ନିଜ ଅଭିଭାଷଣରେ ମନ୍ତବ୍ୟ ରଖିଥିଲେ। ଏହି ସମାରୋହରେ କେସିଙ୍ଗା ଗୋଷ୍ଠୀ ଉନ୍ନୟନ ଅଧିକାରୀ, ତହସିଲଦାର ଏନ୍‌ଏସି କାର୍ଯ୍ୟ ନିର୍ବାହୀ ଅଧିକାରୀ, ଗୋଷ୍ଠୀ ଶିକ୍ଷା ଅଧିକାରୀ, ଦକ୍ଷିଣ ବନଖଣ୍ଡ ବନାଞ୍ଚଳ ଅଧିକାରୀ, ଜିଲ୍ଲା ଶିକ୍ଷା ଅଧିକାରୀ ତଥା ବିଭିନ୍ନ ବିଭାଗର ପଦସ୍ଥ ଅଧିକାରୀ ମାନେ ଉପସ୍ଥିତ ଥିଲେ। ବିଦ୍ୟାଳୟର ପ୍ରଧାନଶିକ୍ଷକ ସମୀର କୁମାର ବେହେରା ସ୍ୱାଗତ ପ୍ରାରମ୍ଭିକ ଅଭିଭାଷଣ ପ୍ରଦାନ ବେଳେ ଜିଲ୍ଲା ଶିକ୍ଷା ଅଧିକାରୀ ରାଧାକାନ୍ତ ଛତ୍ରୀ ଧନ୍ୟବାଦ ଅର୍ପଣ କରିଥିଲେ। ଏବଂ ଶିକ୍ଷକ ଜି. କ୍ରିଷ୍ଣା ରେଡି ଉକ୍ତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ନର୍ଲାରେ ସ୍ୱାଧିନତା ଦିବସ ପାଳିତ



ନର୍ଲା, (ଭାସ୍କର ନ୍ୟୁଜ୍) : ସାରା ଦେଶରେ ୭୯ ତମ ସ୍ୱାଧିନତା ଦିବସ ପାଳିତ ହୋଇଥିବା ବେଳେ କଳାହାଣ୍ଡି ଜିଲ୍ଲା ନର୍ଲା ଅଞ୍ଚଳର ବିଭିନ୍ନ ସରକାରୀ ଓ ବେସରକାରୀ କାର୍ଯ୍ୟାଳୟ ସହିତ ସମସ୍ତ ଶିକ୍ଷାନୁଷ୍ଠାନ, ପୋଲିସ୍ ଷ୍ଟେସନ୍, କ୍ଲବ୍ ଗୁଡ଼ିକରେ ମଧ ମହା ସମାରୋହର ସହିତ ସ୍ୱାଧିନତା ଦିବସକୁ ପାଳନ କରାଯାଇଛି। ସକାଳୁ ସକାଳୁ ଏସବୁ ସ୍ଥାନରେ ପତାକା ଉତ୍ତୋଳନ ସହିତ ମିଠା, ଚକୋଲେଟ୍, ବିସ୍କୁଟ୍ ବଣ୍ଟନ କରାଯାଇଥିଲା। ପ୍ରତିବର୍ଷ ପରି ଚଳିତବର୍ଷ ମଧ ନର୍ଲା ବ୍ଲକ୍ ପ୍ରଶାସନ ପକ୍ଷରୁ ହାଇସ୍କୁଲ୍ ପଡ଼ିଆରେ ସାମୁହିକ ଭାବରେ ସ୍ୱାଧୀନତା ଦିବସ ପାଳନ କରାଯାଇ ଥିଲା। ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ନର୍ଲା ବିଧାୟିକା ମନୋରମା ମହାନ୍ତି ଯୋଗ ଦେଇ ପତାକା ଉତ୍ତୋଳନ କରିଥିଲେ। ବର୍ଷା କାରଣରୁ ଛାତ୍ରଛାତ୍ରୀଙ୍କ ଦ୍ୱାରା ହେବାକୁ ଥିବା ପ୍ୟାରେଡ୍ କାର୍ଯ୍ୟକ୍ରମରେ ବ୍ୟାଘାତ ଘଟିଥିଲା। ନର୍ଲା ବିଡିଓ ବିପିନ୍ ବିହାରୀ ଦୀପଙ୍କ ତତ୍ୱାବଧାନରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ବ୍ଲକ୍ ଅଧକ୍ଷ ଦୁର୍ଗା ପ୍ରସାଦ ମହାନ୍ତିଙ୍କ ସହିତ ବ୍ଲକର ସମସ୍ତ ପଦାଧିକାରୀ ବିଭିନ୍ନ ସ୍କୁଲ୍ କଲେଜର ଛାତ୍ର ଛାତ୍ରୀ, ସାମ୍ବାଦିକ ଓ ଶତାଧିକ ଜନସାଧାରଣ ଉପସ୍ଥିତ ଥିଲେ। ୭୯ ତମ ସ୍ୱାଧିନତା ଦିବସ ପାଇଁ ବିଭିନ୍ନ ପ୍ରତିଯୋଗିତାରେ ଭାଗ ନେଇ କୃତି ଅର୍ଜନ କରିଥିବା ଛାତ୍ରଛାତ୍ରୀଙ୍କୁ ବିଧାୟିକାଙ୍କ କରକମଳରେ ପୁରସ୍କୃତ କରାଯାଇଥିଲା।

## ବିଜୁ ଏକ୍ସପ୍ରେସ ୱେରେ ଖାଲ: ମରାମତି ଦାବି




ଧର୍ମଗଡ଼, (ଭାସ୍କର ନ୍ୟୁଜ୍): ଗମନାଗମନ କ୍ଷେତ୍ରରେ ବିପ୍ଲବ ଆଣିବା ସହ ସିଧାସଳଖ ଶିଳ୍ପ କରିଡ଼ର ସହ ଯୋଡିବାକୁ କୋଟି କୋଟି ଟଙ୍କା ବ୍ୟୟରେ ନିର୍ମିତ ବିଜୁ ଏକ୍ସପ୍ରେସ ୱେରେ ଅନେକ ସ୍ଥାନରେ ଖାଲ ଦେଖିବାକୁ ମିଳିଛି। ନିମ୍ନମାନର କାମ ଯୋଗୁଁ ଅନେକ ଆପ୍ରୋଚ ରାସ୍ତା ଦବି ଗଲାଣି। ମୁଖ୍ୟତଃ ପୋଲ ନିକଟ, ବିଜୁ ଏକ୍ସପ୍ରେସୱେରୁ ଗାଁକୁ ସଂଯୋଗ କରୁଥିବା ରାସ୍ତା ନିକଟରେ ଏଭଳି ଖାଲ ସବୁ ଦେଖିବାକୁ ମିଳିଛି। ପର୍ଲା ମୁଦ୍ରା ସେତୁ ଉପରେ ୨ନମ୍ବର ପୋଲ ନିର୍ମାଣରେ ବିଳମ୍ବ ହେତୁ ପୋଲ ଦୁଇ ମୁଣ୍ଡ ରାସ୍ତା ପିଚୁ ହୋଇପାରିନଥିଲା। ପୋଲ ନିର୍ମାଣ ପରେ ଠିକା ସଂସ୍ଥା ଯେଉଁ ମାନରେ ପିଚୁ କାମ କଲା ଯେ ପ୍ରଥମ ବର୍ଷାରେ ହିଁ ସେଠାରେ ଗର୍ତ୍ତ ସୃଷ୍ଟି ହେଲା। ପ୍ରାୟ ମାସେ ପରେ ବିଭାଗ ଗର୍ତ୍ତ ମରାମତି କଲା କିନ୍ତୁ ଏବେ ବି ସେମିତି ରହିଛି। ରାଜମୋଟରେ କେନାଲ ପୋଲ ଉପରେ ମଧ ବଡ଼ ବଡ ଖାଲ ହେଲାଣି। ବିଜୁ ଏକ୍ସପ୍ରେସୱେରୁ ବେହେରା ଗାଁ ବସ୍ତି ଲମ୍ବିଥିବା ରାସ୍ତାରେ ବଡ ବଡ ଖାଲ ସୃଷ୍ଟି ହେଲାଣି। ଧର୍ମଗଡ଼ରୁ ଆମପାଣି ମଧ୍ୟରେ ଏଭଳି ଅନେକ ଖାଲ ରହିଛି। ତୁରନ୍ତ ଏହାର ମରାମତି କରିବାକୁ ଜଗନ୍ନାଥ ସେବା ସମିତି ଅଧକ୍ଷ ବିଷ୍ଣୁ ପ୍ରସାଦ ଅଗ୍ରୱାଲ ଦାବି କରିଛନ୍ତି। ନଚେତ ଆଗାମୀ ଦିନରେ ରାଜରାସ୍ତା ଅବରୋଧ କରାଯିବ ବୋଲି ଚେତାବନୀ ଦେଇଛନ୍ତି।

## ରାଶିଫଳ


ସୋମବାର, ୧୮ ଅଗଷ୍ଟ ୨୦୨୫



**ମେଷ:** ବନ୍ଧୁ ଏବଂ ସମ୍ପର୍କୀୟଙ୍କୁ ସମର୍ଥନ କରିବାକୁ ସମର୍ଥ ହେବେ। ଆପଣ ସାମାଜିକ ସ୍ତରରେ ସମ୍ମାନ ପାଇବେ। ବନ୍ଦ ହୋଇଥିବା କାର୍ଯ୍ୟ ସମାପ୍ତ ହେବ। ଏକ ନୂତନ ଯୋଜନା ପ୍ରସ୍ତୁତ ହେବ। ଅର୍ଥନୈତିକ କ୍ଷେତ୍ରରେ ଉନ୍ନତି ହେବ। ନୂତନ କାମ ପାଇବେ। ଆୟ ବୃଦ୍ଧି ପାଇବ, ଖୁସି ହେବେ।




**ବୃଷ:** ବରିଷ୍ଠମାନଙ୍କ ପରାମର୍ଶକୁ ଅନୁସରଣ କରନ୍ତୁ, ସେଠାରେ ଲାଭ ହେବ। ବିପଦ ଏବଂ ବନ୍ଧକ କାର୍ଯ୍ୟରୁ ଦୂରେଇ ରୁହନ୍ତୁ। ଆଇନଗତ ପ୍ରତିବନ୍ଧକ ସାମ୍ନା କରି ପାରନ୍ତି, ବ୍ୟସ୍ତ ହୁଅନାହିଁ। ମୂଲ୍ୟବାନ ସାମଗ୍ରୀକୁ ସୁରକ୍ଷିତ ରଖନ୍ତୁ। ଚିନ୍ତା ରହିବ।



**ମିଥୁନ:** ଭ୍ରମଣ ଲାଭଦାୟକ ହେବ। ଅଟକି ରହିଥିବା ଟଙ୍କା ଧରିବାକୁ ଚେଷ୍ଟା କରନ୍ତୁ। ବ୍ୟବସାୟ ଅନୁକୂଳ ଲାଭ ପ୍ରଦାନ କରିବ। ଚାକିରିରେ ଅଧସ୍ତନମାନଙ୍କ ସହାୟତା ପାଇବେ। ଟଙ୍କା ପାଇବା ସହଜ ହେବ। ଉତ୍ସାହ ଏବଂ ଖୁସିରେ କାମ କରିବାକୁ ସମର୍ଥ ହେବେ।



**କର୍କଟ:** ଭୟ ହେତୁ ନିଷ୍ପତ୍ତି ନେବା କ୍ଷମତା ହ୍ରାସ ହୋଇପାରେ। ପତି-ପତ୍ନୀଙ୍କଠାରୁ ସମର୍ଥନ ପାଇବେ। ଯାତ୍ରା ଚିତ୍ତାକର୍ଷକ ହେବ। ଉପହାର ଗ୍ରହଣ କରିବାର ସମ୍ଭାବନା ଅଛି। ରୋଜଗାର ବୃଦ୍ଧି ପାଇବ। ଚାକିରିର ପଦୋନ୍ନତି ସମ୍ଭବ। ଟଙ୍କା ପାଇବା ସହଜ ହେବ। ଉତ୍ସାହର ସହିତ କାମ କରିବାକୁ ସମର୍ଥ ହେବେ। ଭଲ ଖବର ଗ୍ରହଣ କରାଯିବ।




**ସିଂହ:** ଅତିଥିମାନେ ଆଜି ଘରେ ପହଞ୍ଚିବେ। ଆପଣ ଉତ୍ସାହଜନକ ସୂଚନା ପାଇବେ। ଆତ୍ମ ସମ୍ମାନ ରହିବ । ରିସ୍କ ନେବାକୁ ସାହସ କରିବେ। ଅନାବଶ୍ୟକ ଖର୍ଚ୍ଚ ହେବ। ବ୍ୟବସାୟ ଅନୁକୂଳ ଲାଭ ପ୍ରଦାନ କରିବ। ଚାକିରିରେ ଶାନ୍ତି ରହିବ। ନୂତନ ବନ୍ଧୁ ସୃଷ୍ଟି ହେବ।




**କନ୍ୟା:** ସ୍ଥାୟୀ ସମ୍ପତ୍ତି ବୃଦ୍ଧିର ଆଶା। ଅଂଶୀଦାରମାନଙ୍କ ସହଯୋଗ ମିଳିବ। ବ୍ୟବସାୟ ପାଇଁ ଏକ ବଡ ଡିଲ୍ କରିପାରିବେ। ପ୍ରଗତିର ରାସ୍ତା ପକ୍କା ହେବ। ରୋଜଗାର ବୃଦ୍ଧି ପାଇବ। ବାଣିଜ୍ୟ-ବ୍ୟବସାୟରେ ଅନୁକୂଳ ଆଗ୍ରହ ରହିବ। ଚାକିରିରେ ଥିବା ସହକର୍ମୀମାନେ ଆପଣଙ୍କ ସହିତ ଆସିବେ। ପ୍ରତିଦ୍ୱନ୍ଦ୍ୱିତା ବୃଦ୍ଧି ପାଇବ। ତତ୍ପରତା ହୁଅନ୍ତୁ ନାହିଁ ।



**ତୁଳା:** ଆଘାତ ଏବଂ ଦୁର୍ଘଟଣା କ୍ଷତି ହୋଇପାରେ, ଯନ୍ତ୍ରଣା ଦେବ। ବିପଦ ଏବଂ ବନ୍ଧକ କାର୍ଯ୍ୟରୁ ଦୂରେଇ ରୁହନ୍ତୁ। ସ୍ୱାସ୍ଥ୍ୟ ଦୁର୍ବଳ ରହିବ। ବିବାଦକୁ ପ୍ରୋତ୍ସାହନ ଦିଅନ୍ତୁ ନାହିଁ, ଦୁଃଖ ଆସିପାରେ। ଅଂଶୀଦାରମାନଙ୍କ ସହିତ ମତ ପାର୍ଥକ୍ୟ ହୋଇପାରେ।




**ବିଛା:** ସୃଜନଶୀଳ କାର୍ଯ୍ୟ ସଫଳ ହେବ। ପାର୍ଟି ଏବଂ ପିକନିକ୍ ଆୟୋଜନ କରାଯାଇ ପାରିବ। ଆପଣ ସୁସ୍ୱାଦୁ ଖାଦ୍ୟର ଲାଭ ପାଇବେ। ଜୀବନ ଖୁସି ହେବ। ବିବାଦକୁ ପ୍ରୋତ୍ସାହିତ କରନ୍ତୁ ନାହିଁ। ବକ୍ତବ୍ୟରେ ନିୟନ୍ତ୍ରଣ ଆବଶ୍ୟକ। ମନଧ୍ୟାନ ଦେଇ କାର୍ଯ୍ୟ କରନ୍ତୁ। ଚାକିରିରେ କୈଣସି ନୂତନ କାର୍ଯ୍ୟ କରିବାକୁ ସକ୍ଷମ ହେବେ। ଲଜ୍ଜିତ ହୁଅନ୍ତୁ ନାହିଁ। ଶତ୍ରୁମାନେ ପରାସ୍ତ ହେବେ।



**ଧନୁ:** ଖରାପ ଖବର ଗ୍ରହଣ କରାଯାଇପାରେ। ଉତ୍ସାହର ଅଭାବ ରହିବ। ସ୍ୱାସ୍ଥ୍ୟ ଦୁର୍ବଳ ରହିବ। ଦୌଡ଼ ଅଧିକ ହେବ। ଘର-ପାରିବାରିକ ଚିନ୍ତାଧାରା ରହିବ। ଅନ୍ୟମାନଙ୍କ କାର୍ଯ୍ୟରେ ହସ୍ତକ୍ଷେପ କରନ୍ତୁ ନାହିଁ । ଆପଣଙ୍କ କାର୍ଯ୍ୟ ଉପରେ ଧ୍ୟାନ ଦିଅନ୍ତୁ। ବିପଦ ଏବଂ ବନ୍ଧକ କାର୍ଯ୍ୟରୁ ଦୂରେଇ ରୁହନ୍ତୁ। ଆୟରେ ନିଶ୍ଚିତତା ରହିବ।



**ମକର:** ଲାଭ ସୁଯୋଗ ଆସିବ। ଅଫିସରେ ଚାକିରିର ସୁଖ ଦେଖାଇବ। ବ୍ୟବସାୟ ବୃଦ୍ଧି ପାଇବ। ବିନିଯୋଗ ଇତ୍ୟାଦି ଅନୁକୂଳ ଲାଭ ଦେବ। ପରିବାରର ସହାୟତା ପାଇବାରେ ସୁଖ, ଉତ୍ସାହ ଏବଂ ସନ୍ତୁଷ୍ଟତା ରହିବ। ଦୁଷ୍କର୍ମରୁ ଦୂରେଇ ରୁହନ୍ତୁ। ସ୍ୱାସ୍ଥ୍ୟ ଦୁର୍ବଳ ରହିପାରେ। ଆଇନଗତ ପ୍ରତିବନ୍ଧକ ହଟାଯିବ।



**କୁମ୍ଭ:** ବାଣିଜ୍ୟର ଲାଭ ଅଛି। ସାଙ୍ଗମାନଙ୍କୁ ସାହାଯ୍ୟ କରିବାକୁ ସମର୍ଥ ହେବେ। ଆପଣ କଠିନ ପରିଶ୍ରମର ଫଳ ପାଇବେ। ଏହାର ପ୍ରଭାବ ଚାକିରିରେ ବୃଦ୍ଧି ପାଇବ। ଉଚ୍ଚ ପଦାଧିକାରୀମାନେ ଖୁସି ହେବେ। ସାମାଜିକ ପ୍ରତିଷ୍ଠା ବୃଦ୍ଧି ପାଇବ। ଉତ୍ସାହ ବୃଦ୍ଧି ପାଇବ। ଆୟର ନୂତନ ମାଧ୍ୟମ ମିଳିବ। ରୋଜଗାର ସହଜ ହେବ। ଘର ବାହାରେ ସୁଖ ମିଳିବ।



**ମୀନ:** ଧର୍ମ ପ୍ରତି ଆଗ୍ରହ ପ୍ରକାଶ କରିବେ। ସତସଙ୍ଗର ଲାଭ ହେବ। ତୀର୍ଥଯାତ୍ରା ଯୋଜନା କରାଯିବ। ଅନାବଶ୍ୟକ ଖର୍ଚ୍ଚ ହେବ। ସରକାରୀ ସହାୟତା ମିଳିବ। ବ୍ୟବସାୟ ବୃଦ୍ଧି ପାଇବ। ବିରୋଧୀମାନେ ସକ୍ରିୟ ରହିବେ। ପୁଂଜି ବିନିଯୋଗ ଶୁଭ ହେବ। ଆପଣଙ୍କର ନିଜସ୍ୱ ବୁଦ୍ଧି ବ୍ୟବହାର କରନ୍ତୁ। ଚାକିରୀର କ୍ଷେତ୍ରରେ ପ୍ରଭାବ ବୃଦ୍ଧି ଘଟିବ।



ଜ୍ୟୋତିଷ ଗୁରୁ


ଜ୍ୟୋର୍ତିବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ
ସେକ୍ଟର-୩/୩୦୯, ନିଳାଦ୍ରୀବିହାର, ଭୁବନେଶ୍ୱର-୨୧
ମୋ: ୯୪୩୮୩୮୯୦୩୯